# ଓଡ଼ିଆ
# ସାହିତ୍ୟର କ୍ରମ-ପରିଣାମ

ପ୍ରଥମ ଭାଗ

ନୀଳକଣ୍ଠ ଦାସ

# ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ

ପ୍ରଥମ ଭାଗ — ଆଲୋଚନାର ଭିତ୍ତି

ପ୍ରଣେତା—ପଣ୍ଡିତ ନୀଳକଣ୍ଠ ଦାସ

( ପ୍ରଥମ ସଂସ୍କରଣ )

ପ୍ରକାଶକ ---

ନବଭାରତ ଗ୍ରନ୍ଥାଳୟ

କଟକ,

Digitized by srujanika@gmail.com

# ନବଭାରତ ଗ୍ରନ୍ଥମାଳା

## ନୂତନ ପନ୍ଥ

## ପ୍ରଥମ ଖଣ୍ଡ


ପ୍ରଥମ ମୁଦ୍ରଣ—୧୦୦୦

ମୁଦ୍ରାକର :—
ବନମାଳୀ ମିଶ୍ର
ନବଭାରତ ପ୍ରେସ, କଟକ ।
୧୯୪୮

ମୂଲ୍ୟ ତିନଟଙ୍କା


ଅଭିମନ୍ୟୁ ୨୦


Digitized by srujanika@gmail.com

# ଆମ୍ଭ ପକ୍ଷ କଥଣୀ

୧୯୪୭ ସେପ୍ଟେମ୍ବରରେ ବାଲେଶ୍ୱର କଲେଜର ଛାତ୍ର ଓ ଅଧ୍ୟାପକମାନେ ମତେ 'ଇଭଲ୍ୟୁସନ୍ ଅଫ୍ ଓଡ଼ିଆ ଲିଟରେଚର୍'— ( Evolution of Oriya Literature ) ବିଷୟରେ ବକ୍ତୃତା ଦେବାକୁ ଡାକିଲେ । ମୁଁ ବଡ଼ ଅସୁସ୍ଥ ଥାଏ । ତଥାପି ମତେ ଶେଷକୁ 'ହଁ' ଭରିବାକୁ ହେଲା । ସେମାନେ ସେତେବେଳେ ଗୋଟିଏ 'ସାହିତ୍ୟ-ସପ୍ତାହ' କରୁଥିଲେ । ତାର ଭିତରୁ ଗୋଟିଏ ଦିନ, ୨୯-୯-୪୭ ତାରିଖରେ ମତେ ବକ୍ତୃତାଟି ଦେବାକୁ ହେବ । ଘରେ ସେଥିପାଇଁ କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ଚିନ୍ତାମଣି ଶଂକର ମହାନ୍ତିଙ୍କଠାରୁ ସୂଚନା ପାଇଲି ବକ୍ତୃତାଟି ଲେଖିକରି ନେଲେ ଭଲ ହେବ । ବେଳ ନ ଥିଲା । ତଥାପି ବକ୍ତୃତାଟି ପୂର୍ବଦିନ ରାତି ଶେଷ ଯାଏ ଲାଗି ଘରେ, ରେଳରେ, ବସାରେ, ସବୁଠାରେ ଲେଖି, ଗୋଟାଏ ପ୍ରକାର ତରତରିଆ ଲେଖା-ଟାଏ ଠିଆ କଲି । ଅବଶ୍ୟ ସେଦିନ ୩ ଘଣ୍ଟା ବ୍ୟାପୀ ମୋ କଥଣୀ ଭିତରେ ପଢ଼ିବାର ହୋଇଥିଲା; ସଭାର ଅନୁରୋଧରେ, କହିବାର ବି ହୋଇଥିଲା । ଶ୍ରୋତାମାନଙ୍କର ଗ୍ରାହକତା ଭୁଲି ପାରିବି ନାହିଁ । ଚାରିଆଡ଼ୁ ସ୍ୱର ଉଠିଲା, 'ଛପାଇ ଦିଅ', 'କେତେ ଟଙ୍କା ଲାଗିବ ?' ଇତ୍ୟାଦି । ସେତେବେଳର ବାଲେଶ୍ୱର ଜିଲ୍ଲା ହାକିମ ଶ୍ରୀଯୁକ୍ତ ଦୁର୍ଗା-ଚରଣ ଦାସ ଓ ଓଡ଼ିଶା ସରକାରଙ୍କ ପ୍ରଚାର ବିଭାଗର ଅଧ୍ୟକ୍ଷ ଶ୍ରୀଯୁକ୍ତ ଚିନ୍ତାମଣି ମିଶ୍ର, ଦୁହେଁ ସଭାରେ ଥିଲେ । ଚିନ୍ତାମଣି ମିଶ୍ରେ ହଠାତ୍ କଳନା କରି ଟ ୪୦୦୦ ଲାଗିବ ବୋଲି କହିବା ମାତ୍ରେ, ଦୁର୍ଗାଚରଣ ଦାସେ କହିଲେ, 'ଟଙ୍କା ଦିବା ମୋ ଭାର ରହିଲା । ଆପଣ ଛପାଇ-ବାର ଯୋଗାଡ଼ କରନ୍ତୁ ।' ଅଧ୍ୟାପକ କୃଷ୍ଣବିହାରୀ ଦାସଙ୍କ ଉତ୍ସାହ

Digitized by srujanika@gmail.com

ମଧ୍ୟ ଆଜି ମୋ ମନେ ପଡ଼ି ଯାଉଛି । ସେ ପରେ ଯୋଗସୂତ୍ର ରୂପେ, କିପରି ଶୀଘ୍ର ଛପା ହେବ, ସେଇ କାମରେ ଲାଗିଗଲେ । ଦୁର୍ଗାଚରଣ ବାବୁ ଅଳ୍ପଦିନ ପରେ ଗୁରୁଶହ-ଟଙ୍କାର ଚେକ୍ ମୋ ପାଖକୁ ପଠାଇ ଦେଲେ । ସେ ଚେକ୍‌ଟି ସେ ପାଇଲେ ଏକା କଥାରେ, ବାଲେଶ୍ୱରର ସୁପରିଚିତ, ରାୟ ସାହେବ ପଞ୍ଚାନନ ଖାଁଙ୍କ ପୁତ୍ର, ଶ୍ରୀଯୁକ୍ତ ଶୈଳେନ୍ଦ୍ର ନାଥ ଖାଁ ମହାଶୟଙ୍କ ଠାରୁ । ଏ ଅବସ୍ଥାରେ ମୁଁ କାହାକୁ କିପରି କେତେ କୃତଜ୍ଞତା ଜଣାଇବି, ବୁଝିପାରୁ ନାଇ । କୃତଜ୍ଞତା ଜଣାଇ-ବାକୁ ବାହାରିଲେ, ମତେ ଖାଲି ଦରିଦ୍ର ହେଲା ପରି ଲାଗୁଚି । ଏମାନଙ୍କ ଛଡ଼ା ଆଉ ଅନେକ ମୁହଁ ବି ମୋ ଆଖି ଆଗରେ ନାଚି ଯାଉଚି । ମୁଁ ଯଥୋଚିତ ଭାବରେ କୃତଜ୍ଞତା ଜଣାଇ ପାରିବି ନାଇ । ପ୍ରାର୍ଥନା କରୁଚି, ସେମାନେ ସମସ୍ତେ ମତେ କ୍ଷମା କରନ୍ତୁ ।

ତରତରିଆ ଲେଖାଟିକୁ ଟିକିଏ ବଢ଼ାଇ କରି ଛପାଇବି ବୋଲି ବସୁରି କାର୍ଯ୍ୟ ଆରମ୍ଭ କରିଦେଲି । ମାତ୍ର ୨୦ ପୃଷ୍ଠା ଛପାହୋଇଚି, ମୋର ଘୋର ସ୍ୱାସ୍ଥ୍ୟ ଭଙ୍ଗ ହେଲା । ପରେ କେତେକ ସ୍ୱାସ୍ଥ୍ୟ ଲାଭ କରି ପୁଣି ଲେଖି ବସିଲି । ଦେଖିଲି, ପୁସ୍ତକଟି ଟିକିଏ ବେଶି ବଢ଼ିଯାଉଚି । ହେଲେହେଁ, ବନ୍ଧୁମାନେ ମତେ ନ କମାଇବାକୁ ଖୁବ୍ ଅନୁରୋଧ କଲେ । କିନ୍ତୁ ପ୍ରକାଶ କରିବାରେ ଅତି ବିଳମ୍ବ, କେବଳ ଦୁଃସହ ହେବ ନୁହେ—ଆପାତତଃ ଅସାଧ୍ୟ ବି ହୋଇପାରେ । ତେଣୁ ଭାଷଣର ପଟ୍ଟଭୂମିକାଟି ପ୍ରଥମଭାଗରୂପେ ଏବେ ପ୍ରକାଶ କଲି । ଅନ୍ୟ ଭାଗଟି ହେବ ମୂଳରୁ ଶେଷଯାଏ, ଧାରାବାହିକ ପରିଣାମର ଗୋଟିଏ ଚିତ୍ର ।

'ପଟ୍ଟଭୂମିକା'ଟିର ନାମ ଦେଇଚି, 'ଆଲୋଚନାର ଭିତ୍ତି' । ଏହାପର ପୁସ୍ତକ ଖଣ୍ଡିକର ନାମ ହେବ, 'ପରିଣାମରେ ପତ୍ତି' । କିନ୍ତୁ ଏଇ ପୁସ୍ତକଟି ଲେଖିବାରେ ପୁସ୍ତକାଦିର ଅଭାବ [illegible]

Digitized by srujanika@gmail.com

ଅସୁବିଧାରେ ପଡ଼ି ଲେଖିବାକୁ ହୋଇଚି, ସେଥିରେ ଆଉ ପ୍ରସ୍ତାବିତ ଭାଗଟି କେବେ ଯେ ପୂର୍ଣ୍ଣ ହେବ, ତା କହି ପାରୁନାଇ। ଜୀବନରେ କେବେ କେଉଁ ପୁସ୍ତକଟା ପଢ଼ିଥିଲି, ମନେ ଥିବା କଥାକୁ ଲକ୍ଷ୍ୟ କରି ଦୋକାନରୁ ବା ଅନ୍ୟତ୍ର କେତେ ଖଣ୍ଡ ମାତ୍ର ବହି ପାଇଲି। ତାକୁଇ ବ୍ୟବହାର କରି ଏ ଭାଗଟି ବହୁ କଷ୍ଟରେ ଲେଖିଲି। କିନ୍ତୁ ଏଇପରି ଭିତରେ ଆଉ ଭାଗଟି ଲେଖିବାକୁ ଗଲେ, ଏତିକରେ ଚଳିବ ନାଇ। କ'ଣ କରିବି, ଭାବୁଚି; ଆଶା କରୁଚି, ଇଚ୍ଛାମତେ ପୁସ୍ତକ ପାଇବା ସୁବିଧା ହେବ ଓ ସମସ୍ତ ସ୍ତବକଟି ଯଥାଶୀଘ୍ର ପୂର୍ଣ୍ଣ କରି ପାରିବି। ସେଥିପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କରୁଚି। ଏତିକି ଆଶା ଓ ଏଇ ଚେଷ୍ଟାର ସୂଚନା ଛଡ଼ା ଦେଶବାସୀଙ୍କୁ କହିପାରିବା ଭଳି ଏବେ ଆଉ କିଛି ନାଇ।

ଯେଉଁ ବନ୍ଧୁମାନେ ବଢ଼ାଇକରି ଲେଖିବାରେ ମତେ ଉତ୍ସାହ ଦେଇଚନ୍ତି ଓ ନାନା ସୂଚନା, ସମାଲୋଚନାରେ ମତେ ସାହାଯ୍ୟ କରିଚନ୍ତି, ସେମାନଙ୍କ ଭିତରେ ଅଧ୍ୟାପକ ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ସାହିତ୍ୟାଚାର୍ଯ୍ୟ, ବିଦ୍ୟାଭୂଷଣଙ୍କ କଥା ମୋର ଭୁଲିବାର ନୁହେଁ। ତା ଛଡ଼ା, ନବଭାରତ ପ୍ରେସ୍ ମ୍ୟାନେଜର ଶ୍ରୀଯୁକ୍ତ ବନମାଲୀ ମିଶ୍ର ଓ ତରୁଣ ସାହିତ୍ୟ ସେବୀ ଶ୍ରୀଯୁକ୍ତ ରାଧା-ମୋହନ ଗଡ଼ନାୟକ ପ୍ରଭୃତି ଯୁବକଙ୍କ କାର୍ଯ୍ୟରେ ମଧ୍ୟ ମୁଁ ଆନ୍ତରିକ ସାହାଯ୍ୟ ଓ ସହୃଦୟତା ପାଇଚି।

'ଇଭଲ୍ୟୁସନ ଅବ୍ ଓଡ଼ିଆ ଲିଟରେଚର୍' କଥାଟିର ଅନୁବାଦ ମୁଁ କରିଚି, 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ'। 'କ୍ରମ-ବିକାଶ' କଥାଟି ସାଧାରଣ ବ୍ୟବହାରରେ ଚଳୁଥିଲେ ମଧ୍ୟ ମୁଁ ତା କରି ନାଇ। କାହିଁକିନା, ବିକାଶ କହିଲେ, ସାଧାରଣତଃ ବୁଝାଏ, ବୃଦ୍ଧି। ପୁଣି ପତ୍ରର ବିକାଶ ଫୁଲ, ଫୁଲର ବିକାଶ ଫଳ—ଏପରି

Digitized by srujanika@gmail.com

ବୁଝିବା ଦୁରୁହ । ପତ୍ରର ବିକାଶରେ କଅଁଳ ପତ୍ରରୁ ପାଚିଲା ପତ୍ର-ଯାଏ, ଫୁଲର ବିକାଶରେ କଢ଼ିଠାରୁ ବାସିଫୁଲ ଯାଏ, ଫଳର ବିକାଶରେ କଷିଠାରୁ ପାଚିଲା ଫଳଯାଏ ବୁଝିବା ସହଜ । ମାତ୍ର ପରିଣାମ କଥାଟିରେ ବୁଦ୍ଧି ଘଟେ ଯନ୍ତ୍ରର ଧାରା ଓ ଚିହ୍ନିହେବା ଅବସ୍ଥାରୁ ନ ଚିହ୍ନିହେବା ଅବସ୍ଥାକୁ ଯିବା, ସବୁ ବୁଝାଯିବ । ଆମ 'ସାଂଖ୍ୟ-ଦର୍ଶନ'ର ବିକାଶ ପଦ୍ଧତିକୁ ମଧ୍ୟ ପଣ୍ଡିତମାନେ 'ପରିଣାମ-ବାଦ' କହନ୍ତି । ଏ ସବୁ ବିଚାର କରି ମୁଁ ପ୍ରବନ୍ଧଟିର ନାମକରଣ କରିଛି । ଆଶାକରେ, ଏ ଅନୁବାଦଟି ଯଥାମୂଲ୍ୟରେ ଗୃହୀତ ହେବ ।

ଶେଷକୁ କହିବାକୁ ଅଛି, ପୁସ୍ତକର ମୂଲ୍ୟ କଥା । ଏଥିପାଇଁ ଟ ୪୦୦୯ ମିଳିଛି । ତେଣୁ, ତଦନୁରୂପ ପାଠକମାନଙ୍କୁ ଯଥାସମ୍ଭବ ସୁବିଧା ଦେବା ଉଚିତ । ଏଇ ଭାଗଟିର ଦାମ୍ ଏବେ ନିକିତିରେ ଟ ୩୪ ହେବାର କଥା । ମାତ୍ର ଏଥର ପାଇଁ ଏହାର ଦାମ୍ ରଖାଗଲା ଟ ୩୯ ।

ସବୁ ଶେଷକୁ ବିଶେଷ ଭାବରେ ପାଠକମାନଙ୍କୁ ଗୋଟିଏ କଥା ଜଣାଇ ଦେଉଛି । ଏକଥା ମୁଁ ଅତି ସନ୍ତର୍ପଣରେ କହୁଛି । ଓଡ଼ିଆ ସଭ୍ୟତା ଓ ସାହିତ୍ୟ ଉପରେ ଏକଦିଗରୁ କର୍ଣ୍ଣାଟୀ ଓ ଅପର ଦିଗରୁ ବଙ୍ଗାଳୀ ସାହିତ୍ୟର ପ୍ରଭାବ ଓ ତା ଭିତରେ ଓଡ଼ିଆର ସ୍ୱାତନ୍ତ୍ର୍ୟ ଦେଖି ମୋର ଅନେକ ଦିନରୁ ଯେ ଧାରଣା ଫୁଟିଛି, ତା ହୁଏତ ଅନେକଙ୍କୁ ହଠାତ୍ ଅଡୁଆ ଲାଗିବ । କେତେକ ଏଥିରେ ହୁଏତ, ମୋ ପ୍ରାଣର ଉଦ୍‌ଭ୍ରାନ୍ତର ଦେଖି ବସିବେ । ଅନେକ ଅଶ୍ଳୀଳ ଭାବର ପ୍ରକାଶ ମଧ୍ୟ ମତେ ମୁକ୍ତ ଭାବରେ କରିବାକୁ ହୋଇଛି । ତାକୁ ମଧ୍ୟ କେହି କେହି ରୁଚି-କଷଟିରେ ପରଖି ବସିବେ । ଏ ସବୁ ମୋର ସ୍ୱାଦ୍ୟ । କୌଣସି ସମାଲୋଚନା, ଲେଖକର ଅସ୍ୱାଦ୍ୟ ହେବା ଠିକ୍ ନୁହେଁ । ଦରକାର ହେଲେ ସେଥିରୁ [illegible]

ବି ବାଧ୍ୟ । ସେପରି ଗ୍ରହଣ କରିବାକୁ ମୁଁ ସର୍ବଦା ପ୍ରସ୍ତୁତ ଅଛି । କିନ୍ତୁ ମୋର କହିବାର ହେଉଛି, ମୁଁ ସାଧ୍ୟମତେ ନିରୁତା, ନିରପେକ୍ଷ ଅନୁସନ୍ଧାନ କରି ଯାହା ସତ୍ୟ ବୋଲି ବୁଝିଛି, ତାକୁ ଟିକିଏ ସ୍ପଷ୍ଟ ଭାବରେ ପ୍ରକାଶ କରିଛି । କାହିଁକିନା, ଏଠି ଗତାନୁଗତିକ ଚିନ୍ତାଧାରା ପୁରା ଖାପ୍ ଖାଉନାହିଁ । ମୁଁ ଏ ସତ୍ୟର ସୂଚନା ମୋ 'ଗୀତା ପ୍ରବେଶ' ଗ୍ରନ୍ଥରେ ଟିକିଏ ମଧ୍ୟ ୧୨ ବର୍ଷ ତଳେ ଦେଇଥିଲି । ସେପରି କି ମନେ ହେଲା, ସୂଚନା ଏ କ୍ଷେତ୍ରରେ ଯଥେଷ୍ଟ ନୁହେଁ, ଟିକିଏ ବର୍ଣ୍ଣନା ଦରକାର । ମୁଁ ଏଥିରେ ଅତି ଅଳ୍ପ ହେଲେ ମଧ୍ୟ ତାହାହିଁ କରିଛି । ପାଠକମାନେ ଅନୁକମ୍ପାରେ ତା ଦେଖିଲେ କୃତାର୍ଥ ହେବି ।

ନବଭାରତ ଅଫିସ୍—କଟକ
ତା ୧୪ । ୬ । ୧୯୪୮
( ରଜ ସଂକ୍ରାନ୍ତି )

**ନୀଳକଣ୍ଠ ଦାସ**

Digitized by srujanika@gmail.com

# ବିଷୟ ସୂଚୀ

## ପ୍ରଥମ ଅଧ୍ୟାୟ

ଅଙ୍କ=ପୃଷ୍ଠାଙ୍କ

ପ୍ରାରଂଭିକ ସୂଚନା ୧—୨୪

ସାହିତ୍ୟ ଶବ୍ଦର ବ୍ୟାପ୍ତି—୧; ଗୃହିଣୀ, ରଙ୍ଗିଣୀ ଓ ଚମକ୍—୨; ବିଗ୍ରହ, ବର୍ଣ୍ଣନା ଓ ବ୍ୟଞ୍ଜନା—୨; ଏଠି ଆଲୋଚନାର ଢଙ୍ଗ—୩; ଲେଖା ଓ କଥା—୩; ସାହିତ୍ୟର ଆକ୍ରମଣ ଓ ପ୍ରଭାବ—୪; ଭାଷା ଓ ସାହିତ୍ୟ, ସମାଜର ପୀଠ—୪; ବିଶ୍ୱ ପ୍ରକୃତିର ଶୃଙ୍ଖଳା—୫; ବାହ୍ୟ ଓ ଅନ୍ତରର ସଂପର୍କ—୬; ଦେହକ୍ରମେ ସମାଜ ହ୍ରାସ—୭; ଭାଷା ଓ ସାହିତ୍ୟରେ ଏହାର ସଂକେତ—୮; ଭାରତରେ ରାଜମଣ୍ଡଳ ନିପାତ—୯; ଐତିହାସିକ ଘଟଣାର ଉଦାହରଣରେ ଏହାର କଳନା—୧୦; ଭୂମିଖଣ୍ଡରେ ନିଜକୁ ନେଇ ସମାଜ ଓ ସାହିତ୍ୟର ଚଳି—୧୧; ଭାଷା ଓ ସାହିତ୍ୟର 'ଗୋଷ୍ଠୀ'କୁ ଧରି ମାନବ ସମାଜ ବୁଝିବାକୁ ଚେଷ୍ଟା—୧୧; ଓଡ଼ିଆଙ୍କ ଦେହରେ ଶବର—୧୨; ଭୂୟାଁ ଓ ଭୂମିଜ—୧୪; ଓଡ୍ର—୧୫; କଳିଙ୍ଗ—୧୬; କଳିଙ୍ଗର ଅନ୍ୱେଷଣ ଓ ଇତିହାସ—୧୭; କଳିଙ୍ଗର ପ୍ରାଚୀନତା ଓ ପ୍ରଭାବ—୧୯; ସେ ସବୁରେ ସାହିତ୍ୟର ସାମଗ୍ରୀ—୨୦; ଏବେ ଭାଷା ଓ ସାହିତ୍ୟରେ ସେ ସବୁର ସଂକେତ—୨୨; ଓଡ଼ିଆ ସାହିତ୍ୟର ଇତିହାସ ଓ ଉପଯୋଗିତା—୨୩।

## ଦ୍ୱିତୀୟ ଅଧ୍ୟାୟ

ଓଡ଼ିଆ ସାହିତ୍ୟକୁ ଚିହ୍ନିବାରେ ପରଂପରାର ଧାରାଦର୍ଶନ ୨୫—୭୩

ସ୍ୱାତନ୍ତ୍ର୍ୟ ବା ବ୍ୟକ୍ତିତ୍ୱର ସଂକେତ—୨୫; ସାହିତ୍ୟର ଚଳି ଓ ପ୍ରକାର—୨୬; ଓଡ଼ିଆର ବିଶେଷତା ଦେଖିବା କିପରି ଓ କାହିଁକି ?

Digitized by srujanika@gmail.com

—୨୭; ଓଡ଼ିଆ ସାହିତ୍ୟରେ ଓନୋଟି ଧାରା—୨୮; (୧) ଶବର ସଭ୍ୟତାର ଧାରା—୨୮; ବେଦ ବିଦ୍ୟା, ସାମୁଦ୍ରିକ ଓ 'ଅଗସ୍ତ ଭକ୍ଷଣ' କହ୍ବବ —୩୧; (୨) କଳିଂଗ-ସଭ୍ୟତା—ଅସୁର—୩୨; ଅସୁର ସାହିତ୍ୟର ପରିଚୟ—୩୫ ଫଳିତ ଜ୍ୟୋତିଷ ଓ ଜ୍ୟୋତିଷ—୩୭; ଓଡ଼ିଆ ସାହିତ୍ୟରେ ଏହାର ସଂକେତ—୪୦; ଉଦାହରଣ—୪୨; ଗଣିତ ଜ୍ୟୋତିଷ ଓ ଓଡ଼ିଆ—୪୪; ଚାନ୍ଦ୍ରମାସ—୪୭; କିଂତୁ ଉତ୍କଳରେ ସୌରମାସ ଓଡ଼ିଆର ବିଶେଷ—୪୯; ଏସବୁ ଓଡ଼ିଆ ସାହିତ୍ୟରେ କଳିଂଗ-ଅସୁର ସଭ୍ୟତାର ପରଂପରା—୫୦; ଏ କ୍ଷେତ୍ରରେ ଆଧୁନିକ ବିତର୍କ—୫୩; ଅଂକ ଗଣନା—୫୪; କାଳ-ପରିମାଣ ଓ ଯୁଗ—୫୭; ଉପରକୁ—ଅନନ୍ତ ଅନ୍ତକୁ—୫୯; ଓଡ଼ିଆ ସାହିତ୍ୟରେ ସଂକେତ—୬୦; ସୁମେର ଓ କଳିଂଗ ପରଂପରା—୬୩; ମାଦଳାପାଞ୍ଜିରୁ ଦୃଷ୍ଟାନ୍ତ—୬୪; ଓଡ଼ିଆ ସାହିତ୍ୟରେ ଇନ୍ଦ୍ରଦ୍ୟୁମ୍ନ—୬୭; ମହାଭାରତରେ ଇନ୍ଦ୍ରଦ୍ୟୁମ୍ନ—୬୯ ଇତିହାସର ତତ୍ତ୍ୱ ୭୧; ପୁନର୍ଜନ୍ମ ଓ କର୍ମଯୋଗ—୭୧; ଉଦାହରଣରେ ସାରଳା ଦାସଙ୍କ 'ଶ୍ୱେତକଳ୍ପ' କଥା—୭୨ ।

## ତୃତୀୟ ଅଧ୍ୟାୟ

ସଭ୍ୟତାର ମିଶ୍ରଣରେ ସଂକେତ ୭୪—୧୧୯

ସଭ୍ୟତାର ମିଶ୍ରଣ—୭୪; ଶବ୍ଦ ଲେଖାରେ ବୁଦ୍ଧି ତୁଳନା—୭୫; 'ନାଂଗୁଆ ଦଗା'—୭୬; ଚୀନା ପିଲାଙ୍କ ଖେଳ—୮୦; ଆମ ସାହିତ୍ୟର 'ନାଁ ଦେବା'-ଭାଷାର ବିକାଶ—୮୨; ଔଷଧ ସଂଗେ ତୁଳନା—୮୭; ଔଷଧର ଶକ୍ତି—୮୮; ସଂସ୍କୃତ ସାହିତ୍ୟରେ ସେହି କଥା—୮୯; କିଂତୁ ଏହା ଯଥାର୍ଥରେ ଓଡ଼ିଆର ବିଶେଷତ୍ୱ—୯୨; ବିଗତ ସଭ୍ୟତାର ପ୍ରଭାବ—୯୪; କଳିଂଗ ସଭ୍ୟତା ଓ ଶବର ସଭ୍ୟତାର ଆଦାନ ପ୍ରଦାନ—୯୬; କାଉଁରୀ—୯୮; ଓଡ଼ିଆର ସାଧନାରେ 'ପିଣ୍ଡ-ବ୍ରହ୍ମାଣ୍ଡ' ସଂକେତ—୯୯; ଉଦାହରଣ—କାଉଁରୀ ମଣ୍ଡଳ ଓ କାଉଁରୀ ପାଟଣା—୧୦୮;

Digitized by srujanika@gmail.com

ବଙ୍ଗୀୟ ବୈଷ୍ଣବ ସାଧନାର ବ୍ୟାଖ୍ୟା—୧୦୩; ଭେଳା ଓ ସର୍ପ ଦେବତା—୧୦୬; ଭେଳା-ଭେଳୁଣୀ ଓ ଶବର-ଶବରୁଣୀ—୧୦୯; ସର୍ପପୂଜା ଓ ଝାଂପୁଲୀ—୧୧୦; ଝାଗୁଲେଇ—୧୧୧; ମାଟିମୂର୍ତ୍ତି—ବଙ୍ଗାଳୀ ଗୀତ—୧୧୩; ରକ୍ଷା ପଞ୍ଚମୀ ବା ରେଖା ପଞ୍ଚମୀ—୧୧୪; ପାଲ୍ଲ—୧୧୬ ।

## ଚତୁର୍ଥ ଅଧ୍ୟାୟ

**ଆବରଣରେ ସଂକେତ** ୧୨୦—୧୫୫

ଆବରଣ ଓ ତା ପ୍ରକାର—୧୨୦; ଭାରତରେ ଆର୍ଯ୍ୟ ସଭ୍ୟତା—କଳିଂଗ ଓ ବଙ୍ଗ—୧୨୦; ବାଲିଯାତ୍ରା ଓ ଖୁଦୁରୁକୁଣୀ—୧୨୩; ଉଇପାଳଣା—ପୃଥିବୀର ଉତ୍ପତ୍ତିକାଳ—୧୨୪; ନାରୀଙ୍କ ନକ୍ତ-ପାଳଣା—୧୨୫; ଅର୍ଯବିଧି ଓ ଗୀତ ସଂଗେ ତୁଳନା—୧୨୭; ବଙ୍ଗସାହିତ୍ୟ ସଂଗେ ସୂକ୍ଷ୍ମ ତୁଳନା ଲେଖା—୧୩୧; ଯୌନ ଶୌଚ ଓ ବ୍ରହ୍ମଚର୍ଯ—୧୩୩; ଗୃହସ୍ଥତା ଓ 'ସ୍ୱକୀୟା'—୧୩୮, ଓଡ଼ିଆଙ୍କ ଉତ୍ପତ୍ତିକାଳ ବିଧି ଓ ପୃଥିବୀର ଉତ୍ପତ୍ତିକାଳ—୧୪୩; ଆର୍ଯ ସାହିତ୍ୟ ଓ ସହଜିଆ ଧର୍ମ—୧୪୪; ସଂଧ୍ୟାଭାଷାର ତାତ୍ପର୍ଯ ଓ ସହଜିଆ ସାଧନା—୧୪୬; ବଙ୍ଗାଳୀ ଧର୍ମ ଓ ଚଣ୍ଡୀ—୧୪୭; ଓଡ଼ିଆରେ ଦ୍ରୋହର ଅର୍ଥ—୧୪୮; ପରକୀୟା—୧୪୯; ବଙ୍ଗାଳୀ ଧର୍ମରେ ଆଗ୍ରହ—ଯୋଗୀଗୀତ—୧୫୦; ବଜ୍ରଗୀତ—୧୫୧; ତନ୍ତ୍ରରେ ସେଇସ୍ତା—୧୫୨; ଓଡ଼ିଆର ଏ କ୍ଷେତ୍ରରେ ସାବଧାନତା—୧୫୩ ।

## ପଞ୍ଚମ ଅଧ୍ୟାୟ

**ଓଡ଼ିଆ ସାହିତ୍ୟର ମୂଳ ଓ ସ୍ୱରୂପ—** ୧୫୬—୧୯୧

ପଶ୍ଚିମ ଅସୁର ସଭ୍ୟତାରେ ଯୌନ ଆଗ୍ରହ—୧୫୬; ଦେବଦାସୀ—୧୫୭; ବଙ୍ଗଅଙ୍ଗ—ବହୁ ବିବାହ—୧୫୮; ବୀଭତ୍ସ ଭକ୍ତିବାଦ ଓ ବାବାଜୀ ମାତା—୧୫୯; ଓଡ଼ିଆ ଆକ୍ରମଣରେ ଅଭିଭୂତ ଦ୍ରୋହ ନାହିଁ—୧୫୯; ଓଡ଼ିଆ ସାହିତ୍ୟରେ ଶୂନ୍ୟରୁ ସୃଷ୍ଟି ତତ୍ତ୍ୱ—୧୬୧; ଏହାର ତାତ୍ପର୍ଯ—

Digitized by srujanika@gmail.com

୧୬୪; ଶୂନ୍ୟ, ବ୍ରହ୍ମ, ଓ ୧୬୪; ଓଁକାର—ଓଡ଼ିଆର ବୈଦିକ ସାହିତ୍ୟକୁ ଦାନ—୧୬୪; ବ୍ରହ୍ମ ଓ ତପଃ—୧୬୫; ଏ ଦର୍ଶନ-ତତ୍ତ୍ୱର ମୂଳ—୧୬୬; ସୁବର୍ଣ୍ଣ ମେରୁ—୧୬୭; ଶୂନ୍ୟବାଦର ମୂଳ କଥା—'ବୌଦ୍ଧ-ଉତାର'—୧୬୯; ଗୀତାରେ ଅକ୍ଷର ଧର୍ମ—୧୭୦; ଓଡ଼ିଆରେ ଏକ୍ଷାର ଅର୍ଥ—୧୭୦; କଳିଙ୍ଗ ସଭ୍ୟତା ପ୍ରତି ଏ କଥା ନୂତନ—୧୭୧; କଳିଙ୍ଗର ଶୂନ୍ୟବାଦ ଓ ବୈଦିକ ସାହିତ୍ୟରେ ତା ପ୍ରଭବ—୧୭୧; ମନ୍ତ୍ର—୧୭ ; ବ୍ରାହ୍ମଣ ଓ ଉପନିଷଦ୍—୧୭୨; ଋଗ୍‌ବେଦ ସଂହିତା—ନାସଦୀୟ ସୂକ୍ତ—୧୭୩; ମନ୍ତ୍ରମାନଙ୍କ ଅର୍ଥ—୧୭୪; ପୁରୁଷୋତ୍ତମରେ ସମାଧାନ—୧୭୬; ଶ୍ଳୋକରେ ଆଉ ବେଦରେ—୧୭୮; ଏଇ ପୁରୁଷୋତ୍ତମ—ଜଗନ୍ନାଥ—୧୭୯; ଗୀତାର ଦ୍ରଷ୍ଟା—୧୭୯; 'ସପ୍ତଶ୍ଳୋକୀ' ଓ 'ସପ୍ତଶତୀ'—୧୮୦; ଏକ୍ଷାର ଅର୍ଥ—୧୮୧; ଏକ୍ଷାର ସଙ୍କେତ ୧୮୨; ବେଦରେ ଓ ମହାଭାରତରେ କୃଷ୍ଣ—୧୮୩; ଚଣ୍ଡୀ—୧୮ ; ଆଚରଣରେ ସ୍ୱାତନ୍ତ୍ର୍ୟ—୧୮୫; ଦିବାକର ଦାସ ଓ ଉତ୍କଳୀୟ ବୈଷ୍ଣବ ଧର୍ମ—୧୮୬; ଗୌଡ଼ୀୟ ବୈଷ୍ଣବ ଧର୍ମରୁ ଭେଦ—୧୯୦।

## ଷଷ୍ଠ ଅଧ୍ୟାୟ

ଧର୍ମ ସ୍ୱରୂପ ସମ୍ବନ୍ଧରେ ଅନ୍ୟ କେତୋଟି କଥା— ୧୯୨—୨୩୬

ଓଡ଼ିଶାରେ ଶୂନ୍ୟ ସାଧନା ଜୀବନ୍ତ ଅଛି—୧୯୨; ବୁଦ୍ଧ—ଓଡ଼ିଆର ବୈଦିକ ସାହିତ୍ୟକୁ ଦାନ—୧୯୨; ସମାଧାନରେ ଓଡ଼ିଆର ସାଦଙ୍ଗା-ନାଟା—୧୯୪; 'ବଜ୍ର'ର ସମାଧାନ ଦେଖ—୧୯୫; ଲିଙ୍ଗ-ପୂଜା—୧୯୮; କାଳି ଓ କାଳୀ—୧୯୯; ଓଡ଼ିଆ ଉତ୍କ୍ରେତ୍ର ବ୍ୟାଖ୍ୟା—୨୦୦; ଶାକ୍ୟ-ମୁନି ବୁଦ୍ଧ—୨୦୧; କଳିଙ୍ଗର ବୌଦ୍ଧ ଧର୍ମ—୨୦୨; ଚତୁର୍ଦ୍ଧା ମୂର୍ତ୍ତି—୨୦୫; ସୁଦର୍ଶନ ୨୦୬; ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର—୨୦୭; ଜଗନ୍ନାଥ ଧାମର ପ୍ରାଚୀନତା—୨୦୯; ଲୋକନାଥ, ମେଷୀ ଦେବ—

Digitized by srujanika@gmail.com

୨୧୨; ଦାର୍ଢ୍ୟତା ଭକ୍ତ—ଓଡ଼ିଆରେ ଲେଖା ବଙ୍ଗଳା ସାହିତ୍ୟ—୨୧୩; ମହାଯାନ ଓ କରୁଣା—୨୧୪; ପୂର୍ବ ଭାରତରେ କରୁଣାର ପରିଣାମ—୨୧୫; ଗୌଡ଼ୀୟ ବୈଷ୍ଣବଙ୍କ ବିନୟର କୃତ୍ରିମତା—୨୧୬; ଏ ଦୀନତାରେ ଯଥାର୍ଥ 'ବିନୟ' ନାହିଁ—୨୧୭; ଗୌଡ଼ୀୟ ବୈଷ୍ଣବ ଧର୍ମ ପ୍ରଚାର—୨୧୮; ଅଳ୍ପ ଗୋଟିଏ କଥା—ଭୂଷା—୨୧୯; ବୁଦ୍ଧିରେ ଓ ମନ୍ଦିନା—୨୨୦; ସାଧନା ଓ ଭକ୍ତିରେ ବେଗ ଓ ଫଳସ୍ପୃହା—୨୨୧; ରବ୍ ଅରକ୍ଷିତ କଥା—୨୨୩; ଦାତା ଦର୍ଣ୍ଣ କଥା—୨୨୪; ତୁଳନାରେ ଶୁକ୍ର କଥା—କର୍ମ ଓ ଫଳ—୨୨୬; କେବଳ ସେନଙ୍କ କୃଷ୍ଣଭକ୍ତି—୨୨୭; ଓଡ଼ିଆ ନାସ୍ତି—୨୨୮; ଓଡ଼ିଆର ମୈତ୍ରୀ—୨୨୯; ଓଡ଼ିଆର ସାର୍ବଜନୀନତା—୨୩୧; ଭଦ୍ର ହୁମ୍ୟୁନଙ୍କ କରମଣା—୨୩୨; ମୈତ୍ରୀର ଚଳଣି—ଛାଡ଼ଭେଦ ନାହିଁ—୨୩୨; କୋଇଲି ବୈକୁଣ୍ଠ—୨୩୪; ଗ୍ରାମ ସଭା ଓ ମହାଜନ—୨୩୫; ସର୍ଗରେ ଏକାର ଗଡ଼—୨୩୬ ।

କେତୋଟି ଅଧିକା କଥା— ୨୩୮—୨୪୧

## ମୂଳର

ଶବ୍ଦ ସୂଚୀ— ୨୪୧—

ଆଦ୍ୟ କଥନୀ— ୧—୧୧

ବିଷୟ ସୂଚୀ— କ—ଙ

[illegible] Bhub[illegible] 751014.

Digitized by srujanika@gmail.com

# ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ

## ପ୍ରଥମ ଭାଗ—ଆଲୋଚନାର ଭିତ୍ତି

## ପ୍ରଥମ ଅଧ୍ୟାୟ

## ପ୍ରାରମ୍ଭିକ ସୂଚନା

### ସାହିତ୍ୟ ଶବ୍ଦର ବ୍ୟାପ୍ତି

ବ୍ୟାପକ ଭାବରେ ବୁଝିଲେ, ସମାଜ-ବିକାଶର ପ୍ରକାଶ ହେଉଛି, ସାହିତ୍ୟ । ଏହି ବିକାଶର 'ଚଳଣି' ସଂସ୍କୃତିରେ ଧରା ହୁଏ ; ସାହିତ୍ୟରେ ଏହି ସଂସ୍କୃତି ମପା ହୁଏ । ତେଣୁ ସମାଜର ଚଳଣି ଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚାଷ, ସ୍ଥାପତ୍ୟ ପ୍ରଭୃତି ସବୁ ସାହିତ୍ୟର ଅନ୍ତର୍ଗତ । ସେପରି ବୁଝିଲେ, ଧଉଳଗିରିର ଅଶ୍ୱତ୍ଥାମା ହାତୀଠାରୁ ଉଦୟଗିରିର ଗୁମ୍ଫା, ଭୁବନେଶ୍ୱର ଖିଚିଙ୍ଗ୍ ଜଗନ୍ନାଥ କୋଣାର୍କ ପ୍ରଭୃତିର ମନ୍ଦିର, କାଠଯୋଡ଼ିର ପଥରବନ୍ଧ ପ୍ରଭୃତି ପୂର୍ତ୍ତ କର୍ମ, ଏପରିକି ଡଂଟିଲ୍ଲେର ବାସନ, କଟକର ତାରକସି କାମ ପ୍ରଭୃତି ବା[illegible] ସାମାଜିକ

Digitized by srujanika@gmail.com

ଅନୁଷ୍ଠାନ, ବ୍ୟବହାର, କଥା, କିଂବଦନ୍ତୀ, ପୁଣି ସାରଳାଦାସଙ୍କ ମହାଭାରତାଦି ସମେତ ଏବେର ଲିଖିତ କବିତା ଓ ଉପନ୍ୟାସ ପର୍ଯ୍ୟନ୍ତ ସବୁ ସାହିତ୍ୟ ବୋଲି ଧରାଯିବ ।

## ଗୃହାଣି, ଚଳଣି ଓ ଚମକ

ଏ ସବୁ ଭିତରେ ଚିନ୍ତା ଓ ଦର୍ଶନ, ସାଧନା ଓ ସୃଷ୍ଟି, ଭାବ ଓ ଅନୁଭୂତିର କଳନାରେ ସଂସ୍କୃତିକୁ ଧରି ସାହିତ୍ୟର କ୍ରମ-ପରିଣାମ ଦେଖି-ବାର କଥା । କେବଳ ଓଡ଼ିଆରେ କହିଲେ, ଗୃହାଣି, ଚଳଣି ଓ ଚମକ, ଏହି ତିନୋଟିରେ ସମାଜର ସଂସ୍କୃତି ଦେଖାପଡ଼େ । ଗୃହାଣି ବୋଇଲେ, 'ଦର୍ଶନ' ଓ ବୁଦ୍ଧି ବର୍ଗ; ଏଥିରେ ତତ୍ତ୍ୱକଥା, ଆଲୋଚନା ଓ ଅବସ୍ଥିତି ସବୁ ରହିଲା । ଚଳଣି ବୋଇଲେ, ସମାଜରେ ଆଦାନ-ପ୍ରଦାନ-ରହିତ ସମସ୍ତ ବ୍ୟବହାର ସମେତ ପ୍ରୟୋଜନର ସୃଷ୍ଟି ତଥା କଳାର ସୃଷ୍ଟି— ସବୁ ବୁଝାଯିବ । ଚମକ ବୋଇଲେ, ସଂକେତର ଆକସ୍ମିକତା ଓ ଭାବର ଅମାପ ସ୍ଫୁରଣ । ଏହି ଚମକ ଗୃହାଣି ଓ ଚଳଣି ଭିତରେ ସହଜ ପ୍ରକାଶ ପାଏ । ଏହାଦ୍ୱାରା କଳା, କବିତା, ସୌଷ୍ଠବ ଓ ସୌନ୍ଦର୍ଯ୍ୟ ଭିତରେ ମନୁଷ୍ୟକୁ ଅନନ୍ୟ ଆଡ଼କୁ ଆକର୍ଷଣ କରେ । ଗୃହାଣି ଓ ଚଳଣି, ସାହିତ୍ୟର ଶରୀର । ଏହି ଚମକ୍ ହେଉଛି, ତା ପ୍ରାଣ ।

## ବାହାର, ବର୍ଣ୍ଣନା ଓ ବ୍ୟଞ୍ଜନା

ଲୋକର କଳାରେ ସଂସ୍କୃତିର ବିକାଶ ଧରି ହୁଏ । ବିଜ୍ଞାନର ଅବସ୍ଥିତି ପୁଣି ପ୍ରୟୋଜନର ସୃଷ୍ଟିରେ ବଢ଼ିତା ହୁଏ । ମାତ୍ର ସଂସ୍କୃତିର ପ୍ରଧାନ ବାହନ ହେଉଛି, ଭାଷା । ତେଣୁ ଗୃହାଣି ଓ ଚଳଣିର ନାନା ପ୍ରକାଶ ପ୍ରତି ଲକ୍ଷ୍ୟ ଥିଲେ ମଧ୍ୟ ସାହିତ୍ୟର କ୍ରମ-ପରିଣାମ ମୁଖ୍ୟତଃ ଭାଷାରେ ପ୍ରକାଶ ପାଉଥିବା ବାହାର, ବର୍ଣ୍ଣନା ଓ ବ୍ୟଞ୍ଜନାରେ ଦେଖିବାକୁ ହୁଏ । ଗୃହାଣିର ପୀଠରେ ସବୁ ସାହିତ୍ୟ ପ୍ରକାଶ ପାଏ । ସେହି ମେରୁଦଣ୍ଡ ଓ କଙ୍କାଳ ଧରି ଜୀବନ୍ତ ବ୍ୟକ୍ତିପରି ତା ବଢେ । ଆଗାତରେ ଏହି

Digitized by srujanika@gmail.com

ମେରୁଦଣ୍ଡ ଖଣ୍ଡିତ ବା ରୁଗ୍‌ଣ ହେଲେ, ବିକାଶ ଭ୍ରଷ୍ଟ ହୁଏ; ପରିଣାମର କ୍ରମ ହୁଏତ କଦାକାର ହୋଇ ଯାଏ । ସେ ମେରୁଦଣ୍ଡ ପୁଣି ଭାଂଗିଗଲେ ବୈଚିତ୍ର୍ୟ ନଷ୍ଟ ହୁଏ; ପରିଣାମର ସେ କ୍ରମ ଛିଣ୍ଡିଯାଏ । ହୁଏତ ସେଥିରେ ନୂତନ ବୈଚିତ୍ର୍ୟ ଫୁଟେ । ନ ହେଲେ, ବୈଚିତ୍ର୍ୟ ବା ସ୍ୱତନ୍ତ୍ର ପ୍ରକାଶ ଅଭାବରେ ସେ ସାହିତ୍ୟ ଲୋପ ପାଏ । ଅଥବା ବେଷ୍ଟନୀରେ ଆତ୍ମଦାନ କରି ଲୀନ ହୁଏ । ନ ହେଲେ ଲୁପ୍ତଗର୍ଭ ପରି ହୋଇ ଅନ୍ତଃସଲିଳା ଫଲ୍‌ଗୁପରି ଅନୁସଂଧାନର ବିଷୟ ହୋଇଥାଏ ।

## ଏଠି ଆଲୋଚନାର ଗତି

ଏଇ ସବୁ ସ୍ୱଭାବ ଧରି ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ ବିଚାର କରିବାକୁ ହେବ । ମୂଳର ଗୁନ୍ଥାଣି ଓ ଚଳଣିକୁ ଲକ୍ଷ୍ୟ କରି ଭାଷାର ପ୍ରକାଶରେ ବିଚାର, ବର୍ଣ୍ଣନା ଓ ବ୍ୟଂଜନାକୁ, ବିକାଶ ଓ ବିଚ୍ୟୁତି ଭିତରେ, କ୍ରମ ଫେଡ଼ି ଦେଖିବାକୁ ହେବ । ପରିପ୍ରେକ୍ଷିତର ପୂର୍ଣ୍ଣତା ଗ୍ରହଣ କରିବା ପାଇଁ ଭାଷାର କ୍ରମିକ ଗଢ଼ ମଧ୍ୟ ସଂକ୍ଷେପରେ ବୁଝିବାକୁ ହେବ ।

## ଲେଖା ଓ କଥା

ସ୍ପଷ୍ଟ ଲେଖାରେ ପ୍ରକାଶ ପାଇଲେ, ସାହିତ୍ୟ ଦେଖିବା ଓ ବୁଝିବା ସୁଗମ ହୁଏ । ତେଣୁ ସାଧାରଣତଃ ଲେଖା ସାହିତ୍ୟକୁ ହିଁ ସାହିତ୍ୟ କହନ୍ତି । କିନ୍ତୁ ଲେଖାରେ ପ୍ରକାଶ ନ ପାଇ କଥାରେ ବା ପରଂପରାରେ ଶୁଣି ଶିଖିବା ଗୀତ, ଗପ ଓ କାହାଣୀରେ ଲେଖା-ସାହିତ୍ୟ ଭଳି, କିଂବା ତାଠାରୁ ଅଧିକ ସରସ ଓ ଜୀବନ୍ତ ସାହିତ୍ୟ ଥାଇପାରେ । ସମୟରେ ଏହା ଖୁବ୍ ଥିଲା । ଭାରତୀୟ ଆର୍ଯ୍ୟମାନଙ୍କ ବେଦ ଥିଲା, ଶ୍ରୁତି । ଶ୍ରୁତି କୋଇଲେ, ଶୁଣି ଶୁଣି ଲୋକେ ଯାହା ମନେ ରଖନ୍ତି । ବୈଦିକ ସ୍ତୁତି ଓ ଗାନ ସବୁ ପୁରୁଷାନୁକ୍ରମେ ଲୋକେ ଶୁଣି ଶୁଣି ମନେ ରଖୁଥିଲେ । ସେ କାଳେ ଅକ୍ଷର ନ ଥିଲା । ତେଣୁ ଲେଖା ନ ଥିଲା । ଅକ୍ଷର ହେବା କାଳରେ ମଧ୍ୟ ଲୁତ କଥା, ଲୋକକଥା ବା 'ରୂପକଥା', ଶିଶୁବୁଝା ଓ ଶିଶୁ

Digitized by srujanika@gmail.com

ସଂଚଳା ଗୀତ, ପୁରାଣ, କାହାଣୀ ଓ ସେଇଭଳି ବିଷୟର ଗୀତ ପ୍ରଭୃତି ଶୁଣିବାର ପରଂପରାରେ ଚଳୁଥିଲା । ଏବେ ବି ତା କେତେକ ଚଳେ । ମୁଦ୍ରାଯଂତ୍ର ନ ଥିଲା ବେଳେ ଏହାରି ବିଶେଷଭାବରେ ଲୋକସାହିତ୍ୟ ଥିଲା । ଆମ ଦେଶର ପ୍ରାକୃତ ତଥା ସଂସ୍କୃତ ପୁରାଣମାନଙ୍କରେ ସେଇସବୁ କଥାରୁ ବହୁତ ସଂଗୃହୀତ ହୋଇଥିଲା । ଏ ସବୁ ଲୋକ-ସାହିତ୍ୟ ଆମ ଦେଶରେ ମୁକ୍ତ ଭାବେ ଖୁବ୍ ପ୍ରଚଳିତ ଥିଲା । ଏବେ ବହୁତ ଲୁଚି ଯାଇଛି; କିଂତୁ ସବୁ ଲୁଚି ଯାଇ ନାହିଁ । ଏ ସବୁ ଏବେ ବି ଓଡ଼ିଆ ସାହିତ୍ୟ ହୋଇ ରହିଛି ।

## ସାହିତ୍ୟର ଆକ୍ରମଣ ଓ ପ୍ରଭାବ

କୋଲ, ସାନ୍ତାଳ, ଗଣ୍ଡ, ଭିଲ, ଶବର ପ୍ରଭୃତି ଅନେକ ଭାଷାର ସାହିତ୍ୟ ପୂରା ବା ଆଂଶିକ ଭାବରେ ଲୋପ ପାଇଛି । ଅନ୍ୟଭାଷା ଓ ସାହିତ୍ୟର ଆକ୍ରମଣରେ ଏହା ହୋଇଛି । ଏପରି ଆକ୍ରମଣ ମାନବ ସମାଜମାନଙ୍କ ଭିତରେ ସର୍ବଦା ଲାଗି ଆସିଛି । ଧନ ଓ ରାଜ୍ୟପାଇଁ ଯେଉଁ ଆକ୍ରମଣ, ଏ ଆକ୍ରମଣ ଠିକ୍ ସେଇପରି ବା ତାରି ସଂଗେ ହୋଇ ଆସିଛି । ଏଇ ଆକ୍ରମଣ ଓ ପରସ୍ପର ପ୍ରଭାବ ଭିତରେ ଆତ୍ମରକ୍ଷା କରି ପୁଷ୍କଳ, ବଳିଷ୍ଠ ଓ ପ୍ରତିଷ୍ଠିତ ଭାଷାରେ ସ୍ୱତନ୍ତ୍ର ସାହିତ୍ୟ ସବୁ ପ୍ରକାଶ ପାଇ ଆସିଛି । ଯେଉଁଠାରେ ଭାଷା ଏଇ ସାହିତ୍ୟ ଧରି ରଖିପାରି ନାଇ, ସେଠାରେ ସେ ଭାଷା ସ୍ୱାତନ୍ତ୍ର୍ୟ ହରାଇ ଲୁପ୍ତ ହୋଇଛି । ସେ ସାହିତ୍ୟ ହୁଏତ ଲୋପପାଇଛି; ହୁଏତ ବିଜୟୀର ସାହିତ୍ୟରେ ପୂରା ଆତ୍ମଦାନ କରି ଲୁଚି ଯାଇଛି । ସେ ସାହିତ୍ୟର ବିଶେଷ ମୂଲ୍ୟ ରହିନାଇ । ଅନ୍ୟଭାଷା ଓ ସାହିତ୍ୟର ଆକ୍ରମଣରେ ସେ ତିଷ୍ଠି ପାରି ନାଇ । ଭାଷାଗତ ସାହିତ୍ୟରେ ସମାଜର ଚିତ୍ର ଯେପରି କ୍ରମବର୍ଦ୍ଧିଷ୍ଣୁ ଭାବରେ ପ୍ରକାଶିତ ହୁଏ, ତାହିଁରେ ଆଉ ସେପରି ହେଉ ନାଇଁ ।

## ଭାଷା ଓ ସାହିତ୍ୟ, ସମାଜର ପୀଠ

ଏଇସବୁ ସାହିତ୍ୟିକ, ଆର୍ଥିକ, ତଥା ସେଇ ସଂଗେ ରାଜନୈତିକ ଆଘାତ, ପ୍ରତିଘାତ, ସଂଘର୍ଷ ଓ ସଂଗ୍ରାମ ଭିତରେ ପୃଥିବୀର ସମାଜ

Digitized by srujanika@gmail.com

ସଂଗଠନରେ ଏବେ ଯେଉଁ ନୂଆ ବୁଝାଣି, ଅର୍ଥାତ୍, ଆଦର୍ଶ ଓ ଓ କ୍ରିୟାଶୀଳ ଦୃଷ୍ଟିଭଙ୍ଗୀ ଫୁଟିଛି, ସେଥିରେ ଏଇ ଭାଷା ଓ ସାହିତ୍ୟକୁ ପୀଠଭୂରୂପେ ଧରି ସମାଜ ବିକାଶର ସ୍ୱାଧୀନତା କଳ୍ପନା କରାଯାଉଛି । ୧୯୨୧ ରେ ମହାତ୍ମା ଗାନ୍ଧି, ଅସହଯୋଗ ସାଧନା ଭିତ୍ତିକରି କଂଗ୍ରେସକୁ ହାତକୁ ନେଇ କାଳୁ ଭାଷା-ସୂତ୍ରରେ ପ୍ରଦେଶ ଭାଗ କରି ଭାରତ ସମାଜ ତଥା ସ୍ୱରାଜ୍ୟ ମୂଳକ ରାଜମଞ୍ଚକୁ ଦୃଢ଼ ଭିତ୍ତିରେ ସ୍ଥାପନ କରିଛନ୍ତି । ଏଥିରେହିଁ ପୂର୍ବ ସ୍ୱାଧୀନତା-ସଂଗ୍ରାମର ବହୁ ଜଟିଳତା ସରଳ ହୋଇ ଯାଇଛି । ଏହା କରିବା ପୁଣି ମହାତ୍ମା ଗାନ୍ଧିଙ୍କର ପ୍ରଥମ ଆବିଷ୍କ୍ରିୟା ନୁହେଁ । ଗତ ୧୯୧୪-୧୯୧୮ ର ମହାଯୁଦ୍ଧ ବେଳେ ଜାତି-ଭାବ ଘେନ ପୃଥିବୀରେ ଯେଉଁ ଜଟିଳତା, ସମାଜ ବିକାଶର ପ୍ରତ୍ୟବାୟ ବୋଲି ଧରା ପଡ଼ିଥିଲା, ତାର ସମାଧାନ ନିମନ୍ତେ ଏହା ସ୍ପଷ୍ଟ ପ୍ରକାଶ ପଡ଼ିଥିଲା । ଜାତି ଓ ସାମ୍ରାଜ୍ୟ-ଭାବ-ଭାବିତ ଜାତିସଂଘ ଏଇ ନୀତି ଧରି ପୂର୍ବ ମଧ୍ୟ-ଇଉରୋପର ଜାତି ଓ ଦେଶ ବାଣ୍ଟିବାରେ ଭାଷା ଓ ଭାଷାଗତ ସାହିତ୍ୟ ସୂତ୍ରରେ ଦେଶ ଗଢ଼ିବାଟାକୁ ମୂଳ କରି ଧରିବାକୁ ଯାଇଥିଲେ । ସେଥିପାଇଁ କୌଣସି ଦେଶରେ ଅନ୍ୟ ଭାଷା ଓ ସାହିତ୍ୟ ଆଦରଥିବା ଜନତା ପାଇଁ ନାନା ବ୍ୟବସ୍ଥାମାନ ଫିଟିଥିଲା । ପୁଣି ଏଇ ବ୍ୟବସ୍ଥାର ବିଘାତ ଓ ଅସନ୍ତୋଷ ଘେନି ଦ୍ୱିତୀୟ ମହାଯୁଦ୍ଧର ହେତୁମାନ ପ୍ରକାଶ ପାଇଥିଲା । ଏ ଯୁଗର ସାମାଜିକ ସ୍ୱାଧୀନତାରେ ଶ୍ରେଷ୍ଠ ଆଦର୍ଶବାଦୀ ରୁଷିଆ ନିଜର ଜନସ୍ୱାଧୀନତାର ସମାଜ-ତନ୍ତ୍ରକୁ ପୁରାପୁରି ଏଇ ଭାଷା ଓ ସାହିତ୍ୟ ପୀଠରେ ସେଇକାଳୁ ଦୃଢ଼ ଭାବରେ ରଖି ଆସିଛି । ଏବର ରୁଷିଆ କେତେଗୁଡ଼ିଏ ସ୍ୱାଧୀନ 'ଶୋଭିଏଟ' ବା ସ୍ୱତନ୍ତ୍ର ପ୍ରଦେଶର ସଙ୍ଘ ବା ଇଉନିୟନ ( union ) । ଏଇ 'ଶୋଭିଏଟ୍' ସ୍ୱାତନ୍ତ୍ର୍ୟର ଖାଲି ମୁଖ୍ୟ କାହିଁକି, ଏକମାତ୍ର ସଙ୍କେତ ହେଉଛି, ଭାଷା ଓ ସାହିତ୍ୟ । ଏହାର ଭୂମିଖଣ୍ଡ ବା ଦେଶଖଣ୍ଡର ଜନତା ପାଇଁ ଶୋଭିଏଟ-ସଙ୍ଘ ପ୍ରତି ବିଶେଷ ଅନୁରକ୍ତି ଓ ଆକର୍ଷଣର ଗୋଟିଏ ହେତୁ କହିଲେ ଚଳେ । ଅନ୍ୟଥା ଜଗତକୁ ଯେଉଁ ରାଜ୍ୟାନୁବନ୍ଧରେ ବୁଲାଇ ଓ ଭଲାଇ ସମାଜ ଗଢ଼ିବାର ଯେ ପରମ୍ପରା ଚାଲିଥିଲା, ବା ଏବେ କେତେକ ଗତାନୁଗତିକ-ପନ୍ଥୀଙ୍କ

Digitized by srujanika@gmail.com

ଆଦର୍ଶରୁ ହୁଏତ ଯାଇ ନାଇ, ସେ ସବୁ ପୁରୁଣା ପଂଥା ଓ ଭଙ୍ଗୀ ଆଦର୍ଶ ଆଉ ରହୁନାଇ, ରହିବ ନାଇ ।

## ବିଶ୍ୱ ପ୍ରକାଶର ଶୃଙ୍ଖଳା

ଏକରେ ବହୁ ଓ ବହୁରେ ଏକ—ଏହାହିଁ ହେଉଛି ବିଶ୍ୱ ପ୍ରକାଶର ଶୃଙ୍ଖଳା । ସମାଜ ଶୃଙ୍ଖଳାର ବିକାଶରେ ଏହାହିଁ ଦେଖାଯାଏ; ଏହି ଅନୁକ୍ରମେ ସମାଜ ଶୃଙ୍ଖଳାର କଳନା କରି ସମାଜର ବିକାଶ ଦେଖିବାକୁ ହେବ । ଉଦାହରଣରେ ଦେଖ, ଗୋଟିଏ ଗଛ । ସେଥିରେ ଚେର ଅଛି, ଗଣ୍ଡି ଅଛି, ଡ଼ାଳ ଅଛି, ପତ୍ର ଅଛି, ଫୁଲ ଅଛି, ଫଳ ଅଛି ଇତ୍ୟାଦି । ଚେର, ଗଣ୍ଡି, ଡ଼ାଳ, ପତ୍ର ପ୍ରଭୃତି ସମସ୍ତେ ଭିନ୍ନ ଭିନ୍ନ । ଚେର, ଡ଼ାଳ ନୁହେ, ଡାଳ, ପତ୍ର ନୁହେ, ପତ୍ର, ଗଣ୍ଡି ନୁହେ, କେହି କାହାରି ପରି ନୁହନ୍ତି; ବା ଗୋଟିଏ ଅନ୍ୟଟି ନୁହେ । ଏମାନଙ୍କ ଭିତରୁ କେହି ମଧ୍ୟ ଗଛ ନୁହେ । କିନ୍ତୁ ଏମାନେ ନଥିଲେ ଗଛ ନାହିଁ, କି ଗଛ ନ ଥିଲେ, ଏମାନେ ନାହାନ୍ତି । ଏମାନଙ୍କ ଭିତରେ ମଧ୍ୟ ଗୋଟିଏ ନଥିଲେ ଅନ୍ୟଟି ନାଇ, ଅର୍ଥାତ୍, ଗୋଟିକର ବସ୍ତୁତ୍ୱ-ଧାରଣା ସଙ୍ଗେ ଅନ୍ୟଟିର ବସ୍ତୁତ୍ୱ-ଧାରଣା ଜଡ଼ିତ ରହିଛି । ଡ଼ାଳ ବୋଇଲେ, ଗଛ, ପତ୍ର, ଫଳ ପ୍ରଭୃତି ସମ୍ପର୍କରେ ତାକୁ ବୁଝିବାକୁ ହେବ । ତା ନହେଲେ, ଯେ କୌଣସି କାଠ ଖଣ୍ଡ ଡାଳ ନୁହେ । ଏହିପରି ପରସ୍ପର ସମ୍ପର୍କ ହେତୁ ସେ ବସ୍ତୁଗୁଡ଼ିକ ସେହି ସେହି ନାମରେ ବସ୍ତୁତ୍ୱ ପାଆନ୍ତି ଓ ବୁଝାଯାଆନ୍ତି ।

## ବ୍ୟକ୍ତି ଓ ସଂହତିର ସଂପର୍କ

ପୁଣି ଏ ବସ୍ତୁତ୍ୱ-ହିବ ଛଡ଼ା, ଭୌତିକଭାବରେ ମଧ୍ୟ କଥାଟି ଦେଖାଯାଉ । ଡ଼ାଳ ପତ୍ର ପ୍ରଭୃତି ସମସ୍ତେ ନିଜ ନିଜ ହିସାବରେ ପୁଷ୍ଟ ଓ ବଳିଷ୍ଠ ହେଲେ, ଗଛଟି ପୁଷ୍ଟ ଓ ବଳିଷ୍ଠ ହେବ । ଗଛଟି ପୁଷ୍ଟ ଓ ବଳିଷ୍ଠ ହେବାର ଅର୍ଥ ହେଉଛି, ପୁଣି ଏହିମାନେ ପୁଷ୍ଟ ଓ ବଳିଷ୍ଠ ହେବା । ଗଛ ବୋଲି ଯେଉଁ ବସ୍ତୁ, ସେଥିରେ ଡ଼ାଳ ନାହିଁ, କି ପତ୍ର ନାହିଁ କି

Digitized by srujanika@gmail.com

ଅନ୍ୟ କୌଣସି ବସ୍ତୁ ନାହିଁ—ସେ ସ୍ୱତନ୍ତ୍ର । ସେହିପରି ସ୍ୱତନ୍ତ୍ର ବସ୍ତୁମାନଙ୍କ ସମଷ୍ଟିରେ ପୁଣି ଗଛ ବୋଲି ବସ୍ତୁଟିର ପ୍ରକାଶ । ଗଛବୋଲି ଗୋଟିଏ ସ୍ୱତନ୍ତ୍ର ବସ୍ତୁ । କିନ୍ତୁ ଡାଳ ପ୍ରଭୃତି ବସ୍ତୁମାନଙ୍କର ଶୃଙ୍ଖଳିତ ସଂହତିରେହିଁ ସେ ସ୍ୱତନ୍ତ୍ର ବସ୍ତୁଟିର ପ୍ରକାଶ । ସେହିପରି ଡାଳବୋଲି ଯେଉଁ ବସ୍ତୁଟି ଅଛି, ସେ ଗୋଟିଏ ସ୍ୱତନ୍ତ୍ର ବସ୍ତୁ । ସ୍ୱତନ୍ତ୍ର ଭାବରେ ବ୍ୟକ୍ତ ବା ପ୍ରକାଶ ହୋଇ ଥିବାରୁ ଦାର୍ଶନିକ ଭାଷାରେ ଏହିପରି ଧାରଣାରେ ସ୍ୱତନ୍ତ୍ର ବସ୍ତୁକୁ 'ବ୍ୟକ୍ତି' କହନ୍ତି । ଏହି ଡାଳବୋଲି ଯେଉଁ ବ୍ୟକ୍ତି, ସେଥିରେ ପୁଣି କାଠ, ପ୍ରଶାଖା, ପତ୍ର, କଢ଼ି ଓ ଫୁଲ, ଏହିପରି କେତେ ଭିନ୍ନ ଭିନ୍ନ ବ୍ୟକ୍ତି । ଏ ବ୍ୟକ୍ତିରୁ ଗୋଟିଏ ଧର, ପତ୍ର । ସେଥିରେ ପୁଣି ଶିରା, ଡେମ୍ଫ, ପଟି, ପେଟ, ହରିତ-କଣିକା ଇତ୍ୟାଦି । ସମସ୍ତେ ଗୋଟିଏ ଗୋଟିଏ ବ୍ୟକ୍ତି । ଏକ ସଂହତି ଭେଦ ବା ସଂହତିରେ ଯାହାର ପ୍ରକାଶ, ଅନ୍ୟ ସଂହତିରେ ପୁଣି ସେହି ଏକ ବ୍ୟକ୍ତି । ପ୍ରତ୍ୟେକ ବ୍ୟକ୍ତିକୁ ଏକ ଆଡ଼େ ଦେଖିଲେ ସେ ବ୍ୟକ୍ତି ଓ ଅନ୍ୟଆଡ଼ୁ ଦେଖିଲେ ସେ ଏକ ସଂହତି । ସଂହତିରେ ବ୍ୟକ୍ତି ରହିଛି, ପୁଣି ବ୍ୟକ୍ତିରେ ସଂହତି ରହିଛି । ଅଥଚ ସବୁ ବ୍ୟକ୍ତି, ସ୍ୱତନ୍ତ୍ର ପ୍ରକାଶ; ସେ ସଂହତିର ଅଙ୍ଗୀଭୂତ ହେଲେହେଁ ସଂହତି ଭିତରେ ଲୀନ ନୁହେଁ । ତାର ସ୍ୱାତନ୍ତ୍ର୍ୟ ପୁଷ୍ଟି ନଥିଲେ ମଧ୍ୟ ସଂହତିର ଧାରଣା ନାହିଁ । ପ୍ରକାଶର ଏ ଗୋଟିଏ ରହସ୍ୟ । ଏହି ବ୍ୟକ୍ତି-ସଂହତିର ପ୍ରକାଶ ହେଉଛି, ବିଶ୍ୱ ପ୍ରକାଶର ପରମ୍ପରା । ଏଥିରେ ସମସ୍ତେ ବ୍ୟକ୍ତି ହିସାବରେ ସ୍ୱତନ୍ତ୍ର—ପୂର୍ଣ୍ଣ ପୁଷ୍ଟି ସ୍ୱତନ୍ତ୍ର; ଅଥଚ, କେହି ସ୍ୱତନ୍ତ୍ର ହୋଇ ଅଲଗା ନୁହେଁ । ସମସ୍ତେ ସମଷ୍ଟିରେ ଏକ; ପୁଣି ସମସ୍ତେ ବ୍ୟଷ୍ଟିରେ ଅଲଗା । ଏହାହିଁ ହେଉଛି ବହୁରେ ଏକ ଓ ଏକରେ ବହୁ । ବେଦରେ ଏହି ବିଶ୍ୱ ଶୃଙ୍ଖଳାକୁ କହନ୍ତି, 'ଋତ' । ଏଥିରେହିଁ 'ସତ୍ୟ' ବା ବିଶ୍ୱର ପ୍ରକାଶ ଧରା ହୋଇ ରହିଛି । ବିଶ୍ୱମୂଳଙ୍କ 'ତପସ୍ୟା', ପ୍ରଯତ୍ନ ବା ଈଶ୍ୱରର 'ଇଚ୍ଛା'ରେ ଏହି ପ୍ରକାଶ ଚାଲିଛି ।

## ତଦନୁକ୍ରମେ ସମାଜ ପ୍ରକାଶ

ମାନବ ସମାଜର ପ୍ରକାଶ ଠିକ୍ ଏହି ନିୟମରେ କଳ୍ପନା କରିବାକୁ ହେବ । ଗୋଟିଏ ଭୂମିଖଣ୍ଡ ଓ ଭାଷା ଧରି, ଧର, ତହିଁରେ ଜନପଦର

Digitized by srujanika@gmail.com

ଗୋଟିଏ ବ୍ୟକ୍ତି ପ୍ରକାଶ ପାଏ । ପଛରେ ତାର ପ୍ରକାଶ ପାଇଲା ପରି, ଧର, ଭାରତ ସମାଜ । ଏଇପରି ସଙ୍ଗଠନରେ ବିଶ୍ୱ ମାନବ ସମାଜ ରୂପକ ବ୍ୟକ୍ତିର ପ୍ରକାଶ—ସମସ୍ତେ ଭିନ୍ନ; ଅଥଚ, ସମସ୍ତେ ପରସ୍ପରର ନିତ୍ୟ ଓ ଅଚ୍ଛେଦ୍ୟ ସଂବନ୍ଧରେ ଏକ । ନିତ୍ୟ ଆଦାନ-ପ୍ରଦାନର ପରଂପରାରେ ସମସ୍ତେ ଏକ ହେଲେହେଁ, କେହି କାହାର ସଙ୍ଗେ ମିଶି ଏକ ନୁହନ୍ତି—ସମସ୍ତେ ସ୍ୱତନ୍ତ୍ର ।

## ଭାଷା ଓ ସାହିତ୍ୟରେ ଏହାର ସଙ୍କେତ

ସେଇ ଗଛ ସଙ୍କେତରେ କଥାଟି ଆଉରି ସ୍ପଷ୍ଟ କରାଯାଉ । ଗଛର କେଉଁ ପତ୍ର ମଳକୁ ପଚିଯାଏ, ବା ଅକାଳରେ ଶୁଖି ଝଡ଼ିପଡ଼େ । କେଉଁ ଡାଳଟା ମରିଯାଏ । ଗଛର ସେଥିରେ ସାମୟିକ କ୍ଷତି ବି ହୁଏ । ମାତ୍ର ବ୍ୟକ୍ତି ହିସାବରେ ଗଛର ସେଥିରେ ହାନି ହୁଏ ନାହିଁ । ବିଶ୍ୱ-ମୂଳଙ୍କ 'ତପସ୍ୟା' ବା 'ଇଚ୍ଛା'ରେ ଏହା କାହିଁକି ହୁଏ, ସେଠି ଉଦ୍ଦେଶ୍ୟ ବା ଆଦର୍ଶ ଠିକ କଣ, ତା ଜାଣି ହୁଏ ନାହିଁ । ମାତ୍ର ଗଛ ଛଆରି କରିବାରେ ମାନବର କୌଣସି ଆଦର୍ଶ ବା ଉଦ୍ଦେଶ୍ୟରେ ଡାଳ ପତ୍ର କଟାହୁଏ । ମାନବ ସମାଜରେ ମାନବ କଳ୍ପନାରେ ସେଇପରି କୌଣସି ଆଦର୍ଶ ବା ଉଦ୍ଦେଶ୍ୟ ଯେବେ ଦରକାର ମନେ କରିହେଲେ କୌଣସି ଭାଷା ଓ ସାହିତ୍ୟଟାକୁ ମାରି ଦିଆ ନ ହୁଏ, ନୁହେଁ । ଜଗତରେ ଏହା ହୋଇଛି ଓ ହେଉଛି । ମାନବର କଳ୍ପିତ ଉଦ୍ଦେଶ୍ୟ ଯେବେ ପୁଣି ଏହା ହୁଏ । ଇଂରେଜ ସାମ୍ରାଜ୍ୟର ଶୃଙ୍ଖଳା ଓ ଶୋଷଣ ସୁବିଧା ପାଇଁ ଇଂରେଜୀ ଭାଷା ଏଇପରି ଭର୍ତ୍ତି କରାଯାଇଛି । କାଥଲିକ ଖ୍ରୀଷ୍ଟାନ ଧର୍ମର ସୁବିଧା ପାଇଁ ଲାଟିନ୍, ମୁସଲମାନର ସୁବିଧା ପାଇଁ ଆରବୀ, ପର୍ତ୍ତୁଗାଲ ଓ ସ୍ପେନର ସୁବିଧା ପାଇଁ ଦକ୍ଷିଣ ଆମେରିକା ପ୍ରଭୃତିରେ ପର୍ତ୍ତୁଗୀଜ ଓ ସ୍ପାନିଶ୍ ପ୍ରଭୃତି ଭର୍ତ୍ତି କରାଯାଇଛି । ଏଇ ଭାରତରେ ମଧ୍ୟ ସୁସଭ୍ୟ ଦ୍ରାବିଡ଼ ଭାଷା ଓ ସାହିତ୍ୟ ପର୍ଯ୍ୟନ୍ତ ଅନେକ ଭୂମିରେ ଲୋପ କରା ହୋଇଛି । ଗଣ୍ଡ, କୋଲ ପ୍ରଭୃତି ଭାଷା ପ୍ରାୟ ନାହିଁ । ଅତୀତରେ ମଧ୍ୟ ଘୋର ସଂଘର୍ଷ ଭିତରେ ପଡ଼ି ବାବିଲନ୍, ପ୍ରାଚୀନ ମିଶର, ପ୍ରାକ୍-ମୁସଲିମ ପାରସ୍ୟ ପରି ସଭ୍ୟତା ଓ ବିକଶିତ ସାହିତ୍ୟ ଯାଇଛି । ପ୍ରାକ୍-ବୈଦିକ ଭାରତର ବିରାଟ ଓ ବିଶାଳ ଅସୁର

Digitized by srujanika@gmail.com

ସଭ୍ୟତା ଓ ସାହିତ୍ୟ ଯେପରି ରହିବାର କଥା ସେପରି ଆଜି ନାହିଁ । ଏବେ ମଧ୍ୟ ଏଇ ଭାରତରେ ସେ ଗତି, ପରଂପରା ସ୍ଥିତ ନାହିଁ । କୃତ୍ରିମ ଭାବରେ ସେ ପେଷଣ ଚାଲିଛି । ନାଗା ପ୍ରଭୃତିଙ୍କୁ ଆସାମି କରା ହେଉଛି । ସାନ୍ତାଳଙ୍କୁ ବଙ୍ଗାଳୀ କରାଯାଉ ଥିଲା । 'ହୋ' ମାନେ ଓଡ଼ିଆ ହେଉଥିଲେ; ଏବେ ହିଏତ ଧରି ମାରି ସେମାନଙ୍କୁ ହିନ୍ଦୀ କରାଯାଉଛି । ମୈଥିଳୀ, ମଗଧୀ, ଭୋଜପୁରୀ, ବିହାରର ଏଇ ତିନି ଭାଷାକୁ ହିନ୍ଦୁସ୍ଥାନୀର ଚାପରେ ଧ୍ୱଂସ କରିବାର କ୍ରିୟା ଚାଲିଛି ।

## ଭାରତରେ ରାଜନୀତିକ ବିଭ୍ରାନ୍ତି

ଭାରତ ରାଜନୀତିରେ ଏବେ ପୁଣି ଏକ ନୂଆ ଉଦ୍ଦେଶ୍ୟ ଦେଖା ଦେଇଛି । ସେ ହେଉଛି, ମୁସଲମାନର ସାମ୍ପ୍ରଦାୟିକ ସମାଜ-ନୀତି । ସେଥିରେ ଉର୍ଦ୍ଦୁ ଭାଷା ଓ ସାହିତ୍ୟ ଫୁଟିଛି । ମୁସଲମାନ ହେଲା ମାତ୍ରେ, ବ୍ୟକ୍ତିର ତଥା ସମାଜର—ସାମାଜିକ ବ୍ୟକ୍ତିର ମୌଳିକ ଭାଷା ଓ ସାହିତ୍ୟରୁ ତାକୁ ଛଡ଼ାଇ ଦିଆଯାଉଛି । ସେଥିରେ ଏକ ସାହିତ୍ୟିକ ମତାନ୍ଧତା ଫୁଟି, ଏକ କୃତ୍ରିମ ଏକତା ପ୍ରକାଶ ପାଉଛି । ରାଜନୀତିକ ସ୍ୱାଧୀନତା ପାଇଁ ଆମେ ସମସ୍ତେ ଏକ ହୋଇ ଲାଗିଥିଲୁ । ସେ ଏକତା, ସମାଜ ବିକାଶରେ ଯଥାର୍ଥ ଏକତା ନୁହେଁ । ସଂଗ୍ରାମରେ ବିଜୟ ନିମନ୍ତେ ସେ ଏକ କୃତ୍ରିମ ଏକତା । ସେ ସ୍ୱାଧୀନତା ଆମେ ପାଇଛୁ । କିଂତୁ ସେ ଏକତା ଏବେ ଆଉ ରହିବାର ନୁହେଁ । ଦୁଃସ୍ଥ ଦରିଦ୍ର ସଂଗେ ଧନୀ ମାନୀ ଓ ଯୁଦ୍ଧବେଳ ନେତାଙ୍କର ଏକତା ସମାଜର ସ୍ୱାଧୀନତାର ଏକତା ନୁହେଁ । ଏହା ବହୁରେ ଏକ, ଓ ଏକରେ ବହୁ ନୁହେଁ । ଏଥିରେ ଜାତିର ସ୍ୱାଧୀନତା ସଂଗେ ସମାଜ ତଥା ବ୍ୟକ୍ତିର ସ୍ୱାଧୀନତା କି ସଂପର୍କରେ ଧରା ହେବ ତା ସ୍ପଷ୍ଟ ହେଉ ନାହିଁ—ହିଏତ ତାର ବିଚାର ଫୁଟୁ ନାହିଁ । ଇଂରେଜ ସାମ୍ରାଜ୍ୟରେ ଆମେ ଥିବାରୁ ସେମାନେ ଆମକୁ ଶୋଷଣ କରୁଥିଲେ । ସେମାନେ ଯାହା ଶୋଷଣ କରୁଥିଲେ, ତାକୁ ଆମେ ଆମର କରି ଭୋଗ କରିବା; ସେଥିପାଇଁ ଦେଶଟାକୁ ଗୋଟାଏ କରିବା; ଏପରିକି, ଭାଷା ଓ ସାହିତ୍ୟ ଯେନ ପ୍ରାଦେଶିକତା ରଖିବା ନାହିଁ; ଗୋଟାଏ ଜାତୀୟ

Digitized by srujanika@gmail.com

ହିଂସାରେ ସବୁ ବୁଡ଼ାଇ ଦେବା; ହୁଏତ ଗୋଟାଏ ସାହିତ୍ୟ ଫୁଟାଇବା ପ୍ରବୃତ୍ତି କେତେ ଦୂରଏ ଅଶାନ୍ତ ଓ ଅବାଞ୍ଛିତ ନୀତିର ଆବେଗରେ ବିକଶିତ କଳ୍ପନା କରାଯାଉଛି । ମୁସଲମାନମାନେ ଧର୍ମ ଓ ଭାଷା ଭେଦ ଇଂରେଜଙ୍କୁ ବାଣ୍ଟି ନିଜ ଭାଗ ନେଇ ଯିବା ଆମର ଯେଉଁ ଆତଙ୍କ ଓ ଆକାଂକ୍ଷା ସୃଷ୍ଟି ହୋଇଛି, ତା ଫଳରେ ମଧ୍ୟ ଏ ପ୍ରତିକ୍ରିୟା ପ୍ରକାଶ ପାଇଛି ବୋଲି କୁହାଯାଇ ପାରେ ।

## ଐତିହାସିକ ଘଟଣାର ଉଦାହରଣରେ ଏହାର କଳନା

ଏହିପରି ପ୍ରତିକ୍ରିୟାରେ ଦିନେ ଆମ କର୍ମବିଭାଗ, ଜାତି ଭେଦରେ ପରିଣତ ହୋଇ, ଅସହଯୋଗର ସଙ୍କୋଚରେ କ୍ରମେ ଘରକେ ଜାତିଏ ସୃଷ୍ଟି କରି ଥିଲା । ବିଦେଶୀ ଓ ବିଧର୍ମୀ ସଂଗେ ସ୍ପର୍ଶ ଓ ସଂପର୍କ ତ୍ୟାଗକରି ଆତ୍ମରକ୍ଷା କରୁ କରୁ ଆମେ ଅସ୍ପୃଶ୍ୟତାର ସହସ୍ର ସୋପାନ ଗଢ଼ି ଅନନ୍ତ ଲୀଳା ସୃଷ୍ଟି କରି ସମାଜକୁ ବଂଚାଇ ରଖି ରଖି ବୀଭତ୍ସ କରି ଥିଲୁ । ଅଜ୍ଞାତ ଭାବରେ ବିରୋଧରେ ସମାନ ହୋଇ ହୋଇ, ସତୀଦାହ, ବହୁନାରୀ ପରିଗ୍ରହ ଓ ବହୁନାରୀ ସମନ୍ୱିତ ନାରୀମହଲ ସବୁ ସୃଷ୍ଟି କରିବା ଆଦି ଆପଣାର କରିଥିଲୁ । ଇତିହାସରେ ପ୍ରମାଣ ଅଛି, ବିଜୟନଗରର ମହାରାଜ ନିହତ ହେବା ପରେ ତାଂକ ରାଣୀ-ମହଲ ଫିଟାଇ ଦେବାରେ ଦେଖାଯାଇଥିଲା, ତାଙ୍କର ରାଣୀ ଥିଲେ, ସଂଖ୍ୟାରେ ବାର ହଜାର । ସେଥିରୁ ତିନି ହଜାର ରାଣୀ ପୁଣି ମହାରାଜାଙ୍କ ଚିତାରେ ସତୀଯିବା ପାଇଁ ସଂକଳ୍ପ-ବଦ୍ଧ ଥିଲେ । ଏସବୁ ଖାଣ୍ଟି ଭାରତ ସଂସ୍କୃତିର ଅନୁମୋଦିତ ନୁହେ, କି ସ୍ୱାଭାବିକ ବିକାଶ ନୁହେ । ଆଜି ପାକିସ୍ତାନରେ ରାଜିଆ ହୋଇ ସେଡ଼ାରେ ସହସ୍ରେ ସାପ ବୁଲି ଏତ କଲପରି ହିନ୍ଦୁସ୍ଥାନକୁ ଏକାଠିକରି ଦୃଢ଼ ଓ ବଳିଷ୍ଠ ରଖିବାର କଳ୍ପନାରେ ସେଇ ପରଂପରାଗତ ହୀନତା, ବିଚକ୍ଷଣତାରୂପରେ ପ୍ରକାଶ ପାଇବା ବିଚିତ୍ର ନୁହେ । ସେଥିରେ ପୁଣି ଆମ ସାହିତ୍ୟର ଆଲୋଚନାରେ ଆବଶ୍ୟକତା ଓ ଉପଯୋଗିତାର ଦୃଷ୍ଟିଭଙ୍ଗୀ ଯେଉଁ ପ୍ରକାର ଧରିବ, ସେଥିରେ ସମସ୍ତ ଦୃଶ୍ୟ ବଦଳି ଯାଇ ପାରେ ।

Digitized by srujanika@gmail.com

## ଭୂମିଖଣ୍ଡରେ ନିବଦ୍ଧ ଭାଷାଇ ସମାଜ ଓ ସାହିତ୍ୟର ମୂଳ

ସେଥିପାଇଁ ମୂଳକୁ ବୁଝି ରଖିବାର ଅଛି, ପୃଥିବୀରେ ଆଜି ସମାଜ ଗଠନର ଆଦର୍ଶ ଓ ଉଦ୍ଦେଶ୍ୟ ଯାହା ହୋଇଛି, ସେଇ ଦୃଷ୍ଟିରେ ଆମ ସାହିତ୍ୟର ଆଲୋଚନା କରିବାକୁ ହେବ । ସେଇମାପରେ ତା ଅନ୍ତରର ଇତିହାସ ଫେଡ଼ି ଦେଖିବାକୁ ହେବ । ଆଜି ଭାଷା ଓ ସାହିତ୍ୟ ହେଉଛି, ସମାଜ-ଗଠନ ଓ ସମାଜ-ପ୍ରତିଷ୍ଠାର ମୂଳଭିତ୍ତି । ସ୍ୱାଧୀନ ସମାଜରେ ସ୍ୱାଧୀନ ବଂଶର ସ୍ୱଚ୍ଛନ୍ଦ ବିକାଶ, ଏଇ ଭିତ୍ତିରେଇ ସମ୍ଭବ । ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ନିବଦ୍ଧ ଭାଷା ଓ ସାହିତ୍ୟକୁ ମୂଳକରି ମାନବ ସମାଜର ବିକାଶ କରିବା ଓ କରାଇବା, ପୁଣି ସେଇ ଭିତ୍ତିରେ ଅର୍ଥନୀତି ଓ ରାଷ୍ଟ୍ରନୀତି ଫିଟାଇବା ହେଉଛି, ସମାଜ ବିକାଶର ସ୍ୱାଭାବିକ ଧାରା । ଏ ସମ୍ବନ୍ଧରେ ପୂର୍ବେ ଯାହା ସନ୍ଦେହ ଓ ଭ୍ରମର ଜଟିଳତା ଥିଲା, ତା ଏବେ ଇତିହାସ ଓ ଗବେଷଣା ଭୂମିକୁ ଚାଲି ଯାଇଛି । ଭାଷାରେ ଭାବ ପ୍ରକାଶ ଲଭି, ମାନବର ସମାଜ ପ୍ରଥମେ ଫୁଟିଥିଲା । ସେଥିରୁ ସାହିତ୍ୟ ପ୍ରକାଶ ପାଇଲା । ଏବେ ନାନା ଉତ୍ପାତ ଭିତରେ ପୁଣି ସମାଜର ମୂଳ ସେଇ ଭାଷା ଓ ସାହିତ୍ୟକୁ ଆସୁଛି । ଅବଶ୍ୟ ଏଇ ସ୍ୱାଭାବିକ ବିକାଶ ଅନୁଧାବନ ଓ ଅନୁସରଣ କରିବାରେ, ଗଛକୁ କାଟି ବଢ଼ାଇଲା ପରି, ସମାଜ ଓ ସାହିତ୍ୟକୁ ଉପଯୋଗିତା ଦୃଷ୍ଟିରେ ସଜାଡ଼ି କରି ବଢ଼ାଇବାକୁ ନ ହେବ, ନୁହେଁ । ବିଶେଷରେ ଏକ ଭାଷା ଓ ସାହିତ୍ୟ ଯେଉଁ ବଢ଼ିଥିବା ବା ବଢ଼ୁଥିବା ଭୂମିଖଣ୍ଡର ସମାଜକୁ ଆଗନ୍ତୁକ ଭାଷା ଓ ସାହିତ୍ୟର ଅଯଥା ଆକ୍ରମଣରୁ ରକ୍ଷାକରି ସ୍ୱାଧୀନ ବିକାଶର ସୁବିଧା ଉନ୍ମୁକ୍ତ କରିବା ଓ ରଖିବାରେ ଏହା ପୁଣି ବିଶେଷ ଦରକାର । ଐତିହାସିକ, ଅର୍ଥିକ ଓ ରାଜନୈତିକ କାରଣରୁ ଓଡ଼ିଆ ସାହିତ୍ୟର ସେ ଦରକାର ପୁଣି ଆଜି ଖୁବ ପଡ଼ୁଛି ।

## ଭାଷା ଓ ସାହିତ୍ୟର 'ଗୋଷ୍ଠୀ'କୁ ଧରି ମାନବ ସମାଜ ବୁଝିବାକୁ ହେବ

ଗୋଷ୍ଠୀକୁ ମୂଳକରି ମାନବ ସମାଜ କଳନା କରାଯାଏ । କି ଆଦର୍ଶରେ ଓ କି ଉଦ୍ଦେଶ୍ୟ ସାଧନ ପାଇଁ ଏଇ ଗୋଷ୍ଠୀ ହୋଇଛି, ତାହାର ଦେଖି,

Digitized by srujanika@gmail.com

ସେ ଗୋଷ୍ଠୀ ହେଉନ୍ତୁ କି ଅହେନ୍ତୁ, ତା ବୁଝିବାକୁ ହେବ । ଏହି ଗୋଷ୍ଠୀ ରକ୍ତ ସଂପର୍କ ଭେଦ ହୋଇ ପାରେ, ଧର୍ମ ଭେଦ ହୋଇ ପାରେ, ଅନ୍ୟର ଶୋଷଣ ପାଇଁ, ରାଜା ବା ନେତାଙ୍କ ପ୍ରତିଷ୍ଠା ପାଇଁ, ଭକ୍ତ ବା ସଙ୍ଘ୍ୟାନୁରକ୍ତିର ଅଜ୍ଞତାରେ ହୋଇପାରେ କିଂବା ଭାଷା ଓ ସାହିତ୍ୟକୁ ଧରି ହୋଇ ପାରେ । ଏ ସବୁ ଭିତରେ ସାହିତ୍ୟକୁ ଧରି ଗୋଷ୍ଠୀର ଯେଉଁ ବିକାଶ, ସେହି ଏକା ମାନବ ସମାଜର ଶ୍ରେଷ୍ଠ ବିକାଶ । ଓଡ଼ିଆ ସାହିତ୍ୟର କ୍ରମ-ପରିଣାମରେ ଆମକୁ ଭାରତୀୟ ତଥା ବିଶ୍ୱ ସମାଜ ପ୍ରଗତିରେ ଓଡ଼ିଆର ସେହି ଗୋଷ୍ଠୀ ବିକାଶ ବା ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ଗତି ଫେରି ଦେଖିବାକୁ ହେବ । ଏହି ଗତିରେ ଇତିହାସରେ ଓଡ଼ିଆ ସାହିତ୍ୟ ବହୁ ଆକ୍ରମଣର ଧକ୍କା ସହିଛି ଓ ସଂଭାଳି ନିଜକୁ ଠିକ୍ ରଖିଛି; ସେଥିପାଇଁ ଥରକୁ ଥର ଉଠିଛି, ପଡ଼ିଛି, ଭାଂଗି ପଡ଼ୁଛି, ପୁଣି ସେହି ଭଙ୍ଗିବାରେ ଆପଣାକୁ ସଜାଡ଼ି ଗଢ଼ି ହୋଇ ଉଠୁଛି ।

## ଓଡ଼ିଆଙ୍କ ଭିତରେ ଶବର

ଓଡ଼ିଆ ସାହିତ୍ୟ ତଥା ସଭ୍ୟତାର ବିକାଶ ମୂଳକୁ ଅନୁସନ୍ଧାନ କରିବାକୁ ହେଲେ କାଳ ସ୍ରୋତରେ ବହୁଦୂର ଉଜାଣି ଉଠିବାକୁ ହେବ । ଓଡ଼ିଆ ପରି ଆଉ ଗୋଟିଏ ପ୍ରାଚୀନ ଓ ଜୀବନ୍ତ ମାନବ ଗୋଷ୍ଠୀ ପୃଥିବୀରେ ଅଛି କି ନା ସନ୍ଦେହ । ଥିଲେହେଁ ଏବେ ବି ତା ଜଣା ନାହିଁ । ଓଡ଼ିଶାର ଜନତାରେ ତଥା ସଭ୍ୟତାରେ ଏବେ ବି 'ଶବର' ଅଛନ୍ତି । ଶବରମାନେ ପୁଣି ହେଉଛନ୍ତି, ଭାରତରେ ଅତି ପ୍ରାଚୀନ ମାନବ ସମାଜର ଅବଶେଷ । ଏମାନେ, ଖୁବ୍ ସମ୍ଭବ, ଭାରତର ଏବଂ ସବୁ ଲୋକଙ୍କ ଭିତରେ ଆଦିମ । ଭାରତରୁ ଅଷ୍ଟ୍ରେଲିଆ ବାଟେ ଆମେରିକା ପର୍ଯ୍ୟନ୍ତ ସବୁ ଦ୍ୱୀପମାନଙ୍କରେ ଏମାନଙ୍କ ରକ୍ତ-ସଂପର୍କୀମାନେ ଅଛନ୍ତି ବୋଲି ତତ୍ତ୍ୱବିଦ ପଣ୍ଡିତମାନଙ୍କ ମତ । ଅତି ଆଦିମ କାଳରୁ ଏମାନେ ସେହି ସବୁ ଦ୍ୱୀପ ବାଟେ ଆମେରିକା ପର୍ଯ୍ୟନ୍ତ ନିଜର ଭାଷା ଓ ସଭ୍ୟତା ପ୍ରଚାର କରି ଥିବାରେ ସଂଦେହ ନାହିଁ । ନାନା ଅଘାତ, ପ୍ରତିଘାତ ଓ

Digitized by srujanika@gmail.com

ମିଶ୍ରଣ ମଧ୍ୟରେ ଏବେ ପ୍ରାକୃତିକ ଓଡ଼ିଶାରେ ଶବରଙ୍କ ଛଡ଼ା ଗାଦବା, ମୁଣ୍ଡା, ହୋ ଓ ସାଂଥାଳମାନେ ଏହି ଜାତୀୟ ଓ ସେମାନେ ଏହି ଜାତୀୟ ଭାଷା ଧରି ରହିଚନ୍ତି । ଏମାନଙ୍କ ସଂଖ୍ୟା ଓଡ଼ିଆଙ୍କ ଭିତରେ ୩୦ ଲକ୍ଷରୁ କମ୍ ହେବ ନାହିଁ । ଏମାନଙ୍କୁ ପଣ୍ଡିତମାନେ 'ଅଷ୍ଟ୍ରିକ୍' ବା ଦକ୍ଷିଣୀ ଜାତି ବା ଜନ ସମାଜର ସ୍ୱତନ୍ତ୍ର ଗୋଷ୍ଠୀ ବୋଲି କହନ୍ତି । ଏମାନଙ୍କର ଲିଖିତ ସାହିତ୍ୟ ବା ଭାଷାରେ ନିଜ ଲିପି ନାହିଁ । ହେଲେହେଁ ସେମାନଙ୍କ ଭାଷାରେ ଯେଉଁ ସବୁ ଶବ୍ଦ ବା କଥା, ଆଦିମ କବିତା, ଗୀତ, ଲୋକକଥା ପ୍ରଭୃତି ଅଛି, ସାହିତ୍ୟର ବିକାଶ ଆଲୋଚନାରେ ତା ସବୁ ବଡ଼ ଉପାଦେୟ । ଅନୁସନ୍ଧାନସେବୀ ପଣ୍ଡିତମାନେ ସେଥିରୁ ଅନେକ ପ୍ରକାଶ ଓ ଆଲୋଚନା ମଧ୍ୟ କରିଚନ୍ତି । ଏମାନଙ୍କ ମଧ୍ୟରେ ଶବରମାନେ ଓଡ଼ିଆ ଭୂମି ଛଡ଼ା ଆଉ କୁଆଡ଼ି ଦେଖାଯାନ୍ତି ନାହିଁ । ଆଦିମ ଶବରଙ୍କ ସଂଖ୍ୟା ଏବେ ପ୍ରାୟ ୬ ଲକ୍ଷ ହେବ । ଏମାନେ ଆଦିମ କାଳରୁ ସୁସଭ୍ୟ ଥିଲେ । ଋକ୍‌ବେଦରେ ଯେଉଁ ପ୍ରସିଦ୍ଧ ଶଂବର ବା ଶଂବରପୁରର ଦୁର୍ଗକୁ ଇନ୍ଦ୍ର ଭେଦ କରି ଧ୍ୱଂସ କରିଥିଲେ, ସେ ହୁଏତ ଏହି ଶବର । ସେ କାଳର ଟାଇଗ୍ରିସ, ଇଉଫ୍ରେଟିସ୍ ମୁହାଣରୁ ଧରି ଦକ୍ଷିଣ କାଲ୍‌ଡ଼ିଆରେ ଥିବା ଆଦିମ 'ସୁମେର' ମାନେ ପୁଣି ହୋଇ ପାରନ୍ତି, ଏହି ଶବର । ଐତରେୟ ବ୍ରାହ୍ମଣରେ ଶବରମାନେ ବିଶ୍ୱାମିତ୍ରଙ୍କ ପତିତ ପୁତ୍ର । ମହାଭାରତ ରାମାୟଣ ଓ ପୁରାଣ ପ୍ରଭୃତିରେ ଶବରଙ୍କ ନାମ ଓ ପ୍ରତିଷ୍ଠା ପ୍ରଚୁର । ପୁରାଣରେ ପୁଣି ଶବରଙ୍କ ନାମ 'ମୌଳିକ' ବା ବିନ୍ଧ୍ୟ-ମୌଳିକ । ସେକାଳର ଗ୍ରୀକ୍ ଭୂଗୋଳକାର ପ୍ଲିନି ତାଙ୍କୁ କହିଚନ୍ତି 'ସୁଆରି' ଓ ଟଲେମି କହିଛନ୍ତି 'ସବରାଇ' । ସେଥିରେ ତାଙ୍କ ସ୍ଥାନ ପୁଣି ଏବର ଓଡ଼ିଶା । ଶିଳାଲେଖ ଓ ଶାସନମାନଙ୍କରେ ମଧ୍ୟ ଶବର ରାଜାମାନଙ୍କ ନାମର ଉଲ୍ଲେଖ ଅଛି । ଗୁଣି ପ୍ରଭୃତି ବିଦ୍ୟାରେ ଶବରମାନଙ୍କ ପ୍ରସିଦ୍ଧି ପୁଣି ସ୍ମରଣୀୟ । ଏହାର ନାମ ଏବେ ବି 'ଶାବରୀ ବିଦ୍ୟା' । ଆର୍ଯ୍ୟଙ୍କ ଅଥର୍ବ ବେଦରେ ପୁଣି ଏହି ବିଦ୍ୟାର ପ୍ରସିଦ୍ଧି ଓ ପ୍ରତିଷ୍ଠା । ଓଡ଼ିଶାର ଦେବତା ଜଗନ୍ନାଥ ଏବେ ବି 'ଶବର ଦେବତା' । ତାଙ୍କ ସେବକଙ୍କ ଭିତରେ ଏବେ ବି ଶବର ଅଛନ୍ତି । ଶବରମାନେ ଦେଖିବାକୁ ପୁଣି ଈଷତ୍ ଶ୍ୟାମଳ

Digitized by srujanika@gmail.com

ଗୋର ଓ ସୁନ୍ଦର । ସେମାନେ ବହୁ ପରିମାଣରେ ଅନ୍ୟ 'ଅସୁର' ଓଡ଼ିଆଙ୍କ ପରି । ଐତିହାସିକ ରାଖାଲ ଦାସ ବନ୍ଦ୍ୟୋପାଧ୍ୟାୟ ଯଥାର୍ଥ କହିଥିଲେ, ପାହାଡ଼ ଉପରେ ଓ ପାହାଡ଼ିଆ ଜମି ଗୃହରେ ସେମାନଙ୍କ କୌଶଳ ଓ ଦକ୍ଷତା ଅନ୍ୟର ଶିଖିବାର କଥା । ଏଇ ଶବର ଓ ଶବରଙ୍କ ଭଳି ଦକ୍ଷିଣୀ ଜାତିର ଲୋକେ ପୁଣି ଏବ ବଂଗ ଓ ଆସାମ ଭୂମିର ଏକମାତ୍ର ଆଦିମବାସୀ ବୋଲି ମନେ ହୁଏ । ଆସାମର ଗାରୋ, ଖାସିଆ ପ୍ରଭୃତି ଏବେ ଏହି ଜାତୀୟ ଓ ଏଇ ଭଳିଆର ଲୋକ । ବଂଗ ଦେଶର ସାଂତାଳ ପୁଣି ସେଇମାନେ । ବ୍ରହ୍ମପୁତ୍ର ଉପତ୍ୟକାର ଲୋକେ ହୁଏତ କେତେକ ଏଇ ବଂଗୀୟ-ଦକ୍ଷିଣୀଙ୍କ ସଂଗେ ମିଶିଯାଇଛନ୍ତି । ମାତ୍ର ତାମିଲ (ଦ୍ରାବିଡ଼) ସଂପର୍କ ଏମାନଙ୍କ ସଂଗେ ନାହିଁ ବୋଲି ପଣ୍ଡିତମାନଙ୍କ ମତ । ବଂଗଳାର ଆଦିମ ଜାତୀୟ ଧର୍ମ ବା ସହଜିଆ ଓ ତନ୍ତ୍ରଧର୍ମ ପ୍ରଭୃତିରେ ସିଦ୍ଧ ଓ ଭୈରବ ଭୈରବୀଙ୍କର ଯେଉଁ ହଠଯୋଗ ଓ ଅଦ୍ଭୁତ କ୍ରିୟାର ପରମ୍ପରା ଦେଖାଯାଏ, ତା ସଂଗେ ଶାବରୀ ବିଦ୍ୟାର ଆଦି ସଂପର୍କ ଥିବା ମଧ୍ୟ ବେଶ୍ ଅନୁମାନ କରାଯାଇ ପାରେ ।

## ଭୂୟାଁ ଓ ଭୂମିଜ

ଭୂମିଜମାନେ ଏଇ ଦକ୍ଷିଣୀ ଜାତୀୟ ଲୋକ ବୋଲି ତତ୍ତ୍ୱବିଦ୍-ମାନେ କହନ୍ତି । ଏଇମାନଙ୍କ ଭିତରୁ ପୁଣି ବାହାରିଛନ୍ତି, ଭୂୟାଁ ବା ଭୂଇଁଆ । ଭୂମିଜ ଓ ଭୂଇଁଆ (ଭୂମିଆ—ସଂସ୍କୃତ, 'ଭୂମୀୟ') ଯେଉଁ ଭୂମି ଶବ୍ଦରୁ ହୋଇଛି, ତାହା ବେଦରେ ନ ଥିଲେହେଁ, ମୂଳତଃ ତାମିଲ ଶବ୍ଦ କି ଆର୍ଯ ଶବ୍ଦ, କହିବା କଷ୍ଟ । କିନ୍ତୁ, ବହୁକାଳରୁ ଏହା ସଂସ୍କୃତ ଶବ୍ଦ । ଏମାନଙ୍କର କେବେ ଶବର ଓ ପରେ ତାମିଲମୂଳକ ଭାଷା ଥିଲେହେଁ ଏମାନେ ଏବର ଓଡ଼ିଆ ଭାଷା ପୁରାପୁରି ଆଦରିଛନ୍ତି, କହିଲେ ଚଳେ । ଭୂଇଁଆମାନେ ଖୁବ୍ ଉନ୍ନତ ଥିଲେ । ଏମାନେ ଉତ୍କଳମାନଙ୍କ ସଂଗେ ମିଶି ଯାଇଥିଲେ । ହୁଏତ, ଏଇମାନେଇ ଉତ୍କଳ ଥିଲେ ବା ଉତ୍କଳ-ମାନଙ୍କର ପ୍ରଧାନ ଶାଖା ଥିଲେ । ବୁଦ୍ଧଙ୍କ ଉତ୍କଳ ଶିଷ୍ୟ ଦୁଇଜଣଯାକ

Digitized by srujanika@gmail.com

ନହୁଉଚନ୍ତି, ଭୁଇଁଆ । ଏଇ ଭୂଇଁଆମାନେ ପୂର୍ବେ ଉତ୍କଳରେ ସାମ୍ରାଜ୍ୟ କରିଥିଲେ । ସେ କଥା ପରେ ପ୍ରସଙ୍ଗ କ୍ରମେ ଭଲ କରି କୁହାହେବ । ମାତ୍ର ଭୂମି-ଵିଭାଗ ହିସାବରେ ଜାଣି ରଖିବାର ଅଛି, 'ବାଉଁଭୂମି', 'ମାନଭୂମି', 'ସିଂହଭୂମି', 'ଧଳଭୂମି', 'ବରାହଭୂମି' ପ୍ରଭୃତି ଉତ୍କଳ ଭୌମରାଜବଂଶର ଅବଶେଷ । ଏଇପରି ସାତୋଟି 'ଭୂମି' ଉତ୍କଳ ସମ୍ରାଟମାନଙ୍କର 'ସପ୍ତଭୌମ' ଥିଲେ ବୋଲି ସ୍ୱର୍ଗତ ହରପ୍ରସାଦ ଶାସ୍ତ୍ରୀ ପ୍ରମାଣ ପାଇଥିଲେ । ଉତ୍କଳର ଭୌମ ସମ୍ରାଟମାନଙ୍କର ପଦବୀ ଥିଲା, 'କର' । ଏଇ କର ବଂଶର ଜଣେ ପଣ୍ଡିତ, 'ମେଦନୀକର', 'ମେଦନୀ-କୋଷ' ଲେଖିଥିଲେ । ସେଥିପାଇଁ ବହୁମାନ ସ୍ୱରୂପ ସେ ଯେଉଁ ଭୂମିଖଣ୍ଡ ପାଇଥିଲେ, ତାହାର ନାମ, ତାଂକର ଓ ତାଂକର କୋଷର ସ୍ମାରକରୂପେ 'ମେଦନୀପୁର' ହୋଇଥିଲା ବୋଲି ସେଇ ହରପ୍ରସାଦ ଶାସ୍ତ୍ରୀ ମଧ୍ୟ ପ୍ରାଚୀନ ତାଳପତ୍ର ପୋଥିରୁ ପ୍ରମାଣ ପାଇଥିଲେ ।

ଓଡ଼-

ପ୍ରଧାନ ଦ୍ରାବିଡ଼ ଜାତୀୟ ଓ ପ୍ରାଚୀନ ଦ୍ରାବିଡ଼ ଭାଷୀଥିଲେ, 'ଓଡ଼' । ଏଇ ଓଡ଼ମାନଙ୍କ ଭିତରୁ ଯେଉଁମାନେ ଆର୍ଯ୍ୟପ୍ରଭାବରେ ଏବେ ବି ବଦଳି ନାହାନ୍ତି ଓ ଆଦିମ ଚଳଣି ନ ଛାଡ଼ି କ୍ରମେ ବଣୁଆ ଓ ପଛୁଆ ହୋଇ ଯାଇଛନ୍ତି, ସେମାନଙ୍କୁ ଏବେ ଓରାଂ, ଇଂରାଜୀରେ 'Oraon' କହନ୍ତି । ଏଇ ବଣୁଆ ଓଡ଼ଙ୍କ ସଂଖ୍ୟା ପ୍ରାକୃତିକ ଓଡ଼ିଆଭୂମିରେ ଏବେ ବି ପାଞ୍ଚଲକ୍ଷ ହେବ । ଶବରଙ୍କ ପରେ ଏଇ ଓଡ଼ମାନେ ସଭ୍ୟତାରେ ଖୁବ୍ ଉଚ୍ଚକୁ ଉଠିଥିଲେ । ଜଣାଯାଏ, ଓଡ଼ିଶାର ଶବର ସଭ୍ୟତାକୁ ଏମାନେ ଅନ୍ତର୍ଭୁକ୍ତ କରି ନିଜର କରି ନେଇଥିଲେ । ପୁରାଣ କହନ୍ତି, ଜଗନ୍ନାଥ, ଶବରଙ୍କ ଦେବତା । ଏଇ ଜଗନ୍ନାଥ ପୁଣି ଓଡ଼ ଦେବତା । ଜଗନ୍ନାଥ ଭୂମିର ନାମ ଏବେ ବି ଓଡ଼ିଶା । ଦୂର ଲୋକେ ଖୁର୍ଦ୍ଧା ଓ ପୁରୀକୁ, ପୁଣି ଖୁର୍ଦ୍ଧା ଲୋକେ ପୁରୀକୁ ଏବେ ବି 'ଓଡ଼ିଶା' କହନ୍ତି । ଓଡ଼ ବା ଓଡ଼ିଆ ବୋଲି ଏବେ ବି ଖୋରଧା ଓ ଗଂଜାମରେ ଜାତି ଅଛନ୍ତି । ଭାରତର ଜାତିମାନଙ୍କ ସମ୍ବନ୍ଧରେ ଲେଖିବାକୁ ଯାଇ ( "Castes in India" ) ହଟନ୍ ସାହେବ

(Huttons) ପ୍ରମାଣ କରିଛନ୍ତି, ଏହି ଓଡ୍ରମାନେ ବହୁ ଉନ୍ନତ ଥିଲେ; ଭାରତର ଭିତର ବାଣିଜ୍ୟ ଓ ବାହାରର ସମୁଦ୍ର ବାଣିଜ୍ୟରେ ବଡ଼ ବିଚକ୍ଷଣ ଥିଲେ ଓ ଏହି ବାଣିଜ୍ୟ ସୂତ୍ରରେ ଓଡ଼ିଶାରୁ ଗୁଜରାଟ ପର୍ଯ୍ୟନ୍ତ ସର୍ବତ୍ର ବସତି କରି ବ୍ୟାପି ଯାଇଥିଲେ। ସେ କହନ୍ତି, ଏବେ ବି ଗୁଜରାଟ୍ ପ୍ରଭୃତି ଅଂଚଳରେ ପ୍ରାଚୀନ ଓଡ୍ରମାନଙ୍କର ଅବଶେଷ ଦେଖି ଅନୁମାନ କରାଯାଇ ପାରେ। ଉତ୍କଳ ବା ଭୌମ ଅଂଚଳରୁ ଏମାନେ କ୍ରମେ ସମ୍ବଲପୁର ଓ ଦକ୍ଷିଣ ଓଡ଼ିଶା ଅଂଚଳକୁ ଚାଲି ଆସିଥିବା କଥା ମଧ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ। ଓଡ୍ରଙ୍କ ଛଡ଼ା ଓଡ଼ିଆ ଭୂମିରେ· ଗଣ୍ଡ, କନ୍ଧ ପ୍ରଭୃତି ଆଉ କେତେକ ତାମିଲ ଜାତୀୟ ଓ ତାମିଲ-ମୂଳକ-ଭାଷା-ଭାଷୀ ଅଛନ୍ତି। ଗଣ୍ଡଭାଷା ମାତ୍ର ଅଳପ ଲୋକେ ଏବେ କହନ୍ତି। ଆଉସବୁ ଗଣ୍ଡ, ଭାଷାରେ ଓଡ଼ିଆ ହୋଇଯାଇଛନ୍ତି। ସେମାନେ ଉନ୍ନତ ଓ ନିଜକୁ କ୍ଷତ୍ରିୟ ବୋଲି କେତେ ବି ପରିଚୟ ଦିଅନ୍ତି। କନ୍ଧମାନଙ୍କ ଭାଷା, 'କୁଇ'। ଏହା ପୁରାପୁରି ତାମିଲ ମୂଳକ ଓ ଏବେ ବି ଜୀବନ୍ତ ଭାଷା। କାରଣ, କନ୍ଧମାନେ ଓଡ଼ିଆ ଭାଷାରେ କାରବାର କଲେହେଁ, ନିଜ ମଧ୍ୟରେ ଓ ଘରେ 'କୁଇ'ଭାଷା କହନ୍ତି।

## କଳିଂଗ

କଳିଂଗ କଥାଟି ବଡ଼ ପ୍ରସିଦ୍ଧ। ମାତ୍ର ଆଦ୍ୟରୁ ଏହା ଲୋକଙ୍କ ନାମ ଥିଲା, କି ଭୂମିର ନାମଥିଲା, ପୁଣି ଭୂମିର ନାମ ଥିଲେ ବି କାହିଁକି ବା କିପରି ଏହି ନାମ ହୋଇ ଥିଲା, କହି ହେଉନାହିଁ। ଶବର, କନ୍ଧ, ଉତ୍କଳ ବା ଉତ୍କ, ଓଡ୍ର ବା ଓଡ୍‌ଡ୍ର, ଏପରି କି ବଂଗ, ମଗଧ ପ୍ରଭୃତି ପରି କଳିଂଗ କଥାଟିର ଯଥାର୍ଥ ଅର୍ଥ ଜଣା ନାହିଁ। କେତେକ ପଣ୍ଡିତ ପ୍ରାଚୀନ ଧାତୁ ପ୍ରଭୃତି ଅନୁମାନରେ ଧରି ଏ ସବୁରୁ କୌଣସି କୌଣସି ଶବ୍ଦର ଅର୍ଥ ବାହାର କରିବାର ଉଦ୍ୟମ ନ କରିଛନ୍ତି, ନୁହେଁ। ମାତ୍ର ସେ ସବୁ ଅନୁମାନ ଅନେକ ସମୟରେ ଆକାଂକ୍ଷାର ଅନ୍ୟରୂପ ବୋଲି ମନେ ହୁଏ। ସେହିପରି କେହି କହନ୍ତି, ପ୍ରାଚୀନ ତାମିଲରେ କପା ସୂତା ଓ ଲୁଗାକୁ କହୁଥିଲେ, 'କଳିଂଗଂ'। ତେଣୁ ଏହି ଦେଶରେ କପା ସୂତା ଓ ଲୁଗା

Digitized by srujanika@gmail.com

ପ୍ରଥମେ ହୋଇଥିବାରୁ ଅଥବା କୌଣସି ବିଶିଷ୍ଟ ସୂତା ଓ ଲୁଗା ଏଠି ପ୍ରସିଦ୍ଧ ଥିବାରୁ, ଦେଶର ନାମଟି ହୋଇଥିଲା, କଳିଂଗ । ମାତ୍ର ତା ନ ହୋଇ ଏବଂ କଳିଂଗମାନେ ଏହା ତାହା କରୁଥିବାରୁ, ସେ ସୂତା ଓ ଲୁଗାର ନାମ ମଧ୍ୟ କଳିଂଗ ହୋଇପାରେ । ସେତେବେଳେ ତାମିଲର ଭାଷା ଥିଲା ଓ ତାମିଲ ବଣିଆଏ ତାକୁ ନେଇ ବେପାର କରୁଥିଲେ । ତେଣୁ କଥାଟି ତାମିଲରେ ମାତ୍ର ପଡିଥିଲା । ଏହାମଧ୍ୟ ହୋଇପାରେ । ପରେ ଏର ଓଡ଼ିଆଭୂମିର ହାତୀଙ୍କ ନାମ ବି ଥିଲା, କଳିଙ୍ଗ ବା କଳିଂଗକ । ଉହୁଁ ନ ହୋଇ ଥିବା ଧାନ ଓ ଚାଉଳକୁ କହନ୍ତି, 'ଅରୂଆ' ବା 'ଉଆ' (ଓଡିଆ ?); ପୁଣି ସରୁ ଉଆ ଭାତକୁ କହନ୍ତି, 'ଓରିଆ' । ସେଇପରି ଉର୍ବର ଭୂମିକୁ କହନ୍ତି, କଳିଂଗ ( କୌଣସି କୌଣସି ଠାରେ କଳିନ୍ଦ ) । ଏବେ ବି ଓଡ଼ିଆରେ ବଡ ଛତା, ଦାଂବୁଡ଼ି, ବଳଦ, ଷଣ୍ଢକୁ ମଧ୍ୟ କହନ୍ତି, କଳିଂଗା ଛତା, କଳିଂଗା ଦାଂବୁଡ଼ି, କଳିଂଗା ବଳଦ, କଳିଂଗା ଷଣ୍ଢ । ପୁଣି ଏବେ ବି ଗଞ୍ଜାମରେ କାଳିଂଗି ଓ କାଳିଂଜ ବୋଲି ଜାତି ଅଛନ୍ତି । ବଡହେଉ, ସାନହେଉ, ଖୁବ୍ ସଂଭବ ଓଡ଼୍ର ଓ ଶବରଙ୍କ ପରି କଳିଂଗ ବୋଲି ଗୋଟିଏ ଜନ ସମାଜ ଥିଲା । ଅତି ପ୍ରାଚୀନ କାଳରୁ ସେଇମାନଂକ ନାମରେ ଓଡିଶା ଉପକୂଳର ବିଶାଳ ଭୂମିଖଣ୍ଡ କଳିଂଗ ନାମରେ ନାମିତ ହୋଇଥିଲା । ସେମାନଙ୍କର ଭାଷା ଥିଲା, ତାମିଲ-ମୂଳକ । ପରେ ପ୍ରକରଣ ପ୍ରସଙ୍ଗରେ ଭାଷାର କଥା ଯଥା ସଂଭବ କୁହାହେବ । ଏବେ ସୂଚନାରେ ମାତ୍ରକ ଏ ଭୂମିର ଆଦ୍ୟତନ ପ୍ରଭାବ ଓ ପ୍ରାଚୀନତା ସଂବଂଧରେ ମୂଳକୁ ଏଠି ଟିକିଏ ଜାଣି ରଖିବା ଉଚିତ ।

## କଳିଂଗର ଆୟତନ ଓ ଇତିହାସ

ଶାକ୍ୟମୁନି ବୁଦ୍ଧ ଓ ମହାବୀର ଜିନଙ୍କ ବହୁ ପୂର୍ବରୁ କଳିଂଗ ସ୍ୱତନ୍ତ୍ର ସତ୍ତାରେ ପ୍ରତିଷ୍ଠିତ ଓ ପ୍ରସିଦ୍ଧ ହୋଇ ସାରି ଥିଲା । ସେଇକାଳୁ ଏହା ଓଡିଶାର ସମସ୍ତ ଉପକୂଳ ଭୂମିରେ ବ୍ୟାପ୍ତ ହୋଇ ସାରିଥିଲା । ଅତି ପ୍ରାଚୀନ କାଳରୁ ଏହା ବ୍ୟାପିଥିଲା ଉପକୂଳ ଧରି ଗଂଗାମୁହାଣରୁ ଗଂଜାମଶେଷ,

Digitized by srujanika@gmail.com

ଏପରି ଛ ବିଶାଖା ପାଟଣା ଜିଲ୍ଲା ସୁଦ୍ଧା—ପୁଣି କାହାରି କାହାରି ମତରେ ଗୋଦାବରୀଯାଏ । ଭୂମିଭିତରକୁ ଜଂଗଲରେ ଏହା କେତେଦୂର ଥିଲା, କହିବାର ସାଧନ ନାଇ । ତଥାପି ଏବର ଦେଓଘର-ବୈଦ୍ୟନାଥଠାରୁ ଇନ୍ଦ୍ରାବତୀ-ଗୋଦାବରୀର ସଂଗମ ସ୍ଥଳ ପର୍ଯ୍ୟନ୍ତ ବ୍ୟାପିଥିବା ସମସ୍ତ ଝାଡ଼ଖଣ୍ଡରେ କଳିଂଗର ପ୍ରଭାବ ଥିବାର ଅନୁମାନ ହୁଏ । ଅଜକୁ ଦୁଇ ହଜାର କି ଏକୋଇଶ ଶହ ବର୍ଷତଳେ ସେ କାଳର ଭୂଗୋଳବିତ୍ ଗ୍ରୀକ୍‌ମାନେ ତିନୋଟି କଳିଂଗର ଉଲ୍ଲେଖ କରିଛନ୍ତି । ସେ ତିନୋଟି ହେଉଛି, ଗଂଗାରିଡି ବା ଗାଂଗେୟ କଳିଂଗ ମୋଦୋ-ବା ମଧ୍ୟ-କଳିଂଗ ଓ ମାକ୍‌କୋ-ବା ମୁଖ୍ୟ-କଳିଂଗ । ଗଂଗାରିଡି କଳିଂଗ ଥିଲା, ଗଂଗାକୂଳରୁ ରାଢ଼ ବା ରାଢ଼-ସୀମା ଯେଉଁ ଉତ୍ତର କଳିଂଗ । ଅତି ପ୍ରାଚୀନ କାଳରେ 'ସିଂହପୁର' ଥିଲା, ଏହାର ରାଜଧାନୀ । ଏହା ପ୍ରଥମେ ଜଂଗଲମୟ ଥିଲା ଓ ପ୍ରାଚୀନ ରାଢ଼ ଥିଲା, ଉପକୂଳରୁ ବହୁ ଦୂରରେ, ଗଂଗା ଓ ଶୋଣ କୂଳରେ । ଏହାର ପଶ୍ଚିମ ଓ ଦକ୍ଷିଣକୁ ଲାଗି କରି ଥିଲେ ଉତ୍କଳମାନେ ବା ଉତ୍କଳ ରାଜ୍ୟ । ଏବର ତମଲୁକ୍ ବା ତାମ୍ରଲିପ୍ତ ଏଇ ଉତ୍ତର କଳିଂଗର ପ୍ରଧାନ ବାଣିଜ୍ୟ-ଓ ନାବିକ-କେନ୍ଦ୍ର ଥିଲା । ତମଲୁକ୍‌ର ଆଦିନାମ ହେଉଛି, ଡାମିଲକୁଟ୍ ବା ତାମିଲ ଗ୍ରାମ । ଏଇ ଡାମିଳକୁଟ୍ ବା ଦାମେଲକୁଟ୍ ନାମଟି ତମଲୁକ୍ ହୋଇ, ପରେ ହୋଇଥିଲା ତାମ୍ରଲିପ୍ତି ବା ତାମ୍ରଲିପ୍ତ । ଦକ୍ଷିଣ ଆମେରିକାର 'ଟବକୋ' ବା 'ତବାକୁ' ଲୋକ ମୁଖରେ 'ତମାଖୁ' ହୋଇ ପରେ ସଂସ୍କୃତ ଗ୍ରନ୍ଥରେ 'ତାମ୍ରକୂଟ' ହେଲାପରି, ଏହାର ପରିଣତି । ମାନ ସିଂହଭୂମିର ଜିଲ୍ଲା ବିବରଣ [Gazeteer] ଲେଖକ ଡାଲ୍‌ଟନ୍ ସାହେବ (Dalton) ସିଂହଭୂମି ଅଂଚଳରେ ଅତି ପ୍ରାଚୀନ ତମ୍ବା (ତାମ୍ର) ଖଣି-ମାନଙ୍କରୁ ବିସ୍ତର ତମ୍ବା ବାହାରି କାରବାର ହେଉଥିବାର ପ୍ରମାଣ ପାଇ କହନ୍ତି, ଏଇ ତାମ୍ରସବୁ ଏଇ ବନ୍ଦର ବାଟେ ବିଦେଶକୁ ଯାଉଥିବାରୁ ଏହାର ନାମ ହୋଇଥିଲା, 'ତାମ୍ରଲିପ୍ତି' । ତା ହେଲେହେଁ 'ତାମ୍ର' ଶବ୍ଦ ମଧ୍ୟ ମୂଳତଃ ସଂସ୍କୃତ ନୁହେଁ, ତାମିଲ । ମଧ୍ୟ କଳିଂଗ ଥିଲା, ଏବର ଓଡ଼ିଶାର ଉପକୂଳ ସମେତ ଭିତର ଭୂମି । ରାଜପୁର, ଦନ୍ତପୁର, କପିଳପୁର, କଳିଙ୍ଗ ନଗର—ଏପରି ଗୃରେଟି ସ୍ଥାନ ଏହାର ଭିନ୍ନ ଭିନ୍ନ ସମୟରେ କେନ୍ଦ୍ର

Digitized by srujanika@gmail.com

ଥିଲା । ପୁଣି ଅଶୋକଙ୍କ ବେଳେ ରାଜ୍ୟ କେନ୍ଦ୍ର ଥିଲା, ତଉଶଳ (ଧଉଳି) । ଏସବୁ ଥିଲା, ଏବର ପୁରୀଜିଲ୍ଲାରେ । ଏହି ଅଂଚଳ ପୁଣି ମୁଖ୍ୟତଃ ବହୁକାଳ ଯାଏ ସମସ୍ତ କଳିଂଗର କେନ୍ଦ୍ର ଥିଲା । ରାଜପୁର ମହାଭାରତରେ ନାମ । ତା ଠିକ୍ କେଉଁଠି ଜଣାଯାଇ ନାହିଁ । କପିଳପୁର ସମ୍ଭବତଃ ଭୁବନେଶ୍ୱରର ପୂର୍ବନାମ । ଏବେ ବି ସେଠି ଅଛି, 'କପିଳେଶ୍ୱର' ଗ୍ରାମ । ସେଠା ମହାଦେବଙ୍କର ବି ସେଇନାମ । 'କଳିଂଗ ନଗରୀ'ର ଅବଶେଷ ଏବେ 'କଳିଂଗ' ନାମକ ଗ୍ରାମ । ପୁରୀପାଖେ ଚିଲିକାକୂଳ ଅଞ୍ଚଳରୁ ଏହା ଏବେ ବି ଅଛି । ଏହାର ଡାକନାମ, 'କୋରଙ୍ଗା' (କଳିଂଗ) । 'କଳିଂଗେଇ', ଏବେ ବି ଏହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ । 'ଦନ୍ତପୁର' ହେଉଛି, ହୁଏତ ପୁରୀ, କିଂବା ତାରି ନିକଟରେ ଥିବା କୌଣସି ବନ୍ଦର—ହୁଏତ, ଚିଲିକା ଅଞ୍ଚଳ ବା କୁଶଭଦ୍ରାର ପ୍ରାଚୀନ ମୁହାଣରେ । ମୁଖ୍ୟ କଳିଂଗ ବା ମୁଖ-କଳିଂଗ ହେଉଛି, ଏବର ବିଶାଖାପାଟଣା ଓ କୋରାପୁଟ ପୁଣି ଦକ୍ଷିଣ ଗଂଜାମର କେତେକାଂଶ । ମୁଖ କଥାଟି ମୂଳତଃ "ତାମିଲ" ଶବ୍ଦ । ଏହାର ଅର୍ଥ ମୁହଁ ବା ପ୍ରବେଶଦ୍ୱାର, ଏହାଇ ଦକ୍ଷିଣରୁ କଳିଂଗକୁ ପଶିବାର ବାଟ ଥିଲା । ସେକାଳେ ଉତ୍ତର କଳିଂଗ ପରି ଏହାମଧ୍ୟ ଏକ ପ୍ରକାର ଜଙ୍ଗଲ ମୂଲକ ଥିଲା । ଏହି 'ମୁଖ କଳିଂଗ' ଶବ୍ଦରୁ 'ମୁଖଲିଂଗ' କଥାଟି ବାହାରିଛି । ପରେ ଉତ୍କଳ ଓ ଓଡ୍ରମାନେ ଉତ୍ତର ଓ ମଧ୍ୟ ବା ପ୍ରଧାନ କଳିଂଗରେ ମାଡ଼ିଗଲା ପରେ କଳିଂଗରାଜ ଏହି ମୁଖଲିଙ୍ଗାକୁ ଚାଲିଯାଇ ଥିଲେ ଓ ପରଂପରା ରଖିବା ପାଇଁ ସେଇଠାରେ 'କଳିଂଗ-ପାଟଣା' (କଳିଂଗ-ପତ୍ତନ ବା କଳିଂଗ ନଗର) ଓ 'ଦନ୍ତବକ୍ର-କୋଟା' (ଦନ୍ତପୁର କୋଟ—ଦନ୍ତପୁର ଦୁର୍ଗ ବା ସହର) ପ୍ରତିଷ୍ଠା କରିଥିଲେ ।

## କଳିଂଗର ପ୍ରାଚୀନତା ଓ ପ୍ରଭାବ

ଖାବରଙ୍କ ପରି ନ ହେଲେ ମଧ୍ୟ ଏହି କଳିଂଗମାନେ ବହୁତ ପ୍ରାଚୀନ । କଳିଂଗ ଲୋକେ ପୁଣି ବହୁକାଳରୁ ସୁସଭ୍ୟ ଥିଲେ । ହୁଏତ ଉତ୍କଳ ଓ ଶବରମାନେ ଏମାନଙ୍କ ପ୍ରଭାବରେ କୂଳ ଛାଡ଼ି ଦୂର ବଣ ଜଙ୍ଗଲ ଆଶ୍ରୟ

Digitized by srujanika@gmail.com

କରିଥିଲେ । ଯେଉଁମାନେ ରହି ଯାଇ ଥିଲେ, ସେମାନେ କଳିଂଗଙ୍କ ସଙ୍ଗେ ମିଶି ଯାଇଥିଲେ । ଶାକ୍ୟମୁନି ବୁଦ୍ଧ କାଳ ପୂର୍ବରୁ ଗଂଗାଠାରୁ ଗୋଦାବରୀ ବା ବଶାଖା ପାଟଣା ଯାଏ ସମସ୍ତ ସମଭୂମି ହୋଇଯାଇଥିଲା, କଳିଂଗ । ଉତ୍କଳ ମାନେ ଏବର ଛୋଟନାଗପୁର ଓ ପଶ୍ଚିମବଙ୍ଗର ଅସନ୍ସୋଲ ବୀରଭୂମି ପ୍ରଭୃତି ଅଂଚଳକୁ ଚାଲି ଯାଇଥିଲେ ଓ ଶବରମାନେ ପରବର୍ତ୍ତୀ କାଳର ଝାଡ଼ଖଣ୍ଡ ଓ ଦକ୍ଷିଣ କୋଶଳରେ ବ୍ୟାପି ଯାଇଥିଲେ । ଓଡ୍ରମାନେ ଥିଲେ, କଳିଂଗଙ୍କ ସମଜାତୀୟ ଓ ସମଭାଷୀ । ସେମାନଙ୍କ ମଧ୍ୟରୁ ଅନେକେ ଶବର ଭୂମି ବାଟେ ଏଇ କଳିଂଗ ମାନଙ୍କ ସମ୍ପର୍କରେ ଆସି, ଶବର ଓ କଳିଂଗ ସଭ୍ୟତାକୁ ନିଜର କରିବାରେ ଲାଗିଗଲେ । ଆଦାନ ପ୍ରଦାନରେ ପୁଣି କାଳକ୍ରମେ ଉପକୂଳରେ ମଧ୍ୟ କଳିଂଗର ଏଇ ବିରାଟ ଓ ବିଶାଳ ସଭ୍ୟତା, ଉତ୍କଳ ଓଡ୍ର ଓ ଶବର ସଭ୍ୟତାରେ ମିଶି ଏକାକାର ହେବାର ଆରମ୍ଭ ହୋଇ ଥିଲା । ଫଳରେ ବହୁକାଳରୁ ଏଇ ସମସ୍ତ ସଭ୍ୟତା ଓ ସାହିତ୍ୟ ଗୋଟିଏ ସଭ୍ୟତା ଓ ସାହିତ୍ୟରେ ପରିଣତ ହୋଇ ଥିଲା । ଆମ ଓଡ଼ିଆ ସଭ୍ୟତା ଓ ସାହିତ୍ୟ ସୌଧର ମୂଳ-ଦୁଆ ଏଇଠାରେ । ଅବଶ୍ୟ ଶବର, ଓଡ୍ର ପ୍ରଭୃତିଙ୍କ ଭିତରୁ ଅନେକେ ବଣ ଜଂଗଲକୁ ଯାଇ ଓ ବଣ ଜଂଗଲରେ ରହି ସଭ୍ୟତାରେ ଉଧେଇ ନ ପାରି କ୍ରମେ ପଛୁଆ ହୋଇ ଯାଇଥିଲେ । ଏବେ ଯେପରି ଓଡିଶାର ଝାଡ଼ଖଣ୍ଡ ଜଙ୍ଗଲରେ, ଅର୍ଥାତ୍, ଜୟପୁର, କଳାହାଣ୍ଡି ପ୍ରଭୃତି ସ୍ଥାନରେ ବ୍ରାହ୍ମଣ ପୁରୋହିତ-ମାନେ 'ଦଶାରି' (କନ୍ଧ ଶବର ଗାଦବା ପ୍ରଭୃତିଙ୍କ ପୁରୋହିତ) ଓ ବୈଦ୍ୟ-ମାନେ 'ଗୁଣିଆ' (କନ୍ଧ ପ୍ରଭୃତିଙ୍କ ଚିକିତ୍ସକ) ଙ୍କ ପ୍ରଭାବ ଡେଇଁ ନ ପାରି ମାନି ଯାଉଛନ୍ତି, ସେଇପରି ସୁସଭ୍ୟ ଲୋକେ ମଧ୍ୟ ଲୋକସମାଗମରୁ ଦୂରରେ ରହି ପଛୁଆ ହୋଇ ଯାଉଥିବାର ଦୃଷ୍ଟାନ୍ତ ପୃଥିବୀରେ ବହୁତ ଅଛି ।

## ସେ ସବୁଥିରେ ସାହିତ୍ୟର ସାମଗ୍ରୀ

ତଥାପି ଓଡ଼ିଆ ସାହିତ୍ୟର ବିକାଶ, ମୂଳରୁ ଦେଖି ବସିଲେ ଏଇ ସବୁ ଭାଷା ଓ ସାହିତ୍ୟର ଅନୁସଂଧାନ ଗଡ଼ ଦରକାର । ଏଇ ପଛୁଆ

Digitized by srujanika@gmail.com

ଲୋକଙ୍କ ଭିତରେ ମଧ୍ୟ ଏବେ ଲୋକକଥା, ପର୍ବ, ଅନୁଷ୍ଠାନ ବଞ୍ଚିତ ଅଛି ଓ ସେ ସବୁ ସେଇପରି କିମ୍ବା ସାମାନ୍ୟ ରୂପାନ୍ତରରେ ଓଡ଼ିଶାରେ ଓ ଓଡ଼ିଆରେ ରହିଛି । ଲେଖା ସାହିତ୍ୟ ନ ଥିଲେ ମଧ୍ୟ ସେମାନଙ୍କ ନୃତ୍ୟ ଗାନରେ ଯେଉଁ ସଙ୍ଗୀତ ଓ ପ୍ରଣୟ, ସହୃଦୟତା ଓ ଅନୁଷ୍ଠାନ ପ୍ରକୃତିର ଛନ୍ଦ ରହିଛି, ତା ବେଳେ ବେଳେ ଅତି ଉପାଦେୟ । କେଉଁ କାଳେ, କେଉଁ ପଲ୍ଲୀର କୌଣସି ଯୁବକର ପ୍ରଣୟରେ ହତାଶ ହୋଇ କେଉଁ ଯୁବତୀ ବାଘୁଣୀ ପରି ହୋଇ ଗୀତ ଗାଇ ବୁଲୁଥିଲା, କେଉଁ କାଳେ କେଉଁ ପଲ୍ଲୀର ଜଣେ ପୁରୁଷ ଅନ୍ୟ ପଲ୍ଲୀରୁ ଯୁବତୀକୁ ଧରିଆଣି ଅଜ୍ଞାତରେ ବନ୍ଧୁ ହୋଇଥିଲା, ପରେ ସେଇ ଯୁବତୀର ବାପ ଗ୍ରାମ ଲୋକଙ୍କୁ ଧରି କନ୍ୟାକୁ ଘେନିଯିବା ପାଇଁ ଆସି ଯୁଦ୍ଧରେ ପ୍ରାଣ ଦେଇଥିଲା, ହୁଏତ ତା ଦେଖି ଯୁବତୀଟି ବରକୁ ମାରି ପରେ ଆତ୍ମହତ୍ୟା କରିଥିଲା । କେଉଁଠାରେ ବା ବାଘ ବା ଭାଲୁ ଜଣକୁ ଖାଇ ଯିବାରେ ଗୁଣିଆ କପର ପାହାଡ଼ ନାଳରେ ଗୁଣି ସାଧି ଲୋକଙ୍କୁ ରକ୍ଷା କରିବାର ଉଦ୍ୟମ କରିଥିଲା । ଫଳରେ ସେ ବାଘ ବା ଭାଲୁ ଦେଖାପଡ଼ୁଥିଲା ଓ ମରିଥିଲା । କେଉଁ ଫସଲ କପର କେଉଁ ଗ୍ରାମକୁ ପହିଲେ ଆସିଥିଲା, କେଉଁ ଭୋଜିରେ ଦେବତା ପୂଜା ଛଡ଼ାଇକରି ଫସଲ ବଢ଼ାଇଥିଲେ । ହୁଏତ ବଳିଦାନରେ କାହାକୁ କପର ସଂତୋଷ କରି ଯାଉଥିଲା । ଗୁଣିଆ ଓ ଦିସାରିମାନେ କପର ଗ୍ରାମ ରକ୍ଷା କରୁଥିଲେ । କେହି ସନ୍ନ୍ୟାସୀ ହୋଇ କି ଭାବରେ ଧର୍ମ ଶିଖାଉଥିଲେ ଓ ନିଜେ ଶେଷରେ ଦେବତାଙ୍କ ସଂଗେ ମିଶିଯାଉଥିଲେ—ଏଇପରି ନାନା ଭାବ୍ୟ-ବସ୍ତୁ ଅତି ସରଳ, ସୁନ୍ଦର ଛନ୍ଦ ଓ ଚରଣରେ ଏଇ ବଣୁଆ ଜାତିମାନଙ୍କ ଭିତରେ ଏବେ ବି ଦେଖିବାକୁ ମିଳିବ । ସେମାନଙ୍କ ଅନୁଷ୍ଠାନ ଭିତରେ 'ଧାଙ୍ଗଡ଼', 'ଧାଙ୍ଗଡ଼ୀ' ବା ବାଡ଼ୁଅ, ଅବିଆଡ଼ୀଙ୍କର ରହିବାର ବ୍ୟବସ୍ଥା, ଅତିଥି ସେବାରେ ପବିତ୍ର ନିଷ୍ଠା ଓ ଆନୁଷ୍ଠାନିକତା ଏବେ ବି ଦେଖିବାର ବସ୍ତୁ । କନ୍ଧ ଓ ଶବର ପଲ୍ଲୀରେ ଏବେ ବି ଅନେକଠାରେ ପୂର୍ଣ୍ଣ ସ୍ୱାଧୀନ ଗ୍ରାମ-ଶାସନ ଜୀବନ୍ତ ଅଛି । ଗ୍ରାମକୁ ଅତିଥି ଆସିଲେ, ଧାଙ୍ଗଡ଼, ଧାଙ୍ଗଡ଼ୀଙ୍କର ଘରେ ସେମାନଙ୍କୁ ଅତି ଯତ୍ନ ଓ ଆଦରରେ ରଖି

Digitized by srujanika@gmail.com

ସଙ୍ଗୀତ ବା ଓପରଓଳି ସେମାନଙ୍କ ଭୋଜନ ଓ ବିଶ୍ରାମ ପରେ ତାଙ୍କ ଚୌକି ଭାର ଧରି ତାଙ୍କ ଯିବା ବାଟରେ ତାଙ୍କୁ ଅନ୍ୟ ଗ୍ରାମରେ ପହଞ୍ଚାଇ ଦେବାର ସୁନ୍ଦର ବ୍ୟବସ୍ଥା, ଏବେ ବି ଜୀବନ୍ତ ରହିଛି । ସେ ସବୁ ସଂଗୃହୀତ ହୋଇ ପ୍ରକାଶିତ ହେଲେ, ସାହିତ୍ୟ ବିକାଶ ଦେଖିବାରେ ଅମୂଲ୍ୟ ରତ୍ନ ସବୁ ମିଳିବ । ସର୍ବୋପରି ସେମାନଙ୍କର ଭା ା । ଲିପି ସେମାନଙ୍କର ନାହିଁ । ପାଦ୍ରୀମାନେ ରୋମାନ୍ ଲିପିରେ ସେମାନଙ୍କ ଭାଷା ଲେଖିବାର କେତେକ ଉଦ୍ୟମ କରୁଥିଲେ । ପାଦ୍ରୀ ଉଦ୍‌ହେର ଭେରିୟର ଏଲ୍‌ୱିନ୍ ସାହେବ, ଗଣ୍ଡ ଓ ଭୀଲମାନଙ୍କର ଭାଷାରୁ ଏପରି ବହୁତ ଅମୂଲ୍ୟ ସଙ୍ଗୀତ ସଂଗ୍ରହ କରିଛନ୍ତି । କଲିକତା ବିଶ୍ୱବିଦ୍ୟାଳୟ ମଧ୍ୟ ସେଥିପାଇଁ 'ସାନ୍ତାଳୀ' ଓ ଆସାମର 'ଖାସିଆ' ଭାଷାକୁ 'ଶ୍ରେଷ୍ଠ ଦେଶୀ ଭାଷା' ( Minor vernacular ) ରୂପେ ଗ୍ରହଣକରି ଏ ସବୁ ଆଲୋଚନାର ସୂତ୍ରପାତ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶାର ଅନ୍ୟାନ୍ୟ ସାହିତ୍ୟିକ ଅନୁଷ୍ଠାନରେ ଏହିପରି [illegible] ଓ ସୁଚିନ୍ତିତ ଯୋଜନା-ଯୁକ୍ତ ଉଦ୍ୟମମାନ ଶୀଘ୍ର ହେବା ଉଚିତ ।

## ଏବ ଭାଷା ଓ ସାହିତ୍ୟରେ ସେ ସବୁର ସଙ୍କେତ—

ଆମ ଓଡ଼ିଆ ଭାଷା ଲୋକ କଥା ଓ ଅନୁଷ୍ଠାନମାନଙ୍କରେ ମଧ୍ୟ ସେହି-ସବୁ ଯୁଗର ସଙ୍କେତ ଏବେ ବହୁତ ମିଳିବ । ସାହିତ୍ୟରେ ମଧ୍ୟ ନାନା ଭାବରେ ତାହା ପ୍ରକାଶ ପାଇଛି । ଅବଶ୍ୟ ବର୍ତ୍ତମାନର ଭାଷା, ଆଉ ଶବର ଭାଷା ବା ତାମିଲ ମୂଳକ ଭାଷା ହୋଇ ରହି ନାହିଁ । ଓଡ଼ିଆ ଭାଷା, ଆର୍ଯ୍ୟ ଭାଷା, ଅର୍ଥାତ୍, ଓଡ଼ିଆମାନେ ମୁଖ୍ୟତଃ ଆର୍ଯ୍ୟ ଭାଷାକୁ ନିଜର କରିଛନ୍ତି । ତଥାପି ମୂଳରୁ ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ ଦେଖିବାକୁ ହେଲେ, ସେହି ଲିଖିତ ସାହିତ୍ୟ ନ ଥିବା ସମୟର ଯେଉଁ ପ୍ରଭାବ ଅଛି, ତାହା ଯଥା ସମ୍ଭବ ଫେଡ଼ି ଦେଖିବାକୁ ହେବ । ଆମ ନିଜ ଲୋକ-କଥା କିମ୍ବଦନ୍ତୀ ଗୀତ ପ୍ରଭୃତି ମଧ୍ୟ ସଂଗୃହୀତ ହୋଇନାହିଁ । ତେଣୁ କେତେବେଳେ

Digitized by srujanika@gmail.com

ଗୋଟାଏ ଅନୁଷ୍ଠାନ, କେତେବେଳେ ବା ଗୋଟାଏ ଦେବ, ଏହିପରି ଜିନିଷରୁ ଖୋଜି ଖୋଜି ଆମକୁ ଧରିବାକୁ ହେବ । ଅପ୍ରକାଶିତ ଲୋକ-କଥା ଓ ଚଳଣି ମଧ୍ୟ ସେଥିରେ ବହୁତ ସାହାଯ୍ୟ କରିବ । କୁହାଯାଇଛି, ସାହିତ୍ୟ କହିଲେ ଆମେ ସାଧାରଣତଃ ବୁଝୁ, କେତେଗୁଡ଼ିଏ ଲେଖା । ମାତ୍ର ଓଡ଼ିଆ ସାହିତ୍ୟର କ୍ରମ ବିକାଶରେ ଖାଲି ଏହି ଲେଖା ଧରି ବସିଲେ ହେବ ନାହିଁ । ଏହି ଲେଖା ଭିତରେ ମଧ୍ୟ ଆଦିମ କାଳରୁ ଓଡ଼ିଆର ଯେ ବ୍ୟକ୍ତିତ୍ୱ ଓ ପ୍ରାଣ ଫୁଟି ଆସିଛି, ତା ଖୋଜିବାକୁ ହେବ । ଏହି ସମସ୍ତ ଲୋକ-ସଭ୍ୟତା ଓ ସାହିତ୍ୟ ଭିତରେ ଖୋଜିବାକୁ ହେବ, ଧାରାବାହିକ ସଭ୍ୟତାର ବିକାଶ ଭିତରେ ଓଡ଼ିଆ ସାହିତ୍ୟର ଯଥାର୍ଥ ସ୍ୱରୂପ କଣ । ନାନା ଆଘାତ ଓ ସଂଘର୍ଷ ଭିତରେ ସେହି ସ୍ୱରୂପ କିପରି ବିକାଶ ପାଇ ଆସିଛି, ତାହାହିଁ ହେଉଛି, ଓଡ଼ିଆ ସାହିତ୍ୟ କ୍ରମ-ପରିଣାମର ଯଥାର୍ଥ ଆଲୋଚନା । ଅତି ପ୍ରାଚୀନ କାଳର ସଭ୍ୟତାର ଧାରା ବୁଝିଲେ, ଏହି କ୍ରମ-ପରିଣାମ ବିଚାର ମୁକ୍ତ ହେବ । ଏହି ଭାବରେ କ୍ରମେ ଶିଳ୍ପ, ଅନୁଷ୍ଠାନ, ସାଧନା, ଲୋକ-କଥା, ଚଳଣି, ଧର୍ମ, ସବୁଥିରୁ ଜିନିଷ ଓ ସରଞ୍ଜାମ ସଂଗ୍ରହ କରି ଏହି ଆଲୋଚନା କରାଯାଉଛି ।

## ଓଡ଼ିଆ ସାହିତ୍ୟର ଇତିହାସ ଓ ଉପଯୋଗିତା—

ବୁଝି ରଖିବାର ଅଛି, ଆମ ସଭ୍ୟତାର ଭୂଗୋଳ ଓ ବାଣିଜ୍ୟ ଇତିହାସ ଅଛି । ସାହିତ୍ୟରେ ତା ପ୍ରକାଶ ପାଇଛି । କାଳେ କାଳେ ଇତିହାସର ସେହି ସାଧନାରେ ଆମ ସାହିତ୍ୟର ପରଂପରା ପ୍ରତିଷ୍ଠାରେ ଆହ୍ୱାନ । ବେଦନାର ପ୍ରେରଣା ଦେଇ, ପୁଣି ସେହି ବେଦନାକୁ ଦ୍ରବୀଭୂତ କରି ଜୀବନ୍ତ ଓ ଜାଗ୍ରତ ମାନବ ସମାଜ ତଥା ଭାରତ ସମାଜରେ ଓଡ଼ିଆର ବଳିଷ୍ଠ ଓ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପ୍ରକାଶ ପାଇ ଆସିଛି । ଏ ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ପରଂପରା ଯେତେ ପୁଷ୍ଟ ହେବ, ପୁଣି ଯେତେ ବଢ଼ିବ, ଭାରତ ତଥା ମହାମାନବ ସମାଜର ବ୍ୟକ୍ତିତ୍ୱ, ସଂସ୍କୃତିର ଆଦାନ ପ୍ରଦାନରେ ସେତେ ପରିପୁଷ୍ଟ ହେବ । ବିଶ୍ୱାସ

Digitized by srujanika@gmail.com

କରିବାକୁ ହେବ, ଆମ ନିଜର ସାହିତ୍ୟ ତଥା ସମାଜକୁ ସୁଦୃଢ଼ ଓ ସୁପୁଷ୍ଟ କରିବାକୁ ଆମର ଭାରତ ସେବା ଓ ସେହି ସୂତ୍ରରେ ବିଶ୍ୱ ସେବା । ବିଶ୍ୱ ଶୃଙ୍ଖଳାରେ ଓଡ଼ିଆର ନିବାର ଯେପରି ଅଛି, ଦିବାର ମଧ୍ୟ ସେହିପରି ଅଛି । ସେ ନେଇ ଆସିଛି, ଦେଇ ଆସିଛି । ଏହି ଆଦାନର ସଂସ୍ପର୍ଶରୁ ଆମ ଜାତିତ୍ୱର ଆହରଣ ଓ ଏହି ପ୍ରଦାନର ସେହି ସଂସ୍ପର୍ଶରେ ଆମ ବ୍ୟକ୍ତିତ୍ୱର ପ୍ରକାଶରେ ଆତ୍ମଦାନ । ଆମ ସାହିତ୍ୟ ତଥା ସମାଜର ଦୃଢ଼ତା ଓ ଆତ୍ମବଳ ବିନା ଯେ ନିବା ଦିବା, ସେ ଆହରଣ ଓ ଆତ୍ମଦାନ, ସମ୍ଭବ ହେବନାହିଁ; ଜାତୀୟ ସଭ୍ୟତା ଖଣ୍ଡିତ ହେବ; ବିଶ୍ୱ ସଭ୍ୟତା ସେହି ହିସାବରେ ଅପୂର୍ଣ୍ଣ ରହିବ । ତେଣୁ ଆମ ସାହିତ୍ୟର ବିକାଶ ଧାରା ଧରି ତାକୁ ଯଥାର୍ଥ ଆହରଣରେ ପୁଷ୍ଟ ଓ ଆତ୍ମଦାନରେ ବିଶ୍ୱସେବୀ କରିବାକୁ ହେବ । ସାହିତ୍ୟର କ୍ରମ-ପରିଣାମ, ଦେଖିବାରେ ଏ ଦିଗଟି ମଧ୍ୟ ଅତ୍ୟନ୍ତ ଉପଯୋଗୀ ।

Digitized by srujanika@gmail.com

# ଦ୍ୱିତୀୟ ଅଧ୍ୟାୟ

## ଓଡ଼ିଆ ସାହିତ୍ୟକୁ ଚିହ୍ନିବାରେ ପରମ୍ପରାର ଦିଗ୍ ଦର୍ଶନ

### ସ୍ୱାତନ୍ତ୍ର୍ୟ ବା ବ୍ୟକ୍ତିତ୍ୱର ସଂକେତ

କୁହାଯାଇଛି, ସାମାଜିକ ଜୀବନ ବିକାଶର ପ୍ରକାଶ ହେଉଛି ସାହିତ୍ୟ । ତେଣୁ ବିଶେଷ ଲେଖା- ଓ କଥା-ସାହିତ୍ୟକୁ ଧରି ଦେଖି ଦେଖାଇବାର ଯେତେବେଳେ କୌଣସି ସ୍ପଷ୍ଟ ସାଧନ ନାହିଁ, ସେଇ ଆଦିମ ଓ ପ୍ରାଚୀନ କାଳର ଅନୁସନ୍ଧାନରେ ସମାଜର ଆଦର୍ଶ ଓ ସାଧନା, ଗୃହାଣି ଓ ଚଳଣି ଉପରେ ନିର୍ଭର କରିବାକୁ ହେବ । ଏଇ ଚଳଣି ବୋଧେ ପ୍ରଥମେ ସମାଜରେ ପ୍ରକାଶ ପାଇଥିଲା । ଏଇ ଚଳଣି କଣ ହେବ, କିପରି ହେବ, ସେଇଥିରୁ ଫିଟିଲା ଗୃହାଣି, ଅର୍ଥାତ୍, ଆଦର୍ଶ, ଦୃଷ୍ଟିଭଙ୍ଗୀ ଓ କର୍ମ ନିମନ୍ତେ ଅଭିମୁଖ୍ୟ । ଏଇଗୃହାଣି ପୁଣି ଚଳଣିର ପ୍ରକୃତ ଓ ପ୍ରକାର ନିର୍ଦ୍ଦେଶ ଓ ନିୟନ୍ତ୍ରିତ କଲା । ଏହିପରି ସମାଜର ବିକାଶ ହେଲା । ତେଣୁ ସାହିତ୍ୟ ବିକାଶରେ ଏହାଇ ଦେଖି ବୁଝିବାକୁ ହେବ । ଚଳଣି ହେଉଛି, ଲୌକିକ ବ୍ୟବହାର । ମାତ୍ର ଗୃହାଣି, ଅଲୌକିକ ବା ଆତ୍ମିକ । ଏହା ଦେଖା ପଡ଼େ ନାହିଁ । ଏହାକୁ ବୁଝିବାକୁ ହୁଏ । ହେଲେହେଁ ସମାଜ-ପ୍ରଗତିରେ ଲୌକିକ ଚଳଣିକୁ ଏହାହିଁ ନିୟମିତ କରେ । ଏଇ ଗୃହାଣି ଏବଂ ଚଳଣି ଭିତରେ 'ଧର୍ମ' ନାମରେ କୁହା ହୋଇ ଆସିଛି । ଏଥିରେଇ ଆତ୍ମିକତା ସଙ୍ଗେ ଲୌକିକ ବ୍ୟବହାରର ସମ୍ପର୍କ ଦେଖାପଡ଼େ । ପୁଣି ଆଦର୍ଶକୁ ନେଇ ଅନେକ ସାଧନା ବି ଏଥିସଙ୍ଗେ ଘଟେ । ସମାଜର ଦେବ ଦେବୀ ଓ ରାଜା ବ୍ରାହ୍ମଣାଦିଙ୍କ ପୂଜାଠାରୁ ପରିବାରର ପିତା, ମାତା, ପୁତ୍ର, କନ୍ୟାଦିଙ୍କ ସମ୍ବନ୍ଧ ଏଇ ସାଧନାରେ ପୁଣି କ୍ରମେ ନିୟନ୍ତ୍ରିତ ହୋଇ ଉଠେ ।

Digitized by srujanika@gmail.com

ଏହିପରି ସମସ୍ତ ଚଳଣି ଭିତରେ ଗୃହାଣିକୁ ଧରି ସମାଜ ବା ସାମାଜିକ ମାନବର ଗତି ପ୍ରକାଶ ପାଏ । ଏଥିରେହିଁ ସାହିତ୍ୟର ସ୍ୱରୂପ ଫୁଟେ ଓ ଏହି ସ୍ୱରୂପ ସଙ୍ଗେ ସମାଜ ଓ ସାହିତ୍ୟ ବିଶେଷର ବ୍ୟକ୍ତିତ୍ୱ ଓ ସ୍ୱାତନ୍ତ୍ର୍ୟ ଚିହ୍ନି ହୁଏ । ଏବେ ଜାତୀୟସାହିତ୍ୟ ବୋଲି ଯାହାକୁ କହନ୍ତି, ସମାଜ ବିଶେଷର ସେହି ନିଜ ସାହିତ୍ୟର ବିଶିଷ୍ଟତା ଏହିଠାରେ । ଏହିଥିରେହିଁ ସାହିତ୍ୟର ସ୍ୱତନ୍ତ୍ର ପ୍ରକୃତି ଓ ପ୍ରକାର ଧରାଯାଏ । ଡାଳ, ପତ୍ର, ଫୁଲ, ଫଳ ପ୍ରଭୃତି ସମସ୍ତ ପ୍ରକାଶ ଭିତରେ ବୃକ୍ଷର 'ବୃକ୍ଷତ୍ୱ' ବା ବ୍ୟକ୍ତିତ୍ୱପରି ସାମାଜିକ ପାରିବାରିକ ପ୍ରଭୃତି ସମସ୍ତ କ୍ରିୟା ଓ କର୍ମ ଭିତରେ ମନୁଷ୍ୟର 'ନିଜତ୍ୱ' ବା 'ବ୍ୟକ୍ତିତ୍ୱ' ପରି, ସମସ୍ତ ଲେଖା, କଥା, କର୍ମ ପ୍ରଭୃତି ଭିତରେ ଓଡ଼ିଆ ସାହିତ୍ୟର ଏହି ସ୍ୱାତନ୍ତ୍ର୍ୟ, ଏହି ବ୍ୟକ୍ତିତ୍ୱର ସ୍ୱରୂପଟି ଆଗ ସଙ୍କେତରେ ଧରିବା ଦରକାର । ଏଥିରେହିଁ ଶୃଙ୍ଖଳିତ ଆଲୋଚନା ସୁଗମ ହେବ ।

## ସାହିତ୍ୟର ମୂଳ ଓ ପ୍ରକାର

ସମସ୍ତ ଗୃହାଣି ଓ ଚଳଣି ଭିତରେ ଜୀବନର କାମ୍ୟ ହେଉଛି, ଜୀଇଁବା ଓ ଭୋଗ କରିବା । ଏହି ଜୀଇଁବାକୁ ଅନନ୍ତ ବା ନିତ୍ୟ ସୁଖମୟ କରିବା ପାଇଁ କିମ୍ବା ଦୁଃଖରୁ ନିତ୍ୟ ନିସ୍ତାରଲାଗି, ଗୃହାଣିର ଶ୍ରେଷ୍ଠ ବିକାଶରେ ଆତ୍ମା, ଈଶ୍ୱର, ଏପରିକି, 'ନୈରାତ୍ମ୍ୟ' ବା ଶୂନ୍ୟତା ପ୍ରଭୃତି ପ୍ରକାଶ ପାଇଛି । ଭିନ୍ନ ଭିନ୍ନ ସମାଜରେ ପୁଣି ଏସବୁର ପ୍ରକାର ଭେଦ ଅଛି । ଚଳଣିରେ ପୁଣି ଜୀଇ ରହିବାର କାମନା ସଙ୍ଗେ ସୁଖଭୋଗର ସ୍ପୃହା ଓ ତାରି ସାଧନାହିଁ ସବୁର ମୂଳ । ଏହି ସମସ୍ତ ସାଧନାରେ ପୁଣି ଯୌନ ସାଧନା ବା ନରନାରୀର ସମାଗମରେ ସୁଖଭୋଗ ହେଉଛି, ବଳିଷ୍ଠ । ଗୃହାଣି ବା ଆଦର୍ଶର ନିୟନ୍ତ୍ରଣରେ ଏହାରି ପ୍ରକାର ପ୍ରକାଶହିଁ ସାହିତ୍ୟର ଗୋଟିଏ ମୁଖ୍ୟ ସଙ୍କେତ । ଅନୁଷ୍ଠାନ, କଥା, କଳା, କବିତା ସର୍ବତ୍ର ଏହାର ସଙ୍କେତ ଧରିବା ମୂଳଭିତ୍ତି । ଜଗତ ତଥା ବ୍ୟବହାରରେ ଏହାହିଁ ଶ୍ରେଷ୍ଠ ରସ । ଆମ ଆଲଙ୍କାରିକମାନେ ଏହାକୁ କହନ୍ତି, ଆଦିରସ । କୁହାଯାଇ ପାରେ, ଏହା ନ ଥିଲେ, କାବ୍ୟ କବିତାଦି ଲଳିତ ସାହିତ୍ୟ ହୁଏତ

Digitized by srujanika@gmail.com

ନଥାନ୍ତା । ଏହା ସଙ୍ଗେ ପୁଣି ଆଉ ଗୋଟିଏ କାମନାର କ୍ରିୟା ଚଳଣିରେ ଫୁଟେ । ତା ହେଉଛି, ସହଜରେ ଓ ଅଳ୍ପକେ ଭୋଗ ଓ ବିଭବ ପାଇଯିବା; ତେଣୁ ଅନାଗତ ଜାଣିବା ଓ ଅସଂଭବସାଧନ କରିବା । ଏଇଠାରେ ଗୁଣି, ଟାରେଣ୍ଡ଼ ଓ ଅଭୂତ ବିଭୂତିର ସ୍ଥାନ । 'ଶାବରୀ ବିଦ୍ୟା' ଏହାର ଏକ ବିକାଶ । ଏଇ ଭୋଗ ସଂବଂଧରେ ପୁଣି ସମାଜରେ ପ୍ରକାଶ ପାଏ, ଆଧିପତ୍ୟ । ରାଜା ଓ ପୁରୋହିତ ଏଇଥିରୁ ବାହାରିଚନ୍ତି । ଦେବତା ସୁଖ ଦିଅନ୍ତି, ତେଣୁ ଉପାସ୍ୟ । ଏଇ ରାଜା ଓ ପୁରୋହିତ ସେଇ ଦେବତା ବା ଦେବତାଙ୍କ ପାଖ ଲୋକ ହୋଇଯାନ୍ତି । ରାଜ୍ୟ, ସାମ୍ରାଜ୍ୟ, ଧନ, ସମ୍ପଦ, ଦାସ, ଦାସୀ, ସବୁ ଏଇଥିରୁ ବାହାରନ୍ତି । ଏଇଥିରୁ ମନୁଷ୍ୟ, ମନୁଷ୍ୟ ଭିତରେ ଭେଦ ଫୁଟେ । ଏ ସବୁର ସମତା ସମାଧାନ ଓ ସାମଂଜସ୍ୟ ପାଇଁ ପୁଣି ବିଦ୍ରୋହ, ବିପ୍ଳବ ଓ ବିତ୍‌ପାତ ଜନ୍ମେ । ଏଇ ସବୁକଥାମାନ ନାନା ଭେଦ ଓ ନାନା ସ୍ତରରେ ମାନବସମାଜ ମାନଙ୍କ ସାହିତ୍ୟରେ ଦେଖିବାକୁ ମିଳେ । ଏଇସବୁ ଦୃଷ୍ଟିରେ ଏବେ ମାନଙ୍କ ସୂଚନାରେ ଓଡ଼ିଆ ସାହିତ୍ୟର ସ୍ୱରୂପଟି ଧରିଯାଉ ।

## ଓଡ଼ିଆର ବିଶେଷତା ଦେଖିବା କିପରି, କାହିଁରେ ?

ହଠାତ୍ ଦେଖିବା ପାଇଁ ଓଡ଼ିଆ ସଭ୍ୟତା ଆର୍ଯ୍ୟ ସଭ୍ୟତା । ତାହାଇ ଓଡ଼ିଆର ଭାଷା ଓ ସାହିତ୍ୟ । ସମସ୍ତ ଭାରତରେ ବି ସେଇ ସଭ୍ୟତା ଓ ସେଇ ସାହିତ୍ୟ । ସେଥିରେ ରାଜ୍ୟ ଅଛି, ସାମ୍ରାଜ୍ୟ ଅଛି, ପୁରୋହିତ ବ୍ରାହ୍ମଣ ଅଛନ୍ତି, କ୍ଷତ୍ରିୟ ଅଛନ୍ତି, ଦାସଦାସୀ ଓ ରଜାଘର ଅଛି, ଦେବ-ଦାସୀ ଅଛନ୍ତି, ଜାତିଭେଦ ଅଛି, ଅସ୍ପୃଶ୍ୟ ଅଛନ୍ତି, ଶ୍ରେଷ୍ଠ 'ଗୃହାଦି'ରେ ଆତ୍ମା ପରମାତ୍ମା ଅଛି, ଲୋକ ବ୍ୟବହାରରେ ଦେବ ଦେବୀ ଓ ମୂର୍ତ୍ତି ପୂଜା ଅଛି, 'ଦର୍ଶନ' ହିସାବରେ ମୈତ୍ରୀ ଓ ସାମ୍ୟ ତଥା କରୁଣା ଓ ଜନସେବା ଅଛି, ଲେଖା ସାହିତ୍ୟରେ ଯୌନପ୍ରୀତି ଅଛି, ସଂଯମ ଅଛି, ବୈରାଗ୍ୟ ଅଛି, ତାତ୍ତ୍ୱିକ ଆଲୋଚନା ଅଛି, ବିଜ୍ଞାନ ଅଛି, ପୁଣି ବ୍ୟବହାର ଓ କଳାରେ ସୃଷ୍ଟି ଅଛି—ଇତ୍ୟାଦି ସବୁ ଅଛି । ଓଡ଼ିଆର ବିଶେଷତା ଦେଖିବା କିପରି, କାହିଁରେ ? ସେଥିପାଇଁ ଆଉ ଇତିହାସକୁ ଟିକିଏ ଖୋଜିବାକୁ ହେବ ।

Digitized by srujanika@gmail.com

# ଓଡ଼ିଆ ସାହିତ୍ୟରେ ତିନୋଟି ଧାରା

ଓଡ଼ିଆ ଭୂମିରେ ଆଦିମ ଓ ଆଗନ୍ତୁକ ଲୋକ ସମାଗମ ଓ ଲୋକ ମିଶ୍ରଣ କଥା କୁହାଯାଇଛି । ସେ ସବୁ ଭିତରେ ସଭ୍ୟତାର ତିନୋଟି ଧାରା ମୋଟାମୋଟି ଦେଖାଯାଏ । ସେ ତିନୋଟି ହେଉଛି, ଶବର, କଳିଂଗ, ଓ ଆର୍ଯ୍ୟ । ଏ ଭିତରେ ଖୁବ ଖୋଜି ନ ଦେଖିଲେ ଓଡ଼ିଆ ସାହିତ୍ୟର ଯଥାର୍ଥ ସ୍ୱରୂପଟି ବାରି ହେବ ନାହିଁ । ପୁଣି ଅସୁବିଧା ହେଉଛି, ଯଥାର୍ଥ ସ୍ୱରୂପଟି ବାହ୍ୟ ଆବୃତ ଭିତରେ ନିଜର ନିର୍ମଳତା ରଖିବାକୁ ଯାଇ ବେଳେ ବେଳେ ହୁଏତ ଦିଶି, ଦିଶୁନାହିଁ । ତେଣୁ ମୂଳରୁ ଏଠି ସେଇ ତିନୋଟି ଧାରାର ପ୍ରକାର ଓ ପ୍ରଭାବ ପ୍ରତି ସଙ୍କେତ କରି ଓଡ଼ିଆକୁ ଚହ୍ନାଇ ଦେବା ଦରକାର ।

## (୧) ଶବର ସଭ୍ୟତାର ଧାରା

ପ୍ରଥମେ ଶବର । କୁହାଯାଇଛି, ଏମାନେ ବିନ୍ଧ୍ୟ-ମୌଳିକ । ସେ ଆଡ଼ର ଗଣ୍ଡ ପ୍ରଭୃତିଙ୍କ ଉପରେ ଏହାଙ୍କର ଘୋର ପ୍ରଭାବ । ଏଇ ଜାତୀୟମାନେ ଏବେ ବି ବଙ୍ଗ ଆସାମରେ ଖୁବ ରହିଛନ୍ତି । ବଙ୍ଗ ଓ ଆସାମର ନାଗା ଖାସିଆ ଗାରୋ ପ୍ରଭୃତି ଏଇ ଜାତୀୟ । ଶାବରୀ ବିଦ୍ୟା ଓ ସର୍ପ ପୂଜା ଅତି ଆଦିମ କାଳରୁ ଏଇମାନଙ୍କ ଭିତରେ ଥିଲା । ସ୍ତମ୍ଭନ, ମୋହନ, ଉଚ୍ଚାଟନ, ବଶୀକରଣ ପ୍ରଭୃତି ଯୌନ ବନ୍ଧନର କ୍ରିୟାମାନ ଶାବରୀ ବିଦ୍ୟାର ଭୂୟୋବିକାଶ । ମନ୍ତ୍ର, ମନ୍ତ୍ର-ଧୂଳି ପ୍ରଭୃତି ବ୍ୟବହାର କରି ସାପକୁ ବଶକରି ନିଜ ଇଚ୍ଛାମତେ କାମ କରାଇବା, ଏଇ ବିଦ୍ୟାରୁ ବାହାରିଛି । ପରବର୍ତ୍ତୀ କାଳରେ ତାନ୍ତ୍ରିକମାନେ ମଧ୍ୟ ନିଜର ଉପାସ୍ୟ ଦେବୀଙ୍କୁ ସେଇପରି ମନ୍ତ୍ରରେ ବଶକରି ନିଜ ଇଚ୍ଛାମତେ କାମ କରାଉଥିବା କଥା ଅନେକେ ଶୁଣିଥିବେ । କି ତାମିଲ, କି ଆର୍ଯ୍ୟ, ଭାରତର ସବୁ ସଭ୍ୟତା ଓ ସାହିତ୍ୟରେ ଏଇ ଶାବରୀ ସଭ୍ୟତାର ପ୍ରଭାବ ବେଶ୍ ଚହ୍ନାଯାଏ । ସାହିତ୍ୟ ହିସାବରେ ଏହାଇ ପୁଣି ମାନବ ସମାଜର ଆଦିମ ସଭ୍ୟତା । ତେଣୁ ପୃଥିବୀର ଆଦିମ ସଭ୍ୟତାରେ ସବୁଠି—ପ୍ରାଚୀନ ବାବିଲନ, ଇଜିପ୍ଟ, ଏସିଆ ମାଇନର୍, ସିରିଆ, ଗ୍ରୀସ୍, ରୋମ୍, ଫ୍ରାନ୍ସ୍, ଇଂଲଣ୍ଡ, ଚୀନ, ତିବ୍ବତ

Digitized by srujanika@gmail.com

ଏପରିକି, ଭାରତ ଠାରୁ ଆମେରିକା ଯାଏ ପ୍ରଶାନ୍ତ ମହାସାଗରରେ ବ୍ୟାପିଥିବା ଦ୍ୱୀପମାନ, ଆମେରିକାର ପ୍ରାଚୀନ ପୀରୁ, ମେକ୍‌ସିକୋ, ମାୟା, ୟୁକାଟାନ୍ (ଯୋଗସ୍ଥାନ ?) ପ୍ରଭୃତି ସର୍ବତ୍ର ଏହାର ମୌଳିକ ବ୍ୟାପ୍ତି ଖୁବ୍ ଥିଲା । ଏବେ ମଧ୍ୟ କେତେ ପ୍ରକାରର ସୂଚନାରେ, କେତେ ବା ଅବିକଳ ଭାବରେ ପୁଣି ଉଣାଅଧିକେ ସବୁ ସମାଜରେ ଅଛି । ପ୍ରାଚୀନ ଇଜିପ୍ଟର ସ୍କ୍ରାଇବ୍ ( Scribe, ଲେଖକ, ବହିଲେଖକ ), ପ୍ରାଚୀନ ବାବିଲନର ପାଟେସି (Patesi, ପୁରୋହିତ), ପ୍ରାଚୀନ ଇଂଲଣ୍ଡ ପ୍ରଭୃତିର ଡ୍ରୁଇଡ୍ [Druid, ସନ୍ନ୍ୟାସୀ), ପ୍ରାଚୀନ ଗ୍ରୀସର ଅରେକ୍ଲ (Oracle, ଭାଗ୍ୟ ଭବିଷ୍ୟତ୍ ପ୍ରଭୃତି କହୁଥିବା ନାରୀ) ପ୍ରଭୃତିଙ୍କ ଅଦ୍ଭୁତ କ୍ରିୟାର କଥା ଅନେକେ ଜାଣି-ଥିବେ । ଏଇ ଭାରତରେ ଅଦ୍ୟ କାଳରେ ମଧ୍ୟ ଯୋଗୀର ନାନା ଅଦ୍ଭୁତ କ୍ରିୟା, 'ବିଭୂତି', ଏପରିକି, 'ଘଟ-ପରିବର୍ତ୍ତନ' (ନିଜ ଶରୀରକୁ ଶବ କରି ପକାଇଦେଇ, ମରି ପଡ଼ିଥିବା ଅନ୍ୟବ୍ୟକ୍ତିର ଶବ ଭିତରେ ପଶି ତାକୁ କିଛି କାଳ ପାଇଁ ଜୀବନ୍ତ କରି, ପୁଣି ଛାଡ଼ି ଆପଣାର ମରି ପଡ଼ିଥିବା ଦେହକୁ ଫେରି ଆସିବା) ପ୍ରଭୃତି କଥା ମଧ୍ୟ ଶୁଣାଯାଏ । ମନୁଷ୍ୟ ଇଚ୍ଛା କଲେ, ପଶୁ ପକ୍ଷୀ ଗଛ ମାଛଠାରୁ କୀଟ ପତଙ୍ଗ ମାଟି ପଥର ପର୍ଯ୍ୟନ୍ତ ଦ୍ୱାରା କାର୍ଯ୍ୟ ସାଧନ କରିବା କଥା ଆମ ଦେଶରେ ଯେପରି ଶୁଣାଯାଏ, ପୃଥିବୀର ଅନେକ ଦେଶରେ, ବିଶେଷତଃ ସଭ୍ୟଦେଶମାନଙ୍କ ପରମ୍ପରାରେ ସେହିପରି ଏବେ ବି ରହିଛି । ଏ ସବୁର ସତ ମିଛ ଆଲୋଚନା କରିବା ବା ସେ ସବୁରେ ମତ ଦେବା, ଏଠି କାମ ନୁହେଁ । ମାତ୍ର ଏବେ ବି ଜଣେ ଖ୍ରୀଷ୍ଟାନ୍ ସର୍ବସମକ୍ଷରେ କାଚ ଗୁଣ୍ଡା ଖାଇ ଗିଳିବା ଓ ଉତ୍କଟ ଦ୍ରାବକ ଓ ଯାହାଙ୍କ ବିଷ ପିଇ ନିଜର ଅଦ୍ଭୁତ ଶକ୍ତି ଦେଖାଉଥିବା କଥା ଅନେକେ ମନେ ରଖିଥିବେ । ସେ ହେଉଛି, ଏଇ ଆଠ ଦଶ ବର୍ଷ ତଳର କଥା । ଏଇ କାର୍ଯ୍ୟ କରୁ କରୁ ସେ ରେଙ୍ଗୁନରେ 'ଯୋଗଭ୍ରଷ୍ଟ' ହୋଇ ପ୍ରାଣ ହରାଇଥିବା କଥା ଖବରକାଗଜରେ ବାହାରିଥିଲା । ଦାଉ ଦାଉ ଜଳୁ ନିଆଁ ବା ଜଳ ନିଆଁରେ ଧକ୍ ଧକ୍ ପାଚିଥିବା ୧୦।୧୨ ହାତ ଦୈର୍ଘ୍ୟରେ ଜମା ହୋଇଥିବା ପଥର ମୁଣ୍ଡିମାନଙ୍କ ଉପରେ ଗୁଳିବାଟି ଭଳି ଚାଲିବା ଓ

Digitized by srujanika@gmail.com

ଣାଟର ପ୍ରଭୃତି ଭୂମି, ଆଫ୍ରିକାର ଆଦିମ ନିବାସୀ, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପମାଳ ପ୍ରଭୃତି ବହୁସ୍ଥାନରେ ଏବେ ବି ପ୍ରଚଳିତ ଅଛି । ପୂର୍ବେ ଏହା ପ୍ରାଚୀନ ମିଶର, ଫିନିସିଆ, ରୋମ୍, ଗ୍ରୀସ୍ ପ୍ରଭୃତିରେ ଥିବାର ପ୍ରମାଣ ମିଳେ । ଏହାଛଡ଼ା ଚୀନ, ଜାପାନର ବୌଦ୍ଧମାନଙ୍କ ଭିତରେ ଓ ଭାରତର ମୁସଲମାନଙ୍କ ଭିତରେ ଏହା ପରିଚିତ । ସେମାନେ ଏବେ ଏହା କରନ୍ତି । ଏ ସବୁଠାରେ ପୁଣି ଏହା ଗୋଟିଏ ଅତି ପବିତ୍ର ଧର୍ମାନୁଷ୍ଠାନ । ପ୍ରଶାନ୍ତ ମହାସାଗରୀୟ ଦ୍ୱୀପମାନଙ୍କରେ କାର୍ଯ୍ୟରେ ଚଳିବାର ଏଇ ଶକ୍ତିକୁ ଓ ଏଇପରି ଧର୍ମଶକ୍ତି ବା ଆତ୍ମିକ ଶକ୍ତିକୁ କହନ୍ତି, 'ମନ' । ସଂସ୍କୃତ ଦର୍ଶନର 'ମନ' କଥାଟି ଏଇଥିରୁ ଆସିଛି, କି ନା, ଅନୁସନ୍ଧାନର ବିଷୟ । ଏଇପରି ପୃଥିବୀରେ ଆଦାନ ପ୍ରଦାନ ସୂତ୍ରରେ ଅନେକ ଶବ୍ଦ ବ୍ୟବହାରରେ ନିଜର ମୂଳପରିଚୟ ହରାଇଛନ୍ତି । ପ୍ରସଙ୍ଗତଃ ଏବ ଓଡ଼ିଆଭାଷାର ଶବ୍ଦସବୁ ଛାଣ୍ଡାଇଲେ ବେଳେ ତା ବରାବର ଲମ୍ବା ହେବ । ଏବେ ସୂଚାଇ ଦେବା: କୁହାଯାଇ ପାରେ, ଉତ୍ତର ଓଡ଼ିଶାର ଉପକୂଳ ଅଞ୍ଚଳ—ବିଶେଷରେ ନୂଆଁ ଅଞ୍ଚଳରେ ଖେଳିବାରେ କୌଣସି ପକ୍ଷରେ ଖେଳାଳି ନଅଣ୍ଟ ହେଲେ, ଜଣକ ଉପରେ ଗୋଟିଏ 'କା' ରଖି ସଂଖ୍ୟାପୂରଣ କରାହୁଏ । ଯାହାଉପରେ 'କା' ଥାଏ, ସେ ଖେଳରେ 'ମରିଗଲେ' ବା ହାରିଯାଇ ଖେଳ ନିୟମରେ ଖେଳରୁ ଅନ୍ତର ହେଲେ, ତା 'କା' ହେତୁରୁ ସେ ପୁଣି ଆଉଥରେ ଖେଳେ । ଏଇ 'କା' କଥାଟି ପୁଣି ମଳୁଛି, ପ୍ରାଚୀନ ଇଜିପ୍ଟର ସାହିତ୍ୟରେ । ଇଜିପ୍ଟରେ ପ୍ରତ୍ୟେକ ମନୁଷ୍ୟର, ଏପରିକି ପ୍ରତ୍ୟେକ ଜନ୍ତୁର ମଧ୍ୟ, ଗୋଟିଏ 'କା' ବା ଦ୍ୱିତୀୟ ଆତ୍ମା ଥିବାର କଳ୍ପନା ବଦ୍ଧମୂଳ ଥିଲା । ସେଇପରି ଆଉ ଗୋଟିଏ କଥା, 'ରଣ' । ତେବେ ମୋ 'ରଣ୍', ଅର୍ଥାତ୍, ଏ କଥା ନ କଲେ ମୋ ଆତ୍ମା ବା ଜୀବନ ନଷ୍ଟ ହେବ । ଏ କଥାଟି ମଧ୍ୟ ସେଇ ପ୍ରାଚୀନ ଇଜିପ୍ଟର ସାହିତ୍ୟରେ ସେଇ ଅର୍ଥରେ ଚଳୁଥିବାର ଦେଖାଯାଏ । ତେବେ ଏ ଭଳି ଶବ୍ଦ ଓ ଅନୁଷ୍ଠାନମାନଙ୍କର ମୂଳ କେଉଁଠାରେ, ଆଦାନ ପ୍ରଦାନରେ କି ସୂତ୍ରରେ, କେଉଁ ସାହିତ୍ୟ ପ୍ରଭାବରେ କେଉଁ ସାହିତ୍ୟକୁ ବ୍ୟାପିଛି, ତା କହିବା କଷ୍ଟ । ସେ

Digitized by srujanika@gmail.com

ଯା'ହେଉ ଯେ ବିଭୂତି ବା ସଂସ୍କୃତିର କଥା କୁହାଯାଉ ଥିଲି ତା ହିଁ ମାନବର ଗୋଟିଏ ବଡ଼ ସ୍ୱାଦ୍ୟ ସ୍ପୃହା । ସଭ୍ୟତାର ଆଦିମ କାଳରୁ ପ୍ରକାଶ ପାଇ କ୍ରମେ ଭିନ୍ନ ଭିନ୍ନ ସଭ୍ୟତାକୁ ଧରି ଏ ସବୁ ବଢ଼ିଛି । ଏବେ ଯାହା ଜଣା ଯାଉଛି, ସେଥିରେ, ଗାଙ୍ଗେୟ ବା ଦକ୍ଷିଣୀ ସଭ୍ୟତା ଏ ସବୁର ମୂଳ । ବିଦ୍ୱାନମାନେ ତାକୁ କହୁଚନ୍ତି, 'ନିଷାଦ' ସଭ୍ୟତା ।

## ଶକୁନ ବିଦ୍ୟା, ସାମୁଦ୍ରିକ ଓ 'ଆଗତ-ଭବିଷ୍ୟ' କହିବା

ଏଇ ସମ୍ପର୍କରେ ଆଉ ଗୋଟିଏ କଥା ଏଠି କହି ଦେବାର ଅଛି । ସେ ହେଉଛି, ଶକୁନ ବିଦ୍ୟା, ସାମୁଦ୍ରିକ, ଫଳିତ ଜ୍ୟୋତିଷ ପ୍ରଭୃତି ଫଳାଫଳ ଓ ଭବିଷ୍ୟତ କହିବା କଥା । କୁଆକୁ ଗୁଡ଼ଳ ଖାଇବାକୁ ଦେଇ ମାଇପେ ଏବେ ବି ଶୁଭେଚ୍ଛା ଫଳାଫଳ ଓ ପ୍ରିୟଜନ ଆସିବାର କଥା ବୁଝୁଥିବେ । ରେଳ ନ ଥିଲା ବେଳେ ଆମ ସାଧବାଣୀ ଓ ସାଧବ-ବୋହୂଙ୍କର ଏହାଇ ଥିଲା, ଯେପରି କି ନିତ୍ୟ କ୍ରିୟା । ପେଚା ବୋବାଇବା, ଶୂନ୍ୟରେ ଚଡ଼କ ମାରିବା, ଡେରିରେ ପଟେ ବିଲୁଆ ବା ଖାଇବ ପଟେ ଗାଈ ଦେଖିବା, ଝିଟିପିଟି ପଡ଼ିବା, 'ରାମ' 'ଲକ୍ଷ୍ମଣ' 'ସୀତା' ବୋଲି ମାଇପେ ଗାର କାଟି ଗଣିବା, 'ଖଡ଼ି' ପକାଇବା, 'ପ୍ରଶ୍ନ କରିବା, 'ହନୁମାନ ପ୍ରଶ୍ନ' ଦେଖିବା, 'ହାତ ଦେଖିବା' 'ଜାତକ ଦେଖିବା', ପ୍ରଭୃତି ନାନା ଭାବରେ ନାନା ଛନ୍ଦରେ ଫଳାଫଳ ଓ ଭବିଷ୍ୟତ ଜାଣିବାର ଚେଷ୍ଟା ଆମ ବ୍ୟବହାର ତଥା ଲେଖା ସାହିତ୍ୟରେ ସାଧାରଣ କଥା । ସର୍ବୋପରି, 'କାଳେସୀ' (ଦେବତା ଲାଗିବା ବ୍ୟକ୍ତି) । ମନୁଷ୍ୟ ଆଦିମ କାଳରୁ ନିଜକୁ ଅକ୍ଷମ ଓ ଦୁର୍ବଳ ବୁଝି, ଅଦୃଶ୍ୟ ଶକ୍ତି ଓ ଦେବତା କଳ୍ପନା କରିଛି । ସେଇଦିନୁ ଦେବତା ମନୁଷ୍ୟଠାରେ 'ଉଭା' ହୋଇ, ସେଇ 'କାଳେସୀ' ଦ୍ୱାରା ଲୋକଙ୍କୁ ଆଦେଶ ଦେଉଛନ୍ତି ଓ ଫଳାଫଳ କହି ଆସୁଛନ୍ତି । ଏହାକୁ ଓଡ଼ିଆରେ 'ଅବତରିବା' ମଧ୍ୟ କହନ୍ତି । ଲକ୍ଷ୍ୟ କରିବାର ଅଛି, ଏଇ 'ଅବତରିବା' କଥାଟି ପୁଣି ଶିକ୍ଷ ସାଧକଙ୍କ ଓଡ଼ିଆରେ ଗୋଟିଏ ଗାଳି । ଏହାର ଅର୍ଥ ହେଉଛି, ପ୍ରକୃତିଛଡ଼ା ହୋଇ ଅସଂଯତ ବିଶୃଙ୍ଖଳ

Digitized by srujanika@gmail.com

ଭିତରେ ଯେଚ୍ଛାଚାର କହିବା । ଆମ ସାହିତ୍ୟରେ ଦେବତା ଅବତରିବା କଥା ପ୍ରତି ଅନାସ୍ଥା ଓ ଘୃଣା ଏଥିରୁ ସୂଚିତ ହେଉଛି । ତଥାପି ମୁଷା, ଯୀଶୁ, ମହମ୍ମଦ ପ୍ରଭୃତି ଏଇ 'କାଳେଶୀ' କଳ୍ପନାର ଏକ ଏକ ମହା ପ୍ରସାରଣ—ଏମାନେ, 'ମହାକାଳେଶୀ' । ବୁଦ୍ଧ, କୃଷ୍ଣ ପ୍ରଭୃତି ନବୀନ ଶୁଦ୍ଧ ଦର୍ଶନବାଦୀମାନେ ବି କାଳରେ ଲୋକ ସାହିତ୍ୟ ପ୍ରଭାବରେ ଏଇ କାଳେଶୀ ରୂପରେ ଛନ୍ଦ କରି ହୋଇଚନ୍ତି । ନାନକ ଚୈତନ୍ୟଙ୍କଠାରୁ ମହିମା ଗୋସାଇଁ ଚରଣ ଦାସଙ୍କ ପର୍ଯ୍ୟନ୍ତ ଏଇ ପ୍ରଭାବର ଫଳ ବୋଲି ମଧ୍ୟ କୁହାଯାଇ ପାରେ । ସେକାଳୁ ଏକାଳ ଯାଏ କୌଣସି ସାହିତ୍ୟକୁ ଏ ସବୁ ସହଜ ପ୍ରଭାବ ଛାଡ଼ି ନାଇ । ବରଂ ସାହିତ୍ୟର ବିକାଶ ସଙ୍ଗେ ଏଥିରୁ ନାନା ବିକଶିତ ରୂପରେ ଆତ୍ମ ପ୍ରକାଶ କରି ଆସୁଛି । ଏ ସବୁ ବିକାଶର ଇତିହାସ ଓ କ୍ରମ କେତେକ ହୁଏତ ଦେଖା ଯାଇ ପାରେ । ମାତ୍ର ତା କରି ଗଲେ ବିରାଟ ଗ୍ରନ୍ଥ ହେବ । ଏଠି ସେ ସବୁ ଦରକାର ନାଇ । ଏତିକି କହି ରଖିବାର ଅଛି ଯେ, ଏ ସମସ୍ତର ମୂଳ ହେଉଛି, ଶାବରୀ ସଭ୍ୟତା । ଓଡ଼ିଆ ସାହିତ୍ୟର ମୂଳ ମଧ୍ୟ ସେଇଠାରେ । ହେଲେହେଁ, ପ୍ରମୃନ ବଶୀ-କରଣଠାରୁ କାୟ-ସାଧନ, ଘଟ-ପରିବର୍ତ୍ତନ ପର୍ଯ୍ୟନ୍ତ ସବୁ ବିକାଶ ଭିତରେ ନିର୍ବାଚନ ଓ ଅନ୍ୱରଣ ଲକ୍ଷ୍ୟରେ ସାହିତ୍ୟ ବିଶେଷର ସ୍ୱାତନ୍ତ୍ର୍ୟ ଦେଖିବାକୁ ହେବ । ଓଡ଼ିଆ ସାହିତ୍ୟର ସ୍ୱରୂପ ବାରିବାରେ ଏଇ ଦୃଷ୍ଟି-ଭଙ୍ଗୀ ଖୁବ୍ ଦରକାର । ଓଡ଼ିଶାର ଅନ୍ୟସବୁ ସଭ୍ୟତାର ଧାରା ଭିତରେ ମଧ୍ୟ ଏଇ ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିତ୍ୱ ଲକ୍ଷ୍ୟରେ ରଖିବାକୁ ହେବ । ହେଲେହେଁ, ମୋଟା-ମୋଟି ଏଠାରେ କୁହାଯାଇ ପାରେ, ଓଡ଼ିଆର ପିଣ୍ଡ-ବ୍ରହ୍ମାଣ୍ଡ-କଳନାରେ ଦେଉଳ ଶୂନ୍ୟ-ସାଧନା, ସେ ନିଜେ ଏକ ଅଦ୍ଭୁତ ବ୍ୟାପାର ଓ ସତ୍ୟ । ତେଣୁ ଅନ୍ୟାନ୍ୟ ସାହିତ୍ୟପରି ଏଥିରେ ଏ ସବୁର ଅପସଂସ୍କାର ବା କୁସଂସ୍କାର ବିଶେଷ ସ୍ଥାନ ପାଇନାଇ ।

## (୨) କଳିଙ୍ଗ-ସଭ୍ୟତା—ଅସୁର

ତା ପରେ ଓଡ଼ିଆ ସାହିତ୍ୟରେ କଳିଙ୍ଗ, ଓଡ୍ର ପ୍ରଭୃତିଙ୍କ ତାମିଳ ସଭ୍ୟତାର ଧାରା । ଏଇ ତାମିଳମାନେ ଅସୁର ଥିଲେ, କି ଅନ୍ୟ କୌଣସି

Digitized by srujanika@gmail.com

ଅସୁରଙ୍କ ସଭ୍ୟତା ଏମାନଙ୍କୁ ଅଭିଭୂତ କରି ଥିଲା, ତା ଭଲ କହି ହେଉ ନାହିଁ। ବୈଦିକ ଆର୍ଯ୍ୟ ସାହିତ୍ୟରୁ ସ୍ପଷ୍ଟ ଜଣାପଡ଼େ, ଆର୍ଯ୍ୟଙ୍କ ପୂର୍ବରୁ ଏ ଦେଶରେ ଅସୁର ବା 'ଅସୁର-ପୂଜକ'ମାନେ ଥିଲେ। ସେମାନଙ୍କ ମଧ୍ୟରେ ପୁଣି ଚେପ୍ଟା ନାକ ଅଦ୍ରାବିଡ଼ମାନେ ମଧ୍ୟ ନ ଥିଲେ, ନୁହେଁ। ସେଥିରେ ପୁଣି 'ଲିଂଗ'-ପୂଜକ ଓ ନାଗ ବା ସର୍ପ-ପୂଜକ ବି ଥିଲେ। ସିନ୍ଧୁ, ଟାଇଗ୍ରିସ୍, ଇଉଫ୍ରେଟିସ, ପ୍ରଭୃତି ନଦୀମାନଙ୍କ ଉପତ୍ୟକାରେ ଆଜକୁ ପାଞ୍ଚହଜାର ବର୍ଷରୁ ଅଧିକ କାଳ ତଳେ 'ଅସୁର' ସଭ୍ୟତା ବା ଅସୁର-ପୂଜକମାନଙ୍କ ସଭ୍ୟତା ପ୍ରତିଷ୍ଠିତ ଥିବାର ପ୍ରମାଣ ମିଳୁଛି। ପ୍ରାଚୀନପ୍ରାଚ୍ୟ ତତ୍ତ୍ୱ-ବିତ୍ ହଲ୍ ସାହେବ (H. R. Hall) ଙ୍କପରି ପଣ୍ଡିତ ଅନୁମାନ କରନ୍ତି, ଟାଇଗ୍ରିସ୍, ଇଉଫ୍ରେଟିସ ମଧ୍ୟରେ ଥିବା ଦ୍ୱୀପ (ପାରସିକ, ଦୋଆବ୍; ତାମିଲ, ଲଂକା)ରେ ଯେଉଁ ବିଶାଳ ଓ ବିରାଟ ଅସୁର ସଭ୍ୟତା ଅତି ଆଦିମକାଳରେ ପ୍ରତିଷ୍ଠିତ ହୋଇଥିଲା, ତା ଅଧିକର୍ତ୍ତା 'ସୁମେର'ମାନେ ହେଉଛନ୍ତି, 'ତାମିଲ'। ଏମାନେ ଭୂମିବାଟେ, ପୁଣି ବିଶେଷରେ ସମୁଦ୍ର ବାଟେ ଭାରତରୁ ଯାଇଥିଲେ। ଏମାନେ ଅତି ଆଦିମକାଳରୁ ସମସ୍ତ ଜୀବନ୍ତ ବସ୍ତୁ ଜନ୍ମର ପ୍ରକାଶ ଭିତରେ 'ଜି' ବୋଲି ଗୋଟିଏ ଅଦୃଶ୍ୟ ଅଜ୍ଞାତ ଶକ୍ତି ଥିବାର କଳ୍ପନା କରିଥିଲେ। ଏହାହିଁ ଖୁବ୍ ସଂଭବ, ଆମ ଜୀବ ବା ଜୀବାତ୍ମାର ଆଦି କଳ୍ପନା। ଏମାନଙ୍କ ଆଦିପୁରୁଷ, 'ମୀନ' (ମାଛ) ସମୁଦ୍ରରୁ ଭୂମିକୁ ଉଠିଥିବା ତାଙ୍କ ପୁରାଣ କହନ୍ତି। ସୁମେରୀୟ ପୁରାଣର ଏହି 'ମୀନ' ଶବ୍ଦଟି ହେଉଛି, ତାମିଲ ଶବ୍ଦ। ଅତି ପ୍ରାଚୀନ ତମଃ (ଅନ୍ଧାର), ଅପ୍ (ଜଳ) ପରି ଶବ୍ଦମାନ ମଧ୍ୟ ପ୍ରାଚୀନ ତାମିଲ ଶବ୍ଦ ବୋଲି ଅନୁମାନ କରି ଯାଉଛି। ଆଦିକାଳର ସୁମେର ଭାଷାରେ ପୁଣି ସେ ସବୁ ଶବ୍ଦ ସେହି ଅର୍ଥରେ ମିଳେ। ଓଡ଼ିଆ 'ତୋଟା' (ରୋପିତ ବୃକ୍ଷଥିବା ଜମି ଖଣ୍ଡ) ଶବ୍ଦ ସୁମେର ଭାଷାରେ ସେହି ଅର୍ଥରେ ବ୍ୟବହୃତ ହେଉଥିଲା। ପ୍ରାଚୀନ ସୁମେରୀୟ ସନ୍ନ୍ୟାସୀମାନେ ବୌଦ୍ଧ ଓ ଶ୍ୱେତାମ୍ବର ଜୈନ ଭିକ୍ଷୁଙ୍କ ପରି ମୁହଁ ମୁଣ୍ଡ ସବୁ ସଫା ଖିଅର ହେଉଥିଲେ। କେବେ ସେମାନେ 'ଦିଗମ୍ବର' ବା ଉଲଙ୍ଗ ଥିଲେ। ସେ କାଳରେ ତିଆରି ହୋଇ ଥିବା 'ସିଂହ ବାହିନୀ'

Digitized by srujanika@gmail.com

'ମା'ଙ୍କ ମୂର୍ତ୍ତି ମଧ୍ୟ ସେଇ ଅସୁର ଭୂମିପାଖ ଅଞ୍ଚଳରୁ ମିଳୁଛି । ଏଇ ସୁମେର-ମାନଙ୍କୁ ପୁଣି ଭାରତୀୟ ଶବର ବୋଲି କେହି କେହି ଅନୁମାନ କରନ୍ତି । କେତେକ ତତ୍‌ବିଦ ପଣ୍ଡିତ ପୁଣି ଏବେ କହୁଚନ୍ତି, ଏଇ କାଲ୍‌ଡିଆ (ସୁମେର ଓ ଆକ୍‌କାଡ୍‌ ) ଓ ତା ପାଖ ଆଖରୁ ପୃଥିବୀର ସବୁ ସଭ୍ୟଜାତିଙ୍କ ଆଦି ପୁରୁଷମାନେ ବାହାରି ଚାରି ଆଡ଼େ ବ୍ୟାପିଥିଲେ । ଇହୁଦୀଙ୍କ 'ବାଇ-ବେଲ୍‌' ( Old Testament ) ର ପୁରାଣ ଏକା ଏହାଇ କହେ । ହୋଇପାରେ, ଏଇ ଓଡ଼ିଆଭୂମିର ଶବରମାନେ ତାମିଲ ସଭ୍ୟତାରେ ପୂର୍ଣ ପ୍ରଭାବିତ ହୋଇ ଓ ଜନମିଶ୍ରଣରେ ତାମିଲଙ୍କ ସଙ୍ଗେ ମିଶି, ହୋଇ-ଥିଲେ, କଳିଂଗ ଓ ଏଇ କଳିଂଗମାନେ ହୁଏତ କଳିଂଗ ନାମରେ ପରିଚିତ ହେବା ପୂର୍ବରୁ ସମୁଦ୍ରବାଟେ ଯାଇ ଏକ ପାରସ୍ୟ ଉପସାଗର କୂଳ ନଦୀମୁହାଣ 'ନଳବଣ'ରେ ବସତି ପକାଇ ଥିଲେ । କିଂବା ହୋଇ ବି ପାରେ, ତାମିଲମାନେ ଅନ୍ୟ କୌଣସି ଆଦିସ୍ଥାନରୁ ଅନ୍ୟଆଡ଼ୁ ଆସି ସେ ଭୂମିରେ ବସି ପରେ ଭାରତକୁ ଆସିଥିଲେ । ନତୁବା ଏକାଜାତି ଦୁଇ ଆଡ଼ୁ ଆସି, ସେଇ ଭୂମିରେ ଆଦାନ ପ୍ରଦାନରେ ମିଶିଲେ । ମାତ୍ର ସେ ଯାହାହେଉ, ସୁମେର-ସମେତ ପ୍ରାଚୀନ କାଲ୍‌ଡିଆର ମୂଳ-ଦୁଆ ନଈ-ମୁହାଣ ·ନଳ ବଣରେ ପଡ଼ିଥିବା କଥାରେ ସନ୍ଦେହ ନାହିଁ । ଏହା ବେଦକାଳର ବହୁ ପୂର୍ବର କଥା । ଅସୁର ସଭ୍ୟତାର ମୂଳ ଏଇଠାରେ । ପଶ୍ଚିମ ଭାରତର ସିନ୍ଧୁ ନଦୀ-ଉପତ୍ୟକାରେ ମହେଞ୍ଜୋଦାରୋ, ହରପ୍ପା ପ୍ରଭୃତିରୁ ପ୍ରାୟ ପାଞ୍ଚ ହଜାର ବର୍ଷ ତଳର ଯେଉଁ ସଭ୍ୟତା ମିଳୁଛି, ସେ ସଭ୍ୟତା ସଙ୍ଗେ ଅସୁର ସଭ୍ୟତାର ସମ୍ବନ୍ଧ ବଡ଼ ଘନିଷ୍ଠ ଥିଲା—ଖୁବ୍‌ ସମ୍ଭବ ଦୁଇ ସଭ୍ୟତା ଏକ ମୂଳ ବା ଏକ ସଭ୍ୟତାର ଦୁଇଟି ଶାଖା ଥିଲା । ଅନୁମାନ ହୁଏ, ସେକାଳେ ସିନ୍ଧୁଠାରୁ ଗଂଗା ବ୍ରହ୍ମପୁତ୍ର ପର୍ଯ୍ୟନ୍ତ ସବୁ ନଦୀର ଉପତ୍ୟକାର ଶବର ଓ ତାମିଲମାନଙ୍କ ସଭ୍ୟତା ଥିଲା, ଏଇ ଅସୁର ସଭ୍ୟତା ବା ତାର ଭିନ୍ନ ଭିନ୍ନ ଶାଖା ।

Digitized by srujanika@gmail.com

# ଅସୁର-ସାହିତ୍ୟର ପରିଚୟ

ଅସୁରମାନେ ଅତି ଆଦିମ କାଳରେ ଲିପି ଓ ଲେଖା ଆବିଷ୍କାର କରିଥିଲେ । ସିଂଧୁ ଉପତ୍ୟକାରେ ସେକାଳର ଲେଖା କେତେକ ମିଳିଛି; କିଂତୁ ପଢ଼ା ହୋଇ ପାରି ନାହିଁ । ମାତ୍ର କାଲଡ଼ିଆରେ ସେହି କାଳର ଲେଖା ଥାଇ ଅତି ପ୍ରାଚୀନ କାଳର ମୁଦ୍ରା ଓ ବଡ଼ ବଡ଼ ଇଟାମାନ ମିଳୁଛି । ସେହି ପୋଡ଼ା ଓ କଂଚା ଇଟାରେ ଲେଖା ହୋଇଥିବା କାବ୍ୟ, ପୁରାଣ, ଦର୍ଶନ, ଜ୍ୟୋତିଷ, ବିଜ୍ଞାନ, ଚିଠି ଓ ଅନ୍ୟାନ୍ୟ ଦଲିଲପତ୍ର ମାନ ସେସବୁ ଭୂମିରେ ଗ୍ରନ୍ଥାଳୟରେ ସେହି କାଳେ ସଂଗୃହୀତ ହୋଇ ଅତିଯତ୍ନରେ ରଖା ହୋଇଥିବାର ଦେଖାଯାଉଛି । ପଣ୍ଡିତମାନେ ସେ ସବୁରୁ ଅନେକ, ପଢିବାକୁ ସମର୍ଥ ହୋଇଛନ୍ତି । ଏହି ଅସୁରମାନଙ୍କର ବିରାଟ ସାମ୍ରାଜ୍ୟମାନ ଥିବାର ମଧ୍ୟ ଜଣା ପଡୁଛି । ଏଥିରେ ରାଜ୍ୟ, ସାମ୍ରାଜ୍ୟ, ପୁରୋହିତ, ଦେବଦେବୀ, ଦାସ ଦାସୀ, ପ୍ରଭୃତି [illegible] ବୋଲି ଅଭିଧା ଓ ବିଭିନ୍ନ ପ୍ରଥା ପାଉଥିଲା । ଏପରିକି, ଏବେ ଯେଉଁ 'ଦେବ-ଦାସୀ' ପ୍ରଥା ଦ୍ରାବିଡ଼ରେ ପ୍ରଚଳିତ ଓ ପ୍ରତିଷ୍ଠିତ, ତା ଯେ ସେହି ସଭ୍ୟତାକୁ ଗରବର ଗଡ଼ି ଆସିଛି, ଏଥିରେ ସନ୍ଦେହ ନାହିଁ । ପୁଣି ପ୍ରମାଣ ମିଳୁଛି, ସେ କାଳର ଏହି ଅସୁର ଭୂମିରେ ଦେବ-ମନ୍ଦିରରେ ଗୋଟିଏ ଭକ୍ତର ଭୋଗ୍ୟା ନ ହେବା ଯାଏ କୌଣସି ଝିଅ ବିଭା ହୋଇ ପାରୁ ନ ଥିଲେ । ଅସୁନ୍ଦରୀ ରଙ୍କ- ଓ ବଡ଼-ଲୋକ-ଝିଏ ଏଇପରି ଭକ୍ତଟିଏ ଥରେ ପାଇବା ପାଇଁ ମନ୍ଦିରରେ ବର୍ଷ ବର୍ଷ ଅପେକ୍ଷା କରୁଥିଲେ ଓ ସେ [illegible] ବାପମାନେ ବହୁଧନ ଖର୍ଚ୍ଚ କରି ଯାତ୍ରୀଟିଏ ମଂଗାଇ ଯୋଗାଡ଼ କରୁଥିଲେ । ତାଙ୍କ ଲେଖା ସାହିତ୍ୟରୁ [illegible] ମିଳୁଛି, ପୁଣି ଆମ ଆର୍ଯ୍ୟ ସାହିତ୍ୟ ଓ ଅନ୍ୟାନ୍ୟ ଲୋକ କଥାରୁ ପ୍ରମାଣ ମିଳୁଛି, ଏହି ଉନ୍ନତ ଅସୁରମାନେ ଆଦର୍ଶରେ ଥିଲେ ଶୂନ୍ୟବାଦୀ । ଏହି ଆଦର୍ଶ ଶୂନ୍ୟବାଦ ଓ ନିର୍ବାଣସାଧନା ସମସ୍ତ ପରଂପରା ଭିତରେ ଓଡ଼ିଆ ସାହିତ୍ୟର ମେରୁଦଣ୍ଡ । ତେଣୁ ପରେ ସେ କଥା ବିସ୍ତୃତ କରି କୁହା ହେବ । ଏଠି ଏତିକି କହିଲେ ହେବ ଯେ, ଶୂନ୍ୟସାଧନାର ବିଶ୍ୱବ୍ୟାଖ୍ୟା ହେଉଛି, ସବୁ

Digitized by srujanika@gmail.com

ଶୂନ୍ୟରୁ ବାହାରିଛି ଓ ଶେଷରେ ଶୂନ୍ୟ ହୋଇଯିବ, 'ନିର୍ବାଣ' ହେବ ବା ଦୀପ ଲିଭି ଲୋପହୋଇଯିବ । ଏହାର ସାଧନା ହେଉଛି, କାମନା ଲୋପ କରି ଦେଲେ ଜୀବନ ଓ ଶରୀରକୁ ଶୂନ୍ୟ ବା ଲୋପ କରି ଦେବାକୁ ହେବ । ଏହି ସାଧନା ତେଣୁ ହେଉଛି, ଶରୀର ସାଧନା ବା ଶରୀରକୁ ଧରି ସବୁ ଶୂନ୍ୟ କରି ଦେବାର ସାଧନା; ପୁଣି କାମନାକୁ ଧରି ଲୋପ କରି ଦେବାର ସାଧନା । ଏହି କାମନାରେ ପ୍ରଧାନ ଓ ବଳିଷ୍ଠ ହେଉଛି, ଯୌନ-କାମନା । ତାକୁହିଁ ତେଣୁ 'କାମନା' ବା 'କାମ' କହନ୍ତି । ତାକୁଇ ପୁରି ଅକଣ୍ଠିଆରକୁ ଗଲେ ଆସିଲେ, ସବୁ କାମନା ମନକୁ ଅଛୁଆ ହୋଇଯିବ । ଏହି ଆଦିମ ଶୂନ୍ୟ-ମୂଳକ ସାଧନାକୁ ପରେ ଆର୍ଯ୍ୟ ସାହିତ୍ୟର ବ୍ରହ୍ମଚର୍ଯ୍ୟ ଓ ତଦାନୁଷଙ୍ଗିକ ଆଶ୍ରମ-ଧର୍ମୀୟ ପୁଷ୍ଟି ଓ ପରିଣତି ଲାଭ କରିଥିଲା । ମାତ୍ର ଏହି ଶୂନ୍ୟବାଦ ସଙ୍ଗେ, ଶୂନ୍ୟରୁ ସୃଷ୍ଟି ଯେଉଁ ଲୌକିକ ଧର୍ମ ଓ ବ୍ୟବହାରରେ ନାନା ଯୌନ ବିଜ୍ଞାନ ଓ ତଦନୁଗତ ଆଚାର ପୁଣି କୃଚ୍ଛ୍ର ସଂଯମ ପ୍ରକାଶ ପାଇବା ସ୍ୱାଭାବିକ । ମୂଳରୁ ଅସୁର ସଭ୍ୟତାରେ ଏହା ପ୍ରକାଶ ପାଇବାର ପ୍ରମାଣ ମିଳୁଛି । ଶୂନ୍ୟରୁ ତ ବ୍ୟକ୍ତ । ସେଥିରେ 'ନାମ' ଛଡ଼ା 'ତତ୍ତ୍ୱ' ବୋଲି କିଛି ନାହିଁ । ତେଣୁ ମାତା ପିତା ବା ନାରୀ ପୁରୁଷର ଯୌନ ସମାଗମ ଛଡ଼ା, ସୃଷ୍ଟିର ଆଉ କିଛି କାରଣ ନାହିଁ । ଆର୍ଯ୍ୟ ସାହିତ୍ୟରେ ଅସୁର ସଭ୍ୟତାର ସୃଷ୍ଟି କଳ୍ପନାକୁ ଲକ୍ଷ୍ୟ କରି କୁହାଯାଇଛି, ଏହା ହେଉଛି, 'କାମହୈତୁକ'; ପରସ୍ପର-ସଙ୍ଗମରୁ ସମ୍ଭୂତ ଛଡ଼ା ଏହା ଆଉ କିଛି ନୁହେଁ । ଓଡ଼ିଆର ଲକ୍ଷିତ ସାହିତ୍ୟରେ ମଧ୍ୟ ଏହି ଦର୍ଶନ-ବାଦ ସୁବିଦିତ । ଏହି ମହାଶୂନ୍ୟ ପୁଣି ଆମ ତନ୍ତ୍ରରେ 'ଅନ୍ଧତମ' ରୂପେ କଳ୍ପନା କରାଯାଇଛି । ସେହି ଅନ୍ଧତମ, ହୋଇଛି, ପୂର୍ବଭାରତରେ, 'କାଳୀ' ଏହି କାଳୀ ହେଉଛି, ପୁଣି 'ଆଦ୍ୟମାତା', ଅଥଚ 'ସର୍ବସଂହାରିଣୀ' । ପଶ୍ଚିମର ଅସୁର ଦେଶରେ ଠିକ୍ ଏହି କଳ୍ପନା ଓ ଧାରଣା ଥିଲା । ସେ ସାହିତ୍ୟରେ 'ତିଅମତ୍' (ସଂସ୍କୃତ—ତମସ୍), ସେହି ପରି ମହାଶୂନ୍ୟ, ଓ ଆଦ୍ୟମାତା, ପୁଣି ସଂହାରିଣୀ । ଏହିପରି କେତେ ଦେବଦେବୀ ଓ ପୁରାଣ ଧାରଣାରେ ସେକାଳ 'କାଲ୍ଡିଅ' ବାବିଲନ୍, ଆସିରିଆ, ଓ ଆମ ଶୂନ୍ୟ-ବିଜ୍ଞାନ

Digitized by srujanika@gmail.com

ଓ କଳନାର ସାମଞ୍ଜସ୍ୟ ଅଛି । ସେ ଦେଶମାନଙ୍କରେ ମଧ୍ୟ ଯୌନ-ରତି-ନିରୋଧ ଅତି କୃତ୍ରିମ ପ୍ରକାରରେ ପ୍ରକାଶ ପାଇଥିଲା । ଉକ୍ତଙ୍କ ସଂଗେ ଅଭିଆତ୍ରୀଙ୍କ ପ୍ରଥମ ରତି, ଓ ତାହାଂ ସଂଗେ 'ଦେବ-ଦାସୀ'ର ସଂପର୍କ କଥା କୁହାଯାଇଛି । ତା ସଂଗେ ହିଁ ପୁଣି ପ୍ରକାଶ ପାଇଥିଲା ଆଧମାତାଙ୍କ ମନ୍ଦିରରେ ପୁରୁଷ ପୁରୋହିତଙ୍କୁ ନପୁଂସକ ( ଖାସି ) କରି ରଖିବା । ଏଇ ପରି ଶବର-ପ୍ରଭାବିତ ଓ ବିଶୁଦ୍ଧ ତାମିଳ ସାହିତ୍ୟ ସଂଗେ ଅସୁର ସାହିତ୍ୟର ବହୁ ଆଦାନ ପ୍ରଦାନ ମଧ୍ୟ ଦେଖାଯାଇ ପାରେ । ମାତ୍ର କଳିଂଗରେ ଏହି ସଭ୍ୟତାର ଯେ ପରଂପରା ଚାଲି ଆସିଛି, ତାର ଆଦର୍ଶ ଓ ବ୍ୟବହାରରେ ଏକଆଡ଼େ କୃତ୍ରିମ ଯୌନ-ନିରୋଧ, ଅନ୍ୟ ଆଡ଼େ ଦ୍ରାବିଡ ଦେଶରେ ପ୍ରଶସ୍ତି ପାଇଥିବା ଦେବ-ଦାସୀ, ପୁଣି ବଂଗଳାର ସହଜ-ସ୍ୱଚ୍ଛନ୍ଦ ଯୌନ-ସାଧନାର ଶୂନ୍ୟ-ଯୋଗ ପଶି, ପଶି ପାରି ନାହିଁ । କଳିଂଗ ସଭ୍ୟତାର ଏଇ ବ୍ୟକ୍ତିତ୍ୱ ସମସ୍ତ ଆଦାନ ପ୍ରଦାନ ଓ ବିକାଶ ମଧ୍ୟରେ ଅମର ପଥ-ପ୍ରଦର୍ଶକ । ତେଣୁ ଏଇ ଚିତ୍ରର ମୂଳ ପଟ୍ଟଭୂମିରୂପେ ବିଶାଳ ଓ ଆଦିମ କାଳରୁ ଚାଲି ଆସିଥିବା ଅସୁର ସଭ୍ୟତା କଥା ଟିକିଏ କୁହାଗଲା । ମାତ୍ର ନିରୁତା ଦାର୍ଶନିକ-ଭିତ୍ତିରେ ପ୍ରତିଷ୍ଠିତ 'ଅସୁର' ସଭ୍ୟତାର ଶଂଖ, ସଂକେତମାନ ଏବା ଏଇ କଳିଂଗରେ ମିଳିବ । ଓଡ଼ିଆ ସାହିତ୍ୟରେ ତା ଛାର ଜୀବନ୍ତ—ବହୁ ସଂକୁଚିତ ହୋଇଥିଲେହେଁ, ତା ଚିହ୍ନି ହେବ । ଏ ଆଲୋଚନାରେ ତାକୁଇ ଚିହ୍ନି, ସେଇ ଶଂଖ, ସଂକେତମାନ ଧରି ଗତି କରିବାକୁ ହେବ ।

## ଫଳିତ ଜ୍ୟୋତିଷ ଓ ଜ୍ୟୋତିଷ

ଶାକଦ୍ୱୀପୀ ବିଦ୍ୟା ସଂପର୍କରେ ଫଳିତ ଜ୍ୟୋତିଷର ସୂଚନା ଦିଆଯାଇଛି । ଏଠି ଟିକିଏ ବିଶେଷ କରି ପୁଣି ତା କହିଦେବା ଦରକାର । ଫଳିତ ଜ୍ୟୋତିଷ ଗୋଟିଏ ଅତି ଆଦିମ ଓ ସାଧାରଣ ସଂସ୍କାର । ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧି କହନ୍ତି; "ବେଦର ଆଦିମ କାଳରେ ଅର୍ଥ-

Digitized by srujanika@gmail.com

ମାନେ ସଂହିତା-ଜ୍ୟୋତିଷ ଆରମ୍ଭ କରିଥିଲେ, ତା ନିରୂପଣ କରିବାର ଚେଷ୍ଟା ଧୃଷ୍ଟତା ମାତ୍ର । ମନେହୁଏ, ମାନବମନର ସ୍ୱାଭାବିକ ଧର୍ମ ଏଇ ଯେ, ଉତ୍ପାତ ଦେଖିଲେ ସେ ତା ଅଶୁଭ ବୋଲି ଗଣନା କରେ । ଯାହା ସ୍ୱାଭାବିକ, ଯଥା ନିତ୍ୟ ଘଟେ, ତା ଅଶୁଭ ହୋଇ ପାରେ ନା । ଯାହା କଦାଚିତ୍ ଘଟେ, ବିଶେଷରେ ଯାହାର କୌଣସି ବିଶିଷ୍ଟ କାରଣ ମିଳେ ନାହିଁ, ସେଥିରେହିଁ ଶଙ୍କା ଜନ୍ମେ । ତେଣୁ କୁହାଯାଇ ପାରେ, ସଂହିତା-ଜ୍ୟୋତିଷର ଆଦି, ମାନବର ଆଦିସର୍ଗେ ହୋଇଥିଲା ।” (‘ଆମାଦେର ଜ୍ୟୋତିଷୀ ଓ ଜ୍ୟୋତିଷ’—ପୃଷ୍ଠା ୪୭୨ ) । “ଗ୍ରହ-ଗତି-ଗଣିତ (ତନ୍ତ୍ର) ଓ ଗ୍ରହଲଗ୍ନ ହେତୁ ପ୍ରତ୍ୟେକ କର୍ମର ଶୁଭାଶୁଭ ଗଣନାରୂପ ହୋରା ବା ଜାତକ ସ୍କନ୍ଧ, ଆଉ ଯାହା କିଛି ଶୁଭାଶୁଭ ଗଣନା ହୋଇ ପାରେ, ସେ ସବୁ ସଂହିତାର ବିଷୟ । ଜଗତ, ସମାଜ, ଜାତି ବା ଦେଶ ବିଶେଷରେ ଯେ ସବୁ ଫଳ ଘଟେ, ସେ ସବୁ ସଂହିତାର ବିଷୟ; ପୁଣି ବ୍ୟକ୍ତି ବିଶେଷର ଯାହା ଘଟେ, ତା ଗଣନା ‘ହୋରା’ର ବିଷୟ ।” ( ଏଜନ୍—ପୃ ୪[illegible]୯ ) । ମନୁଷ୍ୟର ‘ଜାତକ’ ବା ‘କୋଷ୍ଠୀ’ ବିଚାର ହେଉଛି, ‘ହୋରା’ ଶାସ୍ତ୍ର । କେବେ କେବେ ଜାତକ ଓ ଗ୍ରହଗୋଚର ଫଳ ମଧ୍ୟ ସଂହିତାର ଅନ୍ତର୍ଗତ ଥାଏ । ଆଜକୁ ପ୍ରାୟ ୧୨୦୦।୧୩୦୦ ବର୍ଷତଳେ ବରାହମିହିରଙ୍କ ବେଳକୁ ଏଇ ସଂହିତା ନାନା ସ୍ତରରେ ବିରାଟ ଆକାର ଧରିଥିଲା । ଗ୍ରହନକ୍ଷତ୍ର ପର୍ଯ୍ୟବେକ୍ଷଣର ଫଳାଫଳ (ଜ୍ୟୋତିର୍ବିଦ୍ୟା), ଗର୍ଭଲକ୍ଷଣ ପ୍ରବର୍ଷଣ ଗଣନାଦି (ଆବହ ବିଦ୍ୟା), ବୃକ୍ଷଲତାଦି ଦେଖି ଭାବୀ ଶସ୍ୟାଦିଗଣନ (ଉଦ୍ଭିଦ ବିଦ୍ୟା), ଗୋ କୁକ୍କୁରାଦି ଲକ୍ଷଣ (ପ୍ରାଣିବିଦ୍ୟା), ଭୂମିକମ୍ପ ଓ ଭୂତଳ ଜଳ ନିର୍ଣ୍ଣୟାଦି (ଭୂବିଦ୍ୟା), ବାଜୀକରଣ ଓ ପୁଂସ୍ତ୍ରୀ ସମାଯୋଗାଦି (ଆୟୁର୍ବେଦ), ଗୃହ ପ୍ରାସାଦ ନିର୍ମାଣାଦି (ବାସ୍ତୁ-ବା ଶିଳ୍ପ-ବିଦ୍ୟା), ପୁଷ୍ୟାଭିଷେକ ନୀରାଜନାଦି (ରାଜ ବ୍ୟବହାର), ଗ୍ରହବର୍ଷରୁ ଦ୍ରବ୍ୟାଦିର ମୂଲ୍ୟନିର୍ଣ୍ଣୟ (ବାଣିଜ୍ୟ), ପ୍ରଶ୍ନ ଗଣନାଦି ସାମୁଦ୍ରିକ (ଅଙ୍ଗବିଦ୍ୟା), ଖଞ୍ଜନ ଦର୍ଶନ ଓ ଶ୍ୱା ଶିବା ମୃଗ ଗୋ ଅଶ୍ୱ ହସ୍ତୀ ବାୟସଙ୍କ ଚେଷ୍ଟିତ ତଥା ଶବ୍ଦାଦିର ସଂକେତ (ଶକୁନ ବିଦ୍ୟା), ନକ୍ଷତ୍ର ତିଥି ଯୋଗ କରଣାଦି ଓ ବିବାହ ପ୍ରଭୃତି ନିର୍ଣ୍ଣୟ

Digitized by srujanika@gmail.com

(ନୃହ୍ମୂର୍ଦ୍ଦ ବଶୃଦ), ଗ୍ରହ୍ମଗୋଚରାଦି ଜାତକ ସମେତ ସବୁ ନିଗୂହିହର 'ବୃହତ୍ ସଂହିତା'ରେ ଲେଖିଚନ୍ତି । ଏଇ 'ସଂହିତା'ରେ 'ବରାହ' 'ଯବନ'ଙ୍କ ଜ୍ଞାନର ପ୍ରଶଂସା କରିଚନ୍ତି । ଯବନ ବୋଲିଲେ, ସେ ଅବଶ୍ୟ ଗ୍ରୀକ୍ ମାନଙ୍କୁ ମନେ କରନ୍ତି । କିନ୍ତୁ ବାସ୍ତବରେ ଗ୍ରୀକ୍ ସଭ୍ୟତା ତଥା ବୈଦିକ ଆର୍ଯ ସଭ୍ୟତାର ବହୁ ପୂର୍ବରୁ ସୁମେର ଓ ଅସୁରମାନେ ଏଇ ଚଳଣିରେ କହ୍ମହୁର ଯାଇଥିଲେ । ଅଂକ ଗଣନା ପୁଣି ଗଣିତ ଜ୍ୟୋତିଷରେ ଏଇ ସୁମେର ଓ ଅସୁରମାନେ ଅନେକ ଆବିଷ୍କାରମାନ କରି-ଥିବାର ଏବେ ସେମାନଙ୍କ ଲିଖିତଥିବା ସାହିତ୍ୟରୁ ଜଣା ପଡିଚି । ଉଦାହରଣ ସ୍ୱରୂପ, ୫, ୬ ଓ ୧୦ ର ଗୁଣନ ଓ ଶ୍ରେଣିକରଣରେ ଅଂକ ଗଣିବା, ରାଶିଚକ୍ର ଠିକ୍ କରି ମେଷବୃଷାଦି ନାମ ଦେବା, ୭ଟି ଗ୍ରହ ଠିକ୍ କରି ଜାଣି ସପ୍ତାହର 'ବାର' ମାନଙ୍କରେ ଦିନ ଗଣିବା, ସବୁ ଏଇ ଅସୁର ସଭ୍ୟତାରୁ ଅନ୍ୟମାନେ ଗ୍ରହଣ କରିଚନ୍ତି । ଅଂକ ଗଣିବା କଥା ପରେ କୁହାଯାଉଚି । ମାତ୍ର "ବେଦାଂଗ ଜ୍ୟୋତିଷରେ ମେଷ ଆଦି ରାଶି ସଂଜ୍ଞା ଓ ରବି ସୋମାଦି ସପ୍ତବାର ନଥିଲା । ମହାଭାରତରେ ମଧ୍ୟ ମେଷାଦି ରାଶି ବା ସପ୍ତବାରର ନାମ କୁଆପି ନାଇ" ( ଏଜନ୍, ପୃ ୧୬୩ ) । ବୈଦିକ କାଳରେ ମଧ୍ୟ ଆର୍ଯମାନେ ସାତଟି ଗ୍ରହ ଆବିଷ୍କାର କରି ଥିବାର ପ୍ରମାଣ ନାଇ । "ବାଳ ଗଂଗାଧର ତିଲକ୍ ପହ୍ମାଶୃ ଅନୁମାନ କରନ୍ତି, ବୈଦିକ କାଳରେ ଆର୍ଯମାନେ ପାଞ୍ଚଟି ମାତ୍ର ତାରା-ଗ୍ରହ (ରାହୁ, କେତୁ, ତାରା-ଗ୍ରହ ନୁହନ୍ତି । ଆକାଶର ଜ୍ୟୋତିଷ ଗଣନାରେ କଳ୍ପିତ ରାହୁ କେତୁଙ୍କ ନିର୍ଦ୍ଦେଶ ବହୁ ପରେ) ଜାଣିଥିଲେ । ଶଂକର ବାଳକୃଷ୍ଣ ଦୀକ୍ଷିତ ମଧ୍ୟ ସେଇଆ କହନ୍ତି ।" (ଏଜନ୍, ପୃ ୧୭୦) । ଆଉରି ମଧ୍ୟ ଯେରେ ବହ୍ମାଂଶ ପାଇଥିବା ଗଣିତ ଜ୍ୟୋତିଷ ପୂର୍ବରୁ ମଧ୍ୟ ଶକୁନ ବିଦ୍ୟାଦି ସଂଗେ ଫଳିତ ଜ୍ୟୋତିଷ ସେଇ ଅସୁର ସାହିତ୍ୟ ସଂଗେ 'ବିଦ୍ୟା' ରୂପେ ପୃଥିବୀରେ ବ୍ୟାପ୍ତ ହୋଇଚି । ( Myths of Babylonia and Assyria ୩୧୭ ପୃଷ୍ଠାଠାରୁ ଓ R. Browu's Primitive Constellations. Vol. I

Digitized by srujanika@gmail.com

୩୯୮ ପୃଷ୍ଠା) । ଶୁଭାଶୁଭ ଗ୍ରହ ଓ ଶୁଭାଶୁଭ ନକ୍ଷତ୍ର ସଂଗେ ଶୁଭାଶୁଭ ଦିନ ଓ ଶୁଭାଶୁଭ ମୁହୂର୍ତ୍ତର ବାର୍ତ୍ତା ସେଇଠାରେ ଦେଖିବାକୁ ହେଲା । "ପାଶ୍ଚାତ୍ୟ ଦେଶଠାରୁ ଗ୍ରହଗଣ ଗଣନା (ଗଣିତ-ଜ୍ୟୋତିଷ) ଓ ଗ୍ରହଫଳ ଗଣନା (ଫଳିତ-ଜ୍ୟୋତିଷ) ଅଲଗା ହୋଇ ପ୍ରାଚୀନ ଜ୍ୟୋତିଷର ଗ୍ରହ-ଫଳ ଗଣନା, ବର୍ଦ୍ଧମାନବାସୀଙ୍କ ପାଖରୁ ଏବେ କଳ୍ପିତ ହୋଇଛି ।" (ଆମାଦେର ଜ୍ୟୋତିଷୀ ପୃଷ୍ଠା ୪୫୯) । ହେଲେହେଁ, ଫଳାଫଳ ଜାଣିବା, ଭବିଷ୍ୟତ ଜାଣିବା, ଅଜ୍ଞେୟ ଓ ଅଜ୍ଞାତ ଜାଣିବା, ଦେବତା ଓ ଈଶ୍ୱରଙ୍କ ଉଦ୍ଦେଶ୍ୟ ଓ ମନ କଥା ଜାଣିବା ଭଳି ସଂସ୍କାର, ଅପ-ସଂସ୍କାର ଓ କୁସଂସ୍କାରମାନ, ନଖ୍ୟତ୍ର ଓ ନକ୍ଷତ୍ର ବୈଜ୍ଞାନିକ ତଥା ଦାର୍ଶନିକଙ୍କ ଛଡ଼ା ଅନ୍ୟକୁ ଛାଡ଼ିବା ବଡ଼ ସହଜ ନୁହେଁ ।'

## ଓଡ଼ିଆ ସାହିତ୍ୟରେ ଏହାର ସଂକେତ

ଓଡ଼ିଆ ସାହିତ୍ୟରେ ପୁଣି ଏହା ଅତି ପ୍ରାଚୀନ କାଳଂଗ ଓ ଅସୁର କାଳରୁ ସୁପ୍ରତିଷ୍ଠିତ । ମନେ ହୁଏ, ଏହାର ପରଂପରା ଓଡ଼ିଆ, ଆର୍ଯ୍ୟସାହିତ୍ୟରୁ ବିଶେଷ ଗ୍ରହଣ କରି ନାହାନ୍ତି । କାରଣ, ଫଳିତ ଜ୍ୟୋତିଷରୁ ପରେ ପ୍ରକାଶ ପାଇଥିବା ଜାତକର ପ୍ରଭାବ ଓଡ଼ିଶାରେ ସେତେ ନୁହେଁ । ଓଡ଼ିଶାର କୁଳୀନ ବ୍ରାହ୍ମଣ ତଥା ଜନସାଧାରଣଙ୍କ ଭିତରେ ତା ପ୍ରାୟ ନାହିଁ । ପ୍ରାୟ ଗତ ଶତାବ୍ଦୀରେ ବରଂ ଭିତରେ ଭାରତରେ ଗଣକ-ବଂଶମାନଙ୍କର ପ୍ରତିଷ୍ଠା । ସେଥିରେ ଓଡ଼ିଆ ଥିବାର ଜଣା ନାହିଁ । ମାତ୍ର ମୁହୂର୍ତ୍ତ ବିଚାର ପ୍ରଭୃତି ଓଡ଼ିଆରେ ଅତି ପ୍ରତିଷ୍ଠିତ ସଂସ୍କାର । ଶାରଳା ଦାସଙ୍କ ମହାଭାରତଠାରୁ ଭଞ୍ଜ ଯୁଗର କାବ୍ୟ ପର୍ଯ୍ୟନ୍ତ ଯୋଗ କରଣାଦି ଧରି ମୁହୂର୍ତ୍ତ ବିଚାରରେ ସବୁ ଘଟଣା ଯେପରି ନିର୍ଦ୍ଦେଶ କରାଯାଇଛି, ତା ଭାରତରେ ଅଦ୍ୱିତୀୟ । ଶୂନ୍ୟସାଧନାର ଯୋଗାରମ୍ଭ ଓ ଅଭ୍ୟାସରେ ପୁଣି ଏଇ ମୁହୂର୍ତ୍ତ ବିଚାରର କି ସମ୍ବନ୍ଧ ଥିଲା, ତା ଦେଖିବାର ବିଷୟ । ମାତ୍ର ଓଡ଼ିଆ ସାଧନ-ଗ୍ରନ୍ଥମାନଙ୍କରେ ସେସବୁର ସଙ୍କେତ ବେଶୀ ନାହିଁ । 'ବଂଗାଳୀ' ବଜ୍ରଯାନରେ ଅନେକ

Digitized by srujanika@gmail.com

ଗୁଡ଼ିଏ ନେପାଳରୁ ମିଳିଥିବା ତନ୍ତ୍ର- ସାଧନ Gaekward's Oriental Series No. XXVI ଓ No. XLI ରେ ଛପା ହୋଇଛି । ସେ ଗ୍ରନ୍ଥର ନାମ 'ସାଧନମାଳା' । ସେଥିରେ ସ୍ତମ୍ଭନ, ଉଚ୍ଚାଟନ, ବଶୀକରଣ, ମାରଣ ପ୍ରଭୃତି ଯେଉଁ ନାନା ତନ୍ତ୍ର ସାଧନ ବିଧିରେ ମୁହୂର୍ତ୍ତର ନିର୍ଦ୍ଦେଶମାନ ରହିଛି । ସେସବୁ କିଛି ଗ୍ରନ୍ଥମାନ ରଚିଥିଲେ । ହେଲେହେଁ, ବଜ୍ରଯାନୀ ନ ହେଲେ ବି ସାରଳା ଦାସ ଜଣେ ସିଦ୍ଧ ସାଧକ ଥିବାର ସୂଚନା ମିଳେ । ସେ ବି ସେଇ ପ୍ରଭାବରେ ଗୂଢ଼ ତାନ୍ତ୍ରିକ ଥିଲେ । ସେ ମଧ୍ୟ 'ମୁହୂର୍ତ୍ତ'ରେ ନିର୍ବାଣ ଲାଭ କରିଥିବାର ସଙ୍କେତ ମିଳୁଛି । ତାଙ୍କ ଲେଖାରେ ପୁଣି ସର୍ବତ୍ର ମୁହୂର୍ତ୍ତର ପ୍ରତିଷ୍ଠା । ମାତ୍ର ସେସବୁ ମୁହୂର୍ତ୍ତ-ବିଚାର ଓ ଯୋଗ କରଣ ଛଡ଼ା ଏହି ଜ୍ୟୋତିଷର ଗୋଟିଏ ସଙ୍କେତ ମଧ୍ୟ ଓଡ଼ିଆ ସାହିତ୍ୟରେ ସ୍ପଷ୍ଟ । ଭାରତର ଅନ୍ୟ ଅଂଚଳରେ ତା ସେପରି ନାହିଁ । ଓଡ଼ିଶାରେ ମେଷ ବୃଷାଦି ଧରି ସୌର ମାସର ଗଣନାଇ ପ୍ରସିଦ୍ଧ । ଏଥିରେଇ ଋତୁ ଓ ବର୍ଷା ଗ୍ରୀଷ୍ମ ପ୍ରଭୃତି କାଳ ଗଣାହୁଏ । ଆମ ଜାତକରେ, ଆମ ହିସାବରେ, ସର୍ବତ୍ର ସେଇଆ । କର୍ଣ୍ଣାଟୀ ଓ ତେଲିଙ୍ଗୀ ଗଙ୍ଗ ସମ୍ରାଟମାନେ ପ୍ରଥମ ଏ ଅଂଚଳରେ ଧରିଥିଲେ 'ଅଙ୍କ' ଗଣନା । ଏହା ଏକ ବିଚିତ୍ର ଗଣନା । ରାଜାଙ୍କ ରାଜତ୍ୱ ବର୍ଷଧରି ଏହା ଗଣାହୁଏ । ପୂର୍ବ ରାଜାଙ୍କ ଶେଷ ବର୍ଷ ବା ଅଙ୍କ ନୂଆ ରାଜାଙ୍କ ୧ ଅଙ୍କ ବା ପ୍ରଥମ ବର୍ଷ । ତାପରେ 'ସୁନ' ଓ 'ଛଅ' ଥିବା ଅଙ୍କ ଗଣାହୁଏ ନାହିଁ । ମାତ୍ର 'ଏକ' ଗଣା ନ ହେବାରୁ 'ଦଶ' ଗଣା ହୋଇ ପ୍ରତି ଦଶନ୍ଧିରୁ ଅଠବର୍ଷ କମିହୁଏ । ସେ କଥା ଥାଉ । ଏଇ ଅଙ୍କ ଗଣନା ସେମାନେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀଠାରୁ କରୁଥିଲେ । ତା ଏବେ ବି ହୁଏ । ମାତ୍ର ଚାନ୍ଦ୍ରମାସରେ ଅଙ୍କ ବା ବର୍ଷ ଗଣନା ହୁଏ ନାହିଁ । ଏ ଦେଶରେ ମେଷ ବୃଷାଦି ସୌର ମାସ ଧରି ଗଣନ ପ୍ରସିଦ୍ଧ ଥିବାରୁ ସମ୍ରାଟମାନେ ମଧ୍ୟ ନିଜ ଚାନ୍ଦ୍ରମାସ ଓ ତିଥି ଗଣନା ଚଳାଇ ପାରି ନାହାନ୍ତି । ଓଡ଼ିଶାର ବୈଦିକ ସାହିତ୍ୟରୁ ଅନୁକରଣ କରି ଥିବା କେତେକ ପର୍ବଛଡ଼ା ଏବେ ବି ଚାନ୍ଦ୍ରମାସ ଆଦର ନାହିଁ । ବର୍ଷଗଣନାରେ ଏହା ତେଣୁ ବଙ୍କନ-ସମ୍ମତ ହୁଏନି । ପୁଣି ସୌର ମାସମାନଙ୍କୁ ମେଷ ବୃଷ ନ କହି,

Digitized by srujanika@gmail.com

ବଙ୍ଗଦେଶପରି ବୈଶାଖ ଜ୍ୟେଷ୍ଠାଦି ନାମରେ କହିବା ଅସଙ୍ଗତ । ତଥାପି ଓଡ଼ିଆରେ ଅଙ୍କର ପ୍ରଥମ ଦିନ ବା 'ସୁନିଆଁ' (ସେ ଦିନ ସୁନା ମୋହର ଉପରେ ଓଡ଼ିଶା ରାଜାଙ୍କ ନୂଆ ଅଙ୍କ କଟାହୁଏ—ଭାଷାକୋଷ । ସ୍ୱର୍ଣ୍ଣ ମୁଦ୍ରା ଅର୍ଥରେ 'ସୁନିଆଁ' ଶବ୍ଦ ବି 'ମାଦଳାପାଞ୍ଜି'ରେ ବ୍ୟବହୃତ ହୋଇଛି ।) ରୁ ଭାଦ୍ର ଶୁକ୍ଳ ଦ୍ୱାଦଶୀ ନ କହି ପୂର୍ବକାଳରେ ମାସ ନାମ କହିବାକୁ ଯାଇ ସିଂହ ଶୁକ୍ଳ ଦ୍ୱାଦଶୀ ବା କନ୍ୟା ଶୁକ୍ଳ ଦ୍ୱାଦଶୀ ବୋଲି ଆଗେ କହୁଥିଲେ । କାହିଁକିନା, ଚାନ୍ଦ୍ର ଭାଦ୍ରମାସର ଶୁକ୍ଳ ଦ୍ୱାଦଶୀ, କେବେ ସିଂହରେ ପୁଣି କେବେ କନ୍ୟାରେ ମଧ୍ୟ ପଡ଼େ । ଏତେ ଅସୁବିଧା ସତ୍ତ୍ୱେ ଓଡ଼ିଆଏ ଏବେ ବି ସେହି 'ସୁନିଆଁ'ଠାରୁ ବର୍ଷ ଗଣି ମଧ୍ୟ ସିଂହ କନ୍ୟା ପ୍ରଭୃତି ନାମରେ ଓ ସଂକ୍ରାନ୍ତିରୁ ସଂକ୍ରାନ୍ତିରେ ମାସ ଗଣନ୍ତି । ମନେହୁଏ, କର୍ଣ୍ଣାଟୀ ଗଙ୍ଗ ସମ୍ରାଟଙ୍କ ବେଳୁ ଏହିପରି ବର୍ଷ ଗଣନାରେ ବିଭ୍ରାଟ ଆସି ପଶିଥିଲା । ଲୋକେ ଶୁକ୍ଳ ବା କୃଷ୍ଣ ତିଥିରେ ନାମମାନ ମେଷବୃଷାଦି ସୌର ମାସରେ ପ୍ରକାଶ କରୁଥିଲେ । ମେଷ ବୃଷାଦି ନାମରେ କିଂବା ବୈଶାଖ ଜ୍ୟେଷ୍ଠାଦି ଚାନ୍ଦ୍ର ମାସ କେବେ ବୁଝି ନ ଥିଲେ ।

## ଉଦାହରଣ

ସେହି ଗଙ୍ଗ ପ୍ରଭାବର ଅତି ନିକଟବର୍ତ୍ତୀ ଥିବାରୁ ସାରଳା ଦାସ ମୁହୂର୍ତ୍ତ ବିଚାରରେ ବରାବର ସେହି ରୀତିରେ କହିଚନ୍ତି । ଉଦାହରଣ ସ୍ୱରୂପ, ସେ, ମାନଗୋବିନ୍ଦ (ଦୁର୍ଯ୍ୟୋଧନ)ର ଯୁଦ୍ଧକୁ ସେନାପତି ନିମନ୍ତ୍ରଣ-ମୁହୂର୍ତ୍ତ-ନିର୍ଣ୍ଣୟରେ ଲେଖିଚନ୍ତି,

> "ମକର ଶୁକ୍ଳପକ୍ଷ ଚତୁର୍ଥୀ ବୁଧବାର ।
> ରୋହିଣୀ ନକ୍ଷତ୍ର ଭୋଗଥିଲା ସେ ଦିନର ॥"

ପ୍ରହ୍ଲାଦ ଜନ୍ମ-ମୁହୂର୍ତ୍ତକୁ ବର୍ଣ୍ଣନ କରି ଲେଖିଚନ୍ତି,

> "ତୁଳ ଶୁକ୍ଳପକ୍ଷ ତ୍ରୟୋଦଶୀ ଗୁରୁବାର ।
> ଅଶ୍ୱିନୀ ନକ୍ଷତ୍ର ଭୋଗ ଥିଲା ସେ କାଳର ॥"

Digitized by srujanika@gmail.com

‘ଅର୍କ-ଦୈତ୍ୟ’ କୋଣାର୍କଙ୍କୁ ଆସିଲା ମୁହୂର୍ତ୍ତକୁ ଲକ୍ଷାଇ ଲେଖିଛନ୍ତି,

“ମକର ମାସ ଶୁକ୍ଳ ତୃତୀୟା ଅର୍କ ବାରେ ।
ମଘା ନକ୍ଷତ୍ର ଯେ ଭୋଗ ହୁଏ ସେ ଦିନରେ ॥”

ସୂର୍ଯ୍ୟ ଦେବ ଅର୍କଦୈତ୍ୟ ଅସୁରକୁ ମାରି କୋଣ ର୍କକୁ କୋଣାର୍କ କରିଥିବା କାଳକୁ ଲକ୍ଷାଇ ଲେଖିଛନ୍ତି,

“ତୃତୀୟା ଚନ୍ଦ୍ରମା ଯେ ରୋହିଣୀଘରେ ଭୋଗ ॥
ସେଦିନ ମକର ମାସ ରବି ସଂକ୍ରମଣ ।”

ଏସବୁ ମୁହୂର୍ତ୍ତ ନିର୍ଦ୍ଦେଶରେ ପରିଧାଙ୍କମାନଙ୍କରେ ଯୋଗ, କରଣ ଓ ବୃହସ୍ପତିଙ୍କ ସ୍ଥାନ ପ୍ରଭୃତି ‘ସଂହିତା’ର ମୁହୂର୍ତ୍ତ ବିଚାର ପ୍ରକରଣରେ ଥିବା ଆନୁସଂଗିକ କଥାମାନ ଲେଖା ଅଛି । ଯେପରି କି, ଉପରେ ଉକ୍ତ'ର କରି ଯାଇଥିବ ମାନଗୋବିନ୍ଦର ଯୁଦ୍ଧକୁ ସେନାପତି ନିମନ୍ତ୍ରଣରେ ଅଛି,

“ବାଣିଜ୍ୟ ନାମେ କରଣ ବ୍ରହ୍ମ ନାମେ ଯୋଗ ।
ଦୁଆଦଶ ଘରେ ବୃହସ୍ପତିଙ୍କର ଭୋଗ ॥”

ଏଇପରି ସାରଳା ଦାସ ବରାବର ମୁହୂର୍ତ୍ତ-ନିର୍ଦ୍ଦେଶ କରିଛନ୍ତି । ଏଥିରେ ସେ ଦେଶରେ ପ୍ରଚଳିତ ଶବ୍ଦମାନ, ସାଧାରଣ ‘ଜଉଷଙ୍କ’ ଭାଷାକୁ ଅନୁକରଣ କରି ଲେଖିଛନ୍ତି । ପରେ ପ୍ରାୟ ସର୍ବାଦି, ଏପରି କି କାବ୍ୟ ଯୁଗ ପର୍ଯ୍ୟନ୍ତ, ତାଳ ପତ୍ର ମେଲିଲେ ଏଇ ଧାରା ଅନୁକରଣ କରା ହୋଇଛି । ଦୃଷ୍ଟାନ୍ତ ସ୍ୱରୂପ, ‘ଲାବଣ୍ୟବତୀ’ର ପ୍ରଥମ ପୁଷ୍ପବତୀ ହେବା ମୁହୂର୍ତ୍ତକୁ ଲକ୍ଷାଇ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି,

“ଶୁକ୍ଳପକ୍ଷ ଦଶମୀ ଗୁରୁବାରେ ।
ସିଦ୍ଧି ସାଧ୍ୟ ଯୋଗ ଯୋଗ ହେବାରେ ॥

Digitized by srujanika@gmail.com

ଦିନ ଅଷ୍ଟ ଦଣ୍ଡ ଭୋଗ ଅଦିତ୍ୟ ।
ଶୁକ୍ଳ ବେଳା ତୁଳ ଲଗ୍ନ ବିଦିତ ॥
ପୁଷ୍ୟା ନକ୍ଷତ୍ର କର୍କଟ ଚନ୍ଦ୍ରରେ ।
ବୃହସ୍ପତି ଛନ୍ତି ଉଚ୍ଚ କେନ୍ଦ୍ରରେ ॥
ସ୍ଥିତ ସପ୍ତମୀ ମଙ୍ଗଳ ମକରେ ।
ମେଷେ ଅସୁର ଗୁରୁ ଲୀଳା କରେ ॥
ଧନ୍ୟ ହୋଇଅଛି ରାହୁ କନ୍ୟାରେ ।
ବୁଧ ମିଥୁନରେ କେତୁ ମୀନରେ ॥
ସିଂହେ ସ୍ଥିତ ହୋଇଛି ରବିହୀନ ।
ସୌମ୍ୟ ଗ୍ରହ ଦୃଷ୍ଟି ଲଗ୍ନେ ପତନ ॥"
— ଲାବଣ୍ୟବତୀ, ତୃତୀୟ ଛାନ୍ଦ, ୪୧-୪୭ ପଦ ।
[ତାଳପତ୍ର ପୋଥିରୁ ବନାନ୍ ସହିତ ଉଦ୍ଧୃତ]

## ଗଣିତ ଜ୍ୟୋତିଷ ଓ ଓଡ଼ିଆ

ଅବଶ୍ୟ ଗଣିତ ଜ୍ୟୋତିଷ ହିସାବରେ ଏ ସବୁର ମୂଲ୍ୟ କିଛି ନାହିଁ । ଜଣାଯାଉଛି, ସାରଳା ଦାସ କିମ୍ବା ଉପେନ୍ଦ୍ର ଭଞ୍ଜ ପ୍ରଭୃତି କବିମାନେ, ଜ୍ୟୋତିଷର 'ରାଶି-ସଂକ୍ରମଣ' ଓ ତାହାଁ ସଂଗେ ଚନ୍ଦ୍ରର ନକ୍ଷତ୍ର-ଭୋଗ ପ୍ରଭୃତି ଜ୍ୟୋତିଷ ଗଣନା ଜାଣି ନ ଥିଲେ । କାହିଁକି ନା, ଉପର ଉଦାହରଣମାନଙ୍କରେ ବେଶ୍ ଦେଖାଯାଇ ପାରେ, କେବଳ ତୁଳ ଶୁକ୍ଳ ତ୍ରୟୋଦଶୀରେ ଅଶ୍ୱିନୀ ନକ୍ଷତ୍ର ପଡିବା ଛଡା, ଆଉ ଯେଉଁ ଦିନ ଯେଉଁ ନକ୍ଷତ୍ରରେ ଚନ୍ଦ୍ର ଥିବାର କୁହା ଯାଇଛି, ତା ଆକାଶରେ ଅସମ୍ଭବ ହୁଏ । ପୁଣି ଦୃଷ୍ଟାନ୍ତ ଦେଖ । ହରିଙ୍କ ଜନ୍ମର ସେହିଦିନ ସକାଳ ବା ପାହାନ୍ତିଅକୁ ନିର୍ଦ୍ଦେଶ କରି ସାରଳାଦାସ ଲେଖିଛନ୍ତି,

"ମକର ଶୁକ୍ଳ ପକ୍ଷ ନବମୀର ଦିନ ।
ବୃହସ୍ପତି ବାର ପୁଷ୍ୟା ନକ୍ଷତ୍ର ସେ ଦିନ ॥"

Digitized by srujanika@gmail.com

ପୁଣି ସେହି ସକାଳ ପରେ ଦଶମୀ ତିଥିକୁ ଲକ୍ଷ୍ୟକରି,

"ମକର ଶୁକଳ ପକ୍ଷ ଦଶମୀର ଦିନ ।
ବୃହସ୍ପତି ବାର ସେ ରୋହିଣୀ ବଦ୍ୟମାନ ॥"

ତହିଁ ଆରଦିନ ଅର୍ଥାତ୍ ଦ୍ରୋଣଙ୍କ ସେନାପତି ହେବା ଦିନକୁ ଚାହିଁ,

"ମାଘ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥି ।
ଆର୍ଦ୍ରା ନକ୍ଷତ୍ର ସେହି ଦିନ ସେ ଯୁକତି ॥"

ଅବଶ୍ୟ ଉପର 'ନବମୀ'ରେ 'ପୁଷ୍ୟା' ଥିଥାନ୍ତି ଯେବେ 'ତ୍ରିକା' ପାଇଁ ଲିପିକାର ବା ଛପାକାର ପ୍ରମାଦ ହୋଇଥାଏ, ତେବେ ପର୍ଯ୍ୟାୟ କ୍ରମେ ଏକା ମାସକେ ନହେଲେ ମଧ୍ୟ, ଏଇଦିନମାନଙ୍କରେ ଏଇ ଏଇ ନକ୍ଷତ୍ରରେ ଭିନ୍ନ ଭିନ୍ନ ବର୍ଷରେ ଚନ୍ଦ୍ର ରହିବା ଅସଂଭବ ନୁହେଁ । ତେବେ ସାରଳା ଦାସଙ୍କ ଅସଂଖ୍ୟ ଦିନ-ତିଥି-ନକ୍ଷତ୍ର-ନିର୍ଦ୍ଦେଶ ମଧ୍ୟରେ ସବଂସ ଏପରି ଲିପିକାର ବା ଛପାକାରଙ୍କ ମୁଣ୍ଡରେ ଦୋଷ ଲଦା ହୋଇନାଇ । ହେଲେହେଁ, ଓଡ଼ିଶାରେ ଯେ ଗଣିତ ଜ୍ୟୋତିଷ ଜାଣିବା ବାଲା ନ ଥିଲେ, ତା କହିବାର ଉଦ୍ଦେଶ୍ୟ ନୁହେଁ । ଗତ ଦେଢ଼ ହଜାର ବର୍ଷ ଭିତରେ ଭାରତରେ ସର୍ବଶ୍ରେଷ୍ଠ ଦୃକ୍-ସିଦ୍ଧ ଗଣିତ ଜ୍ୟୋତିଷବିତ୍ ହେଉଚନ୍ତି ଚାରିଜଣ—ମଗଧର ଆର୍ଯ୍ୟଭଟ୍ଟ (ଖ୍ରୀଷ୍ଟ ୫ମ ଶତାବ୍ଦୀ); ପଞ୍ଜାବର ବ୍ରହ୍ମଗୁପ୍ତ (ଖ୍ରୀଷ୍ଟ ୭ମ ଶତାବ୍ଦୀ); କର୍ଣ୍ଣାଟର ଭାସ୍କରାଚାର୍ଯ୍ୟ (ଖ୍ରୀଷ୍ଟ, ୧୨ଶ ଶତାବ୍ଦୀ); ସାମନ୍ତ ଚନ୍ଦ୍ରଶେଖର ସିଂହ ବା ପଠାଣି ସାମନ୍ତ, (ଖ୍ରୀଷ୍ଟ ୧୯ଶ—୨୦ଶ ଶତାବ୍ଦୀ) । ପଠାଣି ସାମନ୍ତଙ୍କ କଥା ଅନେକେ ଜାଣିଥିବେ । ସେ ଓଡ଼ିଶାର ଜଂଗଲ ମୂଲକ ଖଣ୍ଡପଡ଼ାରେ ରହି ସମସ୍ତ ଜୀବନ ସେଇଠାରେ କଟାଇଥିଲେ । ଅଧ୍ୟାପକ ଯୋଗେଶ ଚନ୍ଦ୍ର ଯଥାର୍ଥ କହିଚନ୍ତି, "ଯଦି କେହି

Digitized by srujanika@gmail.com

ପ୍ରାଚୀନ କାଳ ଜ୍ୟୋତିର୍ବିଦ୍‌ଙ୍କ ଭଳି ଜ୍ୟୋତିର୍ବିଦ୍ ଦେଖିବାକୁ ଚାହାନ୍ତି, ସେ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହଙ୍କ ପାଖକୁ ଆସନ୍ତୁ (ଏ ଲେଖା ବେଳକୁ ଚନ୍ଦ୍ରଶେଖର ବଞ୍ଚି ଥିଲେ । ଏହା ୧୮୯୭ ଖ୍ରୀ:— ର ଲେଖା । ଚନ୍ଦ୍ରଶେଖର, ଖ୍ରୀ ୧୮୩୫-୧୯୦୪) । ଏ ସଂସ୍କୃତ ଓ ମାତୃଭାଷା, ଓଡ଼ିଆ ଛଡ଼ା ଅନ୍ୟ କୌଣସି ଭାଷା ଜାଣନ୍ତି ନାହିଁ । ଏପରି କି, ଓଡ଼ିଆ ଅକ୍ଷର ଛଡ଼ା ଅନ୍ୟ ଅକ୍ଷର ପର୍ଯ୍ୟନ୍ତ ପଢ଼ି ପାରନ୍ତି ନାହିଁ” । (“ଆମାଦେର ଜ୍ୟୋତିଷୀ” ପୃ: ୨୯) । ସେ ପୁଣି ନିଜ ପିତାଙ୍କ ଠାରୁ ଜ୍ୟୋତିଷ ଶିକ୍ଷା କରି-ଥିଲେ । ଓଡ଼ିଶାରେ ଏ ପରଂପରା ଖୁବ ଥିଲା । ପ୍ରାଚୀନ ଓଡ଼ିଶାର ମୌଳିକ ଗ୍ରନ୍ଥ ସବୁ ଖୋଜା ହୋଇନାହିଁ । ପ୍ରକାଶିତ ଗ୍ରନ୍ଥରେ କେଉଁଟି ଓଡ଼ିଆର ତା ବି ଜାଣିବାର ଚେଷ୍ଟା ହୋଇନାହିଁ । ତଥାପି ତେଲଙ୍ଗ ଜ୍ୟୋତିର୍ବିଦ୍ ସୂଚନା-ପୂର୍ଣ୍ଣ, ପଞ୍ଜିକାଆର ସୁବିଧା ପାଇଁ ଯେଉଁ ପ୍ରଥମ ପ୍ରସିଦ୍ଧ ‘ସାରଣୀ’-ଗ୍ରନ୍ଥ ଖ୍ରୀ ୧୨୯୮ ରେ ରଚନା କରିଥିଲେ, ଓଡ଼ିଶାର ମାର୍କଣ୍ଡେୟ ପୁର ମାଡ଼ଣି ପାଠୀ (ପାଢ଼ୀ) ତା ଉପରେ ଓଡ଼ିଆ ଭାଷାରେ ସୁନ୍ଦର ଟୀକାଟିଏ ଲେଖି ଥିବାର ଜଣା ପଡ଼ୁଛି । କିନ୍ତୁ ସେ ସବୁ କହିବା ବା ଆଲୋଚନା କରିବା ଏଠି ଉଦ୍ଦେଶ୍ୟ ନୁହେଁ । ଏଠି କୁହା ଯାଉଛି, ଜ୍ୟୋତିଷ ପରଂପରାର କଥା । ସାରଳା ଦାସଙ୍କ ପରି କବିମାନେ ଜ୍ୟୋତିର୍ବିଦ୍ ନ ଥିଲେ । କବିମାନେ ପ୍ରାୟ ତା ହୁଅନ୍ତି ନାହିଁ । ସେମାନେ କିନ୍ତୁ ପ୍ରାଚୀନ ପରଂପରା ପ୍ରକାଶ କରିଥିଲେ । ସେଥିରେ ମେଷ ବୃଷାଦି ମାସର ସୌର ନାମ ସଙ୍ଗେ ଭାବରେ ଦିନ ଚଳାଇବା ପ୍ରତି ଲକ୍ଷ୍ୟ କରି ଏଠି କୁହାଯାଉଛି । ସୌର ମାସ ନାମ ପ୍ରୟୋଗ ସତ୍ତ୍ୱେ ସେଥିରେ ତିଥି ଦେଖାଇବା ପୁଣି ବାହାରର ପ୍ରଭାବ । ତା ପୂର୍ବରୁ କୋଶଳ ଓ ବଂଗ ପୁଣି ମଗଧରେ କେବଳ ଚାନ୍ଦ୍ର ମାସ ଓ ଦିନଇ ଚଳଣି ଥିଲା । ଅଶୋକଙ୍କ ଶିଳାଲିପିରେ ପର୍ଯ୍ୟନ୍ତ ଚାନ୍ଦ୍ରମାସ ଓ ତିଥିରେଇ ନିର୍ଦ୍ଦେଶ ଦେଖିବାକୁ ମିଳେ । ସାରଳାଦାସ ନ ଜାଣି ସେଇ ପ୍ରଭାବରେ ପ୍ରଭାବିତ ପରଂପରା କଥାରେ ଜାଣନ୍ତି । ମୁହୂର୍ତ୍ତ ବିଚାର ଛଡ଼ା ଖାଲି ତିଥି ନିର୍ଦ୍ଦେଶ କରିବାରେ ମଧ୍ୟ ତାଙ୍କର ସେଇକଥା । ଶ୍ୱେତକଳ୍ପ-ଉପା-

Digitized by srujanika@gmail.com

ଖ୍ୟାନରେ ଅଗସ୍ତି, ଗଙ୍ଗାସ୍ନାନକୁ ଆସି ଥିବା ଦିନ ନିର୍ଦ୍ଦେଶ କରି ସେ ମଧ୍ୟ କେବଳ କହନ୍ତି,

"ମକର ମାସ କୃଷ୍ଣପକ୍ଷ ପଞ୍ଚମୀଦିନ ।"

## ଚାନ୍ଦ୍ରମାସ

ପଣ୍ଡିତମାନେ ସ୍ଥିର କରନ୍ତି, ବୈଶାଖ, ଜ୍ୟୈଷ୍ଠାଦି ଚାନ୍ଦ୍ରମାସର ନାମ ସବୁ ଭାରତୀୟ ଆର୍ଯ୍ୟଙ୍କ ଆବିଷ୍କ୍ରିୟା । ଅଶ୍ୱିନୀ ପ୍ରଭୃତି ନକ୍ଷତ୍ରର ନାମଗୁଡ଼ିକ ମଧ୍ୟ ତାଙ୍କର । ପୂର୍ଣ୍ଣିମାରେ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ରହନ୍ତି, ସେହି ନକ୍ଷତ୍ର ଅନୁସାରେ ମାସର ନାମ । ଯଥା:—ଅଶ୍ୱିନୀରେ ଆଶ୍ୱିନ, କୃତ୍ତିକାରେ କାର୍ତ୍ତିକ, ମୃଗଶିରାରେ ମାର୍ଗଶିର ଇତ୍ୟାଦି । ପୂର୍ଣ୍ଣ ଚନ୍ଦ୍ରକୁ ଦେଖି ମାସ ଜାଣିବା ମନୁଷ୍ୟ ପକ୍ଷେ ସହଜ ଓ ସାଧାରଣ । ତା ସବୁ ଆଦିମ ସମାଜ ପରି ପ୍ରାଚୀନ ଓଡ଼ିଆ ସମାଜରେ ନଥିଲା, ନୁହେଁ । କେବଳ ଚାନ୍ଦ୍ର ମାସର ନାମଗୁଡିକ ଆର୍ଯ୍ୟ ସାହିତ୍ୟରୁ ଆସି ଥିଲା ଓ ଚନ୍ଦ୍ରଦେଖି ଜାଣୁଥିବା ମାସ-ଗୁଡିକର ନାମ ସେହି ଅନୁସାରେ ବଦଳିଯାଇଥିଲା । ଆମ ମାଇପେ ମଧ୍ୟ କହନ୍ତି, "ଧାରଶ୍ରାବଣ", "ଭାଦୁଅ ଖରା"; ପବନମଧ୍ୟ ଅଛି "ବଉଳ-ଉଆଁସ" । ଏସବୁ ଏକ ପ୍ରକାର ଋତୁ-ଜ୍ଞାପକ । ପୁଣି ଶୀତ କାଳ ବର୍ଣ୍ଣନ କରି ମାଇପେ କହନ୍ତି,

"କାର୍ତ୍ତୀ-କ୍, ଶିତକରେ ଗଣ୍ଡା-କ୍ (କି),
ମଗୁଶୀ-ର୍, ଶିତକରେ ଶିରଶୀ-ର୍ (ରି),
ପୁ-ଷ୍, ଶିତ କରେ ଦୁସ୍ ଭୁ-ସ୍,
ମା-ଘ୍, ଶିତର ବାଘ ଗ-ଚ୍,
ଫଗୁ-ଣ୍, ଶିତ କରେ ଦୁଗୁ-ଣ୍,
ଚଇ-ତ୍, ଶିତଯାଏ ବୋଇ-ତ୍ ।"

Digitized by srujanika@gmail.com

ସେଇ ଅନୁକ୍ରମେ ଅୟନ ଓ ଋତୁ ବର୍ଣ୍ଣନକରି ସାରଳା ଦାସ ବି ଲେଖିଚନ୍ତି,

"ମାଘ ମାସଠାରୁ ଷଡ଼ ମାସ ପରିଯନ୍ତେ ।
ଉତ୍ତର ଅୟନ ବୋଲି କହନ୍ତି ଜଗତେ ॥
ଆଷାଢ଼ରୁ ଆରଂଭ ଯେ ଦକ୍ଷିଣ ଅୟନ ।
ଏହିପରି ବର୍ଷେକ ହୁଅଇ ସମ୍ପୂର୍ଣ୍ଣ ॥
ଆଷାଢ଼ରୁ ପକ୍ଷେ ଶ୍ରାବଣ ଭାଦ୍ରବ ପକ୍ଷେ ।
ବରଷାଋତୁ ବୋଲଣ ଶାସ୍ତ୍ରରେ ଯେ ଲେଖେ ॥
ଭାଦ୍ରବରୁ ପକ୍ଷେ ଆଶ୍ୱିନ କାର୍ତ୍ତିକ ପକ୍ଷେ ।
ଶରତ ଋତୁ ଯେ ଏହା ଅଟଇ ପ୍ରତକ୍ଷେ ॥
କାର୍ତ୍ତିକରୁ ପକ୍ଷେ ମାର୍ଗଶିର ପୁଷ ପକ୍ଷେ ।
ହିମଋତୁ ଏହିକାଳ କହିଲି ଉଲ୍ଲେଖେ ॥
ପୁଷ ଏକ ପକ୍ଷ ମାଘ ଫାଲ୍‌ଗୁନରୁ ପକ୍ଷେ ।
ଶିଶିର ଋତୁ ଯେ ଏହା ଜାଣିକ ପ୍ରତକ୍ଷେ ॥
ଫାଲ୍‌ଗୁନରୁ ପକ୍ଷେ ଚୈତ୍ର ବୈଶାଖରୁ ପକ୍ଷେ ।
ବସନ୍ତ ଋତୁ ଏହାକୁ ଅବଦକେ ଲେଖେ ॥
ବୈଶାଖରୁ ପକ୍ଷେ ଜ୍ୟୈଷ୍ଠ ଆଷାଢ଼ରୁ ପକ୍ଷେ ।
ଗ୍ରୀଷ୍ମଋତୁ ବୋଲି ଏହା ଶାସ୍ତ୍ରରେ ଯେ ଲେଖେ ॥"

(ଜଣା ପଡ଼ୁଛି, ସାରଳା ଦାସଙ୍କ ମୂଳ ଲେଖାରେ 'ଅଘଣ' 'ମଗୁଶିର' 'ଫଗୁଣ' 'ଚୈତ' ବା 'ଚଇତ' 'ବୈଶାଗ' ବା 'ବଇସାଗ', 'ପଖେ'—ଏଇପରି ଥିଲା । ପରେ ଲିପିକାରଙ୍କ ଦୋଷରୁ 'ସଂଶୋଧିତ' ରୂପରେ ବଦଳି ଯାଇଛି ।) ଅର୍ଦ୍ଧ ମାସକୁ ଗ୍ରନ୍ଥମାନ ଧକେଡ଼ରେ ସାଧାରଣ ଲୋକବ୍ୟବହାରରେ 'ପଖେ' (ପକ୍ଷେ) ବୋଲି କହିବାରୁ ସେଇ ସ୍ଥଳରେ ଗ୍ରନ୍ଥମାନ ମାତ୍ର ନାମସବୁ ଲୁହା ହୋଇଯାଇଛି । କାହିଁକନା, ଠିକ୍ ପର ପଦରେ କବି ପୁଣି କହିଚନ୍ତି,

Digitized by srujanika@gmail.com

 hub 751014

"ଅତଂକ୍ର ପଷାନ୍ତ ସେହୁ ଶିଶିର ଦିବସ ।
ସେଇ ଦୁଇ ମାସ ମଧ୍ୟେ ଯେ ମକର ମାସ ॥"

ପ୍ରତିପଦାଠାରୁ ପୂର୍ଣ୍ଣମୀ ଯାଏଁ ଗୃହୀତ ମାଘ ମାସ ମଧ୍ୟ ପୁଣ୍ୟ ମାସ । ଖାଲି ମାଘ ମାସକୁ ପୁଣ୍ୟ ମାସ ବୋଲି ସାରଳା ଦାସ ଯେଉଁଠି କହିଛନ୍ତି, ସେଠି 'ମକର' ନ ବୁଝି 'ମାଘ' ବୁଝିବାକୁ ହେବ ।

## କିଂତୁ ଋତୁ ଗଣିତେ ସୌର ମାସ ଓଡ଼ିଆର ବିଶେଷ

ସୂଚନା ଦିଆ ଯାଇଛି, ମୁହୂର୍ତ୍ତ-ବିଗ୍ରହ ଓ ପୁଣ୍ୟକାଳ ନିର୍ଦ୍ଦେଶରେ କେବଳ ଗଂଗ ପ୍ରଭାବ ଛଡ଼ା କୋଣସି କାଠେ ଉତ୍ତର ଭାରତର ପ୍ରଭାବ ପୂର୍ଣ୍ଣ ପୂର୍ବ ଉତ୍ତରରୁ ମଗଧ ଓ ବଂଗର ପ୍ରଭାବ କମ୍ ପଡ଼ି ନାଇ । ତଥାପି ଋତୁ ଓ ମାସ ଗଣନାରେ ବଞ୍ଚନ-ଉମ୍ପତ ଅସୁର ଓ କଳିଙ୍ଗ ସ୍ରୋତ ଓଡ଼ିଆ ସାହିତ୍ୟରେ ଏକ ପ୍ରତିଷ୍ଠିତ ପରଂପରା । ମୁହୂର୍ତ୍ତ ଓ ପୁଣ୍ୟକାଳ ନିର୍ଦ୍ଦେଶ ଛଡ଼ା ଅନ୍ୟାନ୍ୟ କବିତ୍ୱ ଓ ଉପମାଦିରେ ସେଇ ସାରଳାଦାସ ମଧ୍ୟ ସୌରମାନଇ ବ୍ୟବହାର କରିଚନ୍ତି; ଯଥା :—

"କକଡ଼ା ମାସରେ ଯେସନ୍ତେ ହୁଏ ଛଳ ବୃଷ୍ଟି ।"
ଘଟୋତ୍କଚ, ଅଲଂବୁଷର ଯୁଦ୍ଧ ।
"ଯୁଦ୍ଧତେ ମକର ମାସ ଶୋଷିଲା ଲୁହିତ"
ଭୀଷ୍ମଙ୍କ ୮ମ ଦିନ ରଣ ଯୁଦ୍ଧ ।
ପୁଣି ମୁହୂର୍ତ୍ତ ବିଗ୍ରହ ବ୍ୟାଘାତ ଅଭିମନ୍ୟୁର ବର୍ଣ୍ଣନା କରି କହିଚନ୍ତି,
"ଯେସନ ମିଥୁନ ମାସ ଆଦିତ୍ୟ ଉଦୟ !"
—ଦ୍ରୋଣ ପର୍ବ
ମହାଭାରତ ଯୁଦ୍ଧର ୪ର୍ଥ ଦିନଟା ଖାଲି ଚିହ୍ନାଇ କହିଚନ୍ତି,
"ଶନିବାର ସେ ଦିନ ଯେ ବ୍ୟତୀପାତ ଯୋଗ ।
ମକର ମାସର ଉନବିଂଶ ଦିନ ଭୋଗ ॥"

Digitized by srujanika@gmail.com

ଧନ ଛଡ଼ାଇ ଦେବାରେ ବାହାର ନଷ୍ଟ ଦୁର୍ଯୋଗ ଏ ସମ୍ପର୍କରେ ମଧ୍ୟ ପ୍ରଣିଧାନ ଯୋଗ୍ୟ ।

ଆମ ଘର ପରମ୍ପରାରେ ଗଢ଼ି ଆସିଥିବା ଲୋକଙ୍କ 'ଡାକ-ବଚନ'ରେ ବର୍ଷକର ମେଷ ବୃଷାଦି ମାସ । ବହୁ-ନିଯୁକ୍ତ ଆମ ଗୃହର କାଳ ଗଣନାରେ ବୈଶାଖ ଜ୍ୟେଷ୍ଠାଦି ଶବ୍ଦ ନାମ ପରି ନାହିଁ । ଧାନ ବୁଣିବାରେ 'ଡାକ' ବଚନ ହେଉଛି,

"ବୃଷ ଯତର କାଳେ ଶୁଣ୍,
ହୁଡ଼ ଛଡ଼ ଧାନ ବୁଣ୍ ।"

ପୁଣି ଧାନ ରୋଇବାରେ,

"ମିଥୁନ ଛଡ଼ା, କର୍କଟ ହୁଡ଼ା, ସିଂହ ଲଉକା,
କନ୍ୟା ନଷ୍ଟ ଚନ ରେ ।
ତୁଳରେ ରୋଇଲେ, ମୂଳକର ଫଳବ,
ବଉ ବଉ କର ଥୋ ।।"

ଆଉର ଧାନ ଥୋଡ଼ ହେବାକୁ ଲକ୍ଷ୍ୟ କର,

"ଆଗେ ବୁଣ୍, ପଛେ ବୁଣ୍,
ଗଭଁଣାକୁ ହୁଁଣୁ ମୁଖ୍ ।"

( ଗଭଁଣା ବୋଇଲେ, ଗର୍ଭଣା-ସଂକ୍ରାନ୍ତି ବା ତୁଳ ସଂକ୍ରାନ୍ତି )

## ଏ ସବୁ ଓଡ଼ିଆ ସାହିତ୍ୟରେ କଳିଙ୍ଗ-ଅସୁର ସଭ୍ୟତାର ପରମ୍ପରା

ଏ ସବୁ ଭିତରେ ମାସ ନାମରେ ମେଷ ବୃଷାଦି ଲକ୍ଷ୍ୟ କରିବାର ଅଛି । କର୍ଣ୍ଣାଟ ଓ ତେଲିଙ୍ଗାର ସାମ୍ରାଜ୍ୟ-ଓ ସମ୍ରାଟ-ପ୍ରଭାବ ସତ୍ତ୍ୱେ, 'ସୂନଅ' ସତ୍ତ୍ୱେ, କଟକ ସଂସ୍କାର ରହିଛି । ବଙ୍ଗଳାରେ ତା ଅଦୌ ନାହିଁ ।

Digitized by srujanika@gmail.com

ଗୃହଆଡ଼ର ଦ୍ୟୋଗ ଓ ପ୍ରଭାବକୁ ଦେଖି ଜାଣେ କ୍ଲିଷ୍ଟାଦ୍ଧ ସଙ୍କେତ ଓଡ଼ିଆରେ ଏଇ ବାଲ୍ମନ-ମତ ଓ ସଗତ ସୌରମାନ ଓ ସେଇ ପ୍ରାଚୀନ ଅସୁର ବା କଲ୍‌ଡୀଙ୍କର ମେଷ ବୃଷାଦି ନାମ ପ୍ରତିଷ୍ଠିତ ରହିଛି । ଏଥି ସଙ୍ଗେ ମୁହୂର୍ତ୍ତ ଯୋଗାଦି ନିରୂପଣରେ ପୁଣି 'ବାର' ନାମ । ମେଷ ବୃଷାଦି ପରି ଏହା ସୁମେରୀୟ ବା କାଲ୍‌ଡିଆର ପ୍ରାଚୀନ ଅସୁର ସଭ୍ୟତାରେ ... ପର୍ଯ୍ୟନ୍ତଲେ ମଧ୍ୟ ପ୍ରଚଳିତ ଥିବା କଥା ବୁଝାଯାଉଛି । 'ବାର'ରେ ଦିନ ଗଣିବା ଗୋଟିଏ ଅତି ପୁରାତନ ସଂସ୍କାର । ଜ୍ୟୋତିଷରେ ତାର କୌଣସି ମୂଳ ନାହିଁ । ଅଥଚ 'ବାର' ଭୁଲିଗଲେ ପୁଣି ତାକୁ ବାହ୍ୟାର କରିବାର କୌଣସି ଉପାୟ ନାହିଁ । ଜଣା ପଡୁଛି, ଚନ୍ଦ୍ର, ସୂର୍ଯ୍ୟ ସମେତ ସାତଟି ଗ୍ରହ ଜାଣିଲେ ବେଳେ କାଲ୍‌ଡିଆରେ ଏଇ ଗ୍ରହମାନଙ୍କ ନାମରେ ଗୋଟିଏ ଗୋଟିଏ ଦିନର ନାମ ଦେଇ ସପ୍ତାହ ବା ହପ୍ତା (ହପ୍ତାହ—ପାରସିକ) ରେ କାଳ ଗଣୁଥିଲେ । ଏଇ ବାର ନାମ ଓ ମେଷ ବୃଷାଦି ରାଶି ନାମ ଗ୍ରୀକ୍‌ମାନଙ୍କ ଠାରୁ ଭାରତକୁ ଆସିଛି ବୋଲି ପଣ୍ଡିତ-ମାନେ କହନ୍ତି । ମାତ୍ର ତା ଠିକ୍ ନୁହେଁ । ଗ୍ରୀକ୍ ଓ ଭାରତୀୟ ତଥା ପାରସିକ, ଚୀନୀୟ, ଆରବ୍ୟ ପ୍ରଭୃତି ସବୁ ସାହିତ୍ୟକୁ ଏହା କାଲ୍‌ଡିଆରୁ ଯାଇଛି ବୋଲି ରବର୍ଟ ବ୍ରାଉନ୍ (ସାନ) ସାହେବ, ନିଜ ଅଦ୍ଭୁତ ତଥ୍ୟପୂର୍ଣ୍ଣ (R. Brown-junior's 'Primitive Constellations') ପୁସ୍ତକରେ ବିସ୍ତୃତ କରି କହନ୍ତି [ 'Myths of Babylonia and Assyria' ପୁସ୍ତକର ୩୦୬ ଓ ୩୦୯ ପୃଷ୍ଠା ବି ଦେଖ ] । ଭାରତର ଗ୍ରୀକ୍ ସମ୍ପର୍କ ପରେ, ଅବଶ୍ୟ ଗ୍ରୀକ୍‌ମାନଙ୍କ ସଂଗେ ଜ୍ୟୋତିଷରେ କେତେକ ଆଦାନ ପ୍ରଦାନ ଭାରତର ହୋଇଥିଲା । ମାତ୍ର କାଲ୍‌ଡିଆର ପ୍ରଭାବ ଗ୍ରୀସକୁ ଯିବାର ବହୁ ପୂର୍ବରୁ ଭାରତ ସଙ୍ଗେ କାଲ୍‌ଡିଆର ଆଦାନ ପ୍ରଦାନ ଥିଲା ( ଏଜିନ—ପୃ ୧୫ ) । ଉଦାହରଣ ପାଇଁ ଏଠି ଦେଖାଯାଇ ପାରେ, ଆମ 'ମକର' ରାଶିର କଳ୍ପିତ ରୂପ ହେଉଛି, କୁମ୍ଭୀର ଲାଞ୍ଜ ଥିବା ପଶୁ । କାଲ୍‌ଡିଆରେ ଏହା ହେଉଛି, ସମୁଦ୍ର ଦେବତାଙ୍କ ମାଛ ଲାଞ୍ଜ ଥିବା ଛେଳି । ଗ୍ରୀକ୍-

Digitized by srujanika@gmail.com

ମାନଙ୍କ 'ମକର' ହେଉଛି, ସୁମେରୁର 'ଛେଳି'—Capricornus. । ଆମ ଜ୍ୟୋତିଷେ ଆକାଶରେ ତାରାଙ୍କୁ ଧରି, ଏଇ ରାଶି ବାଣ୍ଟିବା ପାଇ ପୁଣି ମେଣ୍ଢା, ଷଣ୍ଢ, ଯୋଡ଼ି, କଙ୍କଡ଼ା ଇତ୍ୟାଦି କଳ୍ପନା କରି ଦେଖି ବସନ୍ତି । ମାତ୍ର ପଣ୍ଡିତମାନେ ମନେ କରନ୍ତି, ଏ ସବୁ ନାମର କାରଣ ରୂପେ ମୂଳରେ ଆକାଶରେ ଏପରି ରୂପ କଳ୍ପନା ନ ଥିଲା । ଏହାର ମୂଳ ଥିଲା, ସେ କାଳର ପୁରାଣ କଥାମାନ । [ଏଇନ୍—ପୃ ୩୦୮ ] ଆମର ଯେପରି ଧ୍ରୁବ ଅଗସ୍ତି, ସପ୍ତର୍ଷି, କାଳପୁରୁଷ, ସ୍ୱର୍ଗଂଗା ( ଛାୟାପଥ ) କୂଳରେ କୃତ୍ତିକା ଭରଣୀ ଗୁଡ଼ିଙ୍କ ଇତ୍ୟାଦି ସମ୍ବଂଧରେ କଥାମାନ ଅଛି, ସେ ସବୁ ସେଇପରି କିଛି ଥିଲା । ପୁଣି ଦେଖିବାର କଥା, ଆମ 'ସୁନିଆ' ଦିନ ପରି ତାମିଲ ଭୂମିରେ ଏବେ ଶୀତୋତ୍ସବରେ ପୂର୍ଣ୍ଣିମାଠାରୁ ବର୍ଷା-ରମ୍ଭ କରାହେଲେ ମଧ୍ୟ ( J. F. Hewittଙ୍କ Early History of Northern India ୫୫୧-୨ ପୃଷ୍ଠା ଦେଖ ), ବ୍ରାଉନ୍ ସାହେବ କହନ୍ତି, ଏବେ ତାମିଲ ଗ୍ରନ୍ଥ ଓ ସୌରମାସର ନାମଗୁଡ଼ିକ କାଲ୍ଡିଆ ବା ବାବିଲୋନିଆରେ ଚଳୁଥିବା ନାମ ପରି । ମେଷ ବୃଷାଦି ମାସର ନାମ ଭାରତରେ ଅନ୍ୟତ୍ର ମାତ୍ର ଜ୍ୟୋତିଷ ଜାଣୁଥିବା ଲୋକେ କେବଳ ଜାଣନ୍ତି । ସତ୍ୟ, ତ ଜ୍ୟୋତିଷର ମୂହୂର୍ତ୍ତ ବିଚାରରେ ତିଥି ( ଗ୍ରହ ) ଅଛି; ମାତ୍ର ବାରର ପ୍ରତିଷ୍ଠା ନାହିଁ । 'ଆମାଦେର ଜ୍ୟୋତିଷୀ ଓ ଜ୍ୟୋତିଷ' ଗ୍ରନ୍ଥରେ ଯୋଗେଶଚନ୍ଦ୍ର କହନ୍ତି, "ପୂର୍ବକାଳେ ସପ୍ତାହ ଭାଗ ନ ଥିଲା; ବାର ବି ସେତେ ପ୍ରଚଳିତ ନ ଥିଲା । ସୌରମାସ ଓ ସପ୍ତବାର ପ୍ରଚଳିତ ହେବା ପରେ ସପ୍ତାହର ପ୍ରାଧାନ୍ୟ ଘଟିଛି" [ ପୃ ୩୨୮ ] । ଓଡ଼ିଆ ସାହିତ୍ୟରେ ଏଣୁ ଏ ସବୁ ବୃତ୍ତାନ୍ତ ପ୍ରତିଷ୍ଠାରେ ଲୋକ ଚଳନ୍ତି ଓ ଲେଖା, ପୁଣି କଥା କିମ୍ବଦନ୍ତୀ ଆଦିରେ ପ୍ରାଚୀନକାଳରୁ ଜୀବନ୍ତ ଅଛି । ତା ଏଠି ବିଶେଷରେ ଦେଖିବାର କଥା । ଏ ସବୁ ଓଡ଼ିଶାରେ କଳିଂଗ-ଅସୁର ସଭ୍ୟତାର ପରଂପରା ।

Digitized by srujanika@gmail.com

## ଏ କ୍ଷେତ୍ରରେ ଆଧୁନିକ ଉତ୍ପାତ

ମାତ୍ର ଗତ ୭୦ ବର୍ଷରୁ ଅଧିକ କାଳ ଧରି ବର୍ତ୍ତନୀରୁ ଯେଉଁ ନୂତନ ଉତ୍‌ପାତ ବାତ୍ୟା ଓଡ଼ିଆ ଲେଖକ ଓ ସାହିତ୍ୟିକଙ୍କୁ ଆସିଛି, ତା'ର ଉଚ୍ଛୃଙ୍ଖଳାର ପ୍ରତାପ ଏକ୍ଷେତ୍ରରେ ବହୁ ସ୍ପଷ୍ଟ । ଏହା ମଧ୍ୟ ଦେଖି କଳନା କରିବାର ଅଛି । ପରେ ମଧ୍ୟେ ମଧ୍ୟେ ପ୍ରସଙ୍ଗତଃ ଏହାର ଉଲ୍ଲେଖ କରିବାକୁ ପଡ଼ିବ । ମାତ୍ର ଏଠି କୁହାଯାଇ ପାରେ, ଓଡ଼ିଆ ଭାଷାରେ 'ଚଅର' ସ୍ଥଳେ 'ଚ୍ୟାର', 'ଦିଲେ' ସ୍ଥଳେ 'ଦାୟାଯାଏ', 'ନୂଆସଡ଼କ' ଓ 'ନୂଆଗଡ଼' ସ୍ଥଳେ 'ନୟାସଡ଼କ' ଓ 'ନୟାଗଡ଼', 'ମରିଯିବା' ସ୍ଥଳେ 'ମାରିପଡ଼ିବା' 'ମାରିଯିବା' ପ୍ରଭୃତି ଛାପି ଭର୍ତ୍ତି କରିଦେଲାପରେ ଆମ ପାଞ୍ଜିରେ ମେଷ ବୃଷାଦି ସ୍ଥଳେ ଅଯଥା ଓ ଅସଙ୍ଗତ ବଙ୍ଗାନୁକରଣରେ ବୈଶାଖ ଜ୍ୟେଷ୍ଠାଦି ଛପା ହୋଇ ଆସୁଛି । ଠିକ୍ ଏ ଅବାନ୍ତର ହେଲେହେଁ କହି ଦିଆଯାଉ, ଏହା ପୂର୍ବେ 'ଉତ୍କଳ ଦୀପିକା' ସାପ୍ତାହିକ ଓ ପ୍ରିଣ୍ଟିଂ କମ୍ପାନୀରେ ଖଡ଼୍‌ଗରତ୍ନଙ୍କ ପାଞ୍ଜି ଛପାରେ ସ୍ୱର୍ଗତ ଗୌରୀଶଙ୍କର ରାୟ ଆରମ୍ଭ କରି ଥିଲେ । ସେଇ ଦିନୁ ହିଁ ଏତ ଗତ ପଡ଼ିଯାଇଛି । ବରଂ ଓଡ଼ିଆର ଚିରସ୍ମରଣୀୟ ନିଷ୍ଠାପର ଓଡ଼ିଆ ସେବକ ଗୌରୀଶଙ୍କର ଓ ତାଙ୍କ ଭଳି ପୁରୁଷଙ୍କ କଥା ଓଡ଼ିଶାରେ କହି ବୁଝାଇବା ଦ୍ୱିରୁକ୍ତି ମାତ୍ର ହେବ । ସେ ଜାଣି ଏହା କରି ନ ଥିଲେ ; ଜାଣି ଥିଲେ, କରି ନ ଥାନ୍ତେ । ହେଲେହେଁ, ପରମ୍ପରା ଅଜ୍ଞାତ ଭାବରେ ଉପରେ ପ୍ରଭାବିତ କରେ, ଓ ତା ଉପରେ ସ୍ଥାୟୀ, ଏହା ତାହାର ଗୋଟିଏ ଜ୍ୱଳନ୍ତ ଦୃଷ୍ଟାନ୍ତ । ସେଇ ପରି ମଧ୍ୟ ଓଡ଼ିଆର କଳିଙ୍ଗ-ଅସୁର ପରମ୍ପରାର ଶଙ୍କୁମାନ । ମେଷ ବୃଷାଦିରେ ମାସ ଗଣିବା ଠିକ୍ ସେଇପରି । ଓଡ଼ିଆ ଚଳଣିରୁ କଦାପି ତା ଯାଇନାଇ; ଏବେ ମାତ୍ର ଖାଲି ବି ତା ଯାଇ ନାଇ । ପ୍ରାଚୀନତାର ପୂଜା ଓ ପ୍ରତିଷ୍ଠା, ରକ୍ଷଣଶୀଳତା ହୋଇପାରେ । ମାତ୍ର ସବୁ ରକ୍ଷଣଶୀଳତା ଜାତୀୟ ସାହିତ୍ୟରେ ହେୟ ନୁହେଁ । ପ୍ରାଚୀନତାର ପ୍ରତିଷ୍ଠା ଯେତେ ଦୃଢ଼, ନୂତନତାର ଅବଦାନ, ଅନୁସରଣରେ ସେତେ ନିଜର ହୁଏ । ତା ନ ହେଲେ ଖାଲି ନୂତନତା ନାମରେ ଅନୁକରଣ କରି ସମାଜ ଓ

Digitized by srujanika@gmail.com

ସାହିତ୍ୟଂ ଲେଖିହେବ ହୋଇ ନିହିତ ହେବେ ଓ ଭ୍ରଷ୍ଟ ହେବ । ଓଡ଼ିଶାରେ 'ଚୈତ୍ର ସଂକ୍ରାନ୍ତି'କୁ ସ୍ଥୂଳ କଟେବ ଛୁଟି ହେବ । ମାତ୍ର 'ଚୈତ୍ର ସଂକ୍ରାନ୍ତି' କଥାଟି କେହି ବୁଝନ୍ତି ନାହିଁ । କେବଳ ବୁଝନ୍ତି, ମେଷ ସଂକ୍ରାନ୍ତି, ବା 'ପଣାସଂକ୍ରାନ୍ତି' । ଯେଉଁ ମାସରେ ପୂର୍ଣ୍ଣମୀକୁ ଚନ୍ଦ୍ର ଚିତ୍ରା ନକ୍ଷତ୍ରରେ ରହନ୍ତି, ସେଇମାସ ଏକା ଚୈତ୍ର । ଏହା ଚାନ୍ଦ୍ରମାନ ମାସ । ସୌରମାସ ସଙ୍ଗେ ଏହାର ସମଛା-ନାହିଁ । ପଣା ସଂକ୍ରାନ୍ତି ମଧ୍ୟ ଏଇ ଚୈତ୍ର ମାସରେ ବା ବୈଶାଖ ମାସରେ ପଡ଼ିବାକୁ ବାଧ୍ୟନୁହେଁ । ପୁଣି ଓଡ଼ିଆ ସାହିତ୍ୟର ଏ ପ୍ରାଚୀନ ସଙ୍ଗତ-ପ୍ରୟୋଗ ଓ ବୈଜ୍ଞାନିକ ସ୍ଥିତି ସାରା ଭାରତରେ ଅଦ୍ୱିତୀୟ କହିଲେ ହେବ । କୁହାଯାଇଛି, ଏହା କଳିଙ୍ଗ ସଭ୍ୟତା ଓ ଏହା ଅସୁର ସଭ୍ୟତା । ଆମକୁ ପ୍ରଥମ ଅର୍ଯ୍ୟ ସଭ୍ୟତା ସେତେ ମୌଳିକ ନୁହେଁ । ଓଡ଼ିଆର ସ୍ୱାତନ୍ତ୍ର୍ୟ ବୁଝିବାର ଅଛି ।

## ଅଂକ ଗଣନା

ଓଡ଼ିଶାର ଶୂନ୍ୟସାଧନାରେ ଲେଖା ସାହିତ୍ୟ ବିଶେଷ ବିକାଶ ପାଇ-ବାର ପରିସ୍ଥିତି ନଥିଲା । ମାତ୍ର ପ୍ରାଚୀନ ଅସୁର ସଭ୍ୟତାର ଅନ୍ୟାନ୍ୟ ଅନେକ ବିଦ୍ୟା ଓ ଅନୁଷ୍ଠାନ ପରି ଅଂକ ଗଣିବାର ରୀତି, ମନେ ହୁଏ, ଦଳର ସେଇ ଅସୁରଧାରା ଛାଡ଼ିନାହିଁ । ଯେତେ ଦୂର ଜଣାଯାଏ, ଅକ୍ଷରର ଆବିଷ୍କ୍ରିୟା ପରି ଅଂକ ଗଣନାରେ ମଧ୍ୟ ଅସୁରମାନେ ଆଦିମ ଓ ଅଗ୍ର ପ୍ରବର୍ତ୍ତକ । ହୁଏତ, ଅକ୍ଷର ଲେଖା ସେଇମାନଙ୍କଠାରୁ ସବୁ ଅଟେ ବ୍ୟାପିଛି କି ନା ଠିକ୍ କୁହାଯାଇ ପାରୁନାହିଁ । ପ୍ରାଚୀନ ସିନ୍ଧୁ ସଭ୍ୟତାର ମୁଦ୍ରାରେ ଅଙ୍କିତ ଅକ୍ଷର ସଙ୍ଗେ ସେକାଳ କାଲ୍ଡିଆର ଅକ୍ଷରର ସମ୍ବନ୍ଧ ଦେଖିବା ଏବେ ବି ଅଗମ୍ୟ ରହିଛି । ମାତ୍ର ଆଦ୍ୟ ଅଙ୍କ ଗଣନା ଯେ ପୃଥିବୀକୁ ସେଇ-ମାନେ ଦେଇ ଥିଲେ ତା ଆଜି ଏକ ପ୍ରକାର ସତ୍ୟବୋଲି ମନେ ହୁଏ । ବିଶେଷରେ ଜ୍ୟୋତିଷର ପ୍ରଗ୍ରହସଙ୍ଗେ ତା ପୃଥିବୀରେ ବ୍ୟାପିଛି । ଜ୍ୟୋତି-ଷର ୧୨ ରାଶି, ୩୦ ଦିନର ମାସ, ୩୬୦ ଅଂଶର ଖ-ଗୋଳ ବା ଆକାଶ-

Digitized by srujanika@gmail.com

ଚକ୍ର ଅଥବା ନକ୍ଷତ୍ର ଓ ରାଶିଚକ୍ର, ପ୍ରତି ଅଂଶକୁ ୬୦ କଳା ଓ ଏକ କଳାକୁ ୬୦ ବିକଳା, ପୁଣି ମଧ୍ୟ ୭ ଦିନର ସପ୍ତାହ ସବୁ ସେମାନଙ୍କଠାରୁ ଆସିଥିବା କଥାରେ ବିଶେଷ ସନ୍ଦେହ ନାହିଁ (Z. A. Ragozin's Chaldia, P. 230 ଦେଖ)। ବାର ଓ ରାଶିନାମ ତଥା ରାଶିଚକ୍ର ସେମାନଙ୍କଠାରୁ ଆସିଥିବା ତଥ, ପୁଣି ସେହି ସୂତ୍ରରେ ଜଳିଂଟର ଅସୁର ଲୁଗଡରେ ଓଡ଼ିଆ ସାହିତ୍ୟରେ ପ୍ରତିଷ୍ଠିତଥିବା କଥା କୁହାଯାଇଛି । ଏବେ ଦେଖିବାକୁ ହେବ ଅଙ୍କ ଗଣନାର ସଂକେତ । ଦଶମିକ ବା ଦଶଗୁଣୋତ୍ତର ଅଂକ ଗଣନା ଭାରତୀୟ ଆର୍ଯ୍ୟଙ୍କଠାରୁ ଆରବମାନଙ୍କ ବାଟେ ପୃଥିବୀରେ ପ୍ରସାରିତ ବୋଲି ପଣ୍ଡିତମାନେ କେତେ ସ୍ଥିର କରନ୍ତି । କିନ୍ତୁ ପୃଥିବୀରେ ତାହା ଏକା ବେଳେକେ ଆଦିମ ନୁହେଁ । ପୃଥିବୀରେ ଆଦିମ ଗଣନା ହେଉଛି ୧୦ ଓ ୬ରୁ । ଠିକ୍ ୧୦ ଓ ୬ ନୁହେଁ । ଏହା ବସ୍ତୁତ ୫ ଓ ୩ରୁ । କାଲ୍ଡିଆରେ ଏହା ଆଦିମ କାଳରେ ପ୍ରତିଷ୍ଠିତ ଥିବାର ତାଙ୍କ ଲେଖା ସାହିତ୍ୟଗତ ଜ୍ୟୋତିଷ ଗଣନାରୁ ଜଣାଯାଏ । ଏହାର ମୂଳ ହେଉଛି, ମନୁଷ୍ୟର ପାଞ୍ଚ ଆଙ୍ଗୁଠି । ଏଇ ୫ରୁ ଦୁଇ ହାତରେ ୧୦ । ୬ ବା ୩ ସଂଖ୍ୟାର ମୂଳ ସେଇ ପରି ପଣ୍ଡିତମାନେ ଅନୁମାନ କରନ୍ତି, ବୁଢ଼ା ଅଂଗୁଠି ଛାଡ଼ି, ବାକି ଅଂଗୁଠିମାନଙ୍କର ପ୍ରତ୍ୟେକଟିରେ ୩ ପର୍ବ । ମାତ୍ର ଏଇଠି ଆଉ ଗୋଟିଏ କଥା ଅଛି । ପର୍ବ ପରିବର୍ତ୍ତରେ ବା ତାହା ସଙ୍ଗେ ମଧ୍ୟ ସେଇ ୩ ସଂଖ୍ୟାଟି ପ୍ରଥମେ ୩ରେ ଗଣିବା ବା ଗୁଣିବା ଯୋଗାଇ ଥିଲା । ୩ ଓ ୫ ପୁଣି କେବେ କେବେ ୭ ଆର୍ଯ୍ୟ ସାହିତ୍ୟରେ ବଡ଼ ସାଧାରଣ କଥା । ତ୍ରିମୂର୍ତ୍ତି, ତ୍ରିତାପ, ତିନି ଗୁଣ, ତିନି ଭୁବନ, ତିନି ବେଦ (ତ୍ରୟୀ) ପୁଣି ପଞ୍ଚ ପ୍ରାଣ, ପଞ୍ଚ ଇନ୍ଦ୍ରିୟ, ପଞ୍ଚ ସ୍କନ୍ଧ, ଆହୁରି ମଧ୍ୟ, ସପ୍ତତଳ, ସପ୍ତଦ୍ୱୀପ, ସପ୍ତସମୁଦ୍ର ପ୍ରଭୃତି କେତେ ଉଦାହରଣ ଦିଆଯାଇ ପାରେ । ଓଡ଼ିଆର ବ୍ୟବହାରରେ ଏହାର ପ୍ରୟୋଗ ଅତି ସାଧାରଣ । ସେଥିରେ ପୁଣି ଆହୁରି କେତେ ୩ ଓ ପାଞ୍ଚ ଯେ ଅଛି, ତା ଗଣିଲେ ପୋଥି ହେବ । ଅନେକେ ତା ଜାଣିଥିବେ । ତେଣୁ ବେଶି କହିବା ଦରକାର ନାହିଁ । ସାତ ସଂଖ୍ୟାଟି ଦରେ ଆସିଲା; ସୂର୍ଯ୍ୟ, ଚନ୍ଦ୍ର ଓ ୫ଟି ତାରା-ଗ୍ରହ, ଏପରି ସପ୍ତଗ୍ରହ

Digitized by srujanika@gmail.com

ସଂଖ୍ୟାରୁ । ୫ଟି ଯେ ଅଂଗୁଳିରୁ ଅପେକ୍ଷିତ, ତା: ମଧ୍ୟ ଠିକ୍ । କିଂତୁ ଅଧମ କ ସଂବନ୍ଧରେ ଶୂନ୍ୟସାଧନାରେ ଗୋଟିଏ ସ୍ପଷ୍ଟ ଧାରଣା ଏଠି ଉଲ୍ଲେଖ ଯୋଗ୍ୟ । ଖୁବ୍ ସମ୍ଭବ ଏହା ଗୃହ ଆଂଗୁଠି ଭିତରେ ଯେଉଁ ତିନୋଟି ଫାଙ୍କ ଅଛି, ଗୋଲାରେ ପାଣି ବା ତେଲ ଧଇଲେ ଯେଉଁ ତିନି ବାଟରେ ଗଳି ପଡ଼େ, ସେଇଆ । ଓଡ଼ିଆର ଶୂନ୍ୟ ସାହିତ୍ୟରେ ଏଇ କଥାଟି ସାଧାରଣ । ମହା ଶୂନ୍ୟରୁ ଯେତେବେଳେ ନିରାକାର, ରୂପଧର ସୃଷ୍ଟି ଆରଂଭ କଲେ, ସେତେବେଳେ ତାଙ୍କର କାମ-ହେତୁକ ରେତ ସ୍ଖଳନ ହେଲା । ସେ ଏକା ଥିଲେ । ତେଣୁ ସେ ରେତ ସେ ହାତରେ ଧଇଲେ । ତା ଅଙ୍ଗୁଠି କୋଣାରେ ତିନିଭାଗ ହୋଇ ଗଳି ପଡ଼ିଲା । ସେଥିରୁ ତିନି ଭୁବନ (ବ୍ରହ୍ମା, ବିଷ୍ଣୁ, ଶିବ ବା ଋକ୍, ଯଜୁ, ସାମ—କିଏ କେତେ ପ୍ରକାର କହନ୍ତି) ଜାତ ହେଲା । ଉଦାହରଣ ସ୍ୱରୂପ, ବଳରାମ ଦାସ, 'ବ୍ରହ୍ମାଣ୍ଡ ଭୂଗୋଳ'ରେ କହନ୍ତି,

"ନଥିଲେ ବ୍ରହ୍ମା ବିଷ୍ଣୁ ଶିବ ।
ନଥିଲା ବେଦର ସ୍ୱଭାବ ॥
ସେ କାଳେ ଶୂନ୍ୟ ମୋର ରୂପ ।
ଏମନ୍ତେ ଗଲା କୋଟି କଳ୍ପ ॥"

× × × ×

"ସୃଷ୍ଟି କାରଣେ ବାଂଛା ହେଲା ।
ମୋ ଅଂଗୁ ବିନ୍ଦୁ ଉଛୁଳିଲା ॥
ସେ ବିନ୍ଦୁ ତ୍ରୟ ଭାଗ ହେଲା ।
ସବୀଜ ରସ ବୋଲାଇଲା ॥
ସେ ବିନ୍ଦୁ ହସ୍ତରେ ଧରିଲି ।
ତ୍ରୟ ଅଂଗୁଳେ ଗଳାଇଲି ॥
ତ୍ରୟ ବୀଜରୁ ତ୍ରୟ ଦେବ ।
ହୋଇଲେ ବ୍ରହ୍ମା ବିଷ୍ଣୁ ଶିବ ॥"

—୧ମ ଅଧ୍ୟାୟ

Digitized by srujanika@gmail.com

ତଡ଼ିଆର ଶୂନ୍ୟସାଧନା ବା ବୌଦ୍ଧଧର୍ମର ଅନେକ ପରିଭୂଷା ଅତିପ୍ରାଚୀନ । ପୂର୍ବେ ତା ଖାଲି ଗୁରୁ ପରଂପରାରେ ଗୃହିଥିଲି । ଅଦୌ ଲେଖା ହୋଇ ନଥିଲା । ସେଥିରେ ଅସୁର ସଭ୍ୟତାର ଅଧମ ୩ ସଂଖ୍ୟାର ଏ ସଂକେତଟି ଦେଖିବାର କାରଣ । ଅଧମ ୩ ସଂଖ୍ୟା ଅବିଷ୍କ୍ରିୟାର ଏହାଇ ମୂଳ ଓ କଳିଂଗ ସଭ୍ୟତାରେ ଏ ସଂକେତଟି ଠିକ୍ ମୌଳିକ ଭାବରେ ରହି ଅସିଛି ବୋଲି କହିବାର ଅଭିପ୍ରାୟ ।

## କାଳ-ପରିମାଣ ଓ ଯୁଗ

'ପୁନର୍ଜନ୍ମ' କଥାଟି ବୌଦ୍ଧ ବା ଅସୁର ଶୂନ୍ୟବାଦରୁ ଯାଇଛି । ଋକ୍ ବେଦରେ ଏହା ନାହିଁ କହିଲେ ହୁଏ । ପରେ ବୈଦିକ ଆର୍ଯ୍ୟ ଦର୍ଶନରେ ଏହା ଖୁବ୍ ବିକାଶ ପାଇଛି । ଏହା ସର୍ବବାଦ-ସମ୍ମତ । ତଡ଼ିଆ ସାହିତ୍ୟରେ ପଦେ ପଦେ ଏହାର ବିଷେଶ ବ୍ୟାପ୍ତି । ମାତ୍ର ଏକ୍ଷେତ୍ରରେ ତଡିଆର ସ୍ୱାତନ୍ତ୍ର୍ୟ ଦେଖାଇବାର ସଂକେତ ମ ନାହିଁ ବା ମିଳିନାହିଁ । ବକ୍ତବ୍ୟ କଥାଟି ହେଉଛି, କାଳ ପରିମାଣ ବା 'ଯୁଗ', 'କଳ୍ପ' ପ୍ରଭୃତି । ଆଦୌରୁ ସେହି ପୁନର୍ଜନ୍ମ ସଂଗେ ଏହାର ସମ୍ପର୍କ ଅଛି । ଏଇ 'ପୁନର୍ଜନ୍ମ' ଓ ଏଇ କାଳପରିମାଣ ପୃଥିବୀର ଅନେକ ଜାତିଙ୍କ ସାହିତ୍ୟରେ— ବିଶେଷତଃ ଅନେକ ଅର୍ଯ୍ୟ ସାହିତ୍ୟରେ ଊଣାଅଧିକେ ଏକା ପ୍ରକାର ଧରି ପ୍ରକାଶ ପାଇଛି । ଭାରତର ଆର୍ଯ୍ୟ ସାହିତ୍ୟରେ ଏହାର ପ୍ରକାଶ ଓ ପ୍ରସାର ଅତୁଳନୀୟ । ମାତ୍ର ଏହା ଆଦୌ ବୈଦିକ ସାହିତ୍ୟ ନୁହେଁ (Indian Myth and Legend by D. A. Mackenzie-P. 103) । ଏହାର ମୂଳ ହେଉଛି ଭାରତର ଅସୁର ସଭ୍ୟତା । ଆମ ଯୁଗ, କଳ୍ପାଦି କାଳ ପରିମାଣର ମୂଳ ସୂତ୍ର ହେଉଛି ୩, ୪, ୨ ବା ୭, ୧୦ ପ୍ରଭୃତି । ପ୍ରାଚୀନ କାଲ୍‌ଡ଼ିଆର ଲିଖିତ ସାହିତ୍ୟରୁ ମିଳୁଛି, ପୃଥିବୀର ଜଳ-ପ୍ରଳୟ ପରେ ମନୁଷ୍ୟ ଦେବତାଙ୍କଠାରୁ ୧୦ଟି ରାଜା ସୁମେରରେ ୧୨୦ ମହାବର୍ଷ ବା ୪୩୨୦୦୦ ମନୁଷ୍ୟ ବର୍ଷ ରାଜତ୍ୱ କରିଥିଲେ । ତା ପରେ ମନୁଷ୍ୟ-

Digitized by srujanika@gmail.com

ରାଜାମାନେ ମନୁଷ୍ୟ ପରି ଜୀବନ କାଳ ଧରି ରାଜା ହେଲେ । ସେଇଠାରୁ ରାଜବଂଶ ଓ ସମ୍ରାଟମାନଙ୍କର ରାଜତ୍ୱକାଳ ପ୍ରଭୃତି ସବୁ ମିଳୁଛି । ଖ୍ରୀଷ୍ଟ ପୂର୍ବ ୩ୟ ଶତାବ୍ଦୀରେ ଅହିରଆ ବା ସେଠା ଅସୁର ଦେଶର ଐତିହାସିକ ବେରସସ୍, ଗ୍ରୀକ୍ ଭାଷାରେ ଯେଉଁ ଇତିହାସ ଲେଖିଥିଲେ, ସେଥିରେ ମଧ୍ୟ ଏଇ ପ୍ରାଚୀନ ପରଂପରା ପୁଣି ଅବୃତ୍ତି କରିଚନ୍ତି । ବ୍ରାଉନ୍ ସାହେବ କହନ୍ତି, ଭାରତୀୟ ପୁରାଣର ଯୁଗ ଗଣନାର ମୂଳ ଏଇଠାରେ । ଆମ କଳି ଯୁଗ ମଧ୍ୟ ୪୩୨୦୦୦ ବର୍ଷ ବା ୧୨୦୦ ଦେବ ବର୍ଷ । ଏହାର ୧୦ ଗୁଣ (ସତ୍ୟ ୪+ତ୍ରେତା ୩+ଦ୍ୱାପର ୨+କଳି ୧) ହେଉଛି, ଆମ ଚତୁର୍ଯୁଗ ବା ମହାଯୁଗ । ୧୦୦୦ ମହାଯୁଗ ହେଉଛି, ଏକକଳ୍ପ ବା ବ୍ରହ୍ମାଙ୍କର ଦିବସକାଳ ଓ ପୁଣି ସେତିକି ରାତ୍ରିକାଳ । ଭାରତୀୟ ଜ୍ୟୋତିଷମାନେ ପରେ ଗ୍ରହ-ମାନଙ୍କ 'ଭଗଣ' ପ୍ରଭୃତି ଗଣନା କରିବାରେ ଏହାର ଖୁବ୍ ବ୍ୟବହାର କରିଚନ୍ତି । କେହି କେହି (ଯଥା, ଆର୍ଯ୍ୟଭଟ୍ଟ) ମହାଯୁଗ ବା ଚତୁର୍ଯୁଗରେ, ପୁଣି ଅନ୍ୟମାନେ (ବ୍ରହ୍ମଗୁପ୍ତ, ଭାସ୍କର, ଚନ୍ଦ୍ରଶେଖର ପ୍ରଭୃତି) କଳ୍ପାଦ୍ୟ ଓ କଳ୍ପାନ୍ତରେ ସାତଗ୍ରହଯାକ ସମାନ ଭାବରେ ମେଷରାଶି ଆଦ୍ୟରେ ଏକତ୍ର ହୁଅନ୍ତି ବୋଲି ଠିକ୍ କରି, ସୂର୍ଯ୍ୟ ଚନ୍ଦ୍ରର ବର୍ଷ ଓ ଅନ୍ୟ ଗ୍ରହର 'ଭଗଣ' (ରାଶିଚକ୍ରରେ ଥରେ ବୁଲି ଆସିବା କାଳ) ଗଣନା କରିଚନ୍ତି । ମାତ୍ର ଏସବୁ ବିଷୟରେ ଭାରତର ଅନ୍ୟାନ୍ୟ ଆର୍ଯ୍ୟ ସାହିତ୍ୟଠାରୁ ଓଡ଼ିଆର କିଛି ବିଶେଷ ନାହିଁ । ଅସୁର ବା ବୌଦ୍ଧ ସାହିତ୍ୟରେ ଦେଶ କାଳ ବୋଲି ଯାହା ଜ୍ଞାନରେ ପ୍ରକାଶ ପଡ଼ୁଛି, ସେ କିଛି ନୁହେଁ । ମହାଶୂନ୍ୟରୁ ସେ ସବୁ ପ୍ରତୀତିର ପ୍ରକାର ମାତ୍ର । ବୌଦ୍ଧର ମହାଶୂନ୍ୟହିଁ ଆର୍ଯ୍ୟର ଦେଶ-କାଳାତୀତ ଆତ୍ମା । ଏଇଠାରେ ଶୂନ୍ୟ ହେଉଛି, ଅନନ୍ତ ଓ ଅନନ୍ତ ହେଉଛି, ଶୂନ୍ୟ । କାରଣ, ପ୍ରତୀତି ବା ଅନୁଭବରେ ସୀମା ନାହିଁ । ଦେଶ (space) କୁ ଏତିକି ବା କାଳ(Time)କୁ ଏତିକି ବୋଲି କଳନା ବା କଳ୍ପନା କରିହେବ ନାହିଁ । ତେଣୁ ଦେଶରେ ବ୍ରହ୍ମାଙ୍କ ସୃଷ୍ଟି, ସପ୍ତଲୋକ ଓ ସପ୍ତତଳ (ଚଉଦ ଭୁବନ) । ମାତ୍ର ଏଇବ୍ରହ୍ମା ପୁଣି କାଳରେ ଅନନ୍ତ ହୁଅନ୍ତି । ତାଙ୍କ ସୃଷ୍ଟିର ବାହାରେ ଦେଶ ଯେପରି କଳ୍ପନାର ସୀମା ଡେଇଁ ଲାଗି ରହିଛି, କାଳ

Digitized by srujanika@gmail.com

ମଧ୍ୟ ସେଇପରି । ସୃଷ୍ଟି ବିଭାଗରେ ତଳକୁ—ଶୂନ୍ୟ ଅଙ୍କରୁ ଏଇ ଅନନ୍ତ-ତ୍ୱର ଟିକିଏ ଆଭାସ ଦେଇ ସୂଚଣ କରନ୍ତି, କାଳ ବିଭାଗରେ ତଳକୁ କିଛି ଦୂର ଗଲେ ହେବ ।

୧ ଘଡି=୧୬ କଳା; ୧ କଳା=୩୦ କାଷ୍ଠା; ୧ କାଷ୍ଠା=୩୦ ନିମେଷ; ୧ ନିମେଷ=୬ ଲବ; ୧ ଲବ=୬ ତ୍ରୁଟି । ଏଇପରି ତଳକୁ କ୍ରମବର ଯାଉଥିବ । ଶେଷ ନାଇ । ଏହା ଶୂନ୍ୟକୁ ଗତି ।

## ଉପରକୁ—ଅନନ୍ତ ଆଡକୁ

ଏହି ହିସାବ ଧରି ପୁରାଣ ପୁଣି ଉପରକୁ ସୂଚନା ଦେଇ କହନ୍ତି, ୧ କଳ୍ପ=୪୩,୨୦,୦୦,୦୦,୦୦ (୪୩ ବୃନ୍ଦ ୩୨ କୋଟି) ମନୁଷ୍ୟ ବର୍ଷ । ଏହା ବ୍ରହ୍ମାଙ୍କର ଗୋଟିଏ ଦିନ । ଏହିପରି ୩୬୦ ଦିନ ଓ ୩୬୦ ରାତ୍ରିରେ, ଅର୍ଥାତ୍, ୭୨୦ କଳ୍ପରେ ବ୍ରହ୍ମାଙ୍କର ୧ ବର୍ଷ । ବ୍ରହ୍ମାଙ୍କ ପରମାୟୁ, ୧୦୦ ବର୍ଷ ବା ୭୨୦,୦୦ କଳ୍ପ । ବ୍ରହ୍ମାଙ୍କ ପରମାୟୁ ହେଉଛି, ବାସୁଦେବଙ୍କର ୧ ଘଡି । ବାସୁଦେବ ଏଇ-ପରି ୧୦୦ ବର୍ଷ ପରମାୟୁ ଭୋଗ କରନ୍ତି । ବାସୁଦେବ ବା ହରି ବା ନାରା-ୟଣଙ୍କ ପରମାୟୁ, ୧୦୦ ବର୍ଷ ଯାକ, ରୁଦ୍ରଙ୍କୁ ୧ କଳା । ରୁଦ୍ରଙ୍କ ପରମାୟୁ ଏଇପରି ୧୦୦ ବର୍ଷ । ରୁଦ୍ର ବା ମହାଦେବଙ୍କ ପରମାୟୁ ୧୦୦ ବର୍ଷ ଯାକ, ଈଶ୍ୱରଙ୍କୁ ୧ କାଷ୍ଠା । ଈଶ୍ୱରଙ୍କ ପରମାୟୁ ଏହିପରି ୧୦୦ ବର୍ଷ । ଈଶ୍ୱରଙ୍କ ୧୦୮ ବର୍ଷଯାକ, ସଦାଶିବଙ୍କୁ ୧ ନିମେଷ । ସଦାଶିବଙ୍କ ପରମାୟୁ ଏଇପରି ୧୦୦ ବର୍ଷ । ସଦାଶିବଙ୍କ ୧୦୦ ବର୍ଷ ଯାକ, ଶକ୍ତିଙ୍କୁ ୧ ଲବ । ଶକ୍ତିଙ୍କ ପରମାୟୁ ଏଇପରି ୧୦୦ ବର୍ଷ । ଶକ୍ତିଙ୍କ ଏ ୧୦୦ ବର୍ଷ ଯାକ, ଶିବଙ୍କୁ ୧ ତ୍ରୁଟି । ଶିବଙ୍କ ପରମାୟୁ=ଏଇପରି ୧୦୦ ବର୍ଷ । ଏଇ ନିୟମ ଧରି ହିସାବ କଲେ, ଶିବଙ୍କ ପରମାୟୁ ହେଉଛି,

Digitized by srujanika@gmail.com

୫,୨୨,୬୪,୧୪,୨୧,୨୬,୬୮,୯୪,୬୮,୧୮,୨୫,୫୦,୨୨ ପରେ ୩୧ଟି ଶୂନ ଦେଲେ ଯେତିକି ହେବ, ସେତିକି ଜଳ । ଅନ୍ୟାନ୍ୟ ପୁରାଣ ଓ ଜ୍ୟୋତିଷ ସିଦ୍ଧାନ୍ତାଦିରେ ଭିନ୍ନ ଭିନ୍ନ ଗଣନା ଅଛି । ସବୁଥିରେ ସ୍ୱୀକୃତ ଏହା । ସେସବୁଥିରେ କିନ୍ତୁ ଏଇ ଗଣନାଟି ହେଉଛି, କାଳମାନରେ ସବୁଠୁ ବିଶାଳ । ଏହା ମୂଳରୁ କି ଭାବରେ ଏତେ ଖାଲଟିଏ ମେଳୁଛି, ତା କହିବା କଷ୍ଟ । କିନ୍ତୁ ଏହା ଜମାରୁ ବୈଦିକ ନୁହେଁ । ଏହା ଅସୁର ପରମ୍ପରାରୁ ଗୃହୀତ । ବୌଦ୍ଧ ଓ ବିଶେଷରେ ଜୈନ ସାହିତ୍ୟରେ ପୁଣି ଏହାର ପ୍ରୟୋଗ ଓ ପ୍ରସାର ଅତ୍ୟନ୍ତ ବେଶି । କାଳେ କାଳେ ବୁଦ୍ଧ ଓ ଜିନମାନଙ୍କ ଆବିର୍ଭାବ ଓ କ୍ରିୟା-କାଳ, ଏଇ କଳ୍ପାଦିର କାଳ ସଂଖ୍ୟାରେ କୁହାଯାଇଛି । ସେମାନଙ୍କ ପୁରାଣ ଓ ପରମ୍ପରାରୁ ବା ସେଇବାଟେ ଏହା ଆର୍ଯ୍ୟମାନଙ୍କ ପୁରାଣକୁ ଆସିଛି ବୋଲି କୁହାଯାଇପାରେ । ଉଦାହରଣ ସ୍ୱରୂପ, ଜୈନମାନଙ୍କ ଯୁଗ ବା 'ଅବସର୍ପିଣୀ'ରୁ ୨୩ ଟି ଯାଇ, ଏବେ ୨୪ଶ ଟି ଚାଲିଛି । ପ୍ରତ୍ୟେକ 'ଅବସର୍ପିଣୀ' ହେଉଛି, ୧୦ କୋଟି କୋଟି ସାଗର (୧ପରେ ୨୯ ଟି ଶୂନ ଦେଲେ ଯେତେ ହେବ) ବର୍ଷ । କଳିଙ୍ଗରେ ବୌଦ୍ଧ ଓ ଜୈନ ପରମ୍ପରା, ଶାକ୍ୟମୁନି ବୁଦ୍ଧ ଓ ମହାବୀର ଜୈନଙ୍କ ପୂର୍ବରୁ ପ୍ରତିଷ୍ଠିତ ଥିଲା । ସେ କଥା ପରେ ପ୍ରସଙ୍ଗତଃ ବୁଝାଇ କୁହାଯିବ ।

## ଓଡ଼ିଆ ସାହିତ୍ୟରେ ସଙ୍କେତ

ସେଇ ପରମ୍ପରା କଳିଙ୍ଗରେ ଲୋକ-ସାହିତ୍ୟରେ ପୁଣି ଜୀବନ୍ତ ଥିବାର ଆଭାସ ସାରଳା ଦାସଙ୍କ ଲେଖାରୁ ନିମ୍ନରେ ଦିଆଗଲା ।

'ଶୁକଦେବ' ଋଷିଙ୍କୁ କହୁଚନ୍ତି, ଏଇଠାରେ ଏଇ କାଳରେ ପୂର୍ବେ ବହୁ ଭାରତ ଯୁଦ୍ଧ ହୋଇଥିଲା । ଏଇ ଭାରତ ଯୁଦ୍ଧକୁ ମଧ୍ୟ ସାରଳା ଦାସ, ପ୍ରଳୟ ବୋଲି କହୁଚନ୍ତି ।

"ଏହିପରି ବହୁବାର ହୋଇଲାଣି ପ୍ରଳୟ ।
ଊନଶତ ଯୁଦ୍ଧ ଏଥି ହୋଇଲାଣି ନିଶ୍ଚୟ ।"

Digitized by srujanika@gmail.com

ପ୍ରଳୟ ଅନ୍ତରେ ଆନ ପୃଥ୍ୱୀ ଯେ ହୁଅଇ ।
ପୃଥ୍ୱୀ ହେଲେ ଧାତା ପ୍ରଜା ସୃଷ୍ଟି କରୁଥାଇ ॥

+ + + +

ଶୁଣ ହେ। ଗାଂଗବ ଏହୁ ଯୁଗାନ୍ତର କଥା ।
ସଂଚପି କହିବି ମୁହିଁ ସକଳ ବାରତା ॥
ପଞ୍ଚ ନିମିଷେ ଏକ ଯେ ମୁହୂର୍ତ୍ତ କହିଲି ।
ପଞ୍ଚ ମୁହୂର୍ତ୍ତରେ ଏକ କ୍ଷଣ ଯେ ବୋଲଇ ॥
ପଞ୍ଚକ୍ଷଣେ ଏକ ଗୋଟି ଲିତା ଯେ ହୋଇଲା ।
ଷଷ୍ଠୀଲିତା ମିଶି ଏକ ଦଣ୍ଡ ବୋଲାଇଲା ॥
ତେନଦଣ୍ଡେ ଏକ ଘଡ଼ି ହୁଏ ତୁମ୍ଭେ ଜାଣ ।
ଷ ଦ୍ର ଷ୍ଟ ଦ୍ର ଧରି ଧାତା କଳ୍ପକ ଭିଆଣ ॥
ଅହୋରାତ୍ର ଷଷ୍ଟୀ ଦଣ୍ଡ ଭୋଗ ଯେ କରନ୍ତି ।
ଏ ବିଧିରେ ଲେଖିଥାନ୍ତି ଦେବ ପ୍ରଜାପତି ॥
ତିନିଶତ ଷାଠି ଦିନେ ସଂବତ୍ସର କହି ।
ଶାହି ଅଠ ବର୍ଷ ଅଧୁ ନିର୍ଧାରିଲି ବିହି ॥
ଯେତେ ଦିନ ଏକ ବର୍ଷ ମାନବେ ବୋଲାଇ ।
ସେତେ ଦିନ ଅକାଶରେ ଏକ ଦିନ ହୋଇ ॥
ଆକାଶର ପୁରୁଷଂକୁ ବର୍ଷ ଯେବେ ହୋଇ ।
ବିଶ୍ୱେଦେବା ପୁରୁଷଙ୍କୁ ଦିନେକ ବୋଲାଇ ॥
ବିଶ୍ୱେଦେବା ପୁରୁଷଙ୍କୁ ଏକ ବତ୍ସରରେ ।
କର୍ମ ପୁରୁଷ ଭୋଗ କରନ୍ତି ଦିବସରେ ॥
କର୍ମ ପୁରୁଷଙ୍କର ଯେ ଏକ ବର୍ଷ ଭୋଗ ।
ଦୈବତ ପୁରୁଷଙ୍କୁ ହୁଏ ଦିନେ ଯୋଗ ॥
ଏକ ବର୍ଷ ଦୈବତ ପୁରୁଷଙ୍କୁ ହେଲେ ।
ଅରଣ୍ୟ ପୁରୁଷେ ଦିନେ ଭୋଗ ହୁଏ ଭଲେ ॥

Digitized by srujanika@gmail.com

ଅରିଷ୍ଟେ ପୁରୁଷେ ଯେବେ ବର୍ଷେ ଭୋଗ ହୁଏ ।
ବିଦ୍ୟାଧର ପୁରୁଷକୁ ଦିବସେ ବୋଲଏ ॥
ଏହିପରି ବିଦ୍ୟାଧର ପୁରୁଷଙ୍କୁ ବର୍ଷେ ।
ବିଶାଖା ପୁରୁଷେ ଭୋଗ ହୁଅଇ ଦିବସେ ॥
ଏହିପରେ ଏକଶତ ଆଠୋଟି ବରଷେ ।
ନିଶ୍ଚୟ ଯେ ନାଶଯାନ୍ତି ଶମନ ପୁରୁଷେ ॥
ଏହିପରି ଶମନକୁ ଦିବସେ ହୋଇଲେ ।
ନାଶ କରେ ଜୀବ ଜନ୍ତୁ ଆୟୁଷ ପୂରିଲେ ॥
ଏହାଙ୍କର ଏକଶତ ଆଠ ଯେ ବରଷେ ।
କରଷେକ ଭୋଗ ହୁଏ ବିହନ୍ତା ପୁରୁଷେ ॥
ଏହି ଗଣନରେ ଅଷ୍ଟୋତ୍ତର ବର୍ଷ ଶତେ ।
ବିନାଶକୁ ଲଭନ୍ତି ଯେ ରୁଦ୍ର ଦଇବତେ ॥
ରୁଦ୍ର ଦଇବତ ଯହୁଁ ନାଶକୁ ଲଭଇ ।
ସୂର୍ଯ୍ୟ ଦେବତାଙ୍କୁ ଏକ ଦିବସ ହୁଅଇ ॥
ଏହିପରି ଦିନ ମାସ ବରଷର ଶେଷ ।
ଚନ୍ଦ୍ର ଦେବତା ଯେ ତହୁଁ ହୁଅନ୍ତି ବିନାଶ ॥
ଏହିପରି ଚନ୍ଦ୍ରଦେବ ନାଶ ଯହୁଁ ଗଲେ ।
ତହୁଁ ଚନ୍ଦ୍ର ଦେବତାଙ୍କ ଭୋଗ ଯେ ସରିଲା ॥
ଚନ୍ଦ୍ର କଳା କ୍ଷୟେ ହୋଇ ଗଲା ଯହୁଁ ।
ପିତାମହ ପୁରୁଷଙ୍କୁ ଦିନେ ହେଲା ତହୁଁ ॥
ଅଷ୍ଟୋ ହିଂଦେବ ଦିନ ଅନ୍ତେ ହୁଏ ସ୍ଥିତି ।
ସନ୍ଧ୍ୟା କ୍ରିୟା ସାରି ନିଦ୍ରା ଯାନ୍ତି ପ୍ରଜାପତି ॥
ଯେତେବେଳେ ପ୍ରଜାପତି ନିଦରୁ ଉଠିଲେ ।
ଚରାଚର ଲୋକେ ତହୁଁ ଆତ ଯାତ ହେଲେ ॥
ଅସାଂଖ୍ୟମ ନିଦ୍ରା ଯହୁଁ ଗଲେକ ବିରଂଚି ।
ସମସ୍ତ ବିନାଶ ଗଲ୍ୟୁ ନ ରହିଲ କିଛି ॥

Digitized by srujanika@gmail.com

ସେ ଚିନ୍ତା ନ କଲ ନାଶ ଗଲ ତ୍ରଇଲୋକ୍ୟ ।
ଜଳମଗ୍ନ ହୋଇଗଲ ଦ୍ୟୁଲୋକ ଭୂଲୋକ ॥

ଏହା କହି ସାରି, ତା'ପରେ ବ୍ରହ୍ମା, ବିଷ୍ଣୁଙ୍କ ପାଖେ ସପ୍ତତଳ ପାତାଳରେ ରହିଲେ ଓ ମହାଦେବ ଜଳ ଉପରେ 'କୈଳାସ'ରେ ରହିଲେ । ତାପରେ ବ୍ରହ୍ମାଙ୍କ ରାତି ଶେଷକୁ ପୁଣି ପୂର୍ବ ପରି ସବୁ ସୃଷ୍ଟି ପ୍ରକାଶ ପାଇଲା ବୋଲି ବର୍ଣ୍ଣନା କରନ୍ତି ।

## ସୁମେର ଓ କଳିଂଗ ପରଂପରା

ଏଥିରୁ ବିଶେଷ କଥା ଦେଖିବାର ଅଛି, ଏ ବର୍ଣ୍ଣନାରେ କଳିଂଗର ପରଂପରା । ଏ ବର୍ଣ୍ଣନା ସିଦ୍ଧାନ୍ତ ବା ପୁରାଣର ଅନୁକରଣ ହୋଇଛି । ପୁଣି ଏଥିରେ ୧୦୦ ବର୍ଷ ଦେବମାନଙ୍କ ପରମାୟୁସ୍ଥଳରେ ୧୦୮ ବର୍ଷ ଦେଖିବାର କଥା । ୧୦୮ ହେଉଛି, ୬×୬×୩ । ଭାରତ ଯୁଦ୍ଧକୁ ପୁଣି ପ୍ରଳୟକାଳ କୁହା ଯାଇଛି । ସୁମେର ପରଂପରାରେ ପ୍ରଳୟ ବାହାନା ଗୋଟିଏ ପ୍ରସିଦ୍ଧ କଥା । ସେଇଥିରୁ ଇହୁଦୀ ବାଇବେଲ ଓ ହିନ୍ଦୁ ପୁରାଣ ଆଦିରେ ଏକଥା ବ୍ୟାପିଛି । ସୁମେର ପରଂପରାରେ ଅଛି, ପ୍ରଳୟ ପୂର୍ବରୁ ୧୦ ଜଣ ରାଜା ଥିଲେ । ସେମାନେ ସମସ୍ତେ ମିଶି ୧୨୦ ମହାବର୍ଷ ରାଜତ୍ୱ କରି ଥିଲେ । ତାଙ୍କର ଥିଲା ୧ ମହାବର୍ଷ=୩୬୦୦ ମନୁଷ୍ୟବର୍ଷ । ଆମ ପୁରାଣ ଓ ଜ୍ୟୋତିଷ ସିଦ୍ଧାନ୍ତରେ ହେଉଛି, ୧ ଦେବବର୍ଷ=୩୬୦ ମନୁଷ୍ୟ ବର୍ଷ (ମନୁଷ୍ୟର ବର୍ଷେ ବା ୩୬୦ ଦିନ—୩୬୫ ନୁହେ—ହେଉଛି ଦେବଙ୍କର ଦିନେ) । ତେଣୁ ସୁମେର ବା କାଲ୍‌ଡିଆର ୧୨୦ ମହାବର୍ଷ ହେଉଛି, ୪୩୨୦୦୦ ମନୁଷ୍ୟ ବର୍ଷ । ଏହାହିଁ ଆମ କଳିଯୁଗର କାଳ ପରିମାଣ । ଏହାର ୧୦ ଗୁଣ, ଆମ ଚତୁର୍ଯୁଗ ବା ମହାଯୁଗ । ଏହିପରି ୧୦୦୦ ମହାଯୁଗରେ ଆମ କଳ୍ପ । ସେ କଥା କୁହାଯାଇଛି ।

Digitized by srujanika@gmail.com

## ମାଦଳା ପାଞ୍ଜିରୁ ଦୃଷ୍ଟାନ୍ତ

ଏହିଠାରେ 'ମାଦଳା ପାଞ୍ଜି'ର ଗୋଟିଏ କଥା ସ୍ମରଣୀୟ । ଏହିପରି ମାଦଳାପାଞ୍ଜି ଖୁବ୍ ସମ୍ଭବ ଓଡ଼ିଶାର ଚୋଡ଼ଗଙ୍ଗେଶ୍ୱର ଗଂଗ ସମ୍ରାଟମାନଙ୍କ କାଳରେ ଖ୍ରୀଷ୍ଟ ୧୨ଶ ଶତାବ୍ଦୀରେ ଲେଖା ହେବା ଆରମ୍ଭ ହୋଇଥିଲା । ସେଥିରେ ଯେଉଁ ରାଜବଂଶାବଳୀ ସେତେବେଳେ ଲେଖା ହୋଇଥିଲା, ତହିଁରେ ଭାରତ ଯୁଦ୍ଧଠାରୁ, ଅର୍ଥାତ୍, କଳି ଯୁଗାଦ୍ୟର ଯୁଧିଷ୍ଠିରଙ୍କଠାରୁ ସୋମବଂଶର ୨୬ଟି ରାଜା ମୋଟରେ ୩୬୦୦ ବର୍ଷ ରାଜତ୍ୱ କରିଥିବାର ଲେଖା ଅଛି । ଭାରତ ଯୁଦ୍ଧ ଯଦି ପରମ୍ପରାରେ ଦ୍ୱାପରକାଳ ହେଲା, ତେବେ ତହିଁରୁ ଉଦ୍ଧୃତ ଥିବ ଯୁଧିଷ୍ଠିରଙ୍କ ଉତ୍ତର ପୁରୁଷମାନେ ଦେବ ବର୍ଷ ପରି ଦୀର୍ଘକାଳ ରାଜତ୍ୱ କରିଥିବା ପଛରେ କଳିଙ୍ଗର ଶୁଦ୍ଧ ଅଧୁର ସାହିତ୍ୟର ଛାୟା ଥିବା ଖୁବ୍ ଅନୁମାନ କରାଯାଇ ପାରେ । ଏଠାରେ ପୁଣି ରାଜାଙ୍କ ଗଣିତରେ ୧୬ (୫×୨+୩×୨) ସଂଖ୍ୟାଟି ପ୍ରଣିଧାନ ଯୋଗ୍ୟ । ଏ ସମସ୍ତ ବର୍ଣ୍ଣନାଟି ପୁରମେୟୀୟ ପରମ୍ପରାର ଗୋଟିଏ ଛିଣ୍ଣା ସମ୍ବନ୍ଧ ପରି ଜଣା ପଡ଼ୁଛି । ଓଡ଼ିଶା ଇତିହାସରେ ରାଖାଲଦାସ ବାନର୍ଜି, ୧୮୨୫ ଖ୍ରୀ:ରେ ଫ୍ଲିଙ୍ଗ ସାହେବ ଲେଖି ଥିବା ଏହି ବଷ୍ଟୁକ ଲେଖାଟି ରମାପ୍ରସାଦ ଚନ୍ଦ୍ରଙ୍କ ଟିପ୍ପଣୀ ସହିତ ପ୍ରକାଶ କରି ବଡ଼ ଭ୍ରାନ୍ତିରେ ପଡ଼ି ଭ୍ରାନ୍ତ ସିଦ୍ଧାନ୍ତ ପ୍ରକାଶ କରିଛନ୍ତି (R. D. Banerjee's History of Orissa Vol. I P. 110) । ସେଥିରେ ସେ ଲେଖିଛନ୍ତି, ଯୁଧିଷ୍ଠିରଙ୍କଠାରୁ ଯଯାତି କେଶରୀଙ୍କ ପୂର୍ବ ୧୮ ଜଣ ରାଜା ଥିଲେ (ସେଥିରେ ଯବନ ରକ୍ତବାହୁ ଦ୍ୱାରା ସିଂହାସନରୁ ତଡ଼ା ଖାଇଥିବା ସୋଭନ ଦେବ ଓ ଯଯାତି ଦୁହିଁଙ୍କୁ ଗଣିଛନ୍ତି) । ଯଯାତିଙ୍କ ରାଜତ୍ୱ ଶେଷ ବର୍ଷକୁ ଶକାବ୍ଦ ୪୪୮ ବା ଖ୍ରୀ. ୫୨୬ ଧରି ମଧ୍ୟ ସେ ପର୍ଯ୍ୟନ୍ତ ବର୍ଷ ସଂଖ୍ୟା ପୁଣି ସେ ଧରିଛନ୍ତି, ୩୨୮୨ । ଖ୍ରୀ. ୫୨୬ କୁ ମିଶାଇ କଳି ଭୋଗ ହେଉଛି ମୋଟେ ୩୬୨୭ ବର୍ଷ । ପୁଣି ସେ ଏକ ଅଙ୍କ-ମୂଳକ ଆକ୍ଷେପ କରି କହିଛନ୍ତି, ଓଡ଼ିଆ ପଣ୍ଡିତମାନେ ନିଜ ସଂସ୍କୃତ

Digitized by srujanika@gmail.com

ପାଣ୍ଡିତ୍ୟର ବଡ଼ାଇ କରିଥିଲେ ମଧ୍ୟ ସେମାନେ ଜାଣି ନ ଥିଲେ ଯେ ପୁରାଣ କହନ୍ତି, ମହାଭାରତ ଯୁଦ୍ଧଠାରୁ ମହାପଦ୍ମନନ୍ଦଙ୍କ ଯାଏ (୪ର୍ଥ ଶତାବ୍ଦୀ ଖ୍ରୀଷ୍ଟପୂର୍ବ) କଳିଙ୍ଗରେ ୩୨ ଜଣ ରାଜା ହୋଇଥିଲେ । ମହାଭାରତ ଯୁଦ୍ଧ-ଶେଷ ବା କଳିଯୁଗାବ୍ଦ ହେଉଛି, ୩୧୦୧ ଖ୍ରୀଷ୍ଟ ପୂର୍ବ । ମହାପଦ୍ମନନ୍ଦଙ୍କ ବେଳକୁ ଅତୀତ ହୋଇଥିଲା ୨୭୦୦ ବର୍ଷରୁ ଅଧିକ କାଳ । ଏତେ କାଳରେ ମୋଟେ ୩୨ ଜଣ ରାଜା ହୋଇଥିଲେ ବୋଲି ଯେଉଁମାନେ ବିଶ୍ୱାସ ନ କରୁଥିବେ ସେମାନେ ଯେ ଅପଣ୍ଡିତ ଏହା କହିବା ଠିକ୍ ନୁହେଁ । ପୁଣି ପୁରୀମନ୍ଦିରର ମାଦଳାପାଞ୍ଜି ସଂସ୍କୃତ ପଣ୍ଡିତମାନେ କେବେ ଲେଖୁ ନ ଥିଲେ, କି ଲେଖୁ ନାହାନ୍ତି । ପୁରୀମନ୍ଦିର ବିଗ୍ରହାଦିର ପ୍ରତିଷ୍ଠାଦି ବୈଦିକ ବିଧିରେ ହୁଏ ନାହିଁ, ହୁଏ ଓଡ଼ିଶାର ପରମ୍ପରା ଗତ ପୁରାଣ ବିଧିରେ; ପୂଜା ମଧ୍ୟ ମନ୍ଦିରରେ ସେହି ପୁରାଣ ବିଧିରେ ହେଉଥିଲା; ଏବେ ତାକୁ ତାନ୍ତ୍ରିକ ବିଧି ବୋଲି କହନ୍ତି । ଏ ତାନ୍ତ୍ରିକତା କିନ୍ତୁ ପୁରାଣର ତାନ୍ତ୍ରିକତା; ବଙ୍ଗଳାର ନୁହେଁ ମନେହୁଏ, ବ୍ରାହ୍ମଣଙ୍କ ଉପରେ 'ବଂଗାଳ' ତାନ୍ତ୍ରିକ ଧର୍ମର ପ୍ରଭାବ ଓ ସେହି ସୂତ୍ରରେ 'ନୃତ୍ୟମଣ୍ଡପ'ର ଆଧୁନିକ ସଂସ୍କରଣ ପୂର୍ବରୁ ଏହାର ତାନ୍ତ୍ରିକ ନାମ ବି ନ ଥିଲା । ବୁଝିବାର ଅଛି, ପୁରାଣ ସବୁ ଏ ଦେଶର 'ଅନାର୍ଯ୍ୟ' ପରମ୍ପରାରୁ ବହୁ ପରିମାଣରେ ଗୃହୀତ ଓ ବୈଦିକ ଆର୍ଯ୍ୟ ସାହିତ୍ୟର ବନକରେ ଚର୍ଚ୍ଚିତ ଓ ରସାଣିତ । ସେଉଁଥିପାଇଁ କଳିଙ୍ଗରେ ୨୭୦୦ ବର୍ଷରେ ୩୨ ଜଣ ରାଜା ହେଲେ, ସେହି ପରମ୍ପରାର ଆଉ ଟିକିଏ ମୌଳିକତା ରକ୍ଷି ବୁଝିଲେ, ୩୨୦୦ ବର୍ଷରେ ୧୬ଜଣ ରାଜା ବି ହୋଇ ପାରନ୍ତି । ପୁରାଣରେ ଅତିଦୀର୍ଘ ପରମାୟୁ ଓ ରାଜାମାନଙ୍କର ଯୁଗ ମହାଯୁଗ ଭଳିଆପରି ଦୀର୍ଘ ରାଜତ୍ୱକାଳର ଅଭାବ ନାହିଁ । ମାତ୍ର ଓଡ଼ିଆ ପରମ୍ପରାରେ ତା ସଂସ୍କୃତ ଲେଖା ପୁରାଣକୁ ମଧ୍ୟ ଛପି ଯାଏ । 'ସ୍କନ୍ଦ ପୁରାଣ'ର 'ଉତ୍କଳଖଣ୍ଡ' ପୁଣି 'କପିଳ ସଂହିତା' ଓ 'ପ୍ରାଚୀମହାତ୍ମ୍ୟ'ର 'ଶାମ୍ବୋପାଖ୍ୟାନ' ପ୍ରଭୃତି ଅନେକ ପୁରାଣ ଓ ଆଖ୍ୟାୟିକାମାନ ପୁଣି ଓଡ଼ିଆ ପରମ୍ପରାର ସ୍ପଷ୍ଟ ସଂସ୍କୃତ-ସଂସ୍କରଣ ।

Digitized by srujanika@gmail.com

# ଓଡ଼ିଆ ସାହିତ୍ୟରେ ଇନ୍ଦ୍ରଦ୍ୟୁମ୍ନ

ସ୍କନ୍ଦପୁରାଣର ଉତ୍କଳ-ଖଣ୍ଡରେ ଥିବା ଇନ୍ଦ୍ରଦ୍ୟୁମ୍ନ ଉପାଖ୍ୟାନ ଏବେ ବି ଓଡ଼ିଆ 'ଦେଉଳତୋଳା' ଗୀତରେ ବୋଲନ୍ତି । ଓଡ଼ିଆ ଗୀତଟି ଠିକ୍ ପୁରାଣର ଉପାଖ୍ୟାନ ପରି ନହେଲେ ବି, କଥା ବର୍ଣ୍ଣିତ ପ୍ରାୟ ଏକା । ଦୁଇଟିଯାକ ଏକା ପରମ୍ପରାରୁ ଗୃହୀତ । ମନେହୁଏ, ସ୍କନ୍ଦ ପୁରାଣରେ ଲେଖାହେଲା ପରେ, ଓଡ଼ିଆ ଗୀତଟିର ପୂର୍ଣ୍ଣ ସଂସ୍କରଣ ହୋଇଛି । ଗୀତଟି ଏବେ ରୂପରେ ଯେପରି ଦେଖାଯାଏ, ସେଥିରେ ଅଛି, ଇନ୍ଦ୍ରଦ୍ୟୁମ୍ନ, 'ବଡ଼ଦେଉଳ' ତୋଳାଇ ସାରି, ସେଥିରେ ଜଗନ୍ନାଥଙ୍କୁ ବସାଇ ପ୍ରତିଷ୍ଠା କରିବା ନିମନ୍ତେ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରି ଆଣିବେ ବୋଲି ବ୍ରହ୍ମଲୋକକୁ ଗଲେ । ଏ ଗଲାବେଳକୁ ବ୍ରହ୍ମା ତର୍ପଣରେ ବସିଥିଲେ । ତାଙ୍କୁ ଦେଖି ଟିକିଏ ବସିବାକୁ ଠାରିଦେଲେ । ତର୍ପଣ ସରିଲାରୁ ଇନ୍ଦ୍ରଦ୍ୟୁମ୍ନ 'ନୀଳ-କନ୍ଦର'ରେ ନିଜେ ତୋଳାଇଥିବା 'ବଡ଼ଦେଉଳ'କୁ ପ୍ରତିଷ୍ଠା କରିବାକୁ ଆସିବା ପାଇଁ ବ୍ରହ୍ମାଙ୍କୁ ଡାକିଲେ । ବ୍ରହ୍ମଲୋକରେ ଇନ୍ଦ୍ରଦ୍ୟୁମ୍ନ ଏତିକି କଥା କରୁ କରୁ ଏଣେ ମର୍ତ୍ତ୍ୟମଣ୍ଡଳରେ ନଅଟି ଯୁଗ ('ନବଯୁଗ') ବିତିଗଲା । ପୁଣି ନୀଳଗିରି କନ୍ଦରରେ 'ଝଡ଼'ରେ ବାଲି ଉଡ଼ି ଉପରକୁ 'ବଣା-ଶହେ ହାତ' ଟିଏ ହୋଇଥିବା ମନ୍ଦିରଟି ପୂରା ପୋତି ହୋଇ ପଡ଼ିଲା । ଓ ଏ ମଧ୍ୟରେ ସୁରଦେବ ବୋଲି ରାଜା ହେଲା । ସେ ମରି ତା ପୁଅ ରାଜା ହେଲା ଓ ସେ ମଧ୍ୟ ମରି ତା ପୁଅ ଗାଲମାଧବ ବୋଲି ରାଜା ହେଲା । ଇନ୍ଦ୍ରଦ୍ୟୁମ୍ନ ଯେଉଁ ଘୋର ବଣ ସଫା କରାଇ 'ମାଳବ'ରୁ ନୀଳଗିରିକୁ ଆସିଥିଲେ, ସେ ବଣ ପୁଣି ମାଡ଼ିଗଲା । ଗାଲମାଧବ ସମୁଦ୍ରରେ ସ୍ନାନ କରିବାକୁ ଆସି, ସ୍ନାନ ସାରି କୂଳ ବାଲିରେ ଘୋଡ଼ା ଦଉଡ଼ାଇଲେ । ଘୋଡ଼ା ଖଣ୍ଟାଏ ଝୁଣ୍ଟିଲା । ରାଜା ଆଶ୍ଚର୍ଯ୍ୟ ହୋଇ ଖୋଳାଇ ଦେଖିଲେ, 'ନୀଳଚକ୍ର' । ତାପରେ ଖୋଳାଇ ସମସ୍ତ ମନ୍ଦିର ବାହାର କରି ଖୁସି ହେଲେ; ବିଚାରିଲେ, ତାଙ୍କରି ନିଜ ବଂଶର ('ବାପ') ଏହା କରି-ଛନ୍ତି; ତେଣୁ ସେ ନିଜେ ସେଥିରେ ଦେବତା ବସାଇ ପୂଜା କରିବେ ।

Digitized by srujanika@gmail.com

ଇନ୍ଦ୍ରଦ୍ୟୁମ୍ନ ତାପରେ ବ୍ରହ୍ମାଙ୍କ ସଙ୍ଗେ ଯେବେ ଆସି ମନ୍ଦିରଟି ଦାନ କରିବାକୁ ଗାଲମାଧବ ମାନିଲେ ନାହିଁ । ବ୍ରହ୍ମା ସେଠାରୁ 'ସାକ୍ଷୀ'ଙ୍କୁ ପଚାରି, ସିଦ୍ଧ ତାହାର, ଏକଥା ପ୍ରମାଣ କରିବାକୁ ଲୋଡ଼ିଲେ ।

"ଗାଲମାଧବ ବୋଇଲେ ମୋର ସାକ୍ଷ୍ୟ ନାହିଁ ।
ତୋଳାଇଲେ ଦେଉଳରେ ସାକ୍ଷୀ କାହିଁ ପାଇଁ ॥
ଇନ୍ଦ୍ରଦ୍ୟୁମ୍ନ ବୋଇଲେ ମୋର ସାକ୍ଷୀ ଅଛି ।
କଳପ ବଟରେ ଯେଉଁ କାକ ବସି ଅଛି ॥"

ଏହି 'ଭୁଷଣ୍ଡିକାକ'ଙ୍କୁ ବିଦ୍ୟାପତି 'ବସୁ' ଶବର ସଂଗେ 'ନୀଳମାଧବ'ଙ୍କୁ ଦେଖି ଗଲାବେଳେ ଦେଖିଥିଲେ । ବ୍ରହ୍ମା ଗାଲମାଧବ ଓ ଇନ୍ଦ୍ରଦ୍ୟୁମ୍ନ, ତିନିହେଁ କଳ୍ପବଟ ମୂଳକୁ ଗଲେ ଓ କଥାଟା ପଚାରି ବୁଝିବା ପାଇଁ ସେ କାକକୁ ଡାକିଲେ । କାକ, 'ଉଚ୍ଛାଣି-ସାଧନ' (ଶୂନ୍ୟ-ସାଧନାର ଗୋଟିଏ ଶ୍ରେଷ୍ଠ ଯୋଗ ପନ୍ଥା)ରେ ଥିଲେ । ଧ୍ୟାନ ଭଂଗ ହେବାରୁ ସେ ପଚାରିଲେ, "ମଂଚ-ମଣ୍ଡଳ'କୁ ତମେ କିଏ ମତେ ଡାକୁଚ ହେ ?" ବ୍ରହ୍ମା କହିଲେ, "ମୁଁ ବ୍ରହ୍ମା ।" ତହୁଁ,

'ଭୁଷୋ କେଉଁ ବ୍ରହ୍ମା ବୋଲି ଭୁଷଣ୍ଡି କହିଲେ ।
କୋଟି କୋଟି ବ୍ରହ୍ମା ମୋର ଦେଖୁ ଦେଖୁ ଗଲେ ॥
ଷଢ଼ସ୍ରେକ ମୁଖ ହୋଇ ବ୍ରହ୍ମା ଏକ ଥିଲେ ।
ମୋହ ଦେଖୁ ଦେଖୁ ସେହୁ ପାଣିବନେ ମଲେ ॥
କାଲି ବିଷ୍ଣୁ ନାଭିରୁ ହୋଇଅଛୁ ଜାତ ।
ଗୃହ ଗୋଟି ମୁହଁ ବହ ଏତେକ ସଂଭ୍ରାନ୍ତ ॥"

ତାପରେ ବ୍ରହ୍ମା 'ପରମୂର୍ଣ୍ଣାଯାଇ' (ଅତି ନ୍ୟୂନ ହୋଇ) ଦେଉଳ ତାହାର, ସତ କହ, ବୋଲି ପଚାରିବାରୁ ସେ କହିଲେ, ଦେଉଳଟି ଇନ୍ଦ୍ରଦ୍ୟୁମ୍ନ ତୋଳାଇଛି । ଗାଲମାଧବ କିଂତୁ ମାନିଲେ ନାହିଁ ।

Digitized by srujanika@gmail.com

"ଇନ୍ଦ୍ରଦ୍ୟୁମନ ବୋଇଲେ ହେଲୁ ରାଜା ବାଇ ।
ଆହୁର ସାକ୍ଷୀଏ ତୋତେ ଦେଖାଇବି ମୁହିଁ ॥
ଇନ୍ଦ୍ରଦ୍ୟୁମନରେ ବହୁ କୂର୍ମମାନ ଥାଇ ।
କଢ଼ ଦେଉଳକୁ ସେ ପଥରଛନ୍ତି ବୋହି ॥"

ତହୁଁ ବ୍ରହ୍ମା, ଇନ୍ଦ୍ରଦ୍ୟୁମ୍ନ ଓ ଗାଲମାଧବ, ତିନହେଁ ଇନ୍ଦ୍ରଦ୍ୟୁମ୍ନ ସରୋବର ପାଖକୁ ଗଲେ ଓ କୂର୍ମଙ୍କୁ ସେଠାରେ ଦେଖି,

"ବ୍ରହ୍ମା ବୋଇଲେ ଦେଉଳ ଅଛଇ କାହାର ।
କୂର୍ମେ ବୋଇଲେ ଦେଉଳ ଇନ୍ଦ୍ରଦ୍ୟୁମନର ॥
ଦେଉଳ ତୋଳାକୁ ଆମ୍ଭେ ବୋହିଛୁ ପଥର ।
ସ୍ୱରୂପ କହିଲୁ ଆମ୍ଭେ ଶୁଣ ବେଦବର ॥
ଦେଉଳ ତୋଳିଣ ରାଜା ତୋତେ ଆଣି ଗଲେ
ଗାଲ ମାଧବ ଯେ ତହୁଁ ବାଲି କଢ଼ାଇଲେ ॥
ବ୍ରହ୍ମା ଆଜ୍ଞା କଲେ ରାଜା ଏକଥା କେମନ୍ତ ।
ଗାଲମାଧବ ବୋଇଲେ ଏକଥା ସମ୍ମତ ॥"

ସେଠାରୁ ବିରାଟ ଉତ୍ସବ କରାଇ ଇନ୍ଦ୍ରଦ୍ୟୁମ୍ନ, ବ୍ରହ୍ମାଙ୍କଦ୍ୱାରା ଦେଉଳ ଓ ବିଗ୍ରହ ପ୍ରତିଷ୍ଠା କରାଇଲେ । ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବହୁମାନ କଲେ; ବରଦେଲେ । ଇନ୍ଦ୍ରଦ୍ୟୁମ୍ନଙ୍କ କୀର୍ତ୍ତିନାଶ ହେଲା ନାହିଁ; କୀର୍ତ୍ତି-ରକ୍ଷା ହେଲା । ବ୍ରହ୍ମାଙ୍କ 'ଦଣ୍ଡେ' ବା ନିମିଷ, ଅମରକୁ ନଅଟିଯୁଗ— କଳିଠାରୁ ହିସେବ ସେଇ କାଳକୁ ମିଶାଇ । ଏତେ ଦୀର୍ଘକାଳରେ ପୁଣି 'ମଂଚମଣ୍ଡଳ'ରେ ଗାଲ ମାଧବଙ୍କୁ ମିଶାଇ ତାଙ୍କ ବଂଶରେ ମୋଟେ ଶହେ ରାଜା । ହୋଇପାରେ ନୂତନ କାଳରେ ଏଇ ଶହେ ରାଜା । କାହିଁକିନା, ଯୁଗକୁ ଯୁଗ ସମାନ ଭାବରେ ପୁଣି ପୁଣି ସେଇ କ୍ରିୟା ଓ ସେଇ ରାଜାଙ୍କ ହୁଅନ୍ତି ବୋଲି ମଧ୍ୟ ପରଂପରା ଅଛି । ହେଲେହେଁ ପୁରାଣ ପରଂପରାରେ ଏ ନ୍ୟାୟଶାସ୍ତ୍ର ଯୁକ୍ତି ଚଳିବ ନାହିଁ ।

Digitized by srujanika@gmail.com

# ମହାଭାରତରେ ଇନ୍ଦ୍ରଦ୍ୟୁମ୍ନ

କଳିଂଗର ଇନ୍ଦ୍ରଦ୍ୟୁମ୍ନଙ୍କ ପରଂପରାଟି ପୁଣି ମହାଭାରତ ଗ୍ରନ୍ଥରେ ସ୍ଥାନ ପ୍ରକାଶ ପାଇଛି, ଦେଖ । ମାସିକ 'ନବଭାରତ'ର ପୂର୍ବୁଣା ପ୍ରସ୍ଥ ୧ମବର୍ଷ ୧୦୯-୧୧୨ ପୃଷ୍ଠାରୁ ଏଇ ଉପାଖ୍ୟାନଟି ଅବିକଳ ଉଦ୍ଧାର କରି ଦିଆଗଲା । ସେଠାରେ ଏହା କଲିକତା ବଂଗବାସୀ-ସଂସ୍କରଣ ମହାଭାରତ ବନପର୍ବ ୧୯୮ ଅଧ୍ୟାୟରୁ ଦିଆ ହୋଇଛି ।

"ବୈଶମ୍ପାୟନ କହିଲେ, 'ମହାରାଜ, ପାଣ୍ଡବମାନେ ମାର୍କଣ୍ଡେୟଙ୍କୁ ପଚାରିଲେ (ଏଇ ମାର୍କଣ୍ଡେୟଙ୍କ ପରମାୟୁ ୭କଳ୍ପ ବୋଲି ପୁରାଣରେ ଅଛି) —ଭଗବାନ୍, ଆପଣଙ୍କଠାରୁ କ'ଣ ଆଉ କିଏ ପ୍ରାଚୀନତର ଅଛନ୍ତି ?' ମାର୍କଣ୍ଡେୟ କହିଲେ, 'ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ କ୍ଷୀଣପୁଣ୍ୟ ଓ ସ୍ୱର୍ଗଭ୍ରଷ୍ଟ ହୋଇ ମୋ ପାଖକୁ ଆସି କହିଲେ, ହେ ତପୋଧନ, ମୋ କୀର୍ତ୍ତିକଳାପ ବିଲୁପ୍ତ ହୋଇଛି । ଏବେ ଆପଣ କ'ଣ ମୋତେ ଚିହ୍ନି ପାରୁଚନ୍ତି ?—ମୁଁ କହିଲି,—ଆମେମାନେ ବରାବର ତୀର୍ଥ ପର୍ଯ୍ୟଟନ କରୁଥାଉଁ; କେବେ ସ୍ମରଣ କଲେ ବି କୃଚ୍ଛ୍ରସାଧ୍ୟ ବ୍ରତୋପବାସାଦି ସାଧନ ହେତୁକ ଶାରୀରିକ କ୍ଲାନ୍ତିରୁ ତାହାର ଅନୁଷ୍ଠାନ କରିବାରେ ଅସମର୍ଥ ହେଉ, ଅତଏବ ଆପଣଙ୍କୁ କିପରି ଚିହ୍ନିବି ?—ତହୁଁ ଇନ୍ଦ୍ରଦ୍ୟୁମ୍ନ ପଚାରିଲେ, ଭଗବାନ୍, ଆପଣଙ୍କଠାରୁ ଆଉକେହି ପ୍ରାଚୀନତର ଅଛନ୍ତିକି ନା ?'—ମୁଁ କହିଲି,— ହିମାଚଳରେ ପ୍ରାବାରକର୍ଣ୍ଣ ବୋଲି ଗୋଟିଏ ଉଲ୍ଲୁକ ଅଛି, ସେ ମୋଠାରୁ ପ୍ରାଚୀନ; ସେ ହୁଏତ ଆପଣଙ୍କୁ ଚିହ୍ନିପାରେ । ଏଠୁଁ ହିମାଳୟ ବହୁଦୂର; ଆପଣ କହିବେ ତ ଚାଲନ୍ତୁ, ମୁଁ ବି ଯିବି ।

ତହୁଁ ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ, ଘୋଡ଼ା ପରି ହୋଇ ମତେ ପିଠିରେ ବୋହି ଉଲ୍ଲୁକ ପାଖେ ପହଞ୍ଚିଲେ ଓ ଉଲ୍ଲୁକକୁ ଡାକି କହିଲେ,—ହେ ଉଲ୍ଲୁକ, ତମେ କ'ଣ ମତେ ଚିହ୍ନି ପାରୁଚ ?—ପ୍ରାବାରକର୍ଣ୍ଣ ଉଲ୍ଲୁକ

Digitized by srujanika@gmail.com

ମୁହୂର୍ତ୍ତେ ଚିନ୍ତା କରି କହିଲା--ନା ମହାଶୟ, ମୁଁ ଆପଣଙ୍କୁ ଚିହ୍ନିପାରୁ ନାହିଁ ।—ତହୁଁ ଇନ୍ଦ୍ରଦ୍ୟୁମ୍ନ କହିଲେ,—ହେ ଉଲୂକ, ତମଠୁ ଆଉ କିଏ ପ୍ରାଚୀନତର ଅଛନ୍ତି ?—ଉଲୂକ କହିଲା,—ମହାଶୟ, ଇନ୍ଦ୍ରଦ୍ୟୁମ୍ନ ନାମରେ ଏକ ସରୋବର ଅଛି । ସେଠାରେ ନାଡ଼ୀଜଙ୍ଘ ବୋଲି ଏକ ବକ ବାସ କରେ । ସେ ମୋଠୁ ପ୍ରାଚୀନ । ଅତଏବ, ଆପଣ ସେଠାକୁ ଯାଇ ତାଙ୍କୁ ପଚାରନ୍ତୁ ।—ସେଠାରୁ ଇନ୍ଦ୍ରଦ୍ୟୁମ୍ନ ଓ ଉଲୂକ ମତେ ଘେନି ସେହି ସରୋବରଠାକୁ ଚଲେ ।

"ସେଠାରେ ଅମେମାନେ ବକକୁ ଦେଖି କହିଲୁ,—ହେ ନାଡ଼ୀ-ଜଂଘ, ତୁମେ କ'ଣ ରଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଜାଣ—ବକ ଟିକିଏ ଭାବି କହିଲା,—ନା, ମୁଁ ତାଙ୍କୁ ଜାଣେ ନାହିଁ ।—ତହୁଁ ଆମେ ପଚାରିଲୁ,—ନାଡ଼ୀଜଂଘ, ତମଠାରୁ ଆଉ କିଏ ପ୍ରାଚୀନ ଅଛି—ବକ କହିଲା,—ଏହି ସରୋବରରେ ଅକୂପାର ବୋଲି ଗୋଟିଏ କଚ୍ଛପ ବାସ କରେ । ସେ ମୋଠୁ ପ୍ରାଚୀନ । ଆପଣମାନେ ତାଙ୍କୁ ପଚାରନ୍ତୁ । ସେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଚିହ୍ନିଲେ ଚିହ୍ନିପାରେ ।

"ତା ପରେ ସେଇ ବକ ଆମ ସଙ୍ଗେ ଅକୂପାର ପାଖକୁ ଯାଇ କହିଲା,—ଅମେମାନେ ତୁମକୁ ଗୋଟିଏ କଥା ପଚାରିବୁ । ତୁମେ ଶୀଘ୍ର ଆମ ପାଖକୁ ଆସ ।—କଚ୍ଛପ ଏଇ କଥା ଶୁଣିବାକ୍ଷଣି ସଙ୍ଗେ ସଙ୍ଗେ ସରୋବରରୁ ଉଠି ଆମମାନଙ୍କ ପାଖକୁ ଆସିଲା । ତହୁଁ ଅମେମାନେ ତାକୁ ପଚାରିଲୁ,—ଅକୂପାର, ତୁମେ କ'ଣ ଏଇ ଇନ୍ଦ୍ରଦ୍ୟୁମ୍ନ ରଜାଙ୍କୁ ଜାଣ ? —ଏଇ କଥା ପଚରାଯିବା କ୍ଷଣି ସେ କଂପିତକଳେବର ଓ ଅଚେତନ-ପ୍ରାୟ ହୋଇ ବାଷ୍ପାକୁଳଲୋଚନରେ ଉଦ୍‌ବିଗ୍ନ ମନରେ କହିଲା,—ମୁଁ ଏହାଙ୍କୁ ଭଲ କରି ଜାଣେ । ଏ ଯାଗ ଯଜ୍ଞାଦି ସମାଧାନ ପୂର୍ବକ ସହସ୍ର-ବାର ଯୂପ ସକଳ ଆହିତ କରି ଅଛନ୍ତି । ଏ, ଯଜ୍ଞରେ ଯେଉଁ ସବୁ ଧେନୁ ଦାନ କରିଥିଲେ, ସେଇମାନଙ୍କ ସଂଚରଣରେ ଖୁର-କ୍ଷୁଣ୍ଣ ହୋଇ, ଏଇ

Digitized by srujanika@gmail.com

ସର୍ବେବରିଷ୍ଠ ହୋଇ ଯାଇଅଛୁ । ମୁଁ ଏଇଠାରେ ସେଇଦିନଠାରୁ ବାସ କରିଥାଏ ।

"ଏଇ କଥା କହିବା ମାତ୍ରେ ଦେବଲୋକରୁ ରଥ ଆସି ପହଁଚିଲା ଓ ପକ୍ଷୀଙ୍କୁ ଲକ୍ଷ୍ୟ କରି ଆକାଶ ବାଣୀ ହେଲା,—ହେ ମହାରାଜ, ତୁମ-ପାଇଁ ସ୍ୱର୍ଗ ଦେଇଅଛୁ । ଏବେ ତୁମେ ସେଇ ସମ୍ମତ ସ୍ଥାନ ଲାଭ କର । କୀର୍ତ୍ତିମାନ୍ ଲୋକର ଅଗ୍ରଗଣ୍ୟ ହୁଅ—ଇତ୍ୟାଦି ।"

## ଇତିହାସର ତତ୍ତ୍ୱ

ଏ ସେଇ 'ଦେଉଳତୋଳା-ଗୀତ'ର ଇନ୍ଦ୍ରଦ୍ୟୁମ୍ନ । ବ୍ରହ୍ମାଙ୍କ ପାଖରୁ ଫେରିଲା ବେଳକୁ ଏହାଙ୍କ କୀର୍ତ୍ତି ଲୋପ ହୋଇଥିଲା । ଇନ୍ଦ୍ରଦ୍ୟୁମ୍ନର କୂର୍ମ ଶେଷକୁ ସାକ୍ଷ୍ୟ ଦେବାରୁ, ଏ ନିଜ କୀର୍ତ୍ତିକୁ ପ୍ରତିଷ୍ଠା କରିବାର ସୁବିଧା ପାଇଲେ । ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ ଓ ତଦନୁରୂପ ପଦ୍ମପୁରାଣ ପ୍ରଭୃତିର ଲେଖାମାନ, ସେଇ 'ଦେଉଳତୋଳା-ଗୀତ' ପଛରେ ଥିବା ପରମ୍ପରାର ସଂସ୍କୃତ ସଂସ୍କରଣ । କପିଳ ସଂହିତା ଓ ଶାମ୍ବ ପୁରାଣ ପ୍ରଭୃତି ପଢ଼ିଲେ ସ୍ପଷ୍ଟ ମନେ ହୁଏ, ଏହା ଓଡ଼ିଆ ପ୍ରାକୃତ ଲେଖାର ହୁଏତ ସଂସ୍କୃତ ଅନୁବାଦ ମାତ୍ର । ରାଖାଲ ଦାସ ବାନର୍ଜିଙ୍କ ପରି ଇତିହାସ ଲେଖକ ଓଡ଼ିଶାର ସଂସ୍କୃତ ପଣ୍ଡିତଙ୍କ ତୁଣ୍ଡ ଯେ ଅକ୍ଷେପ କରିଚନ୍ତି, ତା କେବଳ ଯଥାର୍ଥ ଇତିହାସ ବୁଝି ନ ପାରିବାର ଫଳ । ଖାଲି ଶିଳାଲିପି, ତାମ୍ରଶାସନ ବା ପୁରାଣ ପଢ଼ି ଅକ୍ଷରିକ ଅର୍ଥ କରିଦେଲେ, ଇତିହାସ ଆଲୋଚନା ପୂର୍ଣ୍ଣ ହୁଏ ନାଇ । ପରମ୍ପରାର ଗତି ଓ ପ୍ରକୃତି ବୁଝିବା ଦରକାର ।

## ପୁନର୍ଜନ୍ମ ଓ କର୍ମଭୋଗ

ଆମେ ଯେଉଁ କାଳମାନାଦି ପରମ୍ପରା କଥା କହୁଚୁ, ତା ସବୁ ଲୋକକଥା, କିଂବଦନ୍ତୀ ପ୍ରଭୃତିରେ ଏବେ ଖୁବ୍ ଅଛି । ପ୍ରାଚୀନ ପ୍ରାକୃତ

Digitized by srujanika@gmail.com

ବା ଦେଶୀ ଭାଷାରେ ସେ ବିଷୟରେ ଗୀତ, କାବ୍ୟ, କଥା ସବୁ ହୁଏତ ଥିଲା । 'କପିଳ ସଂହିତା' ପରି ଗ୍ରନ୍ଥ ତାର ପ୍ରମାଣ । ମୌଳିକଭାବରେ ସେ ସବୁ ହୁଏତ ନାଇଁ; ଥିଲେ ବି ମିଳିନାଇଁ, ସଂଗୃହୀ କରାହୋଇ ନାଇଁ । ଜୈନ ଓ ବୌଦ୍ଧ ପରଂପରାରେ ଯାହା ସବୁ ସଂଗୃହୀତ ହୋଇଛି, ତା ସବୁ ଏଇ ଦେଶୀ କଥା—ବିଶେଷରେ ଆଦିମ କଳିଂଗ ସାହିତ୍ୟର କଥା । ଏହାର ସୂଚନା ଦିଆ ହୋଇଛି । ଏ ସବୁ ପରଂପରାକୁ ଫେଡ଼ି ଦେଖିଲେ, ଦେଖାଯିବ ଏ ସବୁର ପ୍ରଧାନ ମୂଳଦୁଆ ହେଉଛି, ପୁନର୍ଜନ୍ମ ଓ କର୍ମ ବା କର୍ମଭୋଗ । ଶୂନ୍ୟବାଦୀ ବୌଦ୍ଧଙ୍କ ମତରେ କର୍ମହିଁ ପୁନର୍ଜନ୍ମର ହେତୁ । ଜୀବନରେ 'ନିର୍ବାଣ' ବା ବ୍ୟକ୍ତିଶୂନ୍ୟ ନ ହେବା ଯାଏ, ଦେବ ଯୋନିଠାରୁ କୀଟ ପ୍ରଭୃତି ଯୋନି ପର୍ଯ୍ୟନ୍ତ ସବୁଠି ପୁନର୍ଜନ୍ମରେ କର୍ମଭୋଗ ଚାଲିଥାଏ । ସେଇଥିରୁ ସ୍ୱର୍ଗ, ନରକ ଓ ପରେ ବିଷ୍ଣୁଲୋକ, ଯମଲୋକ ପ୍ରଭୃତିର ବିକାଶ । ପରବର୍ତ୍ତୀ କାଳରେ ଏସବୁର ଗୋଟିଏ ବଡ଼ ସଂକେତ-ସଂଗ୍ରନ୍ଥ ହେଉଛି, ସାରଳାଦାସଙ୍କ ବିଶାଳ ଲେଖା ।

## ଉଦାହରଣରେ ସାରଳାଦାସଙ୍କ 'ଶ୍ୱେତକଳ୍ପ' କଥା

ଏ ପ୍ରସଂଗରେ ସେଥିରୁ ଗୋଟିଏ ମାତ୍ର ଉଦାହରଣ ଦିଆଯାଉଛି । ଶ୍ୱେତକଳ୍ପ ଉପାଖ୍ୟାନରେ ସାରଳା ଦାସ ସବୁ ଦାନ ଭିତରେ ଅନ୍ନଦାନ ଶ୍ରେଷ୍ଠ ବୋଲି ବୁଝାଇବାକୁ ଯାଇ କହିଚନ୍ତି,

"କୁକୁରକାର ବଂଶରେ ଶ୍ୱେତକଳ୍ପ ରାଜେ ।
ଦାନେ ପୁରବନ୍ତା ବଡ଼ ବିଚକ୍ଷଣ ହୋଏ ॥
ଅନେକ ଯାଗ ଯଜ୍ଞ କଲା ସେ ମହୀପତି ।
ଅଶ୍ୱଗଜ ଗୋଭୂଦାନ କଲା ଅପ୍ରମିତି ॥
ସମସ୍ତ ଦାନ ଦିଏ ସପ୍ତ ଦ୍ୱୀପ ରାଜନ ।
କ୍ଷୁଧାତୁର ଚାହିଁ ସେ ନ କଲା ଅନ୍ନଦାନ ॥
କହୁ ସହସ୍ର ବରଷ ସତ୍ୟଯୁଗେ ବଞ୍ଚି ।

Digitized by srujanika@gmail.com

ଢାକିଲ ପ୍ରାଣ ତ୍ୟାଗ କଲ୍ଲ ସେହୁ ମହୀପତି ॥
ବଗ୍ଗୁର ହେଲ୍ଲକୁ ଗଳା ଧରମ ସୁବର୍ଣ୍ଣେ ।
ତ୍ରାସେ କେହୁ କଣ୍ଟକ ନ ଗଲେ ଯମଗଣେ ॥
ଅସ୍ଥାନେ ବସାଇ ଯମ ରାଜା ଯେ ତାହାଙ୍କୁ ।
ନାନାରତ୍ନେ ଆଭରଣ ମଣ୍ଡିଲେ ରାଜାଙ୍କୁ ॥
କ୍ଷୁଧାରେ ଆରତ ଯେ ହୋଇଲେ ନୃପମଣି ।
ସ୍ୱର୍ଗରେ ନରେନ୍ଦ୍ର ଯେ ମାଗଇ ଅନ୍ନପାଣି ॥
ବହ୍ମନ୍ତା ବୋଇଲେ ତୁ ନ କଲୁ ଅନ୍ନ ଦାନ ।
ଦେଇ ଥିଲେ ପାଇଥାନ୍ତୁ ଏ ସ୍ୱର୍ଗ ଭୁବନ ॥
ଯାଅସି ଶ୍ମଶାନେ ତୋର ପିତୁଳା ପାଉଁଶ ।
ତାହା ଏବେ ଭୋଗକର ପିଣ୍ଡହେଉ ତୋଷ ॥
ବହ୍ମନ୍ତାଏ ବୋଇଲେ ହେ ଶ୍ୱେତକଳ୍କ ରାୟୁ ।
ସେ ପିତୁଳୀ ମାଟି·ଭକ୍ଷି ତପ୍ତକର କାୟୁ ॥
ଏ ବାର୍ତ୍ତାରେ ଯେ ଶତେ ବରଷ ପର୍ଯ୍ୟନ୍ତେ ।
ତାହା ଭକ୍ଷ କରୁଥାଅ ତୁହ୍ମ ଅନୁବ୍ରତେ ॥"

ଏତେତଦାନଧର୍ମ କରି ମଧ୍ୟ ଅନ୍ନଦାନ କରି ନ ଥିବା ପାପହେତୁ ଶତେ ବର୍ଷ କର୍ମଫଳ ଭୋଗିବା କମ୍ କଥା ନୁହେ । ଏଇ ଅନୁକ୍ରମେ ସେ ଯୁଗମାନଙ୍କରେ ଲକ୍ଷ ଓ କୋଟି ବର୍ଷ ଯୁଗ କଲ୍ପ ପରିମାଣରେ ଭୋଗ କାଳ ମପିବା ସାରଳାଦାସଙ୍କ ଲେଖାରେ ସାଧାରଣ [।] କୃଷ୍ଣାନ୍ତ ପାଇଁ ଏଇ ଅଳିକ ହୋଷ୍ଟିର ଭୋଗକାଳ ବଢ଼ିଅଇଛି । ଏଥିରୁ ପରମ୍ପରାର ପ୍ରାଣ ଓ ସମାଜ-ଶୃଙ୍ଖଳାର ସାହିତ୍ୟ ବେଶ୍ ଧରିହେବ ।

Digitized by srujanika@gmail.com

# ତୃତୀୟ ଅଧ୍ୟାୟ

## ସଭ୍ୟତାର ମିଶ୍ରଣରେ ସଂକେତ

### ସଭ୍ୟତାର ମିଶ୍ରଣ

ଶବର ଓ ଅସୁର ସଭ୍ୟତାକୁ ନେଇ କେତେକ ଶଂକା ସୃଷ୍ଟି ହୋଇଗଲା । ଏ ସବୁ ଶଂକା ଦେଖିବାରେ ଅନେକଙ୍କର ସଂଦେହ ବି ହୋଇପାରେ । ବିଶେଷରେ ପ୍ରତିଷ୍ଠିତ ଧାରଣାରେ ବିଚାର କରିବା ମନୁଷ୍ୟର ପ୍ରକୃତି ହୋଇଯାଏ । ସେ ଧାରଣାକୁ ବାହାରି ସ୍ୱାଧୀନଭାବରେ ବିଚାର କରି ଦେଖିବା କଷ୍ଟ । ଏଇ ଦେଖ । ମୃତ୍ୟୁ ନିମିତ୍ତ ଶବରଜାତିଙ୍କ ଭିତରେ ଧାରଣା ଅଛି, ଅଂଗୁଠିରେ ଗଛରେ ଫଳ ଦେଖାଇଲେ, ଫଳଟି ଅକାଳରେ ଶୁଖି ଝଡ଼ିପଡ଼େ । ଇରୁଣ୍ଡିରେ ବସିଲେ, ଧନ ନାଶ ହୁଏ । ନିଆଁରେ ମୂତିଲେ, ଲିଙ୍ଗ ବା ଯୋନି ଫୁଲିଯାଏ । ନିଆଁରେ ଛେପ ପକାଇଲେ, ମୁହଁରେ ଘା ହୁଏ । ନିଆଁ-ଚୁଲିରେ ଅଇଠା ପକାଇଲେ, ଅମଙ୍ଗଳ ହୁଏ । ଘର ଉପରେ ଶାଗୁଣା ବସିଲେ, ଘରେ ଭୟ ବା ମୃତ୍ୟୁର ସଂଭାବନା ଥାଏ । ଘର ପାଖେ କୁଆ ନ ମାନି ବାରଂବାର ବୋବାଇଲେ, ତା ଲକ୍ଷଣ ଅଟେ କୌଣସି ଆତ୍ମୀୟ ମୃତ୍ୟୁର ସଂକେତ ମିଳେ । ଏହା ଛଡ଼ା ଯେଉଁ ମାରଣ, ବଶୀକରଣ ପ୍ରଭୃତି ବୌଦ୍ଧ ଓ ହିନ୍ଦୁ ତନ୍ତ୍ରରେ ଏତେ ପ୍ରସିଦ୍ଧ, ସେ ସବୁ ସେଇ ଶବର ଜାତିମାନଂକ ଭିତରେ ଟିକିଏ ଅସଂସ୍କୃତ ଭାବରେ ହେଲେ ମଧ୍ୟ ଏବେ ବି ପୁରାପୂର୍ବରୁ ଚଳୁଥିବା କଥା ବୋଲି ସୂଚନା ଦିଆଯାଇଛି । ଭାଷାର ଶବ୍ଦ ଓ ଭାବପ୍ରକାଶ ତଥା ପ୍ରସଙ୍ଗ କ୍ରମେ ପରେ

Digitized by srujanika@gmail.com

ବୁଝାଯିବ । ସେଥିରେ ଶାବର ଓ ଅସୁର ଶବ୍ଦ ଓ ପ୍ରକାଶ-ଭଂଗୀ ସବୁ ଏବେ ବି ଓଡ଼ିଆରେ ଜୀବନ୍ତ । ଏହାର ବିଶେଷ ଅନୁସନ୍ଧାନ ହୋଇନାହିଁ । ଆମେ କହୁ, 'ରଇରୁଦ୍ର ଖରା' । ଏଥିରେ ଶାବର 'ରଇ' ଅର୍ଥାତ, 'ଦୀପ୍ତି' ସଂଗେ ସଂସ୍କୃତ ବା ଅସୁର 'ରୁଦ୍ର' ଶବ୍ଦ ମିଶି ଖରାର ତୀକ୍ଷ୍ଣତା ପ୍ରକାଶ କରାଯାଇଛି । 'ଚବୁଲୁଣୀ' ଶବ୍ଦଟିକୁ ଅନେକ ଅର୍ଥ କରନ୍ତି, ମୂର୍ଦ୍ଧାର ପେଟଚିରି ପିଲାକୁ ବାହାରକରି ଗଣ୍ଡିରେ ତାକୁ ଅନଂସ ପୋତି, ମରି ଯାଇଥିବା ମା'ର ଉପଦ୍ରବ ବନ୍ଦ କରାଯାଏ ବୋଲି ତାର ନାମ 'ଚବୁରୁଣୀ' । ମାତ୍ର ଏଇ 'ଚବୁଲୁଣୀ'ର ମୁଣ୍ଡା ଭାଷାରେ ମାନେ ହେଉଛି, 'ଚୁରିନ୍' । ଏପରି ଅର୍ଥ କରିବା ପୁଣି ହେଉଛି, ଅନ୍ୟ କାରଣରୁ, ସଭ୍ୟ ହୋଇ ଦେଖାଇ ହେବାର ଗୋଟିଏ ଖିଆଲ । 'ଢେନା'କୁ 'ଢନନାସ୍କର୍' ଏପରିକି ଗ୍ରାମର 'ଆଖୁଆପଦା' ନାମକୁ 'ଅକ୍ଷୟପଦ' ମଧ୍ୟ କରାଯାଏ । 'ପା-ଉଛ' (ପାହାଚ)କୁ 'ପାବଛ୍' (ପବିତ୍ରବସ୍ତ୍ର), 'ଛଇଲ'କୁ 'ଛବିଲ' (ଶୋଭିତ ବା ରଂଗିଆ) ପ୍ରଭୃତି ଖୋଜି ଲେଖିଲେ ସରିବ ନାହିଁ । ସଭ୍ୟତାର ଆଦାନ, ପ୍ରଦାନରେ ଏସବୁ ମିଶ୍ରଣ ସ୍ୱାଭାବିକ । ସାହିତ୍ୟ ବିଚାରରେ ଏ ସବୁର ମୂଳ ଦେଖିବା ଦରକାର ହେଲେ ମଧ୍ୟ ଦେଖା ପଡ଼େ ନାହିଁ । ତଥାପି ସେଇ ସବୁ ମିଶ୍ରଣରେ ମୌଳିକତା ଅନୁସନ୍ଧାନ କରି ଯଥା ସମ୍ଭବ ଆଲୋଚନା କରାଯାଉଛି ।

## ଶବ୍ଦ ଲେଖାରେ ବୁଦ୍ଧି ଚାଳନା

ଅଂକ ବିଦ୍ୟାରେ ମାନସାଙ୍କ ପରି କଥାରେ ବୁଦ୍ଧି ଚଳାଇ ବିଶ୍ଳେଷଣ ଓ ଉପାଖ୍ୟାନର କସରତ୍ କରିବା ହୁଏତ ଉଣା ଅଧିକେ ସବୁ ମନୁଷ୍ୟ ସମାଜରେ ଥିବ । ଏବେ ସ୍କୁଲ ପିଲାଙ୍କ ମାସିକ ପତ୍ରମାନଙ୍କରେ ଏଇପରି କସରତ୍‌ମାନ କେବେ କେବେ ଓଡ଼ିଆରେ ବାହାରିଥାଏ । ତାକୁ 'କୌତୁକ ପ୍ରଶ୍ନ' ବୋଲି କହନ୍ତି । ଏହାସବୁ କିନ୍ତୁ ଏବେ ଇଂରେଜୀ ପତ୍ର ପତ୍ରିକାମାନଙ୍କରୁ ଅନୁକରଣ କରା ହେଉଛି । ଇଂରେଜୀରୁ ବଙ୍ଗଳାରେ ମଧ୍ୟ

Digitized by srujanika@gmail.com

ଏଇପରି ହୁଏ । ତାକୁ ବଙ୍ଗଳାରେ କହନ୍ତି 'ହେୟାଲୀ'—'କୌତୁକ ପ୍ରଶ୍ନ' ବୋଲି ବା କୌଣସି କୌଣସି ପଦରେ ଶିରୋନାମା ଥାଏ । ଏସବୁ କହ୍ନା ବଡ଼ ସାଧାରଣ ଓ ଶୁଷ୍କ ପ୍ରଶ୍ନ; କାହିଁକି ଅନୁକରଣ କରିବାର ଛାପ ଏଥିରେ ସ୍ପଷ୍ଟ ଦେଖାଯାଏ । ଯେପରି କି,

"ଦୋମୁଣ୍ଡିଆ ଅଛୁ ମୁଁ ଗୋଟିଏ
କାଟି ଦେଲେ ମୋ ମୁଣ୍ଡଟିଏ
ଚିହ୍ନ ପଳାଇବେ ତରୁଣୀ ମତେ
ପେଟ ମୋର ଦେଲେ କାଟି
ଛୁଟି ଯିବ ମୋ ପାଟିକି ପାଟି
ସମସ୍ତେ ବୋଲିବେ ସକାଳ ସତେ !"

(କାଳକା—ଦୋମୁଣ୍ଡିଆ; କାଳ—ତରୁଣୀ ନେବେ; କା କା—କୁଆ ବୋବାଏ ସକାଳେ ) । ଇଂରେଜିରେ ମଧ୍ୟ Word-making, ଅକ୍ଷର କାଟି ଲଗାଇ ଶବ୍ଦ ତିଆରି କରିବା ଠାରୁ Cross word puzzle ( ଠିକ୍ ଜାଗାରେ ଠିକ୍ ଅକ୍ଷର ଲଗାଇ ଦିଆଯାଇଥିବା ଅକ୍ଷରରେ ଠିକ୍ ଶବ୍ଦ ତିଆରି କରିବା) ପର୍ଯ୍ୟନ୍ତ, ଏଇପରି କେତେ ଏବେ ହୁଏ । ଅନ୍ୟ ଭାଷାମାନଙ୍କରେ ମଧ୍ୟ ହେଉଥିବ । ହୁଏତ ଭାରତର 'ଚତୁରଙ୍ଗ' (ନ୍ୟାୟବଳ) ଖେଳ, ପାରସ୍ୟରେ 'ସତରଂଜ' ହୋଇ ଏବେ ଇଉରୋପରେ 'ଚେସ୍' Chess ହେଲାପରି, ପୁଣି ତୁର୍କୀମାନଙ୍କ ଗଂଜାଫା (ଧନୀଙ୍କ ଖେଳ) ଏ ଦେଶରେ 'ଗଂଜପା' ହେଲାପରି ଓ ପରେ ସେଥିରୁ 'ତାସ୍' ବାହାରି ଆଜି ପୃଥିବୀରେ ବ୍ୟାପିଲା ପରି, ଏ କଥା । ଏହାର ମୂଳ କେଉଁଠାରେ ?

## 'ନାଁଆ ଦବା'

'ନାଁଆ ଦବା' କଥାଟି ଓଡ଼ିଆର ଲୋକ ସାହିତ୍ୟରେ ସାଧାରଣ କଥା । ପିଲାଙ୍କ ଭିତରେ କଥାଟେର ବୁଦ୍ଧି ଚଳାଇ ଶିଖିବାର ଏହା ଗୋଟିଏ

Digitized by srujanika@gmail.com

ସୁନ୍ଦର ଖେଳ । ଏବେ ପ୍ରାଥମିକ ଶିକ୍ଷାରେ ସର୍ବଦା ଆଗନ୍ତୁକ ଓ କୃତ୍ରିମ ପଦ୍ଧତି ଓ ପ୍ରକାର ପଶୁଛି । ସେଥିରେ ଜାତିର ପରଂପରା ପ୍ରତି ସେତେ ଦୃଷ୍ଟି ଦିଆଯାଉ ନାହିଁ । ତେଣୁ ଯୁବକ ଏବଂ ପିଲାଏ ପଢ଼ିବାରେ କୌତୁକ ପ୍ରଶ୍ନ ଦେଖି ତାକୁ ନୂଆ ଜିନିଷ ବୋଲି ସେଥିରେ ଲାଗନ୍ତି । ମାତ୍ର ଆମ ଦେଶରେ ବୁଢ଼ୀମାନଙ୍କ ଠାରୁ ପିଲାଏ ଚିରକାଳ ଯେଉଁ 'ନାଁଆ ଢଗ'ରେ ଲାଗୁଥିଲେ, ତା ଅନେକେ ଜାଣୁ ନ ଥିବେ । ପିଲାଏ ଅନ୍ୟ ପିଲାଙ୍କୁ ଓ ବୁଢ଼ୀମାନଙ୍କୁ କହନ୍ତି, ତୁ ମତେ 'ନାଁଆ' ଦେଲୁ ? ସେ 'ନାଁଆ'ର ଉତ୍ତର ଦେବାରେ କି ଆନନ୍ଦ ! ଶିଶୁ ଶିକ୍ଷାରେ ଏହା ଗୋଟିଏ ସୁନ୍ଦର ଉପାୟ ଓ ପଦ୍ଧତି । ଉଦାହରଣ ସ୍ୱରୂପ, ଜଣେ ନାଁଆ ଦିଏ :—

"ସ୍ୱର୍ଗରୁ ପଡ଼ିଲା ଟୋକାଟେ,
ତା ମୁଣ୍ଡେ ଅଛି ଠେକାଟେ ।"

ଅନ୍ୟ ଜଣେ ଭାବି ଭାବି ଉତ୍ତର ଦିଏ :—

"ଗଛରୁ ଝଡ଼ି ପଡ଼ିବା ପାଚିଲା ତାଳ ।"

ସେଇପରି :—

"ପଂଚ ମଣ୍ଡଳେ ମାନସିଂ୍,
ତା ମୁଣ୍ଡେ ଅଛି ତିନି ସିଂ୍ ।"

ଉତ୍ତର— 'ବୃଈ' (ତିନୋଟି ଝିଙ୍କା ଥାଏ) ।

"ଏଇଠି ଅଛି, ଏଇଠି ନାଇ ।"

ଉତ୍ତର— "ପବନ" ।

\+ \+ \+ \+

"ବାରବାଟି ତୋଟାଟେ,
ଫୁଲ ଫୁଟିଛି ଗୋଟାଟେ ।"

ଉତ୍ତର— "ଜହ୍ନ" ।

"ଏଇଠି ଅଛି, ସାତକ୍ରୋଶ ବାଡ଼ ଡେଇଁ ପଡ଼ୁଛି ।"

ଉତ୍ତର— "ବିଜୁଳି" ।

Digitized by srujanika@gmail.com

"ବୁଢ଼ୀ, ଦାନ୍ତ ଅଛି ।"

ଉତ୍ତର— "ଶିଳ" ( ବାଟିବାର ନ ଥିଲେ କାନ୍ଥରେ ଡେରା ହୋଇଥାଏ ) ।

"କଂଗ୍ରେ ଲଡପଡ ପାହାଡ଼ରେ ଠାଣ୍,
ଯା ଯେ ନ କହିପାରେ ତା ବାପ ଭାଇ ଗଣ୍ ।"

ଉତ୍ତର— "ଘ୍ରାଣ ।"

"ସବୁ ଦର୍ଜିହି ସବୁଭୂଲ୍,
ଫିଟାଇ ଦେଲେ ମଲ୍ଲୀ ଫୁଲ୍ ।"

ଉତ୍ତର— "ନଡ଼ିଆ" ।

"ଓଳ ତଳେ କୋଳି ଗଛ ଝୁଡ଼ି ଝୁଡ଼ି ପଡ଼ଇ,
ସାଠିଏ ଠଙ୍କା ଦେଲେ ସେ ତ ନାହିଁ ନାହିଁ କରଇ ।"

ଉତ୍ତର— "ଅକ୍ଷି" ।

"ଟିକି କାନ୍ଥୁଣୀ, ବେଙ୍କରେ ପଗା ।"

ଉତ୍ତର— "ଚୁଂଟ ।"

"ଟିକି ଚଢ଼େଇ, ଟିକି ପାଣିରେ ବୁଡ଼ି ମରଇ ।"

ଉତ୍ତର— "ଲୁଣ" ।

ଆଉ ଟିକିଏ ଅଧିକ ବୁଦ୍ଧି ଚଳାଇବାକୁ—

"ବରଷେକେ ଥରେ ଖାଏ,
ମୁହଁ ମାଡ ପଡ଼ିଥାଏ ।"

ଉତ୍ତର— "ଶୂଳ ।"

"ବୁଢ଼ୀ, ଖଣ୍ଡିଦୂର ଯାଏ ଲେଉଟି ଯାଇଣ
ଘୁଷୁରି ଆସେ ଜୁଡ଼ିଛି ।"

ଉତ୍ତର— "ମାଛ"

"ସବୁ ସବୁ ଝାଟି,
ପିତଳର ଘଣ୍ଟି,

Digitized by srujanika@gmail.com

ସର୍ବଲୋକେ ବାଣ ମାରିଲେ,
ଲଙ୍କା ଗଲା ଫାଟି ।”

ଉତ୍ତର— “ଝଟା ।”

“କୁଳର ଚୂରୁ ଗୁରୁ ରାମ ରାଉତ୍,
ଘରେ ଛତ ନାହିଁ ମେଲି ଉଡ଼ତ୍ ।”

ଉତ୍ତର— “ପାଚିଲା ପଣସ ।”

ଚିହ୍ନିବ ସାହିତ୍ୟ ମିଶାଇ—

“ସେ ନାରୀ ସୁନାର ଆକାର,
ସେ ନାରୀ ବିଧବା ହୋଇଲା,
ସ୍ୱାମୀ ତା ବସି କାନ୍ଦୁଥିଲା ।”

ଉତ୍ତର— “କେତକୀ” ବା “ଚମ୍ପା ।”

ଏହି ସବୁ କେତେ ଯେ ଆଉ ଓଡ଼ିଆରେ ଥିଲା, ଓ ଅଛି ତା ଖୋଜି ଲେଖିଲେ ସରିବ ନାହିଁ । ଗୃହଶାଳୀ ଥିବା ପୂର୍ବରୁ ଓ ଗୃହଶାଳୀରୁ ଗଲାପରେ ବି ଗୃହଶାଳୀ ବସି ନ ଥିଲା ବେଳେ ଆମ ଶିଶୁଙ୍କ ସ୍ୱାଧୀନ ଓ ଅଜ୍ଞାତ ଗୃହଶିକ୍ଷାର ଏହା ଏକ ପ୍ରଧାନ ଅଙ୍ଗ ଥିଲା ।ଜାତୀୟ ସାହିତ୍ୟ ଖାଲି ଆଲୋଚନା ପାଇଁ ନୁହେଁ । ତାର ବ୍ୟବହାର ଅଛି । ଜାତୀୟ ଶିକ୍ଷା, ପରଂପରାରେ ପ୍ରତିଷ୍ଠିତ ଥିବା ପ୍ରତିଭା-ବିକାଶର ଭିତ୍ତି ଉପରେ ହେବା ଦରକାର । ବିଶେଷରେ ଶିଶୁଶିକ୍ଷା ସେହି ପୀଠରେ ଠିଆ ନ ହେଲେ ଭ୍ରଷ୍ଟ ହୁଏ । ପିଲାଙ୍କ ଖେଳରେ, ଗୀତରେ, କାହାଣୀରେ, ସର୍ବତ୍ର ଏହାହିଁ ଦେଖିବାର ଜିନିଷ । ମୁଁ କେତେ ଦିନ ତଳେ ଏଥିସବୁ ଆଲୋଚନା କରି ଶିଶୁ ପାଠ୍ୟ କେତେ ଖଣ୍ଡ ଲେଖିଥିଲି । ଚୀନାପିଲାଙ୍କ ଖେଳରୁ ଲକ୍ଷ୍ୟ କରି ଚୀନ ଦେଶ ପୁସ୍ତକରୁ ଏ ଦେଶରେ ଖାପ ଖୁଆଇବା ଭଳି ଯେଉଁ ପାଠ ଦେଇ ଥିଲି, ତହିଁରୁ ଏଠି କେତେକ ଅଂଶ ଦେଉଛି । ଏ ପ୍ରସଙ୍ଗରେ ତା ଦରକାର ହେବ ।

Digitized by srujanika@gmail.com

## “ଚୀନା ପିଲାଙ୍କ ଖେଳ

‘‘ଗଗନ ମାର୍ଗରେ ଗୁଡ଼ି ଉଡ଼ୁଛି । ସେ ଗୁଡ଼ି କି ସୁନ୍ଦର ! ତା ଅସୁର ମୁଣ୍ଡାଟିଏ ଦିଶୁଛି । ରଙ୍ଗ ଚିହ୍ନ ଚିହ୍ନ ଲଂବା ଜିଭ, ମହାକାଳ ଫଳ ପରି ଯୋଡ଼ାଏ ଆଖି ସେଥିରେ ଚିତ୍ର ହୋଇଛି । ପିଲାଟିର ନାଆଁ ଆ-ଫୁ । ସେ ଗୁଡ଼ି ଦଉଡ଼ିଟି ଧରି ଉପରକୁ ଚାହିଁଛି । ତାର କି ଆନନ୍ଦ, କି ଗର୍ବ ! ତା ଗୁଡ଼ି ପରି ଗୁଡ଼ି ପୁଣି କାହାର ଅଛି ?

“ପାଖରେ କୋଣେ ଓସାର ନାହିଁ । ପବନ ସାଇଁ ସାଇଁ ବହୁଛି । ଗୁଡ଼ି ହାଣି ହୋଇ ଯାଉଛି—ଯେପରିକି କହୁଛି, ‘ମତେ ଛାଡ଼୍, ମୁଁ ଯାଏ । ଉପରେ ସୁନ୍ଦର ଆକାଶ; ଏ କେତେ ଥଣ୍ଡା ପବନ; ଭାରି ସୁଖ ଲାଗୁଛି; ମତେ ଛାଡ଼୍ ।’ କିଂତୁ ଛାଡ଼ୁଛି କିଏ ? ଆ-ଫୁ ଓଟାରି ଓଟାରି ଧରୁଛି । ତା ମନ କେତେ ଖୁସି !

‘‘ଆ-ଫୁ ଗୁଡ଼ି ଧରି ବସିଥିଲା ପାହାଡ଼ ଉପରେ । ସେଇ ପାହାଡ଼ ତଳେ ପଂଝାଏ ପିଲା ଖେଳୁଥିଲେ । ଆ-ଫୁ ଦେଖିଲା, ସେ ଖେଳୁଛନ୍ତି, ‘ଗଡ଼ଦ୍ୱାର ଭଙ୍ଗା ।’ ହାତ ଧରା ଧରି ହୋଇ ଦି ଧାଡ଼ି ପିଲା ମୁହାଁ ମୁହିଁ ହୋଇଛନ୍ତି । ଧାଡ଼ିଏ ଗୀତ ବୋଲି ଆରଧାଡ଼ି ପାଖକୁ ଲୁଚି ଆସିଲେ, ପୁଣି ଫେରି ଗଲେ । ଗୀତଟି ହେଉଛି:—

‘ଟୋପିରେ ଖୋସିଲା ମୟୁର ଚୂଳ ସେ
ଗଡ଼ ଅଗଣାରେ ପଶିଲା ବୀର;
ପିଲାଏ ଭେଟିଲେ ଘୋଡ଼ାଏ ଧରଣ,
ଭାଙ୍ଗି ଯାଇଥିଲା ଗଡ଼ ଦୁଆର ।’

‘‘ଦଳପତି ଡାକିଲା, ‘ଉଥଙ୍ଗ୍’ ! ସାଙ୍ଗେ ସାଙ୍ଗେ ଉଥଙ୍ଗ୍ ଅଙ୍ଗ-ଧଡ଼ି ଭାଙ୍ଗି ଦଉଡ଼ି ଚାଲି ଯିବାକୁ ବିଜୁଳି ପରି ଛୁଟିଲା; ଭାଙ୍ଗି ପାରିଲା

Digitized by srujanika@gmail.com

ନାଇ । ସେ ହେଲା, ସେଠାରେ କଏଦୀ । ପୁଣି ସେ ଧାଡ଼ି ସେଇ ଗୀତ ବୋଲି ଲାଗି ଆସିଲେ; ପୁଣି ଫେରି ଗଲେ । ତାଙ୍କ ଦଳପତି ଡାକିଲା, 'ଚିନ୍‌ଟାଓ' । ଚିନ୍‌ଟାଓ ଆଗ ଧାଡ଼ି ଆଗେ ଆଗେ ଦଉଡ଼ିଲା; ଦଉଡ଼ୁ ଦଉଡ଼ୁ, ଠାଏ ଛକି କରି 'ହୁମ୍' ବୋଲି ଧାଡ଼ି ଭୁଇଁ ଦେଇ ଆର ପାଖକୁ ଚାଲିଗଲା । ଯେଉଁ ଦୁହିଁଙ୍କ ପଂକ୍ତି ଫିଟିଗଲା, ସେ ହେଲେ, ଚିନ୍‌ଟାଓର କଏଦୀ । ଆ-ଫୁ ଜେଲକୁ ଗୁହିଁ ଘୁଡ଼ିକଥା ପାସୋରି ପକାଇ ଥିଲା । ଏଣେ ଏକ ଝଂକାରି ପବନରେ ଘୁଡ଼ି ଦଉଡ଼ି ଛିଡ଼ି ଗଲା । ଘୁଡ଼ି ପବନ ପରି ଉଡ଼ୁଛି । ଆ-ଫୁ ଗୋଡ଼ାଉଛି । ଘୁଡ଼ି ବେଶିଦୂର ଗଲା ନାଇ । ଗୋଟିଏ ଗଛ ଡାଳରେ ତା ଦଉଡ଼ିଟି ଗୁଡ଼ାଇ ହୋଇ ଗଲା । ଘୁଡ଼ି, ଗଛରେ ଲାଗିଗଲା । ଆ-ଫୁ ଏବେ ତା ଆଣିବ କେମିତି ?

× × × × +

"ଆଲିନ୍ କହିଲା, 'ଆସ, ନାଆଁ ଧରା ଦେଇ ହେବା । ମୁଁ ଗୋଟାଏ ନାଆ ଦଉଛି, କହିଲ—ପାଖୋଟି ଟଙ୍କିଲିଂକି, ଗୋଟିଏ ଘରେ ଗୁଂଜା ଗୁଂକି ।' ମିନ୍‌ଟାଓ ହସି ହସି କହିଲା, 'ଝିଅଙ୍କ ଯୋତା ।' (ଚୀନ ଦେଶରେ ଝିଅଙ୍କ ପାଦ ଛୋଟ ହେବା ଗୋଟିଏ ଅତି ସୌନ୍ଦର୍ଯ୍ୟର ଲକ୍ଷଣ । ତେଣୁ ପିଲାଦିନୁ ଝିଅଙ୍କୁ ଅତି ଛୋଟ ଯୋତା ପିନ୍ଧାନ୍ତି । )

"ଆଚ୍ଛା ମୁଁ ନାଆ ଦଉଛି, ସେଉଟି କହିଲ—
'ଧଡ଼ିଟି ଭଉଣି ସରିସମ,
ଭିତରେ ଗୋଟିଏ ବାହାରେ ଗୋଟିଏ
ବେକରେ ବାନ୍ଧିଛି ତଉସମ ।'

"ସମସ୍ତେ ବିଗୁରିଲେ ବିଗୁରିଲେ, କେହି କହି ପାରିଲେ ନାଇ । ଶେଷକୁ ମିନ୍‌ଟାଓ ଅପେ ହସି ହସି କହି ପକାଇଲା, 'କାନ୍ଥରେ ଓହଳା ଥିବା ଦର୍ପଣ ।' ସମସ୍ତେ କହିଲେ, ହଁ ହଁ ।

Digitized by srujanika@gmail.com

"ଅଲ୍ଲନ୍ କହିଲେ, 'ନାଁଅ ଦିଅ ଥାଉ। ଆସ 'ବାଘ ଛେଳି' ଖେଳିବା। ସେଠୁ ସମସ୍ତେ ଦୁଇ ଧାଡ଼ିହୋଇ ଠିଆହେଲେ (ଇତ୍ୟାଦି)।

× + × + ×

"ନେନ୍ହାଓ କହିଲା, 'ଚାଲ, ଦେଖିବା, ଚୁଙ୍ଗ୍ ତା ବାପା ସାଂଗେ ନାଆରେ ଯାଇଥିଲା; ସେ ଆଜି ଆସିବ। ଆଃ, ତା ପରି କିଏ ବାଘ ହେବ ?' ସେଠାରୁ ସମସ୍ତେ ନଈକୂଳକୁ ଗଲେ।"

—'ସରସ ପାଠ' ୨ୟ ଭାଗ, ପୃ ୨୫-୨୯।

ଏ ଗଳ୍ପଟି କି ସୁନ୍ଦର, କି ଜୀବନ୍ତ ! ଜାତୀୟ ସାହିତ୍ୟର ଆଲୋଚନାରେ ଜାତୀୟ ଶିଶୁ ଶିକ୍ଷା ପ୍ରକାରର ଏ ଗୋଟିଏ ଦୃଷ୍ଟାନ୍ତ। ମାତ୍ର ନାଁଅଦିଆ କଥାଟି ଏଥିରେ ବିଶେଷ ଲକ୍ଷ୍ୟ କରିବାର ଜିନିଷ। ପିଲାଙ୍କୁ ଖେଳାଇ ଏଇ ଢଙ୍ଗରେ ଶିଖାଇବା ପାଇଁ ଖୁବ୍ ଉଦ୍ଭାବନ କରିହୁଏ ଓ କରାଯାଇ ପାରେ। ଯଥା :—

"ଶୁଣ ସମ୍ବନ୍ଧି,
କଥାର ସନ୍ଧି,
ଛଳା ମଧ୍ୟେ ବାନ୍ଧେ ଚୋର ପଳାଇଲେ,
ଲୁହିମ୍ବ ହୋଇଲେ ବାନ୍ଧି।
ଉତ୍ତର—ଜାଲ; ମାଛ।
ଘର ଗୁର ପଟେ ସହଟେ ଛଳା,
ମୁହଁ ମାରି ଦେଇ ନେଉଛି ପଳା।
ଉତ୍ତର— ମଶାରି; ମଶା।"

## ଆମ ସାହିତ୍ୟର 'ନାଁ ଦେବା'-ରୀତିର ବିକାଶ

ଏଇ ଶିକ୍ଷା ଓ ଏଇ ଖେଳର ବିକାଶରେ ଆମ କାବ୍ୟ ସାହିତ୍ୟରେ ଅନ୍ତର୍ଲାପି, ବହିର୍ଲାପି ସଭଂଗ ଅଭଙ୍ଗ, ଶ୍ଳେଷ ଓ ଅନ୍ୟାନ୍ୟ ଅନେକ

Digitized by srujanika@gmail.com

ଅଳଂକାର ପ୍ରକାଶ ପାଇଥିଲା । ଏହି କବି ଯଦୁମଣି ମହାରଣା
ମହାପାତ୍ରଙ୍କ ପ୍ରଶ୍ନ ଦେଖ,—

'ଭୁବନରେ କେ ଜଣେ ନବ ରସିକ ? (୧)
କେ ପେଟ ପୋଷେ ଧନୁଶର ବକ ? (୨)
ଜଳଠାରେ ଜନ୍ମ କାହାର ଗାଡ ? (୩)
କାର ଭୟ ନାହିଁ ଉରଗ ଦ୍ରୂଡ ? (୪)
ଚତୁର କହିବ,
ଗୂଢ଼ ପଦାର୍ଥ ଏକ ହୋଇଥିବ ।'
ଉତ୍ତର—'ଅମ୍ବର' (୧) ଫଗୁ, (୨) ଅ-ବୀର
—ବୀର ହେବାକୁ ଅନୁପଯୁକ୍ତ ସୈନିକ,
(୩) ଅମ୍ବ ବା ଛେଳର, (୪) ଅମ୍ବ ବା ମେଉଳର ।

ଉପେନ୍ଦ୍ର ଭଞ୍ଜଙ୍କ 'ଚିତ୍ରକାବ୍ୟ ବନ୍ଧୋଦୟ'ରୁ ଅନ୍ତର୍ଲାପି ବହିର୍ଲାପି ଏକତ୍ର ଥିବାର ଗୋଟିଏ ଦୃଷ୍ଟାନ୍ତ ଦିଆଯାଉଛି ।
ନାୟିକୁ ପୁରୁଷ କହୁଛି,

୧ (କ) ମେ-ସୁଖ-ଦାୟିନ, କେ ଆଦିତ୍ୟ ନନ୍ଦନ ? (କର)
୨ (ର) ତି-ଲାଳସି, କେ ସୁଖ କରଇ ବର୍ଦ୍ଧନ ? (ରତି)
୩ (ହ) ରିଣ-ନୟନା, କେଉଁ ସଂସାର ସର୍ଜଇ ? (ହର)
୪ (ର) ହସ୍ୟ-ବର୍ଦ୍ଧନ, କାହିଁ ରସ ପ୍ରବର୍ତ୍ତଇ ? (ରହଃ)
୫ (ସ) ଖି କେଉଁ ଅଟଇ ନାରୀଙ୍କ ପ୍ରିୟତର ? (ସଖୀ)
୬ (ମା) ନଗର କସ ଛଡାଏ ନାଗରବର ? (ମାନ)
୭ (ନ) ର-ଇନ୍ଦ୍ର ଭା, ବିଷ୍ଣୁର କେଉଁ ଅବତାର ? (ନର)
୮ (ଶ) ଶିହ୍ୟାଳ, କେ ଭୂଷଣ ମହାଦେବଙ୍କର ? (ଶଶୀ)

ଅନ୍ତର୍ଲାପି ଆଦ୍ୟେ ବହିର୍ଲାପି ପ୍ରାନ୍ତେ ଏଥି
ବୁଝିଣ ସୁଦୟା କର ସରସିଜ-ଦୃଶା ।
ବସୁ (୮) ବର୍ଣ୍ଣେ ଖ୍ୟାତ କୋଳି ରମଣୀ ହସିଲେ ।

Digitized by srujanika@gmail.com

ସେହିବେ ମୃଦୁ ମୃଦୁ ହସି ଆଲିଂଗନ କଲି ।
ଷଦାଦ୍ୟ ଦ୍ୱିବର୍ଣ୍ଣ ବାମ ଭାଗରେ ପ୍ରକାଶ;
ଏଥି ବାହାରୁଛି, 'କର ହରଷ ମାନସ ।'

ବହିର୍ଲିପିରେ ଧାଡ଼ିର ମୂଳ ଅକ୍ଷରମାନ ଓ ଅନ୍ତର୍ଲିପିରେ ବାହାର, ଥିବା ଅର୍ଥମାନଙ୍କ ମୂଳ ଅକ୍ଷରମାନ ପଢିଲେ ହେବ, 'କର ହରଷ ମାନଶ' (ଓଡ଼ିଆରେ ତିନିଟି 'ସ' ସମାନ । )

ପୁଣି ଦେଖ,

"ମନ୍ଦିରା ପୁଚ୍ଛିଲି ତୋମାକୁ ଗୃହ ବର୍ଣ୍ଣେ ଏସନ, ('କୁବଳୟ') ।
ଏକାକ୍ଷରେ ଖ୍ୟାତ ଧରଣୀ, ('କୁ') ବରଭୂଷା ଦ୍ୱିବର୍ଣ୍ଣ, ('ବଳୟ') ।
ବାୟସ ନାମଖ୍ୟାତ, ('ବୟ') ପୁଣ ମୂନକରେ ଜା ହେବ, ('ଲୟ') ।
ପ୍ରାକର୍ମ ଦ୍ୱିବର୍ଣ୍ଣେ, ('ବଳ') ବିପରୀତେ ଶମନୃମରହେବ, ('ଲବ') ।
ଗ୍ୟସ୍ତ୍ରେ ବସନ୍ତାଦି ଫୂଲେକ, ('ବକୁଳ') ପୁଣ ତନ୍ତର ନାମେ, ('କୁଳ')
ସମସ୍ତ ମିଶାଇ ପଢ଼ିଲେ, ଛଳେ ଥିଲି କୁସୁମେ, ('କୁବଳୟ') ।"

—ଲାବଣ୍ୟବତୀ, ୧୭ଶ ଛାନ୍ଦ । ପଦ-୨୬-୨ ।

କୁଳ=କୂଳ । ଓଡିଆରେ ହ୍ରସ୍ୱ ଦୀର୍ଘଭେଦ ନାହିଁ ।

ଏଇପରି ଅସଂଖ୍ୟ ଉଦାହରଣ ଦିଆଯାଇ ପାରେ । ଅଳଂକାରରେ ପୁଣି 'ଯମକ'—ବିଶେଷରେ 'ସର୍ବଯମକ'—'ସଭଂଗ'ଓ 'ଅଭଙ୍ଗ' 'ଶ୍ଳେଷ' ପ୍ରଭୃତିରେ ଏ ବିଶେଷତ୍ୱ ଖୁବ ରହିଛି । 'ପାଲାବାଲା'ଙ୍କ ଗୃହସ୍ତିରେ ଏ ବିଶେଷତ୍ୱଟି ପୁଣି ଲୋକଙ୍କର ଗୋଟିଏ ବଡ଼ ଆକର୍ଷଣ । ବଙ୍ଗଳାର 'କବି-ଲଢ଼ାଇ' ଏଇ ପାଲାସୂତ୍ରରେ ହିଁ ଏକ ବାହାରିଛି । ସେଥିରେ ମଧ୍ୟ ଗୃହସ୍ତିର ଚମତ୍କାରିତା ଦେଖି ଅଛି । ତଂରୁ ତା ଏପ୍ରକାରର ହିହେ । ଓଡ଼ିଆ ପାଲାବାଲାଙ୍କର 'ପାନଖିଲେ ଦେବ' ବୋଲି ମାଟିବାର ଅନ୍ତର୍ଲିପିଠାର ଅନେକେ ଜାଣିଥିବେ । ତା ହେଉଛି,

Digitized by srujanika@gmail.com

ବଳି ମସ୍ତକେ ପ୍ରଭୁ ଦେଲେ କିସ ? (ପାଦ)
ହନୁ ବିଧ୍ୱଂସିଲା କେବଣ ଦେଶ ? (ନଂକା)
ବାସୁକିମସ୍ତକେ କି ଅଛି ଭାର ? (ଖିତି)
କି ଘେନି ଗୋପକୁ ଗଲା ଅକ୍ରୂର ? (ଲେଖ)
ରାଜା ମାଗେ କିସ ? (ଦେଶ)
କେଉଁ ଶବଦେ ଗୋପୀ ହେଲେ ବଶ ? (ବଂଶୀ)

ନଂକା=ଲଂକା; ଖିତି=କ୍ଷିତି; ଏ ସବୁ ଓଡ଼ିଆରେ ସାଧୁ। ଏହା ଏବେ ହୃଦ୍ୟ ଓ ସାଧାରଣ ଯେ ଲୋକେ ଢାନଖିଲ ମାରିବାରେ ଅନେକ ଠାରେ କହିବାର ଶୁଣାଯାଏ—'ବଳିମସ୍ତକ' ଅଛି ?

ଓଡ଼ିଆ କାବ୍ୟଯୁଗର ଅର୍ଥାଲଂକାରରେ ମଧ୍ୟ ଏହି 'ନାଅଁ-ଦାଅଁ' ଶୃଙ୍ଖଳାର ଛଟା ବେଶ୍ ଦେଖାଯାଇ ପାରେ। ଏହି ଦେଖ,

"ଶୀତଳ ଯାହା କିରଣ ପରଶରେ ସମୀରଣ
ରଣ ରଣ ମନ୍ଦପଣ ଘେନି କି ଏବେ ?
ତରହରଗୁଣ ବରହଠାରେ ଅଦରିଲା ସେହ
ସେ ଅଛି ଯା ଗର୍ଭେ ତହୁଁ ଜାତ ସ୍ୱଭାବେ।
ପୂଂସ ଶୋଇ ସୁଧା ଚକ୍ଷୁର ।
ଚନ୍ଦ୍ର ଗୃହଂ ହୋଇଲା ଅଧିକେ କାତର ।"
ଲାବଣ୍ୟବତୀ—୧୧ ଛାନ୍ଦ—ପଦ ୩ ।

( ଶୀତଳ ଯାହା କିରଣ, ଏପରି ଯେ ଚନ୍ଦ୍ର, ସେ ସମୀରଣ ସ୍ପର୍ଶରେ, ରଣରଣ ଯେ କନ୍ଦର୍ପ, ତା ମନ୍ଦପଣକୁ ଘେନି ବରହଠାରେ କରହା ଯେ ଅଗ୍ନି, ତା ଗୁଣକୁ ଅଦରିଲା । ଭାବନ୍ତି ବିନା, କିରଣ ଶୀତଳ ହେଲେ କଣ ହେବ ? ପବନ ବାଜିଲେ ବା କଣ ହେବ ? କନ୍ଦର୍ପ ଭଳି ପ୍ରୀତିକର ମନକୁ ସଂଗରେ ଘେନି ବରହଠାରେ କରହା ଯେ ଅଗ୍ନି, ତା ଗୁଣ କି ସ୍ୱଭାବ,

Digitized by srujanika@gmail.com

ତାକୁ ଅବଶିଷ୍ଟ । କାହିଁକି ନା, ଅଗ୍ନି ଯେଉଁ ସମୁଦ୍ରର ଗର୍ଭରେ ଅଛି, ଚନ୍ଦ୍ର ସେହି ସମୁଦ୍ରରୁ ଜାତ । ଇତ୍ୟାଦି )

ପୁଣି ଏକ ଜଣା ଶୁଣା ପଦରେ ଦେଖ,

"ଚେତ ଚତୁର୍ଥୀ ଗୃହିଙ୍କ ଜଣାଜାଣ,
ପାଠଶ ନାହିଁ ଶବ୍ୟ ତରୁଣ ।
ନାଥ-ନାଥ ବୋଲି, ହୃଦେ ହାତ ମାରି,
ଅତ ଉଠେ କଲ୍ପ କାରୁଣ ।
ଖୋଜେ ଅଧୀରେ,
ଚେତନା ହତ ସେ ବାଧିରେ ।
ସେଜ ଲେଉଟାଇ, କବରୀ ଫିଟାଇ,
କର ଭରି କୁଚ ସନ୍ଧିରେ ।

ଏଜନା—୧୨ଶ ଛନ୍ଦ—ପଦ ୧ ।

(ଲାବଣ୍ୟବତୀ ବିବାହ ପୂର୍ବରୁ ନାୟକ 'ଚନ୍ଦ୍ରଭାନୁ'ଙ୍କୁ ସ୍ୱପ୍ନରେ ଦେଖି ନିଦରୁ ଉଠି ବ୍ୟାକୁଳ ହେବାର ଏ ବର୍ଣ୍ଣନା । ସେଜ ଲେଉଟାଇ; କାହିଁକିନା, ସେଜରେ ଫୁଲ ଥିଲା । ଚନ୍ଦ୍ର ଓ ଭାନୁ (ସୂର୍ଯ୍ୟ), ଫୁଲ 'ଗର୍ଭ'ରେ ରହନ୍ତି । ତାଲେ ସେଜଭିତରର ଫୁଲ ଗର୍ଭ ( ଫୁଲ ଗୁଡ଼ାକ ) ଭିତରେ 'ଚନ୍ଦ୍ରଭାନୁ' ଥିବେ—ଏଇ ଅଭିପ୍ରାୟ । ପୁଣି ଗ୍ରହଣରେ ବାଳ ପରି କଳା ରାହୁ ବା କେତୁର ଛାୟାଭିତରେ ଚନ୍ଦ୍ର, ସୂର୍ଯ୍ୟ ରହନ୍ତି । ରାହୁଟା ମୁଣ୍ଡ; କେତୁଟା ସାପ ଲାଞ୍ଜ ପରି । ତେଣୁ କବରୀ ଫିଟାଇ ଖୋଜିଲା । ଚନ୍ଦ୍ର, ସୂର୍ଯ୍ୟ ପୁଣି ଅସ୍ତଗିରି ପଛେ ଲୁଚି ଯାଆନ୍ତି । ନାରୀ ସ୍ତନ ଗିରି ପରି । ତେଣୁ କୁଚ-ସନ୍ଧିରେ ହାତ ଭର୍ତ୍ତି କରି ଖୋଜିଲା । 'ଚେତନାହତ ସେ ବାଧିରେ' ବୋଲି କହି-ପୁଣି ଏ ସବୁର ଯୁକ୍ତାଯୁକ୍ତତା ଅତିକୁ ସଂକେତଟି ଏଠି ଦେଖିବାର ଅଛି । )

Digitized by srujanika@gmail.com

## ନୈଷଧ ସଂଗେ ତୁଳନା

ଏ ସବୁ କୃଷ୍ଣମତାରେ ନୈଷଧକୁ ବଳିଛି । ହେଲେହେଁ ସେ କୃଷ୍ଣମତାରୁ ଏ ଟିକିଏ ପୃଥକ୍ । ତୁଳନା ପାଇଁ ନୈଷଧରୁ ଚରଣେ ଦେଖ,

"ଅଧାରି ପଦ୍ମେଷୁ ତଦଂଘ୍ରିଣା ଘୃଣା
କ୍ୱତଚ୍ଛୟ ଚ୍ଛାୟ ଲବୋଽପି ପଲ୍ଲବେ ।"

( ତା ଅଂଘ୍ରି ବୋଇଲେ, ପାଦ ସେ, ସେ ପଦ୍ମଗୁଡ଼ାକରେ ଘୃଣା ଧରାଇ ଦେଲା । ପଲ୍ଲବ ଯେ ଗଛ କଅଁଳ ଲମ୍ବା ପତ୍ର—ଯଥା, ନଡ଼ିଆ କେନ୍ଦୁ ପତ୍ର—ସେଥିରେ, ଯାହାର (ଦମୟନ୍ତୀର) ଶୟ, ଯେ ହାତ, ତାର ଯେ ଛାୟା ବା ଶୋଭା, ସେଥିରୁ ଲବେ ହେଲେ କାହିଁ ? ପୁଣି ବ୍ୟାକରଣ ଧରି ଭିତର ବୁଝିବାକୁ ହେଲେ, 'ପଦ୍ମ' ବୋଇଲେ, ପଦଃ—ପାଦସ୍ୟ—ମା, ଶୋଭା, ଇବ ମା ଯସ୍ୟ, ପାଦର ଶୋଭାପରି ଶୋଭା ଯାହାର; ସେଇତ ପଦ୍ମ । ପାଦ ସଂଗେ ସେ ସମାନ ହେବ କିଆଁ ? ପୁଣି 'ପଲ୍ଲବ' ବୋଇଲେ ପଦ୍ + ଲବ, ପାଦରୁ ଲବେ ବା ଟିକିଏ । ତେଣୁ ଶୟ-ଛାୟା ବା ହାତ-ଶୋଭାର ଲବେ ବା ତା'ଠି କାହୁଁ ଆସିବ ?)

ଏପରି ନୈଷଧୀୟ ରୀତି ଆମ କାବ୍ୟଯୁଗରେ ଖୁବ୍ ପ୍ରକାଶ ପାଇଛି । ମାତ୍ର ଉପରେ ଆମ କାବ୍ୟରୁ ଯେଉଁ ଉଦାହରଣ ଦିଆଗଲା, ତହିଁରେ ସଂକେତର ପ୍ରକାର ଠିକ୍ ନୈଷଧ ପରି ନୁହେଁ । କଥାଟି ସ୍ପଷ୍ଟ କରିବା ପାଇଁ ଆଉରି ଏକ ଉଦାହରଣ ଦେଖ,

"ଦିନେ ଯେ ଗୁନ୍ଥି ସୁମନା ମାଳାକୁ ।
ଶ୍ରୀକରେ ଦେଇ ବୋଇଲି ବାଳାକୁ ।
ଅଙ୍କଟାକୁ ତୋର ମୋର ମାଳତୀ ।
'ହୋଇ' ନକଲି ସେ ବଦନ ପୋତି ।

Digitized by srujanika@gmail.com

କେଉଁ କୁରୁଣ୍ଟକ
ଦେଖାଇ ବୋଇଲା ଏ ନାମେ ତାକ ।
ଭାଗବତ—୪୯ଶ ଛନ୍ଦ—ପଦ ୩୨ ।

(ମାଳତୀ ଫୁଲର ଡେମ୍ଫ ସରୁ ଓ ଲମ୍ବା । ଭ୍ରମର ବସିଗଲେ ଫୁଲଟି ନେଉଟି ପଡ଼େ । ଭ୍ରମର ତଳୁ ଉପରକୁ ମୁହଁ କରି ମଧୁ ପିଏ । କୁରୁଣ୍ଟକ ବା ଦାସ କେରଣ୍ଟା ଫୁଲର ଡେମ୍ଫ ଛୋଟ, ମୋଟା ଓ ଟାଣ । ଭ୍ରମର ତା ଉପରେ ବସି ତଳମୁହାଁ ହୋଇ ସେଥିରୁ ମଧୁ ପିଏ । ଏଇ ସଂକେତ ) ।

## ନୈଷଧର ଭିତ୍ତି

ଯଥାର୍ଥ ସାହିତ୍ୟ ତତ୍ତ୍ୱ ଚିନ୍ତାଇ ଦେଖିଲେ ଦେଖାଯିବ, ନୈଷଧରେ ଯେଉଁ ପ୍ରକାଶ-ରୀତି ଫୁଟିଛି, ତା'ର ମୂଳ କଳିଂଗ ସାହିତ୍ୟରେ । କଳିଂଗ ଭୂମିରେ ବହୁ ପୂର୍ବରୁ ଏଇ ରୀତି ଫୁଟିଥିଲା । ସେ କାଳର ଭାଷା-ରୀତି ବା ପ୍ରାକୃତ ଭାଷାରେ ପ୍ରକାଶ ପାଇଥିବା ରୀତି 'ବଜ୍ରଯାନ'ର 'ଚର୍ଯାପଦ' ପ୍ରଭୃତିରେ 'ସନ୍ଧ୍ୟାଭାଷା'ରେ ଖୋଜା ଯାଇପାରେ । ସେଥିରେ ଓଡ଼ିଆଙ୍କ ଲେଖା ବହୁତ ଅଛି । ମାତ୍ର ତାକୁ ଅନାଲମ୍ବ ସାହିତ୍ୟ ବୋଲି ଧରି ନ ଯାଇପାରେ । ସେଥିରେ ଉଦ୍ଦେଶ୍ୟ ଅଛି । ସେଇ ଉଦ୍ଦେଶ୍ୟଧର୍ମୀ ଭାଷାରେ ଯଥାର୍ଥ ବସ୍ତୁକୁ ଲୁଚାଇ କରି କୁହା ହୋଇଛି । ମାତ୍ର ସଂସ୍କୃତରେ ସେ କାଳର ଯେଉଁ ଶାସନ ଲେଖସବୁ ମିଳିଛି, ସେଥିରେ ରୀତି ସ୍ପଷ୍ଟ । ଉଦାହରଣ ସ୍ୱରୂପ, ଭୌମ-ଶାସନ-ଲେଖମାନଙ୍କରୁ ଏଇ ନୈଷଧୀୟ ଶୈଳୀ ତଥା 'ନୀ-ଦକା' ରୀତିର ପ୍ରଭାବ ଖୁବ୍ ଦେଖାଇ ଦିଆଯାଇପାରେ । ମାତ୍ରକ ଏଠାରେ ଗୋଟିଏ ଉଦାହରଣ ଦିଆଯାଉଛି । ସେଇଟି ହେଉଛି, ଦଣ୍ଡୀ ମହାଦେବୀଙ୍କ ଶାସନ ଲେଖରୁ :—

"ଉଦ୍ୟାନେଷୁ ଶିଳୀମୁଖାବଳିରବୋ ହାରେଷୁ ମୁକ୍ତାସ୍ଥିତି
ର୍ଦୋଷାସଙ୍ଗରୁଚିସ୍ତୁଷାରକିରଣେ ବକ୍ରେନ୍ଦୁ ସତ୍ତ୍ୱେଷତା ।

Digitized by srujanika@gmail.com

ସନ୍ଧୌ ଗୀତ୍ ଶଳାକର ଗ୍ରହଃ ଭୂମଣିଙ୍କ ତାପୋଦୟଃ କେବଳଂ
କାନ୍ତାକୁନ୍ତଳସନ୍ତତୌ କୁଟିଳତା ଯସ୍ୟାଃ ପ୍ରଭୁତ୍ୱେ ଭୁବ ॥

("Orissa under the Bhauma Kings" by Pandit Binayak Misra, P. 63 )।

ଏହାର ଅର୍ଥ ହେଉଛି, ଏହାଙ୍କ ରାଜତ୍ୱରେ ଶିଳୀମୁଖାବଳୀରବୋ (ଶରମାନଙ୍କର ଶନ୍ ଶନ୍ ଶବ୍ଦ, ବା ମୌଷୋଥେ ଭ୍ରମରମାନଙ୍କ ଗୁଞ୍ଜନ ଶବ୍ଦ; ଶିଳୀମୁଖ=ଶର, ଭ୍ରମର) କେବଳ ଉଦ୍ୟାନରେ ଅଛି (ଯୁଦ୍ଧନାହିଁ)। ସନ୍ଧେପଡ଼ା ବା ବିବାଦ କେବଳ ବିଦ୍ଧଙ୍କ ଯୁକ୍ତିରେ; କିଂବା ଵଦ୍ଧ ବା ଶିଷ୍ଟଙ୍କ ଉତ୍ତମ ବେଶ ପରିଧାନ ମାତ୍ରରେ ଅଦ୍-ବେଷତା (ଦ୍ୱେଷନାହିଁ)। ମୁକ୍ତା ( ସ୍ୱୈରିଣୀ ନାରୀ, ମୋତି ) କେବଳ ହାରରେ ଅଛି (ନାରୀଙ୍କର ଯୌନଚରିତ୍ର ସ୍ଖଳନ ନାହିଁ)। ଗୀତ୍ ଶଳାକର ଗ୍ରହ (ଗୀତରେ ଖଞ୍ଜଣା ନେବା, ଯୁଦ୍ଧଙ୍କୁ ଗ୍ରାସକରିବା) କେବଳ ସନ୍ଧ୍ୟାରେ ଅଛି (ଦେଶରେ କରଭାର ନାହିଁ)। ତାପୋଦୟ (ଭୟ) କେବଳ ଭୂମଣି ବା ଖଗ୍ରାପ ରତ୍ନରେ ଅଛି (ଭୟ ଆଉ କୁହାପି ନାଇ, ଲୋକେ ସମସ୍ତେ ଧନୀ ଥିବାରୁ କେବଳ ଖଗ୍ରାପ ମଣି କଣାହୋଇ ପାରିବ ନାଇ ବୋଲି ଡରୁଛି)। କୁଟିଳତା (ଖଳପ୍ରକୃତି, କୁଞ୍ଚିକୁଞ୍ଚିଆ ଭାବ) କେବଳ ସୁନ୍ଦରୀମାନଙ୍କ ବାଳରେ ଅଛି (କୁଟିଳ ଚରିତ୍ରର ଲୋକ କେହି ନାହାନ୍ତି)।

## ସଂସ୍କୃତ ସାହିତ୍ୟରେ ଯେଉଁକଥା

ମଧ୍ୟଯୁଗର ସଂସ୍କୃତ ପଣ୍ଡିତମାନେ ମଧ୍ୟ 'ପାଦପୂରଣ' ନାମକ କାବ୍ୟ-ପଟୁତା ଖୁବ୍ ଦେଖାଉଥିଲେ । ଭାରତରେ ଉଣାଅଧିକେ ସର୍ବତ୍ର ତା' ଥିଲା । ମନେହୁଏ, ଓଡ଼ିଆ ସଂସ୍କୃତପଣ୍ଡିତମାନଙ୍କ ଭିତରେ ଏହି ରୀତିର ପ୍ରଚୁର ଓ ପ୍ରସାର ଖୁବ୍ ବେଶୀଥିଲା । ସେ ସବୁଥିରେ 'ନାଁ-ଦିଆ'ର ଛାୟା ସ୍ପଷ୍ଟ ଦେଖାଯାଏ—ଯଥା :—

Digitized by srujanika@gmail.com

ପ୍ରଶ୍ନ—ସା କଂ ସା କଂ ସ କଂ ସ କଂ ?
( ସେ କଅଣ, ସେ କଅଣ, ସେ କଅଣ, ସେ କଅଣ ? )
ଉତ୍ତର—

ଯା ସ୍ନେହାତ୍, ଯା ପରଦ୍ରୋହାତ୍,
ଯଃ ପାନେ, ଯଃ ପରାର୍ଥକେ,
ମୈତ୍ରୀ, ଲକ୍ଷ୍ମୀଃ, ବାୟୁଃ, କ୍ଲେଶଃ;
ସାକଂ, ସାକଂ, ସକଂ, ସକଂ ?

( ସ୍ନେହାତ୍ ଯା ମୈତ୍ରୀ, ସାକଂ—ସ୍ନେହ ପାଇଁ ଯେ ବନ୍ଧୁତା, ସେ କଅଣ ? ପର ଦ୍ରୋହାତ୍ ଯା ଲକ୍ଷ୍ମୀଃ, ସାକଂ—ପର ଦ୍ରୋହ ପାଇଁ ଯେଉଁ ଧନ, ସେ କଅଣ ? ପାନେ ଯଃ ବାୟୁଃ, ସକଂ—ଶଙ୍ଖ ପାନରେ ଯେ ବାୟୁ, ସେ କଅଣ ? ପରାର୍ଥକେ ଯଃ କ୍ଲେଶଃ, ସକଂ—ପରପ୍ରୟୋଜନରେ ଯେ କ୍ଲେଶ, ସେ କଅଣ ? ସେ ବନ୍ଧୁତା, ବନ୍ଧୁତା ନୁହେଁ, ଇତ୍ୟାଦି । )

ପୁଣି ଦେଖ—

ପ୍ରଶ୍ନ— ତ୍ରିତୟଂ ତ୍ରିତୟଂ ତ୍ରିଷୁ ।
ଉତ୍ତର—ପତି-ଶ୍ୱଶୁରତା ଜ୍ୟେଷ୍ଠେ
ପତି-ଦେବରତାନୁଜେ
ଇତରେଷୁ ଚ ପାଞ୍ଚାଲ୍ୟା
ତ୍ରିତୟଂ ତ୍ରିତୟଂ ତ୍ରିଷୁ ।

(ଜ୍ୟେଷ୍ଠ ବା ଯୁଧିଷ୍ଠିରଙ୍କଠାରେ ପତିତ୍ୱ ଓ ଶ୍ୱଶୁରତ୍ୱ ବା ଦେଢ଼ଶୁରତ୍ୱ; ପୁଣି ଅନୁଜ ବା ସହଦେବଙ୍କଠାରେ ପତିତ୍ୱ ଓ ଦେବରତ୍ୱ ବା ଦିଅରତ୍ୱ; ଅନ୍ୟ ତିନିଙ୍କଠାରେ ପାଞ୍ଚାଲ୍ୟାଃ ବା ଦ୍ରୌପଦୀଙ୍କର ତ୍ରିତୟ ବା ତିନିକଥା ଅର୍ଥାତ୍ ଦେଢ଼ଶୁରତ୍ୱ, ପତିତ୍ୱ ଓ ଦିଅରତ୍ୱ—କଥାଟି ଅବଶ୍ୟ

Digitized by srujanika@gmail.com

ପୁଣି ସଂସ୍କୃତ ସାହିତ୍ୟର ନୁହେଁ । କାହିଁକିନା, ସଂସ୍କୃତ ସାହିତ୍ୟରେ ଦେଢ଼ଶ୍ୱଶୁର କଥାଟି ନାହିଁ; ବରର ଭାଇ ସାନ ହେଉ ବା ବଡ଼ ହେଉ, ସେ ହେଉଛି, 'ଦେବର' ବା ଦିଅର । ଏଇ ଦେଢ଼ଶ୍ୱଶୁର ଓ ଦେଢ଼ ଶାଶୁ ଭଳି ମୁଣ୍ଡାମାନଙ୍କ ଭିତରେ ଖୁବ୍ ପ୍ରଚଳିତ । ଓଡ଼ିଶାରେ ବଙ୍ଗଳା ପ୍ରଭୃତି ଅନ୍ୟାନ୍ୟ ସ୍ଥାନପରି ଦେଢ଼ଶ୍ୱଶୁର କଥାଟି ଅଛି । କିନ୍ତୁ ତା ସଙ୍ଗେ 'ଦେଢ଼-ଶାଶୁ' ସଙ୍ଗେ 'ଭଉଣୀ ଜୋଇଁ'ର ଯେଉଁ ଆଚରଣ ଓଡ଼ିଶାରେ ଦେଖା-ଯାଏ, ତା କେବଳ ମୁଣ୍ଡା ଓ ଶବର ଜାତିର ଲୋକଙ୍କ ଛଡ଼ା ଅନ୍ୟତ୍ର ନାହିଁ । ଅନ୍ୟତ୍ର ଦେଢ଼ଶାଶୁ ମଧ୍ୟ 'ଶାଳୀ'ରେ ଗଣା ହୁଏ । ବଙ୍ଗଳାରେ ସେଇଆ । ତେଣୁ ଉପରର ପାଦପୂରଣ ଶ୍ଳୋକଟି ଓଡ଼ିଶାର ବୋଲି କେହି ଅନୁମାନ କରି ଯାଇପାରେ ) । ହେଲେହେଁ ଭାରତରେ ଅନ୍ୟତ୍ର ଏଇ 'ପାଦ ପୂରଣ' ରୀତି ଖୁବ୍ ଚଳୁଥିଲା ।

ଷାଠିଏ ସତୁରି ବର୍ଷ ତଳେ ଉତ୍ତର ଭାରତରୁ ଗଟ୍ଟୁଲାଲ ଶାସ୍ତ୍ରୀବୋଲି କଟକକୁ ଜଣେ ଜନ୍ମାନ୍ଧ 'ଶତାବଧାନୀ' ପଣ୍ଡିତ ଆସିଥିଲେ । ତାଙ୍କୁ ପାଦ-ପୂରଣ ପାଇଁ ପଚରା ଯାଇଥିଲା,

"ଧର୍ମସ୍ୟ ସୂକ୍ଷ୍ମା ଗତିଃ ।"
(ଧର୍ମର ଗତି ସୂକ୍ଷ୍ମ, ଦୁର୍ଜ୍ଞେୟ)

ଗଟ୍ଟୁଲାଲ, ପାଦ ପୂରଣ କଲେ—

"କାନୀନସ୍ୟ ମୁନେଃ ସ୍ୱବାନ୍ଧବ-ବଧୂ-ବୈଧବ୍ୟ-ବିଧ୍ୱଂସିନଃ
ନପ୍ତାରଃ ଖଲୁ ଗୋଲକସ୍ୟ ତନୟାଃ କୁଣ୍ଡାଃ ସ୍ୱୟଂ ପାଣ୍ଡବାଃ
ତେଽମୀ ପଞ୍ଚ ସମାନ-ଯୋନିରତୟ ସ୍ତେଷାଂ ଗୁଣୋତ୍କୀର୍ତ୍ତନାତ୍
ଅକ୍ଷୟ୍ୟଂ ସୁକୃତଂ ଭବେଦବିକଳଂ ଧର୍ମସ୍ୟ ସୂକ୍ଷ୍ମା ଗତିଃ ।"

ଅର୍ଥାତ୍, ଅବିବାହିତା (ସତ୍ୟବତୀ)ଙ୍କ ପୁଅ ପୁଣି ନିଜ କୁଟୁମ୍ବ ବା ଭାଇର ଭାର୍ଯ୍ୟାଙ୍କ ବୈଧବ୍ୟ ନାଶ କରିଥିବା, ମୁନି (ବ୍ୟାସ)ଙ୍କ ନାତିମାନେ, କୌରବ ଶବ୍ଦେ ଭାଇ, ଗୋଳକ-ତନୟ ବା କୁନ୍ତୀପୁ ହୋଇଥିବା ବିଧବା

Digitized by srujanika@gmail.com

(ଗାନ୍ଧାରୀ)ଙ୍କ ପୁଅ, ପୁଣି ପାଣ୍ଡବମାନେ କୁଣ୍ଡ ବା ଜାରଜ (ବର ଥାଇ ଅନ୍ୟଅଙ୍ଗରୁ ଜନ୍ମ) । ସେ ପାଞ୍ଚଭାଇ ଯାକ ପୁଣି ଏକା ଦ୍ରୌପଦୀଙ୍କୁ ମାଇପ କଲେ । ସେଇମାନଙ୍କ ଗୁଣ ଭଲକରି କୀର୍ତ୍ତନ କଲେ ପୁଣି ସାକ୍ଷାତ୍ ଅସରନ୍ତ ସୁକୃତ ହୁଏ । ଧର୍ମର ଗତି ସୂକ୍ଷ୍ମ ।

## କିନ୍ତୁ, ଏହା ଯଥାର୍ଥରେ ଓଡ଼ିଆର ବିଶେଷତ୍ୱ

ଓଡ଼ିଆ କାବ୍ୟ ସାହିତ୍ୟରେ ସଂସ୍କୃତ ସାହିତ୍ୟର ବହୁତ ଲେଖା, ଅନୁକରଣ, ଏପରିକି, ଅନୁବାଦ ହୋଇଥିବାର ଜଣା ପଡ଼େ । ସାଧାରଣ ପରମ୍ପରାଗତ ଦୃଷ୍ଟିରେ ଲୋକେ ମନେ କରନ୍ତି, ସେସବୁ ଢଙ୍ଗ ଓ ପ୍ରକାର, ସଂସ୍କୃତରୁ ଆସିଛି । କିନ୍ତୁ ତା ନୁହେଁ । ଓଡ଼ିଆ ପ୍ରାକୃତ ସାହିତ୍ୟରୁ ଯାହା ସଂସ୍କୃତକୁ ଯାଇଥିଲା, ସେଇଥିରୁଭି ଆମକୁ କେତେକ ସଙ୍କେତ ମିଳୁଛି । କାହିଁକିନା, ସେ କାଳର ପ୍ରାକୃତ ଲେଖା, ଲୋକ ସାହିତ୍ୟ, ମିଳୁନାହିଁ । ପୁଣି ସଂସ୍କୃତହିଁ ଆଦିମ ଓ ମୌଳିକ ବୋଲି ଗୋଟିଏ ଧାରଣା, ପ୍ରଚାର କରି ହୋଇ ଆସିଛି । ଗୋଟିଏ ମାତ୍ର ଉଦାହରଣ ଏ ସମ୍ପର୍କରେ ଦିଆଯାଉଛି । ଜଗନ୍ନାଥ ମିଶ୍ର ବୋଲି ଜଣେ 'ରସକଳ୍ପଦ୍ରୁମ' ନାମକ ଏକ ବିରାଟ ଗ୍ରନ୍ଥ ଲେଖିଛନ୍ତି । ଏହା ଖ୍ରୀ. ଷୋଡ଼ଶ ଶତାବ୍ଦୀ ପରର ଲେଖା । ଏଥିରେ 'ରସ'ର ଭିନ୍ନ ଭିନ୍ନ ବିକାଶ ଉଦାହରଣରେ ଦେଖାଇବା ପାଇଁ କବିମାନଙ୍କର ଶ୍ଳୋକ ସବୁ ଉଦ୍ଧାର କରାଯାଇଛି । ସେସବୁ ପ୍ରାୟଶଃ ଓଡ଼ିଶାର କବିତା । ଗ୍ରନ୍ଥଟି ପ୍ରକାଶିତ ହୋଇ ନାହିଁ । ସେଥିରୁ ଗୋଟିଏ ଶ୍ଳୋକ ହେଉଛି, ଏହି—

"କାଶିତ୍ କାନ୍ତା ରମଣବସତିଂ ପ୍ରେଷୟନ୍ତୀ କରଣ୍ଡଂ
ଦୃଢ଼ୋଦ୍ବନ୍ଧେ ସଭୟମଲିଖତ୍ ବ୍ୟାଳମସ୍ୟୋପରିଷ୍ଟାତ୍
ଗୌରୀକାନ୍ତଂ ପବନତନୟଂ ଚମ୍ପକଂ ଗୃହ ସ୍ତବଂ
ପୃଚ୍ଛତ୍ୟାର୍ଯୋ ନିପୁଣତିଲକୋ ମଲ୍ଲିନାଥଃ କବୀନ୍ଦ୍ରଃ ।"

Digitized by srujanika@gmail.com

ଏହାର ଅର୍ଥ ହେଉଛି, କୌଣସି ସୁନ୍ଦରୀ ନିଜର ରମଣ ଘରକୁ ଗୋଟିଏ କରଣ୍ଡ ବା ଫୁଲମଣ୍ଡା ( ଫୁଲତୋଡା ) ଦୂତୀ ହାତରେ ପଠାଇ-ବାରେ ସେଇ ଫୁଲମଣ୍ଡା ଉପରେ ଭୟରେ ଗୋଟିଏ ସାପ ଲେଖିଲେ । ତା ପରେ ଗୌରୀକାନ୍ତ ବା ଶିବଙ୍କର ରୂପ ଲେଖିଲେ । ତା ପରେ ପବନ-ତନୟ ବା ହନୁମାନ୍ ରୂପ ଲେଖିଲେ । ତା ପରେ ଗୋଟିଏ ଚମ୍ପାଫୁଲ ଲେଖିଲେ । କାହିଁକି ଏ ସବୁ କଲେବୋଲି କପୁଣଡଳକ ଅର୍ଯ ମଲ୍ଲିନାଥ କବୀନ୍ଦ୍ର ପଚାରୁଛନ୍ତି ? ଏ ମଲ୍ଲିନାଥନାମୀ ଯେ ଓଡିଆ ତା ସହଜରେ ଅନୁମେୟ । ଶ୍ଳୋକର ଅର୍ଥ ହେଉଛି, ଏପରି କାହିଁକି ଲେଖିଲେ କି, ପବନ ବାଜି ଫୁଲ ଶୁଖିଯାଇ ପାରେ; ସାପ ହେଉଛି, ପବନାଶନ । ସେ ପବନ ପିଇଯାଏ । ତେଣୁ ଫୁଲଯାଏ ପବନ ଆସି ତାକୁ ଶୁଖାଇ ପାରିବ ନାଇ । ଶିବଙ୍କ ମୁଣ୍ଡରେ ଚନ୍ଦ୍ର ଅଛନ୍ତି, ଗଂଗା ଅଛନ୍ତି । ତେଣୁ ଫୁଲ ଜୀଅନ୍ତା ରହିବ । ହନୁମାନ୍, ଛୁଆରୁ ସୂର୍ଯ୍ୟଙ୍କୁ ଗିଳିବାକୁ ଧାଇଁ ଥିଲେ । ତେଣୁ ପାଖରେ ହନୁମାନ ଥିଲେ, ସୂର୍ଯ୍ୟ ଡରି କରି କିରଣ ପକାଇବେ ନାଇ । ଚମ୍ପାଫୁଲ ପାଖକୁ ଭ୍ରମର ଆସେ ନାଇ । ତେଣୁ ପାଖରେ ଚମ୍ପା ଥିଲେ, ଭ୍ରମର ଆସି ଫୁଲମଣ୍ଡାର ଫୁଲକୁ ଚୁମ୍ବି ନଷ୍ଟ କରିବ ନାଇ ।

'ମଥୁରାମଙ୍ଗଳ' ୨୯ଶ ଛାନ୍ଦର ୩୮ ପଦ ( ପ୍ରାଚୀ ଗ୍ରନ୍ଥମାଳା )ରେ ଠିକ ଏଇ କଥାଟି ଅଛି —

"ଏତେକ ଲେଖି ନବୀନଗୀରଜାକ୍ଷୀ କଉତୁକ କରି ମୂଦିଲେ ।
କୁସୁମ ମଣ୍ଡାଭିତରେ ଥୋଇ ବାଳୀ କି କି ମନରେ ବିଚାରିଲେ ।
ତାପରେ, ଉରଗ ଗୋଟିଏ ଲିହିଲେ ।
ପୁଣି ଅଞ୍ଜନା-ନନ୍ଦନ ଚନ୍ଦ୍ରଚୂଡ଼ ଦୁହେଁ ପାଖୁଣେ ବସାଇଲେ ।"

'ମଥୁରାମଙ୍ଗଳ' କାବ୍ୟ ଲେଖା କାଳକୁ ଏବେ ହୁଏତ ଦୁଇଶ ବରଷ ପୂରି ନାଇ । କିନ୍ତୁ ଓଡିଆର ପାଲବାଲାମାନେ ଏଇ ସଙ୍କେତ କଥାବସ୍ତୁକୁ

Digitized by srujanika@gmail.com

ଧରି ନିଜେ ଏ ପାଖ ସେ ପାଖ କରି ବହୁତ ଗୀତ ବୋଲନ୍ତି । ପିଲ୍ଲା-ବାଳଙ୍କ ଭୂଲ ଏବେ ବି ଲୋପ ପାଇ ନାଇ । ଅନୁସଂଧାନ କଲେ ଏଇ 'ନାଅଁ ଦିଅ'ରୁ ବାହାରିଥିବା ଶ୍ରେଣୀର ଗୀତ ସବୁ ଖୁବ୍ ମିଳିବ । ଏହା ଓଡ଼ିଶାର ଯଥାର୍ଥ ପ୍ରାକୃତ ସାହିତ୍ୟର ସାଧନା । ଏ ସବୁର ମୂଳ 'ମଥୁରା ମଂଗଳ'ରେ ନୁହେଁ, 'ରସକଲ୍ଲୋଳ'ରେ ନୁହେଁ, ଏପରି କି, 'ନୈଷଧ ବା 'ଭୌମ-ଶାସନ-ଲେଖ'ରେ ନୁହେଁ । ଏହା ଓଡ଼ିଶାର ବାୟୁମଣ୍ଡଳରୁ ବାହାରିଛି । ଓଡ଼ିଆ ସାହିତ୍ୟର ଏହା ଗୋଟିଏ ସ୍ୱଚ୍ଛନ୍ଦ, ସ୍ୱାଧୀନ ଓ ନିତ୍ୟ ପ୍ରକାଶ । ହେଲେହେଁ 'ନାଅଁ ଦିଅ' ପରଂପରାର ଏ ପ୍ରଣାଳୀ, ଶୃଙ୍ଖଳିତ ସୁଚିନ୍ତିତ ବିକାଶ ବାଟେ ହୋଇଥିବା ସୃଷ୍ଟି ନାଇ । ଧାନ, ମନକୁ ଦଣ୍ଡାରେ ପଡି, ସଂଗ କାହାର କରି ବାଲୁଙ୍ଗା ହୋଇ କନ୍ୟା-ଓ ବେଙ୍ଗଳାର ଯୋଗ୍ୟ ନ ହେଲେ ପରି, କୁହାଯାଇ ପାରେ, ଏ ସବୁର ବାଲୁଙ୍ଗା-ବିକାଶ ହୋଇଛି । ତଥାପି ଆମର ଏଠାରେ ଦେଖିବାର ଅଛି, ଏହାର ଯଥାର୍ଥ ଭିତ୍ତି ଓ ପରଂପରା କ'ଣ ?

## କିରାତ ସଭ୍ୟତାର ପ୍ରଭାବ

ଏଇ 'ନାଅଁ ଦିଅ' ସଂପର୍କରେ ଚୀନ ସାହିତ୍ୟ ପ୍ରତି ଲକ୍ଷ୍ୟ କରି କୁହାଯାଇଛି । ସେଥିରୁ ବୁଝାଯିବ, ସେ ଭୂମିରେ ଏ ଶ୍ରେଣୀର ବିକାଶ, ଠିକ୍ ବାଲୁଙ୍ଗା-ବିକାଶ ନୁହେଁ । ପିଲାଙ୍କର ଶୃଙ୍ଖଳିତ ଶିକ୍ଷା-ବିଧାନରେ ମଧ୍ୟ ଅନ୍ୟାନ୍ୟ ଜାତୀୟ ଭାବର ବିକାଶ ସଂଗେ ଏ ଶ୍ରେଣୀକୁ କିପରି ସୁଚିନ୍ତିତ ସ୍ଥାନ ଦିଆଯାଇଛି, ତା'ର ସୂଚନା ମିଳିଛି । ସେଇ ସୂଚନା ଦେବା ପାଇଁ 'ନାଅଁ ଦିଅ' ସଂଗେ ଚୀନ ପିଲାଙ୍କର ଗୁଡି ଉଡ଼ାଇବା ଓ ସେଇପରି ଅନ୍ୟାନ୍ୟ ଜାତୀୟ ଖେଳ ଖେଳିବା କଥା, ପିଲାଙ୍କ ପୁସ୍ତକରୁ ଉଦ୍ଧାର କରି ଦିଆ ହୋଇଛି । ଏଇ ଚୀନ,ଦେଶକୁ, ବିଶେଷରେ ତିବ୍ବତ ଅଂଚଳକୁ, ଆଗେ କହୁଥିଲେ—'ମହାଚୀନ' ବା 'ଭୋଟଦେଶ' । ବଂଗଳାର ବଜ୍ରଯାନ ତନ୍ତ୍ର ଓ ସେଥିସଂଗେ ପ୍ରଚଳିତ ସନ୍ଧ୍ୟା ଭାଷାର 'ଭୋଟ'

Digitized by srujanika@gmail.com

ସଭ୍ୟତା ସଂଗେ ଖୁବ୍ ସମ୍ପର୍କ ଥିଲା । ( Gaekward's Oriental Series No. XLI Vol. 'ସାଧନମାଳା' Introduction. p. CXXXIX ଠାରୁ ଦେଖ )। ନେପାଳ ବାଟେ ତିବ୍ବତ ଓ ତିବ୍ବତ ବାଟେ ଚୀନ୍ ଦେଇଁ ଏଇ ସାଧନା ଖୁବ୍ ବ୍ୟାପି ଯାଇଥିଲା । ଏଇ ସାଧନା ଫଳରେ 'ଭୋଟଭୂମି' ରେ ଯୌନସ୍ୱେଚ୍ଛାଚାର ଏତେ ବୀଭତ୍ସ ଭାବରେ ବ୍ୟାପି ଯାଇଥିଲା ଯେ, ସେଥିପାଇଁ ତିବ୍ବତରାଜ ଚୃଙ୍ଗ୍ଚୁବ, ଦ୍ୱାଦଶ ବର୍ଷ ତଳେ ( ଖ୍ରୀ ୧୦୪୦ ) ସମାଜ-ସଂଶୋଧନ ନିମନ୍ତେ ବଂଗଦେଶର 'ବିକ୍ରମଶିଳା' ବିହାରରୁ ସେ କାଳର ଶ୍ରେଷ୍ଠ ବୌଦ୍ଧ-ତାନ୍ତ୍ରିକ ଦୀପଙ୍କର ଶ୍ରୀଜ୍ଞାନଙ୍କୁ ବହୁ ଅନୁନୟରେ ତିବ୍ବତକୁ ନେଇ ଯାଇଥିଲେ । ( ସ୍ୱର୍ଗତ ଦୀନେଶଚନ୍ଦ୍ର ସେନଙ୍କ 'ବୃହତ୍ ବଂଗ' ୩୦୬—୩୧୭ ପୃଷ୍ଠା ଦେଖ)। ଏଇ ତାନ୍ତ୍ରିକତାର ମୂଳପୀଠ ପୁଣି ଥିଲା, 'ଓଡ୍ଡିୟାଣ' ବା କୌଣସି ଓଡ୍ରଭୂମି । ଏଇ ଭୋଟମାନେ ଅନେକେ ଏ ଦେଶକୁ ଆସି ନେପାଳ, ଭୁଟାନ, ଉତ୍ତର-ବଂଗ, ଆସାମ ପ୍ରଭୃତିରେ ଅଧିବାସୀ ହୋଇ ଏ ଦେଶ ଲୋକଙ୍କ ସଙ୍ଗେ ମିଶି ଯାଇଥିଲେ । ଶବର, ସାନ୍ତାଳମାନଙ୍କ ଭିତରେ ଭୋଟମାନେ ବହୁତ ମିଶି ଯାଇଚନ୍ତି ବୋଲି ମଧ୍ୟ ନୃତତ୍ତ୍ୱବିତ୍ମାନେ କହନ୍ତି । ଭାରତର ଏଇ ଭୋଟମାନଙ୍କୁ ପଣ୍ଡିତମାନେ ନାମ ଦେଇଚନ୍ତି, 'କିରାତ' । ଏଇ 'ନାଥ ଦଳ' ରୀତିଟି ପୁଣି କିରାତ-ସଭ୍ୟତାରେ ବଡ଼ ପ୍ରତିଷ୍ଠିତ ଥିବାର ଦେଖାଯାଉଚି । ଏଣେ ପୁଣି ତା'ର ସାହିତ୍ୟ ବିକାଶ, ଓଡ଼ିଆ ଭୂମିରେ ତାଳପତ୍ର ମେଲି ଆମ କାବ୍ୟ ଓ ପଲ୍ଲୀବଲ୍ଲୀଙ୍କ ପର୍ଯ୍ୟନ୍ତ, ତଥା ଲୋକ-ସାହିତ୍ୟରେ ପୂରି ରହିଛି । ମୌଳିକ ଅସୁର ଓ କଳିଙ୍ଗ ସଭ୍ୟତାରେ ଏହା କିପରି ଥିଲା ଓ କେତେ ଥିଲା, ତା ଜାଣି ବୁଝିବା ଭଳି, କୌଣସି ସୁସ୍ପଷ୍ଟ ଶୃଂଖଳ, ସରଞ୍ଜାମ ଏବେ ବି ମିଳି ନାହିଁ । ଅଥଚ, ଓଡ଼ିଆ ସାହିତ୍ୟରେ ଏହାକୁ ପୁରାପୁରି କିରାତ-ପ୍ରଭାବ ବୋଲି ବି କହି ହେବ ନାହିଁ । ବିଶେଷରେ ନେପାଳଆଡ଼ର କିରାତ ପ୍ରଭାବ, ଉତ୍ତର ବଂଗ ଓ ଆସାମ ଅଂଚଳରେ ମଧ୍ୟ ବେଶି ପ୍ରାଚୀନ ନୁହେଁ । କିଂତୁ ଖୁବ୍ ପ୍ରାମାଣିକ ନ

Digitized by srujanika@gmail.com

ହେଲେ ମଧ୍ୟ କୌଣସି କୌଣସି ପ୍ରତ୍ନବିତ୍ ଅନୁମାନ କରନ୍ତି, କାଲ୍‌ଡିଆର ପ୍ରାଚୀନ ଅସୁରମାନେ, ତୁରାଣୀୟ ଶ୍ରେଣୀର ଲୋକ । ଚୀନ ପ୍ରତ୍ନତତ୍ତ୍ଵର ଜ୍ଞାତମାନେ, ତାଙ୍କ ମତରେ ଏଇ ତୁରାଣୀୟ (Z. A. Ragozin's 'Chaldea' ୧୩୨ ପୃଷ୍ଠାଠାରୁ ଦେଖ )। ତା ଯଦି ହୁଏ, ଏଇ ନାଁ-ଡିଆ ଶବ୍ଦର ମୂଳ, କଳିଂଗ-ଅସୁର ସଭ୍ୟତାରେ ଖୋଜା ଯାଇପାରେ । ସେ ଯା ହେଉ, ଓଡ଼ିଆ ସାହିତ୍ୟର ଏ ବିଶେଷ ପ୍ରକାଶଟି ଲକ୍ଷ୍ୟକରି ଦେଖିବାର ଅଛି ଓ ସେଥି ସଙ୍ଗେ ଆଦିମ ସଭ୍ୟ ଜାତିମାନଙ୍କ ପ୍ରଭାବ, ମିଶ୍ରଣ ପ୍ରକୃତି ଅନୁସନ୍ଧାନ କରି ବିକାଶ ଧାରା ଦେଖିବା ପାଇଁ ପ୍ରଶସ୍ତ କ୍ଷେତ୍ର ରହିଛି । କଳିଙ୍ଗ ଓ ଶବର ସଭ୍ୟତାର ମିଶ୍ରଣ ମଧ୍ୟରେ କିପରି ସଭ୍ୟତାର ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ପର୍କ ତଥା ପ୍ରଭାବ କିଛି ଯେ ଥିବ ଓ ଅଛି, ଏହା ଏକପ୍ରକାର ସତ୍ୟ । ମଧ୍ୟେ ମଧ୍ୟେ ପ୍ରସଙ୍ଗକ୍ରମେ ସେ କଥା କିଛି କିଛି ଅଧେ ସୂଚାଇ ଦିଆଯିବ । ମାତ୍ର କଳିଂଗ ସଭ୍ୟତା ଓ ଶବର ସଭ୍ୟତାର ଆଦାନ ପ୍ରଦାନ ତତ୍ତ୍ଵ ମୌଳିକ । ଆଉ 'ସାହିତ୍ୟ ଛଡ଼ା' ମୁଖ୍ୟ ଭାବରେ ତେଣୁ ତାହାହିଁ ଦେଖିବାର କଥା ।

## କଳିଙ୍ଗ ସଭ୍ୟତା ଓ ଶବର ସଭ୍ୟତାର ଆଦାନ ପ୍ରଦାନ

ପ୍ରାଚୀନ ଅସୁର ସଭ୍ୟତା ସମ୍ପର୍କରେ 'କଳିଙ୍ଗ' ସଭ୍ୟତାକୁ ମୋଟାମୋଟି କିଛି ଦେଖାଇ ଦିଆଯାଇଛି । ସେହିପରି ମଧ୍ୟ ଶବର ସଭ୍ୟତା ସଙ୍ଗେ ଏହାର ପ୍ରଭାବ-ସମ୍ବନ୍ଧ ଥାଇପାରେ ବୋଲି ସୂଚାଇ ଦିଆଯାଇଛି । ମାତ୍ର ଓଡ଼ିଆ ସାହିତ୍ୟର ସ୍ଵରୂପ ଫୁଟାଇବା ପାଇଁ ପଟ୍ଟ-ଭୂମିକା ନିର୍ମଳ, ଉଜ୍ଜ୍ୱଳ ଓ ସୁନ୍ଦର କରି ରଖିବାକୁ ହେଲେ, ଏଇ ଦେଶରେ ଶବର ସଭ୍ୟତା ସଙ୍ଗେ ତାମିଲ-କଳିଙ୍ଗ ସଭ୍ୟତାର ଆଦାନ ପ୍ରଦାନ ଓ ପରସ୍ପର ପ୍ରଭାବ ସୃଷ୍ଟ ସାହିତ୍ୟ ଅବଲମ୍ବନରେ ଦେଖିବାକୁ ହେବ । ହଠାତ୍ ଦେଖିଲେ, ହୁଏତ ଦିଶିବ ଓଡ଼ିଆରେ ଯାହା ଅଛି, ବଙ୍ଗଳା ବି ସେଇଆ— ଆଖପାଖ ଅନ୍ୟାନ୍ୟ ସାହିତ୍ୟ ବି ସେଇଆ । ତେଣୁ ବହୁକାଳରୁ ହୋଇ

Digitized by srujanika@gmail.com

ଆସିଥିବା ଏ ଗୋଳିଆ ଗଣ୍ଡା ଭିତରେ କିଛିଟି ଦେଖିବା ଦରକାର । ଖଣ୍ଡିତ ଅସୁର ବା ବୌଦ୍ଧ ସଭ୍ୟତାର ଦୁଇଟି ବିଭାଗ—ଗୋଟିଏ ନିର୍ବାଣର ଶୂନ୍ୟ-ସାଧନା; ଆଉ ଗୋଟିଏ କାମହୈତୁକ ଶରୀର-ସାଧନା । ଗୋଟିଏ ଦେହରେ ତତ୍ତ୍ୱ-ସାଧନା; ଆଉ ଗୋଟିଏ ତତ୍ତ୍ୱନାମରେ ଦେହର ସାଧନା ବା ଶୂନ୍ୟ-ସାଧନା ନାମରେ ଦେହର ଭୋଗ ସାଧନା । ଗୋଟିଏ ଦେହ-ତତ୍ତ୍ୱ-ସାଧନା ବା ଦେହ-ମାନ-ଜନିତ ସବୁ ଜ୍ଞାନ ଓ ଅନୁଭୂତିକୁ ଇନ୍ଦ୍ରିୟ ଜୟ, ଅର୍ଥାତ୍, କାମନା ସଂଯମ ବା କାମନା ନାଶରେ ଶୂନ୍ୟ କରି ଦେବାର ସାଧନା; ଅନ୍ୟଟି ଦେହ ବା ଇନ୍ଦ୍ରିୟର ସଂଭୋଗ ସାଧନାରେ ସବୁ କାମନାକୁ ସ୍ୱଚ୍ଛନ୍ଦ ପ୍ରଶ୍ରୟ ଦେବାରେ ସବୁ ଏକ ବା ଏକାକାର କରି ଦେଇ, ସବୁ ଭୋଗ ଅନିତ୍ୟ ଓ କ୍ଷଣିକ ଥିବାରୁ ତାକୁ ଶୂନ୍ୟ କରି ଦେବାର ବାହାନାରେ ଶୂନ୍ୟ-ସାଧନା । ପ୍ରଥମଟି କଳିଙ୍ଗର ନିରୁଡା ଅସୁର-ଧର୍ମ ରୂପେ ଓଡ଼ିଶାରେ ମୁଖ୍ୟ ଭାବରେ ପ୍ରତିଷ୍ଠିତ ରହିଲା । ଦ୍ୱିତୀୟଟି ବଙ୍ଗ, ମଗଧ, ଆସାମ ପ୍ରଭୃତିରେ ସମ୍ଭବତଃ ଶବର ଓ ପରେ ଆଗତ-ସଭ୍ୟତାରେ ଅଭିଭୂତ ହୋଇ ଶୂନ୍ୟ- ବା ନିର୍ବାଣ-ସାଧନା ନାମରେ କେବଳ ଦେହସଂଭୋଗ ଓ ସ୍ୱଚ୍ଛନ୍ଦ ଯୌନ ଆଚରଣ ତଥା ଇନ୍ଦ୍ରିୟ ସେବାର ପନ୍ଥା ଧରି, ତହିଁ ସଙ୍ଗେ ଅଦ୍ଭୁତ-ବିଭୂତି-ସାଧନର ମୋହରେ ନାନା ଛନ୍ଦରେ ଆତ୍ମ ପ୍ରକାଶ କଲା । ଭାରତର ଅସୁର ଧର୍ମରେ ନିର୍ବାଣ ଜାଣିଥିବା ବା ପାଇଥିବା ଲୋକଙ୍କୁ କହୁଥିଲେ, ଜ୍ଞାନୀ ବା 'ବୁଦ୍ଧ', ଅଥବା ଇନ୍ଦ୍ରିୟଜେତା ବା 'ଜିନ' । ଶେଷକୁ ଅସୁରଧର୍ମ ସେଥିପାଇଁ ବୌଦ୍ଧ ବା ଜୈନ ଧର୍ମ ନାମରେ ଚିହ୍ନିତ ହୋଇଥିଲା । ହେଲେହେଁ, କଳିଙ୍ଗ ବା ଓଡ଼ିଶାର ବୌଦ୍ଧଧର୍ମ, ପୂର୍ବଭାରତର ବୌଦ୍ଧ ଧର୍ମଠାରୁ କାଳେ କାଳେ ଦର୍ଶନରେ ଓ ବ୍ୟବହାରରେ ସ୍ୱାତନ୍ତ୍ର୍ୟ ରଖି ଆସିଛି । ଓଡ଼ିଆର ସମସ୍ତ ଲୋକସାହିତ୍ୟ, ଏହି ଶୂନ୍ୟସାଧନା ଓ ଶୂନ୍ୟ ସାଧନାର ସଙ୍କେତରେ ପୂର୍ଣ୍ଣ । ଲେଖା ସାହିତ୍ୟରେ ବି ଏହାର ଛାପ ଦେଖି ବସିଲେ ଖୁବ୍ ଦେଖାଯିବ । ତଥାପି ଅଦ୍ଭୁତ-ସାଧନର ବିଭୂତି ଓ ଶାବରୀ ବିଦ୍ୟାର ପ୍ରଭାବ ମଧ୍ୟ ଓଡ଼ିଶାରେ ବି ନିତାନ୍ତ ଅଳ୍ପ

Digitized by srujanika@gmail.com

ନୁହେ ! ତା ଦେଖି ଆମର ଆତ୍ମ-ବିସ୍ମୃତ ହେବାର ଶଙ୍କା ବି ଅଛି । ଏବେ ମଧ୍ୟ, ବୁଢ଼ି ମାଆଙ୍କ 'କଥା'ରେ ଅସୁର, ଅସୁରୁଣୀଙ୍କ ଚଳଣି ଓ ଓ ଗୃହସ୍ଥୀ ଖୁବ୍ ଶୁଣାଯାଏ । ଚୂଲିରେ ଗୋଡ଼ ମୁହାଁଇ ଦେଇ, ବୁଢ଼ୀ ଅସୁରୁଣୀ କପର ଭାତ ରାନ୍ଧେ, ଅସୁରମାନେ ଧୂଳି ପକାଇ ଦେଇ, କପର ନଈପଟେ ଯୋଉଠିନେ ଯାଆନ୍ତି, ବୁଢ଼ୀର ଜୀବନଟି କପର ପୋଖରୀ ଭିତର 'ହପିଦଣ୍ଡି'ରେ ଥିବା ଫରୁଆ ଭିତରେ ଟାଲଟିରେ ଥାଏ ଓ ବୁଢ଼ୀର ଝିଅ ତା ଭାଇ 'ରଜାପୁଅ'କୁ କହି ଦେବାରେ, ରଜାପୁଅ ବାଲଟି ଆଣି ଛିଣ୍ଡାଇ ଦେଲେ, ବୁଢ଼ୀ ୧୦୦ ହାତ ଜିଭ କାଢି କପର ଯୋଜନେ ମାଡି ମରି ପଡି ଯାଏ, ତ୍ରିଭୁଣ୍ଡ ଏବେ ବି ବୁଢ଼ୀ ମା ପାଖେ ଶୋଇ ଅନେକ ପିଲା ଚମକି ଚମକି ଶୁଣନ୍ତି । ଏ ସବୁରୁ ଅନେକ କଥା ହୁଏତ ପୁଣି ଆସାମ ଓ ବଙ୍ଗଳାରୁ ଓଡିଶାକୁ ଆସିଛି ।

## କାଉଁରୀ

ସିଲେଟ ( ଶ୍ରୀହଟ୍ଟ ) ପ୍ରଭୃତି ପୂର୍ବ ବଙ୍ଗ ଓ ଆସାମ ସଙ୍ଗେ ଭାବ ଓ ଚଳଣିରେ ଓଡିଶାର ବହୁକାଳ ଯାଏ ସାକ୍ଷାତ୍ ଆଦାନ ପ୍ରଦାନ ଥିଲା । କାଉଁରୀ-କାମଚଣ୍ଡୀ କଥାଟି ଏବେ ବି ଓଡିଆରେ ସୁପରିଚିତ । ଏ କଥାର ଅର୍ଥ ହେଉଛି, କାଉଁରୀ ବା କାମରୂପୀ ( କାମରୂପ ଦେଶର ନାରୀ ), କାମଚଣ୍ଡୀ ବା କାମ ଚେଷ୍ଟାରେ ପ୍ରଗଲ୍ଭ ଓ ଅକ୍ରମଣଶୀଳା । ପୁରୁଷ, ସେମାନଙ୍କ ହାବୁଡ଼େ ପଡିଲେ, ସେମାନେ ତାକୁ ଦିନରେ ମେଣ୍ଢା କରନ୍ତି ଓ ରାତିରେ ଭେଣ୍ଡା କରନ୍ତି; ସେ ପୁରୁଷଟି ଆଉ ତାଙ୍କ କବଳରୁ ଫେରି ଆସି ପାରେ ନାହିଁ । 'ଗୁଣି' ବା 'ଶାବରୀବିଦ୍ୟା'ରେ ସେମାନେ ନିପୁଣା । କେଳା ଓ କୁହୁକୀମାନେ ହାଟ ଚମଟ ଦେଖାଇବାରେ ଏବେ ବି ଯେଉଁ ହାଡ଼ଖଣ୍ଡ ବ୍ୟବହାର କରନ୍ତି, ତା ନାଁ 'କାଉଁରୀ ହାଡ଼' । ବିଭା ହବାକୁ ସଜ ହୋଇଥିବା ଅବିଅଡ଼ୀ ଝିଅ ମରିଗଲେ, ତାର ହାତ ହାଡ଼ରୁ ଖଣ୍ଡେ କାଉଁରୀ ମନ୍ତ୍ରରେ ମନ୍ତୁରା ହୋଇ ଏଇ ହାଡ଼ ତିଆରି ହୁଏ

Digitized by srujanika@gmail.com

କୋଲି କହନ୍ତି । ଜଗନ୍ନାଥ ସଡ଼କରେ ପୁରୀର 'ମାଳତୀ ପାଟପୁର' ପାଖେ ଥିବା 'କାଉଁ ଖୀ ବର' ଅନେକେ ଦେଖିଥିବେ । ଏଠାରେ ଏବେ ବରଗଛଟି ନାହିଁ । 'କାଉଁଖୀଶ୍ୱର'ବୋଲି ଗୋଟିଏ ଶିବଲିଙ୍ଗ ଓ କ୍ଷୁଦ୍ର ଶିବାଳୟଟିଏ ଅଛି । ମାତ୍ର ପ୍ରାୟ ୫୬ ବର୍ଷ ତଳେ ଏଟି ମନ୍ଦିର ନ ଥିଲା; ଥିଲା 'କାଉଁଖୀ ବର'—ଗୋଟିଏ ବଡ଼ ପୁରୁଣା ବରଗଛ । ୧୯୧୧ ଖ୍ରୀଷ୍ଟାବ୍ଦରେ ହୋଇ-ଥିବା ବଡ଼ ବନ୍ୟାରେ ଏ ବରଗଛଟି ଭୁଜି ପଡ଼ିବାରୁ ଶିବାଳୟଟି ଏଠି ତିଆରି ହୋଇଛି । କଥାଅଛି, କାଉଁଖୀ ନାମରେ ଜଣେ ନାଖୀ (ଧୋବଣୀ) ଆପଣା ଗ୍ରାମର ବରଗଛରେ ବସି ଜଗନ୍ନାଥ ଦର୍ଶନକୁ ନିତି ଆସେ ଓ ଯାଏ । ଦିନେ ପୁରୀର ଜଣେ ଗୁଣିଆ ନିଜ ଗୁଣିରେ ତା ଗୁଣିକୁ କାଟି ଦେବାରୁ ବରଗଛଟି ସେଇଠି ଭୂମିରେ ରହିଗଲା । ସେଇ ବରଗଛଟି 'କାଉଁଖୀବର' । ତା ଛଡ଼ା ଆମ ଲୋକ କଥାର ମାଳୁଣୀ ଓ 'ଜାର କରେଇ ପାରି କରେଇ' (ଯେ ରାଜାଝିଅଙ୍କୁ ଗୁପ୍ତରେ ଜାର ବା ପର ପୁରୁଷ କରାଇ, ଧରା ପଡ଼ିଲେ, ସେଥିରୁ ପାର କରାଇ ଦିଏ) କଥା ଅନେକେ ଜାଣିଥିବେ । 'ଦ୍ୱିଜାଦ୍ୱିଜ କୁମାର' ବା ଶଶିସେଣା (ଶଶିସେନ) କଥାଟି ଗ୍ରନ୍ଥାକାରେ ପ୍ରକାଶିତ ହୋଇଛି । 'ପ୍ରତାପରାୟ' ଏଇ ଗପଟିକୁ ଧରି ଓଡ଼ିଆରେ ଗୋଟିଏ କାବ୍ୟ ବି ଲେଖିଛନ୍ତି । ସେଥିରେ ଏଇପରି ଗୋଟିଏ 'ଗ୍ୟାନ ଦେଇ ମାଳୁଣୀ'ର ସୁନ୍ଦର ଚିତ୍ର ଅଛି । ଗ୍ୟାନ ଦେଇ (ଜ୍ଞାନଦେଇ) ଙ୍କ କର୍ମ କ୍ଷେତ୍ରର ନାମ ହେଉଛି, 'ଜାରପୁର' (ଜାର-ନଗର) । କାଉଁଖୀ ପୁଣି ସାଧାରଣତଃ ନୀଚ ଜାତୀୟା—ଧୋବଣୀ, କେଉଟୁଣୀ ପ୍ରଭୃତି । ରଜାପୁଅ, ମନ୍ତ୍ରୀପୁଅଙ୍କ ପାଇଁ, ଗପମାନଙ୍କରେ ପ୍ରାୟ ସେ ଗୋଟିଏ ମାଳୁଣୀ । ଦେବୀଙ୍କ ବେଶ ଲାଗି ବା ରଜାଘର ଝିଅ ବୋହୂଙ୍କ ପାଇଁ ଫୁଲମାଳ, ତୋଡ଼ାର ଯୋଗାଇବା ତା କୌଳିକ କାମ ।

## ଓଡ଼ିଶାର ସାଧନାରେ 'ପିଣ୍ଡ-ବ୍ରହ୍ମାଣ୍ଡ' ସଙ୍କେତ

ବଂଗ-ଆସାମ ଅଞ୍ଚଳରେ ଶୂନ୍ୟ-ସାଧନା-ତନ୍ତ୍ର ନାମରେ ଯେଉଁ ଯୌନ ବାଭତ୍ସତାର 'ଅଦ୍ୱୟ' ଓ 'ମହାସୁଖ' ପ୍ରକାଶ ପାଇଥିଲା, ଓଡ଼ିଆର

Digitized by srujanika@gmail.com

ନିବୃତ୍ତି 'ନୈରାତ୍ମ୍ୟ'-ଶୂନ୍ୟ-ସାଧନାର ତନ୍ତ୍ର ଉପରେ କାଳେ କାଳେ ତା ଧକ୍କା ବାଜିଛି । ଓଡ଼ିଶାର ସାଧନାକୁ ସେଥିରୁ ମୁକ୍ତ ଓ ନିର୍ମଳ ରଖିବାପାଇଁ ଓଡ଼ିଆ ସିଦ୍ଧ ଓ ସାଧକମାନେ ପରମ୍ପରାରେ ଘୋର ପ୍ରଯତ୍ନ କରି ଆସିଛନ୍ତି । ଚୈତନ୍ୟଙ୍କ ପରେ ସାହିତ୍ୟରେ ସେ ପ୍ରଯତ୍ନ ସ୍ପଷ୍ଟ ପ୍ରକାଶ ପାଇଛି । ବଶୀ-କରଣାଦି ବାହ୍ୟାଚାର ସିଦ୍ଧି ଦେଖାଇ ସାଧନା ନାମରେ ଯୋନି ଓ ଜିହ୍ୱାର ସ୍ୱାଦ୍ୟ ସେବାରେ ମାତିବାରୁ ଲୋକଙ୍କୁ ଛଡ଼ାଇବା ପାଇଁ ଶେଷକୁ ସେମାନେ ବୁଝାଇଚନ୍ତି, କାଉଁରୀଠାରୁ କାଳିନ୍ଦୀଯାଏ, ମଥୁରା ସେବା ଠାରୁ ରାଧାକୃଷ୍ଣ-ମିଳନ ଯାଏ—ସବୁ ବ୍ରହ୍ମାଣ୍ଡ ଯାକର କଥା ଏଇ ପିଣ୍ଡରେ ଅଛି । ସଙ୍କେ-ତରେ ସେସବୁ ଶରୀର ଭିତରେ ଶରୀର-ସାଧନାରେ ଅନୁଭବ କରିବାକୁ ହେବ—ବାହ୍ୟାଚାର କାଉଁରୀ-ସଙ୍ଗେ ଯୌନ-ବିହାର ବା ରାଧା ବା ଗୋପୀଙ୍କ ପରି ପରକୀୟା ସଙ୍ଗେ ବାସ୍ତବ ପ୍ରେମରେ ନୁହେଁ ।

## ଉଦାହରଣ—କାଉଁରୀ ମଣ୍ଡଳ ଓ କାଉଁରୀ ପାଟଣା

ଶୂନ୍ୟ ସାଧନାର ଯୋଗରେ ଦେହର ଏଇ କାଉଁରୀ ମଣ୍ଡଳକୁ ବା କାଉଁରୀର ସ୍ଥାନକୁ ମନରେ ଭେଦ କରିବାକୁ ହେବ ବୋଲି 'ଦେବାନନ୍ଦ ଦାସ' 'ବୈଚନ୍ଦ୍ର ଗୀତା'ରେ କହିଚନ୍ତି :—

"ଭେଦିଣ ଷଡ଼ଚକ୍ର ଦେଇ,
ସଗଡେ ଅଣଗୃଣ ବାଇ ।
କାଉଁରୀ ମଣ୍ଡଳ ଭୁବନ,
ଚନ୍ଦ୍ର ସୂର୍ଯ୍ୟଙ୍କ ନିଜ ସ୍ଥାନ ।"

—ବୈ. ଗୀ. ୬ଷ୍ଠ ଅଧ୍ୟାୟ

ପଞ୍ଚ ସଖାର ଅନ୍ୟତମ 'ବଳରାମ ଦାସ'ଙ୍କ ମତ ଧରି ପରେ ଦ୍ୱିତୀୟ 'ବଳରାମ ଦାସ' ମଧ୍ୟ 'ଲକ୍ଷଣଗୁପ୍ତ ଗୀତା'ରେ କହିଚନ୍ତି,

Digitized by srujanika@gmail.com

"ଧୂନରେ ପଡ଼ିବୁ ପେଲ,
ଚଉପାଶେ ଘାପାକଲୀ,
ଉର୍ମି ଧୂର୍ମି କ୍ଷୋଭ ଘଟେ,
ଏ ମହା ଜ୍ୱାଳା ।
'କାଉଁରି ମଣ୍ଡଳେ' ବାସ,
ଜାଗ୍ରତେ ସ୍ୱପ୍ନ ପ୍ରକାଶ,
ଗୁରୁ ଶିଷ୍ୟଙ୍କର କଥା,
ସେ ଅବ ମୂଳ ॥"
—ଛ-ଗୁ-ଗୀ-, ୬ଷ୍ଠ ଅଧ୍ୟାୟ

ଏହି ସମ୍ପର୍କରେ ସାରଳାଦାସଙ୍କ ମହାଭାରତରେ 'କାଉଁରି ଦେଶ' ରାଜା 'କାମପାଳ', ଦୁର୍ଯ୍ୟୋଧନ ପକ୍ଷରେ ଯୁଦ୍ଧ କରିଥିବା କଥା ବି ସ୍ମରଣୀୟ । ଶୂନ୍ୟ ସାଧନାର ସୋପାନରେ 'ମହାଶୂନ୍ୟ' ରୁ ନିର୍ବାଣ ଲାଭ କରିବା ପୂର୍ବରୁ ଶରୀରରେ 'କାଉଁରି ମଣ୍ଡଳ' ବା ମନକୁ ଭ୍ରମରେ ପକାଇ ଦେବା ସ୍ଥାନକୁ ନିଜ ବାୟୁଚକ୍ର ଶୃଙ୍ଖଳାରେ ଭେଦ କରିବାକୁ ହୁଏ । ଏହିପରି ବ୍ରହ୍ମାଣ୍ଡରେ ଯାହା ଯାହା ଅଛି, ସବୁ ଏହି ପିଣ୍ଡରେ ଥିବାର କଳ୍ପନା ସେ ଯୋଗରେ ପ୍ରସିଦ୍ଧ । ତେଣୁ ଶରୀରରେ ଭ୍ରମ କରାଇ ଦେବାର ସ୍ଥାନ ଏହି କାଉଁରି ମଣ୍ଡଳ । ଏହି କାଉଁରି ମଣ୍ଡଳ ପାଇଁ ଯୋଗୀକୁ ସାବଧାନ ହେବାକୁ ହୁଏ । ଏହି କାଉଁରି ମଣ୍ଡଳକୁ ଶରୀର-ଦେଶର 'କାଉଁରି ପାଟଣା' ବୋଲି ବି କୁହାଯାଏ । 'ଅଚ୍ୟୁତଦାସ' 'ଛୟାଳିଶ ପଟଳ'ର ପିଣ୍ଡ-ବ୍ରହ୍ମାଣ୍ଡ-ନିର୍ଣ୍ଣୟ-ବିଧାନରେ କହିଚନ୍ତି,

"କପୋଳ ଅଟେ କାଉଁରି ପାଟଣା ।
ଯୋଗୀମାନେ ତହିଁ ହୁଅନ୍ତି ବଣା ॥
ତହିଁ ଉପରେ ଗୋଲହାଟ ଥାଇ ।
ସେ ହାଟକୁ ଅଗାମା ନ ଗମଇ ॥"
——ଛାଳିଶ ପଟଳ ।

Digitized by srujanika@gmail.com

ଓଡିଆ ସାହିତ୍ୟରେ ତେଣୁ ଏଇ 'କାର୍ଷ୍ଣୀମଣ୍ଡଳ' ବା 'କାର୍ଷ୍ଣୀ ପାଟଣା' ଯୋଗୀଙ୍କୁ ମଧ୍ୟ ଜଣା କରିଦେବାର ସ୍ଥାନ । ଏହାରି ପାଖେ ପୁଣି ଶ୍ରୀହଟ୍ଟରେ ଅଛି, 'ଶ୍ରୀହଟ ପାଟଣା' (କାମରୁପ ପାଖେ, ସିଲେଟ)। ବଳରାମଦାସ, 'ଛତିଶ ଗୁପ୍ତଗୀତା'ରେ,

"ଯହିଁ ପଶିଲେ ମନବୁଦ୍ଧି ହଜଇ × × ×
ସେହିଠାରେ ଟି କାର୍ଷ୍ଣୀ ମଣ୍ଡଳ × ×
ତହିଁ ଉପପେଠି ଶ୍ରୀହଟ ପାଟଣା
ବତିଶ ଯୋଜନ ଭୁବନ ॥"

—୨୨ ଶ ଅଧ୍ୟାୟ ।

ହେଲେହେଁ ଓଡ଼ିଶାର ମୁଣ୍ଡା ଗଣ୍ଡ ପ୍ରଭୃତି ପ୍ରାଚୀନ କୋଶଳର କେତେକ ଅଂଶରେ ଏଥି ପ୍ରତି କତାନ୍ତ ଶ୍ରଦ୍ଧା ନାହିଁ ବ ନୁହେଁ । ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ରଥେ କହନ୍ତି, ଓଡିଶାର ପାଟଣା-ରାଜ୍ୟ-ବାସୀ କବି 'ଚୈତନ୍ୟଦାସ' ନିଜ 'ନିର୍ଗୁଣ-ମହାତ୍ମ୍ୟ' ପୁସ୍ତକରେ ପାଟଣା ରାଜ୍ୟକୁ ଏକା ବର୍ଣ୍ଣନ କରି କହିଚନ୍ତି,

"କହିବି ରାଜ୍ୟର ଭାବନା ।
ନାମ ତା କାର୍ଷ୍ଣୀ-ପାଟଣା ॥
ପ୍ରତାପରୁଦ୍ର ରାଜ୍ୟ-ଦେଶ ।
ନଗ୍ର ଖରଅଳ ବିଶେଷ ॥"

ଏଇ 'ପ୍ରତାପରୁଦ୍ର' ହେଉଚନ୍ତି, ପାଟଣା-ରାଜ୍ୟର ଚୌହାନ୍ ବଂଶୀୟ ରାଜା । ସେ ୧୪୮୫ ଖ୍ରୀଷ୍ଟାବ୍ଦରୁ ୧୫୨୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ( Journal of the Kalinga Historical Research Society. Vol I, No. 3, p 228 )

Digitized by srujanika@gmail.com

ସେତିକି ନୁହେଁ, ଓଡ଼ିଶାର 'ଉତ୍କଳଭୌମ' ଓ 'କୋଶଳ-କେଶରୀ' ଯୁଗର ବହୁ ସାଧକ, କେହିବା 'ବଂଗାଳୀ'ସାଧନାରେ 'ଅବ୍ଧୂତ' ପାଇବା ପାଇଁ, କେହିବା ଓଡ଼ିଆ-ସାଧନା ('ଓଡ଼ିଆଣ') ର 'ନୈରାତ୍ମ୍ୟ'କୁ 'ବଂଗାଳୀ'-ସଂଗରେ ମିଶାଇବା ପାଇଁ, ବଂଗ ବାଟେ ନେପାଳ ପର୍ଯ୍ୟନ୍ତ ଯାଇଥିଲେ । ତାଙ୍କର ସେକାଳ ଓଡ଼ିଆରେ ଲେଖା ଅନେକ 'ବୌଦ୍ଧଗାନ ଓ ଦୋହା' ସ୍ୱର୍ଗତ ହର ପ୍ରସାଦ ଶାସ୍ତ୍ରୀ, 'ବଂଗୀୟ ସାହିତ୍ୟ-ପରିଷଦ-ଗ୍ରନ୍ଥାବଳୀ' —( ସଂଖ୍ୟା, ୫୫ ) ରେ ପ୍ରକାଶ କରିଛନ୍ତି । 'ବଂଗାଳୀ', 'ଅବ୍ଧୂତ' ଓ 'ଓଡ଼ିଆଣ','ନୈରାତ୍ମ୍ୟ' ପ୍ରଭୃତି ସାଧନାର ପ୍ରସାର ଓ ପରିଣତି-କଥା ପରେ ଯଥା ସ୍ଥାନରେ କୁହାଯିବ । ଏଠି କହିବାର କଥା, ବଂଗ ସାହିତ୍ୟର ପ୍ରଭାବ ଓଡ଼ିଶାର ପ୍ରାଚୀନ ଉତ୍କଳ ଓ କୋଶଳ ଅଂଶରେ ଟିକିଏ ବେଶୀ । ସେ ସବୁଠାରେ ପିଣ୍ଡ-ବ୍ରହ୍ମାଣ୍ଡ-ତତ୍ତ୍ୱ ଭେଦ ଯେଉଁ କାୟା-ସାଧନା, ସେଥିରେ ତେଣୁ ଓଡ଼ିଆ 'ପିଣ୍ଡବ୍ରହ୍ମାଣ୍ଡ'-ସାଧନାର ଯୌନ ସଂଯମର ସଂକେତ ନାଇଁ; ଥିଲେବି, ସ୍ପଷ୍ଟ ନୁହେଁ ।

## ବଂଗୀୟ ବୈଷ୍ଣବ ସାଧନାର ବ୍ୟାଖ୍ୟା

ଏଇ ସଂପର୍କରେ ବଂଗଳାର ବୈଷ୍ଣବ ଭକ୍ତ ସଂଗେ ଯେଉଁ ଯୌନ-ସାଧନାର ପରକୀୟା-ପ୍ରେମତତ୍ତ୍ୱ-ପ୍ରବାହ ଓଡ଼ିଶାକୁ ବୋହିଥିଲା, ତାକୁ ଛଡ଼ାଇବା ପାଇଁ ପଞ୍ଚସଖାଙ୍କ ହାତରେ ଏଇ ଓଡ଼ିଆ ପିଣ୍ଡ-ବ୍ରହ୍ମାଣ୍ଡ-ବ୍ୟାଖ୍ୟା ଅତି ସ୍ପଷ୍ଟଭାବରେ ପ୍ରକାଶ ପାଇଛି । ଜଗନ୍ନାଥ ଦାସଙ୍କ 'ତୁଳାଭିଣା', ଅଚ୍ୟୁତଦାସଙ୍କ 'ଶୂନ୍ୟ ସଂହିତା', ବଳରାମଦାସଙ୍କ 'ବ୍ରହ୍ମାଣ୍ଡଭୂଗୋଳ' ଅନ୍ୟାନ୍ୟ ଗ୍ରନ୍ଥ ତଥା ଦେଶରେ ପ୍ରଚଳିତ ହିନ୍ଦି ସାଧକମାନଙ୍କ ଅସଂଖ୍ୟ ଭଜନ ପ୍ରଭୃତି ଏଇଥିରେ ପୂର୍ଣ୍ଣ । ଇତିହାସ ଧାରାରେ ଏହାର ସ୍ଥାନ ଓ କ୍ରିୟା ପରେ ଯଥା ସ୍ଥାନରେ କୁହାଯିବ । ଏଠାରେ ସଂକ୍ଷେପରେ କେତୋଟି ମାତ୍ର ଉଦାହରଣ ଦିଆଯାଉଛି । ଭାଗବତର 'ଏକାଦଶସ୍କନ୍ଧ'ରେ ଯେଉଁ ପିଙ୍ଗଳା ବେଶ୍ୟା, ଧର୍ମ ପୁରୁଷ ଓ ବୃଦ୍ଧ ପୁରୁଷ ଉପାଖ୍ୟାନଟି ଅଛି, ତାକୁ ବୁଝାଇ ବଳରାମଦାସ କହିଛନ୍ତି:—

Digitized by srujanika@gmail.com

"ଜୀବନ୍ତ ପିଙ୍ଗଳା ଅଛଇ । ଧନ୍ୟ ପୁରୁଷ ମନ କହି ॥

+ + + +

କାଳ ଘୋଟନ୍ତେ ଜୀବଗଲା । ଶରୀର ଶୂନ୍ୟ ଯେ ହୋଇଲା ॥
ଏ ଦେହୁଁ ଛାଡ଼ି ଯାନ୍ତେ ମନ । ପିଙ୍ଗଳା କରଇ ଭ୍ରମଣ ॥

+ + + +

ପକ୍ଷୀ ଯେ ଆକାଶ ଅଛଇ । ଶୂନ୍ୟ ଶବଦେ ଖେଳୁଥାଇ ॥
ଚକ୍ଷୁସ୍ୱରୂପ କାମ ଅର୍ଥ । କୋଟୀଶ ସ୍ୱରୂପ ପ୍ରାଣନାଥ ॥
ଅନେକ ବେଳ ପରଖନ୍ତେ । ପିଙ୍ଗଳା ଗୃହୁଁ ଥିଲା ପଥେ ॥
ଯହୁଁ ସେ ଧନ୍ୟ ନ ଅଇଲା । ପିଙ୍ଗଳା ମନେ ବିଚାରିଲା ॥
ବୋଲଇ ଅନ୍ୟ କାର୍ଯ୍ୟ ନାହିଁ । କୃଷ୍ଣ ଶରଣ ଯିବି ମୁହିଁ ॥
ଏତେକ ହୃଦୟେ ପାଞ୍ଚିଲା । ନୟନ ଟେକି ଅନାଇଲା ॥
ଦେଖିଲା ପରଂବ୍ରହ୍ମ କୋଟୀଶ । ସେ ପଦ୍ମପାଦେ କଲା ସ୍ତୁତି ॥
ଅଚ୍ୟୁତ ସୁଜନ ଜନେ ଶୁଣ । ପିଙ୍ଗଳା ବାକ୍ୟ ମନେ ଘେନ ॥"

( 'ବ୍ରହ୍ମାଣ୍ଡ ଭୂଗୋଳ', ୪୯ ଅଧ୍ୟାୟ )

ପୁଣି ସେହି 'ବ୍ରହ୍ମାଣ୍ଡ ଭୂଗୋଳ'ରେ ଅର୍ଜୁନ ପଚାରିଛନ୍ତି, 'କୃଷ୍ଣ ଦେହତ୍ୟାଗ କଲାପରେ ଗୋପୀମାନେ ବିଧବା ହୋଇ ଯମୁନାରେ ସ୍ନାନ କରିଥିବାର ତତ୍ତ୍ୱ ମତେ ଫେଡ଼ି କହ ?'

ଭଗବାନ କହୁଛନ୍ତି :—

"ଦେହରୁ ଜୀବ ଛାଡ଼ିଗଲେ । କନ୍ୟାଏ ସେଥି ଲୀନ ହେଲେ ॥
କନ୍ୟାଙ୍କ ଅଭିଷେକ ଏହି । ମିଳିଲେ କୋଟୀଶ ବ୍ରହ୍ମେ ଯାଇ ॥"

( ବ୍ରହ୍ମାଣ୍ଡ ଭୂଗୋଳ, ୮୪ ତମ ଅଧ୍ୟାୟ )

ଏହାର ଭାବ ହେଉଛି, କୃଷ୍ଣ ଯଥାର୍ଥରେ ନ ଥିଲେ ବା ତାଙ୍କ ଦେହାନ୍ତ ହେବାରୁ ଗୋପୀମାନେ ବିଧବା ହୋଇ ନ ଥିଲେ ବା ଯଥାର୍ଥରେ ଯମୁନାରେ ସ୍ନାନ କରି ନ ଥିଲେ । ଏ ସବୁ ହେଉଛି, ଶରୀର

Digitized by srujanika@gmail.com

ସାଧନାର ସଙ୍କେତ । କୃଷ୍ଣ ହେଉଛନ୍ତି, ଜୀବ । ପଞ୍ଚ ଇନ୍ଦ୍ରିୟ, ପଞ୍ଚପ୍ରାଣ, ମନ ପ୍ରଭୃତି ଯେଉଁ ଅଶେଷ କ୍ରିୟାରେ ପ୍ରକାଶିତ ହୁଅନ୍ତି, ସେଇମାନେ ହେଉଛନ୍ତି, ଗୋପୀ । ଏଇ ଗୋପୀମାନେ ଜୀବରୂପୀ କୃଷ୍ଣଙ୍କୁ ଭଜକରି ଥାନ୍ତି । ଦେହରୁ ଜୀବ ଛୁଟିଗଲେ ଏ ସବୁ ଗୋପୀମାନେ, ଜ୍ୟୋତିବ୍ରହ୍ମରେ ଲୀନ ହୁଅନ୍ତି । ସମସ୍ତ 'ବ୍ରହ୍ମାଣ୍ଡ ଭୂଗୋଳ' ଏଇ ସଙ୍କେତ ଦେଖିବା ପାଇଁ ଗୋଟିଏ ଉପାଦେୟ ଗ୍ରନ୍ଥ । ଏହା ଛଡ଼ା ଭଜନମାନଙ୍କରେ ମଧ୍ୟ ଦେଖ—କାଳିନ୍ଦୀରେ ଜଳକେଳିର ବ୍ୟାଖ୍ୟା :—

"କାଳିନ୍ଦୀ ହ୍ରଦରେ ଫୁଟିଛି ଦଇଁ ।
ହସ୍ତ ବଢ଼ାଇଛି ତୋଳିବା ପାଇଁ ।

+ × × ×

କିଶୋର କିଶୋରୀ କ୍ରୀଡ଼ା କରୁଛନ୍ତି
ସେଇଠାରେ ଦିବା ରଜନୀ ନାହିଁ ।"
( 'ଶରୀର ଭେଦ ଭଜନ' )

ରାସଲୀଳାର ବ୍ୟାଖ୍ୟା :—

"ପୁରୁଷ ହୋଇଣ ଇନ୍ଦ୍ରି ନାହିଁ ତାର
ସ୍ତ୍ରୀ ହୋଇ ନାହିଁ ଯୋନି ।
ଅଷ୍ଟ ପ୍ରହରରେ ବିଳାସ କରନ୍ତି
ନାହିଁ ଦିବସ ରଜନୀ ॥"
( ଏଜନ୍ )

ତ୍ରିବେଣୀଠାରେ କିଶୋର କିଶୋରୀ ଯୁଗଳଙ୍କର ରାସଲୀଳାକୁ ବୁଝାଇ ଦିଆଯାଇଛି,

"ତୋଳିକ ପାଟଣା ( କାଉଁରି ପାଟଣା )
ମୂର୍ତ୍ତି ଜଡ଼ିଛନ୍ତି ଖଣ୍ଡରେ ।
ଷଡ଼ଚକ୍ର ଉର୍ଦ୍ଧ୍ୱ ଦ୍ୱାରୀ ଛଳନକା ନୋହିବୁ ଭଉ
କରିବେ ସେ ଧବ ଧବ ଗୁହିଁ ରଟ ମଟ ରେ ।

Digitized by srujanika@gmail.com

ତହୁଁ ଚଳିଗଲେ ସେ ଆଗରେ ଗୋଲ୍ହାଟରେ ।
ସେ ହାଟ ହୋଇ ବାହାର ମହାନନ୍ଦ କୋଣ୍ଡପୁର
ସେଠାରୁ ଅଳପ ଦୂର ଶ୍ରେଷ୍ଠ ବାଟ ସୂଟରେ ।
ବ୍ରହ୍ମରନ୍ଧ୍ରଠାରେ ବଜ୍ର କଳଣୀ କବାଟକେ ।
ଲଙ୍ଘଟ ଚନ୍ଦ୍ରକୁ ବଳି ଫେଡ଼ ପଣ୍ଡେ ଶାଙ୍କୁଳ
ଶୂନ୍ୟେ ଜଳେ ଦୀପାବଳୀ ଝଣେ ଝଟ ଝଟ ରେ ।
ନିତ୍ୟ ରହେ ସେ ଭାବ ଯୁଗଳ କିଶୋର ରେ ।
ତାହା ତୁ କଲେ ଦର୍ଶନ ହବବ ଦୁରିତମାନ
ଗଂଗାଧର କହେ ଭେଟ ତ୍ରିବେଣୀ ତ୍ରିକୁଟରେ ।"

—( ଭଜନ୍ )

ଏଠାରେ 'ତ୍ରିକୁଟ' ଅର୍ଥାତ୍, ଇଡ଼ା, ପିଙ୍ଗଳା ସୁଷୁମ୍ନାର ଭେଟସ୍ଥାନ, ବ୍ରହ୍ମରନ୍ଧ୍ର ହେଉଛି, ତ୍ରିବେଣୀ ବା ଗଂଗା, ଯମୁନା, ସରସ୍ୱତୀର ସଙ୍ଗମ ସ୍ଥାନ । ସେଇଠାରେ ଜୀବାତ୍ମା, ପରମାତ୍ମାର ଯେ ଯୁଗଳ ଲୀଳା ଲଦିଛି, ତାହାଇ ହେଉଛି, ରାଧା କୃଷ୍ଣଙ୍କର ରାସକ୍ରୀଡ଼ା । ସେଇଠାରେ ଶୂନ୍ୟରେ ଯେଉଁ ଜ୍ୟୋତି ପ୍ରକାଶ ପାଉଛି, ସେଇ ହେଉଛି, ଦୀପାବଳୀ । ସେ ବ୍ରହ୍ମରନ୍ଧ୍ର ପାଖକୁ ଯିବା ବଡ଼ କଷ୍ଟ । ସେଠାକୁ ଯିବାକୁ ହେଲେ, ଷଡ଼ଚକ୍ର କାଟି ଝାଉଁଶୀ ପାଟଣା, ଅର୍ଥାତ୍, ଶରୀର ଭିତରେ ଭୁଲିଯିବା ସ୍ଥାନ ଗୁଡ଼ି ଗୋଲ୍ହାଟ ବାଟେ ବଡ଼ କଷ୍ଟରେ ବ୍ରହ୍ମରନ୍ଧ୍ରକୁ ଯିବାକୁ ହୁଏ । ଏପରି ବାହାର ଅର୍ଥମାନ ବଙ୍ଗଳାର କାୟା-ସାଧନ ରେ ବରାବର ନାହିଁ, ନୁହେ । ମାତ୍ର ଏ ସବୁ ଭିତରେ ବଂଗଳାରେ ଯଥାର୍ଥ ସାଧନା ହେଉଛି, ଯୌନ ଓ ଇନ୍ଦ୍ରିୟର ସ୍ୱଚ୍ଛନ୍ଦ ସେବା । ତେଣୁ ଓଡ଼ିଶାରେ ଏଇସବୁ ବଂଗଳାର ତନ୍ତ୍ର ଓ ଗୌଡ଼ୀୟ ବୈଷ୍ଣବଙ୍କ ରାଧା କୃଷ୍ଣ ଲୀଳାକୁ ଏଇପରି ଅର୍ଥକରି, ବ୍ୟାଖ୍ୟା ଦେଇ, ଲୋକଙ୍କୁ ସେ ସୁଅରୁ ବାହାର ସାଧନାକୁ ଛଡ଼ାଇବାର ପାରଂପରିକ ଉଦ୍ୟମ ହେଉଛି, ଓଡ଼ିଆ ସାହିତ୍ୟର ପ୍ରାଣ । ସେଥିକି ନୁହେ । ତନ୍ତ୍ରର ଯୌନ ସଂସ୍କାର ଓ ଗୌଡ଼ୀୟ ବୈଷ୍ଣବଙ୍କ

Digitized by srujanika@gmail.com

ପରକୀୟା-ପ୍ରେମ ବା ପର ନାରୀରେ ରତି ରୂପ ଧର୍ମ ସାଧନାକୁ ସ୍ପଷ୍ଟ ଲକ୍ଷ୍ୟ କରି ଲେଖା ସବୁ ଓଡ଼ିଆରେ ଖୁବ୍ ପ୍ରକାଶ ପାଇଛି । ପରେ ପ୍ରସଙ୍ଗତଃ ତାର ଅଧିକ ସୂଚନା ଦିଆ ହେବ । ଏଠି 'ପିଣ୍ଡ-ବ୍ରହ୍ମାଣ୍ଡ-ସାଧନା'ର ଗୋଟିଏ ଭଜନରୁ ପଦେ ଦେଖ :—

"ନଳିନୀ ଦଳରେ ଯେସନ୍ତେ ଜଳ ।
ପବନେ ହୁଅଇ ଢଳ ଢଳ ।
ପରର ପୀରତି କରି ନ ଯୋଗାଇ
ପାଣି ଫୋଟକାର ଏ ଶରୀର ।"

—ଶରୀର ଭେଦ ଭଜନ ।

ଏପରି ଉଦାହରଣ ଦେଲେ ସରିବ ନାହିଁ ।

## 'କେଲା' ଓ ସର୍ପବିଦ୍ୟା

ଓଡ଼ିଶାର ସର୍ପ-ବିଦ୍ୟା ଓ ତନ୍ତ୍ର ସଙ୍ଗେ ଗୁଣି, ଗାରୁଡ଼ି, ସ୍ତମ୍ଭନ, ମୋହନ, ବଶୀକରଣ ପ୍ରଭୃତି କଥା ଅନେକେ ଜାଣିଥିବେ । ପୁରୀ ସହରର ପଣ୍ଡା ଓ ଅନ୍ୟାନ୍ୟ ଶିଷ୍ଟ ଲୋକେ ବର୍ଷ ଆରମ୍ଭ ମେଷ-ସଂକ୍ରାନ୍ତି ବା 'ପଣା-ସଂକ୍ରାନ୍ତି'ର ବସନ୍ତୋତ୍ସବରେ ପୁରୀ ରଜାଙ୍କ ଦ୍ୱାରକୁ ନାଗ ତମ୍ପ ପ୍ରଭୃତି ବିଷଧର ସାପ ସବୁ ଧରି ଆଣି ସେଠାରେ ଖେଳାଇ ବହୁ ବାହାଦୁରି କରନ୍ତି ଓ ବହୁମାନ ନିଅନ୍ତି । ଚୈତନ୍ୟଙ୍କ ପରେ ପରାଧୀନ ଓଡ଼ିଶାରେ ଏପରି ବହୁତ କଥା ପୁରିକାଠେ ପଶିଛି । ବ୍ରାହ୍ମଣଙ୍କ ଭିତରେ କୁଳୀନ— ବା ସାଆଁନ୍ତ ଭଟ୍ଟମିଶ୍ର— ପ୍ରଥା, ତନ୍ତ୍ର ଓ ତାଂତ୍ରିକତାର ବୀଭତ୍ସତା, ଅବ୍ରାହ୍ମଣଙ୍କ ଭିତରେ ସହଜ-ପ୍ରେମ-ଧର୍ମ ଓ ଭଙ୍ଗା ବଙ୍ଗଳାଭାଷାରେ 'ରାଧେ-ଶ୍ୟାମ' ସଂକୀର୍ତ୍ତନ ପ୍ରଭୃତି ପରି, ଏଇ ପୁରିଆ ବିଷ୍ଣୁଙ୍କ ସର୍ପ-ବଶୀକରଣ-ସାଧନା । ଏଇସବୁ କଥାର ସୂଚନା ଦେଖି ପରେ ବଙ୍ଗାଳୀ ବୈଷ୍ଣବଙ୍କ ସଙ୍ଗେ ଏହା

Digitized by srujanika@gmail.com

ପଶିବ ବୋଲି ଶଂକା ଥିଲେ ସଂଲ ଅଚ୍ୟୁତାନନ୍ଦ ଭବିଷ୍ୟତବାଣୀରେ କହିଥିଲେ—

"ବ୍ରାହ୍ମଣେ ବେଦକୁ ପାଶୋରି ହେବେ ।
ଗାରେଡ଼ି ଅଭ୍ୟାସ କରିବେ ବଳେ ॥"

—ଛୟାଳିଶ ପଟଳ—୪୪—

ମାତ୍ର ଏବେ ବି ଏସବୁ ବୋଲାଙ୍କ ବଦଗ୍ୟା ! ବୁଝାଯାଇଛି, 'କାଉଁ-ସାଁ-ହାଉଁ', ସେଇ କେଳାଏ ବ୍ୟବହାର କରନ୍ତି । ସେଇମାନେ କୁହୁକ ଦେଖାନ୍ତି । ସେମାନେ ବଂଗୁ ଓଡ଼ଶୀ ହୁଅନ୍ତି । ସେମାନଙ୍କ ଭାଷା ଏବେ ବି ପୁରୁଣା ବଂଗଳା—ଚାରିଶ ବରଷର ହେବ । ଆଉ ଗୋଟିଏ କଥା । ବଂଗୀୟ ବୈଷ୍ଣବଙ୍କ ପରି ଏମାନଙ୍କର ମଧ୍ୟ ଜାତି ଭେଦ ନାଇ । ଏ ଜାତିଭେଦ ନ ଥିବାଟା ଅବଶ୍ୟ 'ଜଗନ୍ନାଥ'ର ମୈତ୍ରୀ-ଧର୍ମ ହୁଅନ୍ତେ । ବଂଗଳା ବୈଷ୍ଣବ, ମାତା କହି ପରି ଏମାନେ ଯେ କୌଣସି ଜାତିର ଯୁବତୀଙ୍କୁ ଭୁଲାଇ କରି (ବଶୀକରଣରେ ନଜର କରି) ସାଇତ କରନ୍ତି । କଥାରେ ଅଛି, ଅନେକେ ଶୁଣିଥିବେ, ଜଣେ କେଳା ଟଗୋଟିଏ ଶିଷ୍ଟ କୁଳର ବାଝି ବୋହୂକୁ ପୁଅହେବାପାଇଁ ଖଣ୍ଡେ ଚେର ଦେଇ ଯାଇଥିଲା, ମୁଣ୍ଡରେ ଖୋସିବାକୁ । ସେ ବୋହୂଟି ସେ ଚେର ଖଣ୍ଡିକୁ ଗୋଟିଏ ତାଳ ବରଡ଼ା ବନ୍ଧରେ ଗୁଳରେ ଖୋସି ଦେଇଥିଲା । ମନେ ନାଇ, ତାକୁ ନ କାଟି ମୁଣ୍ଡରେ ନ ଖୋସି ଶୋଇବାକୁ ଗୁଲିଗଲା । ଏଣେ ତାଳବରଡ଼ାଟି ଉଡ଼ି ଉଡ଼ି କେଳା ପାଖକୁ ଯାଇ ତା ପଛେ ପଛେ ଉଡ଼ି ଉଡ଼ି ଗୋଡ଼ାଇଲା । କେଳା ବଂଗୁ ଯେଉଁ ଯୁବତୀକୁ ନିଅନ୍ତି, ସେ ସମସ୍ତେ ଜାତିରେ କେଳା ହୋଇ ଯାଆନ୍ତି । ଅନ୍ୟ ଜାତିପରି କଥା ପଡ଼େ ନାଇ, କି ଜାତି ବିଷ ବିଚାର କରନ୍ତି ନାଇ । କେଳୁଣୀଏ ପୁଣି ଯେ ଜାତିରୁ ଅସିଥାନ୍ତୁ ନା କାହିଁକି, ସେମାନେ କୁହୁକିନୀ, ନର୍ତ୍ତକୀ ଓ ପ୍ରାୟଶଃ ସାଧାରଣୀ—ସ୍ୱାମୀ ବୋଲି ଜଣେ ଥିଲେ ମଧ୍ୟ ସେଥିରେ ସାଧାରଣତଃ ବାଧା ନ ଥାଏ । କାର୍ଯ୍ୟରେ ଏଇ କେଳାମାନେ ବଂଗାଳୀ ସହଜିଆ, ତାଂତ୍ରିକ ଓ ବୈଷ୍ଣବଙ୍କର ଗୋଟିଏ ସ୍ମାରକ ପ୍ରକାର ମାତ୍ର ।

Digitized by srujanika@gmail.com

# କେଳା-କେଳୁଣୀ ଓ ଶବର-ଶବରୁଣୀ

ଗ୍ରାମମାନଙ୍କରେ ଯେଉଁ ଯାତ୍ରା ହୁଏ, ସେଥିରେ କେତେ 'ସୁଆଙ୍ଗ' ବାହାରେ । ଏହି ସୁଆଙ୍ଗରେ ସମାଜର ଚଳଣି ଖୁବ୍ ପ୍ରକାଶ ପାଏ । ସେହି ଚଳଣିରେ ପରମ୍ପରାର ପ୍ରାଚୀନ ଚିହ୍ନସବୁ ଥାଏ । ଆମ ଗ୍ରାମମାନଙ୍କର ଯାତ୍ରାରେ 'କେଳା-କେଳୁଣୀ' ଓ 'ଶବର-ଶବରୁଣୀ' ସୁଆଙ୍ଗ ଅନେକେ ଦେଖିଥିବେ । କିଛି ଦିନ ଆଗେ ଏହା ଖୁବ୍ ଜୀବନ୍ତଭାବରେ ଦେଖାଯାଉଥିଲା । ଏବେ ସେ ସବୁ ଲୁଚି ଗୁଡ଼ି ଯାଉଛି । ତଥାପି ସେ ସବୁ ଅଛି । ମନ ଦେଇ ଦେଖିଲେ, ଦେଖାଯିବ, 'ଶବର-ଶବରୁଣୀ' ହେଉଛନ୍ତି ଆଦିମଯୁଗରେ ଏହି ଓଡ଼ିଶାର ବଣୁଆ ଜାତି । ଶବର, ଚଢେଇ ପ୍ରଭୃତି ମାରେ । ଶବରୁଣୀ, ଘରକାମ କରେ । ସେମାନଙ୍କ ଭିତରେ କଳିଲାଗେ । ଶବର, ଶବରୁଣୀକୁ ଓ ଶବରୁଣୀ, ଶବରକୁ ଗାଳିଦିଏ, ବଡ଼ ଗ୍ରାମ୍ୟ ଭର୍ତ୍ସନା କରେ । କିନ୍ତୁ ସେ ଗାଳି ଭର୍ତ୍ସନାରେ ଦାମ୍ପତ୍ୟ ଓ ଗୃହସ୍ଥତାର ଯେ ଚିହ୍ନ ପ୍ରକାଶ ପାଏ, ତା ସ୍ୱାଭାବିକ । ମାତ୍ର କେଳା, କେଳୁଣୀ ତା ନୁହନ୍ତି । କେଳାର ନିଜ ସ୍ଥାନ ବୋଲି କିଛି ନ ଥାଏ । କେଉଁଠି, ଅନ୍ୟ କୌଣସି ଜାଗାରୁ ଭୁଲାଇ କରି ଆଣି ହୋଇ ଥାଏ । ସେ ନାଚ ଦେଖାଇବା ପାଇଁ କୌଣସି ଜମିଦାର ବା ଧନୀଙ୍କ ଘର ପାଖେ ଆସ୍ତା ପାଇ ରହେ । କେବେ କେବେ ତା ଯୁବତୀ ଝିଅ ବି ତା ସଙ୍ଗେ ଥାଏ । କେଳୁଣୀ ଓ ତା ଝିଅ କେବେ କେବେ ଘରୁ ବାହାରି ଯାଇ, ଦିନେ, ଦୁଇଦିନ, କୁଆଡ଼େ ରହନ୍ତି । ଘରେ କଳିଲାଗେ । ସେଥିରେ ଅନ୍ୟସଙ୍ଗେ ବୁଲି ରହିବାର ପ୍ରକାଶ ପାଏ । ଗାଳିରେ ଉତ୍ତର ଦେଇ କେଳୁଣୀ ମଧ୍ୟ କେଳାର ଯେଉଁ ଦୋଷ ଖୋଲେ, ସେଥିରେ, ଅନ୍ୟ ନାରୀଙ୍କୁ ଭୁଲାଇ ଘରକୁ ଆଣିବା ଚେଷ୍ଟା କଥା ପ୍ରକାଶ ପଡ଼େ । କେଳୁଣୀ ମଧ୍ୟ କାହାର ଭୁଲକରି ଘରୁ ବାହାରି ଆସି କେଳୁଣୀ ହେଲା ତା ମଧ୍ୟ କେଳା କହେ । ସେମାନେ ଯେ ସ୍ଥାନେ ସ୍ଥାନେ ବୁଲି ଏହି ବ୍ୟବସାୟ ଓ ଚଳଣିରେ ରତ ଥାଆନ୍ତି, ତା ବି ସ୍ପଷ୍ଟ ହୁଏ । ଦୁଇ ସୁଆଙ୍ଗକୁ

Digitized by srujanika@gmail.com

ଗୀତ ଗୁଡ଼ିକ ଉଦ୍ଧାର କରି ଦେଲେ ହୁଏତ କଥାଟି ସ୍ପଷ୍ଟ ହୁଅନ୍ତା । ମାତ୍ର ତା କୌଣସି ପୁସ୍ତକାଦିରେ ନାହିଁ; ପୁଣି ସଂଗ୍ରହକରି ପ୍ରକାଶ କରିବାର ଅବକାଶ ଏଠି ନୁହେଁ । ଏଇ କଥା ଯେବେ ବିଶେଷ ଆଲୋଚନା କରିବାକୁ ମନ କଲେ, କେହି ତା କରିପାରନ୍ତି । ତାହାଙ୍କ ସାହିତ୍ୟର ବିକାଶ ଦେଖି ଦେଖାଇବା ପାଇଁ ତା ମଧ୍ୟ ଦରକାର ।

## ସର୍ପ-ପୂଜା ଓ ଜାଙ୍ଗୁଲୀ

ବଶୀକରଣର ନାନା ଇଷ୍ଟ ବୃଟି ମନ୍ତ୍ର ପ୍ରଭୃତି ଜାଣିବା ଭିତରେ ବେଳାଙ୍କ ପ୍ରଧାନ ବ୍ୟବସାୟ ହେଉଛି, ଅହିରାଜ, ନାଗ ପ୍ରଭୃତି ବିଷଧର ସାପଙ୍କୁ ବଶ କରିବା ଓ ଖେଳାଇବା । ବେଳାଙ୍କର ଗୋଟିଏ ନାମ ହେଉଛି, 'ଜାଙ୍ଗଳିକ', ଅର୍ଥାତ୍, ସର୍ପ-ବଶକାରୀ ବା ସର୍ପ-ବିଷ-ବୈଦ୍ୟ । ଏଇ ଜାଙ୍ଗଳିକ ଶବ୍ଦର ମୂଳ ହେଉଛି, 'ଜଂଗଲ' ବା ବଣ । ଏହା ବଂଗଳାର ଅଧମ ଅନାର୍ଯ୍ୟ ଶବ୍ଦ; ପରେ ସଂସ୍କୃତକୁ ଆସିଛି । ସେଇଥିରୁ ହୋଇଛି, ଇଂରେଜି ଶବ୍ଦ, ଜଂଗଲ ବା ଜଂଗଲ୍ । ଉତ୍ତର ବଂଗର ଓ ପୂର୍ବ ତଥା ନିମ୍ନ ବଂଗର ସନ୍ତସନ୍ତିଆ ଜଳ ଜମି ବା ଭୂମିରେ ଭାରି ବିଷାକ୍ତ ସାପ ଥାଆନ୍ତି । ଉତ୍ତର ବଂଗ ଓ ତିବ୍ବତ ଭିତରେ ଜଙ୍ଗଲରେ ଯେଉଁ ବାଟ, ସେ ବାଟେ ଯିବା ଆସିବାରେ ସର୍ପ-ଦଂଶନରେ ବହୁତଲୋକ ମରିଥିବା କଥା ବଂଗଳାର ବଜ୍ରଯାନ ବୌଦ୍ଧ ସାହିତ୍ୟରେ ଗୋଟିଏ ସାଧାରଣ କଥା । 'ଜଂଗଲ' କଥାଟି ହୁଏତ ସେଇ ଅଂଚଳର ଅଧମ ଭାଷାରୁ ସଂସ୍କୃତକୁ ଆସିଥିବ । ଏବେ ମଧ୍ୟ ବଂଗ ଦେଶର ନିମ୍ନଭୂମିରେ ସର୍ପ ଦଂଶନରେ ମୃତ୍ୟୁ, ବିଶେଷରେ ବର୍ଷା-କାଳରେ, ନିତ୍ୟ କଥା କହିଲେ ଚଳେ । ବଂଗ ଦେଶପରି ସର୍ପଭୟ ଆଉ କୁଆପି ନାହିଁ । ତେଣୁ କେବଳ ବଂଗ ଦେଶରେ ସର୍ବ ଶ୍ରେଣୀର ଲୋକଙ୍କ ଭିତରେ ସର୍ପପୂଜାର ପ୍ରସିଦ୍ଧି । ତାଙ୍କ ପରଂପରା ଓ ଲୋକ କଥାତ ଏଇ-ଥିରେ ପୂର୍ଣ୍ଣ । ଏଇ ସର୍ପ ଯେବେ ବଂଗଳାରେ ପୂଜା, ପର୍ବମାନ ଅଛି ।

Digitized by srujanika@gmail.com

ସେସବୁ ବଙ୍ଗାଳୀଙ୍କର ଜାତୀୟ ପୂଜା, ପର୍ବ । ସେଥିପାଇଁ ପର୍ବକଥା ଓ କିଂବଦନ୍ତୀମାନ ଲୋକଙ୍କରେ ବହୁତ ଚଳେ । ବଙ୍ଗାଳୀ ତନ୍ତ୍ରରେ ମଧ୍ୟ ସର୍ବେଶ୍ୱରୀ, 'ଜାଙ୍ଗୁଳୀ' ଦେବୀଙ୍କ ସାଧନା ଏଠି ବିଶେଷରେ ସ୍ମରଣୀୟ । ଓଡ଼ିଶାରେ ସର୍ପଭୟ ସେତେ ନଥିଲା, କି ଶୁଣି ସର୍ପପୂଜା । କେବେ ସେପରି ଦରକାର ପଡ଼ିନାହିଁ । କିନ୍ତୁ ଆଦାନ ପ୍ରଦାନର ପ୍ରଭାବରେ ସମାଜ ଉପରେ ଅସୁନ୍ଦର ଓ ଅଦ୍ଭୁତକର ଜିନିଷସବୁ ବୃଥାରେ ଚଳଣି କରିବସେ ଓ କିଛି ନ ବୁଝି, ନ ବିଚାରି, ବଙ୍ଗଳାରେ ଓଡ଼ିଶା ଉପରେ ପ୍ରଭାବିତ ହୋଇଛି, ତାକୁ ସୂକ୍ଷ୍ମ ଭ୍ରମଣ କରି ଦେଖିବାର ଗୋଟିଏ ସୁନ୍ଦର ଦୃଷ୍ଟାନ୍ତ ହେଉଛି, ଏଇ ସର୍ପପୂଜା ଓ ଜାଙ୍ଗୁଳୀ । ଅବଶ୍ୟ ସୁଅଦିଆ ତନ୍ତ୍ରର ମୃଣ୍ମୟୀ ଦେବୀ-ପୂଜା ଓ ବଙ୍ଗାଳୀ ବୈଷ୍ଣବ ଧର୍ମ ପରି ଲୋକଙ୍କୁ ଭୁଲାଇ ଲୋଭାଇବାର ଜିନିଷ ଏଥିରେ କିଛି ନାହିଁ; ପୁଣି ଜନ୍ମିବାଡ଼ ଖଂଜି କାଳୀପୂଜାର ଖେଚେଡ଼ୀ ମାଉଁସ ତିଅଣ ପ୍ରଭୃତି ଯେତେ ଏହାକୁ ଘୂରାଇ ନ ଥିଲେ, ଏହା ହୁଏତ ଆଦୌ ପଶି ନ ଥାନ୍ତା । ତଥାପି ଏଇ ସାମାନ୍ୟ କଥାଟିରୁ ଜଣାପଡ଼ିବ, କେଳା, କୁହୁକ, ବଶୀକରଣ ପ୍ରଭୃତିର ଜଡ଼, ବୁଦ୍ଧି ସାଧନା ଓ ଧର୍ମ ନାମରେ ସ୍ୱଚ୍ଛନ୍ଦ ଇନ୍ଦ୍ରିୟ ସେବାର ଚଳଣି, ପ୍ରଭୃତି ବଙ୍ଗଳା ଆଡୁ ଓଡ଼ି-ଶାର ଶୁଦ୍ଧ ସାମାଜିକ ସଭ୍ୟତାକୁ ଉପରି ପ୍ରଭାବିତ କରିଥିବ; ପୁଣି ସେ ପ୍ରଭାବ ତେଜିବାରେ ଓଡ଼ିଆ ମନସ୍ୱୀ ବୀରମାନେ କି ଦୁଃଖରେ କାଳେ କାଳେ ସମାଜ ଓ ଧର୍ମ ସମ୍ଭାଳି ଥିବେ ।

## ଜାଗୁଳେଇ

ପରାଧୀନ ଓଡ଼ିଶାରେ ପୁରୀରେ ବଙ୍ଗାଳୀଙ୍କ ପ୍ରଭାବ ବଢ଼ିଲାବେଳେ 'ଜାଙ୍ଗୁଳୀ' ପୁରୀ ପାଖ ସାମାନ୍ୟ କେତେକ ଶାସନ ବ୍ରାହ୍ମଣଙ୍କ ଭିତରେ ପଶିଥିଲେ । ଜାଙ୍ଗୁଳୀ ନାମଟି ଏଠି ଜଣାନ୍ତି ନାହିଁ. କି କହନ୍ତି ନାହିଁ; 'ଜାଗୁଳେଇ' ବୋଲି କହନ୍ତି । ସତ୍ୟବାଦୀ ଓ ପୁରୀ ମଝିରେ ଯେଉଁଠି ଜଗନ୍ନାଥ ସଡ଼କକୁ ରେଳ ସଡ଼କ କାଟିଛି, ତାର ପାଖେ ପ୍ରାୟ ଦୁଇଶହ

Digitized by srujanika@gmail.com

ବର୍ଷକରେ କେତେକ ବଙ୍ଗାଳୀ ଆସି 'ସମସ୍ତିକପୁର' ଗ୍ରାମରେ ବସତି କରି-ଥିଲେ । ସେମାନଙ୍କ ବଂଶଧରମାନେ ଏବେ ସେହି ଆଖ ପାଖ କେତେକ ଗ୍ରାମରେ ଅଛନ୍ତି । 'କାଳୀ-ପୂଜା' ପାଇଁ ସେମାନେ ଜମି ଖଂଜିଥିଲେ। ତେଣୁ ନିକଟବର୍ତ୍ତୀ ବୀରପ୍ରତାପପୁର, ବୀରଗୋବିନ୍ଦପୁରରେ ଏବେ ମଧ୍ୟ କାର୍ତ୍ତିକ ଅମାବାସ୍ୟାରେ କାଳୀପୂଜାର ବିଶେଷ ଘଟାହୁଏ । ସେଥିରେ ପଶୁବଳି ଦିଆହୁଏ । ସେହି ବଂଗାଳୀମାନେ ଏ ପୂଜାର ପୂଜକ ଓ ଅଧିକାରୀ । ଦେଖିବାର କଥା, ଅନ୍ୟ କୌଣସି ବ୍ରାହ୍ମଣ ଶାସନ ବା ଓଡ଼ିଶାର ଅନ୍ୟ କୌଣସି ଗ୍ରାମରେ ଏ ପର୍ବ ବା ଏ ପୂଜା ହୁଏ ନାହିଁ । ବଂଗଳାର ତାନ୍ତ୍ରିକମାନଙ୍କ ପ୍ରଭାବରେ ପୁରୀର ଶାସନମାନଙ୍କ ଭିତରେ ଅଶ୍ୱିନର ଦେବୀପୂଜା, ପଶୁବଳି ପ୍ରଭୃତି ପଶିଥିଲେ ମଧ୍ୟ, ପୁଣ୍ୟମାସ କାର୍ତ୍ତିକରେ ଓଡ଼ିଶାରେ କୌଣସି ଠାରେ ଦେବୀଙ୍କ ପାଖେ ବଳି ପଡ଼େ ନାହିଁ । ସେ ଯା ହେଉ, କୁହାଯାଉଥିଲା, ଜାଂଗୁଲୀ ବା ଜାଗୁଲେଇଙ୍କ କଥା । ଏ ପର୍ବ, ସେହି ବଙ୍ଗାଳୀଙ୍କ ପ୍ରଭାବରେ ମାଙ୍କ ସେଇ ବୀରଗୋବିନ୍ଦପୁର, ବୀର-ପ୍ରତାପପୁର ପୁଣି ବୀର ନରସିଂହପୁର, ବିଶ୍ୱନାଥପୁର, ବୀର ରାମଚନ୍ଦ୍ରପୁର ପରି କେତେକ ଗାଁରେ ହୁଏ । ବର୍ଷାକାଳରେ ସାପଭୟ । ଏ ପର୍ବ ମଧ୍ୟ ଘୋର ବର୍ଷାଦିନେ ଶ୍ରାବଣ ଶୁକ୍ଳ ପଞ୍ଚମୀ ଦିନ ପଡ଼େ । ବଙ୍ଗଳାରେ କିନ୍ତୁ ଏହି ସର୍ପପୂଜା ବା 'ମନସା-ପୂଜା' ହୁଏ ଶ୍ରାବଣ କୃଷ୍ଣ ପଞ୍ଚମୀଦିନ । ଏହା ସେଠା ଜାଂଗୁଲୀ-ପୂଜାରୁ ଗଢ଼ି ଆସିଛି । ଓଡ଼ିଶା ଲୋକେ ଅବଶ୍ୟ ଜାଂଗୁଲୀ ଦେବୀଙ୍କ କଥା ଜାଣନ୍ତି ନାହିଁ । ସେମାନେ କେହି କେହି ଏହାକୁ ସସ୍ତୁତର ଅଡ଼ମ୍ବରରେ କହନ୍ତି, 'ଜାଗ୍ରଦ୍‌ଗୌରୀ' । ଏହିମାସ କୃଷ୍ଣ ପଞ୍ଚମୀରେ ବଂଗଦେଶରେ ହୁଏ, 'ଅଷ୍ଟନାଗ' ପୂଜା ଓ 'ମନସା' ପୂଜା । ବଂଗଳାରେ ସର୍ପ-ଦେବୀଙ୍କ ବଡ଼ ପ୍ରିୟ ହେଉଛି, 'ମନସା' ବା ପଣସିଝୁ, (ଯେଉଁ ସିଝୁ ଡେଳ ଗୁଡ୍‌ ଖାଆନ୍ତି; ସେଥିରେ କାଠରେ ବଣ୍ଟା ଥାଏ ଓ ଲମ୍ବା ପତ୍ର ଥାଏ) । ଓଡ଼ିଆ ପାଞ୍ଜିରେ ମଧ୍ୟ ବଂଗଳାର ଅନୁକରଣରେ ଭାଦ୍ର ଶୁକ୍ଳ ପଞ୍ଚମୀଦିନ ମନସା ପୂଜା ବା ନାଗପୂଜା ବୋଲି ବଡ଼ ଅକ୍ଷରରେ ଲେଖା ଥାଏ । ବଙ୍ଗଳାର କୃଷ୍ଣ ପଞ୍ଚମୀର ପର୍ବଟି ଓଡ଼ିଶାକୁ ଆସି କାହିଁକି

Digitized by srujanika@gmail.com

ଶୁକ୍ଳପଞ୍ଚମୀକୁ ଧରଇ, କହ ହେଉ ନାହିଁ । ହୁଏତ ଏଟି ବର୍ଷାକାଳ ହିଁବା ପରେ ହେଉ ଥିବାରୁ ଓ ବଙ୍ଗଳାପରି ସାପ ଭୟ ସେତେ ନ ଥିବାରୁ ଏହା ହୋଇନ । ପୁଣି 'ଜାଗଦ୍‌ଗୌରୀ' ନାମ ଦେଇ ଯେତେ ସଂସ୍କୃତ କଲେ ମଧ୍ୟ, ପର୍ବଟି ସ୍ମାର୍ତ୍ତ ବା ସଂସ୍କୃତ ହୋଇ ନାହିଁ । ଏ ପର୍ବରେ ଗ୍ରାମର ଭଣ୍ଡାରି ବା ଭଣ୍ଡାରୁଣୀ ଓଦା ମାଟିରେ କୁମ୍ଭାରଘରୁ ଗୋଟିଏ ମୂର୍ତ୍ତି ଗଢ଼ାଇ ଆଣି, ଗଉଣି ବା ବାଉଁଶିଆରେ ତାକୁ ମୁଣ୍ଡାଇ, ବ୍ରାହ୍ମଣଙ୍କ ଦ୍ୱାରେ ଦ୍ୱାରେ ସଂଗୃହ୍ଣ ଭୋଗ ଲଗାଏ ଓ ଦିନେ ବା ଦୁଇ ଦିନ ପରେ ସବୁ ଦ୍ୱାର ସାରି ମୂର୍ତ୍ତିଟିକୁ ପାଣିରେ ଫିଙ୍ଗିଦିଏ । ଏ ମୂର୍ତ୍ତିଟି ମୁଣ୍ଡରେ ସାପ ଫେଣାମନ ଓ ମୂର୍ଦ୍ଧ୍ୱରେ ତିନୋଟି ଆଖି—ଏସବୁ ସବୁ ଯଥା ସମ୍ଭବ, ବଜ୍ରଯାନ ତନ୍ତ୍ରର ଜାଙ୍ଗୁଲୀ-ଧ୍ୟାନ ଅନୁସାରେ କରି ହୋଇଥାଏ (ସାଧନମାଳା-୧୧୬ ସାଧନ ଠାରୁ ଦେଖ ।)

## ମାଟିମୂର୍ତ୍ତି— ବଂଗାଳୀ ରୀତି

ଏଟି ଲକ୍ଷ୍ୟ କରିବାର ଅଛି, ମାଟିରେ ଦେବୀମୂର୍ତ୍ତି ଗଢ଼ି, ତାକୁ ବିଧିମତେ ପୂଜା ଦେଇ, ପରେ ପାଣିରେ ବିସର୍ଜନ କରିବା କେବଳ ବଂଗଳାରେ ହୁଏ । ଅନ୍ୟତ୍ର ଏ ବିଧି ବା ଯାତ ନାହିଁ । ପୁରୀର ଅଶ୍ୱିନ ପର୍ବର 'ଗୋସାଣି-ଯାତ' ଓ ଓଡ଼ିଶାର ଅନ୍ୟାନ୍ୟ କେତେକ ସହରର ଦେବୀଯାତ ଏବେ ବଂଗଳାରୁ ଆସିଛି । ପୂର୍ବେ ଓଡ଼ିଶାରେ ଏହା ଜଣାପଡ଼ି ନଥିଲା । ଏବେ ମଧ୍ୟ ଓଡ଼ିଶାର ଗ୍ରାମରେ ଏହା ପଶିନାହିଁ । ବଂଗଳାରେ ଏହା କେଂଦ୍ର ସବୁ ଗ୍ରାମରେ ହୁଏ । କାଳୀପୂଜା ବା ଶ୍ୟାମା ପୂଜା, ସରସ୍ୱତୀ ପୂଜା—ସବୁ ବଂଗଳାରେ ଏଇ ବିଧି ଓ ଯାତ । ଆମ ପୁରୀ ପାଖ ଗାଁଆ କେତୋଟିରେ ଝାଙ୍କୁଲେଇ ପଞ୍ଚମୀରେ ଯେଉଁ ମାଟି ମୂର୍ତ୍ତି ହୁଏ, ସେଥିରେ ବଂଗରୁ ଆଉ ଗୋଟିଏ ବିଶେଷ କଥା ଅଛି । ଏଥିରେ ମାଟିମୂର୍ତ୍ତିଟି ବଂଗର ଭା ଓଦା ଥାଇ ପୂଜା ପାଏ । ସେଇ ଓଦା ମାଟି ପାଣିରେ ପଡ଼େ । ଭଣ୍ଡାରୀ ବା ଭଣ୍ଡାରୁଣୀ ତା ସବୁ କରେ । ବଂଗଳାର ବଜ୍ରଯାନ-ତନ୍ତ୍ର-ସାଧନାରେ ସର୍ପ-

Digitized by srujanika@gmail.com

ବିଷ-ନାଶପାଇଁ ଜାଂଗୁଲୀ-ମନ୍ତ୍ର ସାଧନାର ବିବରଣ ଅଛି । ସେଥିରେ ଠାଏ ହିମାଳୟର ଉତ୍ତର ପାଖେ ଗନ୍ଧମାଦନ ପର୍ବତର ତଟ ଭୂମିରେ ଏଇ ଜାଂଗୁଲୀଙ୍କ ସ୍ଥାନ ଲେଖା କରାହୋଇଛି (ସାଧନ ମାଳା -ପୃ ୨୪୮)। ସମ୍ଭବତଃ ଏହା ଆଦିମ କିରାତ ଜାତିରୁ ଆସିଛି । ଜାଂଗୁଲୀଙ୍କୁ ପୁଣି 'ଜୈବର କୁମାରୀ' ବୋଲି ସମ୍ବୋଧନ କରା ହୋଇଛି ( ଏଜନ୍- ପୃ ୨୪୬) । ପୁଣି ଅନ୍ୟତ୍ର ଜାଂଗୁଲୀର 'ହୃଦୟ-କଳ୍ପ' କହିଲି କେଳେ କୁହାଯାଇ ଅଛି, ସାପ ବିଷ ଝାଡିବାରେ ଓଦା ମାଟିରେ ସର୍ପାକାର ଧାରଣୀ ତିଆରି କରି ଲଗାଇବ (ଏଜନ୍-ପୃ-୨୫୧) । ଏପରି ଓଦାମାଟିର ମୂର୍ତ୍ତି ଅନ୍ୟତନ୍ତ୍ର ସାଧନାରେ ଦେଖାଯାଏ ନାଇ । ପୁଣି ଏଇ ଜାଂଗୁଲୀ ସାଧନାରେ ଅଛି, ନିଜେ ଧ୍ୟାନରେ ନିଜକୁ ଜାଂଗୁଲୀ ବୋଲି ବିଚାରି ମନ୍ତ୍ର ସାଧିବ । ଏପରି, ଧ୍ୟାନରେ ନିଜକୁ ଦେବୀ ବୋଲି ଭାବିବା ମଧ୍ୟ ଅନ୍ୟତ୍ର ନାଇ । ଅବଶ୍ୟ ଠିକ କୁହାଯାଇ ପାରୁ ନାଇ । ମାତ୍ର ମନେ ହୁଏ, ଏହା ଗୋଟିଏ କିରାତ ଓ ଶବର ବିଧି । ସେଇ ଜାତିର ମାଇପେ ପ୍ରଥମେ ସାପର କଂଗୃମାଟି ମୂର୍ତ୍ତି ଗଢ଼ି ପୂଜା କରୁଥିଲେ । ସେଇଥିରୁ ଜାଂଗୁଳୀ ବା ଜାଗୁଲେଇ, ପରଂପରାରେ ଗଢ଼ି ଆସିଛନ୍ତି ଓ ଓଡ଼ିଶାରେ ମଧ୍ୟ ଶେଷକୁ ପଶିବାର ଉଦ୍ୟମ କରିଛନ୍ତି ।

## ରକ୍ଷା ପଞ୍ଚମୀ ବା ରେଖା ପଞ୍ଚମୀ

ଏପରି ଜାଂଗୁଳୀ-ସାଧନା ଓ ମନସା-ପୂଜା ନଥିଲେ ମଧ୍ୟ ସର୍ପ ପୂଜା ଭାରତରେ ନଥିଲି, ନୁହେ । ଏହା ଦ୍ରାବିଡ଼ମାନଙ୍କ ଭିତରେ ଖୁବ୍ ଥିଲି । ବୈଦିକ କାଳରେ ସର୍ପ-ପୂଜକ ଅନାର୍ଯ ଥିଲେ । ପୂର୍ବେ ନାଗବଂଶୀ ରାଜାମାନେ ଥିଲେ । ତେଣୁ ପୁରାଣରେ ବାସୁକି, ନାଗକନ୍ୟା ପ୍ରଭୃତି ଅଛନ୍ତି । ଯୁଆଡୁ, କିପରି ଆସିଛି, କହି ହେଉ ନାଇ । ମାତ୍ର ଓଡ଼ିଶାର କେତେକ ବ୍ରାହ୍ମଣଙ୍କ ଭିତରେ ଭାଦ୍ର କୃଷ୍ଣ ପଞ୍ଚମୀରେ 'ରେଖା-ପଞ୍ଚମୀ' ବା 'ରକ୍ଷା-ପଞ୍ଚମୀ' ପର୍ବ ହୁଏ । ସେଥିରେ କାଉ, ସାପ, ବ୍ୟାଧି ଓ ବିଘ୍ନ ପ୍ରଭୃତିକୁ

Digitized by srujanika@gmail.com

ରକ୍ଷା ପାଇବା ପାଇଁ ଗଣେଶ, ମହାଦେବ ଓ ଭୈରବଙ୍କ ସ୍ତବ ଦୁଆରେ ଲେଖି ପୂଜାକରାଯାଏ । ପୂଜାଟିର ନାମ ଭୈରବ-ପୂଜା । ଏଇ ନାମଟିରେ ବାଂଲୁ ବାଂଗଳା-ତନ୍ତ୍ର ପ୍ରଭାବ ସ୍ପଷ୍ଟ । ଏ ପର୍ବ ପୁଣି ଓଡ଼ିଶାରେ କେବଳ କେତେକ ବ୍ରାହ୍ମଣଙ୍କ ଘରେ ମାତ୍ର ଅଛି । ପରଂପରାରେ ଅଛି, ସାମବେଦୀ 'ନନ୍ଦ'ମାନେ କାଶୀରୁ ଆସି ଓଡ଼ିଶାରେ 'ସାମନ୍ତ' ହୋଇଥିଲେ । ସେମାନେ ଏ ପର୍ବ କରନ୍ତି ନାଇ, କି କୌଣସି ସାମବେଦୀ ବ୍ରାହ୍ମଣଙ୍କ ଘରେ ଏ ପର୍ବ ନାଇ । ଏ ପର୍ବରେ ସସ୍କୃତରେ ସ୍ମାରକ ମନ୍ତ୍ର ଲେଖି ଗଳାରେ ବାନ୍ଧି ଦିଆଯାଏ—

ଓଁ ଘଣ୍ଟାକର୍ଣ୍ଣ ମହାବୀର
ସର୍ବବ୍ୟାଧି ନିବାରଣ
ସର୍ବୋପଦ୍ରବ-ସଂଘାତ-
ବିଦ୍ରାବଣ ହର ହ୍ରୀଂ । (ଗଣେଶ)
କଣ୍ଠେ ଯସ୍ୟ ମହାକାଳ
ଭୂଷଣଂ ଯସ୍ୟ ପନ୍ନଗାଃ
ତେଜାଂସି ତସ୍ୟ ଦେବସ୍ୟ
ରକ୍ଷନ୍ତୁ ମମ ମନ୍ଦିରଂ । (ମହାଦେବ)
ଯେନ ବଦ୍ଧୋ ବଳୀ ରାଜା
ଦାନବେନ୍ଦ୍ରୋ ମହାସୁରଃ
ତେନ ତ୍ୱା ମପି ବଧ୍ନାମି
ରକ୍ଷା ମାଚଳ ମାଚଳ । (ବାନ୍ଧିବା ମନ୍ତ୍ର) ।

ଇତ୍ୟାଦି ।

ଏଥିରେ ମଧ୍ୟ ମହାଦେବଙ୍କ ବିଷପାନ ଓ ସାପ-ଭୂଷଣ ପ୍ରତି ଲକ୍ଷ୍ୟ କରି ତାଙ୍କୁ ଘର ରକ୍ଷା କରିବା ପାଇଁ ଡକା ହୋଇଛି । ପୁଣି ସନ୍ଧ୍ୟାରୁ ଦ୍ୱାର ପୂଜା ସାରି ଏ ପର୍ବରେ ବାଘ ପାଇଁ ପିଠା ନାଏ ବାହାରକୁ ଫୋପାଡ଼ି

Digitized by srujanika@gmail.com

ଦେଇ ବୁଅର ବଳି ଦେବାକୁ ହୁଏ । ଏହା ମଧ୍ୟ ବର୍ଷାକାଳରେ ଜ ଟୁକେଇ ପଞ୍ଚମୀର ପନ୍ଦର ଦିନ ପରେ ହୁଏ । କିନ୍ତୁ ଏହା 'ଜାଗୁଲେଇ' ପଟଂଠାରୁ ଭିନ୍ନ । ମୂଳରୁ ବସ୍ତୁ ବଂଗାଳୀ-ବା ·ପ୍ରାକୃତ-ଶବ୍ଦ ଥିଲେ ମଧ୍ୟ, ଏହା ସଂସ୍କୃତ ଓ ଅପଭ୍ରଂଶ ଶବ୍ଦରେ ରୂପାନ୍ତରିତ ହୋଇ ଯାଇଛି । ଏଥିରେ ସ୍ଥାନୀୟତା ନାଇ ବା ଏହା ପକ୍ଷରେ ଜାଂଗୁଲୀ-ତଂନ୍ତ୍ର ସାଧନା ପରି କିଛି ବିଶେଷ ଥିଲା ପରି ମନେ ହୁଏ ନାଇ । ଏହା ସାପବିଷ ଝାଡ଼ିବାର କେଳା-ବିଦ୍ୟା ନୁହେଁ । ଜାଂଗୁଳୀସାଧନାଟି ସ୍ପଷ୍ଟ କେଳା ବିଦ୍ୟା ।

## ପାଲା

ଆମ ଲୋକକଥା ଓ ଆଖ୍ୟାନ ପରଂପରାର 'ମାଲୁଣୀ', 'ଛାର କରେଇ ପାର କରେଇ', ଧୂଳି ଫିଙ୍ଗି ଅସୁରଙ୍କର ଗଡ଼କେ ଗଢ଼େ ନେଇ ଯିବା, ସ୍ତ୍ରୀ ମନୁଷ୍ୟ, ଘରଦ୍ୱାରବେଳେ, ମାଛି ହେବ, ବାଘ ହେବା, ଗଛ ହେବା ପ୍ରଭୃତି ଅଦ୍ଭୁତ କ୍ରିୟାମାନ ଅନେକ ପୁଣି ଆସିଛି, ସେଇ ବଂଗଆଡ଼ୁ ମୁସଲମାନ କାଳରେ ପାଲା ସଙ୍ଗେ । ଏବେ ବଂଗୀୟ ମୁସଲମାନମାନେ ଶାକ୍ତ ବିଦ୍ୟା ଓ ସହଜିଆ ଧର୍ମ ବା ସେଇ ଅନୁକ୍ରମେ ପରକୀୟା ପ୍ରେମର ସାଧନାରେ ବଢ଼ିଥିଲେ । ସେମାନେ ସେଇ ସମାଜର ନାହ୍ଵାଦ ଥିଲେ । ବରଂ ସ୍ୱର୍ଗତ ଦୀନେଶଚନ୍ଦ୍ର ସେନଙ୍କ କଥାରେ କୁହାଯାଇ ପାରେ, ସହଜିଆ ଧର୍ମୀ ବଂଗାଳୀଏ ହିନ୍ଦୁ ସମାଜରେ ଗୌରବ ଓ ସ୍ଥାନ ନ ପାଇ ଚୈତନ୍ୟଙ୍କ ଠିକ୍ ପରେ ଯେପରି ଶହ ଶହ ହଜାର ହଜାର ସଂଖ୍ୟାରେ ବୈଷ୍ଣବ ହୋଇ ଯାଇଥିଲେ, ସେଇପରି ସହଜିଆ ସାଧନା ଓ ପରକୀୟା ପ୍ରେମର ଫଳାଫଳ ଓ ନିନ୍ଦା ଦୁର୍ଗତି ଘୋଡ଼ାଇ ସମାଜରେ ସ୍ଥାନ ପାଇବା ପାଇଁ ପରେ ମୁସଲମାନ ମଧ୍ୟ ହୋଇଥିଲେ । ଏଇ ମୁସଲମାନମାନେ ଅଧିକାଂଶ ନିମ୍ନ ଶ୍ରେଣୀର ହିନ୍ଦୁ ଥିଲେ । କାରଣ, ଏଇ ନିମ୍ନ ଶ୍ରେଣୀର ହିନ୍ଦୁଙ୍କ ଭିତରେ ଉପର ଶ୍ରେଣୀର ଲୋକେ ସହଜିଆ ଚଳଣି ଖୁବ୍ ଚଳାଉ ଥିଲେ । ସହଜିଆଙ୍କ ସାଧନାରେ 'ଡୋମ୍ବୀ' (ଡୋମଣୀ), 'ଚଣ୍ଡାଳୀ', 'ବଂଗାଳୀ'

Digitized by srujanika@gmail.com

( ବଙ୍ଗାଳୁଣୀ—ଏକ ପୂର୍ବ ଓ ଉତ୍ତର ବଙ୍ଗକୁ ବଙ୍ଗ କହୁଥିଲେ ) 'ଶଙ୍ଖରୀ' ପ୍ରଭୃତି ନାମ ସୁପରିଚିତ । ପୁଣି ସେହି ସହଜିଆ ପନ୍ଥାକୁ ଯାହାରିଥିବା ପରବର୍ତ୍ତୀ ତନ୍ତ୍ରରେ 'ଗୃଣ୍ଠାଳୀ' 'ଚର୍ମକାରୀ' ( ଚମାରୁଣୀ ) 'ରଜକୀ' ( ଧୋବଣୀ ) 'ସୁକ୍‌କସୀ' ( ଶବରୁଣୀ, ବାଉରୁଣୀ, ହାଡ଼ିଆଣୀ ) ପ୍ରଭୃତିଙ୍କୁ ଧରି ସାଧନା କରିବା କଥା ମଧ୍ୟ ଏଠି ସ୍ମରଣୀୟ । ଏଠି ଜଣାଏ ନେଡ଼ାର ଅନ୍ଥ, ସହଜିଆର ସ୍ୱେଚ୍ଛାଚାର, ବୈଷ୍ଣବର ପରକୀୟା-ରତି, ତାଂତ୍ରିକର ପଞ୍ଚ-ମ-କାର ଓ ସ୍ୱେଚ୍ଛା ବିହାର ପ୍ରଭୃତିରେ ଯଥାର୍ଥ ବୈ-ଶ୍ରୀ ବା ନିଃସଙ୍ଗ-ମାନବ-ପ୍ରୀତିର ଯଥାର୍ଥ ଗୌରବ ନାହିଁ; ତଳଣିରେ ସାମ୍ୟର ମାର୍ଜିତ ଶୃଂଖଳା ନାହିଁ, ତେଣୁ ଆତ୍ମ-ବିକାଶର ବଳିଷ୍ଠତା ନାହିଁ । ତେଣୁ ସ୍ୱେଚ୍ଛାରେ ଓ ସହଜରେ ଯେତେ ଭାରତର କୌଣସିଠାରେ ବେଶି ଲୋକେ ମୁସଲମାନ ହୋଇଥାନ୍ତି, ତା ହୋଇଛି, କେବଳ ବଙ୍ଗ ଦେଶରେ । ତଥାପି ବଙ୍ଗାଳୀ ସହଜିଆଙ୍କ ପୂର୍ବପୁରୁଷମାନେ ତାଂତ୍ରିକ ହୋଇ ପଞ୍ଚ-ମ-କାର ଓ କୁଳୀନର ମାତ୍ସ୍ୟ କହୁ ଶିବାହକୁ ସମାଜର ଶ୍ରେଷ୍ଠ ଚଳଣି କଲାପରି, ସେହି ସହଜିଆ-ମାନେ ପୁଣି ପରେ ବୈଷ୍ଣବ ହୋଇ ଗଢ଼ ଗଢ଼ ତତ୍ତ୍ୱ କଥାରେ ଘୋଡ଼ାଇ ପରକୀୟାପ୍ରେମ ଓ ବାବାଜୀ-ମାତା-ଲୀଳା ଅଚରଣ କଲାପରି, ବଙ୍ଗଳାର ମୁସଲମାନମାନେ ବସ୍ତୁତଃ ଓ କାର୍ଯ୍ୟତଃ ବଙ୍ଗାଳୀ ଛଡ଼ା ଆଉ କିଛି ହୋଇ ନାହାନ୍ତି । ହେଲେହେଁ, ତାଙ୍କୁ ହିନ୍ଦୁ କରିବାର ଉଦ୍ୟମ ସଫଳ ହେଉନାହିଁ; ସମ୍ଭବତଃ, ହେବାର ନୁହେଁ । କାରଣ, ଆଚରଣରେ ସବୁ ପୂର୍ବ ସ୍ୱାଚ୍ଛନ୍ଦ୍ୟ ସେହିପରି ରଖି ସାମାଜିକ ଗୌରବ ନିମନ୍ତେ ସେ ମୁସଲମାନ ହୋଇଥାନ୍ତି । ଚୈତନ୍ୟଙ୍କ ପରି ମହାପୁରୁଷମାନେ ବି ଏ କେତେବେଳେ ଗୋଟାଏ ମୁସଲମାନଙ୍କୁ ଧର୍ମରେ ଆପଣାର କରି ପାରିଥିଲେ ବୋଲି ବହୁ ଗାଥାପୂର୍ଣ୍ଣ ଓ ପରିତ୍ରଗ୍ରନ୍ଥର ଶୁଣାଯାଏ । ମାତ୍ର ସମାଜ ହିସାବରେ ତାହାର ଅର୍ଥ କିଛି ନାହିଁ । ଧର୍ମର ଆଚରଣରେ ବଙ୍ଗାଳୀ ମୁସଲମାନ କେବେ ଅଲଗା ହୋଇ ନାହାନ୍ତି । 'ବଙ୍ଗ ସାହିତ୍ୟ ପରିଚୟ' ପୁସ୍ତକର ଗ୍ରନ୍ଥକାର ଲେଖିଛନ୍ତି, ୧୬୧୨ ଖ୍ରୀଷ୍ଟାବ୍ଦରେ ବୈଷ୍ଣବ

Digitized by srujanika@gmail.com

ସମାଜର ତତ୍‌କାଳୀନ ନେତାମାନେ ନବାବ୍ ଅଲ୍ଲବର୍ଦ୍ଦିଖାଁଙ୍କ ଅଟେ ସେଇ ଅଲ୍ଲବର୍ଦ୍ଦିଖାଁଙ୍କ ପ୍ରଧାନ କର୍ମସଚିବଙ୍କ ମଧ୍ୟବର୍ତ୍ତିତାରେ ପ୍ରକାଶ୍ୟ ସଭାରେ ବଙ୍ଗର ଜବ 'ସ୍ୱକୀୟା' ଠାରୁ 'ପରକୀୟା' ଶ୍ରେଷ୍ଠ ବୋଲି ମତକୁ ଗ୍ରହଣ କରିବା ପାଇଁ ଥିଲେ । ଏହି ସବୁ ଓ ସିଦ୍ଧାନ୍ତର ମୂଳ ଦାର୍ଶନିକ ତୈତନ୍ୟ । ପୁଣି ବଙ୍ଗଳା ସାହିତ୍ୟ ପଦମାନଙ୍କରେ ବେଳେ ବେଳେ ଦେଖି-ବାକୁ ମିଳେ—

ହିନ୍ଦୁ-ମୁସଲ୍‌ମାନର ଅଭିନ୍ନ-ଭାବକୁ ଲକ୍ଷ୍ୟକରି,

"ହିନ୍ଦୁ ଆଉ ମୁସଲ୍‌ମାନ୍ ଏକଇ ପିଣ୍ଡେର ଦଣ୍ଡ,
କେହ ବଲେ ଅଲ୍ଲା ରସୁଲ୍ କେହ ବଲେ ହରି ।"

ପୁଣି ଧର୍ମ-ସମନ୍ୱୟକୁ ଲକ୍ଷ୍ୟ କରି,

"ମକ୍‌କା ମଦନ ବୃନ୍ଦାବନ କାଶୀ ଗୟା ଥାନ୍"
"ସୀତା ଶକ୍ତି ( ସତୀ ) ମାକେ ମାନି, ରଘୁନାଥ ଗୋସାଇଁ ।"

ଅଥବା 'ଜଗନ୍ନାଥ ଦେଉଳ' ସମ୍ବନ୍ଧେ,

"ବନ୍ଦ ଠାକୁର୍ ଜଗନ୍ନାଥ୍,
ଭେଦ ନାଇ, ବିଗ୍ରହ ନାଇ, ତାହାରେ ବିକାୟେ ଭାତ୍ ।
ଚଣ୍ଡାଳେ ରାନ୍ଧେ ଭାତ୍, ବ୍ରାହ୍ମଣେତେ ଖାୟ୍,
ଏମନ୍ ପୁଣ୍ୟ ଦେଶ୍ ଜାତ୍ ନାଇ ଯାୟ୍ ।
ଭାତ୍ ଲଇୟା ତାର୍ ମୁଣ୍ଡେ ମୁଛେ ହାତ୍,
ସେ କାରଣ ରଖିଛେ ନାମ୍ ଠାକୁର୍ ଜଗନ୍ନାଥ୍ ।"

ପୂର୍ବବଙ୍ଗର ମୁସଲମାନ୍‌ମାନେ ଗାଉଥିବା କୀର୍ତ୍ତନ-'ଛଡ଼ା' ( ପଦ ) ର ଏ ସବୁ ଉଦାହରଣ । ସେଉଁ 'ପାଞ୍ଜି' କଥା କୁହାଯାଉ-ଥିଲା, ସେ ଅସଲ, ଏଇ ମୁସଲ୍‌ମାନଙ୍କ ଠାରୁ ପରାଧୀନ ଓଡ଼ିଶାକୁ । ତାଙ୍କର ଭାଷା ବି ପୁରା ଓଡ଼ିଆ ନୁହେଁ । ଏହା ପ୍ରକୃତ ବଙ୍ଗଳ-ମିଶା । ପାରସିକ ଓ ଆରବୀ ଉପନ୍ୟାସର ଅଦ୍ଭୁତ କଳ୍ପନା ସଂଗେ ଶାକ୍ତ

Digitized by srujanika@gmail.com

ବିଦ୍ୟା ମିଶି ଏଇ ପାଲାର ନିରଂକୁଶ-ଯୌନ-ପ୍ରୀତି-ମୂଳକ ଛନ୍ଦ୍ର ଜାତ୍ୟ ସବୁ ତିଆର ହୋଇଛି । ଏଟି ମନେ ପକାଇ ଦିଆଯାଇ ପାରେ, ଏହାର ଗୋଟିଏ ପରିଶୋଧିତ ଅର୍ଥ ସଂସ୍କରଣ ହୋଇଛି, ପ୍ରାଚୀନ ବଂଗ କବି 'ଭାରତ ଚନ୍ଦ୍ର'ଙ୍କ 'ବିଦ୍ୟାସୁନ୍ଦର ପାଲା' । ଆମ ରାଧାନାଥ ରାୟଙ୍କ 'ଯଯାତି' କାବ୍ୟ ତାହାରି ଅନୁକରଣ । ତଥାପି ଏ ସବୁ ଭିତରେ ମଧ୍ୟ ଓଡ଼ିଆ ସାହିତ୍ୟର ସ୍ଵତନ୍ତ୍ର ଧାରା ଲୁପ୍ତ ପାଇନାହିଁ ।

---

Digitized by srujanika@gmail.com

# ଚତୁର୍ଥ ଅଧ୍ୟାୟ

## ଆହରଣରେ ସଂକେତ

### ଆହରଣ ଓ ତା ପ୍ରକାର

ଆହରଣ ଜୀବନର ଲକ୍ଷଣ । କାଠରେ ଲେପ ଓ ରଙ୍ଗ ଦେଲେ ତା ମୋଟା, ସୁନ୍ଦର, ଚକ୍ ଚକ୍ ହୁଏ । ମାତ୍ର ସେଥିରେ କାଠ ବଢ଼େ ନାହିଁ; ସେ ବୃଦ୍ଧି କାଠର ନୁହେଁ । ତାକୁ କାଠର ବିକାଶ ବା ପରିଣାମ ବୋଲି କୁହାଯାଏ ନାହିଁ । ଦେହରେ ଖାଦ୍ୟ ବୋଳି ହେଲେ, ଦେହ ବଢ଼େ ନାହିଁ । ଖାଦ୍ୟର ଆହରଣରେ ଦେହକୁ ବଢ଼ାଇବାକୁ ହୁଏ । ଆହରଣରେ ପୁଣି ଯାହା ତା ଖାଆନ୍ତି ନାହିଁ । ଯାହା ହଜମ ହୋଇ ଦେହରେ ଲାଗେ, ତାକୁହିଁ ଖାଆନ୍ତି । ଏଇଠାରେ ଆହରଣରେ ନିର୍ବାଚନ । ଏହି ଆହରଣ ଓ ଏହି ନିର୍ବାଚନହିଁ ଜୀବନ ଓ ବ୍ୟକ୍ତିତ୍ୱର ଲକ୍ଷଣ । ଏଥିରେହିଁ ଶ୍ରୀବୃଦ୍ଧି ହୁଏ । ଯେଉଁ ଆଦାନ ବା ଗ୍ରହଣରେ ଏହି ନିର୍ବାଚନ ନ ଥାଏ, ତା ଆହରଣ ନୁହେଁ । ନିର୍ବାଚନହୀନ ଆଦାନରେ ରୋଗ ହୁଏ; ଜୀବନ ନାଶ ବି ହୁଏ । ପୁଣି ଧରି ମାରି ଗ୍ରହଣ କରାଇଲେ ମଧ୍ୟ ସେହି ପରିଣାମ ହୁଏ, ବା ହୋଇପାରେ । ସଭ୍ୟତା ଓ ସାହିତ୍ୟର ପ୍ରକୃତି ଠିକ୍ ସେହିପରି ।

### ଭାରତରେ ଆର୍ଯ୍ୟ ସଭ୍ୟତା—କଳିଙ୍ଗ ଓ ବଙ୍ଗ

ସେହିପରି ଆହରଣରେ ଭାରତର ଆର୍ଯ୍ୟ ସଭ୍ୟତା ଅଦ୍ୱିତୀୟ । ଆର୍ଯ୍ୟ ସଭ୍ୟତାର ଧାରା ଭାରତକୁ ପ୍ଳାବିତ କରିଛି । ମୌଳିକ ଭାରତୀୟ ସଭ୍ୟତା ସେଥିରେ ଅଭିଭୂତ ହୋଇଛି । ଭାରତରେ ପ୍ରତିଷ୍ଠିତ ଥିଲା, ଅସୁର ବା

Digitized by srujanika@gmail.com

ଦ୍ରାବିଡ ସଭ୍ୟତା; ତଥା ବିଶ୍ଵର ଓ ବଳିଷ୍ଠ, କଳିଙ୍ଗ-ସଭ୍ୟତା । ସେଥିରେ ବିରାଟ ଓ ବିଶାଳ ନିର୍ମାଣ-ଦର୍ଶନ ଓ ସାଧନା ପ୍ରକାଶ ପାଇଥିଲା । ଆଦିମ ଶବର ବା ନିଷାଦ ସଭ୍ୟତା ଏଠାରେ ଦେଖି ଯାଉ ଥିଲା । ଦର୍ଶନ ଓ ଦାର୍ଶନିକ ସାଧନା ସଙ୍ଗେ ଦେଶରେ ନାନା ଚିନ୍ତା, ଦେବ ଦେବୀ ମଧ୍ୟ ନିଜ ନିଜ ପ୍ରଭାବ ଓ ପରମ୍ପରାରେ ପ୍ରତିଷ୍ଠିତ ଥିଲେ । ଆର୍ଯ୍ୟ ଆସିଲେ, ଏ ଦେଶଟାକୁ ନିଜର କରିବାକୁ । ତାଙ୍କର ଥିଲା, ବର୍ବରସୁଲଭ ସାହସ ଅଭିଳାଷ, ଉଦ୍ଦୀପନା ଓ ସୃଷ୍ଟି ପ୍ରଚେଷ୍ଟା । ଅଲ୍ପ ଗୋଟିଏ ଗଣ୍ଡ ଜୀବନ ଥିଲା, ତାଙ୍କ ଭାଷା । ସପ୍ତସିନ୍ଧୁ ସଭ୍ୟତାରେ ଆର୍ଯ୍ୟମାନେ, ଆକ୍ରମଣପଟୁ । ବର୍ବରତାର ବେଗ ର ଦର୍ପ ଘେନି, 'ବେଦର ଗାନ୍ତ ଓ ସ୍ମୃତି' ପରମ୍ପରା ପିଠାଇ, ଜୀବିତ ଓ ବଳିଷ୍ଠର ସଭ୍ୟତାକୁ ଆକ୍ରମଣରେ ଧ୍ଵଂସ କରି ନିଜର କରିବାର ଦଶନ ଦୃଷ୍ଟାନ୍ତ ପୃଥିବୀରେ ଅଛି ନାହିଁ । ଏକଥା କେଶିକବି ନିର୍ଦ୍ଧାରଣ ଅବକାଶ ଏଠି ନାହିଁ । ତଥାପି ସୂଚନାରେ ମାତ୍ର କେତୋଟି ଉଦାହରଣ ଦେଖ ଭାରତରେ ଆର୍ଯ୍ୟ ସଭ୍ୟତା, ଅସୁରଙ୍କ ସଭ୍ୟ ସାମ୍ରାଜ୍ୟ ଧ୍ଵଂସ କରିଛି, ନିଷାଦ ପ୍ରଭୃତିଙ୍କୁ ସଭ୍ୟତା ବ୍ୟବହାରରେ ବର୍ବର ନିର୍ଦ୍ଦିଷ୍ଟ କରିଛି; ଅସୁର-ଦେବତା 'ପଶୁପତି' ମହାଦେବଙ୍କୁ ନିଜର କରିଛି; ପୁଣି ଶବର ବା ନିଷାଦ ପ୍ରଭାବରେ ସୃଷ୍ଟିଥିବା ଦେବ ଦେବୀ, 'କାଳ' ଓ 'କାଳୀ'ଙ୍କୁ ସ୍ଵୀକାର ପ୍ରତିଷ୍ଠା କରି ତାଙ୍କ ସଙ୍ଗେ ମିଶାଇଛି; 'ଶୂନ୍ୟ' ବା 'ନୈରାଶ୍ୟ'ରେ ଅସ୍ପୃଷ୍ଟ ନିତ୍ୟବସ୍ତୁକୁ ସମାଧାନରେ ମିଶାଇ, 'ନିର୍ବାଣ'କୁ 'ମୁକ୍ତି' ବା 'ମୋକ୍ଷ'ରେ ପରିଣତ କରି ସେହି ପୀଠରେ ବିଶାଳ ଦର୍ଶନ ଓ ତତ୍ତ୍ଵ-ଦୃଷ୍ଟି ପିଠାଇଛି । ସମାଜରେ ମଧ୍ୟ 'ବର୍ଣ୍ଣାଶ୍ରମ' ଓ 'ଜାତିଭେଦ' ପ୍ରତିଷ୍ଠା କରି ଯେଉଁ ନୀତି-ଦର୍ଶନ-ପ୍ରତିଷ୍ଠିତ ନୈଷ୍ଠା ଧର୍ମକୁ ଆର୍ଯ୍ୟ ସଭ୍ୟତା ନିର୍ଦ୍ଧାରିତ ଧ୍ଵଂସ କରି ଯେପରି ନିଜର କରି ପାରିଛି, ତା କୌଣସି ବର୍ବର-ସମାଜ ପକ୍ଷରେ ସମ୍ଭବ ବୋଲି କଳ୍ପନା କରି ହେଉନାହିଁ । ମାତ୍ର ଆର୍ଯ୍ୟ ସଭ୍ୟତା ଏହି ବୃତ୍ତିରେ ସବୁରେ ବୃଦ୍ଧି ଓ ସ୍ଥାୟୀ ସମାଜ ଶୃଙ୍ଖଳାର ପରମ୍ପରା ପିଠାଇଛି । ଦେବ ଦେବୀ-କଳ୍ପନା ଓ ପୂଜା ଉପାସନା ହେଉଛି, ମାନବିକ ପ୍ରାକୃତ ଧର୍ମ । ସେଠାରେ ମଧ୍ୟ ତଦନ୍ତ ଭାରତଦେଶୀନ ନିଜର ଅଭିନ୍ନ ସମାଧାନରେ

Digitized by srujanika@gmail.com

ଯେଉଁ 'ସୁବୁଦ୍ଧୋଷଦ'-ତତ୍ତ୍ୱ ଓ ଧର୍ମ ଫିଟାଇ ଥିଲ, ତା ମଧ୍ୟ ଆଜି ସୁବ୍ୟୁତ ଆର୍ଯ୍ୟ ହୋଇ ଯାଇଛି । ଏ ସବୁ ଓଡ଼ିଶାରେ ହୋଇଛି; ବଂଗ ଆସାମ ପ୍ରଭୃତି 'ପ୍ରାଚ୍ୟ' ବା ପୂର୍ବ ଭୂମିରେ ହୋଇଛି । ତଥାପି ଟିକିଏ ଅନୁସନ୍ଧାନ ଦୃଷ୍ଟି ଫିଟାଇ ଦେଖିଲେ, ଦେଖାଯିବ, ସ୍ୱାତନ୍ତ୍ର୍ୟ ଅନ୍ତର୍ଭୁକ୍ତ ହେଲେହେଁ, ରହିଛି । ଓଡ଼ିଶା ଓ ବଂଗ ସମେତ ଉତ୍ତରଭାରତର ଭାଷା, ଆର୍ଯ୍ୟ ଭାଷା ହୋଇଯାଇଛି । ଦକ୍ଷିଣ ଏବେ ବି ଭାଷାରେ 'ଦ୍ରାବିଡ଼' ବା 'ଦାମିଳ' (ତାମିଲ) ଅଛି । ହେଲେହେଁ ସଭ୍ୟତା ଓ ସାହିତ୍ୟରେ ସେ ସବୁ ମଧ୍ୟ ସୁସ୍ପୃଷ୍ଟ ଆର୍ଯ୍ୟ ହୋଇ ଯାଇଛି । ଏପରକି, ଦେଢ଼ ହଜାରେ ବର୍ଷ ଭିତରେ ନବ-ଆର୍ଯ୍ୟ-ସାହିତ୍ୟର ପ୍ରଧାନ ଚିନ୍ତାନାୟକ ପ୍ରତିଷ୍ଠାତା, ପ୍ରବର୍ତ୍ତକ ଓ ପ୍ରଚାରକ ହେଉଚନ୍ତି, ଦ୍ରାବିଡ଼ ଦେଶୀୟ ବ୍ରାହ୍ମଣ । ସେମାନେ ହେଉଚନ୍ତି, ଅଦ୍ୱୈତବାଦୀ-ଶଙ୍କରାଚାର୍ଯ୍ୟ ବିଶୁଦ୍ଧାଦ୍ୱୈତବାଦୀ ରାମାନୁଜାଚାର୍ଯ୍ୟ ଓ ଦ୍ୱୈତବାଦୀ ମାଧ୍ୱାଚାର୍ଯ୍ୟ । ଏମାନେ ଯଥାକ୍ରମେ ଅତି ଦକ୍ଷିଣ, ମଧ୍ୟ ଓ ଉତ୍ତର ଦ୍ରାବିଡ଼ରୁ ବାହାରି ଥିଲେ । ଏସବୁ ସତ୍ତ୍ୱେ ଆପାତତଃ ଅନ୍ତର୍ଭୁକ୍ତ ହୋଇ ମଧ୍ୟ କଳିଂଗ ନିଜର ଗରିମା ଦେଶରେ ମୁଣ୍ଡଟେକି ବରାବର ଛିଡ଼ା ହୋଇଛି; ଭାଷାରେ ଆର୍ଯ୍ୟହୋଇ ବି ଓଡ଼ିଆ ନିଜ ସାହିତ୍ୟ ଧାର ଛାଡ଼ି ନାହିଁ । ତେଂଗଲ ଯେପରି ଉତ୍ତର ଭାରତରୁ ଓ ଭାଷାଭେଦ ହେତୁରୁ ଦକ୍ଷିଣରୁ ପ୍ରଭାବର ନାତ୍ୟଧାର କଳିଂଗ ବା ଓଡ଼ିଶାକୁ ହୁଏତ ସେତେ ସହଜରେ ବୁଡ଼ାଇ ପାରି ନାହିଁ । ପୂର୍ଣ୍ଣ ମଗଧ, ବଂଗ ଓ ଆସାମ, ଓଡ଼ିଶା ପରି ଭାଷା ଓ ସାହିତ୍ୟରେ ଆର୍ଯ୍ୟ ହୋଇଛି । ମାତ୍ର ସେସବୁ ଭୂମି ମଧ୍ୟ ସେଇପରି ନିଜ ସ୍ୱାତନ୍ତ୍ର୍ୟ ଛାଡ଼ି ନାହାନ୍ତି । କିନ୍ତୁ ସେ ସ୍ୱାତନ୍ତ୍ର୍ୟର ପ୍ରକୃତି ଓ ପ୍ରକାର ଅଲଗା । ଶାଶ୍ୱତ ସଭ୍ୟତାର ଭୂୟୋବିକାଶରେ ସେଭଳି ସଭ୍ୟତା ଅନ୍ତର୍ଭୁକ୍ତ ହୋଇ ଯେଉଁ ସ୍ୱାତନ୍ତ୍ର୍ୟ ଫୁଟାଇଛି, ସେଥିରୁ ଓଡ଼ିଆର ସ୍ୱାତନ୍ତ୍ର୍ୟକୁ ଅଲଗା କରି ଚିହ୍ନି ରଖିବା ଦରକାର । ଆର୍ଯ୍ୟସାହିତ୍ୟର ଘୋର ପ୍ଳାବନରେ ତା' ଚିହ୍ନିବା ସହଜ ନୁହେଁ । ତେଣୁ ଆର୍ଯ୍ୟସାହିତ୍ୟରୁ ବା ଆର୍ଯ୍ୟସାହିତ୍ୟ ବାଟେ ବଂଗ ଓ ଓଡ଼ିଶା ନୁହେଁ, ଏବଂ ଅନୁଷ୍ଠାନ ପ୍ରକୃତିରେ ଯାହା ନିର୍ବାଚନ କରି

Digitized by srujanika@gmail.com

ନିଏ ଚଳଣିରେ ଅନୁକରଣ କରିଚନ୍ତି, ସେଇ ଉକ୍ତ ଉଦାହରଣରେ ଏଇ ସ୍ୱାତନ୍ତ୍ର୍ୟର ପ୍ରକାଶ ଏବେ ଠିକ୍ ସଙ୍କେତରେ ଦେଖାଯାଉ ।

## ଖାଲିତୃତୀୟା ଓ ଭ୍ରାତୃଦ୍ୱିତୀୟା

ଓଡ଼ିଆ ଓ ବଙ୍ଗଳା ଦୁଇଟି ଯାକ ସାଧନା ଏକ ବୌଦ୍ଧ ସାଧନାର ଅବଶେଷ ହେଲେ ମଧ୍ୟ ଦୁହେଁ ଆର୍ଯ୍ୟ-ସାହିତ୍ୟରୁ ଅନେକ ଅନୁଷ୍ଠାନ ଗ୍ରହଣ କରିଚନ୍ତି । ଶୂନ୍ୟସାଧନାରେ କାମନାର ସଂଯମ । ତା ହେଉଚି, ଓଡ଼ିଆ । ବଙ୍ଗଳାର କାୟା-ସାଧନାରେ କାମନାର ସ୍ୱଚ୍ଛନ୍ଦ ଲୀଳା ଓ ସମ୍ଭୋଗ । ଯୌନ କାମନାରେ ଅନୁଷ୍ଠାନର ଆବରଣ କି ପ୍ରକାର ଧରିଚି, ସେଥିପ୍ରତି ଲକ୍ଷ୍ୟ କଲେ ସୂଚନାରେ ସ୍ୱାତନ୍ତ୍ର୍ୟ ଧରା ହେବ । ପାର୍ବତୀ ମହାଦେବଙ୍କୁ ପତିକରି ପାଇବାକୁ କଠୋର ତପସ୍ୟା କଲେ । ଏଇ ତପସ୍ୟାର ଶେଷ ପ୍ରଷ୍ଠ ହେଉଛି, ନିରଂବୁ ନିରାହାର ଉପବାସ । 'ହରିତାଳିକା' ଦିନ, ଅର୍ଥାତ୍, ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନ ସେ ବ୍ରତ - ସେ ତପସ୍ୟା, ପୂର୍ଣ୍ଣ ଓ ସଫଳ ହେଲା । ସେ ସେଇଦିନ ଶିବଙ୍କୁ ପାଇଲେ । ତା ପୂର୍ବଦିନ ତାଙ୍କ ତପସ୍ୟାର ପରାକାଷ୍ଠା । ସେଦିନ ଓଡ଼ିଆ ମାଇପଙ୍କର କର୍ତ୍ତବ୍ୟ 'ଖାଲିତୃତୀୟା' ବ୍ରତ । ଏହାକୁ 'ଗୌରୀତୃତୀୟା' ମଧ୍ୟ କହନ୍ତି ଓ ଏହା ଭାରତରେ କେବଳ ଓଡ଼ିଶାର ପର୍ବ (ଯୋଗେଶ ଚନ୍ଦ୍ର—ଆମାଦେର ଜ୍ୟୋତିଷୀ ଓ ଜ୍ୟୋତିଷ—ପୃ-୩୨୫ ) । ଏହାକୁ ଗୋଟିକଠୁ ସବୁ ଓଡ଼ିଆ ମାଇପେ ନିରଂବୁ ଉପବାସରେ ପାଳନ୍ତି । ପାର୍ବତୀଙ୍କ ପରି ସତୀ ସାଧ୍ୱୀ ହେବେ ବୋଲି, ସେମାନେ ଏ କାଷ୍ଟ ଓପାସ କରନ୍ତି । କିନ୍ତୁ ବଙ୍ଗଳାରେ ଏ ବ୍ରତ ନାହିଁ । ବଙ୍ଗଳାରେ ହିଏ, କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ଦିନ 'ଭ୍ରାତୃଦ୍ୱିତୀୟା' । ଏହା ବଙ୍ଗଳୀ ମାଇପଙ୍କର ଗୋଟିଏ ଅତି ଆଦର ଓ ଉତ୍ସବର ଦିନ । ଭଉଣୀମାନେ ଏ ଦିନ ଦୂର ଦୂରାନ୍ତରୁ ମଧ୍ୟ ଭାଇ ଘରକୁ ଆସି ସକାଳୁ ସ୍ନାନ କରି ସଜାଡ଼ି ହୋଇ ଅତି ଆଦରରେ ଗେଲ୍ ହାଇ ହୋଇ ଭାଇ ମୁଣ୍ଡରେ ଗୋଟିଏ ଚନ୍ଦନ ଟୋପା ( ଭାଇ ଫୋଁଟା ) ଦିଅନ୍ତି । ଏଇ ପର୍ବକୁ 'ଯମଦ୍ୱିତୀୟା' ବୋଲି

Digitized by srujanika@gmail.com

ମଧ୍ୟ କହନ୍ତି । ( ଶ୍ରୀଯୋଗେଶଚନ୍ଦ୍ର—ଆମାଦେର ଜ୍ୟୋତିଷୀ ଓ ଜ୍ୟୋତିଷ-ପୃ—୩୧୯ ) । ଏ ସବୁ ଋକ୍-ବେଦ-ଯୁଗର ଗୋଟିଏ ଘଟଣାର ସୂଚନା ପ୍ରକାଶ କରୁଛି । ଋକ୍‌ବେଦରେ ଯମ ହେଉଛନ୍ତି, ଆଦି ମାନବ । ଯମୀ ତାଙ୍କ ଭଉଣୀ । ଏହି ଯମୀ, ଯମଙ୍କୁ ଅତି ବ୍ୟାକୁଳ ହୋଇ ରତି ପ୍ରାର୍ଥନା କରିଥିବାର ଉପାଖ୍ୟାନଟି ଅନେକେ ଜାଣି ଥିବେ । ନ ହେଲେ, ଜାଣିବାପାଇଁ ଋକ୍-ବେଦ ଦେଖି ପାରନ୍ତି (ଋକ୍ ବେଦ, ୧୦ମ ମଣ୍ଡଳ, ୧୦ମ ସୂକ୍ତ) । ପଣ୍ଡିତମାନେ ସ୍ଥିର କରନ୍ତି, ଏହା ଭାଇ, ଭଉଣୀ ଭିତରେ ସଂଗମ ନିଷିଦ୍ଧ ନ ହୋଇ ଥିବା ବେଳର କଥା । କିନ୍ତୁ ବଙ୍ଗ ସମାଜରେ ପ୍ରତ୍ୟେକ ଭଉଣୀ ଆଜି ମଧ୍ୟ ସେହି ଅଶ୍ଳୀଳ ସ୍ମୃତିରେ ଉନଟି ଠିକ କରି, ବର୍ଷକୁ ବର୍ଷ ସେହିଦିନ ଆଦରରେ ଚନ୍ଦନ ଟୋପା ଦେବାପାଇଁ ଭାଇ ପାଖକୁ ଆସୁଛି । ପ୍ରାଚୀନ କୋଶଳ ଭୂମିର କେତେକ ମାଣ୍ଡ ଅଂଚଳରେ ଏହାର ସାମାନ୍ୟ ପ୍ରବେଶ ଛଡ଼ା ଓଡ଼ିଆ ସମାଜର ଅନ୍ୟ କେଉଁଠି ହେଲେ ଏ ପର୍ବର କୌଣସି ଚିହ୍ନ ବା ସଂକେତ ପଡ଼ନ୍ତି ନାହିଁ । ଓଡ଼ିଆ ଛପା ପାଂଜିରେ 'ଯମ ଦ୍ୱିତୀୟା'ର ଉଲ୍ଲେଖ ଦେଖି ଓ ସେହିଦିନ ଓଡ଼ିଶାରେ ସ୍କୁଲ କଚେରି ବନ୍ଦ ହେଉ ଥିବା କଥାକୁ ଲକ୍ଷ୍ୟ କରି, କେହି ହୁଏତ ମନେ କରୁଥିବେ, ଏହା ଓଡ଼ିଆ ପର୍ବ । କିନ୍ତୁ ତା ନୁହେଁ । ଓଡ଼ିଆ ପାଂଜି ଛପା ଆରମ୍ଭ ହେବା କାଳରୁ ସେ କାଳ ବଙ୍ଗଳା ପାଂଜିରୁ ବହୁ ଅଯଥା ପର୍ବ, ଅନୁଷ୍ଠାନ, ମାସ-ନାମ ପ୍ରଭୃତି ଓଡ଼ିଆ ପାଂଜିରେ ସ୍ଥାନ ପାଇ ଯାଇଛି । ପୁଣି ଓଡ଼ିଆଙ୍କ ଛୁଟି ତାଲିକା, ଓଡ଼ିଆ ତିଆରି କରି ନ ଥିଲେ । ଓଡ଼ିଆ ସାହିତ୍ୟରେ ଏ ସବୁ ଆମଦାନି ନୂଆ ଓ ଏହି ଯୁଗର ଏହାର ସୂଚନା ଦିଆ ହୋଇଛି ।

## ରଜ ପାଳଣା—ପୃଥିବୀର ଋତୁକାଳ

'ରଜ' ପର୍ବଦିନ ଛୁଟି ମଧ୍ୟ ଓଡ଼ିଆ ଅଫିସୀୟ ଛୁଟି ତାଲିକାରେ ନାହିଁ । ସେଥିପାଇଁ ଆରବର୍ଷ କଟକର ଛାପାଖାନା କର୍ମଚାରୀମାନେ ଗୋଟାଏ 'ଧର୍ମଘଟ' ପର୍ଯ୍ୟନ୍ତ କରି ଥିଲେ । ରଜପାଳଣା ଓଡ଼ିଆର ଗୋଟିଏ

Digitized by srujanika@gmail.com

ପ୍ରଚଳିତ ସାମାଜିକ ଅନୁଷ୍ଠାନ । ମେଷ ବୃଷାଦି ମାସ ଗଣନାର ମୂଳ ଧରା ହେଉ, ମିଥୁନ ମାସରେ ବର୍ଷା ଋତୁ ଆରମ୍ଭ ହୁଏ । କଳନାରେ ଠିକଏ କବତା ପଣ୍ଡି ଯାହା ଚିହ୍ନିଲ, ସେ ହେଉଛି, 'ପୃଥିବୀ' ଦେବୀ, 'ପର୍ଜନ୍ୟ' ଦେବଙ୍କ ସଂଗେ 'ମିଥୁନ' ହେବାର ମାସ ବା ସଂଗମ-ମାସ । ସେଇ ସଂଗମ ଫଳରେ ପୃଥିବୀ 'ଗର୍ଭିଣୀ' ହୋଇ ଶସ୍ୟାଦି ଜନ୍ମ କରନ୍ତି । ତେଣୁ ମିଥୁନ ହେବା ବେଳକୁ ପୃଥିବୀ ରଜସ୍ୱଳା ହେବା ଦରକାର । ଏଠାରେ ପୃଥିବୀ ଓ ପର୍ଜନ୍ୟ (ମେଘ)ଙ୍କୁ ଗୃହସ୍ଥ ଓ ଗୃହିଣୀ ରୂପେ କଳ୍ପନା କରା ହୋଇଛି । ସେ କାଳେ ମଧ୍ୟ ପଞ୍ଚ ସଖାର ଅନ୍ୟତମ ବଳରାମ ଦାସ କହିଛନ୍ତି,

"ଅର୍ଜ୍ଜୁନ ଶୁଣ ତୁ ସନ୍ଦେଶ ।
କହିବା ଯେତେ ଭୂମି-ରସ ॥"
* * * *
ଭୂମି ରସଟି ଜଳ କହି ।
ଆଦ୍ରା ଯଷ୍ଠ ମାସ ଯାଇ ॥
ତାହାର ଋତୁ ସମୟରେ ।
ଜଳ ସ୍ରବଇ ଏ ସଂସାରେ ॥
ସେ ଜଳେ ଜଗତ ଶୀତଳ ।
ଭୂପେ କୃଷି କର ମୂଳ ॥"

ବ୍ରହ୍ମାଣ୍ଡ ଭୂଗୋଳ, ୫୮ ଶ ଅଧ୍ୟାୟ ।

(ବୋଧହୁଏ 'ଆଦ୍ୟ' ମୃଗଶିର ମାସ ଧରି ବଳରାମ ଦାସ ମିଥୁନ ବା ଆଷାଢ଼କୁ ଆଦ୍ରାର ଅଷ୍ଟମ ମାସ ବୋଲି କହିଛନ୍ତି ।)

## ନାରୀଙ୍କ ଋତୁ-ପାଳଣା

ସମସ୍ତେ ଜାଣନ୍ତି, ଆର୍ଯ୍ୟ ସାହିତ୍ୟରେ ଗୃହସୂତ୍ରର ସୂତ୍ରପାତ ବୃହଦ୍ ଗୃହ୍ୟ ସଂଗେ ପତ୍ନୀର 'ଋତୁ-ରକ୍ଷା'ଟି ଗୋଟିଏ ବଡ଼ କଥା । ମାସ

Digitized by srujanika@gmail.com

ଯଥାର୍ଥରେ ଏହାର ମୂଳ କଳିଂଗର ଅସୁର ସଭ୍ୟତାରେ । ଯଥାର୍ଥ ନିର୍ବାଣ ସାଧନାର ପ୍ରତିଷ୍ଠା ହୋଇଛି, ବ୍ରହ୍ମଚର୍ଯ୍ୟ—ବିଶେଷତରେ ଯୌନ ବ୍ରହ୍ମଚର୍ଯ୍ୟ—ଉପରେ । ତେଣୁ ଗୃହସ୍ଥ-ସମାଜରେ ମଧ୍ୟ ନିବୃତ୍ତି ଯୌନ ଶୃଙ୍ଖଳା ଓ ଯୌନ ସଂଯମ । 'ଋତୁରକ୍ଷା' ବିଧିଟି ଏହାର ଗୋଟିଏ ପ୍ରକାଶ । ପୁଣି ମନେ ହୁଏ, ଶବର ଓ ନିଷାଦମାନଙ୍କ ଭିତରେ, ଯେ କାରଣରୁ ହେଉ, ବହୁ ଆଦିମ କାଳରୁ ଏହା ପ୍ରତିଷ୍ଠିତ ଥିଲା । ଏବେ ମଧ୍ୟ ମୁଣ୍ଡା, ବିର୍ହୋର, ଭୂୟାଁ ପ୍ରଭୃତି ବଣୁଆ ନିଷାଦ ଲୋକେ, ପୁଣି ସେମାନଙ୍କ ଭିତରୁ ଏବେ ଆର୍ଯ୍ୟ ସମାଜରେ ପଶୁଥିବା ଶବର ଓ ପାଣ-ମାନଙ୍କ ଭିତରେ ଏ ଚଳଣି ଖୁବ୍ ଦେଖା ଯାଏ । ଏ ବିଧିଟି ସେମାନଙ୍କ ସମାଜରେ ଅଲଂଘ୍ୟ ଓ ଅତି କଠୋର ଭାବରେ ପାଳିତ ହୁଏ । ସେମାନେ ନାରୀର ଏ ଶରୀରଧର୍ମକୁ ଗୋଟାଏ ବଡ଼ ଘୃଣ୍ୟ ଅସ୍ପୃଶ୍ୟତା ବୋଲି ମନେ କରନ୍ତି । ସେମାନଙ୍କ ନାରୀମାନେ ସାତଦିନ ଋତୁ ପାଳନ୍ତି । ଏହି ଋତୁ-କାଳରେ ସେମାନେ ପାଣି ବା ଖାଦ୍ୟ ଛୁଅନ୍ତି ନାହିଁ, ରାନ୍ଧନ୍ତି ନାହିଁ, ଗାଧୁଅନ୍ତି ନାହିଁ, କି ସମସ୍ତେ ଗାଧୋଉ ଥିବା ଜାଗାକୁ ଯାଆନ୍ତି ନାହିଁ । ଦେବତାଙ୍କ ପାଖକୁ ଯିବାକୁ ବା ନିଆଁ ଛୁଇଁବାକୁ ସେମାନଙ୍କୁ ମନା । କାହାର ଲୁଗାପଟା ସେମାନେ ଛୁଅଁନ୍ତି ନାହିଁ; ଆଉ କାହାର ଘରେ ପଶନ୍ତି ନାହିଁ; ଏକାରେ ତଳେ ଶୁଅନ୍ତି । ଏହି ସବୁ କଠୋର ନିୟମ ଓ ଅସ୍ପୃଶ୍ୟତାରେ ରହି ସାରି ଅଷ୍ଟମ ଦିନ ସ୍ନାନ କରି ଶୁଦ୍ଧ ହୁଅନ୍ତି । ଓଡ଼ିଆ ନାରୀଏ ସାତଦିନ ମାନନ୍ତି ନାହିଁ ସତ, ମାତ୍ର 'ସାତଦିନ ମାନିବାଟା, ପୂର୍ବେ ରୀତି ଥିଲା ଓ ଏବେ ଅନେକ ନୈଷ୍ଠିକଙ୍କ ଭିତରେ ପରଂପରାର କଥା ଅଛି, ସାତଦିନ ମାନିବା ଉଚିତ । ତଥାପି ଓଡ଼ିଆ ସମାଜରେ ଯେଉଁ ତିନି, ଗୁରୁ ଦିନ ଏବେ ସାଧାରଣତଃ ମାନନ୍ତି ତା ଅତି କଠୋର ନିୟମରେ ପାଳିବାକୁ ହୁଏ । ଶାବରୀ ରୀତି ସଙ୍ଗେ ଏହାର ବହୁ ସାମଂଜସ୍ୟ ଦେଖା ଯାଏ । ସେ କଥା ପରେ କୁହାଯାଉଛି । ମାତ୍ର ଏହାର ଆଲୋଚନାରୁ ସ୍ପଷ୍ଟ ଜଣା ଯାଉଛି, କଳିଂଗର ବ୍ରହ୍ମଚର୍ଯ୍ୟ ବିଧି ସଂଗେ ଏ ରୀତିଟି ଶବର ସଭ୍ୟତାରୁ ଆହରଣ କରାଯାଇ ଥିଲା । କଳିଂଗମାନେ ମଧ୍ୟ ନିଜର

Digitized by srujanika@gmail.com

କେବଳ ସ୍ୱାତନ୍ତ୍ର୍ୟରେ ନିର୍ବାଚନ କରି ଖୁବ୍ ଅନୁକରଣପର ଥିଲେ । ଆର୍ଯ୍ୟ ସଭ୍ୟତା ନାମରେ ମଧ୍ୟ ସେଥିପାଇଁ ସେମାନଙ୍କ ସ୍ୱାତନ୍ତ୍ର୍ୟ ରହି ଆସିଛି । ପରେ ଆର୍ଯ୍ୟ ସଭ୍ୟତାରେ ଏହି ସ୍ୱଳ୍ପ ଅନୁକରଣ କରାହୋଇଛି । ମାତ୍ର କାର୍ଯ୍ୟରେ ତା କଣ ହୋଇଛି, ତାର ଇତିହାସ ଓ ବ୍ୟାପ୍ତି ଦେଖିଲେ କଥାଟି ଭଲ ବୁଝାଯିବ ।

## ଆର୍ଯ୍ୟ ବିଧି ଓ ରୀତି ସଂଗେ ତୁଳନା

ନାରୀର ଋତୁସ୍ନାନ ପରେ ସଂଗମ ଏକ ବିଧି । ତାର ଅର୍ଥ ହେଉଛି, ଋତୁକାଳ ଭିତରେ ନାରୀ ସଙ୍ଗ ନିଷେଧ । ମାତ୍ର ଏ ସମ୍ବନ୍ଧରେ ବୈଦିକ ବିଧିଟି ହେଉଛି, "ଋତୌ ଭାର୍ଯ୍ୟା ମୁପେୟାତ୍", ଅର୍ଥାତ୍, ଋତୁକାଳରେ ଏକା ନିଶ୍ଚେ ପତ୍ନୀ ସଙ୍ଗେ ସଂଗମ କରିବ । କାରଣ, ଅନ୍ୟ ସମୟରେ କଲେ, ସନ୍ତାନ ଗର୍ଭସ୍ଥ ହେବାର ସମ୍ଭାବନା ନାହିଁ । ଅବଶ୍ୟ ଏ ବିଧିର ମୌଳିକ ଅର୍ଥ ଯା ହେଉ, ବ୍ରହ୍ମଚର୍ଯ୍ୟ ବିଧି ଧରି ସ୍ମୃତିରେ ଅର୍ଥ କରାହୁଏ ଋତୁମତୀଥିବା କାଳରେ ଅଶୌଚରେ ଥିବା ନାରୀକୁ ଛୁଇଁବ ନାହିଁ; ଋତୁ-ସ୍ନାନ ଦିନ ତାକୁ ଯାଇ ଛୁଇଁବ ଓ ତା ସଂଗେ ସଂଗମ କରିବ । କିନ୍ତୁ, ଯେ କାରଣରୁ ହେଉ, ଏ ନିଷେଧ ଓ ବିଧି ମଧ୍ୟରେ ଅବଶ୍ୟ-କର୍ତ୍ତବ୍ୟ ହେଉଛି, 'ଋତୁରକ୍ଷା' ବା ଋତୁସ୍ନାନ ପରେ ସଂଗମ କରିବା । ତା ନ କଲେ ହୁଏ ପୁଣି ମହା ପାତକ । ଏହି ସମ୍ପର୍କରେ ମନେ ରଖିବାର ଅଛି, ଆଦିମ ବୈଦିକ ସମାଜରେ ନାରୀଥିଲା, ଏକ ସୁନ୍ଦର ଭୋଗ୍ୟ ବସ୍ତୁ । ଋଷିମାନେ ଯଜ୍ଞରେ ବହୁମାନ ଓ ଦକ୍ଷିଣା ସ୍ୱରୂପ ଧନୀ ଯଜମାନଙ୍କଠାରୁ ଶହ ସଂଖ୍ୟାରେ ଯୁବତୀ ନେବା କଥା ବେଦରେ ଅଛି । ବିଶ୍ୱାମିତ୍ର, ହରିଶ୍ଚନ୍ଦ୍ରଙ୍କଠାରୁ ଏହିପରି ଶହେ ଯୁବତୀ ବହୁମାନ ପାଇବା ଓ ସେହି ଶହେକଯାକ ନିଜ ଭୋଗରେ ଲଗାଇବା କଥା ବେଦରେ ଅଛି । ପୁଣି ମହାଭାରତରେ ଅଛି, ଋତୁ-ସ୍ନାନ କଲାଦିନ [illegible] ଘରେ ନଥିବାରୁ ଋଷିପତ୍ନୀ, ଶିଷ୍ୟଙ୍କୁ ଋତୁରକ୍ଷା କରିବାକୁ ଅନୁରୋଧ କରି ନିଷ୍ଫଳ ହୋଇ ଅଭିଶାପ ଦେଇଥିଲେ । ଋଷି, ମରେ ଜାଣି ନ୍ୟାୟ

କର ମଧ୍ୟ ଶିଷ୍ୟଙ୍କୁ ବୋଧିଥିଲେ । ଖାଲି ବଧୂଥିଲେ ହୁଏ ନାହିଁ । କୌଣସି ଅଞ୍ଚଳରେ ଚଳୁଥିବା ଅନେକ ଆଗନ୍ତୁକ ସୂତ୍ରଧ୍ୱ, ଲିଖିତ ସାହିତ୍ୟ ବା ଶାସ୍ତ୍ରରେ ପ୍ରକାଶ ପାଇ ପାରେ । ମାତ୍ର ସମାଜର ଚଳଣି ହେଉଛି ଏହି ପରମ ପ୍ରମାଣ । ଯେଉଁ ଶାସ୍ତ୍ର ସଂଗେ ଚଳଣି ଖାପ ଖାଏ, ସେହି ଏକା ଯଥାର୍ଥ ଶାସ୍ତ୍ର । ଓଡ଼ିଶାରେ ପଞ୍ଚସଖାର ଅନ୍ୟତମ ସିଦ୍ଧ ସାଧକ ଅଚ୍ୟୁତ-ଦାସ ନିଜ 'ଛୟାଳିଶ ପଟଳ'ରେ ନିରାକାର-ଅଚ୍ୟୁତ-ସଂବାଦରେ କହନ୍ତି :—

"ଗୃହିଣୀ ଅଂଗ ସଂଗ ଋତୁମତେ ।
ଭଜୁ ବ ମୋର ଭକ୍ତ ସୁଚିତେ ॥"

—ଏକତ୍ରିଂଶ ପଟଳ ।

ପୁଣି ସେହି ଅଚ୍ୟୁତ ଦାସଙ୍କ ନିଷେଧ ବଚନ ଶୁଣ,

"ରଜୋବତୀ ନାରୀକି ଯେ ରମଇ ।
କୀଟ ଜନ୍ମରେ ଜନମ ଲଭଇ ॥"

—ଏକସଂଶ ପଟଳ ।

'ଓଡ଼ିଆ' 'ଚୈତନ୍ୟସାଧନା'ରେ ଏହାଇ ପ୍ରତିଷ୍ଠିତ ବିଧି ଓ ଏହାହିଁ ଓଡ଼ିଆ ସମାଜର ଅଲଂଘ୍ୟ ପାରମ୍ପରିକ ଚଳଣି । ଓଡ଼ିଆ ଲିଖିତ ସାହିତ୍ୟରେ ସବିଶେଷ ଏହାର ଉଲ୍ଲେଖ ଓ ସଂକେତ ମିଳେ । ସାରଳାଦାସ ନାରୀବ୍ରତ ବଳାତ୍କାରକୁ ମହାପାପ ବୋଲି ବର୍ଣ୍ଣନା କରିବାବେଳେ ମଧ୍ୟ ଏ ସଂକେତ ସ୍ପଷ୍ଟ ପାଇ ନାହାନ୍ତି । ବିଶ୍ୱକ୍‌ସେନ-ଉପାଖ୍ୟାନରେ ସାରଳା-ଦାସ ଲେଖିଛନ୍ତି,

"ମେରୁ ମଧ୍ୟ ଖଣ୍ଡ ମନ୍ଦ ବୋଲି ଏକଗ୍ରାମ ।
ତହିଁ ଥାଏ ବୈଶ୍ୟ ଏକ ବୈଶ୍ୱାନର ନାମ ॥
ତାହାର ଭାରିଜା ନାମ ଅଟେ କାଳାବତୀ ।
ଅତ୍ୟନ୍ତ ସୁନ୍ଦରୀ ସେ ଯେ ସ୍ୱାମୀରେ ଭକତ ॥
ସେହୁ ବୈଶ୍ୟ ଭାରିଜା ଯେ ପାକଶୁଦ୍ଧି ହେଲେ ।
ସ୍ନାନ କରିଥିରେ ଗଙ୍ଗ ପଦ୍ମଫୋଲା ଜଳେ ॥

Digitized by srujanika@gmail.com

ସ୍ନାନକୁ କହିଣ ବାଳୀ ବାହୁଡ଼ି ଅଇଲ ।
ବେଳ ଅବସାନ ହୋଇ ସଂଧ୍ୟା ପ୍ରସରଇ ॥
ସେହି ପଦ୍ମତୋଳା କୂଳେ ସଙ୍କୁଳ ବନରେ ।
ତର୍ଦ୍ଧର ନିଘରେ ଚାଲି ଯାଏ ଏକାକରେ ॥
ବିଶ୍ୱକ୍ସେନ ବୋଲିଣ ଯେ ଏକ ଶୂଦ୍ର ଛାତ୍ର ।
ସେ କନ୍ୟାକୁ ବଳତ୍କାରେ ଧରେ ପାପ ମତ୍ତ ॥
ବିଶ୍ୱକ୍‌ସେନ ଶୂଦ୍ର ତାକୁ ବଳେ ଧରି ଆଣି ।
ବୋଇଲା ମଦନ ଶରେ ମୂର୍ଚ୍ଛେ ଯେ ଅଙ୍ଗନା ॥"
( ଏଠାରେ 'ସ୍ନାନ କର' କଥାଟିରେ
'ସହବାସ'ର ସଂକେତ ମିଳୁଅଛି । )

— ଇତ୍ୟାଦି; ଶାନ୍ତି ପର୍ବ ।

ଏଠାରେ ପ୍ରସଙ୍ଗତଃ, ଦକ୍ଷ-ରଜର ନିଷେଧ ଓ 'ବଳାତ୍କାର'-ର ମଧ୍ୟ ନାରୀର ସମ୍ମତି ନେବାର ବାଧ୍ୟତା ଦ୍ରଷ୍ଟବ୍ୟ ପ୍ରତି ବି ଲକ୍ଷ୍ୟ କରିବାର ଅଛି । ହିନ୍ଦୁଙ୍କର ସଂସ୍କାର ଏଇପରି ଅଙ୍କଚିହ୍ନରେ ପ୍ରକାଶ ପାଏ । ନାରୀକୁ ଋତୁ-ସ୍ନାନ ପରକାଳ ଛଡ଼ା, ଗର୍ଭ ଛଡ଼ା, ତାକୁ ମ ଚାହିଁଲା ଛଡ଼ା ଉପରେ ସଂଭୋଗ କରିବ, ତା ଯେପରିକି ସାରଳାଦାସଙ୍କ କଳ୍ପନାକୁ ଆସୁନାଇ । ଭଂଜୀୟ କାବ୍ୟ ସାହିତ୍ୟ, ଅତି ଅଶ୍ଳୀଳ ଯୌନ ବିଳାସର ବର୍ଣ୍ଣନା ଓ ସଂକେତରେ ପୂର୍ଣ୍ଣ । ତଥାପି ସେଥିରେ ମଧ୍ୟ ଏ ବିଧିର କଥା ଟିକିଏ ହେଲେ ଖଣ୍ଡିଆ ହୋଇ ନାଇ । ଦେଖ, ଲାବଣ୍ୟବତୀରେ ଉପେନ୍ଦ୍ର-ଭଂଜ କହୁଚନ୍ତି,

"ଦର୍ଶନା କାମିନୀ ଯାମିନୀ ନ ପାଉଁ ।
କୁସୁମ ବିକାଶେ ଅନ୍ତର ହେଉଁ ।
ହୃଦ ବିଲଗକୁ ସ୍ୱଚ୍ଛନ୍ଦ ନଦ ।
ଓ କରି ବନ୍ଧୁ ବୋଲି ଲଭି ଖେଦ ।
ସେ ପୁଣିନ୍ତି ନାଇ । ବିକଳ ଝୁଙ୍କ ହୋଇ ଦେଖାଇ ।

Digitized by srujanika@gmail.com

ଏତେ ବର୍ଣ୍ଣନା ଚାହିଁକି ହାସରେ ।
ଚୋରି ଯାନ୍ତେ ପ୍ରାଣ ବନ୍ଧୁ ପାଶରେ ।
ହପାରେ ପ୍ରକାଶ କରି ହାସକୁ ।
ଆଚ୍ଛାଦ ଲାବଣ୍ୟ ଅଙ୍ଗେ ବାସକୁ ।
ମସ୍ତକ ଅନାଇ । କିଛି ନ କହି ସେ ପଙ୍କଜମୁହିଁ ।
ଫେଙ୍ଗିଲି ଫୁଲ ଝୁଲକା କଂପାଇ ।
ଭୃଟିଲି ଏ ଶରେ ଭୃସିଲି ମୁହିଁ ।
ଭୃଙ୍ଗ ଚୁମ୍ବଇ ପୁଷ୍ପବତୀ ଲତା ।
ଚୋଲବାକୁ ବୋଲ ଅଛି ବିଧାତା ।
କି ବିରସ ମୋତେ । ବିଚ୍ଛେଦ ସହି ନୋହୁ ଥିଲି ଏତେ ।"

—୪୧ଶ ଛାନ୍ଦ— ପଦ— ୧୪-୧୭

(କୁସୁମ ବିକାଶେ କି ଅଶୁଭ ହେବାକୁ ଉଠିଗଲି । ଗୁପ୍ତ ଅଲଗା ହେବାକୁ ନଦ ଲୁଚିଗଲି । ସେ ଦ୍ୱାରର ଉତ୍ତର ଦେଲି ନାଇ; ବିଜୁଳି ମାରିବାକୁ ଦେଖାଗଲି । ପାଶକୁ ଯିବାକୁ, କଥା କହିଲି ନାଇ—କଥା କହନ୍ତି ନାଇ । 'ଭୃଙ୍ଗ ପୁଷ୍ପବତୀଲତା ଚୁମ୍ବଇ' ବୋଲି କହି ଦେବାକୁ, ସେ ସଂକେତରେ କହିଲି, ସେ କଥା ବିଧାତା କହିଚି—କିନ୍ତୁ ଏକଥା କହୁ ନାଇ ।)

ପୁଣି ସେଇ 'ଲାବଣ୍ୟବତୀ'ର ସେଇ ଛାନ୍ଦକୁ ଦେଖ—

"ଦିନେ ଦୁର୍ଦ୍ଦିନେ ପାହିବାକୁ ରାତି ।
ଛଣା ନ ଯିବାକୁ ଆରମ୍ଭିଁ ରତି ।।
ସେ କାଳେ ପଢ଼ିଲି ପଞ୍ଜରୀ କୀର ।
ଚାହୁଁ ଛନ୍ଦ ଦେଇ ମଧ୍ୟରେ ମୋର ।
ଲୁଚିକରି କହେ ।
ବିଧୁନିଷେଧ ନ ମାନିବ କହେ" । ୧୭ ।

Digitized by srujanika@gmail.com

( ଶୁଆ ପଢିବା ଆରମ୍ଭ କରିବାକୁ ମେଘୁଆ ହୋଇ ଥିଲେହେଁ, ସକାଳ ବୋଲି ଜଣା ପଡିଲା । ବଧୂନିଷେଧ=ଦିବସରେ ରତି ନ କରିବା— ବୈଦ୍ୟଶାସ୍ତ୍ରରେ ବି ଅଛି—

"ଶୁଷ୍କ ମାଂସଂ ସ୍ତ୍ରିୟୋ ବୃଦ୍ଧା ବାଳାର୍କସ୍ତରୁଣଂ ଦଧି ।
ପ୍ରଭାତେ ମୈଥୁନଂ ନିଦ୍ରା ସଦ୍ୟପ୍ରାଣ ହରାଣି ଚ ॥" )

'ସୁବର୍ଣ୍ଣରେଖା'ରେ—

"ପ୍ରଭାତେ ଉଠି ମୁଁ ଧରିଲେ ଶାଢ଼ୀ ।
ଏସନ ବୋଲଇ ବଦନ ମୋଡି ।
* * *
ପୁଣି କରେ ବୋଧ ।
କେମନ୍ତେ ଲଂଘିବା ବଧୂ ନିଷେଧ ॥"

୬ଷ୍ଠ ଛାନ୍ଦ—୧୯ ପଦ ।

'ରସିକ ହାରାବଳୀ'ରେ—

"ହସ ହସ ହୋଇ ବୋଲଇ, ଏ ପୁଣି
କିସ, ହେଲାଣି ଦିବସ ।"

୧୦ଶ ଛାନ୍ଦ—୧୪ ପଦ ।

ପୁଣି 'ପ୍ରେମ-ସୁଧାନିଧି'ରେ, ପ୍ରେମସୁଧାନିଧି ମଧ୍ୟ ନିଜ କାନ୍ତକୁ ସ୍ପଷ୍ଟ ନିଦେଶ ଦେଇ ପରି କହି ମନା କରିଛି, "ଦିବସରେ ରତି କଲେ ପୁରୁଷକୁ ହାନି" । ଏହାଛଡ଼ା, ଆମ ପରବର୍ତ୍ତୀ ଶିଳ୍ପରେ ଫୁଟିଥିବା ବୀଭତ୍ସ ରତି-କ୍ରୀଡାଦିର ସୂଚନା ପର୍ଯ୍ୟନ୍ତରେ ପହୀର ଘୋର ସଂକୋଚ, ବିବାହିତ ଧାତୁକ ଗଭୀରର ଗର୍ଭର ପ୍ରଶଂସା ଓ ଆଠ ମଙ୍ଗଳରେ ଦାମ୍ପତ୍ୟର ଦେଖା ନ ହେବା ଚଳଣିର ପାଳନରେ ନିଷ୍ଠା ପ୍ରବୃତ୍ତି ଏ ସମ୍ପର୍କରେ ଉଲ୍ଲେଖ ଯୋଗ୍ୟ ।

## ବଙ୍ଗ ସାହିତ୍ୟ ସଂଗେ ସ୍ପଷ୍ଟ ତୁଳନା ଲୋଡ଼ା

ବଙ୍ଗ ଦେଶ ସଭ୍ୟତା ଓ ସାହିତ୍ୟର ପରମ୍ପରାଠାରୁ ଓଡ଼ିଆ ସାହିତ୍ୟର ପରମ୍ପରାର ପ୍ରଭେଦ ନ ବୁଝିବା ହେତୁରୁ ଓଡ଼ିଆ ସାହିତ୍ୟର

Digitized by srujanika@gmail.com

ପ୍ରତିଷ୍ଠା ଓ ବିକାଶଧାରା ବୁଝିବାରେ ପ୍ରମାଦ ଘଟେ । ଆର୍ଯ୍ୟସାହିତ୍ୟକୁ ତଥା ଆର୍ଯ୍ୟ ସାହିତ୍ୟବାଟେ ପୁଣି ଅର୍ଯ୍ୟ ସାହିତ୍ୟ ମଧ୍ୟରେ ଯେଉଁ ବହୁ ଆଦାନ ଓ ଓ ଆହରଣ ପ୍ରକାଶ ପାଇଛି, ସେଥିରେ ଏଇ ଦୁଇଭେଦକୁ ଭଲକରି ଦେଖି ରଖିବାକୁ ହେବ । ସେଥିପାଇଁ ବଙ୍ଗଳାର ପାରଂପରିକ ଆଗ୍ରହ ସଂବନ୍ଧରେ ଯେଉଁ କିଛି ସୂଚନା ଦିଆଗଲା, ତାକୁ ଟିକିଏ ଭଲଭାବେ ବୁଝାଇ କହିବା ନିତାନ୍ତ ଦରକାର । ତା ନ ହେଲେ, ଅନେକଙ୍କର ମନେଥିବା ସନ୍ଦେହ ଦୂର ହେବ ନାହିଁ । କାହିଁକି ନା, ଯୌନ ନିରୋଧ ଓ ଯୌନସଂଯମରେ ବ୍ରହ୍ମଚର୍ଯ୍ୟ, ଗୃହସ୍ଥଙ୍କାରେ ଶୁଦ୍ଧି ଓ ଶୌଚ, ପୁଣି ବିବାହିତା ପତ୍ନୀରେ ନିଷ୍ଠା ଓ ଏକ-ନିଷ୍ଠା, ଏ ସବୁ ବନ୍ଧନରେ ଦେଖିବାକୁ, ସର୍ବସାଧାରଣ ସମାଜ-ନୀତି । ଲୋକଙ୍କର ପରଂପରାରେ ଏ ସବୁକୁ ଭଲ ଭଳି କରି ଚେଷ୍ଟା ନ ଦେଖିଲେ, ନୀତି ଓ ଲୋକଙ୍କର ଗୋଷ୍ଠୀ ଗଣ୍ଡି ଭିତରେ ସ୍ୱାତନ୍ତ୍ର୍ୟ ବାରିବା ସହଜ ନୁହେଁ । ତେଣୁ ପରଂପରାର ଅନୁସରଣରେ ଭେଦ ଦେଖି ଦେଖାଇବା ପାଇଁ, ଏଇ ସଂପର୍କରେ ପୁଣି ତୁଳନା ପାଇଁ, ବଂଗ ସାହିତ୍ୟ ଓ ସଭ୍ୟତାକୁ ଏଠି ଟିକିଏ ବିଶଦ କରି ଆଲୋଚନାରେ ଆଣି-ବାକୁ ହେବ । 'ରଜ ପାଳିବା' ଓ ସେଇ ସଂବନ୍ଧରେ ଆଉ କେତେକ ସୂଚନା ଦିଆ ହୋଇଛି । ସେଥିରୁ ଦୁଇଟି କଥା ନୀତିରୂପେ ଧରି ନେଇ ଏ ତୁଳନାରେ ଚର୍ଚ୍ଚା କରିବାକୁ ହେବ । ସେଥିରୁ ଗୋଟିଏ ହେଉଛି, ଶୁଚିମନ୍ତ ପବିତ୍ରତା ଓ 'ସ୍ୱଚ୍ଛତା' ଅର୍ଥାତ୍ ନିଜ ପତ୍ନୀର ପ୍ରତିଷ୍ଠା । ଏହାଇ ଓଡ଼ିଆ ସାହିତ୍ୟ ଓ ସାଧନାର ବିଶେଷ । ତୁଳନାରେ ବଙ୍ଗସାହିତ୍ୟ ଓ ସାଧନାକୁ ଭେଦ ଏଇଠାରେ ସ୍ପଷ୍ଟ । ସାଧନା କହିଲେ ଏଠି ସମାଜ ସାଧନା ବା 'ସଂସାର ଯାତ୍ରା' ମଧ୍ୟ ବୁଝିବାକୁ ହେବ । ଅବଶ୍ୟ ଏହାର ଆଦର୍ଶ-ରୂପେ ଯୋଗୀ ଓ ତ୍ୟାଗୀର ସାଧନାରେ ଅନ୍ୟାନ୍ୟ କାମନା ସଂଗେ ଯୌନ କାମନାର ନିରୋଧ କଥାଟି ମଧ୍ୟ ରହିଛି । ସେଇ ଅନୁକ୍ରମେଇ ସାମାଜିକ ମାନବର 'ସଂସାର ଯାତ୍ରା' । ଏହା ମଧ୍ୟ ମନେ ରଖିବାକୁ ହେବ । ଓଡ଼ିଆର ଏଇ ବିଶେଷତ୍ୱଟି ଜଣା ପରେ ନାନା ପ୍ରସଙ୍ଗରେ ଉଦ୍ଧୃତ ବ୍ୟାଖ୍ୟା ଦିଆହେବ । ମାତ୍ର ଏଠି ବଙ୍ଗ ସାହିତ୍ୟର ଧାରାଟି ଦେଖ

Digitized by srujanika@gmail.com

ଦେଖାଇବା ପୂର୍ବରୁ ଯୌନ ଶୌଚର ନିଗୂଢ ସାଧନା ସଂପର୍କେ ଏଇ ଦୁଇଟି ବିଷୟରେ ଓଡ଼ିଆ ସାହିତ୍ୟରୁ ଟିକିଏ ପୂର୍ଣ୍ଣ ଗ୍ରନ୍ଥ ସୂଚନା ଦେଇ ରଖିବା ଉଚିତ ।

## ଯୌନ ଶୌଚ ଓ ବ୍ରହ୍ମଚର୍ଯ

ଅଚ୍ୟୁତାନନ୍ଦଙ୍କ ଛୟାଳିଶ ପଟଳରେ 'ନିରାକାର' ନିଜେ ଅଚ୍ୟୁତାନନ୍ଦଙ୍କୁ କହିଲଥିବା କଥା ହୋଇଛି :—

"ଅଭେଦ ଭାବକୁ ଧରିବୁ ।
ନିର୍ବେଦେ ମନ ଚଳାଇବୁ ।
ସ୍ଥିର କରିବୁ କଳେବର ।
ଚିତ୍ତକୁ ନ କର ଚଂଚଳ । ୩୨ ।
ମନକୁ ଦୃଢ଼ କଲେ ତହିଁ
ବ୍ରହ୍ମ କେବେହେଁ ନ ଟଳଇ ।
(ବ୍ରହ୍ମ = ବିନ୍ଦୁ ବା ବୀର୍ଯ)
ବ୍ରହ୍ମ ଟଳିଲେ ଦେହ ନାଶ
ହୁଅଇ ଜାଣିଥା ଅବଶ୍ୟ । ୩୪ ।
ଯେ ବିନ୍ଦୁ ସେହି ଭଗବାନ
ସକଳ ଘଟେ ବିଦ୍ୟମାନ । ୩୬ ।
ସେ ଯେବେ ନ ରହଇ ସ୍ଥିର
ସକଳ ବୃଥାଟି ସଂସାରେ । ୩୭ ।
ମାୟାକୁ ଜିଣି ବ୍ରହ୍ମପଦେ
ପରତେ ହୁଅ ଭୁଜ ବେଗେ । ୩୯ ।
ବ୍ରହ୍ମରେ ଭରତ କାହ୍ନଣ
ସ୍ତବରେ କରିବୁ ଭଜନ ।୪୦ ।
ଦେହର ବ୍ରହ୍ମ ଓଲଟେ ଯୋଇ
ନିଷ୍ଠଲେ ବିନ୍ଦୁ ରୂପେ ଥାଇ ।୪୧

Digitized by srujanika@gmail.com

ଯୋଗମାୟାଙ୍କୁ କର ସେବ
ବନ୍ଦ୍ର ବ୍ରହ୍ମଙ୍କୁ କର ଠାବ ।୪୨ ।
ତାଙ୍କ ସ୍ୱଦୟା ହେବ ଭାଣ
ଚିହ୍ନି କରିବ ସୁକ୍ଷ୍ମ ଜନ । ୪୪ ।
( ଯୋଗ ମାୟା=ନାରୀରୂପା ବର୍ଣ୍ଣ ଶକ୍ତ )
ତା ଅଙ୍ଗ ଭେଦେ ହିତ ହୋଇ
କାମ କାମନା ଦୂରେ ଯାଇ । ୪୫ ।
ଯେବେ ଏ ମଧ୍ୟେ ଭ୍ରମ ହୋଇ
କାମରେ ମନ ବୁଦ୍ଧି ଦେଇ ।
ସକଳ ଜ୍ଞାନ ହୁଏ ନାଶ
ନରକେ ତାକୁ ମିଳେ ବାସ । ୪୭ ।
( ନାରୀରେ ଭେଦ-ଭ୍ରମ କରିବ ନାହିଁ )
ଏସାରେ ଏସାଏ ହୋଇଣ
ଏହା ସାଧିବା ସୁକଠିନ । ୪୮ ।
ବନ୍ଦ୍ରମଣ୍ଡଳ ସ୍ଥିର ହୋଇ
ରହିବ ଜାଣି ଥାଅ ତୁହି । ୫୨ ।
ବୁଦ୍ଧି ବିବେକ ଜ୍ଞାନ ବଳ
ବୃଦ୍ଧି ହୁଅଇ ବେଳୁ ବେଳ । ୫୩ ।
ଏ ସିଦ୍ଧି ଲଭନ୍ତି ଯେ ପ୍ରାଣୀ
ସିଦ୍ଧଙ୍କ ମଧ୍ୟେ ସେ ଅଗ୍ରଣୀ । ୫୪ ।
ସକଳ ଶୁଦ୍ଧ କର୍ମକର
ବନ୍ଦ୍ରକୁ ଆକର୍ଷିଣ ଧର । ୫୫ ।
ଇନ୍ଦ୍ରିୟ ବଶରେ ନ ପଡ଼
କାମ କାମନା ଶୁଦ୍ଧୁଁ ଏଡ଼ । ୫୬ ।
ବିନାଶ ବୃଦ୍ଧି ନ ଅଛେ
ସୁକର୍ମ ମାର୍ଗରେ ଚଳଇ । ୧୭ ।

Digitized by srujanika@gmail.com

ସଂସାର ମଧ୍ୟେ ଥିବୁ ରହି
ଦେଶ କାଳ ପାତ୍ରକୁ ଗୃହି । ୭୦ ।
ଯେ ପ୍ରାଣୀ ଅନ୍ୟାୟ ଅଚରେ
ନଷ୍ଟେ ପାଷଣ୍ଡ ବୃତ୍ତି ଧରେ । ୭୧ ।
ମନ ତା ଅଯୁତ ହୁଅଇ
ଆତ୍ମକୁ ଭେଟିବ ସେ କାହିଁ । ୭୨ ।
ମାତା ପାଶକୁ ଯେବେ ଯିବ
ମନ ତା ହୁଏ ସ୍ଥିରଭାବ । ୭୩ ।
( ମାତା, ଏଠି ଯୋଗମାୟା ବା ନାରୀମାନେ )
ମାତା ପ୍ରସନ୍ନେ ପିତା ଭେଟ
ତାହାରେ ନ କର ତ୍ରୁଟ । ୭୪ ।
( ପିତା, ଏଠି 'ନରାକାର ବ୍ରହ୍ମ' )
ମାତା ପାଦେ ସକଳ ସିଦ୍ଧି
ଲଭନ୍ତି ହୁଅଇ ପ୍ରସିଦ୍ଧି । ୭୫ ।
ଜନନୀ ଦୟାରୁ ନରତ
ପିତାଙ୍କୁ ଭେଟିବ ଭରତ । ୭୬ ।
ପରମ ଅଙ୍ଗଭାବ ଏହି
ମନକୁ କଣ୍ଠଳରେ ଥୋଇ । ୭୭ ।
( ପରମ ଅଙ୍ଗଭାବ=ଶ୍ରେଷ୍ଠ ଦେହ ବୋଧ; ନାରୀ ପୁରୁଷର ଦେହ ସଂବନ୍ଧରେ ଏହାଇ ଶ୍ରେଷ୍ଠ ଜ୍ଞାନ । )
ପାରିବୁ ଯେବେ ହୋଇ ଅଚ୍ୟୁତ
ଇନ୍ଦ୍ରିୟଗଣ ହେବେ ହତ । ୭୮ ।
ଇନ୍ଦ୍ରିୟ ଗଣ ହତ ହେଲେ
ତ୍ରିକୂଟେ ଊର୍ଦ୍ଧ୍ୱ ଦୃଷ୍ଟି ଦେଲେ । ୭୯ ।
( ଅର୍ଥାତ୍, ଏଇପରି ବ୍ରହ୍ମଚର୍ଯ୍ୟରେ ଯୋଗ ସାଧିଲେ, )

Digitized by srujanika@gmail.com

ପରମ ପିତା ଭେଟ ପାଇ
ପରମ ଅଙ୍ଗରେ ମିଶଇ । ୨୫ ।”

( ଜୀବାତ୍ମା ପରମାତ୍ମା ସଙ୍ଗେ ମିଶି ଶୂନ୍ୟ ହୁଏ । )

୫୦ଶ ପଟଳ ।

ଅଚ୍ୟୁତାନନ୍ଦ, ଦାର୍ଶନିକ ଯୋଗ ବ୍ୟାଖ୍ୟାରେ ଏହା କହନ୍ତି । ଠିକ୍ ସେହି କଥାକୁ ସାଧାରଣ ବୁଝିବା ଢଙ୍ଗରେ ବଳରାମ ଦାସ, 'ବିରାଟ ଗୀତା'ରେ କହନ୍ତି: —

“ନାମ ଥିଲାକୁ ଦେଖ ଅଛି
ନାମଟି ଜଗତେ ପୂରିଛି ।
ନାମକୁ ଜୁହେ ବସି ହୁଡ଼
ଯୋନି ମାର୍ଗରେ ହୁଏ ନ ବୁଡ଼ ।
ଯୋନିଙ୍କ ଭବଜଳ ବନ୍ଧେ
ତହିଁ ବୁଡ଼ିଲେ ଥଳ ନାହିଁ ।”

୨ୟ ଅଧ୍ୟାୟ ।

ପୁଣି ଅତି ସାଧା କଥାରେ ଗାଉଁଲି ଲୋକଙ୍କୁ ବୁଝାଇ ଦେଇ 'ଅଚ୍ୟୁତାନନ୍ଦ', 'ଛୟାଳିଶ ପଟଳ'ରେ କହନ୍ତି—

“ଶୁଣ ଅଚ୍ୟୁତ ଦେଇ ମନ
ପୁରାଣ ଧର୍ମର ବିଧାନ । ୧ ।
ବୀର୍ଯ୍ୟ ନାଶଇ ଯେଉଁ ପ୍ରାଣୀ
କେଂଶ ତା ନାଶ ହୁଏ ପୁଣି ” । ୨ ।

୩୨ ଶ ପଟଳ ।

ନାରୀର ଯୌନଶୌଚ ବୁଝାଇ ପୁଣି କହନ୍ତି :—

“ଯେଉ ପ୍ରାଣୀ ପର ନାରୀ ହରେ
କୁଷ୍ଠ ବ୍ୟାଧି ତାର ଶରୀରେ । ୧୨ ।
ଉତ୍ପନ୍ନ ହୁଅଇ ନିଶ୍ଚୟ
ନିଷ୍ଠୟ ଜାଣିବୁ ଅଚ୍ୟୁତ । ୧୩ ।

Digitized by srujanika@gmail.com

ପରଧନ ବା ପର ନାରୀ
ପରେ ଯେ ଥାଏ ଦୃଷ୍ଟି କରି । ୩୩ ।
ହରିବା ଅର୍ଥେ କରେ ମନ
ହୁଅଇ ସେହୁ ଦୃଷ୍ଟି ହୀନ । ୩୪ ।

ଏଉନ

ପରସ୍ତ୍ରୀରଙ୍କି ହରନ୍ତି ଯେ ନର
ଅନ୍ତେ କଷଣ ଲଭନ୍ତି ଅପାର । ୬୬ ।
ଜନ୍ମାନ୍ତେ କୁଷ୍ଠ ବ୍ୟାଧି ତାର ହୁଏ

*　　*　　*　　*

ଶ୍ରେଷ୍ଠ ଜାତ ହୋଇ କେଶାରେ ମାତ
ନ ଜାଣଇ ଯେବା ଏକଷ ଘାତ । ୬୮ ।
ଜୀବନ୍ତେ ପଶୁ ଜନମ ହୁଅନ୍ତି
ଜନମ ହୁଙ୍ଗି କଷଣ ଲଭନ୍ତି । ୬୯ ।
ଭଗୋ ହରଣେ ହୁଅନ୍ତି ଅନ୍ଧ
ଲକ୍ଷ୍ମୀତଂକ୍ତି ହେନ୍ତି ତାହାର ବନ୍ଧ" । ୭୦ ।

୩୪ ଶ ପଟଳ ।

ଏହା 'ବଂଗାଳୀ' ଧର୍ମ ବା ଷଡ୍‌ଜାଅ ଚନ୍ଦ୍ର ଦ୍ଵୈତବାଦରେ ଲୁହା ଦେହାଇବ । ଏ ସଂବଂଧରେ ପରେ ଲୁହା ଯିବ । ଏହ ଅଧ୍ୟାୟର 'ବଂଗାଳୀ ଧର୍ମ ଓ ଚଣ୍ଡୀଳୀ' ପ୍ରକରଣ ଦେଖ ।

ନିଜଦୋଷ ଘୋଡ଼ାଇବା ପାଇଁ ପୁଣି ଯେଉଁମାନେ ସ୍ତ୍ରୀଙ୍କ ନିନ୍ଦା କରନ୍ତି ତାଙ୍କ ପାଇଁ କହୁଚନ୍ତି—

"ଯେ ପ୍ରାଣୀ ସ୍ତ୍ରୀରଙ୍କି ନିନ୍ଦଇ
ତାହ୍ନା ଅଗ୍ରତେ ଲୁହ ଥାଇ" । ୮୪ ।

୩୭ ଶ ପଟଳ ।

"ଯଥ ନାର୍ଯସ୍ତୁ ପୂଜ୍ୟନ୍ତେ
ରମନ୍ତେ ତଥ ଦେବତା"

Digitized by srujanika@gmail.com

ଏପରି କଥା ମାନ ଶାସ୍ତ୍ରରେ ଅଛି ସତ । କିନ୍ତୁ, ଯୌନ ଶୌଚରେ ଶିଥିଳ ହେବାର ନାରୀଙ୍କ ଦୋହଦ୍ରୁ ଏପରି ହୋଇଛି ବୋଲି କହୁ ବୁଝିଲେ, ବନ୍ଧ୍ୟା ହେବାକୁ ଗୃହିଣୀ ମିଳନ୍ତି ନାହିଁ ବୋଲି, ସମାଜର ଏ ଚଳଣି ପ୍ରକାଶ କରିବାରେ ସ୍ପଷ୍ଟ ବିଶେଷତ୍ୱ ଅଛି । ଏହା ପ୍ରାଚୀନ ସମାଜ ଓ ସାହିତ୍ୟରେ କ୍ୱଚିତ୍ ଦେଖାଯାଏ । ଯଥାର୍ଥରେ ଓଡ଼ିଆ ନାରୀ କଳଙ୍କ ଥିଲେ, ତା ପରେ ପ୍ରସଂଗ କ୍ରମେ ବୁଝାଯିବ ।

## ଗୃହସ୍ଥତା ଓ 'ସ୍ୱକୀୟା'

ଗୃହସ୍ଥତା ଓ ପତ୍ନୀ-ନିଷ୍ଠତାରେ ଓଡ଼ିଆ କିପରି ସାଧୁ ଓ ଶୁଚିମନ୍ତ ଥିଲା, ତା ବେଶ୍ ବୁଝା ଯାଉଛି । ମାତ୍ର ସାହିତ୍ୟରେ ତାର ସ୍ପଷ୍ଟ ନିର୍ଦ୍ଦେଶ ଓ ସୂଚନାମାନ ଟିକିଏ ଆଉରି ଭଲ କରି ଦେଖାଇ ଦେବା ଉଚିତ । ପରବର୍ତ୍ତୀ ତୁଳନାତ୍ମକ ବିଚାରରେ ଏହା ପୂର୍ଣ୍ଣ ଭାବରେ ଲଭିବ । 'ବଳରାମ ଦାସ'ଙ୍କ 'ବିରାଟ ଗୀତା'ରେ ଅର୍ଜୁନଙ୍କ ମୁହଁରେ ସ୍ପଷ୍ଟ ପ୍ରଶ୍ନ କରାଇ ଦିଆଯାଇଛି—

"ବୋଇଲେ ଯୋନିମାର୍ଗେ ଗଲେ ।
ଅଛି ଅଶୁଚ ହୋନ୍ତି ଭଲେ
ଯେବେ ନ ଯିବ ଯୋନି ମାର୍ଗେ
ତରତ କେମନ୍ତେ ମୁକତେ ?"

କୃଷ୍ଣ କହିଲେ—

"ଘଟରେ ଜଳ ପୂରି ଥାଇ
କଣ୍ଠତେ ଛିଦ୍ର ମାତ୍ର ହୋଇ ।
ଶରୀର କୁମ୍ଭ ବୋଲି ଜାଣ
ବାଇଶି ଜଳ ପରିମାଣ ।
ଶରୀରୁ ଜଳ ଗଳିଯାଇ
ଶରୀର ନିର୍ମଳ ହୁଅଇ ।
ଜଳ ବହନେ ବ୍ୟାଧିଗ୍ରାସେ
ବ୍ୟାଧି ଗ୍ରାହିଲେ ଅନ୍ନ ନାଶେ ।"

Digitized by srujanika@gmail.com

ପୁଣି ଅର୍ଜୁନ ପଚାରିଲେ :—

“ସ୍ତ୍ରୀରୁ ପୁରୁଷ କେଉଁ ହୋଇ
ସେ ପୁଣି ଜଗତ ସୃଜଇ ।
ଏ କଥା ଯେବେ ନାହିଁ ହେବ
ସଂସାର କେମନ୍ତେ ହୋଇବ ?”

କୃଷ୍ଣ କହିଲେ :—

“ଛପନ କୋଟି ଜୀବ ଯେତେ
ସର୍ଜନା ହୁଅନ୍ତି ଜଗତେ ।
ପ୍ରଭଞ୍ଜନରେ ଯୁକ୍ତ ହେଲେ
ଏଜୀବ ନାଶ ଯାଇ ଭଲେ ।
ଏଥିକି ପୁଣ ତୁଣ୍ଡଦ୍ୱାର
କହିବା ଶୁଣ ମହାବୀର ।
ପତ୍ନୀର ପ . ଫୁଟି ଥିବ
ସେ ଦିନ ବୀର୍ଯ୍ୟଦାନ ଦେବ ।
ସେ ବୀର୍ଯ୍ୟ ପଡିଲେ ପଦ୍ମରେ
ମୁଦ୍ରିତ ହୁଅଇ ସନ୍ଧିରେ ।
ତହିଁରୁ ପୁରୁଷ ହୁଅଇ
ଏମନ୍ତେ ଜଗତ ସୃଜଇ ।
( ପୁରୁଷ, ଏଠି ଜୀବନ୍ତ ନର ଦେହ; ପିଲ୍ଲ
ଡାହାଣ ଧ୍ବା ବହୁଥିଲେ
ଏମନ୍ତ ବେଳେ ରତି କଲେ ।
ସେ ବୀର୍ଯ୍ୟ ଅଗ୍ନି ଜଳି ଯାଇ
ପଦ୍ମରେ ଅଉ ନ ରହଇ ।
ବାମ ନାସିକା ବହୁଥିଲେ
ଏମନ୍ତ ବେଳେ ରତି କଲେ ।

Digitized by srujanika@gmail.com

ସେ ବୀର୍ଯ୍ୟ ହୁଅଇ ସୁବୁଦ୍ଧ
ଅନ୍ୟ ବେଳରେ ଯାଇ ନାଶ ।

ସ୍ୱଚ୍ଛ ଅଙ୍ଗର ଯୁବତୀ
ସମସ୍ତେ ହୋନ୍ତି ରଜୋବତୀ ।
ବାମ ନାଡ଼ିକା ଯେବେ ବହେ
ରଜୋବତୀ ସେ ବୋଲି କହେ ।
(ସ୍ତ୍ରୀ ଋତୁ ରଜୋବତୀ ହୁଏ—ସେଇ
ହେଉଛି ଏକା ପୁରୁଷର ରତିକରିବା କାଳ ।
ଅନ୍ୟବେଳେ ନଷ୍ଟ ବୋଲି କହନ୍ତି) ।
ତାହା ବୁନ୍ଦେ ଯୁକ୍ତ ହେବ
ଯେସନ ପଦ୍ମ ଫୁଟି ଥିବ ।
ଏ ଭଳେ ରତି କରେ ଯେବେ
ବୃଷ ଅଙ୍କୁର ଉଠେ ତେବେ ।
ଅନ୍ୟ ଦିନରେ ନାଶ ଯାଇ
ଏଣୁ ଅଳ୍ପ ଆୟୁଷ ହୋଇ ।

* * *

ଶୁକ୍ଳ ମାର୍ଗ କହୁ ଦେବା
ତୋମହୁ ସଂଶୟ ଛେଦିବା ।
ଅଦ୍ୟ ଜଣାରେ ନ ଶୋଇବୁ
ମଧ୍ୟ ପ୍ରାନ୍ତରେ ଜଗିଥିବୁ ।
ଗୃହ ସ୍ୱଭାବ ଧର୍ମ ଏହୁ
ଏ ମାର୍ଗେ ଚଳିବାର କହୁ ।"

ଓଡ଼ିଆ ସାହିତ୍ୟ ଏହି ସବୁର ଆଲୋଚନା ଓ ଉପଦେଶାବଳୀରେ ପୂର୍ଣ୍ଣ । 'ଅଚ୍ୟୁତାନନ୍ଦ' ମଧ୍ୟ 'ଗୁପ୍ତାଳିଙ୍ଗ ପଟଳ'ରେ ଏହିପରି ସ୍ପଷ୍ଟ ଉପଦେଶମାନ ଦେବା ମଧ୍ୟରେ ଗୃହସ୍ଥ-ଧର୍ମକୁ ଠେକି କହିଛନ୍ତି :—

Digitized by srujanika@gmail.com

"ମୋ ଶିଷ୍ୟମାନେ ଭକ୍ତ ସଂସାରରେ ।
ଛନ୍ତି ଚଳିବେ ଗୃହସ୍ଥା ଧର୍ମରେ
ପର ରମଣୀଙ୍କି ମାତୃ ଜାଣିବ ।
ପର ଅନିଷ୍ଟ କେବେ ନ କରିବ ॥
ଏମନ୍ତ ଭାବେ ଗୃହସ୍ଥା ଧର୍ମରେ ।
ଯେପ୍ରାଣୀ ରହିଥାଇ ନିରନ୍ତରେ ॥
ସେ ପ୍ରାଣୀ ନିଷ୍ଟେ ସନ୍ଥନ ବୋଲାଇ ।
ସାଧୁ ପ୍ରବୃତ୍ତ ତାହାକୁ ଯେ କହି ॥
( ସନ୍ଥନ=ସନ୍ଥ, ସନ୍ତ୍ )
ଗୃହୀ ହୋଇ ଏମନ୍ତ ଭାବେ ଥିଲେ
ତ୍ୟାଗୀଠାରୁ ବଡ଼ ଅଟେ ଶାସ୍ତ୍ରେ ॥"

—ନିର୍ଦ୍ଦେଶ ପଟଳ ।

ସାରଳା ଦାସଙ୍କଠାରୁ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ ଯେଉଁ ସବୁ ସୂଚନା ଦିଆ ହୋଇଛି, ତାକୁ ଏଠାରେ ଖାପ ଖୁଆଇ ନେବାକୁ ହେବ । ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ପୂର୍ଣ୍ଣ ହୋଇଛି, ଅଶ୍ଳୀଳ ଯୌନକ୍ରିୟା-ଚିତ୍ରର ଯେପରି କି ମର୍ତ୍ତମନ୍ତ ପ୍ରତିମା । ତା ଭିତରେ ମଧ୍ୟ ଏ ଛବି ଦେଖିଲେ, ଆବରଣର ପ୍ରକାର ଓ ସାହିତ୍ୟର କଳସ୍ତ୍ର ସ୍ୱରୂପ ଜାଣିବାରେ ଅସୁବିଧା କିଛି ନାହିଁ । ସେଇ ଉପେନ୍ଦ୍ର ଭଞ୍ଜଙ୍କ ଲେଖାରେ, ପୁଣି ସେଇ ଅତି କାମୁକତାର ଚିତ୍ର ଭିତରେ ବି 'ସ୍ୱକୀୟା' ନାମରେ ଏକାନ୍ତ ଅନୁରକ୍ତ ଓ ନିଷ୍ଠା ଆଉରି ଗୋଟିଏ ଦେଖିବାର ଜିନିଷ । ଉପେନ୍ଦ୍ର ଭଞ୍ଜଙ୍କ ସମସ୍ତ ନାୟିକା ଚିତ୍ରରେ ଏହା ନିଶ୍ଚିତ । ଲୋକସାଧାରଣଙ୍କ ସମାଜର ଚିତ୍ର ଉପେନ୍ଦ୍ର-କାବ୍ୟରେ ମୁଖ୍ୟତଃ ଚିତ୍ର କରା ହୋଇନାହିଁ । ତଥାପି ଅବାନ୍ତର ଭାବରେ ଯାହା ଅଛି, ଦେଖ :—

(ଚନ୍ଦ୍ରଭାନୁ, ରାମେଶ୍ୱର ଦର୍ଶନକୁ ଗଲାବେଳେ ଯେଉଁ ଲୋକେ ତାଙ୍କ ସଙ୍ଗେ ଯିବେ, ତାଙ୍କର ଯିବା ପୂର୍ବ ଦିନ ରାତିର ଘର କଥାର ବର୍ଣ୍ଣନା ଏ । ୨୩ଶ ଛାନ୍ଦ—'ଲାବଣ୍ୟବତୀ' । )

Digitized by srujanika@gmail.com

“ହେ ସୂଂସ୍ତ ସଙ୍ଗରେ　　ଚକ୍ଷୁରେ ବେଢ଼ିତ
ଲଗ୍ନ ଅଣି ଛାତ-ଲତାକୁ ।
ପରକାନ୍ତାକୁ　　ଡାକିଣ ଭକ୍ତସ
କୋଳେ ବସାଇ ବନିତାକୁ ।
ଏହା ତୁ । ଯତ୍ନ କରି ଥିବୁ ସନ୍ତତେ ।
ପ୍ରବାସ ପ୍ରସ୍ଥାଣ　　ଦୋଷ ନ ଖୋଜିବ
ଯାଉ ଅଛୁ ଅଣଆସୁରେ । ୨୯ ।

“ହେ ବୋଇଲ　　ମୋକ୍ଷ ପାଇଁ ନ ଭଜିବ
ସାରବ ବେଳକାଳେ ମାତ ।
ତୁମ୍ଭେ ସର୍ବ ଶୁଭେ　　ଥିଲେ ସବୁ ଅଛୁ
ନ ମିଳିବେ କେତେ ଯୁବତୀ ।
ହେ ସଖି । ବ୍ରାସ୍ରେ ଏମନ୍ତ ଲୁହାଇ ।
କାହ୍ନୁଡ଼ ଅସି ଯା-　　ହାକୁ ଶକ୍ତ ହେବ
ଏରୂପେ ନୋହିବ ଅପେକ୍ଷା । ୩୦ ।”

ଏହି ଶକାହ୍ବତା ପଦ୍ଧୀର ନିତ୍ୟ ପ୍ରେମରସ ବା ‘ପ୍ରେମାନୁଗା’ ‘ସ୍ୱକୀୟା’ ପ୍ରୀତି ଓଡ଼ିଆ ବୈଷ୍ଣବଙ୍କ ଭିତରେ ଦେଖି ଚୈତନ୍ୟ ତାଙ୍କୁ ଅଧିକ ଆଦର ଦେଖାଉଥିଲେ । ତେଣୁ ରାଗାନୁଗା-ପରକୀୟା-ପ୍ରୀତିର ପ୍ରେମ ଧର୍ମରେ ମାତିଥିବା ଗୌଡ଼ୀୟ ଶିଷ୍ୟମାନେ କପଟ ଚୈତନ୍ୟଙ୍କ ଏହି ଓଡ଼ିଆ-ପ୍ରୀତିରେ ବିରକ୍ତ ହୋଇ ବୃନ୍ଦାବନ ପଳାଇଥିଲେ, ସେସବୁ କଥା ଯଥାସ୍ଥାନରେ ପରେ କୁହା ହେବ । ଯେଉଁ ‘ରତ୍ନପାଳଣା’ କଥା କୁହା ହେଉଥିଲା, ସେଇ ସୂତ୍ର ଧରି ଆହ୍ବାନରେ ସଭ୍ୟତାର ସ୍ୱରୂପ-ଶିକ୍ଷାକୁ ତୁଳନାରେ ଦେଖିବା ସଙ୍ଗେ ସଙ୍ଗେ ବଙ୍ଗ-ଭୂମିର ଧର୍ମ ଓ ସାହିତ୍ୟକୁ ଟିକିଏ ପୁଣି ଭଲଭାବରେ ଦୃଷ୍ଟି ଦିଆଯାଉ ।

Digitized by srujanika@gmail.com

# ଓଡ଼ିଆଣୀଙ୍କ ଋତୁକାଳ ବିଧି ଓ ପୃଥିବୀର ରଜକାଳ

ଓଡ଼ିଆ ନାରୀଙ୍କର ଋତୁ ପାଳଣା ବା ରଜ ପାଳଣା ବଡ଼ କଷ୍ଟରେ ଭରା ହୁଏ । ମାଇପେ ରଜସ୍ୱଳା ହେଲେ, କହନ୍ତି, ସେ 'ଅଶୁଦ୍ଧ' (ଅଶୁଚି) ହୋଇଛି । ତିନିଦିନ ଯାଏ ତାକୁ କେହି ଛୁଅନ୍ତି ନାହିଁ; ସେ କିଛି ଛୁଏଁ ନାହିଁ; ସେ ଘରେ ଖାଏ ନାହିଁ, ଥରେ ଖାଏ; ତାକୁ କୌଣସି କାମ କରିବାକୁ ଦିଆହୁଏ ନାହିଁ । ତା ଦେହକୁ ଚାହିଁବା ମନା । ଚତୁର୍ଥ ଦିନ ସେ ଅତି ଦେଶ୍ୱାର ହୋଇ ସ୍ନାନ କରେ । ତାକୁ କହନ୍ତି, 'ଗୃହଦିନିଆ ଗାଧୁଆ' । ସେ ଦିନ ମଧ୍ୟ ସେ 'ହାଣ୍ଡି ଛୁଏ' ନାହିଁ, ଅର୍ଥାତ୍, ରନ୍ଧନାଦି କାର୍ଯ୍ୟ କରେ ନାହିଁ । ସେହି ଅନୁକ୍ରମେ ପୃଥିବୀର 'ରଜ ପାଳଣା' ଓଡ଼ିଆ ଚଳଣିରେ ଗୋଟିଏ ଅତି ପବିତ୍ର ଓ କଷ୍ଟାପର ଅନୁଷ୍ଠାନ । ବୃଷ 'ମାସାନ୍ତ' ଠାରୁ ପୃଥିବୀ ଦେବୀ ବା 'ଠାକୁରାଣୀ'ଙ୍କ ରଜ ଆରମ୍ଭ ହୁଏ । ଏହି ମାସାନ୍ତ, 'ମିଥୁନ ସଂକ୍ରାନ୍ତି' ଓ ମିଥୁନ 'ବିରଂଶ ଦିବସ' (ସଂକ୍ରାନ୍ତି ପର ଦିନକୁ କହନ୍ତି 'ବିରଂଶ ଦିବସ'; ଏ ଦିନଠାରୁ ପର ସଂକ୍ରାନ୍ତି ଯାଏ ସୂର୍ଯ୍ୟ ରାଶିର ଅନ୍ୟ କୌଣସି ଅଂଶରେ ରହନ୍ତି ନାହିଁ, ପୂର୍ବ ରାଶିରେ ରହନ୍ତି) ଏହି ତିନିଦିନ ଠାକୁରାଣୀ ଅଶୁଚି ହୁଅନ୍ତି । ଏ ତିନିଦିନ ଓଡ଼ିଆ ହଳ କରନ୍ତି ନାହିଁ । କି ଭୂଇଁ ଖୋଳନ୍ତି ନାହିଁ । ଓଡ଼ିଆ ମାଇପେ 'ରଜପାଳି' ଚୁଲିରେ ନିଆଁ ଜାଳିବା ଦରକାର ହେବ ବୋଲି ରନ୍ଧା ଜିନିଷ ଖାଆନ୍ତି ନାହିଁ; ଭୂଇଁକୁ ଛୁଇଁବେ ନାହିଁ ବୋଲି ଗୋଡ଼ରେ ଘୁଅ ଖୋଜପା ବାନ୍ଧିବୁଲନ୍ତି । ଚତୁର୍ଥଦିନ 'ଠାକୁରାଣୀ ଗାଧୁଆ' । ଏହା ବିଶେଷରେ ମାଇପଙ୍କର ଆନନ୍ଦ ଉତ୍ସବର ଦିନ । ତୃତୀୟ ଦିନର ନାମ ହେଉଛି, 'ଭୂଇଁଦହଣ' ବା ଭୂମି-ଦହନ । ଏଦିନ ଭୂମିଦେବୀଙ୍କର 'ଦାହ' ବା 'ନିଷେଧ' ପାଇଁ ଉତ୍କଣ୍ଠା ହୁଏ । ସାଧାରଣ ଧାରଣା ଅଛି 'ଠାକୁରାଣୀ ଗାଧୁଆ' ଦିନ ନିଶ୍ଚେ ବର୍ଷା ହୁଏ । ନ ହେଲେ, ପୃଥିବୀରେ ଅପାଳକ ଘଟିବ । ରଜ ପାଳିବା ପ୍ରତ୍ୟେକ ଓଡ଼ିଆଣୀର ଅବଶ୍ୟ କର୍ତ୍ତବ୍ୟ

Digitized by srujanika@gmail.com

ବ୍ରିଦ୍ଧ ପର୍ବ । ବଙ୍ଗଳାରେ ଏ 'ରଜ ପାଳିବା' ନାହିଁ । ପରନ୍ତୁ ସାମାଜିକ ଚଳଣିରେ ଅଛି, ଅପରିଣତ ବୟସରେ ବାଳିକାକୁ ବିଭାହୋଇ ସେହି ବାଳିକୁ ବରବର ତା ସଙ୍ଗେ ଏକଶଯ୍ୟା କରିବା । ଏହା ବଙ୍ଗଳାର ପାରଂପରିକ ଅଗୁର—ଶିଷ୍ଟାଗ୍ରର । ଆମ ଓଡ଼ିଆଙ୍କ 'ପୁଅଣି' (ପୁଅ ବା ସନ୍ତାନ ଲାଭ କ୍ରିୟା ଆରମ୍ଭ କରିବାର ଅନୁଷ୍ଠାନ ) ବା 'ଦୁଵାସତ ଘର' ପର୍ବ ବଙ୍ଗଳାରେ କିଛି ଜଣାଯ ନାହିଁ । ରଜସ୍ୱଳା ନାରୀସଙ୍ଗ ସହଜିଆର ପ୍ରଶସ୍ତ ଧର୍ମ କାର୍ଯ୍ୟ ।

## ଆର୍ଯ ସାହିତ୍ୟ ଓ ସହଜିଆ ଧର୍ମ

ଆର୍ଯ ଶାସ୍ତ୍ରର ଅନେକ ବିଧି ନିଷେଧ ଏ ଦେଶୀୟ ଆସୁର, ଏପରିକି ତତ୍ ପୂର୍ବ ସାହିତ୍ୟରୁ ଗୃହୀତ । ଆର୍ଯ ଶାସ୍ତ୍ରରେ ମଧ୍ୟ ରଜସ୍ୱଳ ନାରୀ ସଙ୍ଗେ ପ୍ରଥମ ଚିନବଦନ ସସର୍ଗ ସମ୍ପର୍କରେ ଋତୁରକ୍ଷା କଥାଟି ଯେନ ସୂଚନା ଦିଆଯାଇଛି । ପରବର୍ତ୍ତୀ କାଳର ତନ୍ତ୍ର ବ୍ୟାଖ୍ୟାର ସାହିତ୍ୟରେ ଅଛି, "ଶାସ୍ତ୍ର ବାକ୍ୟ ଅନୁସାରେ ଋତୁର ପ୍ରଥମ ଦିନ, ନାରୀ ହୋଇଛି, ଚଣ୍ଡାଳିନୀ ବା 'ଚଣ୍ଡାଳୀ'; ଦ୍ୱିତୀୟ ଦିନ, 'ବ୍ରହ୍ମଘାତିନୀ'; ତୃତୀୟ ଦିନ, 'ରଜକୀ' ।" (ଜ୍ଞାନେନ୍ଦ୍ରନାଥ କୃତ 'ପ୍ରଣବ ଗୀତୋକ୍ତ ଧର୍ମ ତତ୍ତ୍ୱ'—ପ୍ରଥମ ସଂସ୍କରଣ—୧୮୨ ପୃଷ୍ଠା ) । ଚଣ୍ଡାଳୀ, ରଜକୀ ପ୍ରଭୃତି ଅସ୍ପୃଶ୍ୟା । ତେଣୁ ଏଇ ନାମ ସବୁ । ଅସ୍ପୃଶ୍ୟା କାହାର ? ବ୍ରାହ୍ମଣ ବା ଉଚ୍ଚ ଜାତିଙ୍କର । ବ୍ରହ୍ମଘାତିନୀ କହିଲେ ବି, ସେଇୟା—ବ୍ରହ୍ମଲାଭ ବା ବ୍ରାହ୍ମଣତ୍ୱର ଧ୍ୱଂସ କାରିଣୀ ବା ଅସ୍ପୃଶ୍ୟା, ଅର୍ଥାତ୍, 'ଡୋମ୍ବୀ' ବା ଡୋମଣୀ, ପୁକ୍କସୀ (ଶବରୀ ବା ସଉରୁଣୀ), ଚମାରୁଣୀ, ଇତ୍ୟାଦି । ବଙ୍ଗ ଦେଶର 'ସହଜିଆ' ଧର୍ମରେ ଏଇ ନାମ ସବୁର ଖୁବ ପ୍ରସିଦ୍ଧି ଅଛି । ବଙ୍ଗଳାରେ ପ୍ରାୟ ହଜାରେ ବର୍ଷ ତଳେ ସହଜିଆଙ୍କ ପୂର୍ବସୂରୀ, ବଜ୍ରଯାନ ବୌଦ୍ଧ ଧର୍ମର ସାଧକ ଓ ଆଚାର୍ଯ୍ୟମାନେ ଏଇ ନାମ ଓ ଏଇ ଭଳି ଶବ୍ଦ ପୂର୍ଣ୍ଣ ଭାଷା ଖୁବ୍ ବ୍ୟବହାର କରୁଥିବାର ପ୍ରମାଣ ମିଳିଛି । ଏହାକୁ ସନ୍ଧ୍ୟା ଭାଷା କହନ୍ତି । ସନ୍ଧ୍ୟା ଭାଷା ବୋଇଲେ ଠାର ଭାଷା । ସନ୍ଧ୍ୟାକୁ ଯେପରି ଦିନ କୁହାଯାଇ ପାରେ,

Digitized by srujanika@gmail.com

ସତ କୁହାଯାଇପାରେ, ପୁଣି ସନ୍ଧ୍ୟାରେ, କି ଦିନ ମଧ୍ୟେ ବୋଲି ବି କୁହାଯାଇ ପାରେ, ଏ ପ୍ରକାର ସେଇ ପଦ୍ୟ ଏକ ପ୍ରକାଶ୍ୟ ଅର୍ଥ ଓ ଆଉ ଏକ ଗୂଢ଼ ଅର୍ଥ ଥାଏ; ଆଉ ଏକ ବି ତୃତୀୟ ଅର୍ଥ ଥାଇ ପାରେ । ଏଇ ଅର୍ଥକୁ ପୁଣି ଗୋପ୍ୟକରି ବୁଝାନ୍ତି, ସନ୍ଧ୍ୟା, ଯୋଗିଲେ ସମ୍ୟକ୍ ଧ୍ୟାନ କରିବାର କଥା । ସ୍ୱର୍ଗତ ହରପ୍ରସାଦ ଶାସ୍ତ୍ରୀ ପ୍ରକାଶ କରିଥିବା ବୌଦ୍ଧ ଗାନ ଓ ଦୋହା ଏଇ ପ୍ରକାରେ ଲେଖା । ସେଥିରୁ ଗୋଟିଏ ମାତ୍ର ଉଦାହରଣ ଦିଆଗଲା ।

“ବାଜ ଣାବ ପାଡ଼ୀ ପଉଁଆ ଖାଲେଁ ବାଇଉ ।
ଅଦଅ ବଙ୍ଗାଲେ କ୍ଲେଶ ଲୁଡ଼ିଉ ॥
ଆଜି ଭୁସୁ ବଙ୍ଗାଲୀ ଭଇଲୀ ।
ଣିଅ ଘରିଣୀ ଚଣ୍ଡାଲୀ ଲେଲୀ ॥”

—ସହଜିଆ-ଗାନ—୪୯

ଏହା ଭୁସୁକୁ-ପାଦ ନାମକ ଜଣେ ଓଡ଼ିଆଙ୍କ ଲେଖା । ଭୁସ: ସେ କାଳ ଓଡ଼ିଆ । ଓଡ଼ିଶା ଜଙ୍ଗଲ ଓ ସେକାଳ କୋଶଳ ତଥା ଉତ୍କଳ ଅଂଚଳରୁ ଅନେକ ଓଡ଼ିଆ, ସହଜିଆ ଧର୍ମର ସାଧନାରେ ମାତି ସେକାଳେ ବଂଗଳାକୁ ଚାଲି ଯାଉଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ନେପାଳ ଓ ତିବ୍ବତକୁ ବି ଯାଉଥିଲେ । ଏଇ ଲେଖା ଗୁଡ଼ିକ ନେପାଳରୁ ମିଳିଛି । ଏହା ଏବେ ଓଡ଼ିଆରେ ହେବ :—

ବଜ୍ର ନାବ ପକାଇ ପଦ୍ମ ଖାଲେ ବୋହିଲି
ଅଦ୍ୱୟ ବଂଗଳା (ଧର୍ମେ) କ୍ଲେଶ ଲୁଟାଇଲି ।
(ଏହା କରିବାରୁ) ଆଜି ଭୁସୁକୁ (ତୁ) ବଂଗାଳୀ ହେଲୁ
ଚଣ୍ଡାଳୀ (କୁ) ନିଜ ଘରଣୀ କଲୁ ।

ବାହାରେ ଜଣାଇବା ପାଇଁ ଏହାର ଅର୍ଥ ହେଉଛି, ପ୍ରଜ୍ଞା ରୂପ ପଦ୍ମ ଖାଲ ମଧ୍ୟରେ ବଜ୍ର, ଅର୍ଥାତ୍, ଗୁରୁସେବା ରୂପ ନୌକାରେ ପଶିଲି । ଅଦ୍ୱୟ-(ନିଜ ଇନ୍ଦ୍ରିୟ ସୁଖକୁ ଅନ୍ତର ସୁଖରେ ଏକ କରିଦେବା । ଏହାଇ ବଂଗ ବା ବଂଗଳା, ଅର୍ଥାତ୍, ସହଜିଆ ସାଧନାର କାମ୍ୟ ।) ରୂପ ବଂଗଳା ଧର୍ମରେ ନିଜ ଦୁଃଖ (ଇନ୍ଦ୍ରିୟ ଜନିତ ଚଞ୍ଚଳତା) ନଷ୍ଟ କଲି । ନିଜକୁ

Digitized by srujanika@gmail.com

କହନ୍ତି), ଢେଣ୍ଢଣ (ଢେଣ୍ଢଣପ), ଯୁ ଆଜି ଯଥାର୍ଥରେ ବଙ୍ଗାଳୀ (ଅବଧୂତର ମହାସୁଖ ପ୍ରାପ୍ତିରେ ପ୍ରତିଷ୍ଠିତ) ହେଲୁ । କାହିଁକି ନା, ଚଣ୍ଡାଳୀ ('ପ୍ରକୃତି-ପ୍ରଭାସ୍ୱର' ବା 'ଅବଧୂତରେ' ପ୍ରତିଷ୍ଠିତ ହେବାର ଅବସ୍ଥା । ସେ ଅବସ୍ଥା ସାଧାରଣତଃ ଅପ୍ରାପ୍ୟ ହେବାରୁ ତାକୁ ଅସ୍ପୃଶ୍ୟା ବା 'ଚଣ୍ଡାଳୀ' କହନ୍ତି—ଏଇ ବ୍ୟାଖ୍ୟା) କୁ ତୁ ନିଜର ଘରଣୀ ବା ସାଇପ କଲୁ, ଅର୍ଥାତ୍, ଚଣ୍ଡାଳୀ ସଙ୍ଗେ ତୋର ସଙ୍ଗମ ହୋଇ ଗଲା ।

## ସଂଧ୍ୟା ଭାଷାର ତାତ୍ପର୍ଯ୍ୟ ଓ ସହଜିଆ ସାଧନା

ଏଠାରେ ପୁଣି ସାଧନା ପାଇଁ ଏହାର ଯଥାର୍ଥ ଅର୍ଥ ହେଲେ, ବୁଝିବାକୁ ହେବ, 'ଚଣ୍ଡାଳୀ' ବୋଇଲେ, ରଜସ୍ୱଳା ବା ଅସ୍ପୃଶ୍ୟା ନାରୀ । 'ବାଜ' ବା ବଜ୍ର ବୋଇଲେ, ଲିଂଗ ବା ପୁରୁଷର କାମେନ୍ଦ୍ରିୟ ଓ 'ପଉଁଅ' ବା 'ପଦ୍ମ' ବୋଇଲେ, ଯୋନି ବା ନାରୀର ଜନନେନ୍ଦ୍ରିୟ । ବଂଗ ଦେଶର 'ସହଜଯାନ' ବୌଦ୍ଧଧର୍ମ, ଯେଉଁ 'ବଜ୍ରଯାନ'ର ବିକାଶ, ସେଇ ବଜ୍ରଯାନ କାଳରୁ ଏଇପରି ଠାରରେ ଏଇପରି ପ୍ରୟୋଗ ବଙ୍ଗଳାରେ ଚଳି ଆସିଛି । ସେଇଥିପାଇଁ ଏହାର ନାମ ସନ୍ଧ୍ୟା ଭାଷା । ଅତି ପ୍ରାଚୀନ କାଳରୁ ପୂର୍ବ ମଗଧ ଓ ବଙ୍ଗରେ ବୌଦ୍ଧ ଧର୍ମରୁ ଯେଉଁ 'ମହାଯାନ' ଓ ତହିଁ ସଙ୍ଗେ ତନ୍ତ୍ର ପୁଣି ତାଂତ୍ରିକତା ପ୍ରକାଶ ପାଇଥିଲା, ବଜ୍ରଯାନ, ସହଜ-ଯାନ ଓ ସେ ସବୁର ସାଧନା ପ୍ରଭୃତି ସେଇ ପାଠ ଓ ସାଧନା ନାମରେ ସେଇ ଚଳଣିର ସ୍ୱଚ୍ଛନ୍ଦ ବିକାଶ । "ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ ୮୦୦ ବର୍ଷ ତଳର ଯେଉଁ ହାତ ଲେଖା 'ଚଣ୍ଡରୋଷଣ ତନ୍ତ୍ର' ସଂଗ୍ରହ କରିଥିଲେ, ତା ଟୀକାରେ 'ସହଜତତ୍ତ୍ୱ' ବ୍ୟାଖ୍ୟା ଲେଖା ଅଛି । ସେଥିରେ ଲେଖା ଅଛି, ଆନନ୍ଦ ଚାରି ପ୍ରକାର—ଆନନ୍ଦ, ପରମା-ନନ୍ଦ, ସହଜାନନ୍ଦ, ବିରମାନନ୍ଦ । ଆଲିଂଗନ, ଚୁମ୍ବନ, ସ୍ତନ-ମର୍ଦ୍ଦନ ପ୍ରଭୃତି ଦ୍ୱାରା ଯନ୍ତ୍ରାରୂଢ଼ ପରି ବଜ୍ର ଓ ପଦ୍ମ ( ଲିଂଗ ଓ ଯୋନି ) ସଂଯୋଗରେ ଯେଉଁ ଆନନ୍ଦ ସମ୍ଭୂତ ହୁଏ, ତାହା 'ଆନନ୍ଦ' । ତହିଁରେ ପଦ୍ମାନ୍ତର୍ଗତ ବଜ୍ରର ଚାଳନ ଦ୍ୱାରା 'ମଣିମୂଳ' ବୋଧିସତ୍ତ୍ୱ ପ୍ରାପ୍ତ ହେଲେ, ତାହା

Digitized by srujanika@gmail.com

'ପରମାନନ୍ଦ' । ତତ୍ପରେ ପୁଣି ଯେତେବେଳେ ମଣି ମୂଳରୁ 'ପଦ୍ମୋଦୟ ଅନ୍ତର୍ଗତ ଅଶେଷ'ରେ କାର୍ଯ କନ୍ଧ ହୋଇ ରହେ, ତାହା 'ସହଜାନନ୍ଦ' । ଏଥିରେ ଗ୍ରାହ୍ୟ ଗ୍ରାହକ ଓ ଗ୍ରହଣାଭିମାନ ବର୍ଜିତ ପରମସୁଖ ଉତ୍ପନ୍ନ ହୁଏ । ଏ,ରେ ନିଶ୍ଚେଷ୍ଟ ହୋଇ 'ମୁଁ ସୁଖଭୋଗ କରିଅଛି' ଏଇରୂପ ଅନୁଭବକୁ 'ବିରମାନନ୍ଦ' ବୋଲାଯାଏ । ଏଇ 'ବିରମାନନ୍ଦ'ର ନାମଇ ଶୂନ୍ୟତା । ଏହାହିଁ ଅନାଦିନିଧନ ସହଜୈକସ୍ୱଭାବ ଜ୍ଞାନରୂପ 'ମହାସୁଖ' । ଏଇ 'ସହଜାନନ୍ଦ' ରୂପ ମହାସୁଖ 'ବଜ୍ରଯାନ'ର ଲକ୍ଷ୍ୟ ଥିଲା । ଆଜି ମଧ୍ୟ ନେପାଳର ବୌଦ୍ଧମାନେ ଏଇ ବଜ୍ରଯାନ ସଂପ୍ରଦାୟଭୁକ୍ତ । ଏକ ସମୟରେ ଗୌଡ଼ ବଂଗରେ ଏଇ 'ବଜ୍ରଯାନ' ବିଶେଷ ପ୍ରବଳ ଥିଲା । ଗୌଡ଼ ବଂଗରେ ବୌଦ୍ଧ ଧର୍ମର ଅଧଃପତନ ଘଟି, ସାଧାରଣଙ୍କ ହୃଦୟରେ ଏଇ ବଜ୍ରଯାନର 'ସହଜଧର୍ମ' ଏତେ ବଦ୍ଧମୂଳ ହୋଇଥିଲା ଯେ, ତାକୁ ଉତ୍ପାଟିତ କରିବା ଅସାଧ୍ୟ ବୋଲି ଉପଲବ୍ଧି କରି ଶୈବ ଓ ଶାକ୍ତଗଣ 'ଶକ୍ତିସାଧନା' ଓ ବୈଷ୍ଣବଗଣ 'ସହଜ ଭଜନ' ପ୍ରଚାର କଲେ । ଅତଏବ 'ଶକ୍ତିସାଧନା' (ତାନ୍ତ୍ରିକତା) ଓ ସହଜିଆ ମାର୍ଗ', ବଜ୍ରଯାନର ନୂତନ ସଂସ୍କରଣ; ଏଥିରେ ସଂଦେହ ନାହିଁ ।" (ବଂଗଳା ବିଶ୍ୱକୋଷରେ 'ସହଜଯାନ' ପ୍ରକରଣ ଓ ଓଡ଼ିଆ ଭାଷାକୋଷରେ 'ସହଜିଆ' ଶବ୍ଦ ମଧ୍ୟ ଦେଖ) । ଏଇ ସଂପର୍କରେ ପୁଣି ସୂଚାଇ ଦେବାର ଅଛି, ବାତ୍ସ୍ୟାୟନ 'କାମସୂତ୍ର'ରେ ଲିଂଗର ନାମ 'ମଣି' (ବଜ୍ର, ହୀରା) ଓ ଯୋନିର ନାମ 'ପଦ୍ମ' ।

## ବଂଗାଳ ଧର୍ମ ଓ ଚଣ୍ଡାଳୀ

ଏଇ 'ବାଜ୍-ପଦୁଆଁ' (ବଜ୍ର-ପଦ୍ମ)ର 'ମହାସୁହ' (ମହାସୁଖ)ର 'ଅଦ୍ୱୟ'-ପ୍ରାପ୍ତିର ସାଧନାକୁ 'ବଂଗାଳ' ବା 'ବଂଗାଳ ଧର୍ମ' ନାମରେ କହୁଥିଲେ । ପୁଣି ଏଇ 'ସହଜାନନ୍ଦ' ପାଇବାରେ ବିବାହିତା ପତ୍ନୀର ଅବୌ ପ୍ରସକ୍ତି ନ ଥିଲା । 'ଚଣ୍ଡାଳୀ', ଅର୍ଥାତ୍, ରଜସ୍ୱଳା, ପୁଣି ଡୋମଣି, ସଉରୁଣୀ, ଧୋବଣୀ, ଚମାରୁଣୀ ପ୍ରଭୃତି ଅସ୍ପୃଶ୍ୟା, ଆଉରି ବାରବଧୂ ସଂପର୍କରେ ଓ ପାରିବାରିକ ସଂପର୍କରେ କହିଲେ, 'ଅଗମ୍ୟା', ଏଇ ଅନ୍ତ୍ୟ-

Digitized by srujanika@gmail.com

ପ୍ରିୟ ସହଜ ସାଧନାରେ ପ୍ରଶସ୍ତ ଥିଲେ । ଏଥିପାଇଁ ବଙ୍ଗଳା ବଜ୍ରଯାନ ତନ୍ତ୍ର-ସାଧନାରୁ ଗୋଟିଏ ମାତ୍ର ଉଦାହରଣ ଦେଖ ।

"ପ୍ରଜ୍ଞାପାରମିତା ସେବ୍ୟା ସର୍ବଥା ମୁକ୍ତିକାଂକ୍ଷିଭିଃ ।
ପରମାର୍ଥେ ସ୍ଥିତା ଶୁଦ୍ଧା ସଂବୃତ୍ୟା ତନୁଧାରିଣୀ ।୨୨।
ଲଳନା ରୂପ ମାସ୍ଥାୟ ସର୍ବତ୍ରୈବ ବ୍ୟବସ୍ଥିତା ।...
ବ୍ରାହ୍ମଣାଦିକୁଳୋତ୍ପନ୍ନାନ୍ ମୁଦ୍ରାଂ ବୈ ଅନ୍ତ୍ୟଜୋଦ୍ଭବାନ୍ ।
ଜନୟିତ୍ରୀଂ ସ୍ୱସାରଂଚ ସ୍ୱପୁତ୍ରୀଂ ଭାଗିନେୟିକାଂ
କାମୟନ୍ ତତ୍ତ୍ୱଯୋଗେନ ଲଘୁ ସିଧ୍ୟେତ ସାଧକଃ ।" ।୨୫।

'ଅନଙ୍ଗବଜ୍ର' କୃତ—ପ୍ରଜ୍ଞୋପାୟ-ବିନିଶ୍ଚୟ-ସିଦ୍ଧି, ପୃ ୨୨—

(ବଙ୍ଗଳାର ୮୪ ସିଦ୍ଧ ପୁରୁଷଙ୍କ ଭିତରୁ ଏଇ 'ଅନଙ୍ଗବଜ୍ର' ଜଣେ । ସେ ଖ୍ରୀ ୮ମ ଶତକର ଅଧ୍ୟାର୍ଦ୍ଧର ଲୋକ ଓ ଗୌଡ଼ଦେଶ ରାଜା 'ଗୋପାଳ'ଙ୍କ ପୁଅ ବୋଲି ଲେଖା ଅଛି—'ସାଧନମାଳା' ମୁଖବନ୍ଧ ପୃଷ୍ଠା L ଓ XXLII ପୃଷ୍ଠାର ପାଦ ଟୀକା ଦେଖ) ।

ଏସବୁ ସଂସ୍କୃତ ରଚନାରେ ଭୁଲ ଖୁବ୍ ଥିବାର ଦେଖାଯାଏ । ଏଠାରେ ବ୍ରାହ୍ମଣାଦି-କୁଳୋତ୍ପନ୍ନାନ୍, ଅନ୍ତ୍ୟଂଜୋଦ୍ଭବାନ୍, ନ ହୋଇ ହେବ, ବ୍ରାହ୍ମଣାଦି କୁଳୋତ୍ପନ୍ନାଂ, ଅନ୍ତ୍ୟଜୋଦ୍ଭବା ହେବ । ଏଇ ତନ୍ତ୍ରମାନଙ୍କରେ ଏଇ ସଂପର୍କରେ 'ମୁଦ୍ରା'ର ଅର୍ଥ ଦେଉଛି, 'ମାଇକିନିଆ' (ସାଧନମାଳା, ମୁଖବନ୍ଧ XLIX ଦେଖ) ।

## ଓଡ଼ିଆରେ ଶ୍ଳୋକର ଅର୍ଥ

ମୁକ୍ତିକାମୀଙ୍କର ପ୍ରଜ୍ଞାପାରମିତାଙ୍କୁ ସେବା କରିବାର ବିଧି । ସେ ଲୋକଙ୍କ ମଂଗଳ ପାଇ ଲୁପ୍ତରେ ଶରୀର ଧରି ଥାଆନ୍ତି । ସେ ଶରୀର ହେଉଛି, ସର୍ବତ୍ର ନାରୀ ଶରୀର । ଅତଏବ ବ୍ରାହ୍ମଣ ଜାତିର ହଉ, ଅନ୍ତ୍ୟଜ ଜାତିର ହଉ, ନିଜ ମା ହଉ, ଭଉଣୀ ହଉ, ଝିଅ ହଉ, ଭଣଜି ହଉ, ମାଇକିନିଆ ମାନେ ସମସ୍ତଙ୍କୁ ଯେ କାମରେ ଇଚ୍ଛା କରି ତତ୍ତ୍ୱ ଯୋଗରେ

Digitized by srujanika@gmail.com

( ସବୁ ନାରୀଙ୍କୁ ଏକ ବୋଲି ବିଚାର ରତି-ଯୁକ୍ତଭାବରେ ) ଲଗାଇ ପାରିବ, ସେଇ ସାଧକର ସିଦ୍ଧି ବଡ଼ ସହଜ ହେବ ।

ଏହାପରେ, ଏହାର ଉପରେ, ପଣ୍ଡିତ ବିନୟତୋଷ ପୁଣି ଯା ଲେଖିଚନ୍ତି, ( ଏଇନ ଦେଖ ), ତାର ଓଡ଼ିଆ ଅନୁବାଦ ହେଉଚି,

"ନୈତିକତାର ଆଚାର ଓ ବିଧିମାନଙ୍କୁ ପୋଡ଼ି ଖାଇବାରେ ବଜ୍ରଯାନୀମାନେ, ସବୁ ସୀମା ଡେଇଁ ଯାଇଥିଲେ । ସେମାନେ କାର୍ଯ୍ୟରେ ତାକୁ ସବୁ ଅତ୍ୟନ୍ତ ଜଘନ୍ୟ ଓ ଅପବିତ୍ର କରି ପାପ ଓ ଅନାଚାର ସମ୍ବନ୍ଧରେ ଝାଂପ ଦେଇ, ଧର୍ମ ବୋଲି ଯାହା ଆଚରଣ କରୁଥିଲେ, ରାଜା ରାଜେନ୍ଦ୍ରଲାଲ ମିତ୍ର ତା ସମ୍ପୂର୍ଣ୍ଣ ବର୍ଣ୍ଣନ କରି ନିମ୍ନ ପ୍ରକାରେ ଲେଖିଚନ୍ତି :—

'ଏ ସବୁ ଯେଉଁ ଗ୍ରନ୍ଥମାନଙ୍କରେ ଅଛି, ସେ ସବୁ ହେଉଚି, କୋଟି ସଂଖ୍ୟାରେ ବୁଦ୍ଧିଆ ଲୋକଙ୍କ ଧର୍ମଶାସ୍ତ୍ର । ସେଇ ସବୁ ଲେଖା ପୁଣି ସେଇ ସ୍ୱଭାବରେ ହିନ୍ଦୁ ତନ୍ତ୍ରରେ ଦେଖାଯାଏ । ଯେ ସବୁ ତନ୍ତ୍ର ପୁଣି ଯାହାଙ୍କ ଧର୍ମଗ୍ରନ୍ଥ, ତାଙ୍କ ବୁଦ୍ଧି-ବିଚାର-ଶକ୍ତି ବି ସେ ସେ ରକମର ହୁଏହେ । ଏହା ଦେଖିଲେ, ଖାଲି ଦୁଃଖ ହଉଚି, ମନୁଷ୍ୟର ବୋଧଶକ୍ତି କେତେ ହୀନ । ସେ ପୁଣି ଧର୍ମ ବୋଲି ଏଇପରି ଭ୍ରମରେ ପଡ଼େ । ଧର୍ମ ଗୁରୁ ହୋଇ ଲୋକେ ପୁଣି ତା କରାଇ କୃତାର୍ଥ ହୁଅନ୍ତି । ଏ ଧର୍ମଗୁରୁମାନେ ବି ବଦମାସ ।' "

## ପରକୀୟା

ଏଇ ନାରୀ-ସଂଗମରେ 'ଅଦ୍ୱୟ'ର 'ମହାସୁଖ' ଲାଭ କରିବାଇ ଥିଲା, ବଙ୍ଗାଳୀ ଧର୍ମରେ ପରମ ଗତି । କୁହାଯାଇଚି, ବିବାହିତା ପତ୍ନୀର ଏଥିରେ ଆଦୌ ପ୍ରସିଦ୍ଧି ନଥିଲା । ଅନ୍ୟକୁ ବିଭା ହୋଇଥିବା ନାରୀ ଏଥିପାଇଁ ଭାରି ଲୋଡ଼ା ହେଉଥିଲେ । କାହିଁକିନା, ନିଜ ବିବାହିତା ପତ୍ନୀ ସହିତ ପ୍ରୀତି ବା ରତିର ଧାରା ବନ୍ଧା ସୁଖ-ଭୋଗରେ ଅଦ୍ୱୟର ସେ ତନ୍ମୟତା ନାଇ । ସେ ସୁଖ, 'ମହାସୁଖ' ହୋଇ ନ ପାରେ । ତେଣୁ ସ୍ୱକୀୟା-ପ୍ରେମ ଆଦୌ ସରସ ନୁହେଁ । ପରକୀୟା-ପ୍ରେମ, ଅଗମ୍ୟା-

Digitized by srujanika@gmail.com

ଗମନ ତଥା ଚଣ୍ଡାଳୀ-ସଂଗମର ଶ୍ରେଷ୍ଠ ପନ୍ଥା । ବାଧ୍ୟ ନ ମାନି, ଲଜ୍ଜାଭୟ ତ୍ୟଜି, ଯୌନ-ରତି ଆଚରଣ କଲେହିଁ ମନୁଷ୍ୟ, 'ଯୋଗ'ରେ ଆପଣାକୁ ଭୁଲିଯାଏ । ତାହାହିଁ ଯଥାର୍ଥ 'ଯୋଗ'ରେ 'ଅଦ୍ୱୟ' ଓ ସେଥିରେହିଁ 'ମହାସୁଖ' । ଏହା ହିଁ ସେମାନଙ୍କର ଯୁକ୍ତି ଓ ମତ । ପରେ ଏଥିରୁ ବାହାରି ଥିବା 'ଗୌଡ଼ୀୟ' ବୈଷ୍ଣବ ଧର୍ମରେ ରାଧା-କୃଷ୍ଣଙ୍କ ବାସ୍ତବ 'ରତି-ସୁଖ-ସାର ଅଙ୍ଗସାର'ରେ ପରକୀୟା-ପ୍ରେମର ପ୍ରତିଷ୍ଠା ଏଇଠାରେ । ଏଇ ପରକୀୟା-ରତି ତେଣୁ ଗୌଡ଼ୀୟ ବୈଷ୍ଣବର ପଞ୍ଚମ ଓ ଶ୍ରେଷ୍ଠ 'ପୁରୁଷାର୍ଥ'—ଧର୍ମ, ଅର୍ଥ, କାମ, ମୋକ୍ଷ, ଏଇ ଚାରି ପୁରୁଷାର୍ଥରୁ ବଡ଼ । ସେଇଥିପାଇଁ ରୁକ୍ମିଣୀ, ସତ୍ୟଭାମା ପ୍ରଭୃତି ଆଠ ପାଟମହିଷୀ କୃଷ୍ଣଙ୍କର ଥିଲେ ବୋଲି ହରିବଂଶ ଆଦି ପୁରାଣ କହୁଥିଲେ ମଧ୍ୟ, ନିଜ ମାଇଁ ରାଧାଙ୍କ ରୂପ ପ୍ରଲୋଭନରେ କୃଷ୍ଣ 'ବଙ୍ଗାଳୀ' ହୋଇ ଯାଇଛନ୍ତି ଓ ସମସ୍ତ ଗୋପୀଙ୍କ ବସ୍ତ୍ର ହରଣ ପର୍ଯ୍ୟନ୍ତ କରି ତାଙ୍କ ସଙ୍ଗେ ସେଇ ଲୀଳା ଲଗାଇ ଥାନ୍ତି ବୋଲି 'ବଙ୍ଗାଳୀ'ଙ୍କର ଉପାସ୍ୟ ହୋଇଛନ୍ତି । ଏ ସବୁର ପୁଣି ଦର୍ଶନ ତତ୍ତ୍ୱ ଅଛି । ସ୍ୱର୍ଗତ ରାଜେନ୍ଦ୍ରଲାଲଙ୍କ ଭାଷାରେ, ଯଥାର୍ଥରେ ଏ ସବୁ ଧର୍ମ ନାମରେ ବ୍ୟଭିଚାର କି ଅପଚାର !

## ବଙ୍ଗାଳୀ ଧର୍ମରେ ଆଚାର—ଚର୍ଯ୍ୟାଗୀତି

'ବଙ୍ଗାଳୀ' ଧର୍ମ ଖାଲି ବ୍ୟଭିଚାର ଅତ୍ୟାଚାର ନୁହେ—ଏହା ଧର୍ମ ସାଧନା ନାମରେ ଘୋର ଅନାଚାର ଓ ପାପାଚାର । ଉପରେ ଉଦ୍ଧାର କରାଯାଇ ଥିବା ବୌଦ୍ଧଗାନ ଅଂଶଟିର ନାମ ହେଉଛି, ଚର୍ଯ୍ୟାପଦ ବା ଆଚରଣ ଗୀତ । ସେଇ ଆଚରଣ ପାଇଁ, ଏହାର ଅର୍ଥ ହେଉଛି, 'ବଜ୍ର' ( ଲିଂଗ ) ରୂପ ନୌକାକୁ 'ପଦ୍ମକୋଳ' ( ଯୋନି ) ରେ ଭର୍ତ୍ତିକରି ଚଳାଇଲି । ସେଥିରେ 'ଅଦ୍ୱୟ', ଅର୍ଥାତ୍, ସ୍ତ୍ରୀ ପୁରୁଷ ସଂଗମରେ ମିଳୁଥିବା ଏକତ୍ୱ ସୁଖ ରୂପ ବଂଗଳା ଧର୍ମ ବା ସହଜିଆ ସାଧନାରେ ମୋର 'କ୍ଳେଶ' ଗଲା । ତେଣୁ କବି ହେ 'ଭୁସୁକୁ' ( ନିଜକୁ କହୁଛନ୍ତି ), ତୁ ଯେ ଓଡ଼ିଆ ଥିଲୁ ( 'ଓଡ଼ିଆର ଶୁଦ୍ଧ ଶୂନ୍ୟତାର ସାଧନା କରୁଥିଲୁ, ତା

Digitized by srujanika@gmail.com

ସ୍ଥଓ ) 'ଅଜ ବଂଗାଳୀ ହେଲି' । ଜାହ୍ନଁ କନା, ଅସ୍ପୃଶ୍ୟା 'ଚଣ୍ଡାଳୀ' ( ଜଇସ୍ଥଳ ବା ଜଡଜାତୀୟା ନାରୀ ପ୍ରଭୃତି ) ସଂଗେ ବିନା ଘୃଣା ଓ କୁଣ୍ଠାରେ ସଂଗମ କଲି ।

## ବଜ୍ରଗୀତି

ଏଇ 'ବଂଗାଳୀ' ଧର୍ମର ବଶୀକରଣାଦି ତନ୍ତ୍ରଯୋଗ ସାଧନାରେ ଏଇ ଅଗ୍ନିର ଅତି ସାଧାରଣ । ପୁଣି ଗୋଟିଏ ଧ୍ୟାନ ମନ୍ତ୍ରର ଉଦାହରଣ ଦେଖ ।

''ହଲେ ସଖି ବିଅସିଅ କମଲୁ ପବୋହିଉ ବଜ୍ରେଁ ।
ଅଲଲଲଲହୋ ମହାସୁହେଣ ଅରୋହିଉ ଣଚ୍ଚେଁ ॥
ରବି କିରଣେଣ ପଫୁଲ୍ଲିଅ କମଲୁ ମହାସୁହେଣ ।
ଅଲଲଲଲହୋ ମହାସୁହେଣ ଅରୋହିଉ ଣଚ୍ଚେଁ ॥

ଏଇ 'ବଜ୍ରଗୀତି' ବା 'ବଜ୍ରଗୀତିକା'ଟି ବିନୟତୋଷ ଭଟ୍ଟାଚାର୍ଯ୍ୟଙ୍କ ସଂକଳିତ ସାଧନାମାଳାରେ ଦୁଇଟି ସ୍ଥାନରେ ଦେଖାଯାଏ ( ପୃଷ୍ଠା ୪୬୦ ଓ ୪୬୬ ) । ପ୍ରଥମଟି 'ମହାମାୟା ସାଧନ'ରେ । ସେଥିରେ ଯୋଗିମାନଙ୍କୁ ସାଧନାରେ ଦେଖି ନିଜକୁ ତାଙ୍କ 'ପ୍ରଭୁ'ବୋଲି ବିଚାରି ଏଇ ବଜ୍ରଗୀତିରେ ସେମାନେ 'ନାଥ'ଙ୍କୁ ଉଠାଇବେ ବୋଲି କୁହାଯାଇଛି । ଦ୍ୱିତୀୟଟି କୁକୁରୀପାଦକୃତ 'ମହାମାୟା-ସାଧନୋପାୟିକା'ରେ । ସେଥିରେ ମୈତ୍ରୀ, କରୁଣା, ମୁଦିତା, ଉପେକ୍ଷା—ଏଇ ସ୍ୱସ୍ୱବର ଗୃହେଟି ଦେବୀ, ଏଇ ବଜ୍ରଗୀତିରେ 'ଅଭ୍ୟନ୍ତର ସାଧନ'ରେ ପ୍ରବର୍ତ୍ତାଇବେ । ('ସଂଗୋ-ଦୟନ୍ତ' ) ବୋଲି କୁହା ହୋଇଛି ।

ବଜ୍ରଗୀତିଟି ଓଡ଼ିଆରେ ହେବ—

ଅଲୋ ସଖି, ବିକସିତ କମଳ ପ୍ରବୋଧିତ ବଜ୍ରରେ ।
ଅଲଲଲଲହୋ ଅରୋହିତ (ଚଢ଼େଇ ଦିଆ ହୋଇଛି,
ସେଇ ବଜ୍ର) ନୃତ୍ୟରେ ॥
ରବି କିରଣରେ ପ୍ରଫୁଲ୍ଲ କମଳ ମହାସୁଖରେ (ମାଇଁ) ।
ଅଲଲଲଲହୋ ମହାସୁଖରେ ଚଢ଼େଇ ଦିଆ ହୋଇଛି ନୃତ୍ୟରେ ॥

Digitized by srujanika@gmail.com

ଏଠାରେ ସଂଗମ ସମୟର ଅନିର୍ବଚନୀୟ-ସୁଖ ଓ ତତ୍ସଂଗତ 'ଅଲଲଲ-ଲହୋ' ଶବ୍ଦ, ବିଶେଷରେ ଲକ୍ଷ୍ୟ କରିବାର ଜିନିଷ । ଏ ଗୀତ ପୂର୍ଣ୍ଣ ଉପାସନାର ମନ୍ତ୍ର । ସନ୍ଧ୍ୟାଭାଷାର ନିୟମ ଧରି ଏହାର ତତ୍ତ୍ୱ ନିର୍ଣ୍ଣୟ ଖୋଜିବା ପୂର୍ଣ୍ଣ ଦୁରୂହ । କାହିଁକିନା, ବେଦର 'ସ୍ୱାହା', 'ସ୍ୱଧା', 'ବଷଟ୍' ପ୍ରଭୃତି ପରି 'ହ୍ରୀଂ' 'କ୍ଲୀଂ' ପ୍ରଭୃତି ତାନ୍ତ୍ରିକ-ମନ୍ତ୍ରର ମୂଳ ମିଳୁନାହିଁ । କାଳରେ ତା ମୂଳ ହୁଏତ ବହୁ ଦୂରରେ ; ତେଣୁ ଏଇ ପୁରୁଣା ବଂଗଳା ଭାଷାର 'ଚର୍ଯ୍ୟା ଗୀତ'କୁ ମନ୍ତ୍ରପରି ବ୍ୟବହାର କରିବାକୁ ହୁଏ ବୋଲି ଏଥିରେ ସବୁକିଛି ଦୁର୍ବୋଧ୍ୟ କରି କେବଳ କ୍ରିୟାର ସଙ୍କେତ ପ୍ରକାଶ କରିବାର ଚେଷ୍ଟା କରାଯାଇଛି ।

## ତନ୍ତ୍ରରେ ସେଇଆ

କୁହାଯାଇଛି, ଏଇ ଅସ୍ପୃଶ୍ୟା ରଜସ୍ୱଳାଦି ନାରୀଙ୍କ ସଂଗମ ହେଉଛି, ସହଜିଆର ଶ୍ରେଷ୍ଠ ସାଧନା । ଏଥିରେ 'ଅନିର୍ବଚନୀୟ' ସୁଖ ମିଳେ । ଏହାର ନାମ, 'ବଂଗାଳ' ବା ବଂଗଳା ଧର୍ମ । ପରେ ଏହା ପୁଣି ବିଶେଷ କରି ଉଦାହରଣ ଦେଇ ତନ୍ତ୍ରଗ୍ରନ୍ଥରେ କୁହାଯିବ । ମାତ୍ର ଏଠାରେ ଏତିକି ସୂଚାଇ ଦେବାର ଅଛି, ଓଡ଼ିଆଏ କେହି କେହି ସେ କାଳେ ଓଡ଼ିଶାରେ ଓଡ଼ିଆ-ସାଧନାରେ ଏହା କରି ନ ପାରି, 'ଓଡ଼ିଆ' ବା ଓଡ଼ିଆଙ୍କ ଶୂନ୍ୟ-ଶୂନ୍ୟ-ସାଧନା ଛାଡ଼ି, ଏଇ 'ଅନିର୍ବଚନୀୟ' ସୁଖ ପାଇବାକୁ ଯାଇ 'ଚଣ୍ଡାଳୀ'କୁ ମାଇପ କରି 'ବଂଗାଳୀ' ହେଉଥିଲେ । ଓଡ଼ିଆଙ୍କ ନୀତି-ପାଳନା ସମ୍ପର୍କରେ ଏହି ଇତିହାସର ସଙ୍କେତ ପ୍ରଣିଧାନଯୋଗ୍ୟ ; ତନ୍ତ୍ର ଓ ତନ୍ତ୍ର-ସାଧନା ପୂର୍ଣ୍ଣ ହେଉଛି, ସହଜିଆର ସଂସ୍କୃତ ସଂସ୍କରଣ । ଏହା ଭାରତର ଅନ୍ୟତ୍ର କେତେକ ପ୍ରସାର ପାଇଥିଲେ ମଧ୍ୟ, ମୁଖ୍ୟତଃ ବଙ୍ଗଳାର ଜିନିଷ ଓ 'ବଂଗାଳ' ଧର୍ମ । ସେଇ ଅସ୍ପୃଶ୍ୟା ରଜସ୍ୱଳାଦି ସଂଗମ ଏଥିରେ ଶ୍ରେଷ୍ଠ ସାଧନା ବୋଲି ମଧ୍ୟ ତାର ଭାଷାରେ କୁହାଯାଇଛି । ଉଦାହରଣ ସ୍ୱରୂପ 'ରୁଦ୍ରଯାମଳ' ତନ୍ତ୍ର କହନ୍ତି;

"ରଜସ୍ୱଳା ପୁଷ୍କରଂ ତୀର୍ଥଂ,
ଚଣ୍ଡାଳୀତୁ ସ୍ୱୟଂ କାଶୀ,

Digitized by srujanika@gmail.com

ଚର୍ମକାରୀ ପ୍ରୟାଗ ସ୍ୟାତ୍,
ରଜକୀ ମଥୁରା ମତା ।
ଅଯୋଧ୍ୟା ପୁକ୍କସୀ ପ୍ରୋକ୍ତା ।"
ଅର୍ଥାତ୍, ରଜସ୍ୱଳା ସଂଗମ ହେଉଛି,
ପୁଷ୍କରତୀର୍ଥ ସ୍ନାନ ସଂଗେ ସମାନ ।
ଚଣ୍ଡାଲୀ ହେଉଛି କାଶୀ;
ଚମାରୁଣୀ ହେଉଛି ପ୍ରୟାଗ;
ଧୋବଣୀ ହେଉଛି, ମଥୁରା
ପୁକ୍କସୀ (ସଉରୁଣୀ) ଯେ, ସେ ହେଉଛି, ଅଯୋଧ୍ୟା ।

ଠିକ୍ ସହଜିଆ ସନ୍ଧ୍ୟା ଭାଷା ପରି 'ଦ୍ୱାର'ର ଗୂଢ଼ ତତ୍ତ୍ୱାର୍ଥ ଅଛି । ( ଏଇ ଗ୍ରନ୍ଥ ଶେଷରେ ଥିବା 'ଅଧିକା କଥା' ଦେଖ । )

## ଓଡ଼ିଆର ଏ କ୍ଷେତ୍ରରେ ସାବଧାନତା

ଓଡ଼ିଆର ଶୂନ୍ୟ ସାଧନାର ଆଦର୍ଶ ଓ ପ୍ରାପ୍ତବ୍ୟ, 'ଅବୁଦ୍ଧ'ଙ୍କ ଏକନ୍ତ୍ରର ମହାସୁଖ ନୁହେଁ । ଏହା ହେଉଛି 'ନୈରାତ୍ମ୍ୟ' ପୂର୍ବେ ( ପୃ: ୬ ଦେଖ) ବା ଆତ୍ମାହୀନତା ଅର୍ଥାତ୍, ଏକାନ୍ତ ଶୂନ୍ୟତା । ଓଡ଼ିଆ ସାଧକମାନେ ଜୀବାତ୍ମା ଓ ପରମାତ୍ମା କଥା ହିଁ ଏତ ବ୍ୟବହାର କରିଛନ୍ତି । ମାତ୍ର ନିର୍ବାଣରେ ଏ ଦୁହେଁ 'ନୈରାତ୍ମ୍ୟ' ବା ମହାଶୂନ୍ୟ ହୋଇଯାନ୍ତି ବୋଲି ସର୍ବଦା କହନ୍ତି । ତଥାପି ଆଗମ ତନ୍ତ୍ର ସାହିତ୍ୟର ଅନେକ ପରିଭାଷା ଓଡ଼ିଆ ସାଧନାରେ ଅଛି । ବଙ୍ଗଳାର ସହଜ ଧର୍ମ ପୁଣି ଦୁଆର ନାଁରେ ଓଡ଼ିଶାରେ ଥିବାରୁ ଓ ଅତି ସୁଖସେବ୍ୟ ହୋଇ ଥିବାରୁ କମ୍ ପ୍ରଭାବ ପକାଇ ନ ଥିଲା । ସେଥିକି ନେଇ ଓଡ଼ିଆ ସର୍ବଦା ସାବଧାନ । 'ବଜ୍ର' କହିଲେ ପୁରୁଷ-ଲିଂଗ ଅର୍ଥରେ ଓଡ଼ିଆ ସାଧକ ଏପରି ବ୍ୟବହାର କରିଥିବାର ଦେଖାଯାଏ ନାହିଁ । ମାତ୍ର ପଦ୍ମ ଶବ୍ଦଟିର ବ୍ୟବହାର ଖୁବ୍ ଅଛି । ହେଲେହେଁ, ଏହା ସହଜିଆ ବା ବଜ୍ରଯାନର ବ୍ୟବହାର ନୁହେଁ । ଓଡ଼ିଆ ସାଧନାର ପନ୍ଥା ଓ ପ୍ରକାର ଭିନ୍ନ । ଏଇ ଅର୍ଥରେ ଏଇ ପଦ୍ମର ବ୍ୟବହାରରେ ମଧ୍ୟ ସଂଯମ ସାବଧାନତା ଓ

Digitized by srujanika@gmail.com

ପରିସ୍ଫୁଟତା ସୃଷ୍ଟି । ପୂର୍ବେ ବହୁ ଉଦାହରଣରେ ଏହା ଦେଖାଇ ଦିଆ-ଯାଇଛି । ପ୍ରଜନନ କ୍ରିୟା ସମ୍ପର୍କରେ ମାତା ସଙ୍ଗେ କରିବାର ଅଙ୍ଗ ଭଙ୍ଗୀ ଓ ପାବନ ନିଷ୍ଠାରେ ଏହା ପୁଣି ବ୍ୟକ୍ତ ହୋଇଛି । ଏହି ସମ୍ପର୍କରେ ତା ଦରକାର ବୋଲି ତଳେ ଆଉ କେତୋଟି ଉଦାହରଣ ଦିଆହେଲା ।

ବଳରାମଦାସ, ଭଗବତ ତତ୍ତ୍ୱ ବୁଝାଇବାରେ କହନ୍ତି,

"ଜଳ ଯେ ମାତା ପଦ୍ମ କହି,
ଚୂର୍ଣ୍ଣ ଯେ ପିତା ବୀଜ ହୋଇ ।"

—ବ୍ରହ୍ମାଣ୍ଡ ଭୂଗୋଳ, ୨୨ଶ ଅଧ୍ୟାୟ ।

"ଦ୍ୱାରକା ବୋଲି ଯେଉଁ ସ୍ଥାନ ।
ମାତାର ପଦ୍ମ ବୋଲି ଜାଣ ।"

ଏଜନ, ୨୩ଶ ଅଧ୍ୟାୟ ।

"ପୂର୍ବେ ଯେ ମାତା ପଦ୍ମେ ଥାଇ ।
ବର୍ତ୍ତୁଳ ତ୍ରାହି ବସିଛଇ ।"
ରଜରେ ବୀଜ ଯୁକ୍ତ ହେଲା
ପଦ୍ମ ବନରେ ସେ ରହିଲା ।"

ଏଜନ, ୭୨ଶ ଅଧ୍ୟାୟ

ଦେବାନନ୍ଦ ଦାସ ବୈଚନ୍ଦ୍ର ଗୀତାରେ

"ବିନ୍ଦୁ ଟି ଜୀବ ବୋଲି ଜାଣ
ଜୀବକୁ ବିନ୍ଦୁ ବୋଲି ଘେନ ।
ଯହୁଁ ସଂଗମ ଶେଷ ହେଲା
ତାହାର ସ୍ଥାନରୁ ଖସିଲା ।
ପ୍ରବେଶ ମାତା ପଦ୍ମେ ଯାଇ
ବିନ୍ଦୁକୁ ରଜ ଆକର୍ଷଇ ।"

—୨ୟ ଅଧ୍ୟାୟ

'ଯଶୋବନ୍ତ ଦାସ', ପ୍ରେମଭକ୍ତି-ବ୍ରହ୍ମ-ଗୀତା'ରେ

ମାତାର ପଦ୍ମ ଫୁଟି ଥାଇ
ସେ ତହିଁ ପିତା ବୀର୍ଯ୍ୟ ରହି ।

Digitized by srujanika@gmail.com

ରକତରେ ବୀର୍ଯ୍ୟ ଯୁତ ହେଲ
ରାମ ନାମଟି ବୋଲାଇଲ ।
ମାତାର ପଦ୍ମେ ରକ୍ତ ଥାଇ
ବୀର୍ଯ୍ୟଟି ରାଧାରୂପେ ଯାଇ ।
ପ୍ରଥମ ଅଧ୍ୟାୟ ।

'ଛତ୍ରିଶ ପଟଳ'ରେ ଅଚ୍ୟୁତାନନ୍ଦ ଦାସ,

"ପୂର୍ଣ୍ଣ କାଳେ ପିତା ମାତା ସଂଯୋଗ ଘଟିଲା ।
\+ \+ \+ \+
ତହୁଁ ରକ୍ତ ବୀର୍ଯ୍ୟ ଦୁହେଁ ଏକତ୍ର ହୋଇଲେ
ଜନନୀ ପଦ୍ମ ମଧ୍ୟରେ ଯାଇ ବିଶ୍ରମିଲେ ।
ତତ୍‌କାଳେ ହେ
ସେ ପଦ୍ମରେ ପ୍ରବେଶିବା ବେଳେ ହେ ।
ପଦ୍ମ କେଶର ମଧ୍ୟରେ ଯେବେ ହୋଇନ୍ତି ସ୍ଥିତ
ନିଶ୍ଚୟ ପୁତ୍ର ଜନମ ହୁଅଇ ନିଶ୍ଚିତ ।
ସୁବିଦିତ ହେ
ପାଖୁଡ଼ାରେ ଦୁହିତା ସଂଭୂତ ହେ ।
ପଦ୍ମରେ ରକ୍ତ ବୀର୍ଯ୍ୟ ଯେ ଏକତ୍ର ହୋଇଣ
ପଡ଼ନ୍ତେ ମୂତ୍ର ହୋଇଲା ସେ ତତକ୍ଷଣ ।"

—୩୦ଶ ପଟଳ

'ଗୀତାର୍ଥ ତତ୍ତ୍ୱସାର'ରେ ଶମ୍ଭୁନାଥ ଦାସ,

"ମହାଶୂନ୍ୟ ବୀର୍ଯ୍ୟ ଓଡ଼ରନ୍ଧ୍ରରେ ଗଳିଲା
ମାତା ପଦ୍ମରେ ଯାଇଣ ସେହି ବାସ କଲା ।"

ଏଇପରି ଓଡ଼ିଆ ଶୂନ୍ୟ-ସାଧନା-ସଂକେତରୁ ଅସଂଖ୍ୟ ଉଦାହରଣ ଦିଆ ଯାଇପାରେ । ଏଥିରେ କଂଠୁ ସଂକେତର ମହତ୍ତ୍ୱ ଓ ପବିତ୍ରତା ପୂର୍ଣ୍ଣ ପିତାମାତାଙ୍କ ସଂପର୍କରେ ସୂଚନା ଓ ପଦ୍ମ ଶବ୍ଦର ପ୍ରୟୋଗ ଲକ୍ଷ୍ୟ କରି-ବାର ଜିନିଷ ବୋଲି ମଧ ସ୍ୱୀକାର କରା ଯାଇଛି ।

Digitized by srujanika@gmail.com

# ପଞ୍ଚମ ଅଧ୍ୟାୟ

## ଓଡ଼ିଆ ସାହିତ୍ୟର ମୂଳ ଓ ସ୍ୱରୂପ

### ପଶ୍ଚିମ ଅସୁର ସଭ୍ୟତାରେ ଯୌନ ଆଗ୍ରହ

ଯୌନ ଆଗ୍ରହଇ ସମାଜର ଭିତ୍ତି । ଏଇ ସଂପର୍କରେ ଓଡ଼ିଆର ସାଧନା ଓ ସଦାଗ୍ରହ ଯେଉଁ ବହୁ ସୂଚନା ଦିଆଯାଇଛି । କଳିଂଗ ସଭ୍ୟତା ତଥା ତା ଉତ୍ତରାଧିକାରୀ ଓଡ଼ିଆ ସଭ୍ୟତାକୁ ସେଥିରେ ଭଲକରି ପରଂପରାରେ ଠିକ୍ ରଖିବାର କଥା । ଏକଆଡ଼େ ଦ୍ରାବିଡ଼ ସଭ୍ୟତା । ଏହା ପୁଣି ହୁଏତ ଦ୍ରାବିଡ଼ର ଅସୁର ସଭ୍ୟତା । ପଶ୍ଚିମ ଅସୁର ସାହିତ୍ୟକୁ ସୂଚନା ଦେଇ ସେଠାରେ ସେ କାଳର ଫୁଟି ଥିବା ଧର୍ମ ନାମରେ ନାରୀର ଯୌନ ଆଗ୍ରହ ଓ ସେଥିରେ ନାରୀଙ୍କର ସତୀତ୍ୱ ଓ ଦେବ ସଂପର୍କରେ ସେଇ ସତୀତ୍ୱ ରକ୍ଷା କରିବାର ପ୍ରକାର କଥା କୁହା ଯାଇଛି । ( ପୂର୍ବେ ୭୬ ପୃଷ୍ଠା ଦେଖ ) । ଦେବ ଦେବୀଙ୍କ ପ୍ରତିଷ୍ଠା ସଂଗେ ସାମ୍ରାଜ୍ୟ ଓ ପୌରୋହିତ୍ୟ ସେଠି ଖୁବ୍ ପ୍ରକାଶ ପାଇଥିଲା । ସମ୍ରାଟ ବା ରାଜା ପୁଣି ସେଠି ଶ୍ରେଷ୍ଠ ପୁରୋହିତ ବା ଧର୍ମାଧିକାରୀ ଥିଲେ । ସେଇ ପଶ୍ଚିମ ଭୂମିରେ ଦେବୀ ଅତି ପ୍ରାଚୀନ କାଳରୁ ହୋଇଥିଲେ 'ମା' । ଏଇ 'ମା' ନାମଟି ବୈଦିକ ମାତା ବା ମାୟା, କିଂବା ବୈଦିକ ନାମ ଗୁଡ଼ିକ ଅସୁର 'ମା'ରୁ ହୋଇଛି, ତାହ ହେଉନାହିଁ । ସେ ଯାହେଉ, ସେଇ 'ମା' ପୁଣି ସେଠି ନୃମୁଣ୍ଡ-ମାଳିନୀଙ୍କ ପରି ସର୍ବ ସଂହାରିଣୀ; ମାତ୍ର ଯେ କୌଣସି ଦେବଙ୍କୁ ଆତ୍ମଦାନ କରିବାରେ କୁଣ୍ଠିତ ହୁଅନ୍ତି । ସେଥିପାଇଁ ପୁଣି ତାଙ୍କ ପୁରୋହିତମାନଙ୍କୁ ଖାସୀ କରା ହେଉଥିଲା । (H. R. Hall's 'The Ancient His-toy of the Near East, 7th Edition, ପୃଷ୍ଠା ୩୭୦;

Digitized by srujanika@gmail.com

Myths of Babylonia and Assyria ପୃଷ୍ଠା ୨୭୭ etc. ଓ ପୂର୍ବେ ପୃ: ୩୭ ଦେଖ) । ଏଥିରୁ ଦେଖା ଯାଉଛି, ନାରୀକୁ ସେ ସମାଜରେ ପୁରୁଷ କି ଭାବରେ ଦେଖୁଥିଲେ ଓ ସତୀତ୍ୱର ଭିତ୍ତି ଓ ପ୍ରକାର କଣ ଥିଲା । ନାରୀ ଥିଲା, ପୁରୁଷର ଭୋଗ-ସାମଗ୍ରୀ । ଗୋରୁ ମାଙ୍କଡ ପ୍ରଭୃତିଙ୍କ ଭିତରେ ଯୌନ ସଂଗମରେ ଯେ ସ୍ୱାର୍ଥପରତା ଦେଖାଯାଏ ତା ଜୀବଧର୍ମ ନାରୀ ପ୍ରତି ଏ ସାବଧାନତା ଓ ନାରୀର ଏ କୃତ୍ରିମ ସତୀତ୍ୱର ମୂଳ ଦୂର୍ ସଂଭବ ସେଇ-ଠାରେ । ସେଇଥିରୁ ବାହାରି ଥିଲା, ପୁରୁଷର ବହୁ-ନାରୀ-ଭୋଗ । ତା ମଧ୍ୟ ସେ ସବୁ ସମାଜରେ ଖୁବ୍ ବେଶୀ ଥିଲା । ବୈଦିକ ଆର୍ଯ୍ୟମାନେ ସେଇପରି ରୀତିରେ ଚଳୁଥିଲେ । (ପୂର୍ବେ ୧୨୭ ପୃଷ୍ଠା ଦେଖ) । ତ ଆର୍ଯ୍ୟଙ୍କର ନିଜର, କି ପଶ୍ଚିମ ଅସୁରଙ୍କଠାରୁ ସେମାନେ ତ ଆହରଣ କରିଥିଲେ, ତା କହିବା ଦୁଷ୍କର । ଭାରତରେ ମଧ୍ୟ ପ୍ରାଚୀନ ସିଂଧୁ ସଭ୍ୟତାରୁ ଯା ଆଭାସ ମିଳେ, ସେଥିରୁ ଓ ବେଦର ସଂକେତରୁ ଜଣାଯାଏ, ସେମାନେ ଚଳଣିରେ ବିଶେଷ ଭିନ୍ନ ନ ଥିଲେ ।

## ଦେବଦାସୀ

ସେଥିରେ ପୁଣି ଦେବଦାସୀ । ଏହା ସେଇ ପଶ୍ଚିମ ଅସୁରଙ୍କ ଚଳଣିରୁ ବାହାରିଛି । ( ପୂର୍ବେ ୩୫ ପୃଷ୍ଠା ଦେଖ ) । ସେମାନଙ୍କ ନାମ ହେଉଛି, ଏ ଦେଶରେ 'ଅପ୍ସରୀ' ( ସଂସ୍କୃତ, ଅପ୍ସରସ୍; ଅପ୍ସରା ) । ଏହାର ଶବ୍ଦାର୍ଥ ହେଉଛି, ଯେଉଁ ନାରୀ ଜଳରୁ ବା ଜଳବାଟେ ଆସିଛି । ପୁରାଣ କହନ୍ତି, ଅପ୍ସରିମାନେ ବୋଇତରେ ସମୁଦ୍ରରୁ ଆସିଥିଲେ । ଅପ୍ସରାଙ୍କ ପ୍ରଧାନ, ରମ୍ଭା, ସମୁଦ୍ର ମନ୍ଥନରୁ ବାହାରିଥିବା କଥାଟି ମଧ୍ୟ ସମସ୍ତେ ଜାଣିଥିବେ । ମନେହୁଏ, ଏମାନେ ପଶ୍ଚିମ ଅସୁର ଦେଶରୁ ପ୍ରଥମେ ଆସିଥିଲେ । ଏବେ ବି ଦ୍ରାବିଡ଼ମାନଙ୍କ ଭିତରେ ଦେବଦାସୀ ବା ବେଶ୍ୟା, ଗୋଟିଏ ପ୍ରତିଷ୍ଠିତ ଅନୁଷ୍ଠାନ । କର୍ଣାଟୀ ଗଂଗ ସମ୍ରାଟ୍‌ମାନେ ଏହା ଜଗନ୍ନାଥ ମନ୍ଦିରରେ ପର୍ଯ୍ୟନ୍ତ ପୁରାଇଛନ୍ତି । ଯେତେଦୂର ଜଣା ପଡୁଛି, ଏଇ ଗଂଗ ସମ୍ରାଟମାନଙ୍କ ଠାରୁ ଓଡ଼ିଆ ରଜା ରାଜୁଡ଼ା ଓ

Digitized by srujanika@gmail.com

ସେମାନଙ୍କ ଚଳଣିରେ ଅନୁକରଣ କରୁଥିବା କେତେକ ମାତ୍ର ଲୋକଙ୍କ ଭିତରେ ବହୁ ବିବାହ ଓ ଉଚ୍ଛୃଙ୍ଖଳତା ରହିବା ପଶିଛ ।

## ବଂଗଆଡ଼େ—ବହୁବିବାହ

କଳିଂଗର ଅନ୍ୟ ଦିଗ ଦେଖ । ସେ ହେଉଛି ବଂଗ, ମଗଧ । ସେଆଡ଼େ ଅସୁର ସଭ୍ୟତା ସାକ୍ଷାତ ଭାବରେ ପୂର୍ବେ ପଶିଥିଲା ବୋଲି ମନେ ହେଉନାହିଁ । ଯାହାବା ପଶିଥିଲା, ତା ଏକଆଡ଼େ କଳିଂଗ, ଉତ୍କଳ ଓ ଓଡ୍ରବାଟେ ପୁଣି ଅନ୍ୟଆଡ଼େ ଆର୍ଯ୍ୟଙ୍କବାଟେ । ସେ ଭୂମିରେ ପ୍ରତିଷ୍ଠିତ ଥିଲା ଆଦିମ ଶବର ସଭ୍ୟତା ଓ ସମ୍ଭବତଃ ଉତ୍ତରାଂଚଳରେ କିରାତ ସଭ୍ୟତା । କଳିଂଗର ଅସୁରଙ୍କ ସଂପର୍କରେ ଯେଉଁ ଶବରମାନେ ଦକ୍ଷିଣରେ ବେଳେ ସୁସଭ୍ୟ ଥିଲେ, ଏ ସେ ଶବରଙ୍କ ସଭ୍ୟତା ନୁହେଁ । ଶବରଙ୍କ ସ୍ତମ୍ଭନ ମୋହନ ବଶୀକରଣ ପ୍ରଭୃତି ଆଦିମ ବିଦ୍ୟା ବଂଗ ଦେଶର ଆଦିମ ସଭ୍ୟତାକୁ ଘୋର ପ୍ରଭାବିତ କରିଥିଲା । ପୁଣି ନାନା କାରଣରୁ ସେ ଭୂମିରେ ନରନାରୀ ମଧ୍ୟରେ ଯୌନ ସୈରାଚାର ସମାଜରେ ଏକ ପ୍ରକାର ଶିଷ୍ଟ ଚଳଣି ହୋଇ ପଡ଼ିଥିଲା । ଏଥିରେ ପୁଣି ନାରୀ-ସମ୍ମାନ ଓ ସ୍ୱାଧୀନତାର ଲେଶ ନ ଥିଲା । ପୁରୁଷର ସମ୍ଭୋଗକୁ କେନ୍ଦ୍ର କରି ଏ ସବୁ ଆଚାର ବା କଦାଚାର ଫୁଟି ଥିଲା । ପରେ ଏଥିରୁ ଯେଉଁ 'କୁଳୀନ' (ତନ୍ତ୍ରର 'କୌଳ') ଓ କୁଳୀନର ବୀଭତ୍ସ ବହୁ ବିବାହର ଆବରଣ ମାଧ୍ୟମରେ ଅନାଳଂବ ବ୍ୟଭିଚାର ଫୁଟି ଥିଲା, ଏହା ତାର ପ୍ରମାଣ । ଏ କଥାର ଗୁରୁତ୍ୱ ଦେଖାଇବାପାଇଁ ଏଠାରେ କୁହାଯାଇ ପାରେ, ଏଇ ସେଦିନ ଖ୍ରୀଷ୍ଟାବ୍ଦ ୧୯୦୫ରେ କଟକ ରେଭେନ୍ସା କଲେଜରେ ସୁରେନ୍ଦ୍ର ମୁଖର୍ଜୀ ନାମରେ ଜଣେ ବଂଗାଳୀ ଏଫ୍. ଏ. ପଢ଼ୁଥିଲେ । ତାଙ୍କର ୧୪୦ଟି ମାଆ ଥିଲେ । ସେ ନିଜେ ଜୀବନରେ ପିତାଙ୍କୁ ଦେଖି ନ ଥିଲେ; ମାଆଙ୍କ ସଙ୍ଗେ ମାମୁଙ୍କ ଘରେ ବଡ଼ ମଣିଷ ହେଉଥିଲେ । ହୁଟନ (Huttan) ଭାରତର ଜାତି ଓ ଜନଶ୍ରେଣୀ (Castes and Tribes of India) ପୁସ୍ତକରେ ଲେଖିଛନ୍ତି, ସେ ୧୯୨୧ ଖ୍ରୀଷ୍ଟାବ୍ଦରେ ଜଣେ ବଂଗାଳୀ ବ୍ରାହ୍ମଣଙ୍କୁ ଦେଖିଥିଲେ । ସେ ବ୍ରାହ୍ମଣଟି ୭୨ଟି ନାରୀଙ୍କୁ ବିଭା ହୋଇଥିଲେ ।

Digitized by srujanika@gmail.com

## ବୀଭତ୍ସ ଭକ୍ତିବାଦ ଓ ବାବାଜୀ ମାତା

ବଶୀକରଣାଦି ଅଦ୍ଭୁତ କ୍ରିୟା ସଙ୍ଗେ ଭୋଗ ପାଇଁ ଭଗବାନଙ୍କୁ ଭକ୍ତି କରିବା ମିଶି ସମାଜରେ ଆଉର ଗୋଟିଏ ବୀଭତ୍ସତା ପ୍ରକାଶ ପାଇଥିଲା । ସେ ହେଉଛି, ଏକଆଡ଼େ ଗୋପୀ ବା ରାଧାଙ୍କ ସଙ୍ଗେ କୃଷ୍ଣଙ୍କ ଯୌନକ୍ରୀଡ଼ା, ଓ ଅନ୍ୟଆଡ଼େ ଭଗବାନ୍ କୃଷ୍ଣଙ୍କର ଭକ୍ତଙ୍କ ପ୍ରତି ଘୋର ପକ୍ଷପାତିତା ଓ ଅତ୍ୟନୁରକ୍ତି । ଗୋପୀ ଓ ରାଧା କେଉଁଠାରୁ ବାହାରିଥିଲେ, ଠିକ୍ ଜଣା ପଡୁନାଇ । କେହି କହନ୍ତି, ଦ୍ରାବିଡର ଦେବଦାସୀ-ସଭ୍ୟତାରୁ; କେହି କହନ୍ତି, ଉତ୍ତର ପଶ୍ଚିମ ଭାରତର ଶହ ଶହ ଯୁବତୀ ଦକ୍ଷିଣା ନେଉଥିବା ଋଷିଙ୍କ ଭୂମିରୁ; ମାତ୍ର ବଙ୍ଗାଳୀଏ ଦାବିକରନ୍ତି, ଏହା ବଙ୍ଗଭୂମିରୁ । ହେଲେହେଁ ଜୟଦେବଙ୍କ ଯାଏ ଓଡ଼ିଶା ତାଙ୍କୁ ଜାଣି ନଥିଲା, କିମ୍ବା ଚୈତନ୍ୟଙ୍କ ଯାଏ ସେ ଓଡ଼ିଶାରେ ଯଥାର୍ଥ ଜାଗା ପାଇ ନଥିଲେ । ଜଗ୍ନ-ଦେବଙ୍କୁ ଦେଉଳରେ ପୂରାଇଥିଲେ ପୁଣି କୌଣସି ଆଦମ କର୍ଣ୍ଣାଟୀ ଗଙ୍ଗ ସମ୍ରାଟ—ହୁଏତ ଅନନ୍ତବର୍ମ ଚୋଡ଼ଗଙ୍ଗ ବା ତାଙ୍କ ନାତି ଅନଙ୍ଗଭୀମ । ପରେ ଏଇସବୁ ଫଳରେ ବାହାରିଲେ, ସହଜିଆଧର୍ମୀ ବଙ୍ଗଭୂମିରୁ 'ବାବାଜୀ ମାତା' । ତାଙ୍କ ମତରେ ଭକ୍ତ ଯା ହୁଅନ୍ତୁ, ଚୋର ହୁଅନ୍ତୁ, ଠକ ହୁଅନ୍ତୁ, ଆଉ ଯାହା ହୁଅନ୍ତୁ—କାହିଁକିନା, ବ୍ୟଭିଚାର କେଳି ତ ତାଙ୍କର ଜିନିଷ ନାଇ, ସେ ତ ତାଙ୍କର ଧର୍ମ କଥା—କୃଷ୍ଣ ତାଙ୍କର କାମ କରିବାକୁ ଗୁହଁ ବସିଥାନ୍ତି; କାହା ଘରେ ଚାଉଳ ନଥିଲେ, ଆପେ ଚାଉଳ ଡାଲି ଭାରରେ ବୋହି ଆଣି ଦେଇଯାନ୍ତି; କାହା ପୁଅ ମରିଗଲେ, ବଞ୍ଚାଇ ଦିଅନ୍ତି; ଭକ୍ତକୁ କିଏ ବ୍ୟଭିଚାରୀ ବା ବେଶ୍ୟାସକ୍ତ ବୋଲି ଘୃଣା କଲେ ମଧ୍ୟ ତାକୁ ନାଶ କରନ୍ତି, ନହେଲେ ତାକୁ ଆଣି ସେଇ ଭକ୍ତର ଗୋଡ଼ତଳେ ପକାନ୍ତି—ଇତ୍ୟାଦି ।

## ଓଡ଼ିଆ ଆକ୍ରମଣରେ ଅଭିଭୂତ ହୋଇନାଇ

ଶିଷ୍ଟାଚାର ଓ ଧର୍ମନାମରେ ଏସବୁ ଭୋଗ, ଲୋଭ, କାମୁକତା ଓ କାମନା ଭିତରେ କଳିଙ୍ଗ ବା ଓଡ଼ିଆ ଚିଆ ହୋଇଥିଲା । ଏସବୁ ମଝକ

Digitized by srujanika@gmail.com

ପରି ମାଡ଼ି ଯାଉଛନ୍ତି । ଏ ପରି ଭୋଗ ଓ ବାସନାର ସୁଖକୁ ଧର୍ମ ନାମରେ ପାଇଲେ, କେଉଁ ମାନବ-ସମାଜ ଅଭିଭୂତ ନ ହେବ ? ଓଡ଼ିଆ ଯୁଗଯୁଗ ଧରି ଏହି ପ୍ରଭାବରେ ଆକ୍ରାନ୍ତ ଓ ଉତ୍ପୀଡ଼ିତ ହୋଇ ଆସିଛନ୍ତି । ଏବେ ବି ପୁରୀମନ୍ଦିରରେ ଦେବଦାସୀ-ମାହାରୀଙ୍କ ସେବା ଅଛି । ଚୈତନ୍ୟସାଥୀ ରାୟ ରାମାନନ୍ଦ ଦାସୀନାଚରେ ଭାରି ସଉକୀ ଥିଲେ । ମାତ୍ର ଚୈତନ୍ୟଙ୍କର ଦାସୀଦାସୀରେ ଶ୍ରଦ୍ଧା ନଥିଲା । ତେଣେ ରାୟରାମାନନ୍ଦ, ରାଜମହେନ୍ଦ୍ରୀରେ ଓଡ଼ିଶା ସମ୍ରାଟଙ୍କ ପ୍ରତିନିଧି ଥିବାରୁ ଦ୍ରାବିଡ଼ ପ୍ରଭାବରେ ପଡ଼ି କୃଷ୍ଣଙ୍କ ସେବାରେ ଦାସୀନାଚ ଛାଡ଼ି ପାରୁ ନ ଥିଲେ । ତେଣୁ ସେ ସୃଷ୍ଟି କଲେ 'ଗୋଟି-ପୋ' ବା 'ଅଖେଡ଼ାପିଲା' । ଏଥିରେ ଛୋଟ ଛୋଟ କିଶୋର ଅଣ୍ଡିରିପିଲାଙ୍କୁ ଦାସୀଣୀ ଦାସୀବେଶରେ ସଜାଇ ଗୀତ ବୋଲାଇ ଦାସୀଙ୍କ ପରି ନଚାଇବାକୁ ହୁଏ । ଏଥିସଙ୍ଗେ ନାନା କୁତ୍ସିତ, ଅବୈଧ ଓ ଅସ୍ୱାଭାବିକ ଯୌନ-ଚର୍ଯ୍ୟା ଫୁଟିବାର କଥା । ବାବାଜୀ ଓ ମାତାମାନେ ଘୃଣିତ ନ ହୋଇ ଅବାଧରେ ଆମ ଗ୍ରାମମାନଙ୍କରେ ଭିଖ ମାଗନ୍ତି ଓ ଦେଉଳରେ ପଶନ୍ତି । କେତେ ଗୌଡ଼ୀୟ-ବାବାଜି ଯୁବତୀ-ବିଧବାଙ୍କୁ ଭଣ୍ଡି ମାତା ମଧ୍ୟ କରନ୍ତି । 'ଚରଣଦାସ' ବା 'ରାଧାରମଣ ଦେବ'ଙ୍କପରି ଗୌଡ଼ୀୟ ବୈଷ୍ଣବଙ୍କ 'ଆବେଶ' ଓ ଅଦ୍ଭୁତ କ୍ରିୟାର କଥା ବହୁତ ଶୁଣ ଯାଏ । 'ଦାର୍ଢ୍ୟତା ଭକ୍ତି' ପରି ପୁସ୍ତକର 'ଭକ୍ତବୀର'ମାନଙ୍କ ଉପଖ୍ୟାନ ସବୁ ପଢି କେତେ ନିଜ ଭକ୍ତିତ୍ୱର ଅହଂକାର ବି କରନ୍ତି । ବଙ୍ଗାଳୀ ତାନ୍ତ୍ରିକ ତଥା ଗୌଡ଼ୀୟ-ବୈଷ୍ଣବ ଗୋସ୍ୱାମୀଙ୍କ ମନ୍ତ୍ର ଦେବା ଓ ମନ୍ତ୍ର ନେବା ଫିକିଟି ଓଡ଼ିଶାରେ ଏକ ପ୍ରକାର ପ୍ରତିଷ୍ଠିତ ହୋଇ ଓଡ଼ିଆଙ୍କୁ ଆତ୍ମବିସ୍ମୃତ କରିବା ଭଳି ଅବସ୍ଥାକୁ ଆଣିଛି । କିନ୍ତୁ ଓଡ଼ିଆ ଅଭିଭୂତ ହୋଇ ବରାବର ଆତ୍ମଜ୍ଞାନ ହରାଇ ନାହିଁ । ଓଡ଼ିଆର ସମାଜ ଚଳଣି ଭ୍ରଷ୍ଟ ହୋଇ ନାହିଁ । ଓଡ଼ିଆ 'ଅତିବଡ଼ି' ବୈଷ୍ଣବ ଏବେ ବି 'ହରିମନ୍ଦିର' ତଳକଧର ଆତ୍ମରକ୍ଷା କରୁଛନ୍ତି । ଗାଦିଗୋସେଇଁମାନେ ଏବେ ବି ଅଲେଖ-ଧର୍ମ, ମହିମା-ଧର୍ମ ପ୍ରଭୃତି ନାମ ଧରି, ସେଥି ସଙ୍ଗେ ଅଚ୍ୟୁତ, ଯଶୋବନ୍ତ ପ୍ରଭୃତିଙ୍କ ସ୍ମୃତିରକ୍ଷା କରି ନିର୍ମଳ ଆଦର୍ଶ ଜୀବନ୍ତ ରଖିଛନ୍ତି । ଏବେ ବି ବିନା ମନ୍ତ୍ର ଗ୍ରହଣ ଓ

Digitized by srujanika@gmail.com

ବିନା 'ଭେଖ'ରେ ହିମାଳୟଙ୍କ ପରି ସିଦ୍ଧ-ସାଧକମାନେ ଉଠୁଚନ୍ତି । ଓଡ଼ିଆର ଜାତିସ୍ଥ ସଭ୍ୟତା ଓ ସାହିତ୍ୟ ନିଜ ସ୍ୱାତନ୍ତ୍ର୍ୟରେ ପ୍ରତିଷ୍ଠିତ ଅଛି । ଏଇ ବିଳକ୍ଷତାର ମୂଳ ଓ ସ୍ୱରୂପ-ପ୍ରକାଶ ଦେଖି ବୁଝିବାର କଥା ।

## ଓଡ଼ିଆ ସାହିତ୍ୟରେ ଶୂନ୍ୟରୁ ସୃଷ୍ଟିତତ୍ତ୍ୱ

ପୂର୍ବରୁ, ବିଶେଷତଃ ଅନୁସରଣ-ପ୍ରକରଣରେ ଯେଉଁ ସବୁ ସୂଚନା ଦିଆଯାଇଛି, ସେଥିରେ ଓଡ଼ିଆ ସାହିତ୍ୟର ସ୍ୱରୂପ, ସଂକେତରେ କେତେକ ଜାଣି ହେଉଛି । ପରେ ପୁଣି କେତେକ ସୂଚନା ବି ଦିଆହେବ । ମାତ୍ର ଏଇ ସବୁ ସୂଚନା ପଛରେ ମୌଳିକ ତତ୍ତ୍ୱଟି କଣ, ଓ ତା' କି ଗଢ଼ରେ ପ୍ରକାଶର କି ପ୍ରକାର ଧରିଛି, ତା' ଆଗ ଦେଖିବା ଦରକାର । ସମସ୍ତ ଆଦାନ ପ୍ରଦାନ ଓ ଅନୁସରଣ ଭିତରେ ପୁଣି ତାକୁ ଖୋଜି ଦେଖିବାକୁ ହେବ । ସେଇଥିରେଇ ସ୍ୱାତନ୍ତ୍ର୍ୟଟି ସ୍ପଷ୍ଟ ହେବ । ଏଇ ସମ୍ପର୍କରେ ଦେଖିବାକୁ ହେବ, କଳିଙ୍ଗ-ଅଞ୍ଚଳର ସଭ୍ୟତାର 'ଶୂନ୍ୟରୁ ସୃଷ୍ଟି'-ଦର୍ଶନ ଓ ତଦନୁରୂପ ସାଧନା ଓଡ଼ିଆ ସାହିତ୍ୟରେ ମୂଳରୁ କିପରି ପରମ୍ପରାର ଧାରାକୁ ସମସ୍ତ ଆଦାନ ପ୍ରଦାନ ମଧ୍ୟରେ ଠିକ ରଖି ଆସିଛି । ତୁଳନାର ସଂକେତରେ ପୁଣି ବୁଝିବାକୁ ହେବ ଅନ୍ୟନ୍ୟ ତା' କି ପ୍ରକାର ଧରିଛି । ସେଥିପାଇଁ, ପୂର୍ବେ ପ୍ରସଂଗାନ୍ତରରେ ଉଦ୍ଧାର କରି ଯାଇଥିବା କଥାଗୁଡ଼ିକ ବି କାମରେ ଆସିବ । ଏଥିପାଇଁ ବିଶେଷରେ 'ଛତ୍ରିଶ ପଟଳ' ଗ୍ରନ୍ଥରୁ ଦିଆଯାଇଥିବା ମାତାପିତାର ଭେଟ ସମ୍ପର୍କୀୟ ତତ୍ତ୍ୱବ୍ୟାଖ୍ୟା (ପୃଷ୍ଠା ୧୩୩-୩୬), 'ବିରାଟ ଗୀତା'ରୁ ଦିଆଯାଇଥିବା 'ନାମ'-ତତ୍ତ୍ୱ (ପୃଷ୍ଠା ୧୩୬), ପୁଣି ପ୍ରେମ-ଭକ୍ତି-ତତ୍ତ୍ୱ-ଗୀତାରୁ ଦିଆଯାଇଥିବା "ରାଧାଙ୍କ ବୀର୍ଯ୍ୟ ରୂପେ ଯାଇ" (ପୃଷ୍ଠା ୧୪୫) ପ୍ରଭୃତି କଥାଗୁଡ଼ିକୁ ଲକ୍ଷ୍ୟ କରିଯାଇ ପାରେ । ଓଡ଼ିଆ ସାହିତ୍ୟ ଏଇ ସବୁର ସଂକେତ ଓ ପ୍ରକାଶରେ ପୂର୍ଣ୍ଣ । 'ପଞ୍ଚ ସଖା'ଙ୍କ ଲିଖିତ ଓ ପ୍ରଚାରିତ ସାଧନ ତଥା ଭକ୍ତି ସାହିତ୍ୟରେ ଏହା ସ୍ପଷ୍ଟ । ପଞ୍ଚସଖାଙ୍କ ଭିତରେ ପ୍ରଧାନ ହେଉଛନ୍ତି, ଜଗନ୍ନାଥ ଦାସ । ଚୈତନ୍ୟ ତାଙ୍କୁ କହୁଥିଲେ, 'ଅତିବଡ଼' । ତେଣୁ ତାଙ୍କ ନାମ, ଅତିବଡ଼ ଜଗନ୍ନାଥ

Digitized by srujanika@gmail.com

ଦାସ । ତାଙ୍କ ବୈଷ୍ଣବ ସମ୍ପ୍ରଦାୟ ଏବେ ବି ଓଡ଼ିଶାରେ ସ୍ପଷ୍ଟ ସ୍ୱାତନ୍ତ୍ର୍ୟରେ ପ୍ରଚଳିତ ଅଛନ୍ତି । ସେ ହେଉଛନ୍ତି, 'ଅତିବଡ଼ି' ବୈଷ୍ଣବ ସମ୍ପ୍ରଦାୟ । ଅତିବଡ଼ି ଦିବାକରଦାସ 'ଜଗନ୍ନାଥ ଚରିତାମୃତ'ରେ ଅତିବଡ଼ିଙ୍କ ଧର୍ମତତ୍ତ୍ୱ ଓ ସାଧନା ମଧ୍ୟ ବୁଝାଇଛନ୍ତି । ସେହି ଅତିବଡ଼ି ଜଗନ୍ନାଥ ଦାସ ନିଜ 'ତୁଳାଭିଣା' ( ତୁଳାକୁ ଭିଣିଲା ପରି ତନ୍ନ ତନ୍ନ କରି ସେହି ତତ୍ତ୍ୱ ବୁଝାଇବା ଗ୍ରନ୍ଥ ) ରେ ଈଶ୍ୱର-ପାର୍ବତୀ-ସମ୍ବାଦରେ ପ୍ରଥମ ଅଧ୍ୟାୟରେ କହିଛନ୍ତି :—

ଈଶ୍ୱର ଉବାଚ—

ଏ ମାତୃ ଗର୍ଭର ବିଗ୍ରହ ।
ଦିବା ଅଗେ କରିବି ପ୍ରଗ୍ରହ ॥
ପୁଣି କହିବା ଆଦ୍ୟ ଠାରୁ ।
ସଂଶୟ ଛଣ୍ଡିବ ମନରୁ ॥
ଅଣ୍ଡାକାର ଯେ ନୈଋତ୍ୟକୋଣ ।
ସେଠାରୁ ବିନ୍ଦୁ ଉତପତ୍ତି ॥
ଅର୍ଦ୍ଧ ମଧ୍ୟରେ ବିନ୍ଦୁ ରହି ।
ଊର୍ଦ୍ଧ୍ୱରୁ ଖସିଣ ପଡ଼ଇ ॥
ଊର୍ଦ୍ଧ୍ୱ ପ୍ରଣବରୁ ଝରିଲା ।
ସି ବୀଜ ସଯୁ ବୋଲାଇଲା ॥
ମହା ତପତ୍ତି ଜାତ ହେଲା ।
ସେ ବୀଜ ପିଣ୍ଡ ତରଳିଲା ॥
ସୂତା ପ୍ରମାଣେ ବାଟ ଥିଲା ।
ସେ ବାଟେ ଗଳିଣ ପଡ଼ିଲା ॥
ଇନ୍ଦ୍ରରୁ ଖସିଲା କହୁନ ।
ପଦ୍ମ ମଧ୍ୟରେ କଲା ସ୍ଥାନ ॥
ଏ ରୂପେ ପଦ୍ମଁ ଉତପତ୍ତି ।
ସୁମନେ ଶୁଣ ଗୋ ପାର୍ବତୀ ॥

Digitized by srujanika@gmail.com

ଶୂନ୍ୟ ସେ ଏରୂପେ ଖସାଇ ।
( ଶୂନ୍ୟ ସେ ଏ ରୂପେ ଖସଇ ? )
ସେ ତତ୍ତ୍ୱ ଜ୍ଞାନୀ ଯେ ଜାଣଇ ॥”

ସେଇଠାରେ ଏହାର ଅର୍ଥ ବୁଝାଇ ପୁଣି କହନ୍ତି—

“ଶୁଣ ଗୋ ପାର୍ବତୀ, ଅଣାକାର ଯେ ଜ୍ୟୋତି-ରୂପ, ସେ ଅବ୍ୟକ୍ତ ସେ ମହାଶୂନ୍ୟ । ତାହାକୁ ବ୍ୟକ୍ତ କରିବାକୁ କେହି ନାହିଁ । ସେହିଠାରୁ ବ୍ରହ୍ମ ପ୍ରଜ୍ୱଳିତ ହୋଇ ଉଚ୍ଛୁଳିଲା । ସେ ଊର୍ଦ୍ଧ୍ୱ ରୁଚି ଓଁକାର ପ୍ରଣବ ହଲା । ( ହେଲା ? ) । ପ୍ରଣବରୁ ଖସିଲା । ... । ନିକୁଟଠରେ ମହାପ୍ରଜ୍ୱଳିତ ତପ୍ତି ଉଠିଲା । ସେଠାରେ ମୂର୍ତ୍ତିମନ୍ତ ପର କାଠ ଥିଲା । ସେବାଟେ ଗଳି ପଡ଼ିଲା ... । ରକ୍ତଏ ହେଲା ।      । ପୁଣି ସେଠାରୁ ଗଳି ଯାଇ ଇନ୍ଦ୍ରିସ୍ଥାରେ ପ୍ରବେଶ ହେଲା । ମାତାର ପଦ୍ମରେ ବଶ୍ରମେଲା ।”

ଏହାପୂର୍ବରୁ ସେଇ ପ୍ରଥମ ଅଧ୍ୟାୟରେ ପାର୍ବତୀ ପଚାରନ୍ତି :—

“କେମନ୍ତେ ହୋଇଲା ସଂସାର ।
ମନ୍ତୁ ସଂଶୟ ଦୂର କର ॥

ଈଶ୍ୱର ଉବାଚ

ମହାଶୂନ୍ୟ ଯେ ଜ୍ୟୋତି ରୂପ ।
ଜ୍ୟୋତିରୁ ଜାତ ଠୁଳ ରୂପ ॥ ( ଠୁଳ=ସ୍ଥୂଳ ) ।
ଠୁଳରୁ ଅର୍ଦ୍ଧମାତ୍ରା କଲା ।
ମାତ୍ରାରୁ ଓଁକାର ଜନ୍ମିଲା ॥
ଓଁକାର ବ୍ରହ୍ମ ଏ ଜଗତ ।
ଶୁଣ ପାର୍ବତୀ ଦେଇଚିତ୍ତ ॥”

ଏହାର ଅର୍ଥ କହନ୍ତି :—

“ମହାଶୂନ୍ୟ ଯେ ଜ୍ୟୋତିରୂପ ସେ ଜ୍ୟୋତିରୁ ଠୁଳ ରୂପ । ଠୁଳରୁ ବିନ୍ଦୁ । ବିନ୍ଦୁରୁ ଅର୍ଦ୍ଧ ମାତ୍ରା । ଅର୍ଦ୍ଧ ମାତ୍ରାରୁ ଓଁକାର ଜନ୍ମହେଲା ।”

Digitized by srujanika@gmail.com

## ଏହାର ତାତ୍ପର୍ଯ୍ୟ :—

ଅଣାକାର ହେଉଛନ୍ତି, ଶୂନ୍ୟକ୍ଷେତ୍ର, ଅର୍ଥାତ୍, ଶୂନ୍ୟର ସ୍ୱରୂପ ବା ଆକାରର ଆଲୋକ ଅଥବା ରୂପବାନ୍ ଅନ୍ଧକାର । ସେଇଠାରୁ ବିନ୍ଦୁ ବା କାମର ସଙ୍କେତ ଖସିବାରୁ ସୃଷ୍ଟିର ଜନ୍ମ ବା ପ୍ରକାଶ ହେଲା ବୋଲି ଜଗନ୍ନାଥ ଦାସ କହିଲେ । ଏଠାରେ ପୁଣି ଲକ୍ଷ୍ୟ କରିବାର ଅଛି, ଜଗନ୍ନାଥ ଦାସ, ପଦ୍ମରେ ଏଇ ବିନ୍ଦୁସୃଷ୍ଟି କ୍ରିୟାକୁ ଖାଲି ମାତା ପିତାଙ୍କ ସଂଯୋଗ-ସଙ୍କେତର ସବିଶେଷତାରେ ନିବଦ୍ଧ ନ ରଖି, ପ୍ରତ୍ୟେକ ପ୍ରଜନନକୁ ନିରାକାରଙ୍କ ସୃଷ୍ଟି ପ୍ରକାଶ ସଙ୍ଗେ ଏକ କରି ଦେଖିଛନ୍ତି । ଏଥିରେ ଶୂନ୍ୟରୁ ସୃଷ୍ଟି ସଙ୍ଗେ, ଶରୀର-ପ୍ରକାଶ ବା ଯୌନକ୍ରିୟାରେ ଜନ୍ତୁ-ଜନ୍ମ-କଥାଟିକୁ ମିଶାଇ ଏକ କରି କୁହାଯାଇଛି ।

## ଶୂନ୍ୟ, ବ୍ରହ୍ମ, ଓଁ

ଏହାହିଁ ଶୂନ୍ୟବାଦର ସାଧନ-ତତ୍ତ୍ୱ । ତେବେ ସୃଷ୍ଟି ଦର୍ଶନଟି ଏଠି କ'ଣ ? ସମସ୍ତ ପ୍ରକରଣଟି ପଢିଲେ ଦେଖାଯିବ, 'ଅଣାକାର' 'ଅବ୍ୟକ୍ତ' ଶୂନ୍ୟରୁ ବ୍ରହ୍ମ ଓ ଓଁକାର ବାଟେ ସୃଷ୍ଟିର ପ୍ରକାଶ । ବିଶ୍ୱ-ପ୍ରକାଶ-ସଙ୍ଗେ ବ୍ୟକ୍ତି-ପ୍ରକାଶ ବା ଶିଶୁଜନ୍ମ ପ୍ରକ୍ରିୟାକୁ ମିଳାଇ ତେଣୁ ବୁଝିବାକୁ ହେବ, 'ବ୍ରହ୍ମ' ବୋଇଲେ, 'ବୀଜ' ଓଁକାର ହେଉଛି, ବ୍ରହ୍ମର ନାମ । ଓଡ଼ିଆ ବୈଷ୍ଣବଙ୍କ ଭାଷାରେ ତା ହେଉଛି 'ରାମ ନାମ' । 'ମାତା' ହେଉଛି, 'ମାୟା' ବା 'ଯୋଗ ମାୟା' (ଅର୍ଥାତ୍, ସୃଷ୍ଟି ନିମନ୍ତେ ଅଣାକାର ବା ବ୍ରହ୍ମସଙ୍ଗେ ନିତ୍ୟ ଯୋଗରେ ଥିବା ମାୟା)—ଇତ୍ୟାଦି । ଶୂନ୍ୟବାଦରେ ନାମ ମାନଇ ପ୍ରକାଶର ସଙ୍କେତ । 'ବ୍ୟକ୍ତ' ବୋଲି 'ନାମ' ଛଡ଼ା ଆଉ କିଛି ନାହିଁ (ପୂର୍ବେ ପୃ ୩୨ ଦେଖ) । ଶୂନ୍ୟର ପ୍ରକାଶରେ ଆଉ କିଛି ଥାଇ ନ ପାରେ । ତେଣୁ ବ୍ରହ୍ମର ନାମ ହୋଇ ଯାଇଛି, ଓଁ ବା ଓଁକାର ।

## ଓଁକାର—ଓଡ଼ିଆର ବୈଦିକ ସାହିତ୍ୟକୁ ଦାନ

ଏଇ ଓଁକାରଟି ବୈଦିକ ସାହିତ୍ୟରେ ବଡ଼ ପ୍ରସିଦ୍ଧ । ଉପନିଷଦ୍‌ରେ ତାର କ୍ରମିକ ବ୍ୟାଖ୍ୟା ଢେର୍ ଅଛି । ପରବର୍ତ୍ତୀ ବୈଦିକ ସାହିତ୍ୟରେ

Digitized by srujanika@gmail.com

ଏହାର ପ୍ରତିଷ୍ଠା ସର୍ବତୋମୁଖୀ କହିଲେ ହୁଏ । ମାତ୍ର ଋଗ୍‌ବେଦ ସଂହିତାରେ ଏହାର ମୂଳ ମିଳେ ନାହିଁ । ପରବର୍ତ୍ତୀ ବୈଦିକ ସାହିତ୍ୟରେ ଏହା ହେଉଛି ବ୍ରହ୍ମର ସଂକେତ, ସ୍ମାରକ, ବା 'ନାମ' । ନାମ ମାଝରେ ବ୍ୟକ୍ତ ବା ପ୍ରକାଶର ସଂକେତ ଦେଖିବା ପୁଣି ବୈଦିକ ନୁହେଁ । ଏହା ଆସିଲା କୁଆଡ଼ୁ ? ଏହା ଆସିଛି, ଶୂନ୍ୟବାଦର ବ୍ୟକ୍ତ-ସଂକେତରୁ । ଯେଉଁ ବ୍ୟକ୍ତ ଏ ଜଗତକୁ ଜାଣୁଛି, ଯାହା ଯୋଗୁ ଏ ଜଗତ ଅଛି ବୋଲି କୁହାଯାଉଛି, ଯାହାହେତୁ ଏ 'ମହାଶୂନ୍ୟ' ପ୍ରକାଶରୂପେ ପ୍ରତିଭାତ ହେଉଛି, ସେଇ ବ୍ୟକ୍ତ ଟି କିଏ ? ତାର ପରିଚୟ କାହିଁରୁ ମିଳେ ? ଡାକିଲେ, ବ୍ୟକ୍ତ, 'ଓଁ' ବୋଲି ଆପଣାକୁ ଜଣାଇ ଦିଏ । ଓଁକାର ହେଉଛି ସେଇ 'ଓଁ' । ମନେ ହୁଏ, ଏହା ପୁରାପୁରି କଳିଙ୍ଗର ଜିନିଷ । ଓଡ଼ିଆରେ ଏହା ଏବେ ବି ଅଛି । ଏବେ ବି 'ଓଁ' ବୋଲି ଆମେ ନିଜକୁ ଜଣାଇ ଦେଉ । ପିଲାକୁ ଡାକି କହି, 'ଓଁ କର' ବୋଲି ଶିଖାନ୍ତି । ଓଡ଼ିଆ ଛଡ଼ା ଅନ୍ୟତ୍ର ଏହା ନାହିଁ—ବିଶେଷତଃ ସଂସ୍କୃତମୂଳକ ଅନ୍ୟ କୌଣସି ଭାଷାରେ ଏପରି ନାହିଁ । ଜଣାଯାଉଛି, ଏହାର ମୂଳ ଓଡ଼ିଆର ଆଦିମ ସାହିତ୍ୟରେ—ଏହାର ମୂଳ ପ୍ରାଚୀନ କଳିଙ୍ଗ ସାହିତ୍ୟରେ । ନାମସଂଗେ ବସ୍ତୁତ୍ୱର ଏ ମହାସମାଧାନ ପୁଣି ହେଉଛି, କଳିଙ୍ଗର । ଏହା ଆଦିମ ଓଡ଼ିଆ ସାହିତ୍ୟର ।

## ବ୍ରହ୍ମ ଓ ତପଃ

ଶୂନ୍ୟ ହେଉଛି, ଅବ୍ୟକ୍ତ । ସେଥିରୁ ସୃଷ୍ଟି-ପ୍ରକାଶ ପାଇଁ ତପଃ ('ତପ୍ତି'), ତହିଁ ବ୍ରହ୍ମ । ବ୍ରହ୍ମର ମୂଳ ଅର୍ଥ, ଯାହା ବଢ଼ି ହୁଏ, ବହୁତ ହୁଏ ବା 'ଏକ ଅବ୍ୟକ୍ତର 'ବହୁ' ରୂପରେ ପ୍ରକାଶ—ଅବ୍ୟକ୍ତର ବ୍ୟକ୍ତ-ବିକାର । ଗୀତାଦି ସଂସ୍କୃତ ଦର୍ଶନରେ ମଧ୍ୟ ବ୍ରହ୍ମ ତିନୋଟି ଅର୍ଥରେ ବ୍ୟବହୃତ ହୁଏ । ସେ ତିନୋଟି ହେଉଛି, (୧) ଅକ୍ଷର ବ୍ରହ୍ମ ବା ଅବ୍ୟକ୍ତ ପରମାତ୍ମା । ଏହାହିଁ 'ଅଣାକାର' ବା 'ମହା-ଶୂନ୍ୟ' । ଏହାହିଁ ପୁଣି ଓଡ଼ିଆ ପଞ୍ଚବଢ଼ ବୈଷ୍ଣବଙ୍କ ନିତ୍ୟ-କୃଷ୍ଣ-

Digitized by srujanika@gmail.com

ରୂପ । ଏହାଇ 'ଶୂନ୍ୟ-ଜ୍ୟୋତି' । (୨) 'ମହତ୍ ବ୍ରହ୍ମ' ବା 'ପ୍ରକୃତି'—ସାଂଖ୍ୟବାଦୀଙ୍କ ପ୍ରକୃତି; ଗୀତାର 'ଅପରା' ପ୍ରକୃତି (ଗୀତା—ଅଧ୍ୟାୟ ୭-ଶ୍ଳୋକ ୪) । ଏହାଇ 'ଯୋଗମାୟା' ବା ଅତିବଡ଼ ବୈଷ୍ଣବଙ୍କ 'ନିତ୍ୟ-ରାଧା' । (୩) ଶବ୍ଦବ୍ରହ୍ମ ବା ଓଁକାର; ଏହାଇ କୀର୍ତ୍ତନର ନାମ—ରାମନାମ । ବ୍ୟକ୍ତି ପ୍ରକାଶରେ ମଧ୍ୟ ସେହିପରି ଏଠି ଶୂନ୍ୟରୁ ମୂଳ ରୂପ, ପ୍ରକୃତି; ତାହାଁରୁ ବିନ୍ଦୁ ବା ପ୍ରକାଶର ବ୍ରହ୍ମ; ସେଥିରୁ ଓଁକାର ବା ନାମର ପ୍ରକାଶ । ଅବଶ୍ୟ ଯୋଗ-ସାଧନା-ପ୍ରଣାଳୀ ଓ ପ୍ରକ୍ରିୟାରେ ଏ ସବୁର କପର, କ ପ୍ରୟୋଗ, ତା କହିବା ଅଯୋଗୀର ଦୁର୍ଲଭ, ବରଂ ଅସାଧ୍ୟ । ଦର୍ଶନଟି ବିଶେଷରେ ଏଠି ପ୍ରଣିଧାନ-ଯୋଗ୍ୟ ।

## ଏ ଦର୍ଶନ-ତତ୍ତ୍ୱର ମୂଳ

ଓଁକାରର ମୂଳ ପରି ଏ ଦର୍ଶନ ତତ୍ତ୍ୱର ମୂଳ ମଧ୍ୟ କାଳରେ ବହୁ ଦୂରରେ । ଏହା ବହୁ ପ୍ରାଚୀନ । ଏ ମୂଳ ଖୋଜିବାକୁ ହେବ, ସେହି କଳିଙ୍ଗ-ଅସୁର ସଭ୍ୟତା ଓ ସାହିତ୍ୟରେ । ଏହା ବେଦ ପୂର୍ବର କଥା । ଏହାର ଅକାଟ୍ୟ ପ୍ରଭାବ, ଆଦିମ ବୈଦିକ ସଭ୍ୟତା ଓ ସାହିତ୍ୟ ଉପରେ ପଡ଼ିଥିଲା ଓ କ୍ରମେ ଉଭୟର ଆଦାନ-ପ୍ରଦାନ-ଫଳରେ 'ଅଣାକାର' ମହାଶୂନ୍ୟରୁ 'ପରମାତ୍ମା' ଓ 'ପୁରୁଷୋତ୍ତମ' ବାହାରି ଥିଲେ । (ଗୀତା ୧୫ଶ ଅଧ୍ୟାୟ ୧୬ରୁ ୧୮ ଶ୍ଳୋକ ଦେଖ) । ତେଣୁ ଏହି କଳିଙ୍ଗରେ ଏକା 'ପୁରୁଷୋତ୍ତମ' ହେଉଛନ୍ତି, ଉପାସ୍ୟ ଦେବ 'ଜଗନ୍ନାଥ' । ବିଶ୍ୱ-ଦର୍ଶନ-ସମାଧାନର ଶ୍ରେଷ୍ଠ ପ୍ରତୀକ ଏହି ଜଗନ୍ନାଥ, ତେଣୁ ସେହି କଳିଙ୍ଗରେ ପ୍ରତିଷ୍ଠିତ ଅଛନ୍ତି ଓ କଳିଙ୍ଗର 'ପୁରୁଷୋତ୍ତମ-ପୁରୀ' ବା ଜଗନ୍ନାଥ-ସ୍ଥାନ ସମସ୍ତ ଆର୍ଯ୍ୟ ଜଗତର ଅତି ପ୍ରସିଦ୍ଧ ଉପାସ୍ୟଦେବ-ସ୍ଥାନ ବା ଶ୍ରେଷ୍ଠ ଧାମ ବୋଲି ପ୍ରତିଷ୍ଠା ପାଇ ଆସିଛି । ଏହି 'ପୁରୁଷୋତ୍ତମ', ଏହି 'ଜଗନ୍ନାଥ' ପୁଣି ବୈଦିକ ଦେବ ନୁହନ୍ତି । ଏ ପୁରାପୁରି ପୁରାଣର ଉପାସ୍ୟ ଦେବ । ଏହା ମଧ୍ୟ ମନେ ରଖିବାର ଅଛି । ପୁଣି ନିର୍ବାଣ ଲାଭର ଶବ୍ଦ-ସାଧନ-ତନ୍ତ୍ର ତଥା ନାମ-ମନ୍ତ୍ର-ସାଧନା ସଙ୍ଗେ ଏହାଙ୍କର ନିତ୍ୟ-ସମ୍ବନ୍ଧ । 'ଜଗନ୍ନାଥଚରିତାମୃତ'ରେ

Digitized by srujanika@gmail.com

ଅଚ୍ୟୁତାନନ୍ଦ ଦିବାକର ଦାସ, ସେଇ କଥାକୁ ବୁଝାଇ ପ୍ରାଚୀନ ପୁରାଣର ଉଦ୍ଧାର କରି ତାର ବ୍ୟାଖ୍ୟା ଦେଇ, ବହୁତ ବୁଝାଇଛନ୍ତି । ଚତୁର୍ଥ ଅଧ୍ୟାୟରୁ ଗୋଟିଏ ମାତ୍ର ଉଦାହରଣ ଦେଖ ।

## ପୁରାଣ ଶ୍ଳୋକ—

"କାମଃ ପରମ ଆତ୍ମାଚ ଅନ୍ତରାତ୍ମାଚ ସା ରମା
କାନ୍ତ୍ୟଂ ଆତ୍ମା ପରଃ ପ୍ରେମ ଚେନ୍ଦ୍ରିୟାତ୍ମ ଧର୍ମାତ୍ମକଂ ।
ପ୍ରଧାନାତ୍ମାଚ ବିନ୍ଦୁଶ୍ଚ ଜଗନ୍ନାଥସ୍ୟ ଦେହିନାଂ
ଏକାକ୍ଷରସ୍ୟ ପଞ୍ଚାତ୍ମାଦାତ୍ମା ପଞ୍ଚାଙ୍ଗ ଏବହି ।" ୩୨ ।

ସେଇଠି ଏହାର ବ୍ୟାଖ୍ୟା ଦେଇଛନ୍ତି—

"'କାମ ବୀଜ ଆତ୍ମା ପରମ । ରମା ବୀଜଟି ଜୀବ ଜାଣ ।୧୪।
କାନ୍ତି ଆତ୍ମା ପର ବୀଜର । ଇନ୍ଦ୍ରିଆତ୍ମା ଅର୍ଦ୍ଧମାତର ।୧୫।
ପ୍ରଧାନ ଆତ୍ମା ବିନ୍ଦୁ ହୋଇ । ମନ୍ତ୍ରେ ପଞ୍ଚାଙ୍ଗ ଆତ୍ମା ଏହି ।୧୬।
ପରମ ଆତ୍ମା କୃଷ୍ଣ ନାମ । ଜୀବ ଆତ୍ମା ଅଟନ୍ତି ରାମ ।୧୭।
କାନ୍ତ୍ୟ ଆତ୍ମା ହରି ନାମରେ । ଇନ୍ଦ୍ରିୟାତ୍ମା ଆରେକ ହରେ ।୧୮।
ପ୍ରଧାନ ଅଙ୍ଗ ଯାକୁ କହି । ମନ୍ତ୍ରେ ଓଁକାର ରୂପୀ ସେହି ।" ୧୯।

ଛପା ବହିରେ ବହୁତ ଭୁଲ ଅଛି । ସେ ଯା ହଉ, ସେ ପୁସ୍ତକରେ ବ୍ୟାଖ୍ୟା ଗୁଡ଼ିକ କୌଣସିଠାରେ ଉଦ୍ଧୃତ ଶ୍ଳୋକର ଠିକ ଅନୁବାଦ ନୁହେଁ । ଶ୍ଳୋକ ଗୁଡ଼ିକରେ ପ୍ରାଚୀନ ତନ୍ତ୍ର-ଯୋଗର ସଙ୍କେତ । ବ୍ୟାଖ୍ୟାରେ ବୈଷ୍ଣବ ଧର୍ମର ଉପମନ୍ତ୍ରାଦି ସଙ୍ଗେ ତାର ସମାଧାନ । ଏହାକୁ 'ସପିଣ୍ଡୀକରଣ' ବା 'ସମନ୍ୱୀକରଣ' ମଧ୍ୟ କୋହିଯାଇ ପାରେ । ଅଚ୍ୟୁତାନନ୍ଦ ବା ଅଚ୍ୟୁତାନନ୍ଦ ପ୍ରଭୃତି ଓଡ଼ିଆ ବୈଷ୍ଣବ ଧର୍ମକୁ ତେଣୁ କହନ୍ତି, ଯୋଗୋତ୍ତର ଅଦ୍ୱୈତମୁଖୀ ବୈଷ୍ଣବ ଧର୍ମ । ଗୌଡ଼ୀୟଙ୍କ କାମୋତ୍ତର ଦ୍ୱୈତ ବୈଷ୍ଣବ ଧର୍ମରୁ ପ୍ରଭେଦ ସୂଚାଇବାପାଇଁ ଏହା କୁହାଯାଇ ଥାଏ । ଏଇ ଉଦ୍ଧୃତାଂଶରେ 'ଓଁ ହରେକୃଷ୍ଣ ହରେ ରାମ' ମନ୍ତ୍ରକୁ ସଙ୍କେତରେ ଅର୍ଥ କରିବା ଛଡ଼ା, କାମ=ପରମାତ୍ମା; ରମା=

Digitized by srujanika@gmail.com

ଜୀବାତ୍ମ; ପ୍ରେମ ବା ପର=କାହ୍ନ ଆତ୍ମ; ଅର୍ଦ୍ଧମାତ୍ରା=ଇନ୍ଦ୍ରିୟାତ୍ମ; ବିନ୍ଦୁ=ପ୍ରଧାନ ଆତ୍ମ; ଏହି କଥାଗୁଡ଼ିକୁ ଲକ୍ଷ୍ୟ କରିବାର ଅଛି । ପ୍ରଧାନ ଅଂଶ ପୁଣି ହେଉଛି, ବିନ୍ଦୁ । ଏଇ ବିନ୍ଦୁ ଓ ଅର୍ଦ୍ଧମାତ୍ରା ହେଉଛନ୍ତି ପୁଣି 'ଓଁ' । ଏହା ଲେଖା ଅକ୍ଷରର ମାତ୍ରା ସାହଚର୍ଯ୍ୟକୁ ସଙ୍କେତ କରୁଛି । ବୈଦିକ ସାହିତ୍ୟରେ ମଧ୍ୟ ଓଁ ଓ ଅକ୍ଷର ବ୍ରହ୍ମ, ଏ ଦୁହିଁଙ୍କୁ ଏକ ବୋଲି ଅନେକ ଠାରେ ଧରା ହୁଏ । ଉପନିଷଦ ଓ ଗୀତାରେ ଅଛି, ଓଁ ହେଉଛି, ବ୍ରହ୍ମକୁ ଧ୍ୟାନ କରିବାର ରୂପ—ଏହା ଅକ୍ଷର ବ୍ରହ୍ମ (ଗୀତା ୮ମ ଅଧ୍ୟାୟ ୧୧ରୁ ୧୪ ଶ୍ଳୋକ କାଠୋପନିଷଦ୍ ୨-୫ ପ୍ରଭୃତି ଦେଖ) । ଉକ୍ତ ଅଂଶରେ ପୁଣି ସ୍ପଷ୍ଟ କୁହା ହୋଇଛି, 'ଜଗନ୍ନାଥ'ଙ୍କଠାରେ ଏକ ହୋଇଥିବା ଏଇ ପାଞ୍ଚ ପ୍ରକାର ଆତ୍ମ ଦେହୀଙ୍କର ଏକାକ୍ଷର ଆତ୍ମ ବା 'ଓଁ'ର ପଞ୍ଚାଙ୍ଗ—ଅର୍ଥାତ୍, ଶୂନ୍ୟରୁ ମୁଁ, 'ଜୀବ' ବା 'ଜ୍ଞ'ର ଦେହାତ୍ମ, ଇନ୍ଦ୍ରିୟାତ୍ମ, ପରାତ୍ମ ବା ପ୍ରେମାତ୍ମ, ପ୍ରକୃତି-ଆତ୍ମ ଓ ପରମାତ୍ମ । ଏଇ ପୁଣି ହେଉଛି, ଅକ୍ଷର ବ୍ରହ୍ମ ବା ପୁରୁଷ, କ୍ଷର ବ୍ରହ୍ମ ବା ପ୍ରକୃତି, ଦୁହିଁଙ୍କର ମିଳନ, ଇନ୍ଦ୍ରିୟ, ଦେହ । ଏସବୁ ହେଉଛନ୍ତି, 'ଜଗନ୍ନାଥ' ବା 'ପୁରୁଷୋତ୍ତମ' । ପୁରୁଷ ଓ ପ୍ରକୃତିର ପ୍ରେମ ବା 'କାମ ହେତୁକ' ସଂଯୋଗରେ ଇନ୍ଦ୍ରିୟାଦି ଓ ଦେହର ପ୍ରକାଶ ସଙ୍କେତିତ ଏଥିରେ ଏକ ପ୍ରକାର ସ୍ପଷ୍ଟ । ପିତା ମାତାର ମିଳନ ହେତୁକ 'ବିନ୍ଦୁ'ରୁ 'ନାଦ', ଅର୍ଥାତ୍, ତେଜ ବା ଇନ୍ଦ୍ରିୟକ୍ରିୟା ଓ ତହୁଁ ଦେହ ବା 'ନାମ' । ସେଇ ନାମ ହେଉଛି, 'ମୁଁ' ବା 'ଓଁ' । ଏଇପରି ଶୂନ୍ୟବାଦ ଦର୍ଶନରେ 'ବିନ୍ଦୁ' 'ନାଦ', 'ନାମ'ର ସାଧନ ତନ୍ତ୍ରଟି ମଧ୍ୟ ବହୁ ପ୍ରାଚୀନ । ଅବଶ୍ୟ ପଞ୍ଚସଖାଙ୍କ ପୂର୍ବରୁ ଏ ତନ୍ତ୍ରର ଲେଖା ସାହିତ୍ୟ ମିଳୁନାଇ । ଯେଉଁ ଲେଖା ସାହିତ୍ୟ ମିଳୁଛି, ସେଥିରେ ସାଧନ କ୍ରିୟାରେ ମନ୍ତ୍ରାଦିର ସଙ୍କେତରେ କହିବା ଛଡ଼ା, ସାଧନରେ ପ୍ରବେଶ ନ କରିଥିବା ଲୋକଙ୍କୁ 'ହେତୁମତ୍' ଓ 'ବିନଷ୍ଟିତ' ଭାବରେ ଦର୍ଶନ-ତତ୍ତ୍ୱଟି ବୁଝାଇ କହି ଦେବାର ଉଦ୍ୟମ ହୋଇ ନାହିଁ । ତେଣୁ ଏ ଯେଉଁ 'ହେତୁମତ୍' ବ୍ୟାଖ୍ୟାର ପ୍ରଚେଷ୍ଟା ଏଠି କରା ଯାଇଛି, ତାକୁ ମୂଳ କଥାରେ ବୁଝି ନେବାକୁ ହେବ । ବିନ୍ଦୁ, ନାଦ ଓ ନାମର ଦେହ • ତତ୍ତ୍ୱସଙ୍ଗେ ବିଶ୍ୱ-ଦର୍ଶନ-ତତ୍ତ୍ୱଟି ଯଥାର୍ଥରେ

Digitized by srujanika@gmail.com

'ହେତୁମତ୍' ଭାବରେ କି ନିର୍ଦ୍ଦିଷ୍ଟ ଗଣରେ ଫୁଟିଥିଲା, ତା ପୁରାପୁରି ଜଣା ନ ପଡିଲେ ମଧ୍ୟ, ଏହା ଯେ ଶୂନ୍ୟବାଦରୁ ଓ ନିର୍ବାଣ ସାଧନା ସମ୍ପର୍କରେ ବାହାରିଛି, ଏହା ଏକପ୍ରକାର ନିଶ୍ଚିତ । ଏହା ପୁଣି ବେଦ ପୂର୍ବର । ଅସୁର ସଭ୍ୟତାର ସାଢ଼େ ଚାରିହଜାରୁ ଅଧିକ ବର୍ଷ ତଳର ପଶ୍ଚିମ ଅସୁର ଦେଶରେ ଯେଉଁ ସେକାଳ ଲିଖିତ ସାହିତ୍ୟ ମିଳୁଛି, ସେଥିରେ ପୁଣି ଏହାର ସ୍ପଷ୍ଟ ସଙ୍କେତ ଅଛି (Encyclopedia Britannica 14th Editionର Babylon ପ୍ରବନ୍ଧର Philosophy and Religion ପ୍ରକରଣ ଦେଖ )।

## ଶୂନ୍ୟବାଦର ମୂଳ କଥା—'ବୌଦ୍ଧବତାର'

ଏଇ ବିନ୍ଦୁ, ନାଦ ବା ଶବ୍ଦ ପୁଣି ନାମର ମୂଳ ଦର୍ଶନ ହେଉଛି, ସବୁ ଶୂନ୍ୟରୁ ହୋଇଛି, ପୁଣି ଶୂନ୍ୟରେ ସବୁର ଶେଷ । ଏ ଜଗତ୍, ଜ୍ଞାନ ମାତ୍ର । ସେଇ ଜ୍ଞାନର ମୂଳ ହେଉଛି, ବ୍ୟକ୍ତି ବା 'ମୁଁ' । ନିଜର ତୃଷ୍ଣା ଓ କାମନା ଗୁଡ଼ାକ ବାନ୍ଧି ହୋଇ ବ୍ୟକ୍ତି ବା ମୁଁ ବୋଲି ଗୋଟାଏ କାମନାର ଗଣ୍ଠି ଚିଣ୍ଡୁଳା ପ୍ରକାଶ ପାଉଛି । ଅନ୍ୟର ସୁଖ ଦୁଃଖକୁ ଉପରଉପର ନିଜର କରି ସେଇ କାମନାର ଗଣ୍ଠି ବା ବନ୍ଧନ ଛିଣ୍ଡାଇ ଦେବାକୁ ହେବ । ହେଲେ, ବ୍ୟକ୍ତି ଶୂନ୍ୟ ହେବ ବା ବ୍ୟକ୍ତିର 'ନିର୍ବାଣ' ହେବ । ( ପୂର୍ବେ ପୃଷ୍ଠା ୩୨ ଦେଖ ) । ପରେ ଯାହା ବୌଦ୍ଧ ଧର୍ମ ବା ବୌଦ୍ଧ ସାଧନା ବୋଲି ପ୍ରକାଶ ପାଇଁ ନାନା ଭାବରେ ଲୋକାଙ୍କର ଧର୍ମକୁ ପ୍ରଭାବିତ କରିଥିଲା, ସେ ହେଉଛି, ଏଇଧର୍ମ, ଏଇ ଦର୍ଶନ ଓ ଏଇ ସାଧନାର ବିକାଶ । ଏଇ ନିର୍ବାଣ ସାଧନାରେ ଯେ ସିଦ୍ଧ, ସେ ହେଉଛି 'ବୁଦ୍ଧ' ବା ଜ୍ଞାନୀ । କାମନାକୁ, ଇନ୍ଦ୍ରିୟକୁ, ତଥା ଜଗତ୍‌କୁ ଜିଣିଛନ୍ତି ବୋଲି ତାଙ୍କୁ 'ଜିନ' ବା ଜେତା ବୋଲି ବି କହନ୍ତି । କାଳେ କାଳେ ଅନେକ 'ବୁଦ୍ଧ' ହୋଇଛନ୍ତି । ଶାକ୍ୟମୁନି ସିଦ୍ଧାର୍ଥ ହେଉଛନ୍ତି, ଶେଷ ବୁଦ୍ଧ । ସେଇ ଅନୁକ୍ରମେ ପୁରୁଷୋତ୍ତମ ଜଗନ୍ନାଥ ମଧ୍ୟ ହୋଇଛନ୍ତି, 'ବୌଦ୍ଧବତାର' ।

Digitized by srujanika@gmail.com

## ଗୀତାରେ ଅସୁର ଧର୍ମ

ଏହି ବୌଦ୍ଧଧର୍ମର ଆଦିମ ଶୂନ୍ୟ-ବାଦ-ସାହିତ୍ୟ ଆସିଛି, ଅସୁର ସଭ୍ୟତାରୁ । ଏହି ସାହିତ୍ୟରୁ ବାହାରି ଥିଲା ଶୂନ୍ୟସାଧନା ଓ ତନ୍ତ୍ର । କଳିଂଗରେ ଏହି ତନ୍ତ୍ର ବହୁକାଳ ଧାରାବାହି ଚାଲି ଥିଲା ଓ ଚାଲି ଅଛି । ବୈଦିକ ସଭ୍ୟତା ଓ ସାହିତ୍ୟ ସେଥିରେ ଏକ ପ୍ରକାର ଅଦ୍ଭୁତ ହୋଇ ସମାଧାନରେ ନିଜକୁ ପୁଷ୍ଟ କରିଛି । ସେ କଥା ସ୍ୱତନ୍ତ୍ର ହୋଇଛି ଓ ଆଉ ଟିକିଏ ଭଲ କରି କୁହାହେଉଛି । ମାତ୍ର ତା ପୂର୍ବରୁ ଜାଣି ରଖିବା ଉଚିତ, ଏହି ଅସୁରଙ୍କ ଶୂନ୍ୟବାଦରେ ଯେଉଁ 'କାମହୈତୁକଂ ସୃଷ୍ଟିତତ୍ତ୍ୱ' ଫୁଟିଥିଲା (ପୂର୍ବେ ପୃ ୩୭ ଦେଖ) ତା ଅତି ଆଦିମ କାଳରୁ ହୁଏତ ଦ୍ରାବିଡ଼ ଓ ନିଷ୍ଟିତରେ ପୂର୍ବ ମଗଧ ଓ ବଂଗ ପ୍ରଭୃତିରେ ନାନା ବ୍ୟାଖ୍ୟାର ବାଟ ଧରି ବିକୃତ ଯୌନ ଭୋଗ ସ୍ପୃହା ଓ ଚର୍ଯ୍ୟାରେ ପର୍ଯ୍ୟବସିତ ହୋଇଥିଲା । ବୈଦିକ ଆର୍ଯ୍ୟ ଓ ଆର୍ଯ୍ୟ ପ୍ରଭାବିତ ଲୋକେ ଆଗେ ଅସୁରଙ୍କୁ ଭୟ ଭକ୍ତି ଓ ବହୁମାନ କରୁଥିଲେ । ପରେ ଅସୁର ବୋଇଲେ ସେମାନେ ବୁଝିଲେ, ନିରୀଶ୍ୱର ଓ ଅନାଚାରୀ । ତେଣୁ ଏକ ଦିଗରେ କଳିଂଗର ସମାଧାନରେ ପୁରୁଷୋତ୍ତମ ତତ୍ତ୍ୱ ଓ ଅନ୍ୟଆଡ଼େ ଅସୁର-ସଂପତ୍ ପ୍ରତି ଅନାଦର ଓ ଉପହାସ ପ୍ରକାଶ ପାଇଥିଲା । ଗୀତାରେ ୧୫ଶ ଅଧ୍ୟାୟରେ ପୁରୁଷୋତ୍ତମତତ୍ତ୍ୱ ବୁଝାଇ ସାରି, ଠିକ୍ ସେହି କଥାର ଲକ୍ଷ୍ୟରେ ଅସୁର ଦର୍ଶନକୁ ଉପହାସ କରି ୧୬ଶ ଅଧ୍ୟାୟରେ ବହୁତ କଥା କୁହା ଯାଇଛି । ତା ମଧ୍ୟରେ ଦେଖ—

"ପ୍ରବୃତ୍ତିଂଚ ନିବୃତ୍ତିଂଚ ଜନା ନ ବିଦୁରାସୁରାଃ ।
ନ ଶୌଚଂ ନାପିଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ । ୭ ।
ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରଂ ।
ଅପରସ୍ପରସଂଭୂତଂ କିମନ୍ୟତ୍ କାମହୈତୁକଂ । ୮ ।

## ଓଡ଼ିଆରେ ଏହାର ଅର୍ଥ

କଅଣ କରିବାକୁ ହେବ, କଅଣ ନ କରିବାକୁ ହେବ, ସେ କଥା ଅସୁରଧର୍ମୀଏ ଜାଣନ୍ତି ନାହିଁ । ତାଙ୍କର ଶୌଚ ବୋଲି କିଛି

Digitized by srujanika@gmail.com

ନାଇ, କି ଅସତ୍ୟ ବୋଲି କିଛି ନାଇ, କି ସତ୍ୟ ବୋଲି କିଛି ନାଇ । ୭ ।
ସେମାନେ ଜଗତକୁ ଅସତ୍ୟ ଓ ଶୂନ୍ୟ ବୋଲି କହନ୍ତି; କହନ୍ତି, ଏହା କାହାରି ଉପରେ ନିର୍ଭର କରେ ନାଇ ବା କାହାରି ହେତୁରୁ ନୁହେଁ, କି ଏଥିର କେହି ସୃଜକ ନାଇ । ପୁଣି କହନ୍ତି, କାମ ହେତୁରୁ ପରସ୍ପର ସଂଗମରୁ ଏହା ହୋଇ ନାଇ ତ ଆଉ କଅଣ ? (ପୂର୍ବେ ପୃ ୩୬ ଦେଖ) ।

## କଳିଂଗ ସଭ୍ୟତା ପ୍ରତି ଏକଥା ନୁହେଁ

ଶୂନ୍ୟବାଦରେ 'କାମ', 'ପରସ୍ପର ସଂଗମ' ପ୍ରଭୃତି କଥାଗୁଡିକ ସର୍ବତ୍ର ଅଛି—କଳିଂଗରେ ଅଛି, ପୂର୍ବ ଭାରତରେ ଅଛି । କିନ୍ତୁ ଉପରର ଅନାଦରବ୍ୟଞ୍ଜକ କଥା ଗୁଡିକରେ କଳିଂଗ ଲକ୍ଷ୍ୟ ହୋଇ ନ ପାରେ । କଳିଂଗ ସଂହିତାର ଏଇ ଶୂନ୍ୟ, ଏଇ କାମ ଓ ଏଇ ପରସ୍ପର ସଂଗମ, ତାତ୍ତ୍ୱିକ ଭାବରେ ଆର୍ଯ୍ୟ ସାହିତ୍ୟକୁ କିପରି ପ୍ରଭାବିତ କରିଥିଲା, ଓ ଆର୍ଯ୍ୟମାନେ ଏ ତତ୍ତ୍ୱ-ଦର୍ଶନକୁ କି ସମ୍ମାନରେ ଦେଖୁଥିଲେ ଓ ଫଳରେ କଳିଂଗ କିପରି ଆର୍ଯ୍ୟ ସାହିତ୍ୟକୁ ସମାଧାନରେ ଆଣି 'ପୁରୁଷୋତ୍ତମ' ସତ୍ୟର ଦର୍ଶନ ସଙ୍ଗେ ଆଚରଣ ଫୁଟାଇ ଥିଲା, ତାର ଇତିହାସ ପ୍ରତି ଟିକିଏ ଦୃଷ୍ଟି ଦେଲେ ବିଷୟଟି ସ୍ପଷ୍ଟ ହେବ ।

## କଳିଂଗର ଶୂନ୍ୟବାଦ ଓ ବୈଦିକ ସାହିତ୍ୟରେ ତା ପ୍ରଭାବ

କଳିଂଗର ନିର୍ମଳ ଶୂନ୍ୟବାଦ ଓ 'ବ୍ୟକ୍ତି ଜ୍ଞାନରୁ ବିଶ୍ୱତତ୍ତ୍ୱ' ପରିକଳ୍ପନା, ବୈଦିକ ଆର୍ଯ୍ୟଙ୍କର ନୁହେଁ । ମୂଳତଃ ବେଦରେ ତାହାର ସତ୍ତା ନାଇ । ଆଦିମ ବୈଦିକ ଆର୍ଯ୍ୟମାନେ ବାହାରର ବିଶ୍ୱରେ ଝଡ଼, ବର୍ଷା, ବଜ୍ର, ବତାସ ପ୍ରଭୃତି ଦେଖି ତାକୁ ଦେବକ୍ରିୟା ବୋଲି ମଣି ସେଇ ଦେବଙ୍କୁ ପୂଜା କରୁଥିଲେ; ସେଇ ସବୁ ଦେବଶକ୍ତି ପଛରେ ଗୋଟିଏ ବିଶ୍ୱ-ପୁରୁଷର କଳ୍ପନାକୁ ସ୍ଥିରେ ଉଠି ଥିଲେ । ମାତ୍ର ବାହାରୁ ଆଖି ଫେରାଇ ଭିତରକୁ ଚାହିଁବା ତାଙ୍କର ସେ କାଳରେ ହୋଇ ନ ଥିଲା; କିମ୍ବା ସୃଷ୍ଟି ତତ୍ତ୍ୱର କିଛି ଦାର୍ଶନିକ, ତାତ୍ତ୍ୱିକ ବ୍ୟାଖ୍ୟା ସେତେବେଳେ ସେମାନଙ୍କର

Digitized by srujanika@gmail.com

ପ୍ରକାଶ ପାଇ ନ ଥିଲା । ହଠାତ୍ ଦେଖାଯାଏ, ସବୁ ଶୂନ୍ୟରୁ ହୋଇଛି, ଓ ମୂଳରୁ ଅନ୍ଧକାର ଥିଲା ବୋଲି କୌଣସି ବିରାଟ ଦାର୍ଶନିକ-ତତ୍ତ୍ୱର ପ୍ରଭାବ ଆର୍ଯ୍ୟଙ୍କ ସହଜ ସୁନ୍ଦର ବାସ୍ତବ ଧାରଣାକୁ ବଦଳାଇ ଦେଇଥିଲା । ତା'ର ସୂଚନା ଦିଆଯାଉଛି ।

## ମନୁ

ମନୁ କହନ୍ତି,

“ଆସୀଦିଦଂ ତମୋଭୂତମପ୍ରଜ୍ଞାତମଲକ୍ଷଣଂ ।
ଅପ୍ରତର୍କ୍ୟମବିଜ୍ଞେୟଂ ପ୍ରସୁପ୍ତ ମିବସର୍ବତଃ ॥

ମନୁ, ଅଧ୍ୟାୟ ୧, ଶ୍ଳୋକ ୫ ।

ଏହାର ଅର୍ଥ—

“ପହିଲେ ସବୁ ଖାଲି ଅନ୍ଧାର ଥିଲା । କିଛି ଜଣା ନ ଥିଲା; କି କିଛି ଚିହ୍ନ ବର୍ଣ୍ଣ ନ ଥିଲା; ବୁଝାଇବାର କିଛି ନ ଥିଲା; କି ଜାଣିବାର କିଛି ନ ଥିଲା । ନିଘୋଡ଼ ନିଦରେ ଥିଲାପରି ସବୁ ଥିଲା ।”

## ବ୍ରାହ୍ମଣ ଓ ଉପନିଷଦ୍

ଏହା ପୂର୍ବରୁ ମଧ୍ୟ ସୃଷ୍ଟି କାହିଁରୁ କିପରି ହେଲା ବୋଲି ବ୍ରାହ୍ମଣ ଓ ଉପନିଷଦ୍‌ରେ ଋଷିମାନେ ଯେପରି କି ଅଣ୍ଡାଳି ହେଉଛନ୍ତି । ତୈତ୍ତିରୀୟ ବ୍ରାହ୍ମଣରେ ଅଛି, “ପହିଲେ ଖାଲି ଜଳଥିଲା” (୧-୧-୩-୫) । ( ଆକାଶ ବା ଶୂନ୍ୟକୁ ଉପରର ଜଳରୂପେ କଳ୍ପନା କରୁଥିଲେ । ) ତୈତ୍ତିରୀୟ ଉପନିଷଦରେ ଅଛି, “ପହିଲେ ଅସତ୍ ବା ମହାଶୂନ୍ୟ ଥିଲା” (୨-୭) । ଛାନ୍ଦୋଗ୍ୟ ଉପନିଷଦ୍‌ରେ ଅଛି, “ପହିଲେ ସବୁ ସତ୍ ବା ବ୍ୟକ୍ତରେ ପୂର୍ଣ୍ଣ ଥିଲା ।” ( ୬-୨) । ପୁଣି ସେଇ ଛାନ୍ଦୋଗ୍ୟରେ ଅଛି, “ଆକାଶ ବା ଶୂନ୍ୟ ହେଉଛି ସବୁର ମୂଳ” ( ୧-୭) । ବୃହଦାରଣ୍ୟକ ଉପନିଷଦ୍‌ରେ ଅଛି, “ପହିଲେ କିଛି ନ ଥିଲା; ଖାଲି ମୃତ୍ୟୁ ଘୋଟି ରହିଥିଲା” ( ୧-୨-୧ ) ମୈତ୍ର୍ୟୁପନିଷଦ୍‌ରେ ଅଛି, “ପହିଲେ ଖାଲି ଅନ୍ଧାର ଥିଲା” ( ୫-୨ ) ।

Digitized by srujanika@gmail.com

# ଋଗ୍‌ବେଦ ସଂହିତା—ନାସଦୀୟ ସୂକ୍ତ

ସୃଷ୍ଟି ଆଉର ପୂର୍ବରୁ ଋଗ୍ ବେଦର ଶେଷ ଆଡ଼କୁ ୧୦ମ ମଣ୍ଡଳ ୧୨୯-ତମ ସୂକ୍ତରେ ଋଷି ଯେପରିକି ଶୂନ୍ୟ କୁ ଚୂର୍ଣ୍ଣ, ଠିକ୍ କରି ପାରୁ ନାହାନ୍ତି । 'ନାସଦ୍' ବୋଲି ଆରମ୍ଭରେ ଥିବାରୁ ଏହାକୁ 'ନାସଦୀୟ' ସୂକ୍ତ ବୋଲି କହନ୍ତି । ଉପରେ 'ଅଣ୍ଡବଡ଼'ଙ୍କ 'ହିଲାଡିଂଗ'ରୁ ଯେଉଁ ଅଣ୍ଡାକାର ବା ଚୁନ୍ୟଂରୁ ରେତ ବିନ୍ଦୁ ଖସି ସୃଷ୍ଟି ବିସ୍ତାର ହୋଇ ଥିବା ତତ୍ତ୍ୱଟି ଉଦ୍ଧର କରା ଯାଇଛି, ଏ ନାସଦୀୟ ସୂକ୍ତଟିରେ ଠିକ୍ ସେଇ କଥା ଅଛି । ବୈଦିକ ଋଷି, ଏ ତତ୍ତ୍ୱଟି ଯେପରି କି ପୁରା ଗ୍ରହଣ କରି ନ ପାରି ଛାଟ ପିଟ ହୋଇ ଆରମ୍ଭ କରିଛନ୍ତି, ଶୂନ୍ୟ ଥିଲା କି ନଥିଲା ? ଥିଲା ତ କିପରି ଥିଲା ? କାହା ପାଇଁ ଥିଲା ? କଅଣ ଥିଲା ? ଇତ୍ୟାଦି । ଏହା ଋଗ୍‌ବେଦର ଗୋଟିଏ ଅତି ସୁନ୍ଦର ଓ ମହନୀୟ ସୂକ୍ତ । ପୁରା ସୂକ୍ତଟି ତଳେ ଦିଆଗଲା ।

"ନାସଦାସୀନ୍ନୋ ସଦାସୀତ୍ ତଦାନୀଂ
ନାସୀଦ୍ ରଜୋ ନୋ ବ୍ୟୋମା ପରୋ ଯତ୍ ।
କିମାବରୀବଃ କୁହ କସ୍ୟ ଶର୍ମ-
ନ୍ନମ୍ଭଃ କିମାସୀଦ୍ ଗହନଂ ଗଭୀରଂ । ୧ ।

ନ ମୃତ୍ୟୁରାସୀଦମୃତଂ ନ ତର୍ହି
ନ ରାତ୍ର୍ୟା ଅହ୍ନ ଆସୀତ୍ ପ୍ରକେତଃ ।
ଆନୀଦବାତଂ ସ୍ୱଧୟା ତଦେକଂ
ତସ୍ମାଦ୍ଧାନ୍ୟନ୍ନ ପରଃ କିଂଚନାଽସ । ୨ ।

ତମ ଆସୀତ୍ ତମସା ଗୂଢ଼ମଗ୍ରେଽ-
ପ୍ରକେତଂ ସଲିଲଂ ସର୍ବମା ଇଦଂ ।
ତୁଚ୍ଛେନାଭ୍ୱପିହିତଂ ଯଦାସୀତ୍
ତପସସ୍ତନ୍ମହିନାଽଜାୟତୈକଂ । ୩

Digitized by srujanika@gmail.com

କାମସ୍ତଦଗ୍ରେ ସମବର୍ତ୍ତତାଧି
ମନସୋ ରେତଃ ପ୍ରଥମଂ ଯଦାସୀତ୍ ।
ସତୋ ବନ୍ଧୁମସତି ନିରବିନ୍ଦନ୍
ହୃଦି ପ୍ରତୀଷ୍ୟା କବୟୋ ମନୀଷା । ୪ ।

ତିରଶ୍ଚୀନୋ ବିତତୋ ରଶ୍ମିରେଷାଂ
ଅଧସ୍ୱିଦାସୀଦୁପରିସ୍ୱିଦାସୀତ୍ ।
ରେତୋଧା ଆସନ୍ ମହିମାନ ଆସନ୍
ସ୍ୱଧା ଅବସ୍ତାତ୍ ପ୍ରୟତିଃ ପରସ୍ତାତ୍ । ୫ ।

କୋ ଅଦ୍ଧା ବେଦ କ ଇହ ପ୍ରବୋଚତ୍
କୁତ ଆଜାତା କୁତ ଇୟଂ ବିସୃଷ୍ଟିଃ ।
ଅର୍ବାଚ୍‌ଦେବା ଅସ୍ୟ ବିସର୍ଜନେନା-
ଥ କୋ ବେଦ ଯତ ଆବଭୂବ । ୬

ଇୟଂ ବିସୃଷ୍ଟିର୍ଯତ ଆବଭୂବ
ଯଦିବା ଦଧେ ଯଦି ବା ନ ।
ଯୋ ଅସ୍ୟାଧ୍ୟକ୍ଷଃ ପରମେ ବ୍ୟୋମନ୍
ସୋଅଙ୍ଗ ବେଦ ଯଦି ବା ନ ବେଦ । ୭ ।

## ମନ୍ତ୍ରମାନଙ୍କ ଅର୍ଥ—

ସେତେବେଳେ (ପହିଲେ) ଅସତ୍ (ଶୂନ୍ୟ) ନ ଥିଲା; କି ସତ୍ (ସତ୍ତ୍ୱ, ବସ୍ତୁ) ନ ଥିଲା, ରଜ (ଅନ୍ତରୀକ୍ଷ, ପାଖ ଆକାଶ,) ନଥିଲା, କି ତା ଉପରେ ଥିବା ବ୍ୟୋମ (ମହାକାଶ) ନ ଥିଲା । କିଏ ଆବରଣ କରିଥିଲା (କଅଣ ଘୋଟି ରହିଥିଲା) ? କେଉଁ ଠାରେ ? (ଦିଗ୍ ବା ଦେଶ ନ ଥିଲା) କାହା ସୁଖ ପାଇଁ ? (କାମନା ବା ଭୋଗ ନ ଥିଲା) । ଗହନ ଓ ଗଭୀର ଜଳ ବି କେଉଁଠି ଥିଲା ? ୨ ।

Digitized by srujanika@gmail.com

ମୃତ୍ୟୁ ( ନଶ୍ୱର ବିନାଶଶୀଳ ଜଗତ୍—'କ୍ଷର ଜଗତ୍' ) ନ ଥିଲା; ଅମୃତ ( ଅବିନାଶୀ ନିତ୍ୟ ପଦାର୍ଥ—'ଅକ୍ଷର ବ୍ରହ୍ମ' ) ନ ଥିଲା, ରାତ୍ରି ଓ ଦିନ ଜାଣିବାର ସଙ୍କେତ ବି ନ ଥିଲା । ( ଯାହା ଥିଲା, ) ତା ଏକାକୀ ନିଜକୁ ଧରି ରଖିବା ଶକ୍ତି ( ଧା ) ରେ ବିନା ପବନରେ ନିଶ୍ୱାସ ମାରି-ଚାଲି ଥିଲା; ( ପବନ ନ ଥିଲା ). ତା ବାଦ୍ ଆଉ କିଛି ନ ଥିଲା । ।

ପ୍ରଥମେ ଅନ୍ଧାରକୁ ଅନ୍ଧାର ଘୋଟିଥିଲା । ଏ ସବୁ ଶଂଳୁ—ସଂକେତ-ହୀନ ଜଳ (ଅକାଶ, ଶୂନ୍ୟ) ଥିଲା । ଏଇ ଶୂନ୍ୟ-ରୂପ (ଆଭୁ), ମାୟା (ତୁଚ୍ଛ)ରେ ଯେତେବେଳେ ଘେରି ହୋଇଗଲା ସେତିକିବେଳେ ତାର ବଢ଼ିବା ବା ବଡ଼ ହେବାକୁ ଚେଷ୍ଟା ( ତପ ) ହେବାରୁ 'ଏକ' ପ୍ରକାଶ ପାଇଲା ( ଜନ୍ମିଲା ) । ୩ ।

ତହୁଁ ଆଗ ତା ମନରୁ ଯେଉଁ ରେତ ( ବିନ୍ଦୁ, ବୀର୍ଯ୍ୟ ) ବାହାରିଲା, ସେଇ ହେଲା, କାମ ( ସୃଷ୍ଟିର ଇଚ୍ଛା ) । ଶୂନ୍ୟ ( ଅସତ୍ ) ସଙ୍ଗେ ସୃଷ୍ଟି ( ସତ୍ )ର ଏହାହିଁ ସମ୍ବନ୍ଧ ବୋଲି ଜ୍ଞାନୀମାନେ ହୃଦୟରେ ଠିକ୍ କରିଛନ୍ତି । ୪ ।

ଅସତ୍ ଓ ସତ ମଝିରେ ଏଇ ସୂତ୍ର ( ବା ତେଜ—ରଶ୍ମି ) ବିସ୍ତୃତ ଥିଲା । ଏହା ତଳକୁ ଥିଲା, ଉପରକୁ ଥିଲା । ଏଥିରେ ରେତ ଧାରଣ କରିବାର ଶକ୍ତି ଥିଲା; ଏ ସୃଷ୍ଟି ବିସ୍ତାରରେ ବଡ଼ ବି ହୋଇଥିଲା । ଏହାର ଶକ୍ତି ଏଆଡ଼େ ଥିଲା, ପ୍ରକୃତି ସେଆଡ଼େ ଥିଲା । ( ସବୁ ବ୍ୟାପିଥିଲା ) ୫ । [ଏଇ ମନ୍ତ୍ରରେ 'ସ୍ୱଧା ଅବସ୍ତାତ୍' (ଶକ୍ତି ଏଆଡ଼େ ଥିଲା) ସ୍ଥଳରେ ଭୁଲରେ ଛପା ହୋଇ ଯାଇଛି, 'ସ୍ୱଧା ଅବସ୍ତନ୍' ]

ଏ ସୃଷ୍ଟି କାହୁଁ ଆଇଲା, କୁଆଡ଼ୁ ବା ଆଇଲା, ଯଥା କିଏ ଠିକ୍ କରି ଜାଣେ ? କିଏ ବା ଠିକଣା କରି କହିବ ? ଏ ସୃଷ୍ଟି ପରେ ତ ଦେବତାମାନେ [ ହେଲେ ] ! ଯେଉଁଠୁ ହେଲା, ସେ କଥା ଆଉ କିଏ ଜାଣେ ?

ଏ ବିସ୍ତାର ( ରେତ କ୍ଷରଣ ) ଯେଉଁଠୁ ହୋଇଛି, କିଂବା (ରେତକୁ) ଧଇଲା, କି ନ ଧଇଲା (କୁଆଡ଼ୁଠି ବିଶ୍ରାମ କଲା, ବା ନ କଲା),

Digitized by srujanika@gmail.com

ତା ପରମ ବ୍ୟୋମ ( ମହାଶୂନ୍ୟ ) ରେ ଅଛନ୍ତି, ଏହାର ଯେ ଅଧ୍ୟକ୍ଷ ସେଇ ଏକା ଜାଣିଥିବେ ବା ନ ଜାଣିଥିବେ । ୭ ।

## ପୁରୁଷୋତ୍ତମରେ ସମାଧାନ

ପ୍ରଥମତଃ, 'ଅତିବଡ଼ ଜଗନ୍ନାଥ ଦାସ'ଙ୍କ 'ତୁଳାଭିଣା'ରୁ ଓ ସେ ସମ୍ବନ୍ଧରେ ଯାହା କୁହାଯାଇଛି, ତା ସଂଗେ ଏଇ ବୈଦିକ ସୂକ୍ତଟିର ସଂକେତ ସବୁ ମିଳାଇ ଦେଖିବାର କଥା ! ତାପରେ, ଯେଉଁ ବୈଦିକ ଋଷିମାନେ ଇନ୍ଦ୍ରାଦି ଦେବଙ୍କୁ ଘେନି ବା ସେ ସେଇ ଦେବମାନଙ୍କ ପଛରେ କୌଣସି ଶକ୍ତିମୟ ବିଶ୍ୱପୁରୁଷଙ୍କୁ ଘେନି, ତାଙ୍କରି ଉପରେ ନିର୍ଭର କରି ଏ ଦେଶରେ ପ୍ରଥମେ ଦେଖା ଦେଇଥିଲେ, ଏ ଶୂନ୍ୟ, ମହାଶୂନ୍ୟ, ଓ କାମ ରେତ ପ୍ରଭୃତିର ତତ୍ତ୍ୱବାଦ ନିଶ୍ଚୟ ତାଙ୍କ ନିଜର ନୁହେଁ । ପୁଣି ଏ ସୂକ୍ତଟି ଯାହାରେ ଋଷି କୌଣସି ସିଦ୍ଧାନ୍ତ ଦେଇ ପାରୁ ନାହାନ୍ତି; ଖାଲି କୌଣସି ପ୍ରତିଷ୍ଠିତ ଶୂନ୍ୟବାଦର ଅଲଘ୍ୟ ପ୍ରଭାବରେ ପଡି ଯେପରି କି ଦରଣ୍ଡି ହେଉଛନ୍ତି । ବିଶେଷରେ ଏଇ ସୂକ୍ତଟିରେ ପୁଣି ଲକ୍ଷ୍ୟ କରିବାର ଅଛି ( ୩ୟ ଋକ୍ ) ଶୂନ୍ୟରୂପ ( ଅଭ୍ୱ ) କୁ ତୁଚ୍ଛ ( ମାୟା ) ଘେରି ରହିବା—( ଯୋଗରେ ରହିଥିବା ମାୟା ବା ଯୋଗମାୟା ); ସେଇଥିରୁ ବାହାର ହେବାକୁ ବା ସୃଷ୍ଟି କରିବାକୁ ଚେଷ୍ଟା ( ତପ ) । ଏଇ 'ତପ' ସଂଗେ 'ବ୍ରହ୍ମ' ପ୍ରଜ୍ୱଳିତ ହୋଇ ଉଠିଲେ ଓ 'ତପ୍ତ ଉଠିଲେ'—କଥା ଦୁଇଟି ତୁଳନୀୟ । ତା ପରେ ଦେଖ, ମନରୁ 'ରେତ' ( ୪ର୍ଥ ଋକ୍ ), ତାପରେ ଶୂନ୍ୟ ଓ ସୃଷ୍ଟି ମଧ୍ୟରେ ରଶ୍ମି ('ସୂତା' ବା 'ତେଜ'); ତା ପରେ ବିନ୍ଦୁଧାରିଣୀ ଶକ୍ତି ( ରେତୋଧା—ମାତାର ଯୋନି ); ତା ପରେ ସୃଷ୍ଟି । ଏହିପରି ବହୁତ ମିଳାଇ ଦେଖାଯାଇ ପାରେ । ଏ ସବୁ ଯେପରିକି ବୈଦିକ ଋଷି କିଛି ବୁଝି ପାରୁ ନାହାନ୍ତି ( ୬ଷ୍ଠ ଓ ୭ମ ଋକ୍ ) । କ୍ରମେ ଏଇ ଶୂନ୍ୟ ଦର୍ଶନର ଧକ୍କା, ବ୍ରାହ୍ମଣ, ଉପନିଷଦ୍ ପ୍ରଭୃତିରେ ନାନା ଭାବରେ ପ୍ରକାଶ ପାଇ ଥିବାର ସୂଚନା ଉଦ୍ଧାର କରାଯାଇଛି । ଏକ ଦିଗରେ, ମହାଶୂନ୍ୟ—

Digitized by srujanika@gmail.com

ଅନ୍ୟଅଡ଼େ ଗଭୀର ଗର୍ତ୍ତ ପଙ୍କରେ, ନଷ୍ଟାପୂର୍ଣ୍ଣ । ଏଇପରି ଦ୍ୱନ୍ଦ୍ୱରେ ପଡ଼ି କ୍ରମେ ଏଇ ତତ୍ତ୍ୱ, ସମାଧାନ ଅଭିମୁଖେ ଉଠେ ଓ ପରେ ଏହାର ସମାଧାନ ହୋଇଛି—ଶେଷ ସମାଧାନ ପ୍ରକାଶ ପାଇଛି, ଗୀତାର ପୁରୁଷୋତ୍ତମରେ । ସେଥିରେ ଶୂନ୍ୟ ହୋଇଛି, ଅବ୍ୟକ୍ତ ବା ଅକ୍ଷର ପୁରୁଷ—'ଅକ୍ଷାକାର' । ସୃଷ୍ଟି ହୋଇଛି, ବ୍ୟକ୍ତ ବା କ୍ଷରପୁରୁଷ—ଅନନ୍ତ ରୂପର ବିସ୍ତାର ଏଇ ଦୁଇଟି ପୁରୁଷରୁ 'ଅତୀତ' ବା 'ଉତ୍ତମ' ହେଉଛନ୍ତି—'ପୁରୁଷୋତ୍ତମ' । ସେ ହେଉଛନ୍ତି, କ୍ଷର ପୁରୁଷରୁ ଅତୀତ ବା ଖାଲି କ୍ଷର ପୁରୁଷ ନୁହନ୍ତି; ତା ବୋଲି ସେ ପୁଣି ଅକ୍ଷର ପୁରୁଷ ବି ନୁହନ୍ତି—ସେ ଅକ୍ଷର ପୁରୁଷରୁ ବି ଉତ୍ତମ । ପୁରୁଷୋତ୍ତମ ହେଉଛନ୍ତି ଏ ଦୁଇଟିର ସମୁଚ୍ଚୟ—କୌଣସି ଗୋଟିକରେ ଏହାଙ୍କର ପୂର୍ଣ୍ଣ ଧାରଣା ନୁହେଁ । କିନ୍ତୁ କୌଣସିଟି ଯେ ଏ ନୁହନ୍ତି, ଏ କଥା ବି ନୁହେଁ । ଏକ ଆଡ଼ୁ ବୁଝିଲେ କ୍ଷର ପୁରୁଷ; ପୁଣି ଅନ୍ୟ ଆଡ଼ୁ ବୁଝିଲେ ଅକ୍ଷର ପୁରୁଷ ହେଉଛନ୍ତି, 'ପୁରୁଷୋତ୍ତମ' । ଯେପରି କି ବଙ୍କା ରେଖାଟି ହେଉଛି, ଗୋଟିଏ ଆଡ଼ୁ ଦେଖିଲେ, ଠେଲ୍ଲିଆ; ଅନ୍ୟ ଆଡ଼ୁ ଦେଖିଲେ, ନୁଆଁଣିଆ । ରେଖାଟିକୁ ଠେଲ୍ଲିଆ ବି କୁହାଯାଇ ପାରେ; ନୁଆଁଣିଆ ବି କୁହାଯାଇ ପାରେ । ଏହା କିନ୍ତୁ ଠେଲ୍ଲିଆରୁ ଅତୀତ ଓ ନୁଆଁଣିଆରୁ ଉତ୍ତମ—ଏହା ଦୁଇଟିର ସମୁଚ୍ଚୟ—ଦୁଇଟିରୁ କୌଣସିଟିରେ ଏହାର ପୂର୍ଣ୍ଣ ଧାରଣା ନୁହେଁ । ସେଇପରି, ପୁରୁଷୋତ୍ତମ । ଏକ ଆଡ଼ୁ ଦେଖିଲେ, ସେ ଅବ୍ୟକ୍ତ; ପୁଣି ଅନ୍ୟ ଆଡ଼ୁ ଦେଖିଲେ, ବ୍ୟକ୍ତ ଦୁଇଟି ଯାକ ତାଙ୍କର ରୂପ । ଗୀତାରେ ଭଗବାନ୍ ସ୍ପଷ୍ଟ ବୁଝାଇ କହୁଛନ୍ତି :—

"ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥"

—୧୫ଶ ଅଧ୍ୟାୟ, ଶ୍ଳୋକ ୧୮ ।

Digitized by srujanika@gmail.com

ଏହାର ଅର୍ଥ—

ଯେଣୁ ମୁଁ କ୍ଷର ବା ବ୍ୟକ୍ତ ପୁରୁଷର ଅତୀତ ଓ ଅକ୍ଷର ବା ଅବ୍ୟକ୍ତ ପୁରୁଷର ଉତ୍ତମ, ତେଣୁ ଲୋକରେ ଓ ବେଦରେ ମୁଁ ପୁରୁଷୋତ୍ତମ ବୋଲି ପ୍ରସିଦ୍ଧ । ( କ୍ଷର ଓ ଅକ୍ଷର ପାଇଁ ୧୬ଶ ଶ୍ଳୋକ ଦେଖ ) ।

## ଲୋକରେ ଆଉ ବେଦରେ

ଲୋକରେ ବୋଇଲେ, ଜଗତଜନଙ୍କ ଉପାସନା ପାଇଁ ସେ ହେଉଛନ୍ତି, ପୁରୁଷୋତ୍ତମ; ବେଦରେ ବୋଇଲେ ଜ୍ଞାନରେ, ବା ତତ୍ତ୍ୱ-ଦର୍ଶନ ହିସାବରେ ମଧ୍ୟ ସେଇ ହେଉଛନ୍ତି, ପୁରୁଷୋତ୍ତମ । ଏଠାରେ ଲକ୍ଷ୍ୟ କରିବାର ଅଛି, ଗୀତାରେ ପୁରୁଷୋତ୍ତମ-ତତ୍ତ୍ୱର ଯେ ବ୍ୟାଖ୍ୟା ଦିଆ-ଯାଇଛି, ତା ହେଉଛି ଆଗରୁ ଲୋକରେ ପ୍ରଚଳିତ ଥିବା କୌଣସି ଉପାସ୍ୟ ଦେବ ପୁରୁଷୋତ୍ତମଙ୍କୁ ଦାର୍ଶନିକ ଭାବରେ ବୁଝିଇବା ପାଇଁ ଚେଷ୍ଟା ହୋଇଛି । ତା ନ ହେଲେ 'ଲୋକେ ବେଦେ ଚ' ନ କହି, 'ବେଦେ ଲୋକେ ଚ' କୁହା ହୋଇ ପାରିଥାନ୍ତା । ସେପରି କହିଥିଲେ, ଶ୍ଳୋକରେ କୌଣସି ଦୋଷ ହୋଇ ନ ଥାନ୍ତା । ମନେ ହୁଏ, ଗୀତାରେ ଏ ପରମ ସମାଧାନର ତତ୍ତ୍ୱଟି ପ୍ରକାଶିତ ଓ ପ୍ରଚାରିତ ହେଲା ବେଳକୁ ଏଇ ଦର୍ଶନର ସଙ୍କେତ ରୂପେ ପୁରୁଷୋତ୍ତମଙ୍କ ଉପାସନା ପ୍ରତିଷ୍ଠିତ ହୋଇ ସାରିଥିଲା । ମହାଭାରତର 'ସପ୍ତଶ୍ଳୋକୀ' ଗୀତାକୁ କୃଷ୍ଣ-ଶିଷ୍ୟମାନେ ଯେତେ-ବେଳେ 'ସପ୍ତଶତୀ' କରି ସଂପାଦନ କରିଥିଲେ । ସେତେବେଳେ ଲୋକରେ ଓ ଜ୍ଞାନରେ ପ୍ରତିଷ୍ଠିତ ଥିବା ପୁରୁଷୋତ୍ତମଙ୍କୁଇ ଆର୍ଯ୍ୟ ସାହିତ୍ୟର ଶ୍ରେଷ୍ଠ ସଂପଦ-ରୂପେ ପ୍ରକାଶ କରିଥିଲେ ବୋଲି ଅନୁମାନ କରିବାଇ ସ୍ୱାଭାବିକ । ଏଇ ପୁରୁ-ଷୋତ୍ତମ ତତ୍ତ୍ୱ ଓ ଉପାସନା କେଉଁଠି ପ୍ରକାଶ ଓ ପ୍ରତିଷ୍ଠା ପାଇଥିଲା, ତା କିଏ କରିଥିଲା, ଏଥିରେ ଆଉ ସନ୍ଦେହ କରିବାର କିଛି ନାଇଁ । ଏହା କଳିଙ୍ଗରେ ହୋଇଥିଲା ଓ ଓଡ଼ିଆଙ୍କ ପୂର୍ବ ପୁରୁଷମାନେ କରିଥିଲେ । ବେଦର କୃଷ୍ଣଙ୍କୁ ଓଡ଼ିଆ କହିଥିଲେ, 'ପୁରୁଷୋତ୍ତମ' । କାହିଁକି ନା, ବେଦରେ

Digitized by srujanika@gmail.com

ବା ତତ୍ତ୍ୱ-ଦର୍ଶନ ପ୍ରସାଦରେ ଯେଉଁ ପୁରୁଷୋତ୍ତମ ଗୀତାରେ ପ୍ରକାଶ ପାଇଲେ, ଜଗତଜନଙ୍କ ପାଇଁ ସେ ସେତେବେଳକୁ ଉପାସ୍ୟ ଦେବରୂପେ ପ୍ରତିଷ୍ଠିତ ଥିଲେ ।

## ଏଇ ପୁରୁଷୋତ୍ତମ—ଜଗନ୍ନାଥ

ଜ୍ଞାନରେ ପ୍ରକାଶ ପାଇଲେ ଯେଉଁ ପୁରୁଷୋତ୍ତମ, ସେ ହେଉଛନ୍ତି କେବଳ ଗୀତାର ଏଇ ଶ୍ଲୋକର ପୁରୁଷୋତ୍ତମ । ଦର୍ଶନ-ତତ୍ତ୍ୱ ବିକାଶରେ ଏ ପୁରୁଷୋତ୍ତମ ଆଉ କୌଣସି ଜ୍ଞାନ ବା ଭକ୍ତି ଗ୍ରନ୍ଥରେ ଏପରି ସାଙ୍ଗୋପାଙ୍ଗ ଭାବରେ ନାହିଁ । ତତ୍ତ୍ୱ ସମ୍ବନ୍ଧରେ ଏ ପ୍ରକାଶ, କେବଳ 'ଶ୍ରୀମଦ୍ ଭଗବତ୍ ଗୀତା'ର ଏଇ ପଞ୍ଚଦଶ ଅଧ୍ୟାୟର ଅଷ୍ଟାଦଶ ଶ୍ଲୋକରେ ଅଛି । ତେଣୁ ୧୫ଶ ଅଧ୍ୟାୟର ବିଷୟ ବସ୍ତୁର ନାମ ହେଉଛି, 'ପୁରୁଷୋତ୍ତମ-ଯୋଗ' । ଲୋକରେ ଉପାସ୍ୟ ଦେବରୂପେ ପୁରୁଷୋତ୍ତମ ହେଉଛନ୍ତି, ପ୍ରାଚୀନ କଳିଙ୍ଗ ବା ଏବେ ଓଡ଼ିଶାର ପୁରୁଷୋତ୍ତମ-ପୁରୀ ବା ପୁରୀର 'ଜଗନ୍ନାଥ' ଆଉ କୁଆପି ଭକ୍ତର ଉପାସ୍ୟ ଦେବରୂପେ ପୁରୁଷୋତ୍ତମ ନାହାନ୍ତି । ତେଣୁ ଏବେ ଜଗନ୍ନାଥଙ୍କ ସ୍ଥାନ ବା ପୁରୁଷୋତ୍ତମ-କ୍ଷେତ୍ର ହେଉଛି, ଶ୍ରେଷ୍ଠ ଧାମ—ଭକ୍ତର ପରମ ସ୍ଥାନ । ଭାରତ ଧର୍ମ, ଭାରତ ସଭ୍ୟତା ଓ ଭାରତ ସାହିତ୍ୟର ଏ ମହା ମହନୀୟ ସମାଧାନ ହେଉଛି, କଳିଙ୍ଗର ପୁଣ୍ୟକୀର୍ତ୍ତି—ଓଡ଼ିଆ ସାହିତ୍ୟର ଏହା ଶ୍ରେଷ୍ଠ ସମ୍ପଦ ।

## ଗୀତାର ଭାଷା

ଗୀତାର ଏକାଦଶ ଅଧ୍ୟାୟରେ ଯେଉଁ ସ୍ତବ ଗୁଡିକ ଅଛି, ସେଥିରେ ପ୍ରାଣର ଭାଷା ପ୍ରକାଶ ପାଉଛି । ସେଥିରେ ୩୬ଶ ଶ୍ଲୋକରେ 'ସ୍ଥାନେ' ପଦ, ଓ ୪୧ ଶ୍ଲୋକରେ 'ହେ କୃଷ୍ଣ' ପ୍ରଭୃତିରେ ସମ୍ବୋଧନରେ 'ହେ' ପଦର ପ୍ରୟୋଗ ପ୍ରାଚୀନ ଓଡ଼ିଆ ପଦ ବୋଲି ମନେ ହୁଏ । ଓଡ଼ିଆ ଛଡ଼ା ଏ ପଦ କେଉଁଠିର ପ୍ରୟୋଗ ଅନ୍ୟତ୍ର ନାହିଁ । ଏହା ପୁଣି ପୂର୍ବ ସଂସ୍କୃତ ନୁହେଁ । ପୁରୀରେ ଏବେ ବି କହନ୍ତି, 'ଥାନେରେ କଥେ',

Digitized by srujanika@gmail.com

ଅର୍ଥାତ୍, ଉପଯୁକ୍ତ କଥା ବା କ୍ରିୟା । ସଂବୋଧନରେ 'ହେ' ପଦ ସଂସ୍କୃତରେ ଦୁର୍ଲ୍ଲଭ । ସେହି ଅଧ୍ୟାୟର ୨୨ଶ ଶ୍ଳୋକରେ ଅସୁରଙ୍କୁ ଘଣା ହୋଇଛି, ଦେବଙ୍କ ଭଳିରେ । ଏହା ମଧ୍ୟ ଏଠି ଉଲ୍ଲେଖ ଯୋଗ୍ୟ । ଋଗ୍‌ବେଦର ଆଦି କାଳରେ ଅସୁର-ଭକ୍ତ ଥିଲେ । ମାତ୍ର ପରବର୍ତ୍ତୀ ସଂସ୍କୃତ ସାହିତ୍ୟରେ । ନାହିଁ । ୩୨ଶ ଶ୍ଳୋକରେ 'କାଳ' ଓ ୩୭ଶ ଶ୍ଳୋକରେ 'ଅନନ୍ତ' ଓ ସେଇ 'ଅନନ୍ତ' ସଂଗେ 'ଦେବେଶ' ( ବଳଭଦ୍ର—ବଡ଼ ଠାକୁର ) ଓ 'ଜଗନ୍ନିବାସ' ପଦ ଯେ ଗୁଡ଼ିକ ମଧ୍ୟ ଓଡ଼ିଆ ଚୈତନ୍ୟ-ଚନ୍ଦ୍ରର ଭାଷା ପରି ମନେ ହୁଏ । ଏଥିପାଇଁ ପରେ ୬ଷ୍ଠ ଅଧ୍ୟାୟରେ 'ଇନ୍ଦ୍ରର ସମାଧାନ ଦେଖ' ପ୍ରକରଣର ଉଦ୍ଧୃତାଂଶ, 'ଲିଂଗପୂଜା' ଓ 'ତ୍ରିଭଙ୍ଗୀମୂର୍ତ୍ତି' ପ୍ରକରଣ ଦେଖ । 'କାଳ' ହେଉଛି ସେଥିରେ 'ପରିଣାମ' ବା 'ନିତ୍ୟମୃତ୍ୟୁ'ର ପ୍ରତୀକ ( 'କାଳ ଓ କାଳୀ' ପ୍ରକରଣ ଦେଖ ) ।

## 'ସପ୍ତଶ୍ଳୋକୀ' ଓ 'ସପ୍ତଶତୀ'

ଉପରେ କୁହା ଗଲା, 'ସପ୍ତଶ୍ଳୋକୀ' ଗୀତା, କ୍ରମେ ବଢ଼ି ବଢ଼ି 'ସପ୍ତଶତୀ' ହୋଇଛି । ମହାଭାରତଟି ପ୍ରଥମେ 'ଜୟ' ବୋଲି ଗୋଟିଏ ସାଧାରଣ କାବ୍ୟ ରୂପେ କୁରୁପାଣ୍ଡବଙ୍କ ଯୁଦ୍ଧ ଘେନି ରଚିତ ହୋଇଥିଲା । ପରଂପରା କହେ, ସେହା କାଳକ୍ରମେ ବଢ଼ି ବଢ଼ି ହୋଇଛି, ଏବର ମହାଭାରତ । ସେଇ ଅନୁକ୍ରମେ ପରଂପରା ବି ଅଛି, ଗୀତାଟି ପ୍ରଥମେ ଥିଲା 'ସପ୍ତଶ୍ଳୋକୀ' । ପରେ ମହାଭାରତର ସଂସ୍କରଣମାନଙ୍କରେ ବଢ଼ି ବଢ଼ି ସାତରୁ ଦଶ, ଦଶରୁ ଅଠାଇଶ, ଅଠାଇଶରୁ ବତିଶ, ବତିଶରୁ ଶହେ ଓ ଶେଷରେ ସାତଶହ ଶ୍ଳୋକରେ 'ସପ୍ତଶତୀ' ହୋଇଛି । 'ସପ୍ତଶ୍ଳୋକୀ' ଗୀତାଟି ପ୍ରକାଶିତ ହୋଇଛି । ତା ହେଉଛି ଏଇ (ତିଳକ୍ 'ଗୀତା ରହସ୍ୟ' ପୃଷ୍ଠା ୮ ଓ ତା ତଳେ ପାଦ ଟୀକା ଦେଖ)—

୧ । "କବିଂ ପୁରାଣମନୁଶାସିତାରଂ
ଅଣୋରଣୀୟାଂସମନୁସ୍ମରେଦ୍ ଯଃ ।
ସର୍ବସ୍ୟଧାତାରମଚିନ୍ତ୍ୟରୂପଂ

Digitized by srujanika@gmail.com

ଆଦିତ୍ୟ ବର୍ଣ୍ଣଂ ତମସଃ ପରସ୍ତାତ୍ ।" ଅ ୮, ଶ୍ଳୋ ୯ ।

୨ । "ଓଁମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍ ।
ଯଃ ପ୍ରୟାତି ତ୍ୟଜନ୍ ଦେହଂ ସ ଯାତି ପରମାଂ ଗତିଂ । ୮, ୧୩ ।

୩ । "ସ୍ଥାନେ ହୃଷୀକେଶ ତବପ୍ରକୀର୍ତ୍ତ୍ୟା
ଜଗତ୍ ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ ।
ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି
ସର୍ବେ ନମସ୍ୟନ୍ତି ଚ ସିଦ୍ଧ ସଂଘା । ୧୧,୩୬ ।

୪ । "ସର୍ବତଃ ପାଣିପାଦଂତତ୍ ସର୍ବତୋଽକ୍ଷିଶିରୋମୁଖଂ
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି । ୧୩,୧୩ ।

୫ । "ଊର୍ଦ୍ଧ୍ୱମୂଳ ମଧଃ ଶାଖଂ ଅଶ୍ୱତ୍‌ଥଂ ପ୍ରାହୁରବ୍ୟୟଂ
ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂବେଦ ସବେଦବିତ୍ । ୧୫,୧ ।

୬ । "ସର୍ବସ୍ୟଚାହଂ ହୃଦି ସଂନିବିଷ୍ଟୋ
ମତ୍ତଃ ସ୍ମୃତି ର୍ଜ୍ଞାନମପୋହନଂଚ
ବେଦୈଶ୍ଚ ସର୍ବୈରହମେବବେଦ୍ୟୋ
ବେଦାନ୍ତକୃତ୍ ବେଦବିଦେବ ଚାହଂ । ୧୫,୧୫ ।

୭ । "ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ।" ୧୮,୬୫ ।

## ଏହାର ଅର୍ଥ

୮, ୯—ସର୍ବଜ୍ଞ, ଅନାଦି, ବିଶ୍ୱର ଶାସକ, ସୂକ୍ଷ୍ମତମ ଅଣୁଠାରୁ ସୂକ୍ଷ୍ମ, ସବୁର ଆଧାର ବା ବିଧାତା, ଅଚିନ୍ତନୀୟ, ଅନ୍ଧାରର ପରେ ଜ୍ୟୋତି ସ୍ୱରୂପଙ୍କୁ ଯୋଗରେ ଯେ ସ୍ମରଣ କରେ ।

୮, ୧୩—ଓଁ ବୋଲି ଯେ ଏକାକ୍ଷର ବ୍ରହ୍ମ ତାକୁ ମୂର୍ଦ୍ଧାରେ ଉଚ୍ଚାରଣ କରି, ତାପରେ ମତେ ସ୍ମରଣ କରି, ଯେ ଦେହ ଛାଡ଼ି ଯାଏ, ସେ ପରମ ଗତି ପାଏ ।

Digitized by srujanika@gmail.com

୧୧,୩୬—ହେ ହୃଷୀକେଶ, ତମ ଗୁଣକୀର୍ତ୍ତନରେ ଜଗତ୍ ଯେ ଆନନ୍ଦ ପାଏ ଓ ଅନୁରକ୍ତ ହୁଏ; ରାକ୍ଷସମାନେ ଭୟରେ ଯେ ଦୂରକୁ ପଳାନ୍ତି; ସିଦ୍ଧ ପୁରୁଷମାନେ ଯେ ତମକୁ ନମସ୍କାର କରନ୍ତି; ଏ ସବୁ ଯଥାର୍ଥ ।

୧୩,୧୩—ଜଗତରେ ସବୁଠି ତା ହାତ, ସବୁଠି ତା ଗୋଡ଼, ସବୁଠି ତା ଆଖି, ସବୁଠି ତା ମୁଣ୍ଡ, ସବୁଠି ତା ମୁହଁ, ସବୁଠି ତା କାନ, ସେଇ, ସବୁ ବ୍ୟାପି କରି ରହିଛି ।

୧୫,୧—ଉପରେ (ଶୂନ୍ୟରେ ବା ସର୍ବାତୀତ ଅପ୍ରକାଶରେ) ଏହାର ମୂଳ, ତଳେ (ପ୍ରକାଶମାନ ବିଶ୍ୱରେ) ଏହାର ଡାଳ, ଏଇପରି ଅବିନାଶୀ ଅଶ୍ୱତ୍ଥ ଗଛଟିଏ ବୋଲି ଜ୍ଞାନୀ କହନ୍ତି । ବେଦପାଠ (କର୍ମକାଣ୍ଡ) ଏହାର ପତ୍ରପରି । ଏହା ଯେ ଜାଣେ, ସେଇ ବେଦ ଜାଣେ ।

୧୫,୧୫—ମୁଇଁ ସମସ୍ତଙ୍କ ହୃଦୟରେ ଅଛି । ସ୍ମରଣ, ଜ୍ଞାନ ଯୁକ୍ତି-ତର୍କ, ସବୁ ମୋରଠୁ । ବେଦପାଠରେ ଯାହା ଜାଣିବାର ଅଛି, ସେ ମୁଇଁ । ବେଦାନ୍ତ କରେ ମୁଇଁ; ବେଦ ଜାଣେ ମୁଇଁ ।

୧୮,୬୫—ମୋରଠି ମନ ଦେ; ମୋର ଭକ୍ତ ହୋ; ମୋର କର୍ମ ବୋଲି କର୍ମ କର; ମୋତେ ନମସ୍କାର କର; ତେବେ ମୋରଠାକୁ ଆସିବୁ । ତୁ ମୋ ପ୍ରିୟ, ତେଣୁ ଏହା ସତ୍ୟ ବୋଲି ମୁଁ ପ୍ରତିଜ୍ଞା କରି କହୁଛି ।

## ଏହାର ସଂକେତ

ଏଠି ବ୍ରହ୍ମର ନାମ ଓଁକାର । ଏଇ 'ଓଁକାର' ଉଚ୍ଚାରଣ କରି, ତା ପରେ ମତେ ସ୍ମରଣ କରିବାକୁ ହେବ ବୋଲି କହୁଛନ୍ତି । ପୁଣି ଅକ୍ଷର ବ୍ରହ୍ମ ଏଠି ଅନ୍ଧକାର ପରେ ଜ୍ୟୋତିରୂପ । ଉପନିଷଦରେ ମଧ୍ୟ ଠିକ୍ ଏଇପରି ଅଛି । ଓଡ଼ିଆ ଶୂନ୍ୟ-ଦର୍ଶନରେ ନିରାକାର ହେଉଛନ୍ତି, ଶୂନ୍ୟ ଜ୍ୟୋତି । ସେଥିରୁ ନୀଳରୂପ । ଏଇ ନୀଳରୂପଇ ଯୋଗମାୟା । ଏଇ ଯୋଗମାୟା ହେଉଛନ୍ତି, ଅକାର-ରୂପିଣୀ-କାଳୀ । ଏହା ପରେ

Digitized by srujanika@gmail.com

କୃତ୍ରାସିକ । ମନ୍ତ୍ର ଅକାର ପରେ ଜ୍ୟୋତ । ଏହା ଶୂନ୍ୟବାଦର ସୃଷ୍ଟି-ତତ୍ତ୍ୱରେ ସ୍ପଷ୍ଟ ଅଛି । ତେଣୁ ଏଇ ସପ୍ତ ଶ୍ଳୋକ ଗୀତାକୁ ମଧ୍ୟ ଶୂନ୍ୟ-ଦର୍ଶନର ଏକ ବୈଦିକ ସମାଧାନ, ସନ୍ଦେହ ନାହିଁ । ପରେ ଲୋକରେ ଉପାସ୍ୟ ପୁରୁଷୋତ୍ତମ, ଗୀତାରେ ସ୍ପଷ୍ଟ ପ୍ରକାଶ ପାଇ, ଏଇ ସମାଧାନକୁ ପୂର୍ଣ୍ଣାଂଗ କରିଥିଲେ ।

## ବେଦରେ ଓ ମହାଭାରତରେ କୃଷ୍ଣ

ଖୁବ୍ ସଂଭବ ମହାଭାରତ ଯେତେବେଳେ ଥିଲା, 'ଜୟ', କୃଷ୍ଣ ସେଥିରେ ନ ଥିଲେ । ପରେ କୃଷ୍ଣ ଶିଷ୍ୟମାନେ ଗୀତା ସହିତ ସମସ୍ତ କୃଷ୍ଣଙ୍କ କ୍ରିୟା ସେଥିରେ ଭର୍ତ୍ତି କରିଥିଲେ । କୃଷ୍ଣ ବୋଲି ଯାଗାଦି କର୍ମ-କାଣ୍ଡ ବିରୋଧୀ ଏକ ମହାପୁରୁଷ ଥିବାର ଋଗ୍‌ବେଦରେ ଅଛି । କର୍ମକାଣ୍ଡୀ-ମାନେ ତାଙ୍କୁ ଅଂଶୁମତୀ (ଯମୁନା ? ) କୂଳରେ ପରାସ୍ତ କରି ଥିବାର ମଧ୍ୟ ଋଗ୍‌ବେଦରେ ଅଛି । ବଳରେ ପରାସ୍ତ କଲେ, ସଂସ୍କାରକର ସତ୍ୟ ମରେ, ନାହିଁ । ତାଙ୍କ ଶିଷ୍ୟମାନେ ପରେ ପ୍ରବଳ ହୋଇଥିଲେ । ପୁଣି ଛାନ୍ଦୋଗ୍ୟ ଉପନିଷଦ୍‌ରେ ଅଛି 'ଦେବକୀପୁତ୍ର' କୃଷ୍ଣ ଘୋରଅଙ୍ଗୀରସଙ୍କଠାରୁ ଯଜ୍ଞତତ୍ତ୍ୱ ଶିଖିଥିଲେ । ତେଣୁ ଏହି ଯଜ୍ଞତତ୍ତ୍ୱ ମୂଳତଃ ବୈଦିକ ନୁହେଁ । ଏହା ବେଦ ଧର୍ମୀ ଆର୍ଯଙ୍କ ବିରୋଧରେ ଏକ ସଂଶୋଧନ ବା ଧର୍ମ ଓ ଚଳଣିର ସଂସ୍କାର । ଏହା ଦେଶୀ ତତ୍ତ୍ୱର ପ୍ରଭାବରେ ବୈଦିକ ଧର୍ମ ନାମରେ ଏକ ନୂତନ ପ୍ରକାଶ—ଏକ ସମାଧାନ । ଏଇ ଯଜ୍ଞ-ତତ୍ତ୍ୱଟି ଗୀତାର ଶ୍ରେଷ୍ଠ ବାଣୀ । ଗୀତାର ଚତୁର୍ଥ ଅଧ୍ୟାୟରେ ଏହାର ବିଶଦ ବ୍ୟାଖ୍ୟା ଅଛି । ଅକ୍ଷର ବା ଅବ୍ୟକ୍ତ ବ୍ରହ୍ମର ବ୍ୟକ୍ତରେ ଆତ୍ମପ୍ରକାଶ ବା ଆତ୍ମବଳି ହେଉଛି, ଏଇ ଯଜ୍ଞ-ତତ୍ତ୍ୱ । ଜ୍ୟୋତିରୂପ ଅକାରର ମୂଳ ରୂପରେ ବିଶ୍ୱ-ପ୍ରକାଶ । ଖାଲି ଶୂନ୍ୟ ନ କହି, ବ୍ରହ୍ମ କହିଲେ, ଦୁଇଟି ଯାକ କଥା ସମାନ । ଏଇ ଶୂନ୍ୟ ବା ଅବ୍ୟକ୍ତ ଓ ବ୍ୟକ୍ତ ବା ମୂଳ ବସ୍ତୁର ସମନ୍ୱୟ ଧାରଣା ହେଉଛି—ପୁରୁଷୋତ୍ତମ । ଲୋକର ଉପାସ୍ୟ ପୁରୁଷୋତ୍ତମ ସଂଗେ ଏ ସବୁଟି ସମାଧାନରେ ଫୁଟିଗଲା ।

Digitized by srujanika@gmail.com

## ଚଣ୍ଡୀ

ଏଇଠାରେ ପୁଣି ଲକ୍ଷ୍ୟ କରିବାର ଅଛି, କଳିଂଗ ଧର୍ମର ସମାଧାନରେ ବିଷ୍ଣୁ, ଯେତେବେଳେ ଯୋଗମାୟାଙ୍କୁ ଧରି ପୁରୁଷୋତ୍ତମ ହେଲେ, ଓ ଲୋକରେ ପ୍ରତିଷ୍ଠିତ ସେଇ 'ପୁରୁଷୋତ୍ତମ', ବିଷ୍ଣୁ ରୂପୀ ଭଗବାନ୍ ହୋଇ 'ସପ୍ତଶତୀ' ଗୀତାରେ ପ୍ରତିଷ୍ଠା ପାଇଲେ, ବୈଷ୍ଣବଙ୍କର ଏଇ ସମାଧାନ ଅନୁକରଣରେ ଶକ୍ତଙ୍କ ଭିତରେ କହାଣିଥିଲା, 'ଚଣ୍ଡୀ'। ଖୁବ୍ ସଂଭବ ମାର୍କଣ୍ଡେୟ ପୁରାଣରେ ଏହା ଭର୍ତ୍ତି କରିଥିଲେ 'କଂଗୋଳୀ ତାନ୍ତ୍ରିକ'। ଭର୍ତ୍ତି କରିଥିଲେ, ବୈଷ୍ଣବଙ୍କ ଗୀତାକୁ ପ୍ରତିଦ୍ୱନ୍ଦ୍ୱୀ କରି। ସପ୍ତଶତୀ 'ଚଣ୍ଡୀ'କୁ ତଳେଇ କରି ଦେଖିଲେ, ଏହା ସ୍ପଷ୍ଟ ଜଣାଯାଏ। ଚଣ୍ଡୀରେ ପୁରୁଷୋତ୍ତମତତ୍ତ୍ୱକୁ ସ୍ପର୍ଦ୍ଧା କରିବା ଭଳି ତତ୍ତ୍ୱ ବୋଲି କିଛି ନାଇ। ଶ୍ଳୋକ ଗଣି ସପ୍ତଶତ କରିବା ପାଇଁ ଯେ ଉଦ୍ୟମ କରାଯାଇଛି, ତା ଯେ କେହି ଦେଖି ପାରିବେ। ଏଥିରେ ସାତଶହ ଶ୍ଳୋକ ନାଇ। ତଥାପି ମାତ୍ର ଯାକ ସାତଶହ ଗଣିବାକୁ ହୁଏ। ଗୀତରେ ସ୍ୱାଧୀନ ତତ୍ତ୍ୱ-ବ୍ୟାଖ୍ୟା। ଚଣ୍ଡୀ ପଠନପଦ୍ଧତିରେ ଖାଲି ଭୟ। ଅଶୁଦ୍ଧ କରି ପଢ଼ିଲେ ଦେବୀ, ଜଗତର ମା ହୋଇ ମଧ୍ୟ, ଭକ୍ତର ସର୍ବନାଶ କରନ୍ତି। ଚଣ୍ଡୀପାଠ ପୁଣି ଖାଲି ଫଳ ପାଇଁ କରାହୁଏ। ବ୍ରାହ୍ମଣକୁ ବରଣ କରାଇ ଦକ୍ଷିଣା ଦେଇ 'ସଂପୁଟ' ଚଣ୍ଡୀ ପଢ଼ାଇଲେ ସବୁ କାମନା ସିଦ୍ଧ ହୁଏ। ଅଥଚ ଗୀତାରେ କାମନାର ସ୍ଥାନ ନାଇ। ଫଳ ତ୍ୟାଗ କରି କର୍ମ କରିବା ହେଉଛି, ଗୀତାର ସାର କଥା। ପୁଣି ଗୀତାରେ,

"ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ,"

( ତତ୍ତ୍ୱ ଜାଣିଲା ପରି କଥା କହୁଚୁ, ଅଥଚ ଯାହା ପାଇଁ ଶୋକ କରିବାର ନାହିଁ, ତାଙ୍କ ପାଇଁ କରୁଚୁ ) ପରି ଭଗବାନଙ୍କ କଥା ସଙ୍ଗେ

"ଗର୍ଜ ଗର୍ଜ କ୍ଷଣଂ ମୂଢ଼ ମଧୁ ଯାବତ୍ ପିବାମ୍ୟହଂ,"

( ହେ ମୂଢ଼, ତୁ ଗର୍ଜୁଥା; ମୁଁ ମଦ ପିଉଥାରେ—ଦେଖିବ ) ଭଳି ଦେବୀଙ୍କ ବାକ୍ୟ ମଧ୍ୟ ତୁଳନୀୟ। ମାରଣ, ବଶୀକରଣାଦିରେ ମଧ୍ୟ ଚଣ୍ଡୀ

Digitized by srujanika@gmail.com

ପାଠର ପ୍ରସିଦ୍ଧି ସମସ୍ତେ ଜାଣନ୍ତି । ଏ ତୁଳନା ଆଉ ବେଶି ଦୂରକୁ ଟାଣିବା ଏଠି ଦରକାର ନାହିଁ । ଏ ଅନୁକରଣରୁ ବୁଝାଯାଉଛି କଳିଙ୍ଗର 'ପୁରୁଷୋତ୍ତମ', 'ସପ୍ତଶତୀ' ଗୀତାରେ ନିଷ୍କାମ କର୍ମରେ ପ୍ରକାଶ ପାଇବାରେ, 'ବଙ୍ଗାଳୀ' ଧର୍ମ କପଟ ଭକ୍ତି ଓ ଫଳ ଲୋଭରେ ଲୋକଙ୍କୁ ଭୁଲାଇ ଠିକ୍ ରଖିବା ପାଇଁ ସେଇଠି ଏକ 'ସପ୍ତଶତୀ'ରେ 'ଚଣ୍ଡୀ' ପ୍ରଚାର କରିଥିଲେ ।

## ଆହରଣରେ ସ୍ୱାତନ୍ତ୍ର୍ୟ

ତଥାପି, ବିଜୟୀ ବୈଦିକ ସଭ୍ୟତାର ପ୍ରଚଣ୍ଡ ପ୍ରଭାବ ସତ୍ତ୍ୱେ ଏ ସମାଧାନର ଆହରଣ କାହାର ? ଅଶେଷ ଆଦାନ ପ୍ରଦାନର ପାରମ୍ପରିକ ବିକ୍ଷୋଭ ଭିତରେ ଏ ଆହରଣ ହୋଇଛି ଓଡ଼ିଆର । ସୁଦୀର୍ଘ ଇତିହାସ କାଳରେ ବାହାରରୁ ଧ୍ୱଂସର ସହସ୍ର ପ୍ରଭାବ ଓ ଆତ୍ମରକ୍ଷାର ଶତ ଦୈନ୍ୟ ଭିତରେ ମଧ୍ୟ କଳିଙ୍ଗ ସଭ୍ୟତାର ଏ ବିଶାଳତା, ଏ ବଳିଷ୍ଠତା, ଏ ମୌଳିକତା, ଏ ଆହରଣ-ତତ୍ପରତା, ଓଡ଼ିଆ ସାହିତ୍ୟର ଏ ମହାପ୍ରାଣତା ଦେଖିବାର ଅଛି । ସନାତନ ଓଡ଼ିଆ ସଭ୍ୟତା ଓ ସାହିତ୍ୟର ଏହାହିଁ ଜୀବନ୍ତ ମେରୁଦଣ୍ଡ । ଏ ସବୁ ବଳିଷ୍ଠ ମୌଳିକତା, ଏସବୁ କୀର୍ତ୍ତି, ଏ ସବୁ ସମ୍ପଦ, ଭାରତରେ ଆଉ କାହାର ଅଛି ? ଏକା ଭାରତରେ କାହିଁକି, ପୃଥିବୀରେ ଆଉ କାହାର ଏହା ଇତିହାସରେ ନାହିଁ, ଧର୍ମରେ ନାହିଁ, ସାହିତ୍ୟରେ ନାହିଁ, ଚଳଣିରେ ନାହିଁ । ଏ ତତ୍ତ୍ୱର ପ୍ରକାଶ, ପୁଣି ଚଳଣିରେ ତାର ପ୍ରତିଷ୍ଠା ମାନବ ଜଗତରେ ଅନନ୍ୟସାଧାରଣ । ଅତିବଡ଼ ଜଗନ୍ନାଥ-ଦାସଙ୍କ 'ତୁଳାଭିଣା'ରୁ ସଂକେତରେ ଯା ଉଦ୍ଧାର କରିଯାଇଛି, ସେଥିରେ ସେଇ ତତ୍ତ୍ୱର ପ୍ରକାଶ । ବେଦର 'ନାସଦୀୟ ସୂକ୍ତ'ରେ ରହି ସେଇ ତତ୍ତ୍ୱର ପ୍ରଭାବରେ ପଡ଼ି, ବୁଝି ନ ପାରି ଦାର୍ଶନିକ ହେଉଛନ୍ତି । ସମସ୍ତ ଗୀତାରେ ପୁଣି ଏଇ ତତ୍ତ୍ୱ ପୂର୍ଣ୍ଣରୂପେ ସ୍ଫୁଟିତ । ଏଇ ତତ୍ତ୍ୱ ଯେବେ ପୁରୁଷୋତ୍ତମ ବା ଜଗନ୍ନାଥଧର୍ମର ପ୍ରକୃତି ଓ ପ୍ରକାଶରେ କ୍ୱାଚିତ୍କ ଗଢ଼ ଏଠାରେ ଏତେ କହିବା କାହାକୁ ହୁଏତ ଟିକିଏ ଅଧିକା ବା ଅବାନ୍ତର ପରି ଲାଗିପାରେ ।

Digitized by srujanika@gmail.com

ମାତ୍ର ଏତେବଡ଼ ଦେଶର ସଭ୍ୟତାକୁ ଅନୁକରଣରେ ନିଜର କରି ଓଡ଼ିଆ କିପରି ସ୍ୱାତନ୍ତ୍ର୍ୟ ରଖି ଆସିଛି, ଏହାହିଁ ଏଠି ଦେଖିବାର ଜିନିଷ। ପୁଣି ଓଡ଼ିଆଧର୍ମ ବା ସୃଷ୍ଟି-ବିସ୍ତାର-ତତ୍ତ୍ୱରେ ପିଣ୍ଡ ବ୍ରହ୍ମାଣ୍ଡର ସମ୍ବନ୍ଧ, ତହିଁ ସଙ୍ଗେ ବିନ୍ଦୁ, ପଦ୍ମ ପ୍ରଭୃତିର ପବିତ୍ରତା ଓ ମହତ୍ତ୍ୱ ଏଠି ପ୍ରଣିଧାନ ଯୋଗ୍ୟ। ବଙ୍ଗ ସାହିତ୍ୟ ସଙ୍ଗେ ତୁଳନା କରି ଦେଖିବାରେ ମଧ୍ୟ ଏହା କାମ ଦେବ। ଏହା ଯେଣି ଓଡ଼ିଆ ସାଧନ ଓ ସାହିତ୍ୟ ଗ୍ରନ୍ଥମାନଙ୍କରେ ବହୁ ସଙ୍କେତ ଓ ଦୃଷ୍ଟାନ୍ତ ଅଛି।

## ଦିବାକର ଦାସ ଓ ଅତିବଡ଼ି ବୈଷ୍ଣବ ଧର୍ମ

ଚୈତନ୍ୟର-ସଖା 'ଅତିବଡ଼' ଜଗନ୍ନାଥ ଦାସ ଥିଲେ ପରମ ବୈଷ୍ଣବ ଓ ରାଧାକୃଷ୍ଣ ଭକ୍ତ। ଓଡ଼ିଆ ପ୍ରକାରରେ ରାଧାକୃଷ୍ଣ ଭକ୍ତି ତାଙ୍କ ଉପରେ ପଡ଼ିଲେ ସ୍ପଷ୍ଟ ରୂପ ଧରିଥିଲା ବୋଲି ମନେ ହୁଏ। କଳିଙ୍ଗର ପରମ୍ପରାର ଦର୍ଶନ-ତତ୍ତ୍ୱ ତାଙ୍କ ବୈଷ୍ଣବ ଧର୍ମରେ କିପରି ପ୍ରକାଶ ପାଇଛି, ତା ଆଗରେ ଦେଖାଯାଇଛି। ସେଇ ଅତିବଡ଼ଙ୍କ ଶିଷ୍ୟ ଦିବାକର ଦାସ ନିଜ 'ଜଗନ୍ନାଥ ଚରିତାମୃତ' ପୁସ୍ତକରେ ଜଗନ୍ନାଥ ଦାସଙ୍କ ବୈଷ୍ଣବ ଧର୍ମର ପ୍ରକୃତି ଓ ପ୍ରକାର, ତାଙ୍କ ପୁରୁଷୋତ୍ତମ-ଭାବ ଓ ଗୌଡ଼ୀୟ ବୈଷ୍ଣବଙ୍କଠୁ ତାଙ୍କ ଭେଦ ବୁଝାଇଛନ୍ତି। ସେଥିରୁ କେତେକ ଚରଣ ଉଦାହରଣ ଦେଇ ବୁଝାଯାଉଛି। ରାଧାକୃଷ୍ଣଙ୍କୁ ଅତିବଡ଼ ଓ ଅନ୍ତରଙ୍ଗମାନେ ନିତ୍ୟ ରାଧା ଓ ନିତ୍ୟକୃଷ୍ଣଙ୍କ ଆଦେଶରେ ଅବତାର ରୂପେ ମର୍ତ୍ତ୍ୟକୁ ଆସିଥିବାର ମନେ କରୁଥିଲେ। ନିତ୍ୟକୃଷ୍ଣ ହେଉଛନ୍ତି, ନିରାକାର ଓ ନିତ୍ୟରାଧା ହେଉଛନ୍ତି, ତାଙ୍କ ଯୋଗରେ ଥିବା ମାୟା ବା ଯୋଗମାୟା ('ନାସଦୀୟ-ସୂକ୍ତ'ରେ 'ଅଭ୍ୱ' ଓ 'ତୁଚ୍ଛ' ଦେଖ)। ପୁରୁଷୋତ୍ତମଙ୍କ ମୂର୍ତ୍ତି ଜଗନ୍ନାଥଙ୍କୁ ଦେଖିଲେ, ଏଇ ନିତ୍ୟରାଧାଇ ଦିଶନ୍ତି। ଏହାଇ ଯୁଗଳରୂପର ସଙ୍କେତ। ଏଥିରୁଇ ଜଗତ୍ ବାହାରିଛି। ଜଗନ୍ନାଥଙ୍କ ଅନ୍ୟ ପ୍ରକାର ବା ପ୍ରକୃତି ହେଉଛି, ଅବ୍ୟକ୍ତ, ନିରାକାର ବା ଶୂନ୍ୟରୂପ। ହେଲେହେଁ, ପୁରୁଷୋତ୍ତମ ହେଉଛନ୍ତି, ଯଥାର୍ଥରେ ଦୁଇଟିଯାକ ନିତ୍ୟବସ୍ତୁର ଅଭିନ୍ନରୂପ।

‘ଜଗନ୍ନାଥ ଚରିତାମୃତ’, ପ୍ରଥମ ଅଧ୍ୟାୟରେ ଦେଖ :—

ପୁରୁଷୋତ୍ତମ ଯାକୁ କହ ।
ନିତ୍ୟ ସେ ଭିନ୍ନା ଭିନ୍ନ ନୋହ । ୭୦ ।
ଅଦ୍ୱୈତ୍ୟ ଚୈତନ୍ୟ ମୁଖ ଗୃହଁ ।
ନିତ୍ୟ ଶ୍ରୀକୃଷ୍ଣ ଅଙ୍ଗ ଦେହ । ୧୦୭ ।

(କୃଷ୍ଣଙ୍କୁ କହିଲେ,, ଅମୃତ ଅଙ୍ଗ ପ୍ରମାଣରେ ।

ଜନ୍ମ ହୋଇଲ ମର୍ତ୍ତ୍ୟପୁରେ । ୧୧୨ ।
ଦେବକୀ ଗର୍ଭେ ଜନ୍ମ ହେଲ ।
ଗୋପରେ ପାଳଣ କରିଲ । ୧୧୩ ।
କଂସାଦି ଅସୁର ମାରିଲ ।
ମହାଭାରତ ଭିଆଇଲ । ୧୧୫
ନିତ୍ୟରାଧାଙ୍କ ଅଂଶୁ ଜାତ ।
ବୃଷଭାନୁ ନନ୍ଦନୀ ଖ୍ୟାତ । ୧୨୩ ।
ତୁମ୍ଭେ ଯେ ତାଙ୍କ ସଙ୍ଗତରେ ।
ଲୀଳା କଲ ବୃନ୍ଦାବନରେ” । ୧୨୪ ।

ଚତୁର୍ଥ ଅଧ୍ୟାୟରେ—

“ରାଧାଟି ସ୍ୱୟଂ ଜଗନ୍ନାଥ । (ନିତ୍ୟରାଧା)
ରାଧାଟି ସ୍ଥୂଳରୂପେ ସ୍ଥିତ । ୭୧ ।
ରାଧାଙ୍ଗେ ଜଣ ଜଗନ୍ନାଥ ।
ରାଧାକୁ ଯବିଛି ଜଗତେ ।” ୭୫ ।

ଦ୍ୱାଦଶ ଅଧ୍ୟାୟରେ—

“ମାୟାବ୍ରହ୍ମ ଶ୍ରୀପରଂବ୍ରହ୍ମରେ ।
ଅଛନ୍ତି ଶ୍ରୀ ନୀଳାଚଳରେ । ୩୦ ।
ନୀଳାଚଳରେ ପରଂବ୍ରହ୍ମ ।
ରାଧାଙ୍କ ସଙ୍ଗେ କୃଷ୍ଣ ଜାଣ । ୪୪ ।

Digitized by srujanika@gmail.com

କୋଟିଏ ଯୁଗ ଯେବେ ଯାଇ ।
ଏ କ୍ରୀଡ଼ା କେବେ ଭଂଗ ନୋହି । ୫୯ ।
ଏ ଜଗନ୍ନାଥ ମୂର୍ତ୍ତିସାର ।
ସର୍ବ ଅବତାରୁ ବାହାର । ୬୦ ।
ଅବତାରେ ଏ ଗଣା ନୋହି ।
ଏଥିରୁ ଅବତାର ହୋଇ ।” ୬୧ ।

‘ଅକ୍ଷର’ ଓ ‘କ୍ଷର’ ପୁରୁଷ ଦୁହେଁ ଏଇ, ଚରାଚର ଏଇ, ଯନ୍ତ୍ରୀ-ଯନ୍ତ୍ର ଏଇ, ଏଇ ଜଗନ୍ନାଥଇ ପୁରୁଷୋତ୍ତମ ବୋଲି ୬ଷ୍ଠ ଅଧ୍ୟାୟରେ ସ୍ପଷ୍ଟ କରି ଦର୍ଶନ-ତତ୍ତ୍ୱଟି ବୁଝାଇଛନ୍ତି :—

ଶ୍ଳୋକ—“ଅକ୍ଷରସ୍ତୁ ଜଗନ୍ନାଥଶ୍ଚରାଚରମିଦଂ ଜଗତ୍ ।
ଚରାଚର ସ୍ୱରୂପେଣ ସ୍ଥିତୋ ବେଦ୍ୟ ପୁରୁଷୋତ୍ତମ । ୭ ।
ସର୍ବାବତାର ଶେଷାଣି ବୀଜପ୍ୟ ବିଷ୍ଣୋ) ଚଯେତଶ୍ଚରଃ ।
ଯନ୍ତ୍ରାଯନ୍ତ୍ର ସ୍ୱରୂପେଣ ସ୍ଥିତୋବେ ପୁରୁଷୋତ୍ତମେ । ୮ ।”

ଗୀତ— “ଯେ ଦ୍ରବ୍ୟ ଯନ୍ତ୍ରୀ ନୁହଇ ।
ଅକ୍ଷର ବୋଲି ତାକୁ କହି । ୬୩ ।
ଚିନ୍ତିଶ ମଠରେ ଯେ ଜଗତ ।
ଯନ୍ତ୍ର ବୋଲି ତାକୁ କହନ୍ତ । ୬୪ ।
ଶ୍ରୀ ଜଗନ୍ନାଥ ମୂର୍ତ୍ତି ତାର ।
ଅକ୍ଷୟେ କୋଟି କଳାନ୍ତର । ୬୫ ।
ଯେତେକ ବିଷ୍ଣୁ ଅବତାର ।
ଏହି କ୍ଷେତ୍ରରୁ ସେ ବାହାର । ୬୬ ।
ଶ୍ରୀ ଜଗନ୍ନାଥଟି ପରମ ।
ଏଥୁଁ ବାହାର କେତେ ବ୍ରହ୍ମ ୬୭ ।
ଏ ଦେବ ଦେବଙ୍କ ଉତ୍ତମ ।
ଏ କ୍ଷେତ୍ର ଶ୍ରେଷ୍ଠ ପୁରୁଷୋତ୍ତମ । ୬୮ ।

Digitized by srujanika@gmail.com

ଯେତେକ ପୁଣ୍ୟ ସ୍ଥାନ ମହୀ ।
ଏହି କ୍ଷେତ୍ରରୁ ତାଡ଼ ନୋହି । ୩୯ ।
ଯେତେକ ତୀର୍ଥ ଏ ସଂସାର ।
ଏହି କ୍ଷେତ୍ରରୁ ସେ ବାହାର ।” ୪୦ ।

ପୁରୁଷୋତ୍ତମଙ୍କର ଏହି ନିତ୍ୟ ଯୁଗଳଭାବ ଓ ନିତ୍ୟ ପ୍ରେମହିଁ ‘ଅତିବଡ଼ି’ ବା ଓଡ଼ିଆ ବୈଷ୍ଣବଙ୍କ ଧର୍ମ ଓ ସାଧନାର ପୀଠ । ଏହି ‘ଯୁଗଳଗାୟତ୍ରୀ’ ମନ୍ତ୍ର କହୁଛି—

“ଓଁ ରାଧା କୃଷ୍ଣାୟ ବିଦ୍ମହେ ।
ପ୍ରେମରୂପାୟ ଧୀମହି ।
ତନ୍ନୋ ରାଧାକୃଷ୍ଣଃ ପ୍ରଚୋଦୟାତ୍ ॥”
— ଜଗନ୍ନାଥ ଚରିତାମୃତ, ୧୯ଶ ଅଧ୍ୟାୟ, ପଦ ୪୧ ।

ଏହାର ଅର୍ଥ—

ଆମେ ରାଧାକୃଷ୍ଣଙ୍କୁ ହିଁ ଜାଣୁ । ସେହି ପ୍ରେମ ରୂପକୁ ଧ୍ୟାନ କରୁଛୁ ତେଣୁ ରାଧାକୃଷ୍ଣ ଆମକୁ ପ୍ରେରଣା ଦିଅନ୍ତୁ । ଏହି ମନ୍ତ୍ରରେ ‘ରାଧ କୃଷ୍ଣାୟ’ ଓ ‘ରାଧାକୃଷ୍ଣଃ ପ୍ରଚୋଦୟାତ୍’, ଏ ଦୁଇଟି ଯାକ ସ୍ଥାନରେ ରାଧାକୃଷ୍ଣ ଦ୍ୱିବଚନ ନ ହୋଇ ଏକ ବଚନରେ ପ୍ରୟୋଗ କରା ହୋଇଛି । ଦୁହେଁ ଏକ । ଏଠି ‘ଈଶ୍ୱର’ର ଏକତ୍ୱ ବା ପୁରୁଷୋତ୍ତମ ଧାରଣା ସ୍ପଷ୍ଟ । ଅତିବଡ଼ିଙ୍କ ଶିଷ୍ୟମାନେ କହୁଛନ୍ତି—

( ତ୍ରୟୋଦଶ ଅଧ୍ୟାୟ ଦେଖ )

“ଏ ସର୍ବ ନିତ୍ୟ-ଅଭିଳାଷୀ ।
ଅଟନ୍ତି ଜଗନ୍ନାଥଦାସୀ । ୮୩ ।
ନିତ୍ୟ-ଯୁଗଳ-ସେବା-ମାନ ।
କରୁଥିଲେ ଚିହ୍ନ ଅଂଗଣ ।” । ୮୪ ।

ଚିହ୍ନ ଅଂଗ=ଭେକରେ ଭୁକ୍ତ ନୋହିଥିବା ଦେହ ।

Digitized by srujanika@gmail.com

# ଗୌଡ଼ୀୟ ବୈଷ୍ଣବ ଧର୍ମରୁ ଭେଦ

ସେହି 'ଦିବାକର ଦାସ' ସେହି 'ଜଗନ୍ନାଥ ଚରିତାମୃତ'ରେ କହିଛନ୍ତି, ଗୌଡ଼ୀୟ ବୈଷ୍ଣବଙ୍କ ମନ୍ତ୍ର ହେଉଛି, 'କାମ-ଗାୟତ୍ରୀ'। ସେମାନେ ଜଗନ୍ନାଥଙ୍କ ଦାସ୍ୟ ଯୁଗଳ ପ୍ରେମତତ୍ତ୍ୱ ବୁଝନ୍ତି ନାହିଁ। ବୃନ୍ଦାବନରେ ଗୋପ ଗୋପୀଙ୍କ ସଙ୍ଗେ ଲୀଳା କରିଥିବା ରାଧାକୃଷ୍ଣଙ୍କୁହିଁ ଜାଣନ୍ତି। ଚୈତନ୍ୟ 'ଅତିବଡ଼ି'ଙ୍କ ଧର୍ମ ତତ୍ତ୍ୱକୁ ଆଦର କରି ଜଗନ୍ନାଥଙ୍କୁ ଭକ୍ତି ପୁରୁଷୋତ୍ତମ-ପୁରୀରେ କରିବାର ଉଚିତ ବୋଲି କହିବାରୁ ତାଙ୍କ ଗୌଡ଼ୀୟ ଶିଷ୍ୟମାନେ ତାଙ୍କୁ ଛାଡ଼ି ବୃନ୍ଦାବନ ପଳାଇ ଥିଲେ। ସେମାନେ ଓଡ଼ିଆ ବୈଷ୍ଣବଙ୍କୁ ଗୌଡ଼ୀୟ କରିବାକୁ ଇଚ୍ଛୁଥିଲେ। ଏ ସବୁ କଥାକୁ ଲକ୍ଷ୍ୟ କରି ସେହି 'ଜଗନ୍ନାଥ ଚରିତାମୃତ' ରେ ଦିବାକର ଦାସ ଯାହା ଲେଖିଛନ୍ତି, ତାର ସୂଚନା ଦେଖ।

ପ୍ରଥମ ଅଧ୍ୟାୟ—

"ସମସ୍ତ ବୈଷ୍ଣବ ପୂଜିବ।
ଆପଣା ସୂତ୍ର ନ ଛାଡ଼ିବ। ୨୧।
ପରର ସୂତ୍ର ଯେ ଭଜଇ।
ତାହାକୁ କୁଳବୁଡ଼ା କହି। ୨୨।
ସମସ୍ତ ସଙ୍ଗେ ପ୍ରୀତି ହେବ।
ନିଜ ସ୍ୱଭାବରେ ଦୃଢ଼ ଥିବ"। ୨୩।

ଏଠେ ଓଡ଼ିଆଙ୍କ ଚୈତନ୍ୟ ସେବା ଓ ଓଡ଼ିଆ ବୈଷ୍ଣବେ ଗୌଡ଼ୀୟ ବୈଷ୍ଣବଙ୍କୁ କରୁଥିବା ଆଦର ପ୍ରତି ମଧ୍ୟ ଲକ୍ଷ୍ୟ ଅଛି। ଓଡ଼ିଆ 'ଅତିବଡ଼ି'ଙ୍କ ଧର୍ମତତ୍ତ୍ୱ ନ ବୁଝି, ଚୈତନ୍ୟଙ୍କ ଉପରେ ବିଗିଡ଼ି ଗୌଡ଼ୀୟମାନେ ବୃନ୍ଦାବନ ରୁଷିଯିବାକୁ ଲକ୍ଷ୍ୟ କରି କହିଛନ୍ତି—

ତୃତୀୟ ଅଧ୍ୟାୟ ଦେଖ—

"ଛାଡ଼ି ପୁରୁଷୋତ୍ତମ ଆଶ।
ବୃନ୍ଦାବନ କଲେ ନିବାସ। ୧୬୪।

Digitized by srujanika@gmail.com

ପୁରୁଷୋତ୍ତମେ ଯେତେ ଗତ ।
ସେ କଥା ଛାଡ଼ି ଅନାଶ୍ରିତ । ୧୫୭ ।
ଯୁଗଳ ଗାୟତ୍ରୀ ଛାଡ଼ିଲେ ।
କାମ ଗାୟତ୍ରୀ ଆଶ୍ରେ କଲେ । ୧୫୯ ।
ଛାଡ଼ି ଜଗନ୍ନାଥ ମୂରତ ।
ମଦନ ମୋହନେ ପୀରତ । ୧୬୨ ।
କଇଧି କର୍ମ ଦୂର କଲେ ।
ରାଗମାର୍ଗେ କୃଷ୍ଣ ଭଜିଲେ ।” ୧୬୫ ।

ଗୌଡ଼ୀୟଙ୍କ ‘ରାଗମାର୍ଗ’ର ‘କାମଗାୟତ୍ରୀ’ ହେଉଛି—

ଓଁ କାମ ଦେବାୟ ବିଦ୍ମହେ ।
ପୁଷ୍ପବାଣାୟ ଧୀମହି ।
ତନ୍ନୋଽନଙ୍ଗ ପ୍ରଚୋଦୟାତ୍ ।
୧୯ ଅଧ୍ୟାୟ, ପଦ ୪୫ ।

ଏହାର ଅର୍ଥ :—

‘ଆମ୍ଭେ କାମଦେବଙ୍କୁହିଁ ଜାଣୁ । ପୁଷ୍ପବାଣ ରୂପେ ତାଙ୍କୁ ଧ୍ୟାନ କରୁଛୁଁ । ତେଣୁ ଅନଙ୍ଗ ଆମକୁ ପ୍ରେରଣା ଦିଅନ୍ତୁ ।’ ଏହି ସେ ଦିନ ଉପେନ୍ଦ୍ର ଭଂଜ ମଧ୍ୟ ମନ୍ଦିରରେ ବାଂସରିକଙ୍କ ପ୍ରଭାବ ଓ ସେଥି ସଙ୍ଗେ କୃଷ୍ଣଙ୍କୁ ଶଠ ପୁରୁଷ ବୋଲି ଭଜୁଥିବା ବାବାଜି-ମାତାଙ୍କ କପଟ ଧର୍ମ ଚଳଣିକୁ ସଙ୍କେତ କରି ‘ରସିକ ହାରାବଳୀ’ର ପୁରୁଷୋତ୍ତମ-ବର୍ଣ୍ଣନାରେ କହୁଚନ୍ତି :—

“କପଟ ଦର୍ପନ ଲଂପଟ ଶଠ ରୀତକୁ ଗୃହ୍ଯ ।
ଯେ ସୁଧୀ ସୁଧୀରେ ବୋଲନ୍ତି ଶ୍ରେଷ୍ଠକରଟି ଏହ ।”

# ଷଷ୍ଠ ଅଧ୍ୟାୟ

## ସେଇ ସ୍ୱରୂପ ସଂବଂଧରେ ଆଉ କେତୋଟି କଥା

### ଓଡ଼ିଶାରେ ଶୂନ୍ୟ-ସାଧନା ଜୀବନ୍ତ ଅଛି

ଅଣାକାର ମହାଶୂନ୍ୟ ହେଲେ, ଭକ୍ତର ପୁରୁଷୋତ୍ତମ; ପୁରୁଷୋତ୍ତମ ହେଲେ, ଜଗନ୍ନାଥ; ସେଇ ପୁଣି ଲୀଳା-ବତାର। ଏ ସବୁ ସତ୍ତ୍ୱେ ଓଡ଼ିଶାର ପଲ୍ଲୀ ଜଂଗଲରେ ଏବେ ବି ନିରାକାର ମହାଶୂନ୍ୟର ନିର୍ମଳ ସାଧନା ଅଛି। କଳିଂଗର ଅନା-ବିଳ ସେ ତନ୍ତ୍ର ଏବେ ବି ଅଲେଖ ଧର୍ମ, ମହିମାଧର୍ମ ପ୍ରଭୃତିରେ ଆତ୍ମ-ପ୍ରକାଶ କରୁଛି। ବଂଗଳା ତନ୍ତ୍ର-ସିଦ୍ଧଙ୍କ ଅଦ୍ଭୁତ କ୍ରିୟାର କାହାଣୀ ସେ ସବୁରେ କେତେକ ପଶିଛି; ମାତ୍ର ସାଧନାର ମୌଳିକତା ସ୍ପଷ୍ଟ ଅଛି। ଏଇ ସାଧନାର ସାହିତ୍ୟ ଆଜି ମଧ୍ୟ ଲୋକ ଚେଷ୍ଟା ଓ ଲୋକ ଭାଷାରେ ଓଡ଼ିଶାରେ ଜୀବନ୍ତ ଅଛି। ଆମର ଭାଷା କଥା ସ୍ତୁତି କୀର୍ତ୍ତନ ସବୁ ଏଇ ସଂକେତରେ ପୂର୍ଣ୍ଣ। ଏଇ ଅଷ୍ଟାଙ୍ଗ ବାୟୁ ସାଧନା ଓ ତତ୍ତ୍ୱରେ ନିର୍ବାଣର ସଂକେତରେ କୁହାଯାଏ, "ମୋ ଅଷ୍ଟାଙ୍ଗ ସୋରିର (ଶରୀର) ଦରଜ ହେଉଛି;" "ସେ ଅଷ୍ଟାଗତ (ଅଷ୍ଟାଙ୍ଗ ଗ୍ରସ୍ତ) ହୋଇ ପଡ଼ିଛି;" "ତାର ଅଠାଟେକ୍ ହେଲାଣି;" "ସେ ଅସାଷ୍ଟାମ ହୋଇ ପଡ଼ିଲା।" "ତାକୁ ଛିଂଚ ବିଂଚ ସାଷ୍ଟାଙ୍ଗ କଲେ।" "ଶିର କଂବଳ ଦେଲା", "ହୃଦ କମଳ ଦୋରସ୍ତରେ କହିଲା;" "ମୋ ହଂସା ଉଡ଼ି ଯାଉଛି;" ଇତ୍ୟାଦି।

### 'ହଂସ'—ଓଡ଼ିଆର ବୈଦିକ ସାହିତ୍ୟକୁ ଦାନ

'ପୁରୁଷୋତ୍ତମ' ଓ ଓଁ-କାର ପରି 'ହଂସ' କଥାଟି ମଧ୍ୟ ଓଡ଼ିଆର ବୈଦିକ ସାହିତ୍ୟକୁ ଦାନ। ଉପନିଷଦ୍‌ରେ ହଂସ ବୋଇଲେ, ସୂର୍ଯ୍ୟ।

Digitized by srujanika@gmail.com

ଅଢମ ଋଗ୍‌ବେଦ ମନ୍ତ୍ରରେ ସୂର୍ଯ୍ୟ ହେଉଛି, ଜଗତର ଆତ୍ମା ବା ପ୍ରାଣ । ତେଣୁ ପରବର୍ତ୍ତୀ ବୈଦିକ ସାହିତ୍ୟରେ ହଂସ ବୋଇଲେ ପ୍ରାଣ ଓ ଆତ୍ମା; ମାତ୍ର ଏହି ଶବ୍ଦଟି କାଳଂତରେ ତନ୍ତ୍ରଯୋଗସାଧନାରେ ଗୋଟିଏ ପାରିଭାଷିକ କଥା । ପ୍ରଶ୍ୱାସ ଗ୍ରହଣ କଲାବେଳେ ଯେଉଁ ଶବ୍ଦ ହୁଏ, ସ୍ୱର ସାଦୃଶ୍ୟରେ ସେ ହେଉଛି—'ହଂ'; ପୁଣି ନିଶ୍ୱାସ ଛାଡ଼ିଲା ବେଳେ ସେଇପରି ସ୍ୱର ସାଦୃଶ୍ୟରେ ହୁଏ—'ସଃ' । ତେଣୁ ଏହି 'ହଂସଃ' ହେଲା ପ୍ରାଣ ବା ଆତ୍ମାର ସଂକେତ । 'ଶରୀର-ସାଧନାର ଅନେକ କ୍ରିୟା—ବିଶେଷତଃ 'ଅଜପା' ମନ୍ତ୍ରର ଜପରେ ଏହାର ବ୍ୟବହାର ଖୁବ୍ ଅଛି । ଶ୍ୱାସ ନେବା ଆଣିବାରେ ଜୀବ ଏହି 'ଅଜପା' ମନ୍ତ୍ରକୁ ବରାବର ଜପୁଛି । ଜୀବ ଏ ମନ୍ତ୍ରକୁ ଦିନକେ ୨୧ ହଜାର ୬୦୦ ଥର ଜପୁଛି ବୋଲି କହନ୍ତି । ଜୀବର ଏହି ମନ୍ତ୍ର ହେଉଛି 'ହଂସ' । ତେଣୁ ପ୍ରାଣ ବା ଜୀବାତ୍ମାର ନାମ, 'ହଂସ' । ଉଦାହରଣ ସ୍ୱରୂପ, ଦେଖ—

"ଶୂନ୍ୟପରେ ଶୂନ୍ୟ ପୁରୁଷ ରହେ ।
ଶୂନ୍ୟ ଭଜନ ନିରାକାର ଧ୍ୟାୟେ ॥
* * * *
ଦେଖ ବାବୁ ରାମ ତୋ ଦେହେ ପୁଣି ।
ନାଭିକାର ଦ୍ୱାରେ ହଂସ ଗମନ ॥"

—ଅଚ୍ୟୁତାନନ୍ଦ ଦାସ, ଶୂନ୍ୟ ସଂହିତା ୭ମ ଅଧ୍ୟାୟ ।

ଏହି 'ହଂସ' ( ଜୀବାତ୍ମା ) ଓ 'ପରମ ହଂସ' ( ପରମାତ୍ମା ) କଥା ଦର୍ଶତି ବୈଦିକ ସାହିତ୍ୟରେ ବଡ଼ ପ୍ରସଙ୍ଗ । ବୈଦିକ ବା ସଂସ୍କୃତରେ 'ହଂସ' ଶବ୍ଦଟି କାହିଁକି କିପରି, ପ୍ରାଣ ବା ଆତ୍ମା ଅର୍ଥରେ ପ୍ରୟୋଗ-କରା ହେଲା ? ଗତି କରିବା ଅର୍ଥରେ 'ହନ୍' ଧାତୁରୁ ନିପାତନରେ 'ସ' ଲାଗି ସୂର୍ଯ୍ୟର ନାମ 'ହଂସ' ହୋଇଥିଲା; ଓ ସୂର୍ଯ୍ୟ ଜଗତର ପ୍ରାଣ ବା ଆତ୍ମା ଥିବାରୁ ଆତ୍ମାର ଏ ହଂସ ନାମ ହେଲା ବୋଲି କହନ୍ତି । ମାତ୍ର ନିପାତନରେ ଏପରି ଠାଣି ଅର୍ଥ କରି ଆଗନ୍ତୁକ ଶବ୍ଦକୁ ବ୍ୟାଖ୍ୟା କରିବା ସଂସ୍କୃତରେ ସାଧାରଣ । ଅଣ

Digitized by srujanika@gmail.com

ନିକଟରୁ ଉଦାହରଣ ଦେଇ କୁହାଯାଇପାରେ, କଳାର ଅଙ୍ଗ ବା ସୁନ୍ଦର ବୋଲି ନାମଟି 'କଳିଂଗ'; ଉତ୍ତର କଳିଂଗ ବା ଉତ୍କୃଷ୍ଟ କଳା ଥିବା ଦେଶ ହେବାରୁ 'ଉତ୍କଳ'; ବଂ, ଅର୍ଥାତ୍, ଜଳ ବା ଜଳଥିବା ଜମିରେ ଶ୍ରେଷ୍ଠ ନୌକାରେ ଗମନ ବା ଯାତାୟାତ କରି ଯାଉଥିବା ଜଟି ବହୁତ ଥିବାରୁ 'ବଂଗ'; 'ମଗ' ବା ଭଲ ବ୍ରାହ୍ମଣଙ୍କୁ ଧାରଣ କରି ଥିବାରୁ 'ମଗଧ'; ସେଇପରି, ପୂର୍ବେ କାଠ ଖଣ୍ଡ ଯୋଡି ପାରି ହୋଇ ପଡୁଥିଲେ ବୋଲି, ନଦୀର ନାମ, 'କାଠ-ଯୋଡ଼ି'; କୁଆ ଖାଇସିବା ଭଳି ପାଣି ଯହିଁରେ, ସେ 'କୁଆଖାଇ' । ମାତ୍ର ଏସବୁ ଶବ୍ଦଗୁଡିକ କେହି ସଂସ୍କୃତ ବା ସଂସ୍କୃତ ମୂଳକ ନୁହନ୍ତି । ଏମାନଙ୍କର ଅର୍ଥ ଏହା ନୁହେ । (ବିଶେଷ ଦୃଷ୍ଟାନ୍ତ ପାଇଁ, ପୂର୍ବେ ପୃଷ୍ଠା ୯୮ରେ 'ତମ୍ବା', 'ତମଲୁକ୍', ତାମ୍ରକୁଣ୍ଡ; ୩୦ରେ 'ମନ', 'କା', 'ଗ୍ରଣ', ୩୩ରେ 'ଜ୍ଞ', 'ମୀନ', 'ତମଃ', 'ଅପ୍', 'ଠାକୁର', ପ୍ରଭୃତି ଦେଖ) । ଏଇ 'ହଂସ' ଶବ୍ଦଟି କଳିଂଗ-ଅସୁର ବା ପ୍ରାଚୀନ ଓଡ଼ିଆ ଶବ୍ଦ । ଏହା ଶ୍ୱାସ କ୍ରିୟାର ଶବ୍ଦାନୁକୃତ ଓ ଓଡ଼ିଆ ଯୋଗ-ସାଧନାରୁ ବୈଦିକ ସାହିତ୍ୟରେ ସେଇ ଅର୍ଥରେ ବ୍ୟବହୃତ ହୋଇଯାଇଛି ।

## ସମାଧାନରେ ଓଡ଼ିଆର ସାର୍ବଜନୀନତା

ଓଡ଼ିଆ ନିଜ ସାହିତ୍ୟରେ ଅଟଳ ଓ ଦୃଢ଼ ରହି ମଧ୍ୟ କାହାରିକୁ ଫିଙ୍ଗି ଦେଇ ନାହିଁ । 'ସ୍ତୁତିଚିନ୍ତାମଣି'ରେ ଏହା ସ୍ପଷ୍ଟ ହୋଇଛି । ରାଧା କୃଷ୍ଣଙ୍କୁ ମଧ୍ୟ ସେଇପରି ନିତ୍ୟ ଯୁଗଳ ରୂପ ଦେଇ ସେଇ 'ସ୍ତୁତିଚିନ୍ତାମଣି'ର ସାର୍ବଜନୀନତାରେ ସମାଧାନ ଫୁଟାଇଛି । ଭିକାରୀ ଦାସ ଏଇ ସାର୍ବଜନୀନତାର ସ୍ୱରୂପଟି ସ୍ପଷ୍ଟକରି କହିଛନ୍ତି—"ସମସ୍ତ ବୈଷ୍ଣବ ପୂଜିବ; ଆପଣା ସୂତ୍ର ନ ଛାଡ଼ିବ । ସମସ୍ତ ସଙ୍ଗେ ପ୍ରୀତି ହେବ; ନିଜ ଭାବରେ ଦୃଢ଼ ଥିବ ।" "ଜଗନ୍ନାଥ ଚରିତାମୃତ" ଅଧ୍ୟାୟ ୧, ପଦ ୭୧ ଓ ୭୪; ପୂର୍ବେ ପୃ ୧୯୦ ଦେଖ) । ଓଡ଼ିଆ ସାହିତ୍ୟର ଏ ପ୍ରକୃତି ଓ ପ୍ରକାଶ ଜଗତରେ ଅତୁଳନୀୟ । ଓଡ଼ିଆର ଏ ବଳିଷ୍ଠତା ଓ ସାହିତ୍ୟ-ବିଭବ ସତ୍ତ୍ୱେ, ଦ୍ୱୈତବାଦୀ ଭକ୍ତିର

Digitized by srujanika@gmail.com

ମତାନ୍ଧତା ନାଇ, ଅଦ୍ୱୈତବାଦୀର ଅହଂକାର ନାଇ, କାହାକୁ ଘୃଣା କରିବାର ନାଇ, ନିଜର ବଡ଼େଇ କରିବାର ନାଇ । ଏହା ପୁଣି ଓଡ଼ିଆ ଧର୍ମରେ ଦାର୍ଶନିକ ପଣ୍ଡିତ ଯୁକ୍ତିର ବାହାଦୁରୀ ନୁହେଁ, କିମ୍ବା ଭେଦ ଧର୍ମର ଭୋଗ-ସ୍ୱାଦ୍ୟତା ଲୋଚାଇବା ପାଇଁ ଜ୍ଞାନର ତାନ୍ତ୍ରିକ ସାମ୍ୟ ନୁହେଁ । ଓଡ଼ିଆର ଚଳଣିରେ ଏଇଯା, ତତ୍ତ୍ୱ ଦୃଷ୍ଟିରେ ଏଇଯା—'ଲୋକରେ' ଏଇଯା, 'ବେଦରେ' ଏଇଯା । ଗୀତା 'ପୁରୁଷୋତ୍ତମ'-ଯୋଗ'ର 'ଲୋକେ ବେଦେ ଚ' କଥାଟି ତେଣୁ ଯଥାର୍ଥରେ ଓଡ଼ିଆ ପୂର୍ବସୂରୀଙ୍କ ବଚନ । ଏହାର ସୂଚନା ଦିଆଯାଇଛି । (ପୂର୍ବେ ୧୨୮ ପୃଷ୍ଠା....ଦେଖ) । ଏହାଇ ଓଡ଼ିଆର ଜଗନ୍ନାଥଙ୍କ ମୈତ୍ରୀଧର୍ମ । ଏଥିରେ କେବଳ ସଂସାରିକ ଦୃଷ୍ଟିରେ ଓଡ଼ିଆର ବହୁ କ୍ଷତି ହୋଇଛି । ଏଇ ମୈତ୍ରୀର ଆତିଥ୍ୟ ପାଇ, ସେଇ ସୁବିଧା ନେଇ, ଲୋକେ କେବଳ ଅପବ୍ୟବହାରରେ ପ୍ରତିଦାନ କରିଚନ୍ତି । କିନ୍ତୁ ଓଡ଼ିଆ, "ଆପଣା ସୂତ୍ର" ଛାଡ଼ି ନାହାନ୍ତି ।

## "ବଜ୍ରର" ସମାଧାନ ଦେଖ

ବଙ୍ଗାଳୀ ଧର୍ମରେ ଲିଙ୍ଗ ଓ ଯୋନିକୁ ସଂଧ୍ୟା ଭାଷାରେ ବଜ୍ର ଓ ପଦ୍ମ ଠାରରେ କିପରି ବ୍ୟବହାର କରାଯାଏ ତା କୁହାଯାଇଛି । ଲୋକଙ୍କଠୁ ସାଧନା ନାମରେ ଯୌନଚର୍ଯ୍ୟାକୁ ଲୁଚାଇବା ପାଇଁ "ବଙ୍ଗାଳୀ" ମାନେ, ପଦ୍ମ ବୋଇଲେ,'ପ୍ରଜ୍ଞା', ପୁଣି ବଜ୍ର ବୋଇଲେ, 'ବୁଦ୍ଧଦେବ'—ଏଇପରି ଅର୍ଥମାନ କରି 'ଧର୍ମଧ୍ୱଜୀ' ବି ହୁଅନ୍ତି । ( ପୂର୍ବେ ପୃଷ୍ଠା ୧୪୫ ଦେଖ ) । ଓଡ଼ିଆଙ୍କର ଏପରି ଲୁଚାଇବାର କିଛି ନାଇ । ଲୁଚାଇବା ତାଙ୍କର ଦରକାର ନାଇ । 'ପଦ୍ମ'କୁ ମାତା ସଂପର୍କରେ ଓଡ଼ିଆଏ କିପରି ପବିତ୍ରଭାବରେ ବ୍ୟବହାର କରିଚନ୍ତି, ତା କୁହାଯାଇଛି । 'ବଜ୍ର'ଶବ୍ଦକୁ ଏପରି ପୁରୁଷ-ଲିଙ୍ଗ-ଅର୍ଥରେ ସେମାନେ ବ୍ୟବହାର କରି ନାହାନ୍ତି । (ପୂର୍ବେ ପୃଷ୍ଠା ୧୬୩ ଦେଖ); ମାତ୍ର 'ଆପଣା ସୂତ୍ର' ଧରି ରଖି ମଧ୍ୟ ସମାଧାନ ଛାଡ଼ି ନାହାନ୍ତି । ଚତୁର୍ଦ୍ଧା ମୂର୍ତ୍ତିର ଅନ୍ୟତମ ବଳଭଦ୍ରଙ୍କୁ ଶିବ ଓ ଯୋଗମାୟା ବା ରାଧାଙ୍କୁ ଏଠି ଶକ୍ତି ବୋଲି ମଧ୍ୟ ସମାଧାନ କରାଯାଇଛି । ତା' ଛଡ଼ା ଏଇ ସମା-

Digitized by srujanika@gmail.com

ଧାନଟିରେ ମଧ୍ୟ ଓଡ଼ିଆ ବୈଷ୍ଣବଙ୍କ ସମନ୍ୱୟ-ସମାଧାନ ଓ ତତ୍ତ୍ୱ ବ୍ୟାଖ୍ୟା ଭଲ ପ୍ରକାଶ ପାଇଛି । ଏ ସମାଧାନଟି ପଞ୍ଚସଖାର ଅନ୍ୟତମ 'ଯଶୋବନ୍ତ ଦାସ' କୃତ 'ପ୍ରେମଭକ୍ତି-ବ୍ରହ୍ମଗୀତା'ର ପ୍ରଥମ ଅଧ୍ୟାୟରେ ଯେପରି ଦେଇଛନ୍ତି, ତା ପ୍ରସଙ୍ଗ ଧରି ଦିଆଗଲା । (ପ୍ରାଚୀ ଗ୍ରନ୍ଥମାଳା-୧୭ଶ ଦେଖ) ।

ଅର୍ଜୁନ ପଚାରିଲେ—

"ଶ୍ରୀରାଧାକୃଷ୍ଣ ନିତ୍ୟ ସ୍ଥାନେ । ଯେ କଥା ପୂର୍ବର ବିଧାନେ । ୭୧ ।
ସେ କଥା ଅଗାଧ ଗହନ । ଥୋକାଏ ଫୁଟୁ ମୋର ମନ । ୭୨ ।
ସଂସାର ଯେତେବେଳେ ନାହିଁ । ନାମ ସ୍ୱରୂପହିଁ ନ ଥାଇ । ୭୩ ।
ନ ଥିଲେ ରବି ଶଶୀ ପୁଣ । ନ ଥିଲେ ଶୂନ୍ୟେ ତାରା ଗଣ । ୭୪ ।
ନ ଥିଲା ପଞ୍ଚଭୂତ ସାର । ନ ଥିଲା ନିର୍ଗୁଣ ପ୍ରକାର । ୭୫ ।
ତୁମ୍ଭେ କେମନ୍ତେ ଥିଲ କାହିଁ । କେମନ୍ତ ସ୍ୱରୂପରେ ରହି । ୭୬ ।
କେଉଁ ଥାନରେ ତୁମ୍ଭେ ଥାଅ । ନାମ ସ୍ୱରୂପ କାହିଁ ବହ । ୭୭ ।
ଆଦି ସଂଭୂତ କାହୁଁ ହେଲା । ନାମ ସ୍ୱରୂପ ପ୍ରକାଶିଲା । ୭୮ ।

କୃଷ୍ଣ କହିଲେ—

"ସେ କଥା ଅଟଇ ଗୁପତ । ତୋ ଆଗେ ପ୍ରକାଶିବା ତତ୍ତ୍ୱ । ୭୦ ।

(ତାପରେ ରାଧା ଦିନେ ଏକାନ୍ତରେ ଏହି କଥା ପଚାରିଥିଲେ ଓ ମୁଁ ତାଙ୍କୁ କହିଥିଲି ବୋଲି ସେଇ ସଂବାଦଟି ଅର୍ଜୁନଙ୍କୁ କହୁଛନ୍ତି ।) ରାଧା ପଚାରିଲେ—

"ତୁମ୍ଭ ଆମ୍ଭର ଏକସ୍ଥାନ । କାହୁଁ କେମନ୍ତେ ହେଲା ଭିନ୍ନ । ୭୯ ।
ତୁମ୍ଭେ ଯେ ରହିଥିଲ କାହିଁ । ମୋହର ଜନ୍ମ କାହୁଁ ହୋଇ । ୮୦ ।
ଯେକାଳେ ନଥିଲା ସଂସାର । ତୁମ୍ଭର ଥିଲା କେଉଁ ଠାର । ୮୧ ।
ମୋତେ ଯେ ସଂଗତରେ କରି । ଜନମ ଲଭିଲ ଶ୍ରୀହରି । ୮୨ ।
ତୁମ୍ଭେ ଯେ ଜାଣ ଆଦିଅନ୍ତ । ମୋ ଆଗେ କହ ପଦ୍ଧତ ନେଇ । ୮୩ ।

କୃଷ୍ଣ କହିଲେ—

ମୁହିଁ ମୋହୋର ତତ୍ତ୍ୱ ଜାତ । ମୁହିଁ ଯେ ସୃଜିଲି ଜଗତ । ୮୪ ।
ତୋର ନିର୍ଣ୍ଣୟ ଦେବା କହି । ଶୁଣ ତୁ ଏକ ମନ ହୋଇ । ୮୫ "

Digitized by srujanika@gmail.com

ମୋହୋର ନାହିଁ ଆଦ୍ୟଅନ୍ତ । ଯେ କାଳେ ନ ଥାଇ ଜଗତ ।୮୮।
ନ ଥାଇ ରବି ଶଶୀ ତାରା । ସ୍ୱର୍ଗ ପାତାଳ ବସୁନ୍ଧରା । ୮୯ ।
ନ ଥିଲେ ନାମ ରୂପ ଗୁଣ । ସଂସାର ଯେ ବିଧି ଭିଆଣ । ୯୦ ।
ସେକଳେ ମୋ[illegible] ଏ ତନ (ନୁ) । ଗଗନ ଥିଲେ ସର୍ବ ଶୂନ୍ୟ ।୯୧।
ସେ ଶୂନ୍ୟ ପରେ ଜ୍ୟୋତି ଜାଣ । ତାପରେ ମହା ଶୂନ୍ୟ ପୁଣ ୯୨।
ସେ ଶୂନ୍ୟ ମଧ୍ୟରେ ଚେତନା । ଚେତନା ମଧ୍ୟେ ମୋର ଠଣା ।୯୩।
ତହିଁ ମୋ ସୃଷ୍ଟି ଇଚ୍ଛା ହେଲା । ମୋ ଦେହୁ ପ୍ରକୃତି ଜନ୍ମିଲା ।୯୬।
ଊର୍ମି ଧୂର୍ମି ସେ ଜ୍ୟୋତି ଜ୍ୱାଳା । ବିନ୍ଦୁ ସହିତେ ପଞ୍ଚକଳା ।୯୭।
ଜଳେ ପଡ଼ନ୍ତେ ପଞ୍ଚଭୂତ । ତକ୍ଷଣେ ଯୋଗମାୟା ଜାତ ।୯୯।
ସେ ଯୋଗମାୟା ଆଦ୍ୟଶକ୍ତି । ଯେ ଅଙ୍ଗ ମାହା ଶୂନ୍ୟ ସ୍ଥିତି ।୧୦୦।
ସେ କାଳରୂପ ନିଦ୍ରାଗତ । ଜଳରୁ ହୋଇଲା ସଂଭୂତ । ୧୦୧ ।
ସେ ଜଳେ ନ ପାଇଲା ରହି । ଭୂମିରେ ଠଳ ଠଳ ହୋଇ ।୧୦୨।
ଦେଖିଲା କେହି ନାହିଁ ଜଣେ । ବିଚାର କରଇ ଆପଣେ ।୧୦୩।
ମନରେ କରି ଗୁରୁତମ । ନାଭିର ତନ୍ତୁ ଏକ ପ୍ରେମ ।୧୦୪।
ହୁଁ କାର କରି ଉପାଡିଲେ । ଓଁ କାର କରି ତା ଥାପିଲେ । ୧୦୫।
ଭେଦିଲା ସପତ ବ୍ରହ୍ମାଣ୍ଡ । ଜନଲେ ଜାଣି ମେରୁଦଣ୍ଡ ।୧୦୬।
ଓଁ କାର ନାମ ତାକୁ ଦେଇ । ଦେବୀ ବସିଲେ ତହିଁ ଯାଇ ।୧୦୭
ତେବେ ସେ ନିଶ୍ଚଳ ନୋହିଲା । ପୁଣି ହିଁ ଠଳ ଠଳ ହେଲା ।୧୦୮।
ଦେବୀ ବୋଇଲେ ତାହା ଜାଣି । ତୁ ବଜ୍ରକୀଳା ହୁଅ ପୁଣି । ୧୦୯ ।
ତୋତେ ମୁଁ ଦେଉଅଛି ବର । ବଜ୍ର ଯେ ହେଉ ତୋ ଶରୀର ।୧୧୦।
ସେ ବଜ୍ରକୀଳା ବୋଲେ ଶୁଣି । ବର ତୁ ଯେବେ ଦେଲୁ ପୁଣି ।୧୧୧।
ତୁ ଆଦ୍ୟମାତା ଶକ୍ତି ହେବୁ । ମୋତେ ତୁ ଲିଙ୍ଗ ସେ କରିବୁ ।୧୧୨।
ଯେ (ତୋ) ଅଙ୍ଗେ ଭେଦ ମୁହିଁ ଥିବ । ସକଳ ସୃଷ୍ଟି ମୁଁ କରିବ ।
ମୋ ତହୁଁ ଛରିବ ସମସ୍ତ । ସକଳ ମନ୍ତ୍ର ତନ୍ତ୍ର ତତ୍ତ୍ୱ ୧୧୪।
ବେଦରେ ହୋଇବ ପ୍ରସିଦ୍ଧି । ପ୍ରଥମ ଉଚ୍ଚାରଣ ବିଧି । ୧୧୫ ।
ବଳେ ମୁଁ ହେବ ବଳୀଆର । ବିରାଟ ନାମ ହେବ ମୋର ।୧୧୬।

Digitized by srujanika@gmail.com

ମୋ ଅନ୍ତ ନ ପାଇବେ କେହି । ଅନନ୍ତ ନାମ ହେବ ମୁହିଁ ।୧୧୭।
ଆଉର ବଳଭଦ୍ର ଶେଷ । ମୋ ନାମ ହୋଇବ ବିଶେଷ ।୧୧୮।
ତା ଶୁଣି ଦେବୀ ଅଷ୍ଟ କଲେ । ସେ ବଜ୍ରକାଳୀ ବୋଲାଇଲେ ।
ଭେଦିଲେ ଦେବୀ ଆଦ୍ୟେ ଯାଇ । ଶକ୍ତିରେ ଲିଙ୍ଗ ପ୍ରାପ୍ତେ ହୋଇ ।
ତା ଦେଖି ଯୋଗମାୟା ତୋଷ । ଯହିଁ ଛରନ୍ତି ସର୍ବରସ ।୧୧୯।
ସେ ବିନ୍ଦୁ ଯୋଗମାୟା ପରେ । ରହିଲେ ଅର୍ଦ୍ଧମାତ୍ରା ଶିରେ ।
ଶେଷେ ଓଁକାର ବୋଲାଇଲେ । ବେଦରେ ପ୍ରଣବ ହୋଇଲେ ।
ଯାହାକୁ ଅକ୍ଷାକ୍ଷର କହି । ସେ ବିନ୍ଦୁ ବ୍ରହ୍ମ ଅଛି ବହି ।" ୧୨୦ ।

## ଲିଂଗ-ପୂଜା

ଉପର ଉଦ୍ଧୃତ ପାଠରେ ଲକ୍ଷ୍ୟ କରିବାର ଅଛି, ମହାଶୂନ୍ୟର ସୃଷ୍ଟି-କାଂକ୍ଷା ବା ପ୍ରକୃତି ଆଗ ପଞ୍ଚଭୂତର ମୂଳ ସ୍ଥାନ ଦିଗ୍-ଦେଶ, ଇଂରେଜୀରେ Space ରୂପେ ପ୍ରକାଶ ପାଇଲା । ତା ପରେ ନିଦ୍ରିତ କାଳ ଜାଗ୍ରତ ହେଲା । କାଳ 'ଓଁ' ନାମ ପାଇଲା ! ମାତ୍ର ସୃଷ୍ଟି-ପ୍ରକାଶ ସମ୍ଭବ ହେଲାନାହିଁ । ଦିଗ୍-ଦେଶ ସଙ୍ଗେ କାଳର ଦୃଢ଼ ମିଳନ ବିନା ସୃଷ୍ଟି ସମ୍ଭବ ନୁହେଁ । ତେଣୁ ଦିଗ୍-ଦେଶ (ଯୋଗମାୟା ବା ଆଦିମାତା) ହେଲେ, 'ଶକ୍ତି' (ଯୋନି, ମାତ୍ର ଯୋନିନାମ ଏଠି ବ୍ୟବହାର କରାଯାଇ ନାହିଁ) ଓ କାଳ ହେଲେ 'ଲିଂଗ' । ଏ ଦୁହିଁଙ୍କ ଦୃଢ଼ ସଂଯୋଗରେ ସୃଷ୍ଟି ପ୍ରକାଶ ହେଲା । ଏ ତତ୍ତ୍ୱଟି ଅତି ପ୍ରାଚୀନ ଓ ଶୂନ୍ୟରୁ କାମହେତୁକ ସୃଷ୍ଟିର ଏହାଇ ଆଦିମ ଲୌକିକ ଧାରଣା । ଶୂନ୍ୟରୁ ବ୍ୟକ୍ତି ବାହାରେ । ତା କିପରି ? ଲିଙ୍ଗ ଓ ଯୋନିର ସଂଗମରେ ତାହୁଏ । ଏହାଇ ଶୂନ୍ୟ-ବାଦର ସ୍ୱାଭାବିକ ଲୌକିକ ନିଷ୍ପତ୍ତି । ସାରାସୃଷ୍ଟିର ପ୍ରକାଶ ମଧ୍ୟ ସେହି ପରି । ତା ହୁଏ ଦେଶ ଓ କାଳର ସଂଗମରେ । ଦେଶରେ ପଞ୍ଚଭୂତର ପ୍ରକାଶ ଓ କାଳରେ ତାର ବିକାର ବା ପରିଣାମ । ସେଥିପାଇଁ ଦେଶରେ ବ୍ୟକ୍ତି ବା ଜଗତର ସ୍ଥାନ ହୁଏ ଓ କାଳ ହେଉଛି, ସେହି ଜଗତର ନିତ୍ୟ ମୃତ୍ୟୁର ସଙ୍କେତ । କାଳରେ ସବୁ ବଦଳୁଛି—ପ୍ରତି ମୁହୂର୍ତ୍ତରେ ପୁରୁଣା

Digitized by srujanika@gmail.com

ଯାଉଛି; ନୂଆ ହେଉଛି । ଗୀତା ୧୧ ଅଧ୍ୟାୟ, ୩୨ ଶ୍ଳୋକରେ ଭଗବାନ ନିଜକୁ ସର୍ବଶକ୍ତିମାନ ‘ପ୍ରବୃଦ୍ଧ କାଳ’ ବୋଲି କହିଛନ୍ତି । ଏହି ଦେଶ ହେଉ ଥିଲା, ମହାମାୟା, ପ୍ରକୃତି ବା ଶକ୍ତି । କାଳ ହୋଇଗଲା, ମହାଦେବ, ପୁରୁଷ ବା ଶିବ । ଏହାଇ ଲୋକରେ ପୂଜା ପାଇଲା, ଶକ୍ତି ବା ଯୋନି-ପଟ୍ଟରେ ପଡିଥିବା ଲିଂଗରୂପେ । ଏହି ଲିଂଗପୂଜା ବୈଦିକ ନୁହେ। ବୈଦିକମାନେ ଏ ଦେଶରେ ଆଦିମମାନଙ୍କୁ ‘ଶିଶ୍ନ ଦେବ’ ବା ଲିଂଗ-ପୂଜକ ବୋଲି ଘୃଣା କରୁଥିଲେ । ଏହା ଋଗ୍‌ବେଦରୁ ଜଣାପଡ଼େ । (ଋଗ୍‌ବେଦ ସଂହିତା—ମଣ୍ଡଳ ୧୦, ସୂକ୍ତ ୨୭, ମନ୍ତ୍ର ୧୯; ମଣ୍ଡଳ ୧୦, ସୂକ୍ତ ୯୯, ମନ୍ତ୍ର ୩ ପ୍ରଭୃତି ଦେଖ) । ମହେଞ୍ଜୋଦାରୋ ଓ ହରପ୍ପାରୁ ୫୦୦୦ ବର୍ଷ ତଳର ଯେଉଁ ଆଦିମ ଭାରତୀୟ ଅସୁର-ସଭ୍ୟତାର ସଙ୍କେତ ସବୁ ମିଳୁଛି (Sir John Marshall’s Indus Civilisation, ଦେଖ) । ସେଥିରେ ଲିଙ୍ଗପୂଜା ଥିବାର ପ୍ରମାଣ ଓ ପଥରର ଲିଂଗ ମୂର୍ତ୍ତି ମିଳୁଛି । ଅଙ୍କମିଶିଲା ବା ଝାଣ ପଥର ହେଉଛି, ଯୋନି । ତେଣୁ ନୁଏତ ଶିବଲିଂଗ ସେଇ ଯୋନିରେ ଜଆର ହୁଏ । ଆଦିମ ଅସୁର-ସଭ୍ୟତା, ଭାରତରୁ ମିଶରଯାଏ ବ୍ୟାପିଥିଲା । ଏହି ଲିଂଗପୂଜାର ସଙ୍କେତ ପ୍ରାଚୀନ ବାବିଲନ ଓ ମିଶରରେ ବି ଥିଲା ବୋଲି ପ୍ରମାଣ ମିଳେ । (Historian’s History of the World, Babylon Egypt ପ୍ରକରଣ ଦେଖ । )

## କାଳ ଓ କାଳୀ

ଏହି ଯେଉଁ ସୃଷ୍ଟି ପ୍ରକାଶ-ତତ୍ତ୍ୱ ଜଆଗଲା, ସେଇଥିରୁ ‘ବଙ୍ଗାଳୀ’ ବୌଦ୍ଧ-ତନ୍ତ୍ରରେ ଓ ତହିଁରୁ ବାହାରି ଥିବା ହିନ୍ଦୁ ତନ୍ତ୍ରରେ ବିଶେଷ ବିକାଶ ପାଇଥିଲା, କାମ ଓ ଦେବୀ । କାଳୀ ତନ୍ତ୍ର କହନ୍ତି, ‘ଅନ୍ଧ ତମ’ ହେଉଛନ୍ତି, କାଳୀ । ଯେଉଁ ଶୂନ୍ୟ ଭିତର୍ ଦେଶରୁ ସୃଷ୍ଟି ବାହାରିଲା, ସେ ହେଉଛି, ରୂପର ବର୍ଣ୍ଣନାରେ ‘ଅନ୍ଧ ତମ’—ଘୋର ରୂପବାନ୍ ଅନ୍ଧକାର । ଏହା କଳା । କଳାର ସଂସ୍କୃତନାମ ହେଉଛି, ‘କାଳ’ । ତେଣେ, ପ୍ରକୃତିରେ ନିତ୍ୟ ବିକାର ବା ପରିଣାମର ସଙ୍କେତ, ସମୟ ବି ହେଉଛି,

Digitized by srujanika@gmail.com

କାଳ । ଏଇ କାଳୀ ଓ କାଳ ସଂଗମରେ ସୁଗ୍ ସୃଷ୍ଟି । 'କାଳ' ଶବ୍ଦଟି କୁଆଡ଼ୁ ସୃଷ୍ଟିତତ୍ତ୍ୱକୁ ଆସିଲା ? ଏହା ଖୁବ୍ ସମ୍ଭବ, 'ତମଃ' ପରି ଆଦିମ ଅସୁରଶବ୍ଦ । ( ପୂର୍ବେ ପୃ ୨୧୮ ଦେଖ ) । ଏଇ ଅସୁର-ଦର୍ଶନରୁ ଜନ୍ମର କାଳ ଓ କାଳୀ ହେଲା ତାନ୍ତ୍ରିକ ଦେବ ଓ ଦେବୀଙ୍କ ନାମ । ଏଇ ଶିବ ଶକ୍ତି, ଲିଂଗ ଯୋନି ବା କାଳ କାଳୀଙ୍କୁ ନେଇ ତାନ୍ତ୍ରିକବାଦ ଲୋକେ ଯେ ଦର୍ଶନ ଓ ଚଳଣି ସୃଷ୍ଟି କରିଥିଲେ, ତାର ବହୁ ସୂଚନା ଦିଆଯାଇଛି । ଏବେ ଓଡ଼ିଆ ସାହିତ୍ୟର ପାଠକ ସମାଧାନରେ ଏହା କି ପ୍ରକାର ଧରିଛି, ଦେଖାଯାଉ ।

## ଓଡ଼ିଆ ବଜ୍ରତନ୍ତ୍ରର ବ୍ୟାଖ୍ୟା

ଉପରେ 'ପ୍ରେମଭକ୍ତି-ବ୍ରହ୍ମଗୀତା'ରୁ ଯାହା ଉଦ୍ଧାର କରାଯାଇଛି, ତାକୁ ଦେଖ । ସେଥିରେ ଶୂନ୍ୟର ସୃଷ୍ଟି କରିବାକୁ ଇଚ୍ଛା ହେଲା । ତାର 'ପ୍ରକୃତି' ଚଂଚଳ ହେଲା (କାମ) । ସେଠାରୁ ସୃଷ୍ଟିର ସମସ୍ତ ଉପାଧି, ଉପସର୍ଗର ସହିତ ବିନ୍ଦୁ ଖସିଲା । ଏଠି ଲକ୍ଷ୍ୟ କରିବାର ଅଛି, 'ଶରୀର-ସାଧନା'ରେ ବିନ୍ଦୁର ସ୍ଥାନ ମସ୍ତିଷ୍କ ସହସ୍ର ଉପରେ । 'କାମ'ରେ 'ପ୍ରକୃତି' ଚଂଚଳ ହେଲେ, ସେଇଠୁ ଆଗ ସେ ଖସେ । ସେଇ ବିନ୍ଦୁ ବା ବ୍ରହ୍ମ ପଞ୍ଚଭୂତର ସୂକ୍ଷ୍ମମୂଳ (ତନ୍ମାତ୍ର) ନେଇ ଆଦ୍ୟ 'ଜଳ'ରେ ପଡ଼ିଲା । ଏଇ 'ଜଳ'କୁ ଅନ୍ୟତ୍ର କୁହାଯାଇଛି 'କାରଣାର୍ଣ୍ଣବ' । ଏହା ହେଉଛି, ଅନ୍ଧ ଅନ୍ଧକାର ମୟ ଘୋର କଳା, ଦିଗ୍‌ଦେଶ । ଏହାଇ ହେଲା, 'ଯୋଗ ମାୟା' । (ଲିଖିତ ଓଁ-ର ଚନ୍ଦ୍ରବିନ୍ଦୁ ସାଦୃଶ୍ୟରେ ଏହାକୁ ଅର୍ଦ୍ଧମାତ୍ରା ବୋଲି କୁହାଯାଇଛି । ଏଥିରେ ବିନ୍ଦୁ ଲୁଚିଲେ ହେବ ଚନ୍ଦ୍ରବିନ୍ଦୁ । କଂକ୍ରର ଓଁ-ରେ ଏଇ ଚନ୍ଦ୍ରବିନ୍ଦୁ ଦେଲେ, ହେବ ବ୍ରହ୍ମର ନାମ, ଓଁକାର । ଏହା ଏଠି ଲକ୍ଷ୍ୟ କରିବାର ଅଛି) । ଏଇ 'କାଳୀ' ଯୋଗମାୟାଙ୍କ ପ୍ରକାଶ ସଙ୍ଗେ ସଙ୍ଗେ ଉଠିଲେ 'କାଳ' । ଦୁହେଁ ମିଶିଲେ, ସୃଷ୍ଟି ପ୍ରକାଶ ପାଇବ । ଯୋଗ-ମାୟା ସେଇ କାଳ ସଙ୍ଗେ ଯୁକ୍ତ ହେଲେ । ବିନ୍ଦୁରେ, ଅର୍ଦ୍ଧମାତ୍ରା ଲାଗି ସେ ହେଲା—ଓଁ, ଅର୍ଥାତ୍, ସୃଷ୍ଟିର ଆଦ୍ୟାତ୍ମ-ରୂପ ବ୍ରହ୍ମ । କିଂତୁ ସୃଷ୍ଟି ନିମନ୍ତେ

Digitized by srujanika@gmail.com

ସଂପର୍କ ପୂର୍ଣ୍ଣ ହେଲା ନାହିଁ । ସେଠାରୁ ବଟ୍‌ବେଶ ରୂପିଣୀ ଯୋଗମାୟା ବା 'କାଳୀ' ହେଲେ, ଯୋନି ବା ବିଶ୍ୱଯୋନି । ପୁଣି ସ୍ଥୂଳ ବିଶ୍ୱର ମୂଳ 'ବରିଷ୍ଠ' ପୁରୁଷ, କାଳ ହେଲେ 'ବଜ୍ରକାଳ' ବା ମହାଲିଂଗ । ଏଇ ମହା-ଲିଂଗ ହେଲେ, ମହାବଳଶାଳୀ—ବଳଭଦ୍ର, ଶେଷ, ବା ଅନନ୍ତ । ବ୍ୟକ୍ତ-ମୂଳ । ଏଇ 'ବରିଷ୍ଠ'ଙ୍କୁ ଗୀତା ୧୧ଶ ଅଧ୍ୟାୟର ୩୭ ଶ୍ଳୋକରେ କୁହା ଯାଇଛି, ଅନନ୍ତ, ଜଗନ୍ନିବାସ (ବ୍ୟକ୍ତ ଜଗତର ମୂଳ ସ୍ଥାନ), ଓ ଦେବେଶ (ବଡ଼ଠାକୁର) । ଏ ଦୁହେଁ ଯୁଗ୍ମ ହେଲେ । ଏପରି ଯୁଗ୍ମ ହେବାକୁ ଯୋଗମାୟା ପୁଣି ବର ଦେଲେ । ଏଥିରେ ସଂଗମରେ ନାରୀର ସନ୍ତୁଷ୍ଟ ଦେଖିବାର ଲକ୍ଷଣ । ପୁଣି ଅନ୍ୟତ୍ର କୁହା ଯାଇଛି, ଏଇ ଲିଙ୍ଗ ବା ବଳଭଦ୍ର ହେଉଛନ୍ତି, ଶରୀର ସାଧନାରେ 'ଲମ୍ବା ଅଂଗ' । ନାରୀର ସଂଗମକୁ ଯୁକ୍ତ ସେତେବେଳେ ମନ ନ କରି, ଅଙ୍ଗ ସଂକୋଚ ଓ ସଂଘର୍ଷଣରେ କେବଳ ସୃଷ୍ଟି-ର ସନ୍ତାନ-ପ୍ରଯୋଜନରେ ଲଗାଇବାର ସଙ୍କେତ ଏଠି ସ୍ପଷ୍ଟ । ସେ ସବୁ କଥା ଛାଡ଼ି, ଶୂନ୍ୟର ଦର୍ଶନତତ୍ତ୍ୱଟି ଏଠି ପ୍ରଣିଧାନ ଯୋଗ୍ୟ । ସାଂଖ୍ୟ ଓ ବେଦାନ୍ତ ସଂଗେ ମିଳାଇ ଏହା ସୁନ୍ଦର ଦେଖା ଯାଇ ପାରେ । ବ୍ୟବହାରରେ ମଧ୍ୟ ଏ ତତ୍ତ୍ୱର ପ୍ରକାଶ, ଜଗନ୍ନାଥର ଚତୁର୍ଦ୍ଧା ମୂର୍ତ୍ତି । ସେ କଥା ପରେ କୁହାଯାଉଛି । ତା ଆଗରୁ କହିବା ଉଚିତ, ଶୂନ୍ୟ ଓ ନିର୍ବାଣ ସାଧନା ଯେଉଁ ବୌଦ୍ଧଧର୍ମ ନାମରେ ଚଳେ, ତାର ଓଡ଼ିଆ ସଂଗେ ଇତିହାସରେ କି ସଂବନ୍ଧ ।

## ଶାକ୍ୟମୁନି ବୁଦ୍ଧ

ଶୂନ୍ୟ-ସାଧନା ଓ ନିର୍ବାଣ-ଯୋଗ, ଏ ଦେଶରେ ବହୁ ପ୍ରାଚୀନ ଓ ଆଦିମ । ଏହା 'କାୟା ସାଧନା' । ବହୁ କାଳରୁ ଏହା ଏକ ଦିଗରେ ସଂଯମ ଓ ଅନ୍ୟ ଦିଗରେ ଭୋଗର ଧାରା ଧରି ଦୁଇ ପ୍ରକାରରେ ବିକାଶ ପାଇଥିଲା । ଆର୍ଯ୍ୟମାନଙ୍କ ରାଜଯୋଗ ଓ ହଠ-ଯୋଗ ଏଇଥିରୁ ଗୃହୀତ । ଆର୍ଯ୍ୟଙ୍କ ବାହାର ବିଶ୍ୱର ପ୍ରକାଶ ଶକ୍ତି, ଏଇ ଶୂନ୍ୟ-ତତ୍ତ୍ୱ ସଂଘର୍ଷରେ ଆସି-ବାରୁ ପରମାତ୍ମା ଓ ଆତ୍ମାର ତତ୍ତ୍ୱ ବାହାରି ଥିଲା । ସେଇ ଆତ୍ମା, ପରମାତ୍ମାଙ୍କୁ

Digitized by srujanika@gmail.com

ଧରି ଶୂନ୍ୟ-ସାଧନାକୁ ବିସ୍ତର ଉଠାଇ ଦେବାରେ ଆର୍ଯ୍ୟମାନେ ଲାଗି ଥିଲେ । ସେହି ବୈଦିକ ସାହିତ୍ୟ ସଙ୍ଗେ ପୁଣି ସମାଜର ବର୍ଣ୍ଣଧର୍ମ ଓ ବ୍ୟକ୍ତିର ଆଶ୍ରମ ଧର୍ମ ପଶିଥିଲା । ସେଥିରେ କ୍ରମେ ଘୋର ଭେଦ ଧର୍ମ, ପ୍ରକାଶ ପାଇଲା । ନିଷାଦ ଓ ଦ୍ରାବିଡ଼ମାନେ ବୈଦିକ ସଭ୍ୟତାରେ ସୁସ୍ଥିର ଆତ୍ମ-ଦାନ କଲେ । ପୂର୍ବଭାରତ ସମ୍ବନ୍ଧରେ ମାନିଲା ନାହିଁ । ଏହି ପୂର୍ବ ଭାରତ-ରେ ମଧ୍ୟ କଳିଂଗରେ ନିର୍ମଳ ଶୂନ୍ୟ-ବାଦ ଥିଲା । ଏବଂ ବଙ୍ଗ ମଗଧ ନେପାଳ ପ୍ରଭୃତି ଅଂଚଳରେ ଏହି ଶୂନ୍ୟବାଦ ଭୋଗ-ଧର୍ମ ଓ ଦେହ ଧର୍ମରେ ବୀଭତ୍ସ ଓ ବିକୃତ ରୂପ ଧରୁଥିଲା । ଶେଷ ବୁଦ୍ଧ, ଶାକ୍ୟମୁନି ବୁଦ୍ଧ ଓ ଶେଷ ଜିନ ମହାବୀର, ଏହି ବୀଭତ୍ସତାର ପ୍ରତିବାଦ ରୂପେ ଏହି ପୂର୍ବ ଭାରତରେ, ଏହି ପ୍ରାଚୀନ ଭାରତ ଧର୍ମର ଶେଷ ପ୍ରତୀକରୂପେ ମୁଣ୍ଡ ଟେକି ଥିଲେ ( ପୂର୍ବେ ପୃ ୧୬୯ ଦେଖ ) । ସେଇଥିପାଇଁ ଆମ ଇଉରୋପୀୟ ଐତିହାସିକମାନେ ବୌଦ୍ଧ ଓ ଜୈନ ଧର୍ମକୁ ବୈଦିକ ଭେଦ ଧର୍ମ ବିରୁଦ୍ଧରେ ଗୋଟିଏ ସାମାଜିକ, ନୈତିକ ଓ ଆଧ୍ୟାତ୍ମିକ ବିଦ୍ରୋହ ବୋଲି କହନ୍ତି । କିନ୍ତୁ ତା ଠିକ୍ ନୁହେଁ—ଉପର ଠାଉରିଆ ଦୃଷ୍ଟିରେ କେତେକ ସତ୍ୟ ହେଲେ ବି, ଯଥାର୍ଥ ଐତିହାସିକ ସତ୍ୟ ନୁହେଁ ।

## କଳିଂଗର ବୌଦ୍ଧ ଧର୍ମ

ଶାକ୍ୟମୁନି ବୁଦ୍ଧଙ୍କ ବେଳକୁ ଏସ ଅଂଚଳର ସମାଜରେ ବହୁତ ଅପଚାର ଓ ଭ୍ରଷ୍ଟାଚାର ପଶିଥିବା କଥାରେ ସନ୍ଦେହ ନାହିଁ । ବିଶେଷରେ ବୁଦ୍ଧଙ୍କ ନିଜ ଉପଦେଶରେ ଦାସ ଦାସୀଙ୍କୁ ଲକ୍ଷ୍ୟ କରି ଚଳଣି ସଂସ୍କାର କରିବାର କଥା ଅଛି । ବୌଦ୍ଧ ପରଂପରା କହେ, ଶାକ୍ୟମୁନି ବୁଦ୍ଧ ହେଉଛନ୍ତି, ଶେଷ ବୁଦ୍ଧ । ଯଥାର୍ଥରେ ପୂର୍ବ ମଗଧର ପରଂପରାରେ ବିକାଶ ପାଉଥିବା ଅନାଚାରର ସଂସ୍କାର ଲାଗି ଶେଷ ଦୀପ ଶିଖା ପରି ଶାକ୍ୟ ମୁନି ପ୍ରକାଶ ପାଇଥିଲେ । କଳିଂଗରେ ବିଶୁଦ୍ଧ ବୌଦ୍ଧ-ବିନୟ ବା ଶୂନ୍ୟ-ଦର୍ଶନ-ଯୋଗର ସଭ୍ୟତା ଶାକ୍ୟମୁନିଙ୍କ ପୂର୍ବରୁ ଓ ଶାକ୍ୟ ମୁନିଙ୍କ ବେଳକୁ ସୁପ୍ରତିଷ୍ଠିତ ଥିଲା । ଶାକ୍ୟମୁନି କଳିଂଗକୁ କେବେ ଆସି ଥିବାର ପ୍ରମାଣ

Digitized by srujanika@gmail.com

କା ପରଂପରା ନାଇ । ସେ ଗୟାଠାରେ ମାଗଧ ତପୁସ ଓ ଭଲ୍ଲୀକ ବୋଲି ଦୁଇଜଣ ଉତ୍କଳ ଭୂୟାଁ ସାର୍ଥବାହ (ଥୋଡ଼ ବଳଦରେ ମାଲ ବୋହି ନେଉଥିବା) ବେପାରୀଙ୍କୁ ଦେଖିଥିଲେ ଓ ତାଙ୍କୁ ଦୀକ୍ଷା ଦେଇଥିଲେ । ସେ ଦୀକ୍ଷାରେ ପୁଣି ବୁଦ୍ଧ (ଜ୍ଞାନ) ଓ ଧର୍ମ (କରଣୀୟ), ଏଇ ଦୁଇଟି ମାତ୍ର କଥା ଥିଲା । ସଂଘ (ସମାଜ) ଭିତରଟି ସେତେବେଳକୁ ଶାକ୍ୟ ମୁନିଙ୍କ ପାଖରେ ପ୍ରକାଶ ପାଇ ନ ଥିଲା । ସମାଜର ଚଳଣିରେ ପ୍ରକାଶ ନ ପାଇଲେ, ଜ୍ଞାନ ଓ କରଣୀୟର ମୂଲ୍ୟ କିଛି ନାଇ । ଏହାର ସଙ୍କେତ ପାଇଥିଲେ ଶାକ୍ୟମୁନି, ଖୁବ୍ ସମ୍ଭବ ଏଇ ଭୂୟାଁଙ୍କ ସମ୍ପର୍କରେ ଆସି । ହୋଇପାରେ, ଏହା କଳିଂଗର ନିର୍ମଳ ଓ ସମାଜ-ବ୍ୟାପୀ ବୌଦ୍ଧ ଚର୍ଯ୍ୟାର ପ୍ରଭାବ । ପରେ ପୂର୍ବ ମଗଧର ସମାଜକୁ ଏଇ ଆଦର୍ଶ ଦେବାପାଇଁ ଶାକ୍ୟମୁନି 'ସଂଘଂ ଶରଣଂ ଗଚ୍ଛାମି', କଥାଟି ନିଜ ଦୀକ୍ଷାରେ ଯୋଡିଥିଲେ । ଅଜ୍ଞାନରେ ପଡି ପରେ ଏ ସଂଘର ଭିକ୍ଷୁ ଭିକ୍ଷୁଣୀମାନେ କାଳକ୍ରମେ ସନ୍ଧ-ଭଷା 'ନେଡ଼ା ନେଡ଼ୀ' ଓ ବୈଷ୍ଣବଙ୍କ 'ବାବାଜି-ମାତା'ରେ ପରିଣତ ହୋଇଚନ୍ତି । କିନ୍ତୁ ଶାକ୍ୟମୁନି ବୁଦ୍ଧଙ୍କ ପୂର୍ବରୁ ନିର୍ମଳ ବୌଦ୍ଧ ସଭ୍ୟତା କଳିଙ୍ଗରେ ପ୍ରତିଷ୍ଠିତ ଥିଲା । କଳିଂଗ ସମାଜରେ ଏହାର ଚଳଣି ଖୁବ୍ ଦୃଢ଼ ଥିଲା । ଏହାର ପ୍ରମାଣ ସ୍ପଷ୍ଟ । ଶାକ୍ୟ ମୁନି ନିଜେ କେବେ କଳିଂଗକୁ ଆସି ନ ଥିଲେ, କି କଳିଂଗରେ କେହି ତାଙ୍କୁ ସାକ୍ଷାତ୍‌ଭାବରେ ଜାଣି ନ ଥିଲେ । ତଥାପି ତାଙ୍କ ଶିଷ୍ୟ କ୍ଷେମ, ସେଇ ବୁଦ୍ଧଙ୍କ ଚିତାଗ୍ନିରୁ ବାଁ ପଟ ବଣି ଦାନ୍ତଟି ସ୍ମାରକରୂପେ କଳିଂଗରାଜ ବ୍ରହ୍ମଦତ୍ତଙ୍କ ପାଖକୁ ପଠାଇ ଦେଇଥିଲେ । ସେ ଦାନ୍ତଟି ପୁଣି କଳିଂଗରେ ଅତି ସମାରୋହରେ ପ୍ରତିଷ୍ଠିତ ହୋଇ ବରାବର ପୂଜା ପାଇଥିଲା । ଏଥିରୁ ଜଣାଯାଏ କଳିଂଗରେ ବୌଦ୍ଧ ଧର୍ମ ଆଗରୁ ପ୍ରତିଷ୍ଠିତ ଥିଲା ଓ ତା ମଗଧ ଅଂଚଳର ବୌଦ୍ଧ ଧର୍ମ ପରି ଭ୍ରଷ୍ଟ ହୋଇ ନ ଥିଲା; ତେଣୁ ତାର ସଂସ୍କାର ସେପରି ଦରକାର ନ ଥିଲା । ଲିଖିତ ପରଂପରାରୁ ପୁଣି ପ୍ରମାଣ ମିଳେ, କଳିଂଗର ବୁଦ୍ଧ ଦନ୍ତ ୮୦୦ ବର୍ଷ ଯାଏ ନିର୍ବିବାଦରେ ପ୍ରତିଷ୍ଠା ଅକ୍ଷୁର୍ଣ୍ଣ ରଖି ସମସ୍ତ ସମାଜରେ ସାଦରେ ପୂଜା ପାଇଥିଲା । ଅନ୍ୟ କୁଆପି ବୁଦ୍ଧଙ୍କ ସ୍ମାରକ ବା ସ୍ତୂପର ଏ

Digitized by srujanika@gmail.com

ପ୍ରତିଷ୍ଠା ରହିନାଇ । ସେପରି 'ଜଗନ୍ନାଥ' ପୁଣି ହୋଇଚନ୍ତି, ପୁରୁଷୋତ୍ତମଙ୍କ 'ବୌଦ୍ଧାବତାର' । ଏବେ ବି ଓଡ଼ିଶାର 'ପୀଠ'ସ୍ଥାନମାନଙ୍କରେ ଶୂନ୍ୟ-ସାଧକମାନେ ନିଜକୁ କହନ୍ତି 'ବୌଦ୍ଧ' । ସେଦିନ ପୁରୀଜିଲ୍ଲା ବ୍ରହ୍ମଗିରି ଥାନାର 'କରପଦା' ଗ୍ରାମରେ ଏହିପରି ଜଣେ କ୍ଷୁଦ୍ରପୀଠର ସାଧକଙ୍କ ସଙ୍ଗେ ଦେଖା ହୋଇଥିଲି । ତାଙ୍କୁ ପଚାରିବାରେ ସେ କହିଲେ, 'ଆମେ ବୌଦ୍ଧ'; ତାପରେ ଶୂନ୍ୟ-ସାଧନାର କ୍ରିୟାସବୁ କହି ବସିଲେ । 'କାହିଁକି ନିଜକୁ 'ବୌଦ୍ଧ ବୋଲି କହୁଚ', ବୋଲି ପଚାରିବାରୁ ଖାଲି କହିଲେ, 'ଆମେ ତ ନିଜକୁ ବୌଦ୍ଧ ବୋଲି କହୁଁ ।' ଆଉ କିଛି କହି ପାରିଲେ ନାହିଁ । ଏଥିରୁ ଜଣାଯାଉଚି, ଆବହମାନ କାଳରୁ ଏହି ଶୂନ୍ୟ-ସାଧକମାନେ ନିଜକୁ ବୌଦ୍ଧ ବୋଲି କହି ଆସୁଚନ୍ତି । ଶାକ୍ୟମୁନି ବୁଦ୍ଧଙ୍କ ବୌଦ୍ଧ ଧର୍ମକୁ ଏ ନାମ ନୁହେଁ । ପରେ ଶାକ୍ୟ ମୁନିଙ୍କ ବୌଦ୍ଧଭାବ, ଏଥି-ସଙ୍ଗେ 'ଜୟଦେବ'ଙ୍କ ଭଳି 'ଦଶାବତାର ସେବୀ' ପଣ୍ଡିତମାନେ ନ ବୁଝି ମିଶାଇ ଦେଇଚନ୍ତି ମାତ୍ର । ଅଚ୍ୟୁତାନନ୍ଦ ଦାସ, ନିଜ 'ଛୟାଳିଶପଟଳ' ଗ୍ରନ୍ଥର ଏକାଦଶ ପଟଳରେ 'ନିରାକାର'ଙ୍କର ବୁଦ୍ଧରୂପରେ ପ୍ରକାଶକୁ ବର୍ଣ୍ଣନା କରି ଯାହା ସଙ୍କେତ ଦେଇଚନ୍ତି, ସେଥିରୁ ଜଣାଯାଏ, ଶୂନ୍ୟ-ସାଧନା-ଯୋଗ, ମହିମା ଧର୍ମ ଓ ଅଲେଖ ଧର୍ମ ପ୍ରଭୃତି ସବୁ ଓଡ଼ିଶାର ବୌଦ୍ଧ ଧର୍ମ । ଏଥିରେ ଶାକ୍ୟ ମୁନି ପ୍ରଚାରିତ ଶାସ୍ତ୍ରୀୟ ସଙ୍ଘମୂଳକ ବୌଦ୍ଧ ଧର୍ମ କଥା ଜମାରୁ କୁହା ହୋଇ ନାହିଁ । ସମସ୍ତ ଏକାଦଶ ପଟଳଟି ଏଥିପାଇଁ ଯେ କେହି ପଢ଼ି ପାରନ୍ତି । ଅବଶ୍ୟ ଅଚ୍ୟୁତାନନ୍ଦଙ୍କ ମୂଳଗ୍ରନ୍ଥଟି ଛାପାରେ ମିଳୁ ନାହିଁ । ଅଚ୍ୟୁତାନନ୍ଦଙ୍କ ଗାଦିରେ ଏବେ ଶିଷ୍ୟମାନେ ଗ୍ରନ୍ଥଟି ଦୁଇ ଭାଗରେ ସରଳ ସୁବୋଧ ଭାଷାରେ ଲେଖିଚନ୍ତି । ସେହିସବୁ ଛାପା ହୋଇଚି । ସେଥିରେ ହୁଏତ କେତେକ ଆଧୁନିକ ଚଳିତ ମତ ମିଶିଯାଇ ଥାଇ ପାରେ; ମାତ୍ର ବିଷୟଟି ବୁଝିବାରେ ଅସୁବିଧା ହେଉ ନାହିଁ । ସେହି ଅଚ୍ୟୁତାନନ୍ଦ ପୁଣି 'ଶୂନ୍ୟସଂହିତା'ର ନବମ ଅଧ୍ୟାୟରେ ଯେଉଁ କଳିଯୁଗର 'ବୁଦ୍ଧା-ବତାର' କଥା କହିଚନ୍ତି, ସେଥିରୁ ସ୍ପଷ୍ଟ ହେଉଚି, ବୁଦ୍ଧ କେବଳ ଏହି ଶୂନ୍ୟ-ଧର୍ମକୁ ଏ ଯୁଗରେ ପ୍ରଚାର କରିଚନ୍ତି । ଏ ଶୂନ୍ୟ-ଧର୍ମ ଆଦିମ କାଳରୁ

Digitized by srujanika@gmail.com

ଥିଲି । କଳିଂଗର ଏ ଧର୍ମ ଶାକ୍ୟମୁନି ଦ୍ୱାରା ଗୃହୀତ ଧର୍ମ ନୁହେ । କଳିଂଗ ଧର୍ମରେ 'ସଂଘ' ପୁଣି ନାହିଁ । ସାରା ସମାଜହିଁ କଳିଂଗ ଧର୍ମର କର୍ମକ୍ଷେତ୍ର ।

## ଚତୁର୍ଦ୍ଧା ମୂର୍ତ୍ତି

ବୌଦ୍ଧାବତାର ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି କଥା ଏବେ ଦେଖାଯାଉ । ଏହା ଲୋକଙ୍କରେ ଉପାସ୍ୟ ଦେବତାରୂପେ ନିରାକାରଙ୍କ ସାକାର ତତ୍ତ୍ୱର ଗୋଟିଏ ମହା ମହତ୍ତ୍ୱପୂର୍ଣ୍ଣ ପ୍ରକାଶ । ଏହା ପୁଣି ବୁଦ୍ଧ-ରୂପ । ଏହାହିଁ ଓଡ଼ିଆର ପରଂପରାଗତ ବୁଦ୍ଧ । ଜଗନ୍ନାଥ, ଏହି ବୁଦ୍ଧଙ୍କର ନାମ । ଶାକ୍ୟ ମୁନି ବୁଦ୍ଧ ନିଜକୁ 'ଜଗନ୍ନାଥ' ବୋଲି କହୁଥିଲେ । ନିର୍ବାଣ ସଂକେତିତ, ଜଗଦ୍ଗୁରୁ ବା ଜିନ । ଏହି ଅର୍ଥରେ ମଧ୍ୟ ସେ ଜଗନ୍ନାଥ ହୋଇ ପାରନ୍ତି । ମାତ୍ର ଜଗନ୍ନାଥ ନାମଟି ଯେ କୌଣସି ନିର୍ବାଣ-ବାଦୀଙ୍କ ଭିତରେ 'ଲୋକରେ' ଯେ ଉପାସ୍ୟ ନାମ ରୂପେ ପ୍ରଚଳିତ ନ ଥିଲା, ତା ଠିକ୍ କୁହା ଯାଇ ନ ପାରେ । କାହ୍ନକଳା ପୁରୁଷୋତ୍ତମ- ସମାଧାନରେ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ହେଉଛି, ସୃଷ୍ଟି ବିକାଶତନ୍ତ୍ରର ସଂକେତ ମାତ୍ର । ଜଗନ୍ନାଥ ଧର୍ମୀ ଓଡ଼ିଆ ସାଧକ ଓ ତତ୍ତ୍ୱଜ୍ଞ- ମାନେ ପରଂପରାରେ ଏହାକୁ ସେହି ଭାବରେ ଦେଖି ଆସିଛନ୍ତି । ଚତୁର୍ଦ୍ଧା ବା ଜଗନ୍ନାଥଙ୍କର 'ଚାରି ପ୍ରକାର' ମୂର୍ତ୍ତି—ଚାରୋଟି ପରସ୍ପରଠାରୁ ଭିନ୍ନ ମୂର୍ତ୍ତି ନୁହେ । ଏହି ଚତୁର୍ଦ୍ଧା ମୂର୍ତ୍ତି ହେଉଛି—ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା । ଏ ମୂର୍ତ୍ତିମାନ କେବେ କିପରି ହେଲା, ସେ ବିଷୟରେ ବହୁ ଅନୁମାନ ହୋଇଯାଇଛି । ଶାକ୍ୟମୁନି ବୁଦ୍ଧଙ୍କ ବୁଦ୍ଧ, ଧର୍ମ, ସଙ୍ଘଠାରୁ ଅଶୋକ ମହେନ୍ଦ୍ର ଓ ସଙ୍ଘମିତ୍ରା, ପୁଣି ସୁଭଦ୍ରାଙ୍କ ପାଇଁ 'ଏକାନଂଶା' ପ୍ରଭୃତି କେତେ କଳ୍ପନା କରାଯାଇଛି । ବିଗ୍ରହକୁ ଯୁକ୍ତିଯୁକ୍ତ କରି ଦେଖାଇବାକୁ ଯାଇ ହୁଏତ 'ସୁଦର୍ଶନ'ଙ୍କୁ ବରାବର ଛାଡ଼ ଦିଆ ହୋଇଛି, ବା ଗୌଣସ୍ଥାନ ଦିଆ ହୋଇଛି । ମାତ୍ର ବ୍ୟବହାର ଓ ପରଂପରାରେ 'ସୁଦର୍ଶନ' ହେଉଛନ୍ତି ଆଗ । ସେ ସବୁ

Digitized by srujanika@gmail.com

ଯାହା ହେଉ, ଶାକ୍ୟମୁନିଙ୍କ ବୌଦ୍ଧ ଧର୍ମରୁ ଏହା ନୁହେଁ । ଇତିହାସରେ ବୁଦ୍ଧ ଦନ୍ତର ସଂପର୍କ ଏଥିରେ ଥାଇ ପାରେ । କିନ୍ତୁ ଏହାର କଳ୍ପନା ତାଠାରୁ ଭିନ୍ନ । ଏ କଳ୍ପନାରେ ପୁଣି ଜଗତର ବ୍ୟକ୍ତ ସୃଷ୍ଟିରେ ଆଦ୍ୟ ନର ନାରୀ ହେଉଛନ୍ତି, ଭାଇ, ଭଉଣୀ । ( ପୂର୍ବେ 'ଯମ-ଯମୀ', ପୃଷ୍ଠା ୧୬୪ ଦେଖ ) । ସେଇପରି ବିଗ୍ରହର ବା ମହାଶୂନ୍ୟଙ୍କ ବିକାଶରେ ତାଙ୍କ ସ୍ୱରୂପରୁ ଯେଉଁ ଆଦ୍ୟ ପୁରୁଷ ଓ ନାରୀ ପ୍ରକାଶ ପାଇଲେ ସେ ମଧ୍ୟ ଭାଇ, ଭଉଣୀ । ଏ ସବୁ ଆଜିର ସମାଜ ଚଳଣିରେ ନ ଦେଖି, ତତ୍ତ୍ୱ-ଦୃଷ୍ଟିରେ ବିଚାର କରିବାର କଥା । ଅନୁଷ୍ଠାନଟିର ପ୍ରାଚୀନତା କଳ୍ପନାରେ ଏହା ମଧ୍ୟ ସାହାଯ୍ୟ କରିବ । ଏଇ ଗୂଢ଼ ପ୍ରକାରରେ ଆଦିମୂଳଙ୍କ ମୂର୍ତ୍ତି କଳ୍ପନାଟି ଆଦିମ କଳିଂଗ ଅସ୍ତ୍ରର ଶୂନ୍ୟ-ତନ୍ତ୍ର, ଯାହାକି ଓ ତାହାର ଲୌକିକ ପ୍ରୟୋଗରେ ଜନସାଧାରଣର ଉପାସନାରେ ପ୍ରତିଷ୍ଠିତ ହୋଇଛି । 'ଲୋକେ' ବା ଲୋକରେ ପୁରୁଷୋତ୍ତମଙ୍କର ଯେଉଁ ରୂପ 'ପ୍ରଥିତ' [ପୂର୍ବେ ପୃ ୧୭୭ ଦେଖ] ବୋଲି ଗୀତାରେ କୁହାଯାଇଛି, ଏ ସେଇ ରୂପର 'ଚତୁର୍ଧା' ବା ଗୂଢ଼ ପ୍ରକାରରେ ପ୍ରତିଷ୍ଠା । ଏ ମୂର୍ତ୍ତି ଗୁଡ଼ିକ, ଶୂନ୍ୟରୁ ସୃଷ୍ଟି ପ୍ରକାଶ ପ୍ରଣାଳୀର ପ୍ରତୀକ । ପୁରୁଷୋତ୍ତମର ମହା ସମାଧାନ ଏଥିରେ ସୁସ୍ପଷ୍ଟ ରହିଛି । 'ଯଶୋବନ୍ତ' ଙ୍କ 'ପ୍ରେମଭକ୍ତି-ତତ୍ତ୍ୱ ଗୀତା'ରେ ଯେଉଁ ଯୋଗମାୟା ଓ 'ବଳଭଦ୍ର' କଥା କହିଛନ୍ତି ( ପୂର୍ବେ 'ବଜ୍ରତତ୍ତ୍ୱର ବ୍ୟାଖ୍ୟା' ପ୍ରକରଣ, ପୃ ୬୦୧ ଦେଖ ), ତା କହିଲାବେଳେ ଚତୁର୍ଧାମୂର୍ତ୍ତିର ଟିକିଏ ସଂକେତ ଦିଆ ହୋଇଛି । ଏବେ ପୂର୍ବ ତତ୍ତ୍ୱଟି ବୁଝିବା ପାଇଁ ସେଇ 'ପ୍ରେମ ଭକ୍ତି-ତତ୍ତ୍ୱ ଗୀତା'ରେ ଅନ୍ୟତ୍ର ସେ ଯା କହନ୍ତି, ତାକୁଇ ଧରି କୁହାଯାଉଛି ।

## ସୁଦର୍ଶନ

ସୁଦର୍ଶନ ହେଉଛନ୍ତି ଏଠି 'ମହାଶୂନ୍ୟ' ।

"ପାବୁଣେ ସୁଦର୍ଶନ ଯେତ
ସେ ମହାଶୂନ୍ୟ ବ୍ରହ୍ମ ଚୋଖ ।"୧୧୧ ।

Digitized by srujanika@gmail.com

ନାହିଁ ଯାହାର ପାଦ ପାଣି
ରେ ନାସିକା କର୍ଣ୍ଣ ପୁଣି ।୧୧।
ଅମନ ମନ ଭିନ୍ନ ନାହିଁ
ସେ ସଦାନନ୍ଦ ରୂପ ଦେହି ।୧୩।
—ପ୍ରାଚୀଗ୍ରନ୍ଥମାଳା ୧୨, ଅଧ୍ୟାୟ ୫ ।

## ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର

ସେ ମହାଶୂନ୍ୟ ହେଲୁ, ଆଗ ଶୂନ୍ୟ । ସେ ଶୂନ୍ୟ, ଜ୍ୟୋତି ଓ ଚେତନା ସ୍ୱରୂପ ( ପୂର୍ବେ ପୃଷ୍ଠା ୧୯୨ ଦେଖ ) । ଏହାକୁ ଅନନ୍ତ ଶୂନ୍ୟ-ଜ୍ୟୋତି ବା ଜ୍ୟୋତିର୍ମୟ ଅନ୍ଧକାର ବୋଲି କୁହାଯାଇଛି । ଏହା ଓଡ଼ିଆ ବୈଷ୍ଣବଙ୍କ ନିତ୍ୟ-କୃଷ୍ଣ-ରୂପ । ଏହାହିଁ ଚତୁର୍ଦ୍ଧା ମୂର୍ତ୍ତିର 'ଜଗନ୍ନାଥ'-ସ୍ୱରୂପ ବା ବିଶ୍ୱମୂଳ-ଅଣାକାରଙ୍କ 'ଜଗନ୍ନାଥ'-ରୂପ ଧାରଣା । ଏଇଠାରେ ପ୍ରଥମ 'କାମ' ବା ସୃଷ୍ଟିର ବାଞ୍ଛା (ନାସଦୀୟ ସୂକ୍ତ, ୪ର୍ଥ ଋକ୍—ପୂର୍ବେ ୧୨୪, ୧୨୫ ପୃଷ୍ଠା ଦେଖ) । ଏହି ସ୍ୱରୂପରେ କର୍ମେନ୍ଦ୍ରିୟର ସୂଚନା ଥିବାରୁ କାଳ ଜଗନ୍ନାଥରେ ହାତ ଗଢ଼ିଥିବା ସଙ୍କେତ । ତା ପରେ ଇଚ୍ଛାରୂପିଣୀ, ଯୋଗମାୟା, 'ପ୍ରକୃତି' । ଓଡ଼ିଆ ବୈଷ୍ଣବଙ୍କର ଏହା ନିତ୍ୟ-ରାଧା-ରୂପ । ଏ ବର୍ଣ୍ଣମୟୀ ବା ବର୍ଣ୍ଣିନୀ—ତେଣୁ ସମ୍ଭବତଃ ରକ୍ତବର୍ଣ୍ଣ ନ ହୋଇ, ହଳଦିଆ । ପ୍ରାଚୀନ କଳିଙ୍ଗରେ ଶରୀର ସୌନ୍ଦର୍ଯ୍ୟର ମାପ ଥିଲା ସୁନାପରି ବର୍ଣ୍ଣ । ଏଇ ଆଦ୍ୟମାତାଙ୍କର ଯୋନି ବା ମାତୃତ୍ୱର କର୍ମେନ୍ଦ୍ରିୟ ନ ଥିବା କଥା ଆମ ଆଦିମ ଯୋଗ ସାହିତ୍ୟରେ ଅଛି । ଆଦ୍ୟମାତାଙ୍କ ବିନ୍ଦୁ ଧାରଣରେ ମାନବୀୟ ଯୌନକ୍ରିୟା ସେମାନେ ଆଦୌ କଳ୍ପନା କରି ନାହାନ୍ତି । ହୋଇପାରେ, ଏହା ଭାଇଭଉଣୀ-ସମ୍ପର୍କରେ ସୃଷ୍ଟି କରିବାର ସାମାଜିକ ସମାଧାନର ସଙ୍କେତ । ଦେଖ—

"ଯୋଗମାୟାର ଯୋନି ନାହିଁ
ପ୍ରେମ ବିନ୍ଦୁରେ ଜାତ ହୋଇ ଏ

Digitized by srujanika@gmail.com

ଦେଖିଲି କୋମଳ ସ୍ୱରୂପ
ହେମ ମର୍କତ ପ୍ରାୟେ ରୂପ ।" ୩୨ ।

ଏଜନ, ୨ୟ ଅଧ୍ୟାୟ ।

ସୁଭଦ୍ରା ମୂର୍ତ୍ତିର ହାତ ନ ଥିବାରେ ଏଇ ସଙ୍କେତ। ଏଇ ସମ୍ପର୍କରେ 'ନାସଦୀୟ ସୂକ୍ତ'ର 'ରେତୋଧା', 'ଆଭୁ' ଓ 'ତୁଚ୍ଛ'—(ପୂର୍ବେ ପୃଷ୍ଠା ୧୭୩-୧୭୫) ଦେଖ । ଶୂନ୍ୟ ସଙ୍ଗେ ଏଇ ଯୋଗମାୟାର ନିତ୍ୟ ଯୁଗଳ ରୂପର ପ୍ରକାଶ ହେଲା, ବିରାଟ ରୂପ ବା ଜଂଗତର ମୂଳ । ଏହାଇ ଶୂନ୍ୟର 'ମୂଳରୂପ' । ଏହା ସ୍ପଷ୍ଟ ପ୍ରକାଶ-ରୂପ; ତେଣୁ ଧଳା । ଏଥିରେ କର୍ମେନ୍ଦ୍ରିୟର କଳନା ମଧ୍ୟ ଯୁକ୍ତିଯୁକ୍ତ । ତେଣୁ ବଳଭଦ୍ର ମୂର୍ତ୍ତିରେ କର୍ମେନ୍ଦ୍ରିୟର ସଙ୍କେତ ସ୍ୱରୂପ ହାତ ବି ଅଛି । ଏ ଅତି ବଳବାନ୍, ଅନନ୍ତ । ଏହାଇ 'ଶେଷଦେବ'; ଏଇ ଏକା ଆମ 'ବଡ଼ଠାକୁର' । ଗୀତାର ୧୧ଶ ଅଧ୍ୟାୟ, ୩୭ ଶ୍ଳୋକରେ ଏଇ ଏକା 'ଅନନ୍ତ', 'ଦେବେଶ' (ବଡ଼ଠାକୁର); ଏଇ ହେଉଛନ୍ତି, 'ଜଗନ୍ନିବାସ' (ବ୍ୟକ୍ତ ଜଗତର ଅଧିଷ୍ଠାନ)— 'ବିରାଟ' । 'ବିଶ୍ୱରୂପ' ଭଗବାନଙ୍କୁ ଗୀତା ଏକ ଦଶ ଅଧ୍ୟାୟରେ 'ଅନନ୍ତ', 'ଜଗନ୍ନିବାସ' ବୋଲି ପୁଣି ବାରଂବାର କୁହାଯାଇଛି । ଗୀତାର ଏଇ ବିଶ୍ୱରୂପ-ବର୍ଣ୍ଣନରେ ଓଡ଼ିଆ ଶୂନ୍ୟତନ୍ତ୍ରର ଏଇ 'ଅନନ୍ତ' ଓ 'ବିରାଟ' କଥା ଓ ଭାବକହି ମାତ୍ର ଭକ୍ତ ଅର୍ଜୁନଙ୍କ ମୁଖରେ ସୂଚିତ । ୪୦ଶ ଶ୍ଳୋକରେ 'ସର୍ବଂ ସମାପ୍ନୋଷି' କଥାଟିରେ ଓଡ଼ିଆ-ତନ୍ତ୍ରର 'ଶେଷ' ବା 'ଶେଷଦେବ' କଥା ଅଛି ସ୍ପଷ୍ଟ । ୪୭ଶ ଶ୍ଳୋକରେ ମଧ୍ୟ 'ତେଜୋମୟଂ', 'ଅନନ୍ତଂ' 'ଆଦ୍ୟଂ ବିଶ୍ୱଂ' (ବ୍ୟକ୍ତର ମୂଳ—ମୂଳରୂପ), କଥାଗୁଡ଼ିକ ଏଠି ସ୍ମରଣୀୟ । (ପୂର୍ବେ ପୃଷ୍ଠା ୧୭୯ରେ 'ଗୀତାର ଭାଷା' ପ୍ରକରଣ ଦେଖ) । ଏଇ 'ଅନନ୍ତ' ପୁଣି ଓଡ଼ିଆ ତନ୍ତ୍ର-ସାଧନାରେ ହେଉଛି, 'ସୁଷୁମ୍ନା-ନାଡ଼ୀ' । ଏଇ ନାଡ଼ୀର ଶେଷ ସାଧନାରେ ନିର୍ବାଣ ହୁଏ । ତେଣୁ ପୁଣି ଏହାଇ 'ଶେଷ' (ପ୍ରେମଭକ୍ତି-ବ୍ରହ୍ମଗୀତା, ୧ମ ଅଧ୍ୟାୟ, ୧୨୬—୧୩୦ ପଦ ଦେଖ) । ଏହାଙ୍କୁଇ ପୁଣି ତନ୍ତ୍ରରେ କୁହାଯାଇଛି, 'ବିରାଟ' 'ଲକ୍ଷ୍ମୀଅଂଶ' (ପୂର୍ବେ

Digitized by srujanika@gmail.com

ପୃ ୨୦୧ ଦେଖ) । ମନ୍ତ୍ରରେ ଶୂନ୍ୟ ବା 'ଜଗନ୍ନାଥ' ହେଉଛନ୍ତି କ୍ଲୀଂ ବା କାମବୀଜ; 'ଯୋଗମାୟା' ବା 'ସୁଭଦ୍ରା' ହେଉଛନ୍ତି ଶ୍ରୀଂ ବା 'ରଙ୍ଗ, ବିରାଟ','ବଳଭଦ୍ର',ବଡ଼ଠାକୁରେ' ହେଉଛନ୍ତି ହ୍ରୀଂ ବା 'ଲକ୍ଷ୍ମୀ ଅଂଗ' । ଶୂନ୍ୟର ଯୋଗମାୟା ସଂପର୍କରେ ଏଇ ଯେଉଁ ବିରାଟରୂପ ହୁଏ, ସେଇଥିରୁ ସକଳର ଉତ୍ପତ୍ତି । ଅଣାକାର, ନିରଂଜନ, ଅନିର୍ଣ୍ଣେୟ, ସୁଦର୍ଶନଙ୍କୁ ନେଇ, ଏକ ମହାଶୂନ୍ୟର ଏ ଚାରି ପ୍ରକାର ବା 'ଚତୁର୍ଧା' ମୂର୍ତ୍ତି । ଏ ଚାରୋଟି ଅଲଗା ଅଲଗା ମୂର୍ତ୍ତି ନୁହେଁ । ଏଥିରେ 'ମହାଶୂନ୍ୟ' ବା ସୁଦର୍ଶନଇ ମୂଳ । ତେଣୁ ସେ ଆଗ । ତାପରେ ବିଶ୍ୱରୂପ, ବଳଭଦ୍ର ରୂପ; ତାପରେ ଯୋଗମାୟା, ସୁଭଦ୍ରା; ଓ ତହୁଁ ଶୂନ୍ୟରୂପ 'ଜଗନ୍ନାଥ' । ଏହାର ମାନବ-ଦର୍ଶନର ସ୍ୱାଭାବିକ ଓ କ୍ରମିକ ଧାରଣା । ସ୍ଥୂଳଆଡ଼ୁ କ୍ରମେ ସୂକ୍ଷ୍ମକୁ ଏ ଧାରଣା । ପରଂପରାରେ ଓ ଶ୍ରେଣିରେ ତାହାଇ ଅଛି । ତଥାପି ଏ ଚାରୋଟି ମୂର୍ତ୍ତିର ପୂଜା ନୁହେଁ । ଏହା ଏକ 'ଜଗନ୍ନାଥ' ପୁରୁଷୋତ୍ତମଙ୍କର ଏ ଚାରି ପ୍ରକାରରେ ଧାରଣା । ପୂର୍ବେ ପୃଷ୍ଠା ୧୮୭ରେ 'ଚାରୋଟି ସ୍ୱୟଂ ଜଗନ୍ନାଥ, ଚାରୋଟି ସ୍ଥୂଳରୂପେ ସୃଷ୍ଟି', ପ୍ରଭୃତି ଉଦ୍ଧାର କରାଯାଇଛି, ଦେଖ । ପୁଣି ବିଶେଷ ଜାଣିବା ପାଇଁ ଯେ କେହି 'ପ୍ରେମଭକ୍ତି-ତତ୍ତ୍ୱଗୀତା'ର ୪ର୍ଥ ଓ ୫ମ ଅଧ୍ୟାୟ ଦେଖି ପାରନ୍ତି ।

## ଜଗନ୍ନାଥ ଧାମର ପ୍ରାଚୀନତା

ଯରେ ଆର୍ଯ୍ୟସାହିତ୍ୟ ସଂଗେ ଏଇ ଶୂନ୍ୟ-ଦର୍ଶନ, ସମାଧାନରେ ଫୁଟାଇ ଥିଲେ, 'ପୁରୁଷୋତ୍ତମ', ଓ ଜଗନ୍ନାଥ । ଏହାପୂର୍ବେ କୁହାଯାଇଛି । କଠୋପନିଷଦ୍‌ରେ ଏଇ ସମାଧାନର ସ୍ପଷ୍ଟ ଆଦିମ ଆଭାଷ ମିଳେ । ସେଠାରେ ୧୧ ଶ ମନ୍ତ୍ରରେ ଅଛି, ଯେ ଏକା ଅବିଦ୍ୟା (ପ୍ରକାଶ-ମନ୍ତ୍ର ବିଶ୍ୱ, କ୍ଷର ପୁରୁଷ ) ରେ ମନ ଦେଇ ଉପାସନା କରନ୍ତି, ସେ ଘୋର ଅନ୍ଧାରରେ ପଶନ୍ତି । ପୁଣି ଯେ ତା ଛାଡ଼ି, ଖାଲି ବିଦ୍ୟା ( ଅଦୃ-କାଶ, ଶୂନ୍ୟ, ଅକ୍ଷର ପୁରୁଷ ) ରେ ମନ ଦେଇ ଲାଗନ୍ତି, ସେ ତହିଁରୁ ଆଉରି ଘୋର ଅନ୍ଧକାରରେ ପଡ଼ନ୍ତି । ଏଂଶୁ (୧୨ଶ ମନ୍ତ୍ର)—

Digitized by srujanika@gmail.com

"ବିଦ୍ୟାଂଚାବିଦ୍ୟାଂଚ ଯଦ୍ ତଦ୍ ବେଦୋଭୟଂସହ
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ତ୍ୱା ବିଦ୍ୟୟାମୃତମଶ୍ନୁତେ ।"

ଅର୍ଥାତ୍, ବିଦ୍ୟା ଓ ଅବିଦ୍ୟା ଦୁହିଁଙ୍କୁ ଏକ ତତ୍ତ୍ୱର ଦୁଇ ପ୍ରକାର ଧାରଣା ବୋଲି ବୁଝି ଦୁହିଁଙ୍କୁ ପରସ୍ପର ସହିତ ସମ୍ବନ୍ଧରେ ଜାଣିଲେ ଏକା ଲୋକ ଅବିଦ୍ୟାର ଜଡ଼ୀୟ ମୃତ୍ୟୁକୁ ଜାଣି, ବିଦ୍ୟାରେ ଅମୃତର ଆସ୍ୱାଦନ କରେ ବୌଦ୍ଧର ଶୂନ୍ୟ-ଦର୍ଶନରେ, 'ଯୋଗମାୟା'ର 'କାଳ' ସଂଗମରେ ଯେଉଁ 'ବିସୃଷ୍ଟ' ବା ଠୂଳ ରୂପ (ଅନନ୍ତ ବା ଶେଷଦେବ), ସେଇ ହେଲା ଅବିଦ୍ୟା । ସୃଷ୍ଟିର ପଛରେ ଯେଉଁ 'ଶୂନ୍ୟ', ଯହିଁରୁ ଯାହାଯୋଗୁଁ (ଇଚ୍ଛାରେ) ସୃଷ୍ଟି, ସେଇ ହେଲା 'ବିଦ୍ୟା' । ଏଇ ଦୁଇଟିର ସମ୍ବନ୍ଧରେ 'ମହାଶୂନ୍ୟ' (ଜ୍ଞାନ ଓ ଚେତନା ରୂପ ପରଂବ୍ରହ୍ମ) ହେଲେ, ଉପାସକର ପୁରୁଷୋତ୍ତମ । ଏଇ ବୌଦ୍ଧ-ଭାବର ଆର୍ଯ୍ୟ-ସମାଧାନ, ଉପନିଷଦରୁ ପ୍ରାଚୀନ—ଋଗ୍ ବେଦର 'ନାସଦୀୟ' ସୂକ୍ତରେ ଏଇ ସଂକେତ ରହି ବୁଝିବାକୁ ଯାଇ, ବୁଝିପାରୁ ନାହାନ୍ତି ବୋଲି କୁହା ଯାଇଛି । ଗୀତା ବେଳକୁ 'ଲୋକରେ' ପୁରୁଷୋତ୍ତମ ଉପାସ୍ୟ ଦେବରୂପେ ପ୍ରତିଷ୍ଠା ପାଇ ସାରିଚନ୍ତି । ଓଡ଼ିଆ ସାହିତ୍ୟରେ ତେଣୁ ଏ ବିକାଶ, ଶାକ୍ୟମୁନି ବୁଦ୍ଧଙ୍କ ପୂର୍ବର କଥା । କଳିଂଗର ବୌଦ୍ଧାବତାରର ଯେଉଁ ଚତୁର୍ଧା ମୂର୍ତ୍ତି କଥା କୁହାଗଲା, ସେଥିରେ ମଧ୍ୟ ଶାକ୍ୟମୁନି ବୁଦ୍ଧଙ୍କ ତତ୍ତ୍ୱବ୍ୟାଖ୍ୟାର ସାକ୍ଷାତ୍ ସମ୍ପର୍କ ନାହିଁ । ଏଣୁ ଚତୁର୍ଧା-ମୂର୍ତ୍ତି-ପରଂପରାଟିର ମୂଳ ଶାକ୍ୟମୁନିଙ୍କ କାଳରୁ ଆହୁରି ପ୍ରାଚୀନତର । ବୁଦ୍ଧଦନ୍ତଟି ଏଠାରୁ ସ୍ଥାନାନ୍ତରେ ପଠାହେବାରୁ ପ୍ରମାଣ ମିଳୁଛି, ସେତେବେଳକୁ 'ଜଗନ୍ନାଥ'ର ପ୍ରତିଷ୍ଠା ଭାରତବ୍ୟାପୀ ହୋଇ ସାରିଥିଲା । (ଆର୍ଯ୍ୟାବର୍ତ୍ତକୁ ସେକାଳେ 'ଭାରତବର୍ଷ' କହୁଥିଲେ । 'ଖାରବେଳ' 'ହାତୀଗୁମ୍ଫା' ଶିଳା-ଲିପିରେ ପର୍ଯ୍ୟନ୍ତ ସେଇଆ ଅଛି । ) ତା ପରେ ସାରା ଭାରତବର୍ଷ, ଏଇ ବୁଦ୍ଧ-ଭୂମିକୁ ନିଜର କରିବା ପାଇଁ ୮୦୦ ବର୍ଷ କାଳ ବରାବର ଲାଗିଥିଲେ । ଆଜି ଯେ ପୁରୁଷୋତ୍ତମ-ପୁରୀ ବା ଜଗନ୍ନାଥ-କ୍ଷେତ୍ର ଭାରତରେ ଶ୍ରେଷ୍ଠଧାମ, ତାର ଇତିହାସର ସୂତ୍ର ଏଇଠାରେ । ଜଗନ୍ନାଥ ସେଇ କାଳୁ ଭାରତର ଶ୍ରେଷ୍ଠ ଉପାସ୍ୟ

Digitized by srujanika@gmail.com

ଦେବ । ଅନନ୍ତବର୍ମଚୋଡ଼ଗଙ୍ଗଦେବ ଓ ତାଙ୍କ ପୁଅ ନାତି, ଖ୍ରୀ ୧୨ଶ ଶତକରେ ବଡ଼ ବଡ଼ ଦେଉଳ ତୋଳାଇ, ମଠ ପ୍ରତିଷ୍ଠା କରି, ଏହା କରି ନ ଥିଲେ । ଏବେ ଐତିହାସିକମାନେ ବିଷୟଟିର ଯଥାର୍ଥ ଗବେଷଣା ନ କରି, ଏଇ ୧୨ ଶ ଶତକରେ ଏହା ଛତୁ ଫୁଟିଲା ପରି ହୋଇଯାଇଛି ବୋଲି ଲେଖିଲା ବେଳେ ସାହସିକତାରେ କହି ବସନ୍ତି । ତା ଯଥାର୍ଥ ନୁହେଁ । ହୋଇପାରେ, ସେଇ କାଳରୁ ଦକ୍ଷିଣାପଥ ବା ଦ୍ରାବିଡ଼ରେ ଏହା ବିଶେଷ ପ୍ରସିଦ୍ଧି ଲଭିଥିଲା । ମାତ୍ର ଏଠାରେ ମଧ୍ୟ ପୁଣି ଦେଖିବାର ଅଛି, ଆଜି ମଧ୍ୟ 'ଜଗନ୍ନାଥ' ଆର୍ଯ୍ୟାବର୍ତ୍ତର ଶ୍ରେଷ୍ଠ ଉପାସ୍ୟ । ଯାତ୍ରୀମାନେ ବଙ୍ଗ ଓ ଆର୍ଯ୍ୟାବର୍ତ୍ତରୁ ହିଁ ବିଶେଷ ଆସନ୍ତି । ଦାକ୍ଷିଣାତ୍ୟରେ ଜଗନ୍ନାଥଙ୍କ ପ୍ରତିଷ୍ଠା ଟିକିଏ ଊଣା । ତଥାପି, ପୁଣି ଦେଖିବାର ଅଛି, ଏଇ ଧାମକୁ ଭାରତର ଚାରୋଟି ମହାପୀଠରୁ ଗୋଟିଏ ବୋଲି ଜାଣି, ଚୋଡ଼ଗଙ୍ଗଙ୍କ ବହୁ ପୂର୍ବରୁ ଶଙ୍କରାଚାର୍ଯ୍ୟ ଦାକ୍ଷିଣାତ୍ୟର ସୀମନ୍ତରୁ ଆସି ଏଠାରେ ନିଜର ଶ୍ରେଷ୍ଠପୀଠ ସ୍ଥାପନ କରିଥିଲେ । ପୁଣି ଆଉ ଗୋଟିଏ କଥା ଓଡ଼ିଆର ପରମ୍ପରାରେ ଜାତିଭେଦ ନାହିଁ । ଆର୍ଯ୍ୟମାନଙ୍କ ଶତ ଚେଷ୍ଟା ସତ୍ତ୍ୱେ ଜଗନ୍ନାଥର 'ମହାପ୍ରସାଦ' କଥା ସମସ୍ତେ ଜାଣନ୍ତି । ଭୁବନେଶ୍ୱରର ଶିବ-ଦେଉଳରେ ହୁଏତ ତାର ଛାୟା ପଡ଼ିଛି । ତେଣୁ ମନ୍ଦିର ବେଢ଼ା ବାହାରେ ସେ ମହାପ୍ରସାଦର ପ୍ରତିଷ୍ଠା ନାହିଁ । ଏହା ବୈଦିକମାନଙ୍କ ଜ୍ଞାନୀ ଅଜ୍ଞାନୀ ଭେଦରେ ଓଡ଼ିଆ ସଭ୍ୟତା ସଙ୍ଗେ ସମାଧାନ । ପରେ ଦ୍ରାବିଡ଼ର 'ତିରୁମଲେ' ପର୍ବତରେ 'ତିରୁପତି ଭେଙ୍କଟେଶଙ୍କ' ପ୍ରତିଷ୍ଠାରେ ଜଗନ୍ନାଥଙ୍କ ଅନୁକରଣରେ ସେଇପରି 'ମହାପ୍ରସାଦ' ପ୍ରତିଷ୍ଠା କରି, ସେ ଧର୍ମକୁ ଜଗନ୍ନାଥ ଧର୍ମ ସଙ୍ଗେ ସମାନ ବୋଲି ଦେଖାଇବାର ଚେଷ୍ଟା କରିଛନ୍ତି । ସେଥିପାଇଁ 'ବେଙ୍କଟେଶ ମହାତ୍ମ୍ୟ'ରେ ଅଛି, 'ମହାପ୍ରସାଦ' ହୁଏ—

"ନୀଳାଦ୍ରୌ ଚୈବ ସ୍ୱର୍ଣ୍ଣାଦ୍ରୌ ତଥାଚ ବେଙ୍କଟାଚଲେ ।"

ଅର୍ଥାତ୍,—ନୀଳାଦ୍ରି ବା ଜଗନ୍ନାଥରେ, ସ୍ୱର୍ଣ୍ଣାଦ୍ରି ବା ଭୁବନେଶ୍ୱରରେ' ପୁଣି ବେଙ୍କଟାଚଳ ବା 'ତିରୁପତି' ( ଶ୍ରୀପତି ) ରେ । ଭାରତ ସାରା ଆଉ

Digitized by srujanika@gmail.com

କୁହାପି 'ଅନ୍ନ-ମହାପ୍ରସାଦ' ନାଇ, ବା ରଂଧା ଭାତ ଛଅଣ 'ମହାପ୍ରସାଦ' ବୋଲି ଜାତି ବର୍ଣ୍ଣ ନିର୍ବିଶେଷରେ ବିନା ସ୍ପର୍ଶ ଦୋଷରେ ଚଳେ ନାଇ । ଏଲ ତତ୍ତ୍ୱପଣ୍ଡରେ ମଧ୍ୟ ମନ୍ଦିର ସୀମା ବାହାରେ ଏ ଅନ୍ନ-ମହାପ୍ରସାଦର ପ୍ରତିଷ୍ଠା ନାହିଁ । ହେଲେହେଁ, ଏଠି ଏ ଚଳଣି ଅନନ୍ତବର୍ମଚୋଡ଼ଗଂଗଙ୍କ କାଳରୁ ବହୁ ପ୍ରାଚୀନ । ସେ କାଳେ ମଧ୍ୟ ଦ୍ରାବିଡରେ ଜଗନ୍ନାଥଙ୍କୁ ଅନୁକରଣ କରି ହେଉଥିଲା ପୁଣି 'ଜାତକ', 'ମହାବସ୍ତୁ', ଓ 'ଦୀଘନିକାୟ'ରେ ଅଛି ଶାକ୍ୟମୁନି ବୁଦ୍ଧଙ୍କ ବହୁଯୁଗ ପୂର୍ବରୁ କଳିଂଗ ରାଜ୍ୟ ପ୍ରତିଷ୍ଠିତ ଥିଲା—ଯେଉଁ କଳିଂଗର ରାଜଧାନୀ, 'ଦନ୍ତପୁର' । ପୁଣି ବୁଦ୍ଧ ନିଜେ ସେ ହିଁ ଏ ତନ୍ତ୍ର ସୂତ୍ରରେ କହିଚନ୍ତି, ଯେଉଁ ବାରଟି ଜାଗାରେ ସାଧନାର ପୂର୍ଣ୍ଣତା ବା ନିର୍ବାଣ ଲୋଡ଼ିବାକୁ ହେବ, ତା ଭିତରୁ ଗୋଟିଏ ହେଉଛି 'କଳିଂଗ'—(Watters' On 'Yuan Chwang --Vol. II., p 199—Royal Asiatic Society Edition—1905). କଳିଂଗ-ଓଡ଼ିଶାର ଏ ବଳିଷ୍ଠ ପ୍ରାଚୀନତା ବୁଝି ରଖି, ଓଡ଼ିଆ ସାହିତ୍ୟର ଆଲୋଚନା କରିବାକୁ ହେବ ।

## ଜଗନ୍ନାଥ, ମୈତ୍ରୀଦେବ

ଜଗନ୍ନାଥଙ୍କୁ ଅନେକେ ଏବେ କହନ୍ତି, ପତିତପାବନ । ଓଡ଼ିଆ-ସାହିତ୍ୟ ବୁଝିବାରେ ଏ ପୁଣି ଏକ ବିପତ୍ତି । ଏଇପରି କାଳରେ ଜମି-ଯାଇଥିବା ବହୁ ପଙ୍କ ଭିତରୁ ଓଡ଼ିଆ ସାହିତ୍ୟର ସ୍ୱରୂପ ଉଦ୍ଧାର କରି ବୁଝିବାକୁ ହେବ । ଜଗନ୍ନାଥ ହେଉଛନ୍ତି, ମୈତ୍ରୀ-ଦେବ । ତାଙ୍କ ପାଖେ କେହି ପତିତ ନୁହେଁ, କେହି ଉନ୍ନତ ନୁହେଁ । ଆଦିମ ବୁଦ୍ଧଧର୍ମରେ କାମନା ନାଶ କରିବାଇ ନିର୍ବାଣର ଥିଲା, ପରମ ସାଧନା । ଏହାର ଉପାୟ ଥିଲା, ଅନ୍ୟର କାମନାକୁ ସବୁବେଳେ ଗୃହଁକା ଓ ଆଦର କରିବା । ସେଥିପାଇଁ ସମାଜର ସମସ୍ତ ମାନବ, ଏପରିକି ଜୀବମାତ୍ରେ ଥିଲେ, ବ୍ୟକ୍ତିର ଯେପରିକି ଆରାଧ୍ୟ । ବିଶ୍ୱ, ଦରକାର ଥିଲା ବ୍ୟକ୍ତିର ନିର୍ବାଣ ପାଇଁ—ବା ବ୍ୟକ୍ତିପାଇଁ । ଏହା ହିଁ ହେଉଛି ମୈତ୍ରୀ । ଜଗନ୍ନାଥ ଏଇ ମୈତ୍ରୀର ପ୍ରତୀକ । ଏଇ ମୈତ୍ରୀ

Digitized by srujanika@gmail.com

ଧର୍ମକୁ ବର୍ଣ୍ଣନା କରି 'ଅଚ୍ୟୁତାନନ୍ଦ ଦାସ', 'ଛୟାଳିଶ ପଟଳ' ଗ୍ରନ୍ଥର ଷଂଶ ପଟଳରେ କହିଛନ୍ତି ।

"ଏ ବ୍ରହ୍ମାଣ୍ଡେ ଜଳ ଯେବେ କରଇ ବର୍ଷଣ ।
ସମସ୍ତ ସ୍ଥାନେ ପଡ଼ଇ ହୋଇଣ ସମାନ ।୧୦।
ଜଳ ସମ ଧର୍ମ ଯେବେ କରିପାରୁ ବାରୁ ।
ଅଣରୂପ ପୂର୍ଣ୍ଣବ୍ରହ୍ମ ଭକ୍ତ ବୋଲାଇବୁ ।୧୧।"

ଏଇପରି ଚନ୍ଦ୍ର ସୂର୍ଯ୍ୟ ଯେପରି ଉଚ୍ଚ ନୀଚ ଆଦି ସର୍ବତ୍ର ସମାନ କିରଣ ଦେଇ ଅଲେଖ ଧର୍ମ କରନ୍ତି; ପବନ ଯେପରି ବାସ, ଗନ୍ଧ ସବୁ ବୋହି ନିଅନ୍ତି; ଅଗ୍ନି ଯେପରି 'ଭଲମନ୍ଦ ଏକା ଭାବି ସକଳ ଭକ୍ଷଇ' ଓ 'ନର, ପଶୁ, ଜନ୍ତୁ, ତୃଣ କାଠ ଯେ ପତଙ୍ଗ, ଖାଦ୍ୟ ଅଖାଦ୍ୟ ଅମେଧ ଭକ୍ଷେ ସର୍ବ ଅଙ୍ଗ', ସେଇ ଅଗ୍ନି ପରି 'ଧର୍ମାଧର୍ମ ଭେଦାଭେଦ' ଭୁଲି ଆଚରଣ କଲେ 'ମହାବ୍ରହ୍ମ', 'ଅଲେଖ' ଓ 'ଅଣାକାର' ମିଳନ୍ତି ବୋଲି ବହୁତ ବୁଝାଇ କୁହାହୋଇଛି । ଏଇପରି ଧର୍ମ ଆଚରଣ କଲେ ଏକା 'ନିର୍ବାଣ' ହେବ ବୋଲି ପୁଣି ସ୍ପଷ୍ଟ କହିଛନ୍ତି । ( ଏଜନ୍ ୬୫.୬୬ ପଦ ଦେଖ ) ।

## ଦାର୍ଢ୍ୟତାଭକ୍ତି—ଓଡ଼ିଆରେ ଲେଖା ବଙ୍ଗଳା ସାହିତ୍ୟ

ତଥାପି ଦେଖିବାର ଅଛି, ଓଡ଼ିଶାରେ 'ପତିତପାବନ'-ଭାବ ଖୁବ୍ ପୁରାଇ ଦିଆ ହୋଇଛି । 'ଦାର୍ଢ୍ୟତାଭକ୍ତି' ପରି ଅପସାହିତ୍ୟ ମଧ୍ୟ ଲେଖା ହୋଇଛି; ଓ ଏବେ ବି ତାର ସବୁ ଅଧ୍ୟାୟ ଲେଖା ହୁଏତ ଶେଷ ହୋଇନାହିଁ—ସେଥିରେ ଅଧ୍ୟାୟ ଯୋଡ଼ା ହେଉଛି । ସେଇ ଗ୍ରନ୍ଥଟି ପୁଣି ଓଡ଼ିଆ-ସାହିତ୍ୟର ଆଦର୍ଶ ଭକ୍ତି ଗ୍ରନ୍ଥ ବୋଲି ବଙ୍ଗଳାରେ ଅନୁବାଦ କରି ହୋଇ 'ଭକ୍ତେର ଜୟ' (ଶ୍ରୀ ସ୍ୱାମୀ ଅତୁଳ କୃଷ୍ଣ ପ୍ରଣୀତ) ନାମରେ ସେ ଭୂମିରେ ଓଡ଼ିଆ ସାହିତ୍ୟକୁ ବଙ୍ଗଳାର ଅନୁକରଣ ମାତ୍ର ବୋଲି ପ୍ରଚାର କରିବାରେ ସାମଗ୍ରୀ ଯୋଗାଉଛି । ଦରକାରବେଳେ ତେଣୁ ବଙ୍ଗଳାରୁ ଉଦାହରଣ ନ ଦେଇ, ସେଇ 'ଦାର୍ଢ୍ୟତାଭକ୍ତି'ରୁ ଉଦାହରଣ ଦେଇ କହିଲେ ଚଳିବ । ଦାର୍ଢ୍ୟତାଭକ୍ତି ପରି ଗ୍ରନ୍ଥ, ଭାଷାରେ ଓଡ଼ିଆ ହେଲେହେଁ, ଏହା ଓଡ଼ିଆ-ସାହିତ୍ୟ ଗ୍ରନ୍ଥ ନୁହେଁ—ଏହା ପୁରାପୁରି ବଙ୍ଗଳା ସାହିତ୍ୟ ଗ୍ରନ୍ଥ । ଏଥିରେ

Digitized by srujanika@gmail.com

ବଙ୍ଗଳା 'ପତିତପାବନ ଧର୍ମ'ର ସ୍ପଷ୍ଟ ଓ ସୁନ୍ଦର ଚିତ୍ର ଅଛି । ଓଡ଼ିଆର ପୁରୁଷୋତ୍ତମ-ମୈତ୍ରୀଧର୍ମ ଏଥିରେ ନାଇ ।

## ମହାଯାନ ଓ କରୁଣା

ପ୍ରାଚୀନ ବୌଦ୍ଧ ସାଧନାର ମୈତ୍ରୀ ଧର୍ମକୁ ଶାକ୍ୟମୁନି ବୁଦ୍ଧ, ମଗଧ ଅଂଚଳରେ ପୁଣି ପ୍ରତିଷ୍ଠା କରିବାରେ କେତେ କୃତୀ ହୋଇଥିଲେ, ସେ କଥାର ବିଶେଷ ଆଲୋଚନା ଏଠି ଦରକାର ନାଇ । ସମାଜକୁ ଆଦର୍ଶ ଦେବା-ପାଇଁ ସେ ସଂଘର ପ୍ରତିଷ୍ଠା କରିଥିଲେ । ଏଇ ସଂଘରେ ଭିକ୍ଷୁ ଓ ଭିକ୍ଷୁଣୀ-ମାନେ, ସେଇ ବୁଦ୍ଧଙ୍କ ନାମ ପର୍ଯ୍ୟନ୍ତ ଭୁଲି ଅନେକାଂଶରେ ଆଚାର ଭ୍ରଷ୍ଟ ହେଲେ । ସମାଜର ଆଚରଣ, ସଂଘକୁ ମଧ୍ୟ ଗ୍ରାସ କଲା । ଦେଖାଯାଏ, ପ୍ରାୟ ୨୦୦ ବର୍ଷ ନ ଯାଉଣୁ ଭିକ୍ଷୁ ଓ ଭିକ୍ଷୁଣୀମାନେ ଏକାଭିପ୍ରାୟୀ ( ଏକାଭିପ୍ରାୟୀ ) ହୋଇ ଏକାନ୍ତ ଦେଶ-ଚିନ୍ତନରେ ମାତିଲେ । କ୍ରମେ ଏ ରୋଗ ବଢ଼ିଲା— ସମ୍ଭାଳା ଗଲା ନାଇ । କ୍ରମେ ଦେଖାଗଲା, ସମାଜକୁ ଶୁଦ୍ଧମନ୍ତ ରଖିବାର କର୍ତ୍ତବ୍ୟ ନ ସୁଝିଲେ ଆଉ ଚଳି ନାଇ । ସେଥିପାଇଁ ଅନେକ ମନୀଷୀ ସଂସ୍କାରକ ବାହାରିଲେ । ସେଥି ଭିତରେ ନାଗାର୍ଜ୍ଜୁନ ପ୍ରଧାନ । ତାଙ୍କ ନୂତନ ସ୍ରୋତର ନାମ 'ମହାଯାନ' । କହନ୍ତି, ନାଗାର୍ଜ୍ଜୁନ କୋଶଳର ଲୋକ । ସେ ନୂତନ ମତ ପ୍ରଚାର କଲେ, ପୁରୁଷପୁର (ପେଶାୱାର)ରୁ । ତକ୍ଷଶିଳା । ଉଚ୍ଚତ, କୋଶଳ ତଥା ପେଶାୱାର ଯାଏ ହିମାଳୟର ତଟ-ଭୂମିରେ—ନାଳନ୍ଦାଠୁ ତକ୍ଷଶିଳା ଯାଏ—ନୂନାଧିକ ଏଇ ଧର୍ମ ପ୍ରତିଷ୍ଠିତ ଥିଲା । ବାନ୍ୟ ବଂଗ ମଧ୍ୟେ ଥିଲା, ତାର କେନ୍ଦ୍ର । ସେ ଯା ହେଉ, ଜୀନ ବୌଦ୍ଧ ପ୍ରତି ଦୃଷ୍ଟି ଫେରାଇବାର ଏଇ ଉଦ୍ୟମରେ ଯେଉଁ ନୂଆ ପ୍ରତ୍ୟୟଟି ଫୁଟିଲା, ସେ ହେଉଛି, ମୈତ୍ରୀ ନୁହେଁ, କରୁଣା । କେହି ଜଣେ ବୁଦ୍ଧ ହୋଇ ଆପଣା ପାଇଁ ଆପେ 'ନିର୍ବାଣ' ଲାଭ କଲେ ହେବ ନାଇ । ଜଗତର ଗୋଟିଏ ଜନ୍ତୁ ନିର୍ବାଣ ଲାଭ ନ କରି ବାକୀ ଥିବାଯାଏ, କୌଣସି ସିଦ୍ଧ ପୁରୁଷର ନିଜେ 'ନିର୍ବାଣ' ଲାଭ କରିବାର ଅଧିକାର ନାଇ । ସେ ନିର୍ବା-ଣରେ ଅନାକାଂକ୍ଷୀ ହୋଇ ବିଶ୍ୱ ଲୋକ ପ୍ରତି କରୁଣା ହେତୁରୁ ଅପେକ୍ଷା କରି ରହିବ, ଓ ଅନ୍ୟମାନଙ୍କର ନିର୍ବାଣ ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିବ ।

Digitized by srujanika@gmail.com

## ପୂର୍ବ ଭାରତରେ କରୁଣାର ପରିଣାମ

ଏହି କରୁଣାର ଦୁର୍ବଳତା ସଙ୍ଗେ ଧର୍ମର ଯେ ସଂସ୍କାର କଳ୍ପନା କରାଯାଇଥିଲା, ମଗଧ ଓ ବଙ୍ଗରେ ତାର ଅତ୍ୟନ୍ତ କୁଫଳ ଫଳିଲା । କ୍ରମେ ଶୂନ୍ୟବାଦରେ ଶୂନ୍ୟ ହେଲେ ପୁରୁଷ, କରୁଣା ହେଲେ ତାଙ୍କ ନାରୀ । ନିର୍ବାଣ ନ ନେଇ ବୁଦ୍ଧମାନେ ଧ୍ୟାନୀ ବୁଦ୍ଧରୂପେ ପ୍ରକାଶ ପାଇଲେ । ତାଙ୍କର ଗୋଟିଏ ଗୋଟିଏ ଶକ୍ତି କଳ୍ପିତ ହେଲେ । ସେଥିରେ ନାରୀ ପୁରୁଷର ଯୁଗଳ ମୂର୍ତ୍ତି ବା ଯୁଗନଦ୍ଧ ମୂର୍ତ୍ତି ଦେଖା ଦେଲେ । ( ଏହି ଯୁଗନଦ୍ଧ ମୂର୍ତ୍ତିର ଶୈବ ସଂସ୍କରଣ ହେଉଛନ୍ତି, ପରବର୍ତ୍ତୀ 'ଅର୍ଦ୍ଧନାରୀଶ୍ୱର' ମହାଦେବ ଓ ବୈଷ୍ଣବ ସଂସ୍କରଣ ହେଉଛି, ରାଧାକୃଷ୍ଣ ଯୁଗଳ ମୂର୍ତ୍ତି । ) ସଙ୍ଗ ଓ ଶ୍ରେଷ୍ଠ ସାଧକମାନେ ବାହାର କରୁଣା ଧର ହେଲେ, ପତିତପାବନ । ଉପାସ୍ୟ ବି ହେଲେ ପତିତପାବନ । ଏହି ପତିତଙ୍କ ଭିତରେ ନାରୀ ହେଲେ, ଶ୍ରେଷ୍ଠ ପତିତ ଶ୍ରେଣୀ । ସେ ଅବଳା । ତାଙ୍କର କିଛି ସାଧନା ନାହିଁ । ତାଙ୍କର ଉଦ୍ଧାର ଲାଗି ସବୁ ସିଦ୍ଧ ସାଧକଙ୍କୁ ଏବେ ବେଶ୍ ସୁବିଧା ମିଳିଲା । ନିର୍ବାଣ ଲଭ ଯାଏ ତ ଯିବା ଆଉ ଦରକାର ନାହିଁ । ସମସ୍ତେ ଅଦ୍ଭୁତ କ୍ରିୟା ଓ 'ମହାସୁଖ' ଖୋଜିଲେ । ପତିତା ନାରୀଙ୍କୁ ମଧ୍ୟ ସେହି ମହାସୁଖ ଦେଇ 'ସହଜାନନ୍ଦ' ପ୍ରଭୃତି, ଆନନ୍ଦ ଲାଭର ସ୍ରୋତ ଛୁଟିଲା । (ପୂର୍ବେ ପୃଷ୍ଠା ୧୪୬-୧୪୭ ଦେଖ । ) ମହାଯାନରୁ ବଜ୍ରଯାନ, ତହୁଁ ସହଜ ଯାନ ମନକୁ ବାହାର ପଡ଼ିଲା । ସେଥିରୁ ବାହାରିଲେ, ଗୌଡ଼ୀୟ ବୈଷ୍ଣବ । ଅନ୍ୟଆଡ଼େ, ଧ୍ୟାନୀ ବୁଦ୍ଧର ଶକ୍ତି ଯୋଗରେ 'କୁଳ'ମାନ ପ୍ରକାଶ ପାଇଥିଲା । ସେଥିରୁ ବାହାରିଲା, ଧର୍ମତନ୍ତ୍ର । ଏହି ତାନ୍ତ୍ରିକମାନେ ହେଲେ 'କୌଳ' । ବଙ୍ଗାଳୀ ବ୍ରାହ୍ମଣଙ୍କ 'କୁଳୀନ' କଥାଟି ମଧ୍ୟ ଏଇଥିରୁ ବାହାରିଛି । ଏବେ ବି ବଙ୍ଗଳାରେ ବଚନ ଅଛି—

"ଅନ୍ତଃ ଶାକ୍ତା, ବାହ୍ୟଃ ଶୈବାଃ, ସଭାୟାଂ ବୈଷ୍ଣବା ମତାଃ ।
ନାନାରୂପଧରାଃ କୌଳା ବିଚରନ୍ତି ମହୀତଳେ ।"

ଅର୍ଥାତ୍, ଭିତରେ ଶାକ୍ତ (ପଞ୍ଚ-ମ-କାର-ସେବୀ), ବାହାରେ ଶୈବ ( ଊର୍ଦ୍ଧ୍ୱରେତା ଯୋଗୀ ), ସଭାରେ ବୈଷ୍ଣବ ( ଜୀବେ ଦୟା ପରାୟଣ

Digitized by srujanika@gmail.com

ନଗ୍ନଦୋଷୀ )—ଏହିପରି ନାନା ରୂପ ଧରି କୌଳ ବା କୁଳୀନମାନେ ଦେଶସାରା ବୁଲୁଛନ୍ତି । ଧର୍ମ ନାମରେ ଇନ୍ଦ୍ରିୟ ସେବା ସାଧାରଣ ହେବାରୁ, ମୂର୍ଖମାନଙ୍କ ଭିତରେ ଏହିପରି ମିଥ୍ୟାଗୁରୁ, ପ୍ରବଂଚନା ପ୍ରଭୃତି ବେଶି ଯାଇଥିଲା ।

## ଗୌଡ଼ୀୟ ବୈଷ୍ଣବଙ୍କ ବିନୟର କଦର୍ଯ୍ୟତା

ସ୍ୱଭାବରେ ଏହି ମିଥ୍ୟାଗୁରୁ ଗୌଡ଼ୀୟ ବୈଷ୍ଣବଙ୍କ ବିନୟରେ ଅତି ମାତ୍ରାରେ ଦେଖାଯାଏ । ସେମାନେ ପତିତପାବନଙ୍କ ଉପାସକ । ଅତଏବ ସେ ପତିତ । ସେ ଯେତେ ପତିତ ହୋଇ ପାରିବେ, ସେତେ ଭକ୍ତ ହେବେ ଓ ତାଙ୍କ କୃଷ୍ଣ ତାଙ୍କୁ ସେତେ ଆଦରିବେ । ଏହି ହେଲା, ମୂଳର ଭାବ । ତହିଁରୁ ସେମାନଙ୍କର ଯେଉଁ ବିନୟ-ଶ୍ରେଣୀ ପ୍ରକାଶ ପାଏ, ତା ଅନେକେ ଦେଖିଥିବେ । ଯେପରି କି ଚଳନ୍ତିର କଥା ଗୁଡ଼ାକ କୃଷ୍ଣ ଶୁଣି କରି ଭକ୍ତ ମାପନ୍ତି । କଥା କହିଲାବେଳେ ସତେ ଯେପରି ତାଙ୍କଠାରୁ ହୀନ, ନ୍ୟୂନ, ପତିତ, ଅଜ୍ଞ ଏ ଜଗତରେ କେହି ନାହିଁ । କୃଷ୍ଣଙ୍କ କରୁଣା ଯଦି ଅଛି, ତେବେ ତାଙ୍କର ପାଖେ ଯେପରି କି ତା ଅଗ ପଦ୍ମଂଚନ । ଏ ସମ୍ବନ୍ଧରେ ଶାକ୍ତ ବ୍ରାହ୍ମଣେ ଗୌଡ଼ୀୟ ବୈଷ୍ଣବଙ୍କ ହୀନତାକୁ ଓ ହୀନତା ସଂଗେ ଯୌନ-ଆସକ୍ତିକୁ ଲକ୍ଷ୍ୟକରି ଗୋଟିଏ ବିଦ୍ରୂପ ଶ୍ଳୋକ ବୋଲନ୍ତି । ତାହା ଏହି—

"କେୟୂଯଂ ? ହରି-ପାଦ-ସେବକ-ବଧୂବୃନ୍ଦ-ମଧ୍ୟୋଲ୍ଲସତ୍-
ଛିଦ୍ରୋପାନ୍ତ-ନିରୂଢ଼-ରୋମ-ଲତିକା-ଲକ୍ଷ୍ୟା; ଭବନ୍ତଃ କେ ?
ଶ୍ରୀମଦ୍‌ବୈଷ୍ଣବ-ଶିଶ୍ନ-ନାଳ-ବିଗଳନ୍ମୂତ୍ରପ୍ରବାହୋଲ୍ଲସତ୍-
ଦୂର୍ବା-ଚର୍ବଣ-ସୂକ୍ଷ୍ମ-ରାସଭ-ଶକୃତ୍-କୀଟାନୁକୀଟା ବୟଂ ।"

ଏହାର ଅର୍ଥ—( ଦୁଇଜଣ ବୈଷ୍ଣବଙ୍କ ଭେଟ ହେବାରେ ସେ ଦୁହେଁ ପରସ୍ପରର ପରିଚୟ ପଚାରୁଛନ୍ତି ଓ ଦେଉଛନ୍ତି )—ପ୍ରଶ୍ନ—ଆପଣ କିଏ ? ଉତ୍ତର—ହରି-ପାଦ-ସେବକ-ବଧୂ ( ବୈଷ୍ଣବୀ ବା ମାତା )ଙ୍କ ଦୁଇଜଂଘ ସନ୍ଧିରେ ଥାଏ ଯେଉଁ ଛିଦ୍ର, ତା ପାଖେ ଉଠି ଲଟେଇ ଥିବା

Digitized by srujanika@gmail.com

ପ୍ରେମରେ ଥାଏ ଯେଉଁ ଲକ୍ଷ୍ୟ ( ଉତ୍କର୍ଷ ଚିହ୍ନ ), ମୁଁ ସେଇ ।—ଆପଣ କିଏ ?—ବୈଷ୍ଣବଙ୍କ ଶିଙ୍ଗ-ନାଳରୁ ଗଡ଼ୁଥିବା ମୃଦୁସ୍ୱର ଧ୍ୱନିରେ ଉଠେ ପଲ୍ଲବ ଥାଏ ଯେଉଁ ଦୂରତ୍ୱ, ତାକୁ ଟପିବାକୁ ଖାଇ ବଢ଼ିଥାଏ ଯେଉଁ ଗନ୍ଧ, ତାର ଯେ ବାସ୍ତୁ, ସେଥିରେ ଜନ୍ମିଥାଏ ଯେ ପୋକ, ସେଇ ପୋକକୁ ପୂର୍ଣ୍ଣ ଦେଖାଉଥାଏ ଯେଉଁ ଫୋକ, ମୁଁ ସେଇ ।

## ଏ ଦୀନତାରେ ଯଥାର୍ଥ 'ବିନୟ' ନାଇ

ଗୌଡ଼ୀୟ ବୈଷ୍ଣବଙ୍କର ଏ ମନ୍ତ୍ର ଦୀନତାର ବାହ୍ୟାନା ଖାଲି ଗୋଟିଏ ପ୍ରଦର୍ଶନ କହିଲେ ହୁଏ । ଯଥାର୍ଥ ହୃଦୟ ଓ ଚଳଣିରେ ଏହାର ସ୍ଥାନ ନାଇ । ଗୌଡ଼ୀୟ ବୈଷ୍ଣବଙ୍କ ପରି ଅହଂକାରୀ, ମାନବ ଜଗତରେ ଅଳ୍ପ ଦେଖିଯାନ୍ତି । ନିଜକୁ ଭଗବାନଙ୍କ ଭକ୍ତ ଓ ପ୍ରିୟ ବୋଲି ବିଗ୍ରହ ସେମାନେ ଅନ୍ୟକୁ ଅଭକ୍ତ ଓ ନରକର ଅଧିକାରୀ ବୋଲି ମନେ କରନ୍ତି । ଏଇ ବୈଷ୍ଣବଙ୍କ ଗୁରୁ, ଗୋସ୍ୱାମୀମାନଙ୍କ ଆଗ ପୂର୍ଣ୍ଣ କହିଲେ ନ ସରେ । ତାଙ୍କର 'କାମଗାୟତ୍ରୀ' ଓ ଗୋପୀଙ୍କ ସ୍ୱରେ ଯେ କୃଷ୍ଣଙ୍କୁ ନ ଭଜେ, ତା ପ୍ରତି ତାଙ୍କ ଘୃଣା ଓ ମତ୍ତତା ପୂର୍ଣ୍ଣ ମତବାଦ ଖ୍ରୀଷ୍ଟାନ ଓ ମୁସଲମାନଙ୍କ ଅସହିଷ୍ଣୁତାକୁ ବଳିଲା । ଏହା କାହାରେ ସେତେ ହଂସାଦରେ ପ୍ରକାଶ ପାଏ ନାଇ । ଏତିକି ଯା ପ୍ରଭେଦ । ତା ନ ହେଲେ ଭକ୍ତର ଭଗବାନଙ୍କ ପ୍ରିୟ, ଦ୍ୱୈତ-ଧର୍ମୀର ସବୁ ଦୁର୍ଗୁଣ ତାଙ୍କ ସ୍ୱଭାବରେ ଅଛି । ଗୁରୁ ଓ ଗୋସ୍ୱାମୀଙ୍କ କଥା ପରେ ପ୍ରସଂଗକ୍ରମରେ କୁହାଯାଇଛି । ଚୈତନ୍ୟ, ଜଗନ୍ନାଥଦେବଙ୍କୁ 'ଦାରୁବ୍ରହ୍ମ' କହି, ଓଡ଼ିଆଙ୍କ 'ଯୁଗଳ ଗାୟତ୍ରୀ' ଆଦର କରି ଜଗନ୍ନାଥ-ଧାମରେ ରହିବାକୁ ଠିକ୍ କରିବାରୁ, ତାଙ୍କ ବଙ୍ଗୀୟ ଶିଷ୍ୟମାନେ ସେଇ ଚୈତନ୍ୟଙ୍କୁ ମଧ୍ୟ ଘୃଣା ଓ ଅନାଦର କରି ନିଜ ଅଙ୍ଗରେ କପଟ ଚୈତନ୍ୟ ଓ ଜଗନ୍ନାଥଙ୍କୁ ଛାଡ଼ି ବୃନ୍ଦାବନ ଆଶ୍ରୟ କରିଥିଲେ, ସେ କଥାର ଟିକିଏ ଆଭାସ ଦିଆଯାଇଛି (ପୂର୍ବେ ପୃ ୨୦୦ ଦେଖ) । ପରଂପରାରେ ସେ ବୀଜରୁ ତାଳପତ୍ର ମେଇ ବାହାରିଛି । ଏଟି ଅଭି ବିଶେଷ ନ କହି, ଅନୁଭବରୁ ଗୋଟିଏ କଥା କୁହା ହେଉଛି ।

Digitized by srujanika@gmail.com

# ଗୌଡ଼ୀୟ ବୈଷ୍ଣବ ଧର୍ମ ପ୍ରଚାର

ମୁଁ ଥାଏ ଜଣେ ବନ୍ଧୁଙ୍କ ଘରେ । ବନ୍ଧୁ ଜଣେ ବିଚକ୍ଷଣ ଲୋକ । ତାଙ୍କ ଘରେ ତାଙ୍କ ପତ୍ନୀ ପ୍ରସାଦ ଥାନ୍ତି । ସେ ବଂଗାଳୀ । ବଂଗାଳୀ, ବିଶେଷତଃ ବଂଗାଳୁଣୀଏ ସାଧାରଣତଃ ବୈଷ୍ଣବ ସେବା ଓ ଭକ୍ତିରେ ଖୁବ୍ ଆଦର ଦେଖାନ୍ତି— ବିଶେଷତଃ ବଡଲୋକଙ୍କ ଘରେ । ଦିନେ ଜଣେ ଗୀତା-ନାମାବଳୀଧାରୀ ବୈଷ୍ଣବ ଆସିଲେ, ହାତେ ପୁସ୍ତକ ସଙ୍ଗେ ଧରି । ସେ ଆସି ବସିଲେ, କହିଲେ, ସେ ଭାଗବତମତେ ଧର୍ମବ୍ୟାଖ୍ୟା ଶୁଣାଇବେ । ଅବଶ୍ୟ ଶୁଣାଇବାର ମୂଲ୍ୟନେବା କଥାଟା ଉହ୍ୟ ରହିଲା । ବଂଗଳାର କଥକମାନେ ପରଂପରରେ ଏହାହିଁ କରନ୍ତି । ଏ ବୈଷ୍ଣବଙ୍କ କଥାରୁ ଠିକ୍ କଥକ ନ ଥିଲେ । ତଥାପି ଆମେ କହିଲୁ, ଆମର ତାଙ୍କଠୁଁ ଭାଗବତଧର୍ମ ଶୁଣିବାର ଇଚ୍ଛା ବା ଅବକାଶ ନାହିଁ । ତହୁଁ ସେ ଗୃହିଣୀ ଓ ପିଲାପିଲିଙ୍କୁ ଭାଗବତ-ଧର୍ମ ଶୁଣାଇବାର ପ୍ରସ୍ତାବ କାଢ଼ିଲେ ଓ ବଡ଼ ଜିଦ୍‌କରି କହିଲେ । ଆମେ କହିଲୁ, 'ଅଚ୍ଛା, ଆପଣ ଯେ ଭାଗବତ-ଧର୍ମ ଜାଣନ୍ତି, ଆଉ ଯାହା ଜାଣନ୍ତି, ତା ଯେ ଠିକ୍ ଭାଗବତ ଧର୍ମ, ପୁଣି ଆମକୁ ଆପଣ ଯେ ଭାଗବତ-ଧର୍ମ ଶୁଣାଇ ପାରିବେ, ଏସବୁ କୃତିତ୍ୱ ଓ ଦକ୍ଷତା ଆପଣଙ୍କର ଅଛି ବୋଲି ପ୍ରମାଣ କି ? —ବୈଷ୍ଣବ ହୋଇ ଆପଣ ବାକ୍ୟରେ ତ ବହୁତ ନିଜର ନ୍ୟୂନତା ଦେଖାଉଛନ୍ତି, ତଥାପି ଆପଣଙ୍କର ଆମ ଭଳି ଲୋକଙ୍କୁ ଶୁଣାଇ ଶିଖାଇବାର ଦକ୍ଷତା ଅଛି ବୋଲି ଯେ ଅହଂକାର ଓ ସ୍ପର୍ଧା ପ୍ରକାଶ କରୁଛନ୍ତି, ତା ତ ଏ ନ୍ୟୂନତାର ଅନୁକୂଳ ନୁହେଁ । ଆପଣ କଣ ଏ ଜଗତରେ ସମସ୍ତଙ୍କ ଶିକ୍ଷକ ଆସନକୁ ଉଠି ଯାଇଛନ୍ତି, ଓ ସମସ୍ତଙ୍କୁ ଶିକ୍ଷା ଦେଇ ପାରିବେ ବୋଲି ବିଚାରନ୍ତି ? ଆପଣ ଏପରି ଜ୍ଞାନ ଯେ ନିଜକୁ ନାହିଁ । ଏହା ତ ଧାର୍ମିକର ବରଣୀୟ ନୁହେଁ ।' ଏହିଭଳି କେତେ କଥା ମୁଁ ପ୍ରଶ୍ନଚ୍ଛଳରେ କହିବା ପରେ କ୍ରମେ ବୈଷ୍ଣବପୁଂଗବଙ୍କ ବିନୟର ଓଢ଼ଣୀଟି ଖସି ପଡ଼ିଲା । ସେ ନିଜ ସ୍ୱରୂପ ପ୍ରକାଶ କଲେ । ଆମ ଧର୍ମକୁ ଆମେ ନିନ୍ଦା କରୁଛୁ ବୋଲି ଆପତ୍ତିରୁ କ୍ରମେ କ୍ରୋଧ, ଓ କ୍ରୋଧରୁ ଅଭିଶାପ

Digitized by srujanika@gmail.com

ଯାଏ ମାମଲତ୍ ଉଠିଲା । ଉଚ୍ଚବାଚ ଶୁଣି ଗୃହିଣୀ ଆସିଲେ । ବୈଷ୍ଣବୀୟ କ୍ରୋଧ ଓ ଶାପରେ ପିଲାପିଲାଙ୍କ ଅମଙ୍ଗଳ ଶଙ୍କା ତାଙ୍କୁ ଦେଖାଗଲା । ଭକ୍ତଙ୍କର ତ ଭଗବାନ୍ । ସେ ତ ଅମର ନୁହନ୍ତି । ଭକ୍ତଙ୍କ ଅନାଦର ଓ ଅପମାନ ହେଲେ, ସେ କ୍ଷମା କରି ନ ପାରନ୍ତି । ସେଥିପାଇଁ ଆମର ବୁଦ୍ଧିରୁ ନ ଯାଇ 'ଦାଢ଼ୀଧାରୀ ଭକ୍ତ'ର ଯେ କୌଣସି ପୂଜା ଫିଟାଇ ଦେଲେ ହେଲା । ଶେଷକୁ କୌଣସିମତେ କିଛି ପ୍ରଣାମୀରେ ବୈଷ୍ଣବଙ୍କୁ ଯାତ୍ରା କରାଗଲା । ପରେ ସେ ଆସି ଧର୍ମ ବ୍ୟାଖ୍ୟା କଲେ କି ନା, ମୁଁ ଜାଣେ ନାହିଁ । ମୁଁ ଅନ୍ୟତ୍ର ଚାଲିଲି ହୁଏତ ସେ ଦିନ ରକ୍ଷା ପାଇ ଯାଇଥିଲି ।

## ଆଉ ଗୋଟିଏ କଥା—ଭାଷା

ବଙ୍ଗାଳୀମାନଙ୍କ ତଥା ଗୌଡ଼ୀୟ ବୈଷ୍ଣବଧର୍ମର ବିଜୟ ଅଭିଯାନରେ ଦର୍ପର ଆଉ ଗୋଟିଏ ସଙ୍କେତ ହେଉଛି ବଙ୍ଗଳା ଭାଷା । ଓଡ଼ିଆଙ୍କର ନେପାଳରୁ ଯେଉଁ ପ୍ରାଚୀନ ଚର୍ଯ୍ୟାଗୀତ ଓ ଦୋହାଁ ମିଳିଛି, ତା ସେ କାଳ ଓଡ଼ିଆ । ତଥାପି ବଙ୍ଗାଳୀଏ ଦାବୀ କରନ୍ତି, ତା ବଙ୍ଗଳା । ମାତ୍ର ସେ କାଳରେ ବଙ୍ଗଳା, ଓଡ଼ିଆ ଭିତରେ ସାମାନ୍ୟ ଉଚ୍ଚାରଣ ଭେଦ ଛଡ଼ା, ଆଉ ବିଶେଷ ବାଛବାର ନାହିଁ । ପୁଣି ସେ ଓଡ଼ିଆମାନେ ସେ କାଳେ ଯାଇ ବାଙ୍ଗଭୂମିରେ ଧର୍ମରେ ବଙ୍ଗାଳୀ ହେଉଥିଲେ । ତାଙ୍କ କଥା ଛାଡ଼ । ଇତିହାସ କାଳରେ ମଧ୍ୟ, ଚୈତନ୍ୟ ନିଜେ ଠିକ୍ କି ଭାଷା ବ୍ୟବହାର କରୁଥିଲେ, ଜଣା ନାହିଁ । ତାଙ୍କ ସରଥିଲା, ସାମାଜିକ ଭାବରେ ଓଡ଼ିଆ ଘର । ସେ ବି ଓଡ଼ିଆ ବୈଷ୍ଣବ-ଧର୍ମ ଓ ଜଗନ୍ନାଥଙ୍କ ପ୍ରତି ଖୁବ୍ ଆଦର ଦେଖାଉଥିଲେ । ମାତ୍ର ତାଙ୍କ ପରେ—ବିଶେଷତଃ ପରାଧୀନ ଓଡ଼ିଶାରେ—ପଶିଲେ ଗୌଡ଼ୀୟ ବୈଷ୍ଣବ ଓ ବଙ୍ଗାଳୀ ତାନ୍ତ୍ରିକ । ତାନ୍ତ୍ରିକମାନେ ବିଶେଷରେ ସଂସ୍କୃତ ଭାଷାକୁ ଧରିଥିଲେ । ଗୌଡ଼ୀୟ ବୈଷ୍ଣବେ ଭର୍ତ୍ତି କଲେ ବଙ୍ଗଳା । ଏବେ ମଧ୍ୟ ଓଡ଼ିଆଏ ଗ୍ରାମରେ ବାଙ୍ଗା ବଙ୍ଗଳାରେ ସଂକୀର୍ତ୍ତନ କରନ୍ତି । ସେଇପରି ବାଙ୍ଗା ବଙ୍ଗଳା ମିଶା ଭାଷାରେ ପାଲା ମଧ୍ୟ ଓଡ଼ିଶାରେ ବୋଲାହୁଏ । ବଙ୍ଗଳାର ସାହିତ୍ୟ ଓ ସଭ୍ୟତାକୁ

Digitized by srujanika@gmail.com

ଛାପି ଭର୍ତ୍ତି କରିବାର ଏ ଅଉ ଗୋଟିଏ ଫନ୍ଦି । ଏବେ ସେଦିନ ମଧ୍ୟ ଓଡ଼ିଆ ବ୍ରାହ୍ମମାନେ ବଙ୍ଗଳାରେ ବ୍ରାହ୍ମମନ୍ଦିରରେ ଉପାସନା କରୁଥିଲେ । ରାମକୃଷ୍ଣ ଆଶ୍ରମମାନଙ୍କରେ ମଧ୍ୟ ହ୍ରାମ୍ଭୁ ଉପେକ୍ଷା କରି ଚାଲେ ପୂଜା ଓ ଧର୍ମ ଚର୍ଚ୍ଚା ହେଉଥିଲା, ବଙ୍ଗଳାରେ । ଏବେ ହୁଏତ ଏସବୁ ହେଉଥିବ । ଏହି ସବୁ ଫଳରେ ଓ ହୁଏତ ଅନ୍ୟାନ୍ୟ ରାଜନୈତିକ ତଥା ଅନ୍ୟାନ୍ୟ କାରଣରୁ, ଓଡ଼ିଆଙ୍କର ଗୋଟିଏ ରୋଳ ଗୌଣତ୍ୱ ମନୋଭାବ ପ୍ରକାଶ ପାଇଛି । ନିଜର କଲମରୁ ସାହିତ୍ୟ ଓ ଭାଷା ଅନ୍ତରୁ ହୁଏତ ସହଜରେ ଦୂର୍କି ଯାଉ ନାହିଁ । ଏବେ ମଧ୍ୟ ବଙ୍ଗଳା ପୁସ୍ତକ, କବିତା, ଉପନ୍ୟାସ ପ୍ରଭୃତି ପଢ଼ି ଆମର କେତେ ସାହିତ୍ୟିକେ ସେଥିପାଇଁ ବଙ୍ଗଭାଷା ଓ ସାହିତ୍ୟାଧାରକୁ ଉନ୍ନତ ମାର୍ଜିତ ବିଚାରି ଗୋଟା ପୁରା ନିଜର ବୋଲି ପ୍ରକାଶ କରିବାରେ ଲାଗିଛନ୍ତି । ବଙ୍ଗଳାର ସାଂସ୍କୃତିକ ଆକ୍ରମଣରେ ଏହା ଶେଷକୁ ବିଜୟ ବୋଲି ମନେ ହୁଏ । ସୁଖର କଥା ଏ ଗତି ଫେରୁଛି । ଆଶା ହୁଏ, ବନ୍ଧୁଭାବ ଓ ସ୍ୱାଦ୍ୟ ସମ୍ଭୋଗ ଭିତରେ ଓଡ଼ିଆ ଇତିହାସରେ ନିଜର ଢଙ୍ଗ ସ୍ୱାତନ୍ତ୍ର୍ୟ ରଖି ଆସିଛି । ସେ ସ୍ୱାତନ୍ତ୍ର୍ୟ ପୁଣି ବିଶ୍ୱ ସାହିତ୍ୟକୁ ମହାଦାନ; ଭାରତ ସଭ୍ୟତାର ଏହା ମେରୁଦଣ୍ଡ । ଓଡ଼ିଆଏ ଏହା ବୁଝି ମନ୍ତ୍ର ନେବେ ଓ ଏହା ରଖି ନିଜର ସ୍ୱଚ୍ଛନ୍ଦ, ଉଦାର ଓ ସାର୍ବଜନୀନ ବିକାଶ ଧାରାରେ ବିଶ୍ୱସାହିତ୍ୟର ସେବା କରିବେ ।

## ଗୁରୁଗିରି ଓ ମନ୍ତ୍ରଘେନା

ଏ ଅଉ ଗୋଟିଏ ବ୍ୟାପକ ବଙ୍ଗାଳୀ ରୋଗ । ଏହା ମଧ୍ୟ ବଙ୍ଗାଳୀ ତାନ୍ତ୍ରିକ ଓ ଗୌଡ଼ୀୟ ବୈଷ୍ଣବଙ୍କ ସଂଗରେ ଓଡ଼ିଆଙ୍କ ଚଳଣିରେ ଖୁବ୍ ପଶିଛି ଓ ପଶୁଛି । ଉପନିଷଦରେ ମଧ୍ୟ ଅଛି, 'ଅପ୍ରଶାନ୍ତ', 'ଶ୍ରଦ୍ଧାହୀନ' ଶିଷ୍ୟଙ୍କୁ ବେଦାନ୍ତର ଗୁହ୍ୟ କଥା କୁହାଯାଏ ନାହିଁ । ଗୀତାରେ ମଧ୍ୟ କୁହାଯାଇଛି, ତତ୍ତ୍ୱଦର୍ଶୀଙ୍କଠାରୁ ଶିଷ୍ୟ 'ପ୍ରଣିପାତ', 'ପରିପ୍ରଶ୍ନ' ଓ 'ସେବା'ରେ ତତ୍ତ୍ୱ ଗ୍ରହଣ କରିବ । ଯେଉଁ ଓଡ଼ିଆ ବୈଦିକ ସାହିତ୍ୟକୁ

Digitized by srujanika@gmail.com

'ପୁରୁଷୋତ୍ତମ' ଦେଇଥିଲେ, ତାଙ୍କ ସାଧନ ପରଂପରାରେ ଏହା ମୂଳରୁ ଥିଲା । ଖୁବ୍ ନିଷ୍ଠାରେ ଗୁରୁମାନେ ଶିକ୍ଷା ଦାନ୍ତୁ ଥିଲେ । 'ଅଚ୍ୟୁତାନନ୍ଦ ଦାସ', ଶୂନ୍ୟ ସଂହିତାରେ କହିଛନ୍ତି,—

"କହିବା ତୁମ୍ଭଙ୍କୁ ଫେଉ ଗୁପତେ ରଖିବ ।
ସେ ସ୍ୱାଦ ଅମୃତପାନ ଆପଣେ ଭୁଞ୍ଜିବ ॥
ଦାମ୍ଭିକ ଲଂପଟିଙ୍କର ଭଟିର ଅଗେ ।
ଫେଡ଼ି ନ କହିବ ଏହୁ ବ୍ରହ୍ମ ବିଦ୍ୟାଭାବେ ॥
ପଣ୍ଡିତ ଲୋକଙ୍କୁ ଏହା କେବେଁ ନ କହିବ ।
ପଣ୍ଡିତାଇ ଅର୍ଥମାନ ତା ଆଗେ କହିବ ॥
ଗୀତା-ତତ୍ତ୍ୱ ବ୍ରହ୍ମଜ୍ଞାନ ଅଟଇ ଗୁପତ ।
ପଣ୍ଡିତ ନ ବୁଝେ ଏହା ବୁଝେ ଅନ୍ୟ ମତ ॥
ନିଜ ଅର୍ଥ କ ଣେ ସେହୁ ନ ଜାଣେ ଭଗତ ।
ତେଣୁ ଗୁପ୍ତକରି ତାକୁ ଜଗ ନ ବୋଲନ୍ତି ॥
ବାଦ ବିଦ୍ୟା ଦମ୍ଭ ଗର୍ବ ଦୂର ଥାଇ ଦେଖେ ।
ହୁଙ୍କାର ଓଁକାର ବର୍ଣ୍ଣ ପ୍ରେମ ଭକ୍ତି ନେଉଛେ ॥

(ମୁଁ ତାରକୁ ଏଠି ଓଁକାର ବୋଲି ବୁଝା ଯାଇଛି । ପୂର୍ବେ ପୃ ୧୬୫ ଦେଖ )।

ଏଣୁକରି ପଣ୍ଡିତଙ୍କୁ କେବେ ନ କହିବ ।
କହିଲେ ଶାପ ପାଇବ ଭ୍ରଷ୍ଟ ନଷ୍ଟ ହେବ ॥"

ପ୍ରଥମ ଅଧ୍ୟାୟ ।

"ଦିବ୍ୟ ମଧ୍ୟେ ଜୀବ ବ୍ରହ୍ମ ଆତ୍ମାକୁ ଚିହ୍ନିଲେ ।
ସଦଗୁରୁ ପର ସୂକ୍ଷ୍ମ ବୋଲାଇବ ଭଲେ ॥
ଏ ଭେଦ ନ ଜାଣି ଗୁରୁ ଶିଷ୍ୟ ଯେବେ କରେ ।
ଗୁରୁ ଶିଷ୍ୟ ବସନ୍ତି ସେ ପଥର ନାଉରେ ॥"

—ଦ୍ୱିତୀୟ ଅଧ୍ୟାୟ ।

Digitized by srujanika@gmail.com

ଏଇପରି ଓଡ଼ିଆ ସାଧନ ସାହିତ୍ୟରୁ ଅନେକ ଉଦାହରଣ ଦିଆଯାଇ-ପାରେ । ମାତ୍ର ବଙ୍ଗଳାର ଗୁରୁ ଶିଷ୍ୟ ସମ୍ବନ୍ଧ ଏ ପ୍ରକାରର ନୁହେଁ । ଅବଶ୍ୟ କିମ୍ବଦନ୍ତୀ ଅଛି, ସିଦ୍ଧ ହାଡ଼ିପା, ଗୋବିନ୍ଦଚନ୍ଦ୍ରଙ୍କୁ ବଡ଼କା ପାଇଁ ଦାଣ୍ଡଘରେ ଛାଡ଼ିଦେଇ ଯାଇଥିଲେ । ଖାଲି ନିମ୍ବରୁମ କାହିଁକି, ବଙ୍ଗାଳୀଙ୍କ କୃଷ୍ଣ ଓ ଈଶ୍ୱର ଖାଲି ଲୋକଙ୍କ ଭକ୍ତି ଅଛି କି ନାହିଁ, ପରଖୁ ଥାଆନ୍ତି; ଲୋକଙ୍କୁ ବାନ୍ଧି ଥାଆନ୍ତି । ଦାର୍ଢ୍ୟଭାବକର ପକ୍ଷେ ପକ୍ଷେ ଓଡ଼ିଆଙ୍କ ପାଇଁ ଏହାର ଉଦାହରଣ ଥିଆଛି ଭରି । ହେଲେହେଁ, ଯଥାର୍ଥ ଚଳଣିରେ ବଙ୍ଗାଳୀ ତାନ୍ତ୍ରିକ ଓ ବୈଷ୍ଣବଙ୍କ ଗୁରୁ ଚେରରେ ପରୀକ୍ଷାର ନାହିଁ କି ବାଛିବାର ନାହିଁ । ଯାହାର ଶିଷ୍ୟ ବା ଶିଷ୍ୟା ହେବାର ବୟସ ହୋଇଗଲା, ଗୁରୁ ତା କାନ ଫୁଙ୍କନ୍ତି—ବାଛବିଚାର କିଛି ନାଇ । ପୁରୁଷାନୁକ୍ରମେ ଲୋକେ ଗୁରୁ ହୁଅନ୍ତି । ଗ୍ରାମକୁ ଗ୍ରାମ, ଅଞ୍ଚଳକୁ ଅଞ୍ଚଳ ତାଙ୍କ ଶିଷ୍ୟ ହୁଅନ୍ତି । ସେଇ କାନ ଫୁଙ୍କାକେ ଶିଷ୍ୟ ଶିଷ୍ୟା, ଗୁରୁଙ୍କର ସାରାଜୀବନ ସମ୍ପୂର୍ଣ୍ଣ ଆୟତ୍ତାଧୀନ ହୁଅନ୍ତି । ଓଡ଼ିଶାରେ ତାନ୍ତ୍ରିକ ଓ ବୈଷ୍ଣବଙ୍କ ଭିତରେ ମନ୍ତ୍ର ଦାନ ଓ ମନ୍ତ୍ରଦାନାରେ ସ୍ୱା ଛାୟା ସ୍ପଷ୍ଟ ପଡ଼ିଛି । (ପୂର୍ବେ ପୃ ୧୭୦, ଦେଖ) । ତେଣୁ କେଉଁ ତାହା ଦେଖିବାର ନାହିଁ । ହେଲେହେଁ ବଙ୍ଗାଳୀଙ୍କ ଭିତରେ ଏହା ଅତି ଉତ୍କଟ ଓ ବୀଭତ୍ସ । ଏହା ପୁଣି ସେତେ ଅତି ପ୍ରାଚୀନ । ବୌଦ୍ଧ ତନ୍ତ୍ର କାଳରୁ ଏ ରୋଗର ଉତ୍ପତ୍ତି ଆରମ୍ଭ ହୋଇଥିଲା । ସେ ଇତିହାସ ଦେଇ ଅନୁମାନ କରାଯାଏ; ଆଉ ବଢ଼ାଇ କହିବା ଅନାବଶ୍ୟକ ।

## ସାଧନା ଓ ଭକ୍ତିରେ ଭୋଗ ଓ ଫଳସ୍ପୃହା

ବଙ୍ଗାଳୀ ତନ୍ତ୍ରର ସାଧନା ଫଳ ପାଇଁ ଓ ଭୋଗ ପାଇଁ କରାହୁଏ । ସେ ଅତି ବୀଭତ୍ସ ଓ ଲଜ୍ଜାଜନକ । ମାତ୍ର ଏ ଯୁଗରେ ପରାଧୀନ ଓଡ଼ିଶାରେ ମାତ୍ର କେତେକେ ବ୍ରାହ୍ମଣଙ୍କ ଭିତରେ ତାର ଟିକିଏ କ୍ଷୀଣ ଆଭା ମାତ୍ର ପଡ଼ିବା ଛଡ଼ା ଓଡ଼ିଶାରେ ତା ନାହିଁ; ଓଡ଼ିଆ ସାହିତ୍ୟକୁ ତା କଳଙ୍କିତ କରି ନାହିଁ । ଗୌଡ଼ୀୟ ବୈଷ୍ଣବମାନେ ଏ ଯୁଗରେ ଓଡ଼ିଆ

Digitized by srujanika@gmail.com

ସାହିତ୍ୟକୁ କଳଙ୍କିତ କରିଚନ୍ତି; ଚଳଚ୍ଚିତ୍ରରେ ସେକ୍ସ, ଫାଇଟିଂ, ହିଂସା, 'ପତିତପାବନ' ଈଶ୍ୱର ବା କୃଷ୍ଣ, ଭକ୍ତକୁ ମର୍ଯ୍ୟାଦା କରିବା ଓ ଅନ୍ୟ ପ୍ରତି ଘୋର ନିନ୍ଦ୍ୟ ପକ୍ଷପାତିତା ଦେଖାଇବା ପ୍ରଭୃତି ଦୂର୍ ପଶିଚି । ତା ଭିତରେ ଦୃଷ୍ଟି ନିର୍ମଳ ରଖି ଓଡ଼ିଆ ସାହିତ୍ୟକୁ ଦେଖିବାକୁ ହେବ । ତେଣୁ ଯେ କଥା ଟି ଟିକିଏ ଉଦାହରଣରେ ଦେଖାଯାଉ ।

## ରଘୁ ଅରକ୍ଷିତ କଥା

'ଦାର୍ଢ୍ୟଭାବର' ସୂତ୍ରକୁ ଉଦାହରଣ ଦେଲେ ହେବ (ପୂର୍ବ ପୃ ୨୨୮ ଦେଖ) । ସେଥିରେ 'ରଘୁ ଅରକ୍ଷିତ' କଥା ଟି ଅନେକେ ଜାଣିଥିବେ । 'ରଘୁ' ହେଉଚି, ବଙ୍ଗଦେଶର ହରିପୁର ସହର ନିବାସୀ 'କୃଷ୍ଣ ମହାପାତ୍ର'ଙ୍କ ପୁଅ । ମଧ୍ୟ ବଙ୍ଗଳାର 'କଳାବଟାପୁର' ସହର ନିବାସୀ 'କରଣ ଗଙ୍ଗାଧର'ଙ୍କ ଝିଅ 'ଅନ୍ନପୂର୍ଣ୍ଣା' ସଂଗେ ରଘୁର ବାହାଘର ହୋଇ-ଥିଲା । ଏ ମଧ୍ୟରେ ରଘୁ ଘର ଧନ ସରିଗଲା; ତା ବାପ ମା ମରିଗଲେ । ଅନ୍ନପୂର୍ଣ୍ଣା ବାପ ଘରେ ଥାଏ । ରଘୁ, ଅରକ୍ଷିତ ହୋଇ ପଳାଇଲା; ଶେଷକୁ ପୁରୀରେ ଯାଇ 'ଦୀନ ବାନ୍ଧବ' ଜଗବନ୍ଧୁଙ୍କୁ ଆଶ୍ରା କରି ରହିଲା । ଏଣେ ଅନ୍ନପୂର୍ଣ୍ଣାଙ୍କ ବାପ, ଭାଇ ବିଚାର କଲେ, ଅନ୍ନପୂର୍ଣ୍ଣାକୁ ସେଇ ମଧ୍ୟବଙ୍ଗଳା ରଜାଙ୍କ 'ପାତ୍ର' ପୁଅକୁ ପୁଣି ବାହା କରି ଦେବେ । ଅନ୍ନପୂର୍ଣ୍ଣା, ପୁରୀକୁ ଆସୁଥିବା କେତେକ ଯାତ୍ରୀଙ୍କ ହାତେ ଗୁପ୍ତରେ ଚିଠି ପଠାଇଲା । ଚିଠିରେ ବାହା ଦିନଟି ଥିଲା । ରଘୁ, ଚିଠିଟି ପାଇଲା । ଦେଖିଲା, ପୁରୀରୁ ହରିପୁର ଯିବାକୁ ଆଉ ବେଳ ନାହିଁ । ସେ ଜଗନ୍ନାଥଙ୍କୁ ଜଣାଇ ଶୋଇଲା । ଜଗନ୍ନାଥେ ସ୍ୱପ୍ନରେ ବେତାଳ ବରଗି ଦେଲେ । ବେତାଳେ ରଘୁକୁ ନିଦରେ ଟେକି ନେଇ କଳାବଟାପୁରରେ ତା ଶଶୁରଘରେ ପୁରାଇ ଦେଲେ । ଶଶୁର ଓ ଶଳାମାନେ ଆଦର କଲେ; ମାତ୍ର ଖାଇବାକୁ ଦେଲାବେଳେ ପିଠାରେ ବିଷ ଦେଲେ । 'ଜଗବନ୍ଧୁ' ଭକ୍ତପାଇଁ ସେ ବିଷକୁ ଅମୃତ କରି ଦେଲେ । ତେଣୁ 'ଗଙ୍ଗାଧର' ବାଧ୍ୟ ହୋଇ ଝିଅକୁ ଜୋଇଁ ସଂଗରେ ପଠାଇ ଦେଲେ । ତେଣେ ଗୁପ୍ତରେ 'ପାତ୍ର'ଙ୍କୁ ଖବର ଦେଲେ । ପାତ୍ର

Digitized by srujanika@gmail.com

ସୈନ୍ୟ ପଠାଇ ବାଟରୁ ରଘୁକୁ ମାରି କନ୍ୟା ନେଇ ଯିବାର ଉଦ୍ୟମ କଲେ । ରଘୁକୁ ରକ୍ଷା କରିବା ପାଇଁ ନିଜେ 'ଜଗନ୍ନାଥ' ଦୁଇଜଣ ହୋଇ ଦୁଇଟା ଘୋଡ଼ାରେ ଚଢ଼ି ଯାଇ ହାଜର ହୋଇଗଲେ । ତା ଦେଖି ପାଠାଣଙ୍କ ସୈନ୍ୟମାନେ ପଳାଇଲେ । ରଘୁ ଭାର୍ଯ୍ୟାଙ୍କୁ ନେଇ ପୁରୀରେ ପହଁଚି, ସେଠି ଭିକ ମାଗି ଚଳିଲେ । ଏ ମଧ୍ୟରେ ଥରେ ପାଞ୍ଚ ସାତ ଜଣ 'ବୈଷ୍ଣବ' (ବାବାଜୀ, ମାତା—ବଙ୍ଗଳାରେ ବାବାଜୀ ମାତାଙ୍କୁ କହନ୍ତି, ବୈଷ୍ଣବ-ବୈଷ୍ଣବୀ) ଜଗନ୍ନାଥ ଦର୍ଶନକୁ ଦୂର ଦେଶରୁ ଆସି, ରଘୁଙ୍କ ଘରେ ଅତିଥି ହେବାକୁ ଲୋଡିଲେ । ରଘୁଙ୍କ ଘରେ କିଛି ନ ଥିଲା; ଭାର୍ଯ୍ୟାଙ୍କର ଅଳଂକାର ଥିଲା । ଅଳଂକାର ବନ୍ଧା ପକାଇବା ସ୍ଥିର ହେଲା । ସୁନ୍ଦରୀ, ଯୁବତୀ ଅନ୍ନପୂର୍ଣ୍ଣା, ନିଜ ଅଳଂକାର ନେଇ ବନ୍ଧା ଦେବାକୁ 'ସାଧୁତ' ଦୁଆରକୁ ଗଲେ । 'ସାଧୁତ' ଅଳଂକାର ନେଲା ନାହିଁ । କହିଲା, 'ପ୍ରୀତିଦାନ' ଦେଲେ ସେ ଅନ୍ନପୂର୍ଣ୍ଣାକୁ ଯେତେଇଚ୍ଛା ସେତେ ଧନ ଦେବ । ରଘୁ ଭାର୍ଯ୍ୟା ସେଇଥି ଠିକ୍ କରି ଟଙ୍କା ଆଣିଲେ; ବାବାଜୀ-ମାତାଙ୍କୁ 'ଚରଗୁ' କଲେ । ସଞ୍ଜବେ 'ରଘୁ' ଘରୁ ବାହାରି ଗଲେ; ଅନ୍ନପୂର୍ଣ୍ଣା ସଜାଡି ହୋଇ, 'ପଲଙ୍କ'ରେ ଶେଯ ପକାଇ 'ଧନୀ'କୁ ଡକାଇ ବସିଲା । ଧନୀ ଆସି ପହଞ୍ଚିଲା । ଅନ୍ନପୂର୍ଣ୍ଣା ତାକୁ ଆଦରରେ ଶୂନ୍ୟ ମନ୍ଦିରର ପଲଙ୍କ ଉପରକୁ ପ୍ରେମାଳାପ ପାଇଁ ଡାକିଲା । ଧନୀ ସାଧୁତ ପଲଙ୍କ ପାଖକୁ ଆସି ଦେଖିଲା ବେଳକୁ ନିଜେ କୃଷ୍ଣ, ଅନ୍ନପୂର୍ଣ୍ଣାଙ୍କୁ କୋଳରେ ନେଇ ବସିଛନ୍ତି । ଧନୀ ତାହାଙ୍କ ଗୋଡ଼ତଳେ ପଡ଼ିଗଲା । ଏବେ ଶ୍ରୀ ବଂଶୀଧର ମହାନ୍ତି, ନିଜର 'ଶ୍ରୀମଦ୍ ବୈକୁଣ୍ଠ' ପୁସ୍ତକର 'କଳିଖଣ୍ଡ'ରେ ଏବଂ 'ରାଘବ ଦାସ ମଠ' ନାମରେ ଏଇ ରଘୁ ଅରକ୍ଷିତଙ୍କ ମଠ ଅଛି ବୋଲି କହନ୍ତି (ମ: ବୈ:, କଳିଖଣ୍ଡ, ପୃ ୮) । ସେ ଯା ହେଉ, ଲୋକଙ୍କୁ ଲୋଭାଇ ଭୁଲାଇ ଭକ୍ତ କରି ତାଙ୍କ ଉପରେ ଗୁରୁ ଗିରି ପରଂପରା ଫାଂଦାଇବାର ଏ କୌଶଳ କିଛି ସାଧାରଣ ନୁହେଁ । ଏହା ପୁଣି ବୁଦ୍ଧିର ଯେ ବ୍ୟଭିଚାର ଓ ଅପଚାର ପ୍ରକାଶ କରୁଛି, ତା ପ୍ରାକୃତ ବୌଦ୍ଧ ତନ୍ତ୍ରଧର୍ମୀ ଖ୍ରୀଷ୍ଟାନ ମୁସଲ୍ମାନଙ୍କଠି ମଧ୍ୟ ଦୁର୍ଲଭ । ଆଦମ ଗ୍ରାମ ଦେବତା ଓ

Digitized by srujanika@gmail.com

ବେଦାନ୍ତଗତ ଦେବଦେବୀ ଉପାସନାରେ ମଧ୍ୟ ଏହା ଏପରି ସ୍ୱାଦ୍ୟ ଓ ଷର ନୁହେ । ଭକ୍ତଙ୍କ ଈଶ୍ୱର ବା କୃଷ୍ଣ ସବୁ ଦୁର୍ଗନ୍ଧ ଓ ଅପକ୍ରିୟାରେ ନଷ୍ଟ ସାହା ହେବେ ବୋଲି ଭାବନ୍ତି, ପଛରେ ନ ଥିଲେ; ଏହା କାହୁଁ ଅଦ୍ୱୈତୀ ଗ୍ରହଣୀୟ ହୁଅନ୍ତା ନାହିଁ । ସେ କୃଷ୍ଣ ପୁଣି ସବୁ ଗୋସେଇଁଙ୍କ କାନଫୁଙ୍କାରେ ବନ୍ଧା, ଏହା ବି ଏଠି ମନେ ରଖିବାର ଅଛି ।

## ଦାତା କର୍ଣ କଥା

ଏହା ବଂଗଳା 'କାଶୀରାମ ଦାସ' ମହାଭାରତରେ ମାତ୍ର ଅଛି; ବ୍ୟାସଙ୍କ ମହାଭାରତରେ କର୍ଣ୍ଣଙ୍କର ଏପରି ଚରିତ୍ର-ଚିତ୍ର ନାହିଁ । ଦାର୍ଢ୍ୟତା-ଭକ୍ତିରେ ଯେଉଁ 'ବଂଗାଳୀ' କର୍ଣ୍ଣ-କଥା, 'କର୍ଣ୍ଣ ରାଜା ଚରିତ' ବୋଲି ଲେଖା ହୋଇଛି । କାଶୀରାମ ମହାଭାରତରେ ଅଛି, କର୍ଣ୍ଣପୁତ୍ରର ନାମ, 'ବୃଷକେତୁ' । ଦାର୍ଢ୍ୟତାଭକ୍ତିରେ ତା' ନାମ 'ବଷିକେସନ' । ଏତିକି ଯା ମୋଟା ମୋଟି ପ୍ରଭେଦ । ତା ନ ହେଲେ ଦୁହିଁଙ୍କ ଯାକ ଉପାଖ୍ୟାନ ସମାନ । ଉପାଖ୍ୟାନଟି ଏହି । କର୍ଣ୍ଣ ଭାରି ଦାତା ହେଲେ । 'ଭଗବାନ୍' 'ବାଡ଼ିବା ପାଇଁ ତାର ମନ' ବ୍ରାହ୍ମଣ ହୋଇ ଆସି ତାକୁ ଭୋଜନ ମାଗିଲେ । କର୍ଣ୍ଣ ରାଜି ହେଲେ । ବ୍ରାହ୍ମଣ କହିଲେ—ମାଂସ ନ ହେଲେ ଖାଇବେ ନାହିଁ । ତା ପରେ କହିଲେ, ମନୁଷ୍ୟ ମାଂସ ହେଲେ ଯାଇ ଖାଇବେ । ଏହିପରି କହୁ କହୁ ଶେଷକୁ କହିଲେ – କର୍ଣ୍ଣଙ୍କ ଭାର୍ଯ୍ୟା ନିଜ କୋଳର ପୁଅ ବଷିକେଶନକୁ ଧରିବେ, କର୍ଣ୍ଣ ନିଜେ ତା ମୁଣ୍ଡ କାଟିବେ । ସେହି ମାଂସ ମା ରାନ୍ଧିକରି ପରଷିବେ । ତେବେ ଯାଇ ବ୍ରାହ୍ମଣ ଭୋଜନରେ ବସିବେ । ପୁଅ ଶୁଣି ବି ମହା ଆନନ୍ଦ ହେଲା । ସେଇୟା ହେଲା । ହାଣିଲା ବେଳେ କୃଷ୍ଣ, ସୁଦର୍ଶନ ଆଡ଼ୁଆଳ କରି ବଷିକେସନକୁ ଉଦ୍ଧାର କରିନେଲେ ଓ ମାୟା ବଷିକେସନଟିଏ ହଣାଇ ଦେଲେ । ମା ମାଂସକୁ ରାନ୍ଧିଲେ । ମାତ୍ର ପରେ ଠିକ୍ ଏ ମୁହଁ ଦେଖିବେ ବୋଲି ମୁଣ୍ଡଟି ଲୁଚାଇ ଦେଇଥିଲେ । ବ୍ରାହ୍ମଣ ଜାଣି ପାରିଲେ; କହିଲେ, ମୁଣ୍ଡ-ରନ୍ଧା ନ ହେଲେ, ଭୋଜନରେ ବସିବେ ନାହିଁ । ଏଇଟି ଅଛି,

Digitized by srujanika@gmail.com

ବ୍ରାହ୍ମଣଟି କେହି 'ମହାପାତ୍ର' ବୋଲି କର୍ଣ୍ଣ ଓ କର୍ଣ୍ଣ ଭାର୍ଯ୍ୟା ଜାଣି ପାରିଲେ । ମୃତ୍ୟୁ ରନ୍ଧା ହେଲା । ସମସ୍ତେ ଏକାବେଳକେ ଭୋଜନରେ ନ ବସିଲେ; ବ୍ରାହ୍ମଣ, ବସିବେ ନାହିଁ ବୋଲି କଠୋର କଲେ । ତା ହେଲା । ପୁଣି ବସିବେସନ ପାଇଁ ପତ୍ର ପକାଇବାକୁ ବ୍ରାହ୍ମଣ କହିବାରୁ ତା ବି ହେଲା । ପୁଅକୁ ଡାକ ବୋଲି କହିବାରୁ ପୁଅ ଦାଣ୍ଡରୁ ଆସି ପହଞ୍ଚି ଗଲା । ବ୍ରାହ୍ମଣ ଅନ୍ତର୍ଧାନ ହୋଇଗଲେ । ଗଲାବେଳେ ନୃପଙ୍କୁ କହିଗଲେ, ମୁଁ ସ୍ୱୟଂ ଭଗବାନ୍, ମୋ ପାଇଁ ପୁଅକୁ କାଟି ରାନ୍ଧିଲ, ମୁଁ ଖୁସି ହେଲି—ଅଭି ତାହାକୁ ଏପରି ଦବୁନାହିଁ ।

## ·ତୁଳନାରେ ଶୁକ୍ରକଥା—କର୍ମ ଓ ଫଳ

ଠିକ୍ ଏହି ଭଳି ସାରଳାଦାସଙ୍କ ମହାଭାରତ ଶାନ୍ତି ପର୍ବରେ ଅଛି, ସତ୍ୟଯୁଗର 'ଶ୍ୱେତ-ଦଳ' ପୁତ୍ର 'ଶୁକ୍ର' ରାଜା କଥା । ସେ ଭାରି ଧାର୍ମିକ ଓ ସଚ୍ଚରିତ୍ର ଥିଲେ । ତାଙ୍କର ରାଜ୍ୟ ପୃଥିବୀର ଗୋଟିଏ ଭଲ ଜଳ ଦ୍ୱୀପରେ ରାଜା ହୋଇଥିଲେ । ଶୁକ୍ରଙ୍କ ଧାର୍ମିକତାକୁ ଡ଼ରି, ଜାଣ କରିବା ପାଇଁ ଇନ୍ଦ୍ର, କୁବେର ଦୁହେଁ, ବ୍ରାହ୍ମଣ ରୂପେ ଆସି ତାଙ୍କୁ ଭୋଜନ ମାଗିଲେ । ଶୁକ୍ର 'ହଁ' କରିବାରୁ, ସେମାନେ 'ମଧୁମାଂସ' ମାଗିଲେ । ଶୁକ୍ର ଜୀବହିଂସା କରିବେ କିପରି ? ତେଣୁ ନିଜ ଦେହରୁ ମାଂସ କାଟି ଦେବାକୁ କହିବାରେ ବ୍ରାହ୍ମଣେ କହିଲେ, ଆମେ ବୁଢ଼ା-ମାଂସ ଖାଇବୁ ନାହିଁ । ତୁମର ଗୋଟିଏ ପୁଅ ଅଛନ୍ତି । ତାଙ୍କୁ ମାରି ଆମକୁ ମାଂସ ଦିଅ । ଆମେ ଯୋଡିଏ ଖାଇବୁ, ଅଭି ଯୋଡ଼ିଏ ମାଇପଙ୍କ ପାଇଁ ନବୁ । ଶୁକ୍ର ରାଜି ହୋଇ, ବ୍ରାହ୍ମଣଙ୍କୁ ପୁତ୍ରଙ୍କ ପାଖକୁ ସବୁ କଥା କହି ପଠାଇ ଦେଲେ । ପୁଅମାନେ ଶୁଣି ବିଦ୍ରୋହୀ ହେଲେ । ସେଠାରୁ ସେମାନେ ନିଜର ପୁଅ ନୁହନ୍ତି ବୋଲି ଶୁକ୍ର, ଭାର୍ଯ୍ୟା ଓ ପୁଅଙ୍କୁ ଶାପ ଦେଲେ—ଇତ୍ୟାଦି । ଏ ଚରିତ୍ର କେତେ ସ୍ୱାଭାବିକ ଓ ସୁନ୍ଦର । ଏଥିରେ ଭକ୍ତି ବଢ଼ିବାର ନାହିଁ । କର୍ମ ଓ କର୍ମଫଳର ସ୍ୱଚ୍ଛନ୍ଦ କ୍ରିୟା ଗୁଳିତ । ସମସ୍ତ ଉପାଖ୍ୟାନଟି ପଢ଼ିଲେ, ଏହା ସ୍ପଷ୍ଟ ହେବ । ସେହି ଶାନ୍ତି ପର୍ବରୁ ପୁଣି ଅନ୍ୟ ଏକ

Digitized by srujanika@gmail.com

ଦେବତାଙ୍କ କଥା ପୂର୍ବେ କୁହାଯାଇଛି । ପୂର୍ବେ, ( ପୃ ୨୨ ଦେଖ ) ।
ସେଥିରେ ମଧ୍ୟ କର୍ମ ଓ ଫଳର ପ୍ରତିଷ୍ଠା ଅଛି ବହୁତ । କିନ୍ତୁ ବଙ୍ଗାଳୀ
ଭକ୍ତରେ କର୍ମ ନାହିଁ କି ଫଳ ନାହିଁ । ଭାରତ ସାହିତ୍ୟର ପରମପୀଠ,
ଏ ମେରୁଦଣ୍ଡ, 'ବଙ୍ଗାଳୀ' ଭକ୍ତ ସାହିତ୍ୟରେ ଏକା ବେଳକେ ନିର୍ମୂଳ ।
ଯେପରି 'କ୍ରିଶ୍ଚନ'ରେ ଖ୍ରୀଷ୍ଟାନଙ୍କର ଓ ସୁନତ୍ ଓ କଲମା ମଧ୍ୟରେ
ମୁସଲମାନଙ୍କର ଯେପରି ସ୍ୱର୍ଗର ବାଟ ଏକାବେଳକେ ସଫା ହୋଇଯାଏ,
ଏକ ଗୁରୁ-ମନ୍ତ୍ରରେ 'ବଙ୍ଗାଳୀ' ସେଇପରି ମନୁଷ୍ୟକୁ ଭକ୍ତ ପାଲଟି
ଯାଆନ୍ତି । ସେତେବେଳେ ଆଉ ଶୌଚ ନାହିଁ, ଅଶୁଚି ନାହିଁ, କି ସତ୍ୟ
ନାହିଁ ( ପୂର୍ବେ ପୃ ୧୭୦ ଓ ୧୭୨—'ଗୀତାରେ ଅସୁର ଧର୍ମ' ଦେଖ )
ମାଂସପର ସଙ୍ଗତ୍ତ୍ୱ ବାବା କାବାଜୀଙ୍କୁ ଭୋଜନ ଦେଲେ ମଧ୍ୟ କୃଷ୍ଣ ପ୍ରୀତ
ହୁଅନ୍ତି; ପୁଅକୁ ହାଣି ବ୍ରାହ୍ମଣକୁ ମାଂସ ଖାଇବାକୁ ଦେଲେ ବି ଈଶ୍ୱର
ସନ୍ତୋଷ ହୁଅନ୍ତି । ଓଡ଼ିଆରେ ଧର୍ମ ବା କୃଷ୍ଣ ଭକ୍ତ ନାମରେ ଏସବୁ କେବେ
ବି ପଶି ନାହିଁ । ଓଡ଼ିଆ ସାହିତ୍ୟର ସ୍ୱରୂପ କଳନାରେ ଏହା ମୁଖ୍ୟ
ଦେଖିବାର ଅଛି ।

## ବେଲାଲସେନଙ୍କ କୃଷ୍ଣଭକ୍ତି

କୃଷ୍ଣଙ୍କୁ ସାକ୍ଷାତ୍ 'ଜଗନ୍ନାଥ' ବୋଲି; 'ସାରଳାଦାସ' ନିଜ ମହା-
ଭାରତରେ ସବିଶେଷ ଲେଖିଛନ୍ତି । ଭକ୍ତରେ କିପରି ମନୁଷ୍ୟ କାତର
ଆତ୍ମଦାନ କରେ, ସେ କଥାର ଉଦାହରଣ ଦେଖ । ଏହା ଓଡ଼ିଆ କୃଷ୍ଣ
ଭକ୍ତ । ଏଥିରେ ଫଳର ଅଭିଳାଷ ନାହିଁ, କି ଅଶୁଚିରେ ଅଶୌଚ ନାହିଁ ।
ମହାଭାରତ ଯୁଦ୍ଧ ଆରମ୍ଭ ପୂର୍ବରୁ ଭୀମ-ପୁତ୍ର ବେଲାଲସେନ କୃଷ୍ଣଙ୍କୁ
କହିଲା, ଏତେ ଆୟୋଜନ ଏତେ ହାତୀସନ୍ତ କାହିଁକି ? ସେ ମୁହୂର୍ତ୍ତକେ
ସବୁ ସେନା ନିର୍ମୂଳ କରି ଦେବ । କୃଷ୍ଣ ପରୀକ୍ଷା କରି ଦେଖିବାକୁ କହିବାରୁ
ବେଲାଲସେନ, ଗୋଟିଏ ଶରରେ ସିନ୍ଦୂର ଲଗାଇ ମାରି ଦେଲା ।
ଦେଖାଗଲା କୁରୁକ୍ଷେତ୍ରରେ ସମବେତ ସବୁ ସେନା-ସେନାପତିଙ୍କ ମୁଣ୍ଡରେ
ସିନ୍ଦୂର ଟୋପା ଲାଗି ଯାଇଛି । ନିଜ ମୁଣ୍ଡରେ ସିନ୍ଦୂର କାଢ଼ି, କୋଳି

Digitized by srujanika@gmail.com

କୃଷ୍ଣ ପରିବାରକୁ ବେଲ୍ଲଳସେନ, କୃଷ୍ଣଙ୍କ ବାଆଁ ହାତ କାଣିଆଂଗୁଠି ଅଗରେ ସିନ୍ଦୂର ଲଗି ଥିବାର ଦେଖାଇ ଦେଲା । କହିଦେଲା, କୃଷ୍ଣ ନିଜେ ବିଷ୍ଣୁସ୍ୱରୂପ ଥିବାରୁ ସେ ତାଙ୍କ ମୁଣ୍ଡରେ ଶର ଲଗାଇ ନାଇ । ବେଲ୍ଲଳସେନ ଅନାର୍ଯ୍ୟାଣୀର ସନ୍ତାନ ଥିଲା । କୃଷ୍ଣ ହୁଏତ ଦେଖିଲେ, ଏ ଅନାର୍ଯ୍ୟକୁ ରଖିଲେ ଆଉ ଧର୍ମ ରହିବ ନାଇ । ଏ କେତେବେଳେ କଣ କରିବ ? ତହୁଁ କୃଷ୍ଣ, ବେଲ୍ଲଳକୁ ଗୋଟିଏ କଥା ମାଗିଲେ । ବୀର ଓ ଭକ୍ତ ବେଲ୍ଲଳ ସତ୍ୟ କଲା । କୃଷ୍ଣ କହିଲେ, "ଶିର କମଳ" ଦିଅ । ମହାଦାନୀ ବେଲ୍ଲଳସେନଙ୍କର ନ ଦେବାର ନାଇ । ମାତ୍ର ସେ ମହାଭାରତ ଯୁଦ୍ଧ ଦେଖିବାକୁ ମାଗିଲେ । କୃଷ୍ଣ ତହୁଁ ତା କଟା ମୁଣ୍ଡଟିକୁ ଦିବ୍ୟଚକ୍ଷୁ ଦେଇ କୁରୁକ୍ଷେତ୍ରରେ ଗୋଟିଏ ଖମ୍ବରେ ରଖି ଦେଲେ । ଏଥିରେ ବୀରତ୍ୱ ଓ ସତ୍ୟ କରି ତା ରଖିବାର ଗୌରବ ଅଛି; ଦାନର ମହିମା ଅଛି । ହୃଦୟର ଅପାର ତରଳତା ବା ବଂଶର ତର୍କରେ ଆତ୍ମବିସ୍ମୃତି ନାଇ, କି ଅଂଶୁ ପ୍ରାପ୍ତିର କଲ୍ପନା ନାଇ ।

## ଓଡ଼ିଆ ନାରୀ

ସେଇପରି ନାରୀ—ଏପରି କି ଦେବୀଙ୍କୁ କୋକଶାସ୍ତ୍ର ତଥା ବାତ୍ସ୍ୟାୟନ-ସୂତ୍ରର ରୀତି ଧରି ବର୍ଣ୍ଣନା କରିବା ଭିତରେ ବ୍ରହ୍ମଚର୍ଯ୍ୟ ଓ ବୀର୍ଯ୍ୟ-ଧାରଣର ମହିମା ଓ ପ୍ରତିଷ୍ଠା ଫୁଟାଇଛି । ଓଡ଼ିଆ ସାହିତ୍ୟରେ ନିଗ୍ରହ ସାଧନାର ପ୍ରାଣ ପ୍ରକାଶ କରୁଛି । ଏଇ ବ୍ରହ୍ମଚର୍ଯ୍ୟ, ଅର୍ଥାତ୍, ବୀର୍ଯ୍ୟ ଧାରଣରେ ଟିକିଏ ମାତ୍ର ଏ ପାଖ ସେପାଖ ହେବାର ନାଇ । ଯେହେଉ ମହାମାନବ ହେଉନା କାହିଁକି, ଏ ଦୁର୍ବଳତାରେ କ୍ଷମା ନାଇ । ସେଥିପାଇଁ ଓଡ଼ିଆ ସାରଳାଦାସଙ୍କ ମହାଭାରତରେ କୁଳ ବୃଦ୍ଧ ଭୀଷ୍ମଙ୍କଠାରେ ମଧ୍ୟ ଏଇ ଶଂକା ଅସହ୍ୟ ହୋଇଛି । ଶିଖଣ୍ଡୀ, ପୂର୍ବଜନ୍ମରେ ଥିଲେ, ନାରୀ । ସେ ଥିଲେ, ଅଂବା । ଭୀଷ୍ମଙ୍କଠାରେ ତାଙ୍କର ଆସକ୍ତି ଥିଲା । ଭୀଷ୍ମ କିନ୍ତୁ ଯୌବନରେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ । ଅବଶ୍ୟ ଅଂବାଙ୍କୁ ବନ୍ଦୀ ହୋଇ ଘର କରିଥିଲେ, ଭୀଷ୍ମଙ୍କ ପକ୍ଷେ ସେ ହୋଇଥାନ୍ତା ସ୍ୱତନ୍ତ୍ର

Digitized by srujanika@gmail.com

ସାଧନା । ମାତ୍ର ଭୀଷ୍ମ ଧରିଥିଲେ, ଚିର-କୁମାର-ବ୍ରତ । ଏଥିରେ ଧାମବିଚ୍ୟୁ ଅସହ୍ୟ । ହେଲେହେଁ କୁରୁକ୍ଷେତ୍ର ରଣାଂଗନରେ ଶିଖଣ୍ଡୀ ଭୀଷ୍ମଙ୍କ ଆଗେ ଧନୁର୍ଦ୍ଧର ଛିଡ଼ାହେବା ମାତ୍ରକେ ଭୀଷ୍ମଙ୍କର ସେଇ ଅଂବା କଥା ମନେ ପଡ଼ିଗଲା । ସାବଳୀଳ ସଂକଳ୍ପ, ସେଥିରେ ଭୀଷ୍ମଙ୍କର ରେଡ ଚଂଚଳ ହେଲା । ସେତିକିରେ ସର୍ବନାଶ । ମହାବୀର ଭୀଷ୍ମ ରଥ ଉପରୁ ଖସି ପଡ଼ିଲେ । ତାଙ୍କ କଥା ସେତିକି । ଏଥିରେ କର୍ମର କଠୋରତା ଓ ସାଧନାର ଶୁଷ୍କତା ହୁଏତ ଥାଇପାରେ; ମାତ୍ର ଆଦର୍ଶର ନିର୍ମଳତା ଓ ଶୌଚ ସ୍ପଷ୍ଟ । ସମାଜର ନିତ୍ୟ ଚଳଣିରେ ସେଇ ଆଦର୍ଶର ପ୍ରଭାବ ମଧ୍ୟ ପରିସ୍ଫୁଟ । ଅନ୍ୟାନ୍ୟ ଭାରତୀୟ ସମାଜ ପରି ବହୁ ବିବାହ ଓଡ଼ିଆକୁ ମନା ନାଇ । ମାତ୍ର ଚଳଣିରେ ଓଡ଼ିଆର ତା ନାଇ, କି ରକ୍ଷିତା ରଖିବା ନାଇ, କହିଲେ ଚଳେ—ଓଡ଼ିଆର ସେ ପରଂପରା ବି ନାଇ । ଓଡ଼ିଆର 'ଦୁଗାଅଗର' ଅଛି; 'ଛାଡ଼ପତ୍ର' ବି ମନା ନାଇ । ମାତ୍ର ସମସ୍ତ ଇତିହାସ ଓ ପରଂପରା ଫେଡ଼ି ଦେଖିଲେ ମଧ୍ୟ ଓଡ଼ିଆର ଗୃହସ୍ଥତା ଏଥିରେ ଅଟେଣୀ ଭ୍ରଷ୍ଟ ବା ବିଶୃଙ୍ଖଳ ହେବାର ଶଙ୍କା ହୋଇନାଇ । ସମସ୍ତ ଓଡ଼ିଆ ସାହିତ୍ୟ ଏହାର ସାକ୍ଷୀ । ମାନବ ଜୀବନକୁ ସ୍ୱାଭାବିକ ଗଣ୍ଡିରେ ରଖି ଆଦର୍ଶରେ ତାକୁ ଏପରି ବିନା ଭୟ ଓ ନିରୋଧରେ ନିୟନ୍ତ୍ରିତ କରିବା ଓଡ଼ିଆ ସାହିତ୍ୟର ଏକ ଅଦ୍ୱିତୀୟ ବିଶେଷ ।

## ଓଡ଼ିଆର ମୈତ୍ରୀ

ଓଡ଼ିଆର ସଭ୍ୟତା ତଥା ସାହିତ୍ୟ କେବଳ ଶୁଷ୍କ ଦୈନ୍ୟ-ସାଧନା ବା ନିର୍ବାଣ-ଯୋଗରେ ପର୍ଯ୍ୟବସିତ ବା ପରିସମାପ୍ତ ନୁହେଁ । ନିର୍ବାଣ-ଯୋଗର ମୂଳ ହେଉଛି, ସମାଜରେ ବିଶ୍ୱ-ମୈତ୍ରୀର ନିତ୍ୟ-ସାଧନା । କୁହାଯାଉଛି, ସହଜଯାନରେ ଏହାକୁ କରୁଣା ବା ଦୟା କହୁଥିଲେ । ବୈଷ୍ଣବଙ୍କ 'ଜୀବେଦୟା' କଥାଟି ସୁପରିଚିତ । ଏହା ଯେଉଁ କରୁଣାର ଗୋଟିଏ 'ନୂତନ-ସଂସ୍କରଣ' । କିଂତୁ କଳିଙ୍ଗ-ବୌଦ୍ଧର ମୈତ୍ରୀ, ଦୟା ବା କରୁଣା ନୁହେଁ । 'ଦୟା' କଥାଟିରେ ନିଜର ମହତ୍ତ୍ୱ ବୁଦ୍ଧି ଓ ଅପରର

Digitized by srujanika@gmail.com

ଅଲଗାର ଭାବ ଦୂର ରହିଛି । ଦାର୍ଶନିକତା ଓ ସାଧନାର ଏ ସମ୍ପର୍କ, ମୈତ୍ରୀ ହୋଇ ନ ପାରେ । ମୈତ୍ରୀ ଏହାଠାରୁ ସ୍ୱତନ୍ତ୍ର । 'କାହାରେ କରୁଣାଂ କୁରୁ' ଏହା ଉକ୍ତିର ବୈଷ୍ଣବ ଭାବ ହୋଇପାରେ, ଜ୍ଞାନର ବିଶୁଦ୍ଧ ବୌଦ୍ଧଭାବ ନୁହେଁ । କରୁଣାର ଦାର୍ଶନିକତାରେ ତୃଷ୍ଣାର ବନ୍ଧନ ଛିଣ୍ଡିବ ନାହିଁ । ସେ ଛିଣ୍ଡିବ, ବିଶ୍ୱମାନବର ଅନ୍ତରରେ ନିଜକୁ ମିଶାଇ ଦେବାରେ । କାହାର କ'ଣ ଦରକାର ଅଛି, ମୋର କାହା ପ୍ରତି କ'ଣ କରିବାର ଅଛି, ତାହାର ହେଉଛି, ମୋର ପ୍ରକାଶ । ଏହାର ହେଉ, ବିଶ୍ୱମୈତ୍ରୀ । ଏହାରି ନିତ୍ୟ-ସାଧନାରେ ତୃଷ୍ଣା ତୁଟିଯିବ; ବ୍ୟକ୍ତି ଶୂନ୍ୟ ହୋଇଯିବ । ସେଥିରେଇ ବ୍ୟକ୍ତିତ୍ୱର ପୂର୍ଣ୍ଣ ସମାପ୍ତି । ତାହାହିଁ ନିର୍ବାଣ । ଓଡ଼ିଆର ଶବର ଦେବତା ଜଗନ୍ନାଥ । ସେ କୌଣସି ସ୍ଥାନ ବା ବ୍ୟକ୍ତିର ନାଥ ନୁହନ୍ତି । ସେ ସୋମନାଥ ନୁହନ୍ତି, ଦ୍ୱାରକାନାଥ ନୁହଁନ୍ତି, ବଦ୍ରୀନାଥ ନୁହନ୍ତି । ଚତୁର୍ଧାମର ଶ୍ରେଷ୍ଠଧାମ ଜଗତରନାଥ, ସେ 'ଜଗନ୍ନାଥ' । ସେହି ଏକା ସମାଜ-ସାଧନାରେ ସବୁ ସ୍ତରର ମାନବ ପାଇଁ ବିଶ୍ୱମୈତ୍ରୀର ମହାପ୍ରତୀକ, ଓଡ଼ିଆର ପରମ ଦେବତା, ବିଷ୍ଣୁଙ୍କର ବୁଦ୍ଧ-ଅବତାର । ଓଡ଼ିଆ ସଭ୍ୟତା ତଥା ସମାଜର ଗଣ-ନିଯୁ ମତ, ସାହିତ୍ୟର ପରମ ଆଦର୍ଶ, ମାନବ ପ୍ରେରଣାର ପରମ ସଙ୍କେତ, ସେହି । ସେହି ଏକା ଓଡ଼ିଆର ଜାତି ଦେବତା, ସେହି ଜଗନ୍ନାଥ । ସମସ୍ତ ଇତିହାସରେ ଓଡ଼ିଆର ସେହି, ବ୍ୟବହାରରେ ସେହି, ସମାଜରେ ସେହି, ଦର୍ଶନରେ ସେହି, ସାଧନାରେ ସେହି, ସୃଷ୍ଟିରେ ସେହି । ଜଗନ୍ନାଥ ଏକା ଆମର ମୂର୍ତ୍ତିମନ୍ତ ସଭ୍ୟତା ଓ ସାହିତ୍ୟ । ଲୋକେ ବୁଝି ନ ପାରି ହୁଏତ ସହଜିଆର 'କରୁଣା'ରେ ଅଜ୍ଞାତ ଭାବରେ ପ୍ରଭାବିତ ହୋଇ, ବୌଦ୍ଧ-ଧର୍ମରେ ତାଙ୍କୁ ଅଙ୍କିତ କରି ବେଳେ ବେଳେ ତାଙ୍କୁ କହନ୍ତି, 'ପତିତ ପାବନ' । ଲୋକେ ମାନୀ, ଦାର୍ଶନିକ, ଧନୀ, ଗୃହୀ, ସନ୍ନ୍ୟାସୀ ନାନା ବେଶ ସାଜି, ହୁଏତ ନିଜକୁ ଉନ୍ନତ ମନେ କରି ପତିତଙ୍କ ପାଇଁ ଜଗନ୍ନାଥଙ୍କୁ ଦେଖାଇ ଦେଇ ସାମ୍ୟବାଦୀ ହୁଅନ୍ତି । ଅଭିଜ୍ଞାରେ ଦାରିଦ୍ର୍ୟ ଭୋଜନ କରାଇ ନିଜକୁ ଧାର୍ମିକ ମଣନ୍ତି । ନିଜପାଇଁ ମୁକ୍ତିଦ୍ୱାର ଫିଟି ରହିଛି ବୋଲି ବିଚାରି 'ଅନ୍ନକୈବଲ୍ୟ' ବାନ୍ଧି ପତିତଙ୍କୁ ମୋକ୍ଷ

Digitized by srujanika@gmail.com

ଅତକୁ ଟାଣୁଚିଂଣ କୋଳ ବିଗ୍ରହନ୍ତି । କିନ୍ତୁ ସେ ଓଡ଼ିଆର ନିର୍ମଳ ଧର୍ମ, ଓଡ଼ିଆର ମୈତ୍ରୀ-ସାଧନା, ଓଡ଼ିଆର ସମାଜ ତଥା ସାହିତ୍ୟ ବୁଝନ୍ତି ନାହିଁ । ବିଶ୍ୱମୈତ୍ରୀର ସଙ୍କେତ ଜଗନ୍ନାଥଙ୍କ ପାଖେ କେହି ଉନ୍ନତ ନୁହେଁ, କେହି ପତିତ ନୁହେଁ । ସେ ଜଗତର ନାଥ, ଜଗନ୍ନାଥ । ସେହି ଏକା ନିର୍ବାଣ-ସାଧନାର ଭୌତିକ ସଙ୍କେତ; ସେହି ଏକା ବୁଦ୍ଧଙ୍କର ତାନ୍ତ୍ରିକ ଅବତାର । ବିଶ୍ୱଧର୍ମର ପ୍ରତୀକ ସେହି ଏକା ଓଡ଼ିଆର ପରମ ଉପାସ୍ୟ । ଧର୍ମରେ ସେହି, ସମାଜରେ ସେହି, ସାହିତ୍ୟରେ ସେହି, ସଂସ୍କୃତିରେ ସେହି, ଚିନ୍ତାରେ ସେହି ଚଳଣିରେ ସେହି; ସେହି ଆଦର୍ଶ, ସେହି ବାସ୍ତବ, ସେହି ଶୂନ୍ୟ, ସେହି ପୂର୍ଣ୍ଣ ।

## ଓଡ଼ିଆର ସାର୍ବଜନୀତା

ଓଡ଼ିଆ ସଭ୍ୟତା ପୁଣି ସମୁଦ୍ର ପାରେ ଦେଶ ବିଦେଶରେ ବିସ୍ତୀର୍ଣ ଥିଲା : ସିଂହଳ, ବ୍ରହ୍ମ, ସୁମାତ୍ରା, ଜାବା, ବଳୀ, ପ୍ରଶାନ୍ତ ମହାସାଗର ଦ୍ୱୀପପୁଞ୍ଜଠାରୁ ଆମେରିକା ପର୍ଯ୍ୟନ୍ତ ଓଡ଼ିଆ ସାଧକମାନେ ବାଣିଜ୍ୟ ଓ ସଭ୍ୟତା ପ୍ରଚାର ସୂତ୍ରରେ ବାରମ୍ବାର ଯାତାୟାତ କରୁଥିଲେ । ଏଥିପାଇଁ ଯେ କେହି ବେଶି ଦୂରକୁ ନ ଯାଇ ସ୍ୱର୍ଗତ ରାଖାଲ ଦାସ ବନ୍ଦ୍ୟୋପାଧ୍ୟାୟଙ୍କ ଓଡ଼ିଶା ଇତିହାସର ୭ମ ଅଧ୍ୟାୟ ଦେଖି ପାରନ୍ତି । ଜନଥାଇ, ଯେତେବେଳେ ପୃଥିବୀସାରା ବାହୁବଳର ତରଙ୍ଗରେ ଓଡ଼ିଆ, ନିଜର ମୈତ୍ରୀ-ଲୀଳା ଖେଳାଇ ଦେଇଥିଲେ । ଓଡ଼ିଆ ଦେଶ ବିଦେଶକୁ ଯାଇଥିଲେ, ସେଠାରେ ରହିଥିଲେ, ବାଣିଜ୍ୟ ବି କରିଥିଲେ । କିନ୍ତୁ ଯାଇଥିଲେ, ଦାମ୍ଭିକର ଧର୍ମ ପ୍ରଚାର ପାଇଁ ନୁହେଁ; ରହିଥିଲେ, ଦର୍ପୀର ସାମ୍ରାଜ୍ୟ ବିସ୍ତାର ପାଇଁ ନୁହେଁ, ବାଣିଜ୍ୟ କରିଥିଲେ, ଲୋଭୀର ଶୋଷଣ ସ୍ପୃହା ଚରିତାର୍ଥ କରିବା ପାଇଁ ନୁହେଁ । ଓଡ଼ିଆ ସାହିତ୍ୟର ଆଲୋଚନା ବେଳେ ସେହି ଦୂରର ପରିପ୍ରେକ୍ଷିତରେ ଏ ଦୃଶ୍ୟଟିକୁ ଧ୍ୟାନ ଦେବାକୁ ହେବ । ଓଡ଼ିଆର ଲୋକକଥା ସଂଗୃହୀତ ହୋଇ ନାହିଁ । ମାତ୍ର ଯେ ବିଶାଳ ସାହିତ୍ୟରେ ଏ ସଙ୍କେତ ପୁଣି ରହିଛି । ବିଦେଶରେ ସବୁଠି ଓଡ଼ିଆର

Digitized by srujanika@gmail.com

ସଭ୍ୟତା ଦେଖି ଯାଇଛି । କିନ୍ତୁ ଆଜି ସେ ସବୁଠାରେ ଓଡ଼ିଆ ବୋଲି ଛାପ ନାହିଁ, କି ଚିହ୍ନ ନାହିଁ । ଅଥଚ, ସଭ୍ୟତାରେ କଳିଂଗର ସଂସ୍କୃତି ଯେ ପ୍ରଭାବ ପକାଇ ଥିଲା, ତାହା ଅଲକ୍ଷିତ ହେଲେ ମଧ୍ୟ ଅଛି । ମାନବ ସମାଜର ଏଇ ନିରାଲମ୍ବ ସେବା ଓଡ଼ିଆର ଯଥାର୍ଥ ମୈତ୍ରୀଧର୍ମ । ଏହାହିଁ ଓଡ଼ିଆ ସାହିତ୍ୟର ଅନ୍ତରାତ୍ମା ।

## ଇନ୍ଦ୍ରଦ୍ୟୁମ୍ନଙ୍କ ବରମଗା

ଏବେ ବି ଓଡ଼ିଆରେ କଥା ଅଛି, ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା କରି ସାରିବା ପରେ, ଇନ୍ଦ୍ର ତାଙ୍କୁ କହିଥିଲେ, 'ବରମାଗ' । ଇନ୍ଦ୍ରଦ୍ୟୁମ୍ନ ବର ମାଗିଥିଲେ, ଅନୁଗ୍ରହ କରନ୍ତୁ, 'ମୋ ବଂଶରେ ଯେପରି କେହି ନ ରହିବେ ।' ଏ ବିଚିତ୍ର ବରମଗା । ଓଡ଼ିଆର ଏ ଯଥାର୍ଥ ପ୍ରାଣ-ପ୍ରକାଶ । ଉତ୍କଳର ଭାରତର ଦର୍ପୀ, ଇନ୍ଦ୍ରଦ୍ୟୁମ୍ନ ଜିଣିବାକୁ ଆସି ଏ ଭୂମିର ଧର୍ମରେ ପ୍ରାଣିତ ହୋଇଥିଲେ । ଏହା କିଛି ନୂଆ ନୁହେଁ । ବରଂ ଓଡ଼ିଆ ସଭ୍ୟତାର ଏହାହିଁ ପରଂପରା । ଆଜି ଏଇପରି ଦର୍ପୀ, ବିଜୟୀ, ଅଶୋକ ମଧ୍ୟ ଏଠି ଯୁଦ୍ଧରେ ଜିଣି କରି ଧର୍ମରେ ଜିଣା ହୋଇ ମଗଧକୁ ଫେରି ଥିବାର ପ୍ରମାଣ ଆଜି ପୃଥିବୀରେ ସମସ୍ତେ ଜାଣନ୍ତି । କଥା ଅଛି, ଇନ୍ଦ୍ରଦ୍ୟୁମ୍ନଙ୍କ ଏ ବରମଗା ବେଳେ ଯେଉଁ ଦେବତାଏ ଉପସ୍ଥିତ ଥିଲେ, ସେମାନେ ବି ଏ କଥାର ଅର୍ଥ ବୁଝି ପାରିଲେ ନାହିଁ । ଇନ୍ଦ୍ରଦ୍ୟୁମ୍ନ ବୁଝାଇ କହିଲେ, 'ମୋ ବାପ ବଡ଼ବାପର କୀର୍ତ୍ତି ବୋଲି କହିବାକୁ ଯେପରି କେହି ନ ରହେ ।' ଇନ୍ଦ୍ର କହିଥିଲେ, 'ତଥାସ୍ତୁ ।' ଏହାହିଁ ଓଡ଼ିଆର ଜୀବନ୍ତ ବିଶ୍ୱମୈତ୍ରୀର ସଂକେତ । ନିଜକୁ ବିଶ୍ୱରେ ପୂର୍ଣ୍ଣରୂପେ ମିଶାଇ ଦେବା ଏ ମୈତ୍ରୀର ଆଦର୍ଶ ।

## ମୈତ୍ରୀର ଚଳଣି — ଜାତିଭେଦ ନାହିଁ

ଏଇ ମୈତ୍ରୀରେ ଓଡ଼ିଆର ଚଳଣି ସଂପୂର୍ଣ୍ଣ ପ୍ରଭାବିତ ଥିଲା । ସମାଜରେ ରାଜା ଓ ସମ୍ରାଟ୍ ମଧ୍ୟ ଥିଲେ । କିନ୍ତୁ ରାଜା ପ୍ରଜା, ଉଚ୍ଚ ନୀଚ,

Digitized by srujanika@gmail.com

ଧର୍ମା ଦବଦ୍‌ ପ୍ରଭୃତି ବେଦ ସମାଜକୁ କୁତ୍ସିତ ଓ କଳଙ୍କିତ କରି ନ ଥିଲା । ରାଜା ଥିଲେ କେବଳ ଯୁଦ୍ଧରେ ନେତା । ରାଜ୍ୟ ଥିଲା, ମୈତ୍ରୀ ଧର୍ମର ରାଜ୍ୟ । ପ୍ରଜାଏ ସମସ୍ତେ ଦରବାର ପଡ଼ିଲେ, ଯୁଦ୍ଧକୁ ବାହାରୁଥିଲେ । ପରଂପରାରେ ରାଜା ଏ ଦେଶରେ ଥିଲେ, ଯଥାର୍ଥ ଜନନାୟକ । ଦରବାର କେଳେ ସେ ମୁଣି ହେଉଥିଲେ, ମନୋନୀତ । 'ସାମନ୍ତଚକ୍ର' ବା ଜନନେତାମାନେ ବସି ବିଚାର କରି ତାଙ୍କୁ ବାଛୁଥିଲେ । ଯୁଦ୍ଧାଦି ରାଜ୍ୟ ରକ୍ଷା କାର୍ଯ୍ୟ ନିମନ୍ତେ ପ୍ରଜାଏ ରାଜାଙ୍କୁ ନିଜ ଆୟରୁ 'ବଳି' ପଠାଇ ଦେଉଥିଲେ । ଶୁଦ୍ର ରାଜାଙ୍କ କଥା କହିଲାବେଳେ ସାରଳା ଦାସ କହନ୍ତି—

"ଯେ ଯାହା ଅର୍ଜଇ ସେ ତହିଁର ଦୁଇଭାଗ ।
ସୈନ୍ୟ ପାଳିବାକୁ ନେଇ ଥୋଏ ରାଜା ଆଗ ॥

ମହାଭାରତ—ସୃଷ୍ଟପର୍ବ ।

ଏଇପରି ପ୍ରଜାଏ ଥିଲେ ପୂରା ସ୍ୱାଧୀନ । ଜାତିଭେଦ ବୋଲି ଜିନିଷ ପ୍ରାୟ ନ ଥିଲା । ବହୁ ଚେଷ୍ଟାରେ, ବହୁ ଆଗନ୍ତୁକ ଉତ୍ପାତ ସୃଷ୍ଟି କରି ମଧ୍ୟ ଓଡ଼ିଆ ଦେଶରେ ଜାତିଭେଦ ପୁରାପୁରି ପଶି ପାରି ନାହିଁ । ସେଦିନ ପର୍ଯ୍ୟନ୍ତ ଏ ଭୂମିରେ କୃଷକମାନେ ସେନା ଥିଲେ । ତାଙ୍କରି ନେତା ହେଲେ ରାଜା । ଯେ କେହି ରାଜା ହେଲେ, ବୋଲଉ ଥିଲେ, କ୍ଷତ୍ରିୟ । ବ୍ରହ୍ମା ନିଜକୁ ଭୌମ ବୋଲାଇ ହୋଇଛନ୍ତି, ଏ ଭୂମିରେ କ୍ଷତ୍ରିୟ; ମୁଣି ଗଉଡ଼ ମଧ୍ୟ ସୂର୍ଯ୍ୟ ବଂଶୀ ହୋଇ, ହୋଇଛନ୍ତି, କ୍ଷତ୍ରିୟ । ଏବେ ବି ସେ‌ଥି ପାଇଁ ଖଣ୍ଡାୟତ ଓ ତସା, ଏ ଭୂମିରେ କ୍ଷତ୍ରିୟ । ତସା ମଧ୍ୟ ଏଠି ଶୂଦ୍ର ହୁଅନ୍ତି । ଆଗନ୍ତୁକ ବେଦ-ଧର୍ମୀଏ ଶାସ୍ତ୍ର କଲେ, ଏଇ ଭୂମିରେ ମଧ୍ୟ ଶାସ୍ତ୍ର କଲେ—

"ସତ୍-ଶୁଦ୍ରୌ ଗୋପନାପିତୌ"

ଅର୍ଥାତ୍, ଗଉଡ଼, ଭଣ୍ଡାରୀ—ଏଇ ଦୁଇ ଶୂଦ୍ର ଜଳ ଚଳ ଓ ଉତ୍ତମ । ମାତ୍ର ତସା ଓଡ଼ିଶାରେ ନିଷ୍ଠୁର ଜଳ ଚଳ । ତାଙ୍କୁ ବେଦ ଶୂଦ୍ର କରି ରଖି ପାରି ନାହିଁ । ସାରଳା ଦାସ ଏ ଭୂମିରେ ଶୂଦ୍ର ମୁନି । ଭୀମା

Digitized by srujanika@gmail.com

ହେଲ ସିଦ୍ଧ-ସାଧକ । ଯେଉଁ ଗଉଡ଼ ଅଚ୍ୟୁତାନନ୍ଦ ଭବିଷ୍ୟତରେ କେଉଁ ଦିନ ସୁଣି—

“ସବେ ହୋଇବେ ଏକାକାର
ନ ଥିବ ବେଦର ବିଚାର”

ଗୃହେ ଗୃହେ ନିର୍ବାଣ ଭଜିଚନ୍ତି ଓ 'ଗାୟତ୍ରୀ' ପରି ବେଦମନ୍ତ୍ର ସବୁକୁ ଛିଣ୍ଡି ଛିଣ୍ଡି କରି ଛିଣ୍ଡାଇ ସେଥିରୁ ନିଜ ଶୂନ୍ୟ ସାଧନାର ତତ୍ତ୍ୱ ବାହାର କରି ବୁଝାଇଚନ୍ତି, ସେଇ ହେଉଚନ୍ତି, ଏ ଭୂମିରେ ପରଂପରାରେ ଗୁରୁ ଓ ଅବତାର । ଏମାନେ ସମସ୍ତେ ନମସ୍ୟ ପୂଜ୍ୟ ଓ ମହାପୁରୁଷ, ଦେଖିବାର ଅଛି, ଏମାନେ କେହି ପୁଣି କବୀର, ତୁକାରାମ, ତଥା ଏଇ ଓଡ଼ିଶାର ସାଲବେଗ ପ୍ରଭୃତି ପରି ମୁସଲମାନ-ଧର୍ମ-ବିଜୟର ଅବାନ୍ତର ଫଳ ନୁହନ୍ତି, କିଂବା ଖ୍ରୀଷ୍ଟାନ୍ ମୁସଲମାନଙ୍କ ପରି ସୁବିଧାଜନକ ଈଶ୍ୱରଟିଏ ସୃଷ୍ଟି ଓ କଳ୍ପନା କରି ଭକ୍ତରେ ତାହାରେ ଆପଣାକୁ ସମର୍ପି ଦେଇ ନିଶ୍ଚିନ୍ତ ନୁହନ୍ତି । ଏମାନେ ଯଥାର୍ଥ ଓଡ଼ିଆ—ଓଡ଼ିଆ ଧର୍ମୀ ଓ ଓଡ଼ିଆ ସାଧକ ।

## କୋଇଲି ବୈକୁଣ୍ଠ—

ଓଡ଼ିଆର ଏଥରେ କି ଅଛି, କୋଇଲି-ବୈକୁଣ୍ଠ । ପୁରୀମନ୍ଦିରରେ ଏହା ଅଛି । କୋଇଲି ବା କୋ-ଇଲ୍ ଗୋଟିଏ ପୁରୁଣା ଦ୍ରାବିଡ଼-କଥା । ଏହାର ଅର୍ଥ, ଦେବ-ଗୃହ ବା ଦେଉଳ । ଦକ୍ଷିଣ ଓଡ଼ିଶା ଓ ସିଂହଳପୁରରେ ଏଇ କଥାଟି ହୋଇଛି, ଚୁଡ଼ି । ଏଥିରେ ସଂସ୍କୃତ ବୈକୁଣ୍ଠ କଥାଟି ଲାଗିଛି । ବୈକୁଣ୍ଠ କହିଲେ, ଯେଉଁଠି କୁଣ୍ଠା ନାହିଁ । ଯଥାର୍ଥରେ ଆମ କୋଇଲି-ବୈକୁଣ୍ଠରେ କୁଣ୍ଠା ବା 'ନାକଟେକା' ଅର୍ଥାତ୍, ଘୃଣା ଅଦୌ ନାହିଁ । ପୁରୀ ମନ୍ଦିରକୁ ଯାତ୍ରୀ ହୋଇ ଯେ ଯାଆନ୍ତି, ସେମାନେ ସମସ୍ତେ, ଏଇ କୋଇଲି ବୈକୁଣ୍ଠକୁ ଯାଇ ସେଠି ନିଜର ନାମ, ପିତାର ନାମ ଓ ଜାତି ଘୋଷଣା କରନ୍ତି । ପଣ୍ଡାଏ ତା ଲେଖି ରଖନ୍ତି । ଚିରଦିନ ଗଣ୍ଡା, ଘାସି, ହାଡ଼ି, ଡୋମ, ପାଣ, ନମ ଶୂଦ୍ର, କୋଲ୍, ହୁଡ଼ି ସବୁ ଜାତିର ଲୋକେ ଯାତ୍ରୀ ହୋଇ ଜଗନ୍ନାଥ ଦର୍ଶନକୁ ଯାଉ-

Digitized by srujanika@gmail.com

ଚନ୍ତି; କୋଇଲି ବୈକୁଣ୍ଠରେ ଘୋଷଣା କରୁଚନ୍ତି; ପଣ୍ଡାଏ ତା ଲେଖି ରଖୁଚନ୍ତି । ହିନ୍ଦୁର ମହା ଧର୍ମ ପୀଠ ଓଡ଼ିଆର ଜଗନ୍ନାଥ ଭୂମିରେ ଆଜ ମଧ୍ୟ କାର୍ଯ୍ୟରେ ଜାତି ଓ ବର୍ଣ୍ଣଭେଦ ନାହିଁ । ସମସ୍ତେ ସେଠି ସମାନ; ବଣ୍ଟମେଣ୍ଟୀରେ ସମସ୍ତେ ଏକ । ଏହାହିଁ ପୁଣି ଘୋଷଣା କରିବା ପାଇଁ ସେଠି ଅଛି, କୋଇଲି-ବୈକୁଣ୍ଠ । ଭାରତରେ ଏପରି ସାମ୍ୟ-ମୈତ୍ରୀ ଘୋଷଣ କରି କାର୍ଯ୍ୟରେ ପ୍ରମାଣ କରିବାର ନିତ୍ୟ ବ୍ୟବସ୍ଥା ଅଉ କୁଆପି ନାହିଁ । ତଥାପି ଆଜ ଏସବୁ କିଛି ନଜାଣି ନ ବୁଝି, ଅନୁକରଣରେ ବଡ଼ ହେବାପାଇଁ ଓ ଓଡ଼ିଆଙ୍କୁ ବଡ଼ କରିବାପାଇଁ ଯେଉଁମାନେ ମନ୍ଦିରରେ ଅଛୁଆଁ ଭଡ଼ିକରି ହରିଜନ ସେବା କରିବାର ଗପ କରନ୍ତି, ସେମାନେ ଯଥାର୍ଥରେ କଅଣ କରୁଚନ୍ତି ତା ବୁଝୁ ନାହାନ୍ତି । ତାଙ୍କର ପାଇଁ ସେନା ଏକା କବି ଫକୀର ମୋହନ କହୁଚନ୍ତି,—

"ଫିଙ୍ଗି ଦେଇ ଛେନା କରି ଖାଅ ବିସ୍‌କୁଟ୍ ।"

## ଗ୍ରାମ-ସଭା ଓ 'ମହାଜନ'

ଓଡ଼ିଆର କୋଇଲି ବା ବୈକୁଣ୍ଠରେ କେବଳ ସମସ୍ତେ ଯେ ସମାନ ସେତିକି ନୁହେ । ଇଂରେଜିରେ ଯାହାକୁ କହନ୍ତି right of citizenship ତାକୁ ଏବେ ନାଗରିକ ଅଧିକାର ବୋଲି ଅନୁବାଦ କରୁଚନ୍ତି । ସେଇ ସୂତ୍ରେ ନାଗରିକ ସ୍ୱାଧୀନତା କଥାଟି ଉଠେ । ଏ କଥାଟି ଇଉରୋପ ଅଡ଼ୁ ଆସିଛି । ସେଆଡ଼େ କର୍ମରେ ନୁହେ, ଅଧିକାରରେ ସମାଜର କଳନା; ପୁଣି ନଗରରୁହିଁ ସଭ୍ୟତାର ବିକାଶ କଳନା କରାହୁଏ । ଆମର କିନ୍ତୁ ଜୀବନର ଅଧିକାରରେ ନୁହେ, କର୍ମରେ; ପୁଣି ଗ୍ରାମରୁ ସଭ୍ୟତାର ବିକାଶ । ଓଡ଼ିଆରେ 'ନଗର' କଥାଟିକୁ 'ନଅର' ବୋଲି ବୁଝାଯାଏ । ଅତି ପ୍ରାଚୀନ କାଳରୁ ଏହାର ଅର୍ଥ ହେଉଚି, ରାଜପୁର ବା ରାଜାଙ୍କ ଘର । ଆଜକୁ ୨ ହଜାର ଏକଶ ବର୍ଷତଳର ଖାରବେଳଙ୍କ ଶିଳାଲିପିରେ ମଧ୍ୟ 'ନଅର' ଶବ୍ଦର ଏହି

Digitized by srujanika@gmail.com

ଅର୍ଥ । ନିଜ ଧର୍ମ ବା କର୍ତ୍ତବ୍ୟରେ ସ୍ୱଚ୍ଛନ୍ଦ ଓ ସ୍ୱାଧୀନ 'ଜନ' ବା ବ୍ୟକ୍ତିର ଆମର ସମାଜ ତଥା ରାଷ୍ଟ୍ର କଳ୍ପନା କରାଯାଏ । ଓଡ଼ିଆରେ ଗ୍ରାମର ସେହି ସ୍ୱାଧୀନ-ଜନଙ୍କୁ କହନ୍ତି, 'ମହାଜନ' । ଏ କଥାଟି ଏବେ ବି ଚଳେ । ଧନୀ, ଦରିଦ୍ର, ପାଟୁଆ, ଅପାଟୁଆ ପ୍ରଭୃତି ସବୁ ମହାଜନ, ପୁଣି କାର୍ଯ୍ୟରେ ସମାନ । ରାଜା ରାଜ୍ୟ କରୁଥିଲେ; ମାତ୍ର ଲୋକଙ୍କ ଉପରେ ଆଧିପତ୍ୟ କରିବା ଓଡ଼ିଆ ସମାଜ ସଂସ୍କୃତି ବା ସାହିତ୍ୟରେ ନାହିଁ । କୁହାଯାଇଛି ଲୋକେ ରାଜାଙ୍କୁ ବାହାର କରି ପାରୁଥିଲେ ଓ ଦରକାର ହେଲେ ଦକ୍ଷ ଲୋକଙ୍କୁ ମନୋନୀତ କରି ରାଜା ବି କରୁଥିଲେ । ଏ କ୍ଷେତ୍ରରେ ପୁଣି ବିଶେଷ କଥା ହେଉଛି, ନର ନାରୀର ପ୍ରଭେଦ ନ ଥିଲା । ରାଜକନ୍ୟାମାନେ ପିଲାଦିନୁ ରାଜକାର୍ଯ୍ୟ ଶିଖୁଥିଲେ । ସଂଭବତଃ ଜନତନ୍ତ୍ରରେ ସେଇଆ ରୀତି ଥିଲା । ଗ୍ରାମରେ ଗ୍ରାମ ଲୋକେ ସ୍ୱାଧୀନ ଥିଲେ; ସମସ୍ତେ ସମାନ ଥିଲେ । ନଗର ସବୁ ମଧ୍ୟ ବଣ୍ଟା ହୋଇ ଗ୍ରାମ ପରି ଚଳୁଥିଲା । ପୁରୀରେ ଏବେ ମଧ୍ୟ ସେ ରୀତି ସ୍ପଷ୍ଟ । ସାହି ଗୁଡ଼ିକ ସେଠାରେ ଠିକ୍ ଗୋଟିଏ ଗୋଟିଏ ଗ୍ରାମ ପରି । ଆଦିମ ସମାଜରେ ସର୍ବତ୍ର ଜନେ ହୁଏତ ଏଇ ପରି କିଛି ଥିଲା । କିଂତୁ ରାଜାଙ୍କ ଆଧିପତ୍ୟରେ ତା ବହୁ କାଳୁ ଲୋପ ପାଇଛି । ଓଡ଼ିଶାରେ ତାର ଛଂଚ ଏବେ ବି ଅଛି । ଦେଖାଯାଉଛି, ଓଡ଼ିଶାର ସେ ଦିନର ପରାଧୀନ ରାଜାମାନେ ମଧ୍ୟ ଏହାକୁ ଆଦର କରିଚନ୍ତି, ସମ୍ମାନ କରିଚନ୍ତି । ସ୍ୱାଧୀନ ଥିବା କାଳରେ ଯେ ଏହାଇ ବିଧିଥିଲା, ସେଥିରେ ସଂଦେହ କରିବାର କିଛି ନାହିଁ । ମୋଗଲ କାଳରେ ମଧ୍ୟ ଓଡ଼ିଶା ରାଜାଏ ଯେ ଗ୍ରାମ ଓ ଶାସନମାନ ବସାଇଚନ୍ତି, ସେଥିରେ କୋଠ ଅଛି, ଦେବୋତ୍ତର ଅଛି । ଗ୍ରାମର ଧନୀ ଦରିଦ୍ର ନିର୍ବିଶେଷରେ ସେ ସବୁରେ ସମାନ ଅଧିକାରୀ । ସେଠି କେହି ବଡ଼ ନୁହେଁ, ସାନ ନୁହେଁ । ସମସ୍ତେ ଏବେ ବି ବୋଲନ୍ତି, 'ମହାଜନ' । ସେଥିପାଇଁ ତ ସେଥି ସଂଗେ ଗ୍ରାମସଭା ଅଛି । ତାକୁ କହନ୍ତି, 'ମହାଜନ ମେଳା' । ସେଥିରେ ନ୍ୟାୟ ବିଚାର ଅଛି, ଜଳସେଚନ ବ୍ୟବସ୍ଥା ଅଛି, ମନ୍ଦିର ଜଳାଶୟ ମରାମତି ଓ ତିଆରି ପ୍ରଭୃତି ସବୁ ଅଛି; ସବୁ ସ୍ୱାଧୀନ ଓ ସୁଶୃଂଖଳ ଭାବରେ ଯଥା ସଂଭବ ଏବେ ବି ଚାଲିଛି । ଏ ସାମ୍ୟ-ଶୃଙ୍ଖଳା କି

Digitized by srujanika@gmail.com

ସଭ୍ୟତାର ଅବଶେଷ ତା ଦେଖି ବୁଝିବାର କଥା । ଓଡ଼ିଆର ଲେଖା ଓ କଥା ସାହିତ୍ୟ ପୁଣି ଏହାର ସଂକେତରେ ନାନାଭାବରେ ଖୁବ ରହିଛି ।

## ସଂଘର୍ଷରେ ଏହାର ଗତି

ଏହିପରି ଓଡ଼ିଆ ସାହିତ୍ୟର ସ୍ୱରୂପ ନିର୍ଣ୍ଣୟ କରିବା ପାଇଁ ଆଦର୍ଶରେ ସେହି ନିର୍ବାଣ-ସାଧନା ସଂଗେ ଚଳଣିରେ ସେହି ମୈତ୍ରୀର ଲୀଳା ନାନା ସଂକେତରେ ଦେଖି ହେବ । ବର୍ତ୍ତୀ ବେଦ-ଧର୍ମୀମାନଙ୍କର ନାନା ଉପଦ୍ରବ ଓ ସଂଘର୍ଷ ଭିତରେ ଏହି ଆଦର୍ଶପୂର୍ଣ୍ଣ ଏହି ଚଳଣିର ନିର୍ମଳଧାରା ବଞ୍ଚାଇ ରଖିବାର ଓଡ଼ିଆ ସାହିତ୍ୟର ଆତ୍ମପ୍ରଚେଷ୍ଟା । ନାନା ଚେଷ୍ଟା ଓ ପ୍ରଭାବ ଭିତରେ ଆଗନ୍ତୁକର ଧକ୍କା ଖାଇ, ତାକୁ କପର ହଜମ କରି ଏହି ପ୍ରଚେଷ୍ଟିତ ଆତ୍ମା ସାହିତ୍ୟର କ୍ରମ-ପରିଣତିରେ ଗତି କରିଛି, ତା ଏହି ଗ୍ରନ୍ଥର ଦ୍ୱିତୀୟ ଭାଗରେ କୁହାଯିବ ।

Digitized by srujanika@gmail.com

# କେତୋଟି ଅଧିକା କଥା

ଆବରଣରେ ସଂକେତ ଦେଇ ଓଡ଼ିଆ ସାହିତ୍ୟର ମୌଳିକତା ଓ ବିଶିଷ୍ଟତା ଦେଖାଇବା ପାଇଁ ଓଡ଼ିଆର ଧର୍ମ ଓ ସମାଜ ସାଧନା ସଂଗେ ଘର ପାଖ ବଂଗଳାର ସେଇ ସାଧନାକୁ ଲକ୍ଷ୍ୟ କରି ଅନେକ କଥା କହିଯାଇଛି; ମାତ୍ର ଓଡ଼ିଆ ପାଠକ ସାଧାରଣଙ୍କର ହୁଏତ ଧାରଣା ହେବ ନାହିଁ ଯେ, ଏପରି କ୍ରିୟା ସବୁ ଧର୍ମ ଓ ସାଧନା ନାମରେ ଏତେ ସାଧାରଣ ହୋଇପାରେ ! ବଂଗଳାର ଏ ଧର୍ମ ଓ ସାଧନାରେ ପୁଣି 'ବୁଦ୍ଧ', 'ଶୂନ୍ୟତା', 'ନିର୍ବାଣ', 'ତନ୍ତ୍ର' ପ୍ରଭୃତି ସଂଗେ 'କାୟା-ସାଧନା', 'ପିଣ୍ଡ-ବ୍ରହ୍ମାଣ୍ଡ-ତତ୍ତ୍ୱ' ପ୍ରଭୃତି ନାମ ସବୁ ରହିଛି । ଓଡ଼ିଆ ସାଧନାରେ ମଧ୍ୟ ସେଇ ସବୁ ନାମ ଅଛି । 'ପ୍ରେମ' କଥାଟି ସେଠି ମଧ୍ୟ ଓଡ଼ିଆ ବୈଷ୍ଣବମାନେ ନିଜ ଚଳଣି ଓ ସାଧନାକୁ ଅର୍ଥ କରି ବଂଗଳାର 'ପରକୀୟା-ନାୟିକା' ଭଳି 'ସ୍ୱକୀୟା-ନାୟିକା' କଥାଟିଏ ବାହାର କରି ବୁଝାଇଛନ୍ତି । ପୁଣି ଏବେ ନେପାଳରୁ ବାହାରିଥିବା 'ବୌଦ୍ଧଗାନ ଓ ଦୋହା'ରେ ସେତେବେଳ ଓଡ଼ିଆଙ୍କ ଲେଖା ଓ 'ଓଡ଼ିଆଣ' ନାମରେ ବଂଗୀୟ 'ବଜ୍ରଯାନ ତନ୍ତ୍ର'ର ଆଦମ ପୀଠ ଥିବାର ଦେଖି, ସମସ୍ତ 'ସହଜିଆ' ସମେତ 'ବଂଗାଳୀ' ଧର୍ମଟାକୁ ଓଡ଼ିଆଙ୍କର ବୋଲି ମଧ୍ୟ କେତେକ ଓଡ଼ିଆ ପ୍ରମାଣ କରି ବସନ୍ତି; ପୁଣି 'ଜୟଦେବ', 'ଚଣ୍ଡୀଦାସ' ପ୍ରଭୃତିଙ୍କୁ ଓଡ଼ିଆ ଧର୍ମୀ ବୋଲି ପ୍ରମାଣ କରିବାକୁ ଲାଗନ୍ତି, ଏପରି ଗୌଡ଼ଦେଶର ମନୋଭାବ ଓଡ଼ିଆର ବହୁତ ପ୍ରକାଶ ପାଇଛି ଓ ପାଉଛି । ବିଶେଷତଃ ଖ୍ରୀଷ୍ଟ ଷୋଡ଼ଶ-ସପ୍ତଦଶ ଶତାବ୍ଦୀରୁ ପରାଧୀନ ଓଡ଼ିଶାରେ ଶାସକମାନେ ବିଶେଷରେ ବଂଗାଳୀଙ୍କ ତନ୍ତ୍ର-ସାଧନା ଓ ପଞ୍ଚ-ମ-କାର ମୋହରେ ପଡ଼ି ଓ କେତେକ ସମାଜ ମୁଖ୍ୟ, ଗୌଡ଼ୀୟ ବୈଷ୍ଣବଙ୍କ ଧର୍ମକୁ ଓଡ଼ିଶାରେ ପ୍ରଶ୍ରୟ ଓ ପ୍ରତିଷ୍ଠା ଦେଇ ଏ ରୋଗ ବେଶ୍ ବଢ଼ାଇଛନ୍ତି । ଅବଶ୍ୟ ଓଡ଼ିଆର ସାଧାରଣ ଓ ସମୃଦ୍ଧ ସମାଜ-

Digitized by srujanika@gmail.com

ସାଧନା ଏଥିରେ ବିଶେଷ ଭ୍ରଷ୍ଟ ହୋଇ ନାହିଁ । ହେଲେହେଁ, ଖାଲି ଏହି ସାଧନାର ପାରିଭାଷିକ ନାମାନ୍ତରରେ ନୁହେଁ, ଅନ୍ୟାନ୍ୟ ଅନେକ ଦିଗରେ ବଙ୍ଗାଳୀ, ଓଡ଼ିଆଙ୍କର ବିଶେଷ ଭେଦ ନାହିଁ । ରୂପ, ଆକୃତି, ବେଶଭୂଷା, ଭାଷାଦିରେ ଯୁଦ୍ଧେ ପ୍ରାୟ ଏକାପରି । ତେଣୁ ଏହି ବଙ୍ଗାଳୀ ଧର୍ମ, [illegible], ବଜ୍ରଯାନ, ସହଜିଯାନ ଓ ଗୌଡ଼ୀୟ ବୈଷ୍ଣବ ଧର୍ମ ସମ୍ବନ୍ଧରେ ବଙ୍ଗଦେଶୀ ପଣ୍ଡିତମାନଙ୍କର ଅଭିନବ କେତୋଟି ସିଦ୍ଧାନ୍ତ ଓ ଆଲୋଚନା ଉଦ୍ଧାର କରି ଦିଆଯାଉଛି ।

ପ୍ରାଚ୍ୟ ବିଦ୍ୟାମହାର୍ଣ୍ଣବ ନଗେନ୍ଦ୍ରନାଥ ବସୁ ନିଜ 'ବିଶ୍ୱକୋଷ'ରେ ଲେଖିଛନ୍ତି—

"ସହଜିଆ ଧର୍ମ ସମ୍ପ୍ରଦାୟ ବର୍ତ୍ତମାନ କାଳରେ ଗୌଡ଼ୀୟ ସମ୍ପ୍ରଦାୟର ଗୋଟିଏ ନିମ୍ନ ଶ୍ରେଣୀ ରୂପେ ଗଣ୍ୟ । ସାଧାରଣଙ୍କ ବିଶ୍ୱାସ ଯେ, ଶ୍ରୀମନ୍ନିତ୍ୟାନନ୍ଦ ପ୍ରଭୁଙ୍କ ପୁତ୍ର ବୀରଭଦ୍ର ଗୋସ୍ୱାମୀଙ୍କଠାରୁ ଏହି ସମ୍ପ୍ରଦାୟର ଉଦ୍ଭବ । କିନ୍ତୁ ସହଜିଆ ମତ ବହୁ ପୂର୍ବକାଳରୁ ଗୌଡ଼ ମଣ୍ଡଳରେ ପ୍ରଚଳିତ ଥିଲା; ଏଥିର ଯଥେଷ୍ଟ ପ୍ରମାଣ ମିଳେ । ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ ୯୦୦।୧୦୦୦ ବର୍ଷ ପୂର୍ବର ପ୍ରାଚୀନ ପଦ ଓ ଦୋହାମାନ ସଂଗ୍ରହ କରି ପ୍ରକାଶ କରିଛନ୍ତି । ସେଥିରେ ସହଜିଆଙ୍କ ମୂଳଧର୍ମ ମତର ଯଥେଷ୍ଟ ଉପକରଣ ରହିଛି । ସେ ପଦାବଳୀ ଆଲୋଚନା କଲେ ଜଣାଯିବ ଯେ, ବୌଦ୍ଧ ତାନ୍ତ୍ରିକ ସମାଜରୁ ଏହି ସହଜିଆ ମତର ଉତ୍ପତ୍ତି ହୋଇଥିଲା । ...... ମହାଯାନ ସମ୍ପ୍ରଦାୟରୁ ସମ୍ଭୂତ ମନ୍ତ୍ରଯାନରେ ବିଭିନ୍ନ ଶକ୍ତି ପୂଜା ସଙ୍ଗେ ତାନ୍ତ୍ରିକତାର ଘୋଷଣା ହେଲା । ବିଭିନ୍ନ ମହାଯାନ ବୌଦ୍ଧସମ୍ପ୍ରଦାୟ ମଧ୍ୟରେ ଜ୍ଞାନ-ନିଷ୍ଠା, ଇନ୍ଦ୍ରିୟ-ସଂଯମ ଓ ସଂନ୍ୟାସ ବୈରାଗ୍ୟ ହିଁ ପ୍ରଥମେ ନିର୍ବାଣ ପଦ ଲାଭର ଉପାୟ ବୋଲି ନିର୍ଦ୍ଦିଷ୍ଟ ହୋଇଥିଲା । ବୁଦ୍ଧ ଶିଷ୍ୟ ଆନନ୍ଦ, ନାରୀଜାତିକୁ ସଂନ୍ୟାସର ଅଧିକାର ଦେଇଥିଲେ । କାଳକ୍ରମେ ବୌଦ୍ଧ ବିହାର ଓ ସଂଘାରାମମାନଙ୍କରେ ବହୁତର ଶ୍ରାବକ ଓ ଭିକ୍ଷୁ ସଂଘଙ୍କ ପରି ଶତ ଶତ ଶ୍ରାବିକା ଆଶ୍ରୟ ଲାଭ କଲେ । ଅବଶ୍ୟ ପ୍ରଥମେ ଉଭୟଙ୍କର

Digitized by srujanika@gmail.com

ନିବୃତ୍ତି-ମାର୍ଗରେ ଲକ୍ଷ୍ୟ ଥିଲା । କିନ୍ତୁ ସ୍ତ୍ରୀପୁରୁଷଙ୍କ ଏକତ୍ରାବସ୍ଥାନର ବିଷମୟ ଫଳ (ଯୌନ ସ୍ୱାଧୀନତା) ଅବଶ୍ୟମ୍ଭାବୀ ହୋଇ ଉଠିଲା ।... କେହି କେହି ଓଲଟି, ପ୍ରବୃତ୍ତି-ସାଧନା ଦ୍ୱାରା ନିବୃତ୍ତି ବା ମୋକ୍ଷ ପଥର ଉପାୟ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ । ନିରବଚ୍ଛିନ୍ନ ଭୋଗ ସାଧନ ଦ୍ୱାରା ଯେ ସହଜାନନ୍ଦ ଲାଭ ହୁଏ ଓ ତଦ୍ୱାରା ନିର୍ବାଣ ଲାଭ ହୋଇ-ପାରେ, ଏଇ ନବ ସଂପ୍ରଦାୟ ଅତି ଗୋପନରେ ଏହାହିଁ ପ୍ରଚାର କଲେ । ......ଏଇ ପ୍ରବୃତ୍ତି-ମାର୍ଗୀ ନବ ସଂପ୍ରଦାୟ ବଜ୍ରସତ୍ତ୍ୱ ନାମକ ଷଷ୍ଠ ଧ୍ୟାନୀ ବୁଦ୍ଧ, ତାଙ୍କର ବଜ୍ରେଶ୍ୱରୀ ନାମ୍ନୀ ଶକ୍ତି ଓ ଘଣ୍ଟାପାଣି ନାମକ ବୋଧି-ସତ୍ତ୍ୱଙ୍କ କଳ୍ପନା କଲେ । ଏଇ ନବ ସଂପ୍ରଦାୟ 'ବଜ୍ର-ସତ୍ତ୍ୱ-ଯାନ' ବା 'ବଜ୍ରଯାନ' ନାମରେ ପ୍ରସିଦ୍ଧ ହେଲେ । ସେମାନଙ୍କ ଆଚାର ପଦ୍ଧତି, ସ୍ପଷ୍ଟ ନୀତି ଅତି ରହସ୍ୟ ତାଂତ୍ରିକ ତମସ ଛନ୍ନ ।... ଏଇ ଧର୍ମାଚରଣ ସହଜ-ସାଧ୍ୟ ଓ ଆପାତ ମନୋରମ ହେବାରୁ ଆପାମର ସାଧାରଣ ଏହାକୁ ସାଦରେ ଗ୍ରହଣ କଲେ ।" [ଏଠାରେ 'ସହଜତତ୍ତ୍ୱ' ବ୍ୟାଖ୍ୟାରେ 'ଆନନ୍ଦ', 'ପରମାନନ୍ଦ', 'ସହଜାନନ୍ଦ', 'ବିରମାନନ୍ଦ' ଓ 'ମହାସୁଖ'ର ବ୍ୟାଖ୍ୟା ଦେଇଛନ୍ତି । ନେପାଳରୁ ମିଳିଥିବା ଚଣ୍ଡରୋଷଣ ତନ୍ତ୍ରରୁ ତା ପୂର୍ବେ ଦିଆଯାଇଛି । ୨୪୬, ୨୫୬ ପୃଷ୍ଠା ଦେଖ ] "ଗୌଡ଼ ବଂଗରେ ଏଇ ବଜ୍ରଯାନ ବିଶେଷ ପ୍ରବଳ ଥିଲା । ସହଜିଆ ମାର୍ଗ ଏଇ ବଜ୍ରଯାନର ନୂତନ ସଂସ୍କରଣ" [ବୋଲି ମଧ୍ୟ ସେଠି କୁହାଯାଇଛି ] ।

"ମହାପ୍ରଭୁ ଚୈତନ୍ୟଙ୍କ ଅଭ୍ୟୁଦୟର ବହୁ ପୂର୍ବେ ବୈଷ୍ଣବ ତାନ୍ତ୍ରିକ-ଗଣ 'ସହଜିଆ ମତ' ଗ୍ରହଣ କରିଥିଲେ । ଚଣ୍ଡୀଦାସଙ୍କ ପଦାବଳୀରେ ଏହା ସୁସ୍ପଷ୍ଟ ବ୍ୟକ୍ତ ହୋଇଅଛି । ଯେଉଁ 'ବାଶୁଳୀ' ଦେବୀଙ୍କ ପ୍ରତ୍ୟା-ଦେଶରେ ଚଣ୍ଡୀଦାସ, 'ସହଜ ତତ୍ତ୍ୱ' ପ୍ରକାଶ କରିଥିଲେ, ହିନ୍ଦୁଧର୍ମ ଶାସ୍ତ୍ରରେ ତାଙ୍କର ନାମୋଲ୍ଲେଖ ନାହିଁ । ନେପାଳର ବଜ୍ରଯାନର ଆଚାର୍ଯ୍ୟ-ମାନଙ୍କ ଦ୍ୱାରା ବଜ୍ରସତ୍ତ୍ୱର 'ଶକ୍ତି'ଙ୍କର ଯେଉଁ ଗୁହ୍ୟ ମୂର୍ତ୍ତି ଅଙ୍କିତ ହୁଅନ୍ତି, ତାଙ୍କ ସହିତ ଚଣ୍ଡୀଦାସଙ୍କ ପୂଜିତା 'ନାନ୍ନୁର'ର 'ବାଶୁଳୀ' ମୂର୍ତ୍ତିଙ୍କର ଅନେକ ସୌସାଦୃଶ୍ୟ ଅଛି । ବୈଷ୍ଣବ ସହଜିଆମାନଙ୍କର

Digitized by srujanika@gmail.com

ଆଦି ଉପାସ୍ୟା, 'ବାଶୁଳୀ' । ଗୌଡ଼-ବଙ୍ଗରୁ ବୌଦ୍ଧ ଧର୍ମର ପ୍ରଭାବର ବିଲୋପ ସଂଗେ ସଂଗେ ମୁଣ୍ଡିତ କେଶ ବୌଦ୍ଧ ଶ୍ରାବକ ଓ ଶ୍ରାବିକାମାନେ ବୈଷ୍ଣବ ସମାଜରେ ଆଶ୍ରୟ ଗ୍ରହଣ କରି 'ନେଡ଼ା ନେଡ଼ୀ' (ଲଣ୍ଡାଲଣ୍ଡୀ) ନାମରେ ପରିଚିତ ହେଲେ । ପ୍ରଭୁ ନିତ୍ୟାନନ୍ଦଙ୍କ ପୁତ୍ର ବୀରଭଦ୍ର ବହୁଶତ ନେଡ଼ା ନେଡ଼ୀଙ୍କୁ ଉଦ୍ଧାର କରିଥିଲେ । ସଂଭବତଃ ସେ ଏଇ ମାନଙ୍କଠାରୁ ବଜ୍ରଯାନ (ସହଜିଆ) ତତ୍ତ୍ୱ ଜାଣିଥିବେ । ମହାଯାନ ସଂପ୍ରଦାୟ, ଜ୍ଞାନମାର୍ଗର ପଥିକ ଥିଲେ । ବଜ୍ରଯାନ ସଂପ୍ରଦାୟ ରସ ମାର୍ଗରେ ପଥିକ ହେଲେ । ଏଇ ରସମାର୍ଗ ପଥିକଙ୍କୁ ସହଜିଆମାନେ 'ରସିକ' ବୋଲି ଡାକୁଥିଲନ୍ତି । ଅତଏବ ଦେଖାଯାଏ ଯେ, ସହଜିଆମାନେ ଜ୍ଞାନମାର୍ଗକୁ ନ ଭଜି, ପ୍ରକୃତି ପୁରୁଷ (ନାରୀ ପୁରୁଷ) ଙ୍କ ମିଳନକୁ 'ପୁରୁଷାର୍ଥ' ବୋଲି ମନେ କରନ୍ତି ।

"ପ୍ରେମଦାସ ରଚିତ 'ଆନନ୍ଦ ଭୈରବ' ଓ 'ଆନନ୍ଦ ସାଗର', ମୁକୁନ୍ଦଦାସ ରଚିତ 'ଅମୃତ ଲହରୀ' ଓ 'ଅମୃତ ରତ୍ନାବଳୀ' ଏଇ ଗୁଡ଼ିକ ସହଜ ତତ୍ତ୍ୱନିର୍ଦ୍ଦେଶକ ପ୍ରଧାନ ଗ୍ରନ୍ଥ । ଏଥିଛଡ଼ା ଗୌରୀଦାସ, 'ନିଗୂଢ଼ାର୍ଥ ତତ୍ତ୍ୱ କର୍ଣ୍ଣୀ'ରେ ଏ ଗୂଢ଼ ଗ୍ରନ୍ଥର ସାର ବୁଝାଇଛନ୍ତି । ଏଛଡ଼ା ସହଜିଆମାନଙ୍କର ଶତ ଶତ ପ୍ରାଚୀନ ବଙ୍ଗଳା ଗ୍ରନ୍ଥ ଅଛି । ଏ ଗ୍ରନ୍ଥମାନଙ୍କରେ ପ୍ରମାଣ ମିଳେ ଯେ, 'ପରକୀୟା-ସାଧନା' ସହଜିଆ ସମ୍ପ୍ରଦାୟର ଲକ୍ଷ୍ୟ । ଏଇ ପରକୀୟା ସାଧନା କରୁ କରୁ କାମର ଧ୍ୱଂସ ହୋଇ ପ୍ରେମର ସଞ୍ଚାର ହୁଏ । ପରକୀୟା ନାୟିକାଙ୍କ ଦେହକୁ ଶ୍ରୀ ବୃନ୍ଦାବନ ଓ ପରକୀୟା ନାୟିକାଙ୍କଠାରେ ଶ୍ରୀ ଶ୍ୟାମସୁନ୍ଦର ଓ ରାଧାରାଣୀଙ୍କ ଅଧିଷ୍ଠାନ ବୋଲି ବିଶ୍ୱାସ କରି ଏମାନେ ତାଙ୍କ ସେବା କରନ୍ତି । ସେମାନେ କହନ୍ତି, ପ୍ରେମ ବିନା ବ୍ରଜେନ୍ଦ୍ରନନ୍ଦନଙ୍କ ପ୍ରାପ୍ତି ଦୁର୍ଲଭ । ସେମାନେ କହନ୍ତି, ପରକୀୟା ନାରୀଙ୍କ ସଂଗେ ତାଙ୍କ ଦେହ ବୃନ୍ଦାବନରେ ବିଚରଣ କରି, ଉକ୍ତ ବୃନ୍ଦାବନରେ ନିଜର ଜୀବନ ଯୌବନ ଓ ଦେହ ଅର୍ପଣ ଓ ତାଙ୍କ ରକ୍ତରେ ନିଜ ରକ୍ତ ମିଶାଇ ଭକ୍ତି ଓ ପ୍ରେମକୁ ଏକ କରି, କାମବୀଜ କାମଗାୟତ୍ରୀଦ୍ୱାରା ସେଇ କାମିନୀଙ୍କ କାମ-ରତିକୁ ଉତ୍ତେଜିତ କରି, ତାଙ୍କ

Digitized by srujanika@gmail.com

ଅଧରାମୃତ ପାନ କରି, ସାଧକ ଓ ପରକୀୟା ଦୁହେଁ ଶ୍ରୀକୃଷ୍ଣଙ୍କୁ ଲାଭ କରିବେ । ଅତଏବ ଏମାନଙ୍କ ମତରେ ଭଜନ ସାଧନ କରିବାକୁ ହେଲେ, ପ୍ରଥମତଃ ଗୋଟିଏ ସୁନ୍ଦରୀ, ନବଯୌବନସମ୍ପନ୍ନା ପରକୀୟା ରସିକା ରମଣୀ ଲୋଡ଼ା । ପରେ କୌଣସି 'ରସିକ' ଭକ୍ତଙ୍କଠାରୁ ବା ଗୁରୁଙ୍କ ନିକଟରୁ ସାଧନମତ ଉପଦେଶ ନେଇ ସେଇ ନାୟିକାଙ୍କଠାରେ ଦେହ-ମନ ସମର୍ପଣ କରି ସାଧନ ଭଜନ କଲେ, ଶ୍ରୀକୃଷ୍ଣ ପ୍ରାପ୍ତି ଘଟେ । ସହଜିଆମାନେ କହନ୍ତି ଯେ, ଚୈତନ ମହାପ୍ରଭୁ ଏହା ସାଧାରଣରେ ପ୍ରକାଶ ନ କରି ଅତି ଗୋପନରେ ରାୟ ରାମାନନ୍ଦ ଓ ସ୍ୱରୂପ ଦାମୋଦର ଆଦି କେତେକ ମର୍ମୀ ଭକ୍ତଙ୍କ ସଙ୍ଗେ ଏହା ଆସ୍ୱାଦନ କରିଥିବା କଥା ସ୍ୱରୂପ ଦାମୋଦରଙ୍କ 'କଡ଼ଚା' ଗ୍ରନ୍ଥରେ ଅଛି । ରାୟ ରାମାନନ୍ଦ ଜଗନ୍ନାଥଙ୍କ ଦେବଦାସୀଙ୍କୁ, ବ୍ରାହ୍ମଣ ଚଣ୍ଡୀଦାସ ଧୋବଣୀ ରାମୀକୁ, ବିଦ୍ୟାପତି ଶିବ ସିଂହଙ୍କ ରାଣୀ ଲଛମୀଙ୍କୁ, ଜୟଦେବ ପଦ୍ମାବତୀଙ୍କୁ, ଶ୍ରୀରୂପ-(ଜୀବ ?) ଗୋସ୍ୱାମୀ ମୀରାବାଈଙ୍କୁ, ବିଲ୍ୱମଂଗଳ ଚିନ୍ତାମଣିଙ୍କୁ, କୃଷ୍ଣଦାସ କବିରାଜ ଶ୍ୟାମାଙ୍ଗୀଙ୍କୁ ପରକୀୟା ନାୟିକାରୂପେ ଭଜନ କରିଥିଲେ । ପ୍ରବୃତ୍ତି ମାର୍ଗରେ ମଧ୍ୟ ଦେଇ କାମଗନ୍ଧହୀନ ପ୍ରେମଲାଭ କରିବାର ଏମାନଙ୍କର ଉପଲକ୍ଷ୍ୟ ଥିଲେ ।" (ଓଡ଼ିଆ ଭାଷାକୋଷରେ 'ସହଜିଆ' ମଧ୍ୟ ଦେଖ) ।

ଖ୍ରୀ ୧୯୩୪—(ବଂଗାବ୍ଦ ୧୩୪୨) ରେ କଲିକତା ବିଶ୍ୱବିଦ୍ୟାଳୟଙ୍କ ପ୍ରକାଶିତ ସ୍ୱର୍ଗତ ରାୟ ବାହାଦୁର ଦୀନେଶଚନ୍ଦ୍ର ସେନଙ୍କ ଲିଖିତ 'ବୃହଦ୍‌ବଙ୍ଗ' ଗ୍ରନ୍ଥରୁ କେତେକ ପଂକ୍ତି ନିମ୍ନରେ ଉଦ୍ଧାର କରାଗଲା ।

ଅକ୍ଷୟ କୁମାର ଦତ୍ତପ୍ରଣୀତ 'ଭାରତବର୍ଷୀୟ ଉପାସକ ସଂପ୍ରଦାୟ' ଗ୍ରନ୍ଥରେ ବଂଗର 'ସହଜିଆ' ଓ 'ବାଉଲ' ସଂପ୍ରଦାୟର ବିବରଣ ପ୍ରତି ସଂକେତ କରିସାରି ସେ କହିଚନ୍ତି:—

"ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀଙ୍କ ଭିତରେ ଯେଉଁ ଏକାନ୍ତ ନୈଶ-ମିଳନ ହେଉଥିଲା ତାହାର ଉଲ୍ଲେଖ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ରଚିତ ପାଲି 'କଥାବତ୍ଥୁ' ନାମକ ପୁସ୍ତକରେ ମିଳେ । ସେଇସ୍ଥାଇ ବଂଗଦେଶର 'ସହଜିଆ'ଙ୍କ ନୈଶ ସଭାରେ ପର୍ଯ୍ୟବସିତ ହୋଇଛି ।

Digitized by srujanika@gmail.com

ଏଇ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀମାନେ 'ଏକାନ୍ତପ୍‌ପାୟୀ' ନାମରେ ପରିଚିତ ଥିଲେ ଓ ଖ୍ରୀଷ୍ଟ ଏକାଦଶ ଶତାବ୍ଦୀର ପ୍ରଥମ ଭାଗରେ ତିବ୍‌ବତ ରାଜା 'ଗୁଂରୁଙ୍ଗ', ତଦୀୟ ଦୂତ 'ନାଗାଚୋ'ଙ୍କ ଦ୍ୱାରା 'ଦୀପଙ୍କର'ଙ୍କୁ ଦେଶର ଯେଉଁ ଅବସ୍ଥା ଜଣାଇଥିଲେ, ସେଥିରେ ସଂଭବତଃ ଏଇ ଦଳର କଥା ଉଲ୍ଲେଖ କରିଥିଲେ । ଏମାନେ ଗାଳ ଅଲ୍‌ଖାଲ୍ଲା (ଗୋଡ଼ତଳ ଯାଏଁ ଲମ୍ବା ଚୋଗା କୁର୍ତ୍ତା) ପିନ୍ଧୁଥିଲେ ଓ ଦେଶମଧ୍ୟ ବ୍ୟଭିଚାରର ସ୍ରୋତ ବୁହାଇ ଦେଇଥିଲେ । ('ବଂଗ-ସାହିତ୍ୟ ପରିଚୟ', ପ୍ରଥମ ଭାଗ ଭୂମିକା ଦେଖ)—ଭୂମିକା ପୃଷ୍ଠା ୪ ।

"ସେଦିନ ପର୍ଯ୍ୟନ୍ତ ବି ବୈଷ୍ଣବମାନେ ରାମକେଳୀ, ନବଦ୍ୱୀପ, ପ୍ରଭୃତି ସ୍ଥାନରେ ଭିକ୍ଷୁଣୀ (ମାତା) ମାନଙ୍କୁ ବଜାରରେ ବିକ୍ରୀ କରୁଥିଲେ,—ସାଧାରଣତଃ ଏପରି ନାରୀଙ୍କର ଜଣ ଜଣକର ମୂଲ୍ୟ ଥିଲା ପାଞ୍ଚ ସୁଙ୍କା (ଠ ୫)......ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ କବି ଦାଶରଥି ଏଇ ପ୍ରଥାକୁ ଠାଟ୍ଟା କରି ଲେଖିଥିଲେ:—

'ଚୋଷାଇ ଯେ ପାଞ୍ଚ୍ ସିକେ ଦିଏ,
ଛେଲେ ସୁଦ୍ଧ କରେନ୍ କ୍ଷଏ,
ଜାତ୍ୟଂଶେ କୁଲୀନ୍ ଜଣ୍ଡ ନେୟ.'
(ବାବାଜିଙ୍କୁ ପାଞ୍ଚ ସୁକା ଦେଇ
ପିଲ୍ଲ ସୁଦ୍ଧା ବଶ୍ୟ ହୋଇ
ଜାତିରେ କୁଳୀନ ଜଣ୍ଡ 'ନେଡ଼ା')।"

ଏଜନ, ପୃ ୩୮ ।

"ସହଜିଆମାନେ ଦାମ୍ପତ୍ୟ-ପ୍ରେମକୁ ଅଗ୍ରାହ୍ୟ କରନ୍ତି; ସୀତା ସାବିତ୍ରୀଙ୍କ ପ୍ରେମକୁ ଯୌନ ସଂବଂଧର ଆଦର୍ଶ ବୋଲି ମାନନ୍ତି ନାହିଁ ।

ଏଜନ, ପୃ ୪୮ ।

"ଖ୍ରୀଷ୍ଟ ପୂର୍ବ ୩୦୦ ବର୍ଷ ବେଳକୁ ଏପରି ଦଳେ ଭିକ୍ଷୁ ଓ ଭିକ୍ଷୁଣୀ ଦେଖା ଦେଇଥିଲେ, ଯେ କି ନିଜକୁ 'ଏକାନ୍ତପ୍‌ପାୟୀ' (ଏକାନ୍ତପ୍ରାୟୀ) ବୋଲି ପରିଚୟ ଦେଲେ । ସେମାନେ ବୁଦ୍ଧ ଦେବଙ୍କ

Digitized by srujanika@gmail.com

ଆଇନ୍ କାନୁନ୍ ବିରୁଦ୍ଧରେ ଗୋଟାଏ ସ୍ୱର ଉଠାଇଲେ । କହିଲେ, ଧର୍ମର ଲକ୍ଷ୍ୟ (ଅଭିପ୍ରାୟ) ଯଦି ଏକ, ତେବେ ନରନାରୀର ମିଳନରେ ଦୋଷ ହୋଇ ନ ପାରେ । ଏଥିରେ ପୁରୁଷ ଓ ସ୍ତ୍ରୀ ଲୋକ ଏକତ୍ର ହୁଅନ୍ତି ଓ ସେଠି ଯୌନ ବନ୍ଧନ ବା ଆଲୋଚନା ହୁଏ । ତେଣୁ ସେମାନେ ରାତିରେ ଗୋପନରେ ଏକାଠି ହୁଅନ୍ତି । 'ଅଜ୍ଞ'ଙ୍କୁ ସେ ସବୁ ମନା ।......। ଏବେ ଯେ ଶତ ଶତ ସହଜିଆ ଦଳର ସ୍ତ୍ରୀ-ପୁରୁଷ ଏକତ୍ର ହୋଇ ବଙ୍ଗର ବହୁ ପଲ୍ଲିରେ ଗୋପନରେ ଭଜନ-ସାଧନ କରନ୍ତି, ସେମାନେ ଏହି 'ଏକାଭିପ୍ରାୟୀ ଦଳ'ର ପ୍ରବର୍ତ୍ତିତ ଧର୍ମ-ଶିଖା ଜଳାଇ ରଖିଚନ୍ତି । ଏବେ ଅବଶ୍ୟ ସହଜିଆମାନେ ଶତ ଧାରରେ ବିଭକ୍ତ ।......ହେଲେହେଁ, ଏମାନ 'ଘୋଷପାଡ଼ା' ପ୍ରଭୃତି ବଙ୍ଗୀୟ ପଲ୍ଲୀର ଗୋପନ ନିଶୀଥ ସଭା ସେଇ ପ୍ରାଚୀନ ବୀଜରୁ ସେ ଉତ୍ପନ୍ନ, ଏଥିରେ ସନ୍ଦେହ ନାହିଁ ।.....ଷଡ଼ବଶ ରାଜ ଶତାବ୍ଦ, ଯେଉଁ ନାଲ ପୋଷାକ ପିନ୍ଧା ଦଳ କଥା କହୁ । ସେମାନେ ଘୋର ଦୁର୍ନୀତି ଓ ବ୍ୟଭିଚାର ପ୍ରଚଳନ କରି, ଦେଶକୁ ଅଧଃପାତକୁ ଦେବା କଥା ଯେ ଆକ୍ଷେପ କରିଥିଲେ, ସେମାନେ ହେଉଚନ୍ତି ଏହି ଇନ୍ଦ୍ରିୟପଥରେ ଯାଇ ଇନ୍ଦ୍ରିୟ ସଂଯମ ପ୍ରଚାର କରୁଥିବା ସହଜିଆ ଦଳଙ୍କ ପୂର୍ବ ପୁରୁଷ ।.... ଷୋଡ଼ଶ ଇତିହାସ ପଢ଼ିଲେ ସେମାନଙ୍କର ସେକାଳ କାର୍ଯ୍ୟକଳାପ ଅନେକଟା ଜଣାଯାଏ ।......ଏକାଦଶ ରାଜ ଶତାବ୍ଦ, ଯେ ସବୁ ତାନ୍ତ୍ରିକ ବାମାଚାର କଥା କହିଥିଲେ ତା ବୌଦ୍ଧ ତାନ୍ତ୍ରିକଙ୍କ 'ଭୈରବୀଚକ୍ର' ସମ୍ପର୍କିତ । ଶହେ ବର୍ଷ ଆଗେ ବି ବୌଦ୍ଧ ତନ୍ତ୍ର ଅନୁକରଣରେ ହିନ୍ଦୁମାନେ ଏହିପରି ଚକ୍ରରେ ବସୁଥିଲେ । ବଙ୍ଗଳାର ଅନେକ ଗ୍ରାମ ଓ ପଲ୍ଲୀମାନଙ୍କରେ ପୁରୁଷ ଓ ସ୍ତ୍ରୀମାନେ ଏକାଠି ହୋଇ ଚକ୍ରରେ ବସୁଥିଲେ । ଏମାନେ ସାମାଜିକ ନିୟମ ଓ ଶୃଙ୍ଖଳା ସ୍ୱର୍ଗେ ପେଷି ଚୂର ଉଡ଼ାଇ ଦେଇଥିଲେ । ପୁରୁଷ ଓ ନାରୀମାନେ ଚକ୍ରରେ ବସି, ନୀତିଶାସ୍ତ୍ର, ଧର୍ମଶାସ୍ତ୍ର, ଅତଳରେ ବୁଡ଼ାଇଦେଇ ଯଥେଚ୍ଛାଚାର କରୁଥିଲେ । ବୌଦ୍ଧ ତନ୍ତ୍ରର ସମସ୍ତ କଥା ହିନ୍ଦୁ ତନ୍ତ୍ରରେ ସ୍ଥାନ ପାଇଛି । —ପୃଷ୍ଠା ୩୨୧, ୩୨୨ ।

Digitized by srujanika@gmail.com

"ଷୋଡ଼ଶ ଶତାବ୍ଦୀର ମଧ୍ୟ ଭାଗରେ ବାଉଲ ଓ ନେଡ଼ାନେଡ଼ୀ-ମାନେ ବ୍ରାହ୍ମଣ୍ୟଦଳନ ସହି ନ ପାରି 'ରାମକେଳୀ'ଠାରେ ରୂପସନାତନଙ୍କ ପାଖେ ଓ ଖଡ଼ଦହରେ ବୀରଭଦ୍ରଙ୍କ ପାଖେ ଆତ୍ମ-ସମର୍ପଣ କଲେ (ସେମାନଙ୍କଠାରୁ ଦୀକ୍ଷା ନେଇ ବୈଷ୍ଣବ ହେଲେ) । ଖଡ଼ଦହରେ (ଏକାଦିନକେ) ୧୨୦୦ ନେଡ଼ା ଓ ୧୩୦୦ ନେଡ଼ୀ ବୀରଭଦ୍ରଙ୍କ କୃପା ଲାଭ କରି ଯେ ଆନନ୍ଦ ଉତ୍ସବ କରିଥିଲେ, ତା ସ୍ମୃତି ଏଇ ସେ ଦିନ ଯାଏ ବି ଜାଗ୍ରତ ଥିଲା । (ଏଇ ବୀରଭଦ୍ର ଶ୍ରୀଚୈତନ୍ୟଙ୍କ ସାଥୀ ନିତ୍ୟାନନ୍ଦଙ୍କ ପୁଅ) । 'ଖଡଦହ'ରେ ବର୍ଷକୁ ବର୍ଷ ନେଡ଼ାନେଡ଼ୀଙ୍କ ମେଳା ବସୁଥିଲା । ୨୦।୨୫ ବର୍ଷ ହେଲା ଅର୍ଥାଭାବରେ ତା ବନ୍ଦ ହୋଇଛି । ...ନେଡ଼ାନେଡ଼ୀଏ ବିବାହ କରନ୍ତି ନାହିଁ । ...ବୀରଭଦ୍ର, ନେଡ଼ା ନେଡ଼ୀଙ୍କୁ ବୈଷ୍ଣବ ଧର୍ମ ଗଣ୍ଡି ଭିତରେ ଆଶ୍ରୟ ଦେଇ ପରମ ଅନୁକଂପା ଦେଖାଇଲେ । ସେ ନେଡ଼ା ନେଡ଼ୀଙ୍କ ଉଚ୍ଛୃଙ୍ଖଳ ବ୍ୟଭିଚାରସ୍ରୋତ ବନ୍ଦ କରିବାକୁ ଚେଷ୍ଟା କଲେ । ସେମାନେ କେତେ ବିବାହ ବନ୍ଧନରେ ଧରା ଦେଇ, ଗୃହୀ ବୈଷ୍ଣବ ବୈଷ୍ଣବୀ ହେଲେ (ବାକିମାନେ ବାବାଜୀ ମାତାଙ୍କ ଅଗୃହୀ-ବୈଷ୍ଣବ-ସମାଜ ସୃଷ୍ଟି କଲେ ) । ସେଇ ଅଧମ ବ୍ୟଭିଚାର ସ୍ରୋତ ଏବେ ବି ଏକାବେଳକେ ବନ୍ଦ ହୋଇ ନାହିଁ । ଅବଶ୍ୟ ଭିକ୍ଷୁ-( ବାବାଜୀ ) ଦଳପତି କୌଣସି ଆଗନ୍ତୁକ ପ୍ରାର୍ଥୀକୁ ଆଉ ଆପଣମାନଙ୍କ ବସ୍ତ୍ରାବୃତ ଭିକ୍ଷୁଣୀ (ମାତା)କୁ, ଖାଲି ତା ହାତଟି ଦେଖାଇ ସେଥିରେ ପାଞ୍ଚଟଙ୍କା ମୂଲ୍ୟ ନେଇ ତାକୁ ବିକ୍ରୟ କରୁ ନାହାନ୍ତି । ନବଦ୍ୱୀପରୁ ଏ ନିୟମ କବରର ଉଠିଗଲାଣି— ରାମକେଳୀରେ କିଛି କିଛି ଅଛି ବୋଲି ଶୁଣିଛି ।

—ପୃଷ୍ଠା ୩୨୫ ।

"ବର୍ତ୍ତମାନ ଗୌଡ଼ୀୟ ବୈଷ୍ଣବ ଧର୍ମ, ଗୁରୁବାଦ ଉପରେ ଠିଆ ହୋଇଛି । ଗୋସ୍ୱାମୀଗଣ ମୁକ୍ତ କଣ୍ଠରେ ଘୋଷଣା କରୁଛନ୍ତି—'ବୃନ୍ଦା-ବନଲୀଳାରେ ସଖୀମାନେ ଏକା ସ୍ୱୟଂ ଶ୍ରୀକୃଷ୍ଣ ମହାପ୍ରଭୁଙ୍କ ସହଚର ହୋଇ ଅଛନ୍ତି । ତେଣୁ ବ୍ରଜରସ ଆସ୍ୱାଦନ କରିବାର ଆଉ ଉପାୟ ନାହିଁ; ଗୋପୀଙ୍କ ହାତରେ ଏକା ତା ଗୃହ । ଗୋସ୍ୱାମୀମାନଙ୍କ ବଂଶଧରଙ୍କ ଶରଣ

Digitized by srujanika@gmail.com

ନ ନେଲେ ବୃନ୍ଦାବନ ପ୍ରବେଶାଧିକାର କାହାରି ହୋଇ ନ ପାରେ। ( ଏଇଠାରେ ଗୌଡ଼ୀୟ ବୈଷ୍ଣବଙ୍କ ଭିତରେ ଏଇ ଗୁରୁବାଦ କପରି ଦୃଢ଼, ଏହା ବର୍ଣ୍ଣନ କରିଛନ୍ତି )। ଏଇ ଭଳିରେ ଏବ ବୈଷ୍ଣବ ଧର୍ମମତ, ଚୈତନ୍ୟଙ୍କ ଧର୍ମ ସମାଚ୍ଛନ୍ନ କରି ଉଦ୍ଭୂତ ହୋଇନାଇ । ଏଥିରେ କୁଳ-ଶୀଳ ବଂଶର କୌଣସି ମର୍ଯ୍ୟାଦା ନାଇ । "କହେ ଚଣ୍ଡୀଦାସ୍, କାନ୍ତୁର୍ ପୀରତି—ଜାତି କୁଲ୍ ଶୀଲ୍ ଛଡ଼ା" ।...ଏ ଗୁରୁବାଦ ଗୌଡ଼ୀୟ ବୈଷ୍ଣବେ ପାଇଲେ କୁଆଡ଼ୁ ? ବୌଦ୍ଧଙ୍କ ଭିତରେ ଗୁରୁବାଦ ଅତ୍ୟନ୍ତ ପ୍ରବଳ ଥିଲା । ...ଗୁରୁ ପ୍ରତି ଏ ଅସାଧାରଣ ଭକ୍ତିଲୀଳା ସେ ( ଚୈତନ୍ୟ ) କୌଣସିଠାରେ ଦେଖାଇଛନ୍ତି ବୋଲି ମନେ ହେଉନାଇ। ...ଏଇ ଗୁରୁବାଦରେ ଗୋସ୍ୱାମିଙ୍କ ପ୍ରତିଷ୍ଠା ଓ ଅର୍ଥସମ୍ପଦର ଶ୍ରୀବୃଦ୍ଧି ଖୁବ୍ ହୋଇଥିଲା, ସନ୍ଦେହ ନାଇ। ...ଅନେକ ବୈଷ୍ଣବ-ଗୁରୁଙ୍କ ଘରେ ଚେଲ ଥିଲା । ଶିଷ୍ୟଙ୍କ ଝିଅବୋହୂଙ୍କୁ ଗୋସ୍ୱାମୀ ନେଇ କରୁଥିଲେ; ଚେଲି ବ ଦେଉଥିଲେ ।
—ପୃଷ୍ଠା ୨୨୦ ।

"ବୌଦ୍ଧ ଧର୍ମ ଶେଷକୁ ଦେହତତ୍ତ୍ୱ ଭେଜା ବ୍ୟସ୍ତ ଥିଲା । ମହାପ୍ରଭୁ ( ଚୈତନ୍ୟ )ଙ୍କ ଭାବ-ପ୍ରବଣ ଭକ୍ତି-ଧର୍ମକୁ ଏଇ ଦେହତତ୍ତ୍ୱ ମାଡ଼ି ବସିଲା। ( ଏ ସମ୍ବନ୍ଧରେ ପରମ୍ପରା ଦେଖାଇ, ଉଦ୍ଧାର କରି, ଶେଷକୁ କହୁଛନ୍ତି, ) ଚଣ୍ଡୀଦାସଙ୍କ ଉକ୍ତିରେ ସେଇ ଏକ କଥା, 'ନିଜ ଦେହ୍ ଜାନ୍ନା ଭଜିତେ ପାରେ, ସହଜ ଭଜନ୍ ବଲିବ ତାରେ' । (ଏଇ) ସହଜିଆ ସାହିତ୍ୟରେ ଭକ୍ତି ବା ପ୍ରେମବାଦ, ଅତ୍ୟଳ୍ପ । ସର୍ବତ୍ର ଦେହତତ୍ତ୍ୱ କଥା । ଏହା ସେଇ ସୁପ୍ରାଚୀନ ତାନ୍ତ୍ରିକ ଧାରା । .. ଏଇ ସମ୍ପ୍ରଦାୟ ଭିତରେ ଖୁସୀ-ବିଶ୍ୱାସୀ, ରାମ-ବଲ୍ଲଭୀ, ସାହେବ ଧନୀ, ଦରବେଶୀ, ସହଜିଆ, କର୍ତ୍ତାଭଜା, ବଳରାମୀ, ହଜରତୀ, ଗୋବରାଇ, ପାଗଳନାଥୀ, ପାଞ୍ଚସଖୀ ପ୍ରଭୃତି ଯେ ସବୁ ଶ୍ରେଣୀ ଅଛନ୍ତି, ସେମାନେ ହିନ୍ଦୁଙ୍କ ପ୍ରଧାନ ପ୍ରଧାନ ସଂସ୍କାର ମୂଳରେ କୁଠାରଘାତ କରିଛନ୍ତି । ( ଆଉଲ, ବାଉଲଙ୍କ, ତଥା ମଧ୍ୟ ଅନ୍ୟତ୍ର ଲେଖିଛନ୍ତି )। କୁଣସି କୁଣସିଠି ମୁସଲମାନ ଗୁରୁ ଓ ବ୍ରାହ୍ମଣ ତା ଶିଷ୍ୟ; କୌଣସି କୌଣସି ଶ୍ରେଣୀରେ ବ ହିନ୍ଦୁଙ୍କ ଭିତରେ

Digitized by srujanika@gmail.com

ମୀମାଂସା କହିଛ ନୁହେଁ । ସ୍ତ୍ରୀଜାତି ସମ୍ବନ୍ଧରେ ଏଇ ସହଜିଆମାନଙ୍କର ଯେ ସବୁ ମତ ଅଛି, ତା ଏକାବେଳକେ ସାମାଜିକ ଆଦର୍ଶକୁ ଓଲଟ୍ ପାଲଟ୍ କରି ଦେଇଛି । ସୀତା ସାବିତ୍ରୀ ଯାଙ୍କ ଆଦର୍ଶ ନୁହନ୍ତି । ସହଜିଆଙ୍କ ମତରେ ସେମାନେ ସ୍ୱାମୀପଦରେ ସର୍ବସ୍ୱ ଦାନ କରି ନାହାନ୍ତି । ହିନ୍ଦୁ-ସମାଜରେ ପତିବ୍ରତାର ସ୍ଥାନ ଯେ ଏତେ ଉଚ୍ଚ ହୋଇଛି, ସେଥିପାଇଁ ଖୁବ୍ ଲୋଭନୀୟ ବ୍ୟବସ୍ଥା ଅଛି—ସେଥିରେ ଇହକାଳରେ ଲକ୍ଷ୍ମୀବନ୍ଧୁ-ଗଣଙ୍କ ଉଚ୍ଚତାନ ପ୍ରଶଂସା ଓ ପରକାଳରେ ଅକ୍ଷୟ ସ୍ୱର୍ଗ । ଏଥିରେ କେଉଁ ଲୋଭ ସୀତା ସାବିତ୍ରୀଙ୍କୁ ସତୀ କରି ଥିଲା, ସେ ଏକ ଜଟିଳ ପ୍ରଶ୍ନ । ସେମାନେ ସହଜିଆଙ୍କ ଆଦର୍ଶ ହୋଇ ନ ପାରନ୍ତି । ପରକୀୟା-ପ୍ରେମରେ ଯେ ରମଣୀ ଆତ୍ମସମର୍ପଣ କଲା, ସେ ସେଇ ମୁହୂର୍ତ୍ତରୁ ନିନ୍ଦା ଦୁଃଖ ପାଇବ ଓ ଶାସ୍ତ୍ରକାର ବି ତା ପାଇଁ ନରକ ବ୍ୟବସ୍ଥା କରିଛନ୍ତି । ଅତଏବ ପତ୍ନୀ ଯେ ସମସ୍ତ ପାର୍ଥିବ କାମ୍ୟ ବିସର୍ଜନ କରି ପରକାଳ ଉପୁକ୍ତ ଖାତିର ନ କରି, କଳଙ୍କ କୋଣ୍ଟି ଯେବେ, ଦାଣ୍ଡରେ ଠିଆ ହେଲା । ତେଣୁ ତ୍ୟାଗ ହିସାବରେ ପରକୀୟା ଶ୍ରେଷ୍ଠ । ······ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ ଯେଉଁ 'ଏକା-ଭିପ୍ପାନ୍ଧୀ' ଦଳ, ବୌଦ୍ଧ ସଂଘରେ କାହାରି ନିଲେ ବେ ଲି ପୂର୍ବେ ଲେଖା ହୋଇଛି, ତାହାର ନୂଆ ନୂଆ ସଂସ୍କରଣ ଏବେ ବି ସ୍ଥାନେ ସ୍ଥାନେ ଅକ୍ଷୟ ବଟର ଅବିନାଶୀ ଶାଖାପରି ମାଡି ଯାଉଛି । 'ଘୋଷପାଡ଼ା' ( ବଙ୍ଗଳାର ଗୋଟିଏ ଗ୍ରାମ ) ପରି ଶତ ଶତ ଗ୍ରାମରେ ଭଜନାର ଅଧି-କାରରେ ଅଟଳ ବନ୍ଧ ଘରେ ନରନାରୀର ଏଇ ଅବାଧ ଧର୍ମାନୁଶୀଳନ ଏବେ ବି ଚାଲିଛି । 'ପାର୍ବତୀ ଚରଣ କବିଶେଖର'-ପ୍ରଣୀତ 'ବୃହଦର୍ଶନ' ନାମକ ପୁସ୍ତକରୁ ଏଇ ନରନାରୀ-ମିଳନର ଗୋଟାଏ ବର୍ଣ୍ଣ ଏଠି ଉଦ୍ଧୃତ କରି ଦିଆ ହେଲା ।

"କର୍ତ୍ତାଭଜା-ଭଜନ ମେଳାକୁ ଯାଇ ଗୃହିଆଙ୍କେ ଗୃହ ସ୍ଥାନଟ ଦେଖିଲେ, ପ୍ରାୟ ପାଞ୍ଚଶହ ଲୋକ ଉପସ୍ଥିତ । ତାଙ୍କ ଭିତରେ ସ୍ତ୍ରୀ-ସଂଖ୍ୟା ପ୍ରାୟ ଚାରିଅଣା । ତାଙ୍କଭିତରେ ବିଧବା ଦଶଅଣା । ବିଧବାଙ୍କ ଭିତରେ ଯୁବତୀ ଆଠଅଣା । ତାହାର କୋଳରେ ଶିଶୁ ନାହିଁ । ବୃଦ୍ଧ ସଂଖ୍ୟା ଅଳ୍ପ

Digitized by srujanika@gmail.com

ହମ୍ । ଯୁବତୀ ଓ ଯୁବକ ସଂଖ୍ୟାଇ ସମାନ ଅଣା । ......ପଦେ ପଦେ ଏତେ ସ୍ଫୂର୍ତ୍ତି ଦେଖିଲେ ବି ସେ ଏକ ପ୍ରଧାନ ବିଷୟରେ ଏକାନ୍ତ ସଂତୁଷ୍ଟ ହୋଇ ଉଠିଲେ । ସେପରି ସଂକୋଚ ଉନ୍ନତ ବ୍ରାହ୍ମ ସମାଜରେ ବି ତାଙ୍କର ହୋଇ ପାରି ନ ଥିଲା । ବ୍ରାହ୍ମମାନେ ସ୍ତ୍ରୀ-ସ୍ୱାଧୀନତାର ଘୋର ପକ୍ଷପାତୀ ହେଲେ ବି, ସଭାରେ ବସିବାବେଳେ ମଣାମିଶି ହୋଇ ବସନ୍ତି ନାହିଁ । ...କିନ୍ତୁ ଏଠି ସେପରି ସଂକୀର୍ଣ୍ଣତା ନାହିଁ । ଏଠି ଯାହାର ଯୁଆଡ଼େ ଇଚ୍ଛା ସେଠାରେ ବସୁଥାନ୍ତି । ଫଳରେ ହାକିମ ବାବୁ ଏହା ଦେଖି ସବୁ ଅଭାବ ଓ ସବୁ ଦୁଃଖ ଭୁଲିଗଲେ । ହାକିମଙ୍କର ଏହି ଚିନ୍ତା ଶେଷ ହେଉ ନ ହେଉଣୁ ଭଜନ-କ୍ରିୟା ଆରମ୍ଭ ହୋଇଗଲା । ସେହି ମକଦ୍ଦମାର ଅଭିଯୁକ୍ତ ବୈଷ୍ଣବୀଗଣ ('ମାତା'ମାନେ) ଓ କୃଷ୍ଣପୁରର କୃଷ୍ଣଦାସୀ ବୈଷ୍ଣବୀ ହାକିମ ବାବୁଙ୍କର ଖୁବ୍ ପାଖକୁ ଆସି ଗାନ ଧରିଲେ—

"ଏଭି ପାଗଲେର୍ ଦଲେ— ଏଇ ଦଲେ କେଉ ଏସନାରେ ଭାଇ । କେଉ ଏସନା, କ'ସନା, କେଉ ଗୋ'ଷନା ଗାୟ୍ । ଏଇ ଦଲେତେ ଲେଲପଟେ ଜାତ୍ ବିଚାର୍ ନାଇ । ଏକ ପାଗଲ ଉଡ଼ିଷ୍ୟାତେ ଜଗନ୍ନାଥ୍ ଗୋସାଇ; ଚଣ୍ଡାଲେର ହାତେ ଅନ୍ନ ବ୍ରାହ୍ମଣେତେ ଖାୟ୍ । ଏକ ପାଗଲ୍ ଚନ୍ଦ୍ରଇତେ ଗଂଭୂର୍ଦ୍ର ଗୋସାଇ । ସେ ଯେ ହିନ୍ଦୁର୍ ଗୁରୁ, ବ୍ରାହ୍ମଣେର୍ ଶିବ୍, ମୋସଲ୍ମାନେର୍ ସାଇଁ ।" ଉକ୍ତ ଗାନ ସମାପନାନ୍ତେ ମଙ୍ଗଳ ଦାସ ଆମ ଘୋଷଣା କଲ—"ସେବାନନ୍ଦେ ପ୍ରେମାନନ୍ଦ ବାଧେ", ଅର୍ଥାତ୍, ଷଧାନବୃତ୍ତି ନ କଲେ ଭଗବାନଙ୍କ ପ୍ରେମଲାଭ ହୁଏ ନାହିଁ ।......କେତେ ଗୁଡ଼ିଏ ପ୍ରକାଣ୍ଡ ପ୍ରକାଣ୍ଡ ଅନ୍ନବ୍ୟଞ୍ଜନର ପାତ୍ର, ସଭା-ଭିତରେ ବିଛଣା ଉପରେ ଆସି ପହଂଚିଲା, ତା ପରେ ପରେ ସ୍ତ୍ରୀ ପୁରୁଷଗଣ ସେହି ପାତ୍ର ଗୁଡ଼ିକର ଚାରିପଟେ ଘେରି ବସିଲେ ଓ ଜଣକ ମୁହଁରୁ ଅଧା ଜଣେ, ଏହିପରି ଅନ୍ନ ଛଡ଼ାଛଡ଼ି ଓ ହସା ହସିରେ ମାତି କେହି କେହି ଖାଇବାରେ ଲାଗିଗଲେ । ଏ ଦୃଶ୍ୟରେ ହାକିମ ବାବୁ ମହା ସନ୍ତୁଷ୍ଟ ହେଲେ । ଏତେ ବିଭିନ୍ନ ଜାତିର ଏକତ୍ର ସମ୍ମିଳିତ ମେଳା ଭିତରେ ବିଛଣା ଉପରକୁ ହିନ୍ଦୁ ଜାତିର ଅନ୍ନ ବ୍ୟଞ୍ଜନ ଆସିପାରେ, ହାକିମ ବାବୁ ଏହା କଳ୍ପନା କରି ପାରି ନ ଥିଲେ । ତାପରେ ପୁଣି ଗୋଟିଏ ଥାଳୀରୁ ଖାଦ୍ୟ ଛଡ଼ାଛଡ଼ି ହୋଇ ଏପରି ସମସ୍ତେ

Digitized by srujanika@gmail.com

ଖାଇ ପାରନ୍ତି, ଏହା ଅସମ୍ଭବରୁ ଅସମ୍ଭବ ।—ଅତଏବ ଏପରି ଜାତି-ଭେଦ-ବିରୋଧୀ ଆଚରଣ ହିନ୍ଦୁ ଜାତିଙ୍କ ଭିତରେ ପାଇ ହାକିମ ବାବୁ ଆହ୍ଲାଦରେ ଯେପରିକି ଆଠଖଣ୍ଡ ହୋଇଗଲେ । ନିଜ 'ଜାତିଭେଦ' ନାମକ ପୁସ୍ତକରେ ସେ ଯେ ନୂତନ ଅଧ୍ୟାୟ ଲେଖିବେ, ଏହା ମଧ୍ୟ ମନେ ମନେ ଠିକ୍ କରି ନେଲେ । ସେଇ ଆନନ୍ଦ ସଙ୍ଗେ ସଙ୍ଗେ ଏମାନଙ୍କୁ ବ୍ରାହ୍ମ ଧର୍ମରେ ଦୀକ୍ଷିତ କରି ନେବାର ଆଶା ବି ଜାଗି ଉଠିଲା । ହାକିମ ବାବୁ ଆଉ ସ୍ଥିର ରହି ପାରିଲେ ନାହିଁ । ହଠାତ୍ ଠିଆ ହୋଇ ବକ୍ତୃତା ଆରମ୍ଭ କରିଦେଲେ,—

'ହେ ପ୍ରିୟ ଭ୍ରାତା ଓ ଭଗିନୀଗଣ, ଆପଣମାନଙ୍କ ମୂଲ୍ୟବାନ ସମୟ ନଷ୍ଟ କରିବାକୁ ମୁଁ ଦଣ୍ଡାୟମାନ ହୋଇ ନାହିଁ । ଏଇ ମେଳାର ଜାତି-ଭେଦ-ନାଶକ ସାମ୍ୟ, ମୈତ୍ରୀ ଓ ସ୍ୱାଧୀନତା ଦେଖି ଏତେ ଆନନ୍ଦିତ ହୋଇଛି ଯେ, ତା ହୃଦୟରେ ଗୁପ୍ତ ରଖି ପାରିଲିନାହିଁ ।—ଏଇ ଜାତିଭେଦ ନିବାରକ ଭୋଜନ-କ୍ରିୟା-ନିର୍ବାହ କାଳେ ସମସ୍ତଙ୍କୁ ଦୁଆର ଫିଟାଇ ଦେଖାଇବା ଉଚିତ । ନତୁବା ଏଇ ମହାସତ୍ୟ ପ୍ରଚାରର ସୁବିଧା ହେବ ନାହିଁ । ବ୍ରାହ୍ମ ସମାଜର ସ୍ତ୍ରୀ ସ୍ୱାଧୀନତା ପ୍ରକାଶ୍ୟ ଦିବାଲୋକରେ । ତେଣୁ ଏଇ ମହାସତ୍ୟ ପ୍ରଚାରର ସୁଯୋଗ ଘଟୁଛି । ଆପଣମାନଙ୍କ ସ୍ତ୍ରୀ-ସ୍ୱାଧୀନତା ରାତିରେ ଅତୀବ ଗୋପନରେ ପାପକାର୍ଯ୍ୟ ପରି ଭୟରେ କରାହୁଏ କାହିଁ ? ଆପଣମାନେ ଯେତେବେଳେ ଧର୍ମ ବଳରେ ବଳୀୟାନ୍, ସେତେବେଳେ ଆଉ ଭୟ କାହାକୁ ? (ତାପରେ ହିନ୍ଦୁଙ୍କ ନାରୀ ଅବରୋଧ ପ୍ରଥାକୁ ନିନ୍ଦା କରି ଏମାନଙ୍କୁ ବ୍ରାହ୍ମ କରିବାପାଇଁ ଏକ ବକ୍ତୃତା । ଶେଷକୁ—) ମୁଁ ନିଜେ କେତେ ଖଣ୍ଡ ଗାଡ଼ି ନେଇ ଆଗାମୀ ରବିବାର ୧୨ଟାରେ ଏଇ ଅଖଡ଼ାକୁ ଆସିବାକୁ ପ୍ରସ୍ତୁତ ଅଛି । ମୋ ସଂଗେ ଆପଣମାନେ ଗଲେ ବ୍ରାହ୍ମ ସମାଜ ଧନ୍ୟ ହେବ ।'

ହାକିମ ବାବୁଙ୍କ ଏ ବକ୍ତୃତାର ମର୍ମ କେହି ବୁଝିଲେ ନାହିଁ । ତାଙ୍କର ଯେ ତା ବୁଝିବା କିଛି ଦରକାର ଅଛି, ତା ବି ସେମାନେ ମନେ କରନ୍ତି ନାହିଁ । ଶ୍ରୀଗୁରୁଙ୍କ ମୁହଁ ଉପରେ ହାକିମ ବା ଅନ୍ୟ କାହାରି ମୁହଁ ଅଛି, ଏହା ବି ସେମାନେ ଜାଣନ୍ତି ନାହିଁ । ତାଙ୍କର ଦୃଢ଼ ଧାରଣା,

Digitized by srujanika@gmail.com

ବୈଷ୍ଣବମାନେହିଁ କେବଳ ଏକା ନିର୍ଭୁଲ; ଆଉ ସମସ୍ତେ ଓ ସବୁ ଭୁଲ। ବେଦ ବା ଶାସ୍ତ୍ରକୁ ସେମାନେ ଅନ୍ଧକାର ଖେଳ ବୋଲି ବିଚାରନ୍ତି, ବ୍ରାହ୍ମଣ ପଣ୍ଡିତଙ୍କୁ ବୃଥା ମନୁଷ୍ୟ ବୋଲି ବିଚାରନ୍ତି; ସଂସାରେ ଥାଇ କି ସାଂସାରିକ ନିୟମକୁ ତୁଚ୍ଛ ମଣନ୍ତି; ପୁରୋହିତ, ଗୁରୁଜନ, ସ୍ୱାମୀ—ଏମାନଙ୍କ ଖାତିର କରନ୍ତି ନାହିଁ; ପୂଜା, ଉପାସନା, ପବିତ୍ରତା, ନିୟମ, ନିଷ୍ଠା ପ୍ରଭୃତିକୁ ଅସାର ବିଚାରନ୍ତି। ଆନନ୍ଦମୟ ମେଳାର ଆନନ୍ଦମୟ ଭଜନକୁ ଏକା ସେମାନେ ଜୀବନର ସାର କଥା ବୋଲି ବୁଝନ୍ତି। ତେଣୁ ହାକିମଙ୍କ ବକ୍ତୃତାର ଉତ୍ତରରେ ସେମାନେ ଗୀତ ଧଇଲେ—'ମନ୍ ବାଉଡ଼୍ ସଂଧାର୍ ସମନ୍ଦ୍ ଉଡ଼ିସ୍ନା—ଡାଲେ ଯାବ୍ ପେଲେ ତୋରେ ଛେଡ଼େ ଦେବେନା। ଶୋନ୍ ବଲି ମୁର୍ଖ ବାଉଲ, ଘନେ ଥେକୋ ଘନ୍-ଜାନାର୍ ମତ, ସବେ ହବେ ଚତୁର୍। ଉଦେର୍ ଦିକେ ଘଏ ଲେଙ୍ଗୁର୍ ଝୁଲନ୍ ସ୍ୱଭାବ୍ ଗେଲନା।—' ଗୀତ ସରିବା ସଂଗେ ସଂଗେ ଖିଆ ସରି ଆସିଆଁ-ଇବା ବେଳ ହେଲା; ତେଣୁ ଦଶ ବାରଜଣ ସ୍ତ୍ରୀ ଲୋକ, ହାକିମ ବାବୁଙ୍କ ମୁହଁ ଧୁଆ କୁନ୍ଦକୁନ୍ଦ ପାଣି ଖାଇବାକୁ ବାହାରିଲେ। ତାପରେ ବିଷମ କାଣ୍ଡ। ଫଳରେ ସାଢ଼େ ଦଶଟା ବେଳେ କି ହାକିମ ବାବୁ ସ୍ନାନ କରିବାକୁ ବାଧ୍ୟ ହେଲେ।—ଏତିକିବେଳେ କମଳଦାସ ବିଗିଡ଼ିଲେ, ହାକିମ ବାବୁ ଅବଶ୍ୟ ସଂକ୍ଷୁବ୍ଧ ହୋଇଥାନ୍ତି।—କିଂତୁ ସ୍ତ୍ରୀ ଲୋକଙ୍କର ଏତେ ନିର୍ଲଜ୍ଜତା ଓ ଅସଭ୍ୟତା ଦେଖି ହାକିମଙ୍କର ବରଂ କ୍ରୋଧ ହୋଇଥିଲା। ତେଣୁ ସ୍ନାନ ପରେ ସେ ଆଉ କାହାକୁ ତାଙ୍କ ଦେହ ପୋଛିବାକୁ ଦେଲେ ନାହିଁ। କମଳ ଦାସ, ଏହି ଆମୋଦକୁ ଧର୍ମ ସଂଗତ ବୋଲି ପ୍ରମାଣ କରିବା ପ୍ରତ୍ୟାଶାରେ ହାକିମଙ୍କୁ ଲକ୍ଷ୍ୟ କରି ଘୋଷଣା କଲେ—'ପାଶବଦ୍ଧୋ ଭବେଜ୍ଜୀବଃ ପାଶମୁକ୍ତଃ ସଦାଶିବଃ।' ଅର୍ଥାତ୍, ଘୃଣା, ଲଜ୍ଜା, ଭୟ, କ୍ରୋଧ, ଲୋଭ, ହିଂସା, ନିନ୍ଦା, ଆସକ୍ତିକୁ ଅଷ୍ଟପାଶ (ଆଠ ପ୍ରକାର ବନ୍ଧନ) କହନ୍ତି। ସାଧନା ବଳରେ ପାଶମୁକ୍ତ ହେବାକୁ ହେବ। (ଇତ୍ୟାଦି ଧର୍ମ ବ୍ୟାଖ୍ୟା ସେ କରି ଚାହିଁଲେ)।"

ଏଞ୍ଜନ, ପୃଷ୍ଠା ୭୦୨—୭୭୪।

Digitized by srujanika@gmail.com

"ଢାକାର (ଏଇ) ଘଟଣା ଚରଣ କବିରାଜ ପ୍ରଣୀତ 'ଗୃହଦର୍ଶନ' ପୁସ୍ତକରେ ବଙ୍ଗାଳୀ ବୈଷ୍ଣବ, ଅଉଲ୍, ବାଉଲ୍, ସହଜିଆମାନଙ୍କର ଯେ ଚିତ୍ର ଦିଆଯାଇଛି, ତା ନିଖୁଣ୍ ଓ ଖାଣ୍ଟି ଐତିହାସିକ ଛବି। ସେ ପୁଣି ଏମାନଙ୍କ ସମ୍ବନ୍ଧରେ ଲେଖିଛନ୍ତି, 'ଏମାନେ ପାଣ୍ଡିତ୍ୟ ଓ ଶାସ୍ତ୍ରଜ୍ଞାନ ଅଗ୍ରାହ୍ୟ କରନ୍ତି ଓ ମନେ କରନ୍ତି ତଦ୍ୱାରା ଲୋକ କୁପଥରେ ପରିଚାଳିତ ହୁଏ।……ସେମାନେ ଜାତିଭେଦ ମାନନ୍ତି ନାହିଁ ଓ ସ୍ତ୍ରୀମାନେ ସ୍ୱାମୀ ପ୍ରତି କୌଣସି ଶ୍ରଦ୍ଧା ପୋଷଣ କରନ୍ତି ନାହିଁ। ସେମାନେ ଏପରି ଏକ ସ୍ଥାନରେ ପହଞ୍ଚିବାକୁ ଚେଷ୍ଟନ୍ତି ବୋଲି କହନ୍ତି, ଯେଉଁଠି କାମନା ଲୁପ୍ତ ହୋଇ ଜୀବ ସ୍ୱଚ୍ଛନ୍ଦ, ସ୍ୱାଭାବିକ ଅବସ୍ଥା ଲାଭ କରିପାରେ। ଏହାହିଁ ସେମାନଙ୍କ ଗୋପନ ସଭା, ସମ୍ମିଳନ ଓ ଏପରି ସ୍ତ୍ରୀ ପୁରୁଷ ମିଳନର ଉଦ୍ଦେଶ୍ୟ।"

ଏଜନ୍, ପୃଷ୍ଠା ୩୬୬

"ସଙ୍ଗୀତ କ୍ଷେତ୍ରରେ ବଲ୍ସେଭିକ ଓ ଅଧ୍ୟାତ୍ମ ଜଗତରେ ସହଜିଆ—ଏମାନେ ପ୍ରାଚୀନ ସଂସ୍କାର ସବୁ ଭାଙ୍ଗି ଧ୍ୱସ୍ତ କରିଦେଲେ। ଏପରି ନାରୀଙ୍କ ସଂଖ୍ୟା ଉତ୍କଳରେ ବିରଳ।……ସ୍ୱାମୀକୁ କନ୍ଧ ପୋଛୁ ଧୃଷ୍ଣୁ ସଂଗରେ ଯିବାର ଦୁର୍ଦ୍ଦାନ୍ତ ସ୍ୱାଧୀନତା ବଙ୍ଗାଳୀ ଛଡ଼ା ଆଉ କିଏ କଳ୍ପନା କରିପାରନ୍ତା ? କେଉଁଠି ଶାସ୍ତ୍ର, କେଉଁଠି ସୁବିଧାକାର—ସବୁ ପିଠିକି ପକାଇ ଏମାନେ ଆଗକୁ ଚାଲିଛନ୍ତି।"

ଏଜନ୍, ପୃଷ୍ଠା ୬୬୮

"ନରନାରୀର (ପରକୀୟା) ପ୍ରେମ, ଈଶ୍ୱର ପ୍ରେମର ବାଟ ଦେଖାଇ ଦିଏ। ବୋଧହୁଏ, ଚଣ୍ଡୀଦାସଙ୍କ ପୂର୍ବେ ଏତେ ବଡ଼ ସତ୍ୟଟା ଏପରି ସ୍ପଷ୍ଟ କରି ଆଉ କେହି କହି ନ ଥିଲେ।"

ଏଜନ, ପୃଷ୍ଠା ୬୬୯

Digitized by srujanika@gmail.com